ମାଟି ପାଣୁଅର ମଣିଷ

(ଦ୍ୱିତୀୟ ଭାଗ)

ଅଚ୍ୟୁତ ଦାସ

ଶିକ୍ଷାସନ୍ଧାନ
ଭୁବନେଶ୍ୱର

Digitized by srujanika@gmail.com

ମାଟି କାଦୁଅର ମଣିଷ

ଅଚ୍ୟୁତ ଦାସ

Digitized by srujanika@gmail.com

ମାଟି କାଦୁଅର ମଣିଷ

ଦ୍ୱିତୀୟ ଭାଗ

ଲେଖକ ଅଚ୍ୟୁତ ଦାସ

ପ୍ରଥମ ପ୍ରକାଶନ ଫେବୃଆରୀ, ୨୦୧୧

ପ୍ରକାଶକ **ଶିକ୍ଷାସନ୍ଧାନ**
ଏନ୍.ଡ଼ି.-୭, ଭି.ଆଇ.ପି ଏରିଆ,
ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର-୧୫,

ମୁଦ୍ରଣ **ଶିକ୍ଷାପ୍ରକାଶନୀ**
ଏନ୍.ଡ଼ି.-୭, ଭି.ଆଇ.ପି ଏରିଆ,
ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର-୧୫,

ମୂଲ୍ୟ ୧୬୦/-

ଆଇ.ଏସ୍.ବି.ଏନ୍ ୯୭୮-୮୧-୮୭୯୮୨-୬୩-୦

Mati Kaduara Manisa

Part - II

Written by **Achyut Das**

First Published February, 2011

Published by **Siksha Sandhan**
N.D.-7, VIP area, IRC Village,
Bhubaneswar - 15

Printed at **Siksha Prakashani**
N.D.-7, VIP area, IRC Village,
Bhubaneswar - 15

Price **Rs. 160/-**

I.S.B.N 978-81-87982-63-0

Digitized by srujanika@gmail.com

ଉତ୍ସର୍ଗ

ଓଡିଶାରେ ସାମାଜିକ ପରିବର୍ତ୍ତନ ଓ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟକରିବାରେ ମୋର ଯେଉଁ ଅଭିଜ୍ଞତା, ଅନୁଭୂତି ତାକୁ ନେଇ କଲମ ମୁନରେ ରୂପ ଦେବାକୁ ଅନେକ ବର୍ଷଧରି ଉତ୍ସାହ ଆସିଥିବା, ପ୍ରରୋଚିତ କରିଥିବା ଏବଂ ଚୁପ୍ ରହିଲେ ଖେଂଚି ଦେଇ ଆହୁରି ଉତ୍ପ୍ରେରିତ କରୁଥିବା ପ୍ରିୟ ଚିତ୍ତଭାଇ, ଯାହାଙ୍କ ସହ ମୋର ସ୍କୁଲ, କଲେଜରେ ପାଠପଢା ବେଳଠାରୁ ବହୁ ଅଭୁଲା ସ୍ମୃତି ବିଜଡିତ, ତାଙ୍କରି ଆତ୍ମୀୟତାଭରା ଭଲପାଇବାରେ.....

ଅଚ୍ୟୁତ

Digitized by srujanika@gmail.com

ପୁସ୍ତକ ବିଷୟରେ ପଦେ ଅଧେ.......

"ମାଟି କାଦୁଅର ମଣିଷ" ବହିର ପ୍ରଥମ ଭାଗ "ଶିକ୍ଷା ସନ୍ଧାନ" ଦ୍ୱାରା ପ୍ରକାଶିତ ହୋଇସାରିଛି । "ଓଡ଼ିଶା ଭାସ୍କର" ସମ୍ବାଦପତ୍ରରେ ପ୍ରାୟ ଶହେଟି ସ୍ତମ୍ଭ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା । ଏଥିମଧ୍ୟରୁ ପ୍ରଥମ ପଚାଶଟି ଆଲୋଚନା ପ୍ରଥମ ଭାଗରେ ପ୍ରକାଶିତ ହୋଇସାରିଛି । ଏହାର ସ୍ନେହୀ ପାଠକମାନେ ତାଗିଦ୍ କରି ଆସୁଥିଲେ ବାକି ପଚାଶଟି ଆଲୋଚନାକୁ ଶୀଘ୍ର ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ । ଖୁସିର କଥା ସେମାନଙ୍କର ଅନୁରୋଧକୁ ସମ୍ମାନ ଜଣାଇ "ଶିକ୍ଷା ସନ୍ଧାନ" "ମାଟି କାଦୁଅର ମଣିଷ"ର ଦ୍ୱିତୀୟ ଭାଗଟି ପ୍ରକାଶ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ଏହି ପୁସ୍ତକର ମୁଖବନ୍ଧ ଲେଖିଛନ୍ତି ବିଶିଷ୍ଟ ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍ ଶ୍ରୀଯୁକ୍ତ ଅବନୀ କୁମାର ବରାଳ । ତାଙ୍କ ସହିତ ବିଭିନ୍ନ ସମୟରେ ଅବହେଳିତ ବର୍ଗମାନଙ୍କର ଶିକ୍ଷା, ବିକାଶ ଓ ପରିବର୍ତ୍ତନ ବିଷୟରେ ଆଲୋଚନା କରିବାକୁ ସୁଯୋଗ ମିଳିଥାଏ । "ମାଟି କାଦୁଅର ମଣିଷ"ମାନଙ୍କ ବିକାଶ ପାଇଁ ସେ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ । ତାଙ୍କର ଲିଖିତ ମୁଖବନ୍ଧ ଏ ବହିର ମାନ ଓ ମର୍ଯ୍ୟାଦା ବଢାଇବାରେ ସହାୟକ ହୋଇଛି । ତାଙ୍କର ଏ ଅବଦାନ ପାଇଁ ବିଶେଷ ଧନ୍ୟବାଦ ।

ବନ୍ଧୁ ଶ୍ରୀ ଜୟନ୍ତ କୁମାର ବିଶ୍ୱାଳ (ରାଜା) ମୋର ଓ 'ଅଗ୍ରଗାମୀ'ର ଜଣେ ଦୃଢ଼ ସମର୍ଥକ । ଇଂରାଜୀ ସାହିତ୍ୟର ଛାତ୍ର ହୋଇ ମଧ୍ୟ ଦୀର୍ଘ ବର୍ଷ ଧରି ଅଧ୍ୟାପନାରେ ବ୍ୟସ୍ତ ରହି ଗାଆଁ ଗହଳରେ ରହୁଥିବା ଅଗଣିତ ଗରିବ ଓ ଶୋଷିତ ମଣିଷମାନଙ୍କ ପାଇଁ କିଛି ଗଠନମୂଳକ କାମ କରିବା ପାଇଁ ସେ ଅଙ୍ଗୀକାରବଦ୍ଧ । "ମାଟି କାଦୁଅର ମଣିଷ"ମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନର ବାଟକୁ ସ୍ପଷ୍ଟ ଭାବରେ ହୃଦୟଙ୍ଗମ କରିଥିବା ମଣିଷମାନଙ୍କ ମଧ୍ୟରେ ସେ ଅନ୍ୟତମ । ଏ ବହିର ପୃଷ୍ଠବନ୍ଧ ଲେଖିବା ପାଇଁ ଯେତେବେଳେ ମୁଁ ତାଙ୍କୁ ଅନୁରୋଧ କଲି ସେ ଅକୁଣ୍ଠିତ ଚିତ୍ତରେ ଲେଖିବା ପାଇଁ ସମ୍ମତ ହେଲେ । ତାଙ୍କର ଏହି ଅବଦାନ ପାଇଁ ମୁଁ କୃତଜ୍ଞତା ପ୍ରକାଶ କରୁଛି ।

"ମାଟି କାଦୁଅର ମଣିଷ" ବହିଟିର ପାଣ୍ଡୁଲିପି ପ୍ରାଥମିକ ସ୍ତରରେ ବନ୍ଧୁ ଶ୍ରୀ ଅରବିନ୍ଦ ବେହେରା, ପ୍ରଫୁଲ୍ଲ ବେହେରା ଦେଖି ମତାମତ ଦେଉଥିଲେ । ଏହା "ମାଟି

Digitized by srujanika@gmail.com

କାଦୁଅର ମଣିଷ” ମାନଙ୍କ ବିଷୟରେ କେତେକ ନୂଆ ଦିଗ ଦେଖିବାରେ ସାହାଯ୍ୟ କରିଛି ଏବଂ ଭବିଷ୍ୟତରେ ଏଇଭଳି ଆଲୋଚନାକୁ ଆଗେଇବାରେ ସହାୟକ ହେବ । ‘ଓଡ଼ିଶା ଭାସ୍କର’ର ସମ୍ପାଦକ ବନ୍ଧୁ ଶ୍ରୀ ଭାସ୍କର ପରିଛା ଏହି ସ୍ତମ୍ଭଗୁଡିକୁ ନିଃସର୍ତ୍ତ ସମର୍ଥନ ଦେଇ ପ୍ରକାଶିତ କରିଛନ୍ତି । ତାଙ୍କର ପ୍ରେରଣା ଅବାରିତ ଭାବରେ ଏହି ଲେଖାକୁ ବିଶେଷ ଉତ୍ସାହିତ କରିଛି । ସମ୍ବାଦପତ୍ର ସ୍ତରରେ ସାଧାରଣ ପାଠକମାନଙ୍କ ପାଇଁ କେଉଁଭଳି ଲେଖାଯିବା ଆବଶ୍ୟକ ସେ ବାରମ୍ବାର ସୂଚନା ଦେଇଛନ୍ତି । ଏଣୁ ମତବାଦର ସଂକୀର୍ଣ୍ଣ ଗଣ୍ଡିରୁ ମୁକୁଳିବା ପାଇଁ ମୁଁ ଚେଷ୍ଟା କରିଛି ।

‘ଶିକ୍ଷା ସନ୍ଧାନ’ ସମ୍ପାଦକ ବନ୍ଧୁ ଶ୍ରୀ ଅନୀଲ ପ୍ରଧାନ ଏହି ବହିଟିର ପ୍ରକାଶନରେ ବିଶେଷ ଆଗ୍ରହ ଓ ଉତ୍ସାହ ପ୍ରଦର୍ଶନ କରିଛନ୍ତି । ‘ଶିକ୍ଷା ସନ୍ଧାନ’ରେ ପ୍ରକାଶିତ ହେବାକୁ ଅନେକ ପାଣ୍ଡୁଲିପି ପୂର୍ବରୁ ଅପେକ୍ଷା କରିଛି । ତାହା ସତ୍ତ୍ୱେ ଏ ବହିକୁ ଗୁରୁତ୍ୱ ଦେଇ ଶୀଘ୍ର ପ୍ରକାଶନ କରିବାରେ ତାଙ୍କର ବଳିଷ୍ଠ ଭୂମିକା ରହିଛି । ଏଥିପାଇଁ ତାଙ୍କୁ ଧନ୍ୟବାଦ ।

ଏହି ପାଣ୍ଡୁଲିପି ପ୍ରସ୍ତୁତିରେ ବିଶେଷ ସହାୟତା କରିଥିବା ଶ୍ରୀମତୀ ସୁନୀତା ସାହୁ ଓ ବିପିନ ବାରିକ ଆଦିଙ୍କୁ ବିଶେଷ ଧନ୍ୟବାଦ ।

ଅଚ୍ୟୁତ ଦାସ

Digitized by srujanika@gmail.com

ମାଟି କାଦୁଅର ମଣିଷ

ଆମ ରାଜ୍ୟରେ ଏବଂ ଆମ ଭାଷା ଓଡ଼ିଆରେ, ଗରିବ ଓ ଅବହେଳିତ 'ମାଟି କାଦୁଅର ମଣିଷ'ମାନଙ୍କର ଲୁହ / ଲହୁ ନିଗିଡ଼ା କଥା ଯେଉଁ କେତେଜଣ ସାହିତ୍ୟିକ (ତାଙ୍କୁ ସାହିତ୍ୟିକ, ସ୍ତମ୍ଭକାର କହିପାରନ୍ତି ବା ମାଟି କାଦୁଅର ମଣିଷଙ୍କର ଲଢ଼େଇମାନଙ୍କର ଜଣେ ସମଯୋଦ୍ଧା, କମ୍ରେଡ୍-ଇନ୍-ଆର୍ମସ୍ କହିପାରନ୍ତି) ଲଗାତର ଭାବରେ ବୌଦ୍ଧିକତାର ହତିଆର ଭାବରେ ଲେଖି ଚାଲିଛନ୍ତି, ସେମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଅଚ୍ୟୁତ ଦାସ ଓରଫ୍ ଅଚ୍ୟୁତ ଭାଇ, ଅଗ୍ରଗାମୀ ବ୍ୟକ୍ତି ।

ତାଙ୍କରି ଲେଖନୀ ନିଃସୃତ "ମାଟି କାଦୁଅର ମଣିଷ" ଏବଂ ବିଶ୍ୱବ୍ୟାପୀ ଚାଲିଥିବା ମାଟି କାଦୁଅରେ ଗୋଳି ହୋଇଯାଇଥିବା ମଣିଷମାନଙ୍କର ବଞ୍ଚିବାର ଲଢ଼େଇରେ ଅଚ୍ୟୁତ ବାବୁ ଜଣେ ଆଗ ଛାମୁଆଁ ମଣିଷ । ତାଙ୍କରି ଭାଷାରେ, - "ଯେଉଁମାନେ ତଥାକଥିତ ଗରିବଙ୍କ ପ୍ରତି ସମ୍ବେଦନଶୀଳ ସେମାନେ ବିରିୟାନୀ ଓ କବାବ ଖାଇବାକୁ ଉଚ୍ଛନ୍ନ ହେଉଛନ୍ତି । ଏବଂ ସେମାନଙ୍କ ବେଶଭୂଷାରେ ଶିଳ୍ପପତିଙ୍କ ଛାପ ଓ ଦେହରେ ପୁଞ୍ଜିବାଦୀଙ୍କ ଗନ୍ଧ ।"×× ତା'ଛଡ଼ା, "ଗରିବ ଓ ଅବହେଳିତମାନେ ଏ ଦେଶରେ ନିଜ କଥା ସବୁବେଳେ ଲେଖୁ ନାହାନ୍ତି ବା ସେମାନଙ୍କ ଲେଖା ପ୍ରକାଶିତ ହେବାର ସୁଯୋଗ ପାଇନାହାନ୍ତି ।"×××

ଯେଉଁ କେତେଜଣ ସ୍ତମ୍ଭକାର, ଲେଖକଙ୍କ ଲେଖାକୁ ମୁଁ ଖୋଜି ଲୋଡି ପଢ଼େ ସେଥିରେ ଅନେକ ମୌଳିକ କଥା ଥାଏ ଶିଖିବା ପାଇଁ, ନୂଆ ତଥ୍ୟ ଜାଣିବା ପାଇଁ । ଶ୍ରୀଯୁକ୍ତ ଅଚ୍ୟୁତ ଦାସ ସେହିଭଳି ଜଣେ ଅନ୍ୟତମ ଲେଖକ । ଦ୍ୱିତୀୟ ଏବଂ ବିଶେଷ କାରଣ ହେଲା ଯେଉଁମାନଙ୍କ ଚିନ୍ତା ଚେତନ ମୋ ଚିନ୍ତନର, ମୋ ଦର୍ଶନର ସମାନ୍ତରାଳ ନ ହୋଇ ଏକାଠି ମିଳିଯାଏ ବୋଲି ।

ଏଣୁ ଶିକ୍ଷା ସନ୍ଧାନରୁ ତାଙ୍କର ଲେଖାଗୁଡିକର ସଂକଳନ "ମାଟି କାଦୁଅର ମଣିଷ" ଦ୍ୱିତୀୟ ଭାଗର ଉପୋଦ୍‌ଘାତ ବା ମୁଖବନ୍ଧ ଲେଖି ଦେବାକୁ ଅନୁରୋଧ ଜଣାଇ ବନ୍ଧୁ ଯେତେବେଳେ ମୋତେ ଡିଟିପି ହୋଇସାରିଥିବା ପାଣ୍ଡୁଲିପିଟି ଦେଇଗଲେ, ମୁଁ ସେଥିରେ ବିସ୍ମିତ ହୋଇଗଲି । କାରଣ ମୋର ମନେ ହେଉଥିଲା, ମୁଁ ଅଚ୍ୟୁତ ବାବୁଙ୍କର ପୁସ୍ତକର ମୁଖବନ୍ଧ ବା ଉପୋଦ୍‌ଘାତ ଲେଖିବାକୁ ଭାଜନ ତ ?

Digitized by srujanika@gmail.com

ଅଚ୍ୟୁତ ବାବୁଙ୍କର ସମଗ୍ର ରଚନା/ସୃଷ୍ଟି ଏକ ନିର୍ଦ୍ଦିଷ୍ଟ ଦର୍ଶନ, ଚିନ୍ତନ ଏବଂ ସଂଗ୍ରାମ ପାଇଁ ଆହ୍ୱାନର ଚିତ୍ର ଦିଏ । ମୂଳସୂତ୍ର ହେଲା, ଆମେ ଆଜି ଏପରି ଏକ ବିଶ୍ୱ, ଏପରି ଏକ ଦେଶ ଏବଂ ଏପରି ଏକ ପ୍ରଦେଶରେ ବାସ କରୁଛୁ ଯେଉଁଠି ମୁଷ୍ଟିମେୟ କିଛିଙ୍କର ବିକାଶ, ସମ୍ଭୋଗ ପାଇଁ ଅଗଣିତ ମଣିଷ, ମାଟି କାଦୁଅର ମଣିଷ ସେମାନଙ୍କର ଅଗଣନ ସଂଖ୍ୟା ଅତ୍ୟାଚାର, ଲୁଣ୍ଠନ, ଶୋଷଣ, କଷଣ ଏବଂ ଧର୍ଷଣର ଶିକାର ହୁଅନ୍ତି । ଏବଂ 'ବିକାଶ' ନାମକ ଏହି ଶବ୍ଦଟି ମଣିଷର ଶିକ୍ଷାର, ଜୀବନର ବାସଭୂମିର ଭିଟାମାଟିମାନଙ୍କରୁ ବିସ୍ଥାପନର କାରଣ ହୋଇଛି ଏବଂ ଅଗଣିତଙ୍କୁ ଉଚ୍ଛନ୍ନ କରୁଛି । ଶୋଷଣ, କଷଣ ଜାହିର କରି ରଖିବା ପାଇଁ, ବିଶ୍ୱବ୍ୟାପୀ ନୂଆନୂଆ ଶବ୍ଦ ସମ୍ଭାର ସୃଷ୍ଟି ଚାଲିଛି । ଏବଂ ଶୋଷିତ ବିଚରା ଶୋଷଣକୁ 'ଏକ୍ସକ୍ଲୁସିଭ'(Exclusive).ବିକାଶ ନାଁରେ ଗ୍ରହଣ କରିନେଉଛି ।

ଏକପକ୍ଷରେ 'ଶିକ୍ଷା ଅଧିକାର' ସମ୍ବିଧାନ ସଂଶୋଧନ ହୋଇ ସମସ୍ତଙ୍କୁ ଶିକ୍ଷା ଦିଆଯିବା ନାଁରେ ଶିକ୍ଷାକୁ ବେପାରୀକରଣ କରି, ଧନୀ ପିଲାଙ୍କ ପାଇଁ ଏକ ପ୍ରକାରେ, ଗରିବ ମାଟି କାଦୁଅଙ୍କ ପାଇଁ ଆଉ ପ୍ରକାରେ ସ୍କୁଲ କରି, ଶିଶୁ ଶ୍ରମିକ ଆଉ ନାହାନ୍ତି ବୋଲି ହିସାବ ଦିଆଯାଉଛି । ଏପଟେ ଯେଉଁ ସହରକୁ ଯାଅ, ଜରି ଗୋଟାଇବା ଛୁଆଙ୍କ ସଂଖ୍ୟା ବଢୁଛି, ଗାଁ ଗାଁରେ କେନ୍ଦୁପତ୍ର ତୋଳାଳୀ, ଝିଅବିକ୍ରି ଚାଲିଛି । "ଏବେ ମଧ ସାରା ପୃଥିବୀ ଦେଖୁଛି ଯେ ଶିଶୁ ଶ୍ରମିକମାନଙ୍କର ସଂଖ୍ୟା ବଢୁଛି ।" - ଶିଶୁମାନଙ୍କୁ ନେଇ ବ୍ୟବସାୟ କରିବା, ଶିଶୁମାନଙ୍କୁ ଯୌନ ବ୍ୟବସାୟରେ ବିନିଯୋଗ କରିବା ଆଜି ଅନେକାଂଶରେ ବଢ଼ିଯାଇଛି ।" - ଏବେ ପୃଥିବୀସାରା ରାସ୍ତାକଡ଼ର ପିଲାମାନେ ବା ଷ୍ଟ୍ରୀଟ୍ ଚିଲ୍ଡ୍ରେନ୍ ଅନେକ ଗୁଣରେ ବଢିଯାଇଛନ୍ତି । ସେମାନଙ୍କୁ ଦେଖିଲେ ଜଗତୀକରଣ ଓ ଉଦାରୀକରଣ ପ୍ରକ୍ରିୟାର କୁପ୍ରଭାବ ସହଜେ ଅନୁମେୟ ।"

କାହିଁ କୋଉକାଳରୁ "ବିକାଶ ନାଁରେ 'ବିସ୍ଥାପନ' ଚାଲିଛି । କବି ମାୟାଧର ମାନସିଂ କବିତାଟିରେ ଲେଖିଥିଲେ - "ହୀରାକୁଦ ବନ୍ଧ - ଦେଖିଲା ଲୋକ ହୋଇଯାଆନ୍ତି ବିହ୍ୱଳରେ ଅନ୍ଧ !" - ହୀରାକୁଦରୁ ବିସ୍ଥାପିତ ମଣିଷ ଏ ପର୍ଯ୍ୟନ୍ତ ତାଙ୍କର ୪ ପୁରୁଷ ବିତିବା ପରେ ବି କ୍ଷତିପୂରଣ/ଭରଣ ପୋଷଣ ପାଇନାହାନ୍ତି । ଏବେ ତ ପୋସ୍କୋ, କଳିଙ୍ଗନଗର, ବେଦାନ୍ତ, ଭୂଷଣ ଆହୁରି ବେଶ୍ ବଡ଼ ବଡ଼ କାରଖାନା ପାଇଁ, ତାଙ୍କ ମୁନାଫା ପାଇଁ, ଲକ୍ଷ ଲକ୍ଷ ମଣିଷ ଭିଟାମାଟି ହରାଇ ଦାଣ୍ଡର ଭିକାରୀ ହେଉଛନ୍ତି । ସହରମାନଙ୍କରେ ଜମି ସବୁ ଚଢା ଦରରେ କିଣି ବିଲ୍ଡରମାନେ କୋଠା ପରେ କୋଠା

Digitized by srujanika@gmail.com

ବାଡ଼େଇ ବିକି ଖାଲିଛନ୍ତି । ଅଚ୍ୟୁତ ଭାଇଙ୍କ ଭାଷାରେ - "ଗୋଟାଏ ଗୋଷ୍ଠୀ ଆଉ ଗୋଟାଏ ଗୋଷ୍ଠୀକୁ ଅତି ସନ୍ତର୍ପଣରେ ନିଶ୍ଚିହ୍ନ କରିଦେବେ ?

ଯେଉଁମାନେ ଏ ଭୂଇଁର, ଏ ମାଟିର ଆଦିମ ଅଧିବାସୀ, ଅର୍ଥାତ୍ ଆକ୍ଷରିକ ଭାବରେ ସେମାନେ ପ୍ରଥମେ ଏଠି ଆସି ବଣ, ଜଙ୍ଗଲ, ପାହାଡ଼, ନଦୀକୂଳରେ ଏକତ୍ରିତ ହୋଇ ବସବାସ କରୁଥିଲେ; ସେଇ ପ୍ରଥମ ବାସିନ୍ଦା ଏ ଜମି, ଜଳ, ଜଙ୍ଗଲର ମାଲିକମାନଙ୍କୁ ହିଁ ସେମାନେ ଗରିବ, ସର୍ବହରା ବୋଲି 'ବିକାଶ' ନାଁରେ ବିନାଶର ଶିକାର କରୁଛନ୍ତି । ପରେ ସର୍ବସ୍ୱ ଲୁଣ୍ଠନ କରି, ବାସ୍ତୁହରା କରି, ଦାଣ୍ଡର ଭିକାରୀରେ ପରିଣତ କରିଦେଇ ତାଙ୍କ ଉପରେ ରୋଚକ କାହାଣୀମାନ ଲେଖୁଛନ୍ତି ।

ଲେଖକ ହେବା ପାଇଁ ଲେଖକତ୍ୱର ମହିମାରେ ମଣ୍ଡିତ ହେବା ପାଇଁ ଦୌଡ ପ୍ରତିଯୋଗୀତା ଚାଲିଛି । କିନ୍ତୁ ଏହା 'ମାଟି କାଦୁଅର ମଣିଷ' ନିବନ୍ଧ ମାନଙ୍କର ସ୍ରଷ୍ଟା ଅଚ୍ୟୁତ ଦାସଙ୍କର ଉଦ୍ଦେଶ୍ୟ ନୁହେଁ । ଏବେକା ପୃଥିବୀରେ, ସମଗ୍ର ବିଶ୍ୱର ଯେଉଁ କେତୋଟି ବିଶେଷ ବିଭାବ, ବିଶେଷ କଥନ ସମଗ୍ର ମାନବଜାତିକୁ ପ୍ରଭାବିତ କରୁଛି, ତାକୁଇ ଓଡ଼ିଆ ପାଠକମାନଙ୍କ ଆଗର ତୋଳିଧରି ଦେଖାଇବା ତାଙ୍କର ମୁଖ୍ୟ ପାଥେୟ ।

ସାରା ପୃଥିବୀରେ ଜଳବାୟୁର ଅଭାବନୀୟ ପରିବର୍ତ୍ତନ, ଯାହାର ପ୍ରଭାବରେ ବିଶ୍ୱର ଚିରାଚରିତ ଭୂଗୋଳ ଅତୁଟ ରହିବ ନା ନିଶ୍ଚିହ୍ନ ହୋଇଯିବ (to be not to be)ର ପ୍ରଶ୍ନ ଉତ୍‌ଥାପିତ କରୁଛି, 'ଧନୀ ଓ ପ୍ରଭାବଶାଳୀ ଦେଶ / ଗୋଷ୍ଠୀ କିପରି ଉତ୍ତପ୍ତ ପୃଥିବୀ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ତାହା ବାରମ୍ବାର ଉଲ୍ଲିଖିତ ହେଉଛି ।' ଅଚ୍ୟୁତ ଭାଇ, ତଥାକଥିତ ଜଗତୀକରଣ ଯେ ଜଳବାୟୁର ପରିବର୍ତ୍ତନ ପାଇଁ, ପୃଥିବୀର ଉତ୍ତପ୍ତତା ପାଇଁ ଦାୟୀ ତାହା ଆଖିଖୋଲି ଦେଖାଇ ଦେବାକୁ ଚେଷ୍ଟା କରିଛନ୍ତି । ଆହ୍ୱାନ ଦେଇଛନ୍ତି ଯେ, "ସମୟ ଆସିଛି ବର୍ତ୍ତମାନ ଆମ ପୃଥିବୀର ସବୁ ଦେଶର ସବୁ ସମାଜର ମଣିଷମାନଙ୍କୁ ଏକାଠି ହୋଇ ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ପ୍ରତିହତ କରିବାକୁ ହେବ" । ବୈଜ୍ଞାନିକ ଯେଉଁ ଦୃଷ୍ଟିକୋଣରୁ ଏ ପରିବର୍ତ୍ତନର ପ୍ରଭାବକୁ ଦେଖୁଛି, ସେ ସମସ୍ତଙ୍କୁ ସୂଚୀତ କରୁ ଓ ଜାଣିବାର ପରିବେଶ ସୃଷ୍ଟିକରୁ" । କାରଣ, "ଆଜିର ବିଜ୍ଞାନ ପ୍ରାକୃତିକ ଦୁର୍ବିପାକକୁ ଅଟକାଇ ପାରୁନାହିଁ" ।

କୃଷିନୀତିର ସମୀକ୍ଷା, ବୃଷ୍ଟିପୁଷ୍ଟ ଅଞ୍ଚଳର ଚାଷବାସ, କୃଷିନୀତି ଓ ମହିଳାଙ୍କ ଭବିଷ୍ୟତ, ଆଦି ନିବନ୍ଧ ଗୁଡିକରେ ଲେଖକ, ନିର୍ଦ୍ଦୟ ଭାବରେ ଏବଂ ଯଥାର୍ଥ ଭାବରେ

Digitized by srujanika@gmail.com

୨୦୦୮ ରାଜ୍ୟ କୃଷିନୀତିକୁ କଠୋର ସମାଲୋଚନା କରିଛନ୍ତି ଏବଂ " କମ୍ପାନୀକରଣ ଛଡ଼ା ଅନ୍ୟ କିଛି ସ୍ୱତନ୍ତ୍ର ବିଷୟ ଏଥିରେ ଉଲ୍ଲେଖ କରାଯାଇ ନାହିଁ" ବୋଲି ଲେଖିଛନ୍ତି । କୃଷି ବିଭାଗର ନିର୍ବୋଧ ବଡପଣ୍ଡାମାନେ ଏଗୁଡିକ ଯଦି ପଢନ୍ତେ ଅନ୍ତତଃ ଏକଦା ଯୋଜନା ବୋର୍ଡର ସଭ୍ୟଥିବା ଜଣଙ୍କର କଥା ବୋଲି ଦୟାକରି ଆଲୋଚନା କରନ୍ତେ, ତା'ହେଲେ ଓଡ଼ିଶାର ମଣିଷ, ଜମି, ଜଳ, ଜଙ୍ଗଲ, କୃଷି, ଆଦିବାସୀ, ବଣ, ପାହାଡ, ଶିକ୍ଷା, ସାହିତ୍ୟ ଆଦିକୁ ପ୍ରାଣଦେଇ ଭଲ ପାଉଥିବା ଜଣଙ୍କର ସ୍ୱପ୍ନ କିଞ୍ଚିତ ସାର୍ଥକ ହୁଅନ୍ତା ।

ନିଜର ସୁଦୀର୍ଘ ତଥା ପ୍ରତ୍ୟକ୍ଷ ଅଭିଜ୍ଞତା ଭିତରୁ, ଅଚ୍ୟୁତ ବାବୁ ଲେଖିଛନ୍ତି, - "ଗାନ୍ଧୀବାଦୀ ହୁଅନ୍ତୁ ବା ମିଶନାରୀ ହୁଅନ୍ତୁ, ପେଶାଦାର ସଂସ୍ଥା ହୁଅନ୍ତୁ ବା ଗବେଷଣା କୈନ୍ଦ୍ରିକ ସଂସ୍ଥା ହୁଅନ୍ତୁ କଲମ ଚାଷ କରିବାକୁ ସମସ୍ତେ ବ୍ୟଗ୍ର । ଆଦିବାସୀ ମାନଙ୍କ ପାଖକୁ ଯାଇ ସେମାନଙ୍କୁ ଉତ୍ପ୍ରେରିତ କରିବା ବା ସଂଗଠିତ କରି ବିକାଶ କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ କାହା ପାଖରେ ଯେମିତି ବେଳନାହିଁ । ପ୍ରାକୃତିକ ସମ୍ବଳ ବିକାଶ ଯେମିତି ପଛେଇ ଯାଇଛି । ମାନସିକ ଓ ସାଂସ୍କୃତିକ ବିକାଶ ସେଇଭଳି କଳୁଷିତ ହେବାରେ ଲାଗିଛି ଏ ଅଞ୍ଚଳରେ ।" "ଆଦିବାସୀ ଆଜି ତା'ର ନିଜସ୍ୱ ଧର୍ମ ହରାଇ ବସିଛି । ଯେଉଁମାନେ ମଣ୍ଡେଇ ବା ପରବ କରି ବାହା ବାହା ନେବାରେ ଲାଗିଛନ୍ତି, ସେମାନେ ଆଦିବାସୀ ସଂସ୍କୃତିକୁ ସୁରକ୍ଷା ଦେଉଛନ୍ତି ନାଁ ତାକୁ ସମୃଦ୍ଧ କରୁଛନ୍ତି ଏ ପ୍ରଶ୍ନ ଆଜି ଉଠୁଛି ।"xxx

-"ଯଦି ଆମର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ତଥା ତାଙ୍କର ଉପଦେଷ୍ଟାମାନେ ପ୍ରକୃତରେ ଆଦିବାସୀମାନଙ୍କ ସହ କଥାବାର୍ତ୍ତା କରିପାରନ୍ତେ ଓ ସେମାନଙ୍କ ଭାଷା ବୁଝିପାରନ୍ତେ, ତେବେ ଆଦିବାସୀ ଅଞ୍ଚଳରେ ସମାଧାନର ରାସ୍ତା ବାହାରି ପାରନ୍ତା ।"-

ଦଳେ ବିଶେଷଜ୍ଞ, ବିଶେଷକରି ଜଗତୀକରଣର ସ୍ତାବକ କୁହନ୍ତି ଯେ ବାସଚ୍ୟୁତ ବିସ୍ଥାପିତ ଲୋକଙ୍କ ପାଇଁ ଦାରିଦ୍ର୍ୟ ଦୂରୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସମ୍ଭାବନା ଅଛି । ଏକଥା କେବଳ ଶ୍ରୀଯୁକ୍ତ ଦାସଙ୍କ ଅଭିଜ୍ଞତା ନୁହେଁ - ଏବେ ପୋସ୍କୋ ସ୍ଥାପନ ପାଇଁ ଯେଉଁ ବିସ୍ଥାପନମାନ ହେବ, ମାଟି କାଦୁଅର ମଣିଷମାନେ, ନିଜ ଭିଟାମାଟି, ଜମି, ପାନବରଜ, ମାଛଚାଷ, କନ୍ଦଚାଷ ହରାଇବେ, ସେ ସମ୍ପର୍କରେ ସେଇ ଅଞ୍ଚଳର ସେ ମଣିଷ ବୋଲି ନିଜକୁ ଦାବି କରି, ଜଣେ ମାନ୍ୟବର ମନ୍ତ୍ରୀ ତ କହୁଥିଲେ - କିଛିଦିନ ପରେ ପାନ ଆଉ ହେବନାହିଁ - ମୀନ ମରିଯିବେ, ଏଣୁ ଜମି

Digitized by srujanika@gmail.com

ଦେଇ ଦେଇ ଭଲ କ୍ଷତିପୂରଣ ନେଲେ ଗରିବ ମଣିଷର ଉପକାର ହେବ । ଇତ୍ୟାଦି.....

ଅଚ୍ୟୁତ ଦାସ ବିଶେଷଜ୍ଞମାନଙ୍କୁ ତାଙ୍କ ଭାଷାରେ ଯେଉଁ ଉତ୍ତର ଦେଇଥିଲେ ବୋଲି ଉଲ୍ଲେଖ କରିଛନ୍ତି, ସେ ଉତ୍ତର ସବୁ ବିସ୍ଥାପନ ସପକ୍ଷବାଦୀମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ । "ଯଦି ବିସ୍ଥାପନ ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଯିବାର ସମ୍ଭାବନା ଅଛି, ତେବେ ଏଦେଶ କାହିଁକି ସବୁ ଗରିବମାନଙ୍କୁ ବିସ୍ଥାପିତ କରିଦେଇ ନାହିଁ ?"

'ଚାଷୀର ଆତ୍ମହତ୍ୟା' ଉପରେ ଲେଖାମାନଙ୍କରେ ଶ୍ରୀ ଦାସ କେବଳ ସଚ୍ଚୋଟ ହିସାବ ଦେଇ ନାହାନ୍ତି ଅବା ଗତ ୯୭-୨୦୦୭ ଦଶବର୍ଷରେ ଲକ୍ଷେ ଛ'ଷଠି ହଜାର ତିନିଶହ ଚାରି ଜଣ ଚାଷୀ ଆତ୍ମଘାତୀ ହୋଇନାହାନ୍ତି ବା ପ୍ରତ୍ୟେକ ଅଧଘଣ୍ଟାରେ ଜଣେ ଲେଖାଏଁ ଚାଷୀ ଆତ୍ମହତ୍ୟା କରିନାହାନ୍ତି, ବରଂ ସମଗ୍ର ଭାରତବର୍ଷର ସ୍ଥିତିକୁ ଭିତ୍ତିକରି, "ଏ ଦେଶର ଜଳ, ଜମି, ଜଳବାୟୁ ଓ ଜୈବିକ ବିବିଧତାକୁ ମୂଳରେ ରଖି କୃଷିର ବିକାଶ" କରାଗଲେ (ତାହା ଦିନେ ନା ଦିନେ ହେବ ବୋଲି ଦୃଢ଼ ବିଶ୍ୱାସୀ) ଚାଷୀ ଆତ୍ମହତ୍ୟା କରନ୍ତା ନାହିଁ, ଋଣ ସୁଝିପାରନ୍ତା ।

ଶ୍ରୀ ଦାସ ଶିକ୍ଷା ଅଧିକାର ଠାରୁ ମହିଳାମାନଙ୍କର ଅଧିକାର, କୃଷକର ଅଧିକାର, ବଞ୍ଚିବାର ଅଧିକାର, ମାନବିକ ଅଧିକାର କିମ୍ବା ଖାଦ୍ୟ ଅଧିକାର, ଇତ୍ୟାଦି ପ୍ରତ୍ୟେକ ବିଷୟରେ ନିଜର ଗଭୀର ଅଧ୍ୟୟନ, ଚିନ୍ତନ ତଥା ନିଜ ପ୍ରସ୍ତୁତ ବହୁ ଉପାଦେୟ ତଥ୍ୟ ଦେଇଛନ୍ତି ଏବଂ ବିଜୁ ପଟ୍ଟନାୟକଙ୍କର ସ୍ୱପ୍ନ 'ମୋ ଓଡ଼ିଶାର କୌଣସି ଶିଶୁ ଉପାସରେ ଶୋଇବ ନାହିଁ' କୁ ସାକାର କରିବା ପାଇଁ, ଅଧିକାରମାନଙ୍କୁ ସାବ୍ୟସ୍ତ କରିବା ପାଇଁ, ଏକ ଗଣ ଅଭିଯାନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

'ମାଟି କାଦୁଅର ମଣିଷ', ଶେଷ କଥା ନୁହେଁ ବୋଲି ଉଲ୍ଲେଖ କରି, ଯେଉଁ ମହାନ କବି, ସାହିତ୍ୟିକ, ରାଜନୀତିଜ୍ଞ ନିଜ ଜୀବନ ଅପେକ୍ଷା ସାହିତ୍ୟକୁ ଉର୍ଦ୍ଧ୍ୱକୁ ତୋଳିଧରିଛନ୍ତି ଏବଂ ତାଙ୍କ ଲେଖା, କବିତାମାନଙ୍କୁ ସମାଜରେ ବିପ୍ଳବ ଆଣିବା ପାଇଁ, ପ୍ରତିବାଦ/ପ୍ରତିରୋଧର ସ୍ୱର ଉଠାଇବା ପାଇଁ ଏକ ଶାଣିତ ହତିଆର ଭାବରେ ବ୍ୟବହାର କରିଛନ୍ତି, ବିଶ୍ୱ ଇତିହାସରେ ତା'ର ଅଜସ୍ର ଦୃଷ୍ଟାନ୍ତ ମିଳିବ - ଓଡ଼ିଆରେ ଆମ ଭାଷାର ସାହିତ୍ୟରେ ତା'ର ଦୃଷ୍ଟାନ୍ତ ମଧ୍ୟ ଊଣା ନୁହେଁ । ଶ୍ରୀ ଦାସ ତାଙ୍କର

Digitized by srujanika@gmail.com

ମଣିଷର ଅଧିକାର ମାନଙ୍କ ଭିତରେ ସାହିତ୍ୟକୁ, ତାଙ୍କୁ ପ୍ରେରଣା ଦେଇଥିବା କବି, ସାହିତ୍ୟିକମାନଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହିତ ସ୍ମରଣ କରି, - "ସମାଜ ଓ ଏହାର ପରିବର୍ତ୍ତନ ପ୍ରକ୍ରିୟାରେ ଜଣେ ଲେଖକ/କବିର ଗୁରୁ ଦାୟିତ୍ୱ ଅଛି । ପ୍ରଥମେ ସେ ଜଣେ ସଚେତନ ଓ ସ୍ୱାଧୀନଚେତା ନାଗରିକ । ଦ୍ୱିତୀୟରେ ସେ ସ୍ରଷ୍ଟା ଓ ନୂତନ ପୃଥିବୀ ଓ ପରିବେଶ ପରିକଳ୍ପନାରେ ତଲ୍ଲୀନ । ଏଇଥିପାଇଁ ସମସାମୟିକ ସମାଜ ଓ ଏହାର ଅସମାନତା ତଥା ଗତିଶୀଳତା ପ୍ରତି ଲେଖକ କେତେ ଚିନ୍ତିତ ତାହା ତାହାର ଲେଖନୀରୁ ପରିସ୍ଫୁଟ ହୋଇଥାଏ ।"

ଶ୍ରୀ ଦାସ ସମାଜର ଏହି ଗତିଶୀଳତା ଦେଖାଇବାକୁ, ମଣିଷ ଭିତରେ ଶୋଷଣ/କଷଣ ନିପୀଡନ ବିରୁଦ୍ଧରେ ପ୍ରତିବାଦ/ପ୍ରତିରୋଧର ଧ୍ୱନି ତୋଳାଇବାରେ ନିଜ ଲେଖାକୁ, କବିତାକୁ ହତିଆର ଭାବରେ, ଉଦ୍ୟତ ଖଡ୍ଗ ଭାବରେ ଉତ୍ତୋଳିତ କରି ରଖିବାକୁ ଆହ୍ୱାନ ଦେଇଛନ୍ତି - କବି / ସାହିତ୍ୟିକ ମାତ୍ରେ ଭବିଷ୍ୟତ ପାଇଁ ଗଭୀର ଆଶାବାଦୀ -

ଲେଖକ ଶ୍ରୀ ଦାସଙ୍କର ପ୍ରିୟ କବି ଅନନ୍ତ ପଟ୍ଟନାୟକଙ୍କ ପ୍ରଥମ ଦୁଇ ପଦ "ଜୀବନ ଦେଇରେ ଢାଳିଲୁ ରକ୍ତ, ତୋଳିଲୁ ସଉଧ ମାଳା, ଆମରି ଲାଗିରେ ଶାସନ ଶକ୍ତ ଆମେଇ ସର୍ବହରା' ଉଲ୍ଲେଖ କରିଛନ୍ତି । ସେଇ ଗୀତର (କବିତା ନୁହେଁ - କାରଣ ଏଇଟିକୁ ମାନନୀୟା ମାଳତୀ ଚୌଧୁରୀ ସ୍ୱର ଦେଇ ଗାଇଥିଲେ) ଶେଷ ପଦ ହେଲା -

"ପ୍ରାପ୍ୟ ଆମର ନେବୁରେ ମୁକର ଆମେ ଶ୍ରମିକର ଜାତି,
ଫୁଟାଇବୁ ଆଜି ରକ୍ତପ୍ରଭାତ ଚିରି ଅନ୍ଧାର ରାତି ।"-

ସେଇ ଅନ୍ଧାର ରାତି ଚିରି ରକ୍ତପ୍ରଭାତ ଫୁଟିବାର ବେଳ ଆସୁଛି । ଆସିବ । ଆଉ ଜଣେ କବିଙ୍କର କବିତାଟିଏ, ଯାହାକୁ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ନାୟକ ବୀର ବୈଷ୍ଣବ ପଟ୍ଟନାୟକ (ଯିଏ ସ୍ଥବିର ହୋଇ ଏବେ ବି ବଞ୍ଚିରହିଛନ୍ତି - ଦୁଃଖ ନାହିଁ, ଶୁଭୁ ନାହିଁ)- ଗାଁ ଗାଁରେ ଆବୃତ୍ତି କରୁଥିଲେ - ଏବେ ମଧ୍ୟ ଟିହାଇ ଦେଲେ, ଶୁଭିଗଲେ ହୁଏତ ଗାଇ ଉଠିବେ କବି କାଳନ୍ଦୀଚରଣ ପାଣିଗ୍ରାହୀଙ୍କ କବିତାଟି

ମଣିଷ କୂଳରେ ଜନମ ଆମର ନାହିଁ ଇଜ୍ଜତ ମାନ
ଆମ ଝିଅ ବୋହୂ ସବୁରି ଶାଳୀ ହେ, ଆମେ ଶଳା ସଇତାନ୍ ।

× × × ×

Digitized by srujanika@gmail.com

ଶେଷ ପଦଗୁଡିକ ହେଲା -

ମନେରଖ ଯଦି ବିଲେଇ କୁକୁର ବୁଝେ ମାନ ଅପମାନ
ମଣିଷକି କେବେ ବୁଝିବ ନାହିଁରେ କିଏ ଶଳା ସଇତାନ୍

ସାଥୀ, ଭାଇ ଅଚ୍ୟୁତ ଦାସଙ୍କ ଯୁଦ୍ଧର ଆହ୍ୱାନ ସହିତ ସ୍ୱରମିଳାଇ ମୁଁ ବି କହିବାକୁ ଋହେଁ - "ସେମାନଙ୍କର ସମୟ ଆସୁଛି ନିଶ୍ଚିତ । ଆଜି ନହେଲେ କାଲି । ନୂତନ ସୂର୍ଯ୍ୟୋଦୟ ସେମାନଙ୍କୁ ଅପେକ୍ଷା କରିଛି ।"-

ସେ ସୂର୍ଯ୍ୟୋଦୟ ଆସିବ ହିଁ ଆସିବ । ନିପୀଡିତ ମଣିଷ, ନିଜର ସାଥୀକୁ ଖୋଜି ପାଇବ । ଗାଇବ 'ଶାଶୁ ପାଳି ପରେ ବୋହୂ ପାଳି ଆସେ ଶଳା ବି ଭିଣୋଇ ହୁଏ" ।

ଶେଷରେ କହିରଖେ - ମୁଁ ଅକିଞ୍ଚନ, ଅଚ୍ୟୁତ ଭାଇଙ୍କର ନିବନ୍ଧମାନଙ୍କର ମୁଖବନ୍ଧ କି ଉପୋଦ୍‌ଘାତ ଲେଖିବା ପାଇଁ ଅଭାଜନ । ଜଣେ ବିମୁଗ୍ଧ ପାଠକ ଭାବରେ, ତାଙ୍କ ଚିନ୍ତା ଚେତନାର ଜଣେ ଭାଗୀଦାର ଭାବରେ, 'ମାଟି କାଦୁଅର ମଣିଷ', ସମସ୍ତେ ପଢନ୍ତୁ ବୋଲି କାମନା କରୁଛି ।

ଅବନୀ କୁମାର ବରାଳ

Digitized by srujanika@gmail.com

ସୂଚୀପତ୍ର

କ୍ର.ସଂଖ୍ୟା	ବିଷୟ ବସ୍ତୁ	ପୃଷ୍ଠା
୧)	ବିସ୍ଥାପନ ଓ ନିର୍ବାସନ	୧୭
୨)	ଅନାହାର ମୃତ୍ୟୁ : କାରଣ ଓ ପ୍ରତିକାର	୨୩
୩)	ଚାଷୀ ଆତ୍ମହତ୍ୟା (୧)	୨୯
୪)	ଚାଷୀ ଆତ୍ମହତ୍ୟା - ୨	୩୫
୫)	ଆନ୍ତର୍ଜାତିକ ମହିଳା ଦିବସର ଚିନ୍ତନ	୪୧
୬)	ନଦୀ ଓ ସଭ୍ୟତା: ଏକ ସାମୂହିକ ଆତ୍ମହତ୍ୟା ?	୪୭
୭)	ଜଳ-ଯୁଦ୍ଧ ଅବଶ୍ୟମ୍ଭାବୀ	୫୩
୮)	ପିପଳପଦର ସବୁ ପ୍ରେରଣାର ଉତ୍ସ	୫୮
୯)	ପୋଲାଭରମ୍ ପ୍ରକଳ୍ପ : କାହାର ଲାଭ, କାହାର କ୍ଷତି ?	୬୪
୧୦)	କ୍ଷୁଦ୍ର ହିଁ ସୁନ୍ଦର ଓ ସମ୍ଭବ	୬୯
୧୧)	ଧରିତ୍ରୀ ଦିବସ ଓ ଶ୍ରୀ ଦାଭେ	୭୫
୧୨)	ବିଶ୍ୱ ଖାଦ୍ୟାଭାବ ଓ କ୍ଷୁଦ୍ରଚାଷୀଙ୍କ ଭୂମିକା	୮୧
୧୩)	କ୍ଷୁଦ୍ର ଚାଷୀ ଓ ଭବିଷ୍ୟ ପୃଥିବୀ	୮୭
୧୪)	ଖାଦ୍ୟ ନତୁବା ବାଇଓ ଡିଜେଲ : ଆମକୁ ନିଷ୍ପତ୍ତି ନେବାକୁ ହେବ	୯୨
୧୫)	ବିଶ୍ୱ ଖାଦ୍ୟ ସମସ୍ୟା : ନାନା ମୁନିଙ୍କ ନାନା ମତ	୯୭
୧୬)	ସମଭାଗୀ ଅଭିବୃଦ୍ଧି : ଏକ ସ୍ୱପ୍ନ ସମ୍ଭବତା	୧୦୩
୧୭)	ସମଭାଗୀ ଅଭିବୃଦ୍ଧି ବନାମ ସ୍ୱଳ୍ପଭାଗୀ ଅଭିବୃଦ୍ଧି	୧୦୮
୧୮)	ଖାଦ୍ୟ ଅଧିକାର ଏକ କଳ୍ପନା ବିଳାସ ହୋଇ ରହିବ କି ?	୧୧୪
୧୯)	ଦୁର୍ଭିକ୍ଷର ଇତିହାସ : ପୁନରାବୃତ୍ତି ନହେଉ	୧୨୦
୨୦)	ଆଦିବାସୀ ବିକାଶର କେତୋଟି ଦିଗ	୧୨୬
୨୧)	ଶିଶୁ ଶ୍ରମିକ ସଂଖ୍ୟା ବଢୁଛି କି କମୁଛି ?	୧୩୨

Digitized by srujanika@gmail.com

୨୨) କବିତା ସେମାନଙ୍କ ପାଇଁ ୧୩୮
୨୩) ଜଳବାୟୁ ପରିବର୍ତ୍ତନ, ପ୍ରଭାବ ଓ ପର୍ଯ୍ୟାଲୋଚନା (୧) ୧୪୪
୨୪) ଜଳବାୟୁ ପରିବର୍ତ୍ତନ, ପ୍ରଭାବ ଓ ପର୍ଯ୍ୟାଲୋଚନା (୨) ୧୫୦
୨୫) ଜଳବାୟୁ ପରିବର୍ତ୍ତନ, ନ୍ୟାୟ ଓ ମାନବାଧିକାର ୧୫୬
୨୬) ସ୍ୱାଧୀନତା ଦିବସର ଅନୁଚିନ୍ତା ୧୬୨
୨୭) ରାଜ୍ୟ କୃଷିନୀତି ୨୦୦୮ : ଏକ ସମୀକ୍ଷା (୧) ୧୬୭
୨୮) ରାଜ୍ୟ କୃଷିନୀତି ୨୦୦୮ : ଏକ ସମୀକ୍ଷା (୨) ୧୭୩
୨୯) ରାଜ୍ୟ କୃଷିନୀତି - ବୃଷ୍ଟିପୁଷ୍ଟ ଅଞ୍ଚଳରେ ଉଷବାସ ୧୮୦
୩୦) ରାଜ୍ୟ କୃଷିନୀତି ଓ କୃଷିଜୀବୀ ମହିଳାଙ୍କ ଭବିଷ୍ୟତ ୧୮୬
୩୧) ଜଳବାୟୁ ପରିବର୍ତ୍ତନ ଓ ପ୍ରଭାବିତ ବିଶ୍ୱ ଆଦିବାସୀ (୧) ୧୯୨
୩୨) ଜଳବାୟୁ ପରିବର୍ତ୍ତନ ଓ ପ୍ରଭାବିତ ବିଶ୍ୱ ଆଦିବାସୀ (୨) ୧୯୮
୩୩) ବାଲିଗୁଡା ଗାଁର ବଳରାମ ଭାଇ ୨୦୩
୩୪) ସର୍ଗୀଗୁଡା ଗାଁକୁ ଭୁଲି ହେବନାହିଁ ୨୦୯
୩୫) ମାଣ୍ଡିଆ, ବାଜରା, କାଙ୍ଗୁ, ସୁଆଁ : ଅମୃତର ଅସଲ ସୁଆଦ ୨୧୫
୩୬) କହିଁ ଦୀପ୍ ଜଲେ କହିଁ ଦିଲ୍... ୨୨୨
୩୭) ବାରିଗୁଡା ଗାଁ ଓ ବିଶ୍ୱର ଆର୍ଥିକ ସଙ୍କଟ ୨୨୮
୩୮) ଗ୍ରାମ୍ୟ ଗଣତନ୍ତ୍ର : ଏକ ସମୀକ୍ଷା ୨୩୪
୩୯) ରାଜସ୍ଥାନର ଦେବ୍‌ଡୁଙ୍ଗରୀ ଓ ନବରଙ୍ଗପୁରର ଖଣ୍ଡିଆଗୁଡ଼ା ୨୪୦
୪୦) ବିଧାୟକ ଓ ବିସ୍ଥାପିତ ୨୪୭
୪୧) ଅନ୍ୟାୟ, ଘୋର ଅନ୍ୟାୟ ୨୫୩
୪୨) ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ଏମାନଙ୍କ ଠାରୁ ଶିଖିବେ କି ? ୨୫୯
୪୩) ସେମାନଙ୍କୁ ବିଚାର କରିବାକୁ ହେବ ୨୬୬
୪୪) ବୃକ୍ଷରୋପଣ ଛଡ଼ା ଅନ୍ୟ କିଛି ରାସ୍ତା ନାହିଁ ୨୭୨
୪୫) ଶେଷ କଥା ନୁହେଁ ୨୭୮

Digitized by srujanika@gmail.com

୧

ବିସ୍ଥାପନ ଓ ନିର୍ବାସନ

ବିସ୍ଥାପନ ଓ ନିର୍ବାସନ ଉଭୟେ ପରସ୍ପରର ପରିପୂରକ କି ନାହିଁ ମୁଁ ଅନେକ ଦିନରୁ ଚିନ୍ତା କରିଆସିଛି । ବିସ୍ଥାପନ ପ୍ରକ୍ରିୟାକୁ ନିକଟତମ ପ୍ରଦେଶରୁ ଦେଖିଛି । ମୋର ଆତ୍ମୀୟସ୍ୱଜନମାନେ ବିଭିନ୍ନ ପ୍ରକଳ୍ପରେ ପ୍ରଭାବିତ କ୍ଷତିଗ୍ରସ୍ତ ଓ ବିସ୍ଥାପିତ ହୋଇଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିସ୍ଥାପନର ପ୍ରକ୍ରିୟା କେଉଁ ଆବହମାନ ଯୁଗରୁ ଚାଲିଆସିଛି । ଅନ୍ୟ ପକ୍ଷରେ ନିର୍ବାସିତର ଯେଉଁ ବିଳାପ, ଆତ୍ମକଥନ, କ୍ରିୟା, ପ୍ରତିକ୍ରିୟା, ଆବେଗ ଅଭିବ୍ୟକ୍ତି ସବୁ ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ପ୍ରକାଶିତ ହୋଇଛି ସେସବୁ କେବେ କେମିତି ପଢିବାକୁ ସୁଯୋଗ ପାଇଛି । ନିଜେ ଅତି ଏକାନ୍ତ ଭାବେ ନିଜ ପୃଥିବୀରୁ ବାସଚ୍ୟୁତ ଓ ନିର୍ବାସିତ ହେବାର ଜୀବନଯନ୍ତ୍ରଣା ମୁଁ ମଧ୍ୟ ଅନ୍ୟମାନଙ୍କ ଭଳି ଅନୁଭବ କରିଛି । ମୁଁ କହିପାରେ ଯେ ବାସ୍ତବ ଜୀବନରେ ଯିଏ ନିର୍ବାସିତ ଓ ବିସ୍ଥାପିତ ହୋଇଛି ତାହାର କଠୋର ଯନ୍ତ୍ରଣା ସହ ଆମ ସମସ୍ତଙ୍କର ଯନ୍ତ୍ରଣା ଯେ ତୁଳନୀୟ ଏକଥା ପୃଥିବୀର ଅନ୍ୟତମ ଶ୍ରେଷ୍ଠ ଲେଖକ କାମ୍ୟୁ ତାଙ୍କର ପୁସ୍ତକମାନଙ୍କରେ ଅତି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି । କାମ୍ୟୁ ସ୍ପଷ୍ଟଭାବେ କହିଛନ୍ତି ଯେ ଆମେ ସମସ୍ତେ ଆମ ପୃଥିବୀରୁ ନିର୍ବାସିତ । ଅର୍ଥାତ୍ ଆମେ ସମସ୍ତେ ଆଉଟ୍‌ସାଇଡର (Outsider) । ପୂର୍ବତନ ଚେକୋସ୍ଲୋଭାକିଆର ଦୁଇଜଣ ବିଖ୍ୟାତ ଲେଖକ ମିଲାନ୍ କୁନ୍ଦେରା ଓ ଭାକ୍‌ଲାଭ୍ ହାଭେଲ (Vaclav Havel) ଆପଣାର ବିସ୍ଥାପନ ଓ ନିର୍ବାସନକୁ ମୂଳରେ ରଖି ଲେଖିଛନ୍ତି ସୋଭିଏତ୍ ଋଷିଆର ଦମନକୁ । ମିଲାନ୍ କୁନ୍ଦେରା ଦେଶଛାଡି ଫ୍ରାନ୍‌ସରେ ଶରଣାର୍ଥୀ ହୋଇଥିଲେ । ସେ କହୁଥିଲେ ଯେ ଯିଏ ନିଜର ଭିଟାମାଟି, ସାହିତ୍ୟ ଓ ସଂସ୍କୃତି, ଇତିହାସ ଓ ଭୂଗୋଳରୁ ବିଛିନ୍ନ ହୋଇଯାଏ ତାହାର ପରିଚୟ କିଛି ନଥାଏ । ସେ ଅନ୍ୟ ଏକ ପରିସରରେ ଦ୍ୱିତୀୟ ଶ୍ରେଣୀ ନାଗରିକ ହୋଇଯାଏ ଅଥବା ଏକ ନୂତନ ଜୀବନର ନୂତନ ସଜ୍ଞା ଖୋଜିବସେ । ତାଙ୍କର ବହି ଗୁଡିକ ପଠନ ଯୋଗ୍ୟ । ସେଗୁଡିକ ଭିତରେ ଲୋକପ୍ରିୟ ହୋଇଥିବା

Digitized by srujanika@gmail.com

ବହି ଦୁଇଟି ହେଲା 'ଦି ଅନ୍‌ବିୟରେବଲ୍ ଲାଇଟନେସ୍ ଅଫ ବିଙ୍ଗ (The Unbearable Lightness of Being) ବା 'ଦି ବୁକ୍ ଅଫ ଲାଫ୍‌ଟର ଏଣ୍ଡ ଫରଗେଟିଙ୍ଗ (The Book of Laughter and Forgetting) । ଅନ୍ୟ ପକ୍ଷରେ ଭାକ୍‌ଲାଭ୍ ହାଭେଲ ନିଜ ଦେଶର କାରାଗାରରେ ରହିବାକୁ ବେଶି ପସନ୍ଦ କରିଥିଲେ । ସୋଭିଏତ ଋଷିଆର ପତନ ପରେ ସେ ରାଜନୀତିକୁ ଆସି ଚେକ୍ ଗଣରାଜ୍ୟର ରାଷ୍ଟ୍ରପତି ହୋଇଥିଲେ । ତାଙ୍କର ମୁଖ୍ୟ ପୁସ୍ତକ ଗୁଡିକ ହେଲା 'ଲେଟରସ୍ ଟୁ ଓଲଗା'(Letters to Olga), ଡିଷ୍ଟରବିଙ୍ଗ୍ ଦି ପିସ୍ (Disturbing the Peace) । ନାଟକ ଭିତରେ 'ଦି ମେମୋରାଣ୍ଡମ୍' (The Memorandum), ସରି (Sorry) ଅନ୍ୟତମ । ବିସ୍ଥାପନ ଓ ନିର୍ବାସନ ଉପରେ ଅନେକ ବିଶ୍ୱ ବିଖ୍ୟାତ ଲେଖକ ଓ ପୁସ୍ତକମାନଙ୍କୁ ଆଲୋଚନା କରିଲେ ଜଣାପଡେ ଯେ ଇତିହାସ ଏହାର ସବୁଦିଗ ଗୁଡିକୁ ଲିପିବଦ୍ଧ କରିନାହିଁ । ମୁଁ ଭାବୁଛି ବୌଦ୍ଧିକତାର ବାହାରେ ବିସ୍ଥାପନ ଓ ନିର୍ବାସନର ଯନ୍ତ୍ରଣାକୁ ସାଇବେରିଆ ବା ବନ୍ଦି ଶିବିରକୁ ନଯାଇ ମଧ୍ୟ ଅନୁଭବ କରାଯାଇଛି ।

ଏ ସ୍ତମ୍ଭରେ ମୁଁ କିନ୍ତୁ ବିସ୍ଥାପନ ସମ୍ପର୍କିତ ଲେଖକ ଓ ପୁସ୍ତକମାନଙ୍କ ବିଷୟରେ ଆଲୋଚନା କରିବାକୁ ଆଗ୍ରହୀ ନୁହେଁ ବା କେଉଁ ଏକ କଫି ଟେବୁଲ୍ ବାର୍ତ୍ତାଳାପର ପରିସରଭୁକ୍ତ କରିବାକୁ ପ୍ରେରିତ ନୁହେଁ । ଜଗତୀକରଣ, ଉଦାରୀକରଣ ଓ ବଜାରୀକରଣ ପ୍ରକ୍ରିୟାରେ ବାସଚ୍ୟୁତ ହୋଇଥିବା ଲକ୍ଷ ଲକ୍ଷ ଲୋକଙ୍କର ଦୁରବସ୍ଥା ଓ ଜୀବନ ଜୀବିକା ପ୍ରଶ୍ନକୁ ନେଇ ମୁଁ ଆଜି ଖୁବ୍ ଆନ୍ଦୋଳିତ ଓ ଶଙ୍କିତ । ଏ ପୃଥିବୀରୁ ଗୋଟାଏ ଭାଗ ଯେ ନିଶ୍ଚିହ୍ନ ହୋଇଯିବ ଏକଥା ମୁଁ ଦୂରଦ୍ରଷ୍ଟା ଭାବେ ଦେଖିପାରୁଛି ଓ ସେଥିପାଇଁ ମୁଁ ଅନ୍ତରର ଗଭୀର ସ୍ଥଳରେ ଖୁବ୍ କଷ୍ଟ ପାଉଛି । ବାସଚ୍ୟୁତ ଓ ବିସ୍ଥାପିତ ଲୋକମାନଙ୍କର ଝାଉଁଳି ପଡିଥିବା ମୁହଁ ମୁଁ ଦେଖିପାରୁଛି ଓ ନିଷ୍ପ୍ରଭ ନିସ୍ତେଜ ଶରୀର ଗୁଡିକର ଚିତ୍ର ଆଙ୍କିପାରୁଛି । ସେମାନଙ୍କର ଜୀବନର ମାନ କେଉଁ ସ୍ତରରେ ପହଞ୍ଚିବ ସେକଥା ମୋତେ ଅଛପା ନାହିଁ । ଏଇଥିପାଇଁ ମୋ ମନରେ ଅନେକ ପ୍ରଶ୍ନ ଓ ଅନେକ ସନ୍ଦେହ । ଗୋଟାଏ ଗୋଷ୍ଠୀ ଆଉ ଗୋଟାଏ ଗୋଷ୍ଠୀକୁ ଅତି ସନ୍ତର୍ପଣରେ ନିଶ୍ଚିହ୍ନ କରିଦେବେ, ଏକଥା ମୁଁ ଭାବିପାରୁନାହିଁ । ଖାଲି ଓଡ଼ିଶାରେ ନୁହେଁ, ଆମ ଦେଶରେ ଓ ଦେଶବାହାରେ ଏତେ ବ୍ୟାପକ ଭାବେ ବିସ୍ଥାପନ ପ୍ରକ୍ରିୟା ଚାଲିଛି ଯେ କଳ୍ପନା କରିବା ସମ୍ଭବ ନୁହେଁ । କିନ୍ତୁ ବିସ୍ଥାପନ ସୃଷ୍ଟି କରିଛି ଭୀଷଣ ଜନ ଅସନ୍ତୋଷ । ଜଳାଇଛି ବିଦ୍ରୋହ ଓ ମୁକାବିଲାର ବହ୍ନି । କ୍ଷମତାଶୀଳ ଗୋଷ୍ଠୀ ଲାଭ ପାଇଁ, ସୁଖ ସ୍ୱଚ୍ଛନ୍ଦ ପାଇଁ ବିଭିନ୍ନ ପ୍ରକଳ୍ପର ପରିକଳ୍ପନା କରିଛନ୍ତି । ଏଥିରେ ଅନ୍ତର୍ଭୁକ୍ତ ହୋଇଛି

Digitized by srujanika@gmail.com

ଡ୍ୟାମ୍, ଶିଳ୍ପ, ଖଣିଖାଦାନ, ବନୀକରଣ, ଜାତୀୟ ଉଦ୍ୟାନ ଓ ଭିତ୍ତିଭୂମି ପ୍ରତିଷ୍ଠା । ଦରକାର ହୋଇଛି ଜମି, ପାଣି, କଞ୍ଚାମାଲ, ଶ୍ରମ । କେଉଁଠି କେଉଁଠି ବନ୍ଧୁକ ମୁନରେ ଏଇ ବିକାଶ ଜାରି ରହିଛି ଏବେ । ଶାସକ ଓ ଶାସିତମାନଙ୍କ ଭିତରେ ଖାଇ ସୃଷ୍ଟି ହୋଇଛି । ବିସ୍ଥାପିତ ଲୋକଙ୍କୁ ଦେଶର ବିକାଶ ପାଇଁ କିଛି ତ୍ୟାଗ ସ୍ୱୀକାର କରିବାକୁ ହେବ ବୋଲି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହରଲାଲ୍ ନେହରୁ କହୁଥିଲେ । ଏହି ମାନସିକତା ଏବେ ମଧ୍ୟ ଲାଗି ରହିଛି । ଏକଦା ମୋର ଓଡିଶାର ଜଣେ ପୂର୍ବତନ ସରକାରୀ ଅଫିସରଙ୍କ ସହ କଳିଙ୍ଗନଗର ଗୁଳିକାଣ୍ଡପରେ ମତ ବିନିମୟ ହୋଇଥିଲା ଏ ବିଷୟରେ । ଏ ମହାଶୟ ଶାସନର ସର୍ବୋଚ୍ଚ ପଦବୀମାନଙ୍କରେ ରହିଆସିଛନ୍ତି । ଭୁବନେଶ୍ୱରରେ ଘରଦ୍ୱାର କରି ପ୍ରତିଷ୍ଠିତ ବ୍ୟକ୍ତି ହିସାବରେ ନିଜକୁ ଉପସ୍ଥାପନ କରୁଛନ୍ତି । ବିସ୍ଥାପନ ଜନିତ ସମସ୍ୟା ବିଷୟରେ ସେ ପ୍ରତ୍ୟକ୍ଷ ଭାବେ ଅବଗତ ହୋଇ ନାହାନ୍ତି କେବେହେଲେ । ତାଙ୍କର ଯୁକ୍ତିଥିଲା ଯେ ଲୋକମାନେ ଯଥେଷ୍ଟ କ୍ଷତିପୂରଣ ପାଉଛନ୍ତି । ତେଣୁ ବିସ୍ଥାପିତଙ୍କ ଅଭିଯୋଗ କ'ଣ ? ମୋ ଭଳି ଅନେକ ଏ ମହାଶୟଙ୍କ ସହ ଏକମତ ହୋଇନଥିଲେ ଓ ଆହ୍ୱାନ ଦେଇଥିଲେ ଯେ ତାଙ୍କର ଯେଉଁ ଜମି ଓ ଘରଦ୍ୱାର ସବୁ ଭୁବନେଶ୍ୱରରେ ଅଛି ତାହା ଯଦି ସରକାର ଜବରଦସ୍ତ ଅଧିଗ୍ରହଣ କରି ବାଣ୍ଟିବସିବେ ତେବେ ତାଙ୍କୁ କେମିତି ଲାଗନ୍ତା ? ଅବସରପ୍ରାପ୍ତ ଏ ସରକାରୀ ଅଫିସର ଚୁପ୍ ହୋଇଯାଇଥିଲେ ।

ବିସ୍ଥାପନ ଜନିତ ସମସ୍ୟା ଏତେ ଗୁରୁତର ହୋଇ ସାରିଛି ଯେ ଏବେ ଓଡ଼ିଶା ସରକାର ଏକ ନୂତନ ଥଇଥାନ ନୀତି ତିଆରି କରିଛନ୍ତି । ଏହାଛଡା ଭାରତ ସରକାର ମଧ୍ୟ ଏକ ନୂତନ ଜାତୀୟ ଥଇଥାନ ନୀତି ପ୍ରଣୟନ କରିଛନ୍ତି ଯାହାର ନାମ ହେଲା ବିକାଶ ଯୋଜନା, ସର୍ବନିମ୍ନ ବିସ୍ଥାପନ ଏବଂ ନ୍ୟାୟୋଚିତ ଥଇଥାନ ପାଇଁ ଜାତୀୟ ନୀତି । ଯେଉଁମାନେ ଏକ ନୀତି ପ୍ରଣୟନ କରିଛନ୍ତି ସେମାନେ ବିସ୍ଥାପନକୁ ଦୂରରେ ରହି ଦେଖିଛନ୍ତି ବା ସେଇ ସମ୍ବନ୍ଧୀୟ କିଛି ପୁସ୍ତକ ଓ ଗବେଷଣାମୂଳକ ପ୍ରବନ୍ଧ ପଢ଼ିଛନ୍ତି । ଅସଲ କ୍ଷେତ୍ର ସହ ସେମାନେ ସଂଶ୍ଳିଷ୍ଟ ହେବାକୁ କେବେହେଲେ ସୁଯୋଗ ପାଇନାହାନ୍ତି । ଓଡ଼ିଶାରେ ଯେଉଁ "ରାଜ୍ୟ ଥଇଥାନ ନୀତି" ୨୦୦୬ ମସିହାରେ ପ୍ରଣୟନ କରାଯାଇଛି, ଏହା ଠିକ୍ କି ଭୁଲ ତାହା ଜଣାପଡିନାହିଁ । କାରଣ ଏଥିରେ କୌଣସି ବିସ୍ଥାପିତ ବ୍ୟକ୍ତିଙ୍କ ସହଭାଗିତା ବା ସମର୍ଥନ ନାହିଁ । ଅନ୍ୟଦିଗରେ ଏହାକୁ ପ୍ରଣୟନ କରୁଥିବା ବ୍ୟକ୍ତିମାନେ ବିସ୍ଥାପନକୁ ରାଜ୍ୟର ହିତ ଦୃଷ୍ଟିରୁ ଦେଖିଛନ୍ତି ।

Digitized by srujanika@gmail.com

ଅର୍ଥାତ୍ ରାଜ୍ୟରେ ଶିଳ୍ପାୟନ ହେବ ଓ ବିକାଶ ତ୍ୱରାନ୍ୱିତ ହେବ ଏହା ଉପରେ ପ୍ରାଧାନ୍ୟ ଦିଆଯାଇଛି । ବିସ୍ଥାପିତଙ୍କୁ ଜମି ବଦଳରେ ଜମି ଦିଆଯିବା କଥା ଆଲୋଚନା ହେଉନାହିଁ । ଜୀବନ ଜୀବିକାକୁ ସୁରକ୍ଷିତ ରଖିବା ପାଇଁ କେବଳ ଆର୍ଥିକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି ଓ ଏଥିପାଇଁ ଅର୍ଥ ସାହାଯ୍ୟ ଦେବାକୁ ଯୋଜନା କରାଯାଇଛି । ଚାକିରୀ ମିଳିବା କଥା ଉଠୁ ନାହିଁ । ଜୀବନର ଗୁଣାତ୍ମକମାନ କିପରି ଅଭିବୃଦ୍ଧି ଘଟିବ ତାହାର କୌଣସି ଉଲ୍ଲେଖ ନାହିଁ । ସବୁକଥା ଟଙ୍କା ପଇସାରେ ହିସାବ କରାଯାଇଛି । ସାମାଜିକ, ମାନସିକ, ରାଜନୈତିକ, ସାଂସ୍କୃତିକ ସୁରକ୍ଷା କଥା ବିଚାରକୁ ନିଆଯାଇ ନାହିଁ । ଏହାର କିପରି କ୍ଷତିପୂରଣ ଦିଆଯାଇ ପାରିବ ତାହା କିଛି ଉଲ୍ଲେଖ କରାଯାଇ ନାହିଁ । ନୀତି କେମିତି କାର୍ଯ୍ୟକାରୀ ହେବ ଓ ଲୋକମାନଙ୍କ ପାଖରେ ଗ୍ରହଣୀୟ ହେବ ତାହାର ବ୍ୟବସ୍ଥା କରାଯାଇ ନାହିଁ । ନୀତି ଓ କାର୍ଯ୍ୟକାରୀ ପ୍ରକ୍ରିୟାର ସାମାଜିକ ସମୀକ୍ଷା ଚିନ୍ତା କରାଯାଇ ନାହିଁ । ପ୍ରଶ୍ନ ଉଠୁଛି ଯେ ଯଦି ଜମି ଅଧିଗ୍ରହଣ କରିବା ବେଳେ କ୍ଷତିପୂରଣ ବାବଦରେ ଏକର ପିଛା ୩୦-୪୦ଲକ୍ଷ ଟଙ୍କା ଦିଆଯାଏ, ତେବେ ବି ସବୁସମସ୍ୟାର ସମାଧାନ ହୋଇଯିବ କି ? ଯେଉଁମାନେ ଏଇଭଳି ଚିନ୍ତାଧାରା ମନ ଭିତରେ ରଖିଛନ୍ତି, ସେମାନେ ବିସ୍ଥାପନର ମୂଳ ସମସ୍ୟା ଗୁଡିକୁ ବୁଝିଛନ୍ତି ତ ? ଏବେ ଥଇଥାନ ଉପରେ ଜଣେ ବିଶେଷଜ୍ଞ ଯୁକ୍ତି କରୁଥିଲେ ଯେ ଯେଉଁମାନେ ବିସ୍ଥାପିତ ଓ ବାସଚ୍ୟୁତ ସେମାନଙ୍କ ପାଇଁ ନୂତନ ଢଙ୍ଗରେ ବିକାଶର ସୁଯୋଗ ଅପେକ୍ଷା କରୁଛି । ମୁଁ ତାଙ୍କୁ ଉତ୍ତର ଦେଇଥିଲି ଯେ ଯଦି ବିସ୍ଥାପନ ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଯିବାର ସମ୍ଭାବନା ଅଛି, ତେବେ ଏ ଦେଶ କାହିଁକି ସବୁ ଗରିବମାନଙ୍କୁ ବିସ୍ଥାପିତ କରିଦେଉ ନାହିଁ ? ବିଶେଷଜ୍ଞ ଜଣକ ଚୁପ୍ ହୋଇଯାଇଥିଲେ ଏ ପ୍ରଶ୍ନରେ । ଓଡ଼ିଶା ସରକାର ହେଉଛନ୍ତି ସବୁଠାରୁ ପ୍ରତିକ୍ରିୟାଶୀଳ ସରକାର । ଆଦିବାସୀଙ୍କ ପାଇଁ ପେସା ନାମରେ ଯେଉଁ କେନ୍ଦ୍ରୀୟ ଆଇନ କରାଗଲା ତାଙ୍କୁ ଅତି ସନ୍ତର୍ପଣରେ ଓଡ଼ିଶାରେ କୋହଳ ଓ ଅର୍ଥହୀନ କରିଦିଆଗଲା । ଗ୍ରାମସଭାକୁ ଦୁର୍ବଳ କରିଦିଆଗଲା । ଆଦିବାସୀମାନଙ୍କୁ କେବଳ ପରାମର୍ଶ କରାଯିବ ଓ ସହମତି ପ୍ରକାଶ ନପାଇଲେ ଜିଲ୍ଲାପାଳ ଓ ଜିଲ୍ଲାପରିଷଦମାନେ ଗ୍ରାମସଭାର ନିଷ୍ପତ୍ତିକୁ ଓଲଟାଇ ଦେବେ ବୋଲି ବ୍ୟବସ୍ଥା କରାଗଲା । ଏବେ ଜଳଜଳ କରି ଦେଖାଯାଇଛି ଯେ ଓଡ଼ିଶାର ନୂତନ ଥଇଥାନ ନୀତି ଆଦିବାସୀ ଅଞ୍ଚଳରେ କେବେହେଲେ ସଫଳ ହେବ ନାହିଁ । ଆଦିବାସୀମାନେ ଯଦି ପ୍ରକୃତରେ ବିସ୍ଥାପିତ ହେବାକୁ ରାଜି ଅଛନ୍ତି ଓ କୌଣସି ପ୍ରକଳ୍ପ

Digitized by srujanika@gmail.com

ପାଇଁ ସେମାନଙ୍କର ବିରୋଧାଭାସ ନାହିଁ, ତେବେ ସେମାନଙ୍କୁ କୁହାଯିବା ଦରକାର ଯେ ସେମାନେ ବିକଳ୍ପ ଥଇଥାନ ନୀତି ପ୍ରଣୟନ କରନ୍ତୁ । ୧୯୫୦ ମସିହା ଠାରୁ ଆଜି ପର୍ଯ୍ୟନ୍ତ ଯେତେ ଲୋକ ବିସ୍ଥାପିତ ହୋଇଛନ୍ତି, ସେମାନଙ୍କ ଭିତରୁ ଯଦି କେତେକ ପ୍ରତିନିଧି ଏକାଠି ବସି ଏଇ ବିକଳ୍ପ ନୀତି ପ୍ରସ୍ତୁତ କରିପାରିବେ ତେବେ ଏହା ଯୁଗଧର୍ମୀ ହୋଇପାରିବ ବୋଲି ମୁଁ ଦୃଢ ଭାବେ କହି ଆସିଛି । ପ୍ରଥମେ ଆଦିବାସୀମାନେ କେଉଁଭଳି ବିକାଶ ଚାହିଁଛନ୍ତି ଓ କେଉଁ ବିଷୟରେ ସେମାନଙ୍କର ସମ୍ମତି ରହିଛି ତାହା ପ୍ରଥମେ ନିର୍ଦ୍ଧାରିତ ହେବା ଆବଶ୍ୟକ । ଦ୍ୱିତୀୟରେ ବିସ୍ଥାପନ ଯଦି ଅବଶ୍ୟମ୍ଭାବୀ ତେବେ, ଆଦିବାସୀ ଓ ପ୍ରଭାବିତମାନେ ଏକ ବିକଳ୍ପ ଥଇଥାନ ନୀତିର ଅବଧାରଣା କରିବା ଯୁକ୍ତିଯୁକ୍ତ ।

ଏବେ ଜାତୀୟ ସ୍ତରରେ ଏକ ବିକାଶଯୋଜନା, ସର୍ବନିମ୍ନ ବିସ୍ଥାପନ ଏବଂ ନ୍ୟାୟୋଚିତ ଥଇଥାନ ନୀତି ପ୍ରଣୟନ ପାଇଁ ବିଚାର ବିମର୍ଷ ଚାଲିଛି । ଏଥିରେ ଅନେକ ପ୍ରଶ୍ନ ଉଠିସାରିଛି । ସବୁଠାରୁ ମହତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଜମି ଅଧିଗ୍ରହଣ ଆଇନରେ ରାଜ୍ୟ ପ୍ରଶାସନର ଯେଉଁ କ୍ଷମତା ରହିଛି ଏବଂ ଏଥିପାଇଁ ସ୍ଥାନୀୟ ଆଦିବାସୀ ଗରିବଙ୍କ ଠାରୁ ମତାମତ ନେବାର ଯେ ଆବଶ୍ୟକତା ନାହିଁ, ତାହା ଭୁଲ୍ କି ଠିକ୍ ଏବେ ସୁଦ୍ଧା ନିର୍ଦ୍ଧାରିତ ହୋଇନାହିଁ । ଆଦିବାସୀ ଅଞ୍ଚଳରେ ସ୍ଥାନୀୟ ସ୍ୱାୟତ ଶାସନକୁ ଯଦି ମାନ୍ୟତା ଦିଆଯାଏ ତେବେ ସେମାନେ ସବୁ ତାଙ୍କ ଗାଁମାନଙ୍କର ସରକାର ଏବଂ ସର୍ବୋଚ୍ଚ ଭାବେ କ୍ଷମତା ସମ୍ପନ୍ନ ମଧ୍ୟ । ଜଳ, ଜମି, ଜଙ୍ଗଲ ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ଉପରେ ସେମାନଙ୍କର ଅଧିକାର ଓ ନିୟନ୍ତ୍ରଣ ରହିଛି ଏବଂ ରାଜ୍ୟ ସରକାର ବା ଅଣଆଦିବାସୀଙ୍କର ଏଥିରେ କୌଣସି କ୍ଷମତା ନାହିଁ । ଏଣୁ ତଥାକଥିତ ଚିନ୍ତାଧାରା ଯେ ରାଜ୍ୟ ହେଉଛି ସର୍ବେସର୍ବା ଯାହାକୁ ଇଂରାଜୀରେ ଏମିନେଣ୍ଟ ଡୋମେନ୍ (Eminent Domain) କୁହାଯାଏ ତାହା ଆଦିବାସୀ ଅଞ୍ଚଳରେ ପ୍ରଯୁଜ୍ୟ ନୁହେଁ । ଲୋକଙ୍କ ହିତ ପାଇଁ ଯେଉଁ ଜମିଗ୍ରହଣ କରାଯାଉଛି ତାହା ଆଦିବାସୀଙ୍କ ହିତରେ ଯିବ କି ନାହିଁ ତାହା ପରୀକ୍ଷା କରିବାର ଆବଶ୍ୟକତା ସବୁବେଳେ ରହିଛି । ଜମି ଅଧିଗ୍ରହଣ ବେଳେ ବିସ୍ଥାପନ କିପରି ସବୁଠାରୁ କମ ହେବ ତାହା ବିଭିନ୍ନ ଦିଗରୁ ବିଚାର କରିବାର ଅଛି ।

ଯେଉଁସବୁ ପ୍ରକଳ୍ପ ଗୁଡିକ ପରିବେଶ ମଞ୍ଜୁରୀ ପାଇଛନ୍ତି, ସେ ସବୁର ଏକ ସାମାଜିକ ମଞ୍ଜୁରୀ ବା ସୋସିଆଲ୍ ଇମ୍ପାକ୍ଟ ଆସେସ୍‌ମେଣ୍ଟ (Social Impact Assessment) କରିବାର ଘୋର ଆବଶ୍ୟକତା ରହିଛି ।

Digitized by srujanika@gmail.com

ସବୁଠାରୁ ମୁଖ୍ୟ ସମସ୍ୟା ହେଲା ଯେ ଯେଉଁ ପ୍ରକଳ୍ପରେ ବିସ୍ଥାପନ ହେବାର ଆଶଙ୍କା ରହିଛି ସେଠାରେ ପ୍ରଭାବିତ ଲୋକଙ୍କୁ କେବଳ ପରାମର୍ଶ କରାଯିବା ଠିକ୍ ନୁହେଁ । ସେମାନଙ୍କର ସମ୍ମତି ଓ ଆସ୍ତିସୂଚକ ବୁଝାମଣା ହାସଲ କରାଯିବା ଛଡା ଅନ୍ୟ କିଛି ଭାବିବା ଅନ୍ୟାୟ । ଗ୍ରାମସଭାରେ ଗଣତାନ୍ତ୍ରିକ ଉପାୟରେ ଏହା ଆଲୋଚିତ ହେବାର କଥା । ଗ୍ରାମସଭାର ନିଷ୍ପତ୍ତିକୁ ମାନ୍ୟତା ଦେବାରେ କାହାର କୁଣ୍ଠା ପ୍ରକାଶ କରିବା ଅନୁଚିତ । ଯଦି କିଛି ବିକାଶ ସମ୍ବନ୍ଧୀୟ ଯୋଜନା ପ୍ରଣୟନ କରାଯାଇଛି ଓ ସେଥିରେ ବିସ୍ଥାପନ ସମସ୍ୟା ରହିଛି, ତେବେ ଗ୍ରାମସଭାର ନିଷ୍ପତ୍ତି ଅପରିବର୍ତ୍ତନୀୟ ରହିବାକୁ ଆଇନଗତ ମାନ୍ୟତା ଦେବାର ଅଛି ।

ଏ ଦେଶର ସାମାଜିକ କର୍ମୀମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଛନ୍ତି । ଗୋଟାଏ ଗୋଷ୍ଠୀ ବିସ୍ଥାପନର ସମ୍ପୂର୍ଣ୍ଣ ବିରୋଧୀ । ଅନ୍ୟ ଗୋଷ୍ଠୀଟି ବିସ୍ଥାପନ ହେଲେ ବି ଉଚିତ ଥଇଥାନ ଉପରେ ଗୁରୁତ୍ୱ ଆରୋପ କରିଆସୁଛନ୍ତି । ଗୋଟାଏ ଦଳ ବିସ୍ଥାପନ ବିରୋଧରେ ସଂଗ୍ରାମ କରିଆସୁଥିଲା ବେଳେ ଆଉ ଗୋଟାଏ ଦଳ ସରକାର ଓ କର୍ପୋରେଟ୍‌ମାନଙ୍କ ସହ ହାତ ମିଳାଇ ଥଇଥାନ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି । ମୁଁ କିନ୍ତୁ ସବୁବେଳେ ଅନୁଭବ କରିଛି ଯେ ବିକାଶ କେଉଁ ଦିଗରେ ଯିବ ସ୍ଥାନୀୟ ଜନସାଧାରଣ ନିଷ୍ପତ୍ତି କରିବେ । ବନ୍ଧୁକ ମୁନରେ ବିକାଶ ଗ୍ରହଣଯୋଗ୍ୟ ନୁହେଁ । କିଛି ଲୋକଙ୍କୁ ଦଳିଚକଟି ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ମଧ୍ୟ ଗୋଟାଏ ଅବିବେକୀ ଚିନ୍ତାଧାରା ।

□□□

Digitized by srujanika@gmail.com

୨

ଅନାହାର ମୃତ୍ୟୁ : କାରଣ ଓ ପ୍ରତିକାର

କିଛିଦିନ ତଳେ ୨୦୦୭ ଡିସେମ୍ବର ମାସ ଶେଷ ସପ୍ତାହରେ ନୂଆପଡ଼ା ଜିଲ୍ଲା ଜାମପାଣି ପଞ୍ଚାୟତରେ ଏକ ଜନଶୁଣାଣୀ ଆୟୋଜିତ ହୋଇଥିଲା । ଏହାର ମୁଖ୍ୟ ବିଷୟବସ୍ତୁ ଥିଲା ଖାଦ୍ୟ ଅଧିକାର ଓ ଖାଦ୍ୟ ନିରାପତ୍ତା । ଗ୍ରାମାଞ୍ଚଳରେ ଗରିବମାନଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଠିକ୍ ଭାବେ କାମ କରୁଛି କି ନାହିଁ ତାହା ଜନସାଧାରଣ ସମୀକ୍ଷା କରିବେ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ଏହା ହିଁ ଜନଶୁଣାଣୀର ଅସଲ ଲକ୍ଷ୍ୟ ଥିଲା । ନୂଆପଡ଼ା ଜିଲ୍ଲା କଳାହାଣ୍ଡିର ଏକ ଅଂଶ ବିଶେଷ ଥିଲା କିଛି ବର୍ଷ ପୂର୍ବେ । ଅଶୀଦଶକରେ ଏ ଅଞ୍ଚଳରେ ଅନାହାର ମୃତ୍ୟୁ, ଶିଶୁବିକ୍ରି ଆଦି ଦୁଃଖଦ ଘଟଣା ଦେଶସାରା ଆଲୋଡନ ସୃଷ୍ଟି କରିଥିଲା । ଦେଶରେ ଯଥେଷ୍ଟ ଖାଦ୍ୟଶସ୍ୟ ଉତ୍ପାଦନ ହେଉଛି ଓ ବିଭିନ୍ନ ବାଟରେ ବିକଶିତ ହେଉଛି, ଅଥଚ ଅନାହାର ମୃତ୍ୟୁ ଲାଗିରହିଛି ଏହା ସମସ୍ତଙ୍କୁ ଅବାକ୍ କରି ଦେଇଥିଲା । ଖୋଦ୍ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ଏ ଅଞ୍ଚଳକୁ ଗସ୍ତ କରିଥିଲେ । ବିଭିନ୍ନ ପ୍ରକାର ତଦନ୍ତ କମିଶନ ମଧ୍ୟ ବସିଥିଲା । ଖାଦ୍ୟ ନିରାପତ୍ତାକୁ ନେଇ ପ୍ରଚଳିତ ଥିବା ବିଭିନ୍ନ ଯୋଜନା ଓ ନୀତି ସବୁ ସମୀକ୍ଷା କରାଯାଇଥିଲା । ମରୁଡି ପ୍ରପୀଡିତ ଅଞ୍ଚଳରେ ଯଥେଷ୍ଟ ଖାଦ୍ୟଶସ୍ୟ ଉତ୍ପାଦନ ହେଉନାହିଁ ବୋଲି ଅଭିଯୋଗ କରାଯାଇଥିଲା । ଜଳସେଚନ ଏବଂ ଜଳସଂରକ୍ଷଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଜୀବନଜୀବିକା, କର୍ମନିଯୁକ୍ତି, ସାମାଜିକ ସୁରକ୍ଷା ଆଦି ବିଷୟକୁ ନେଇ ସବୁ କାର୍ଯ୍ୟକ୍ରମର ନୂତନ ଆଭିମୁଖ୍ୟ ପରିକଳ୍ପନା କରାଯାଇଥିଲା । ଅନେକ ନୂତନ କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପ ମଧ୍ୟ ହାତକୁ ନିଆଯାଇଥିଲା । ଖାଲି ଓଡିଶାର କଳାହାଣ୍ଡି ନୁହେଁ, ଦେଶର ବିଭିନ୍ନ ଅଞ୍ଚଳରେ ଅନାହାର ମୃତ୍ୟୁ ଲାଗି ରହିଥିଲା । ଏଥିରେ ମହାରାଷ୍ଟ୍ର, ରାଜସ୍ଥାନ, ମଧ୍ୟପ୍ରଦେଶ ଆଦି ଅନ୍ୟପ୍ରଦେଶ ସବୁ ଅନ୍ତର୍ଭୁକ୍ତ ଥିଲା । କିନ୍ତୁ ୨୦୦୧ ମସିହା ସବୁଠାରୁ ଦୁର୍ଭାଗ୍ୟଜନକ ବର୍ଷ ଥିଲା । କାରଣ ସେ ବର୍ଷ ଅନାହାର ମୃତ୍ୟୁ ଦେଶସାରା ସୀମା ଟପିଥିଲା । କିନ୍ତୁ ସବୁଠାରୁ

Digitized by srujanika@gmail.com

ଆଶ୍ଚର୍ଯ୍ୟର କଥା ଥିଲା ଯେ ଏଭଳି ଅନାହାର ମୃତ୍ୟୁ ଲାଗି ରହିଥିଲା ବେଳେ, ଦେଶର ଗୋଦାମ ଘର ଏବଂ ଭାରତୀୟ ଖାଦ୍ୟ ନିଗମ ବା ଏଫ୍.ସି.ଆଇ.ର ଭଣ୍ଡାରମାନଙ୍କରେ ୬କୋଟି ଟନ୍ ଖାଦ୍ୟଶସ୍ୟ ମହଜୁଦ୍ ଥିଲା । ସାରାପୃଥିବୀରେ ଭାରତର ସମ୍ମାନରେ ବହୁତ ଆଞ୍ଚ ଆସିଥିଲା । ଏଇଭଳି ଅବ୍ୟବସ୍ଥା ପାଇଁ ସେ ସମୟରେ ଶାସନଗାଦିରେ ଥିବା ବାଜପେୟୀ ସରକାର ଖୁବ୍ ନିନ୍ଦିତ ହୋଇଥିଲେ । ରାଜନୈତିକ ନେତାମାନଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ଗବେଷକ, ପ୍ରଶାସକ, ସାମାଜିକ ନାଗରିକ ସମାଜ ଓ ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନ ଉଠିଥିଲା । ଭାରତରେ ଅନାହାର ମୃତ୍ୟୁ ଯେ ମାନବାଧିକାରର ସମ୍ପୂର୍ଣ୍ଣ ଉଲଘଂନ, ଏହା ଜାତିସଂଘର ମାନବାଧିକାର କମିଶନଙ୍କ ଚର୍ଚ୍ଚାର ପରିସର ଭିତରକୁ ଆସିଥିଲା । ଖାଦ୍ୟାଭାବ, ପୁଷ୍ଟିହୀନତା, ଅନାହାର ମୃତ୍ୟୁ ଉପରେ ଜାତିସଂଘର ବିଶେଷ ପ୍ରତିନିଧି ପ୍ରତିକୂଳ ମନ୍ତବ୍ୟ ଦେଇଥିଲେ ।

ସରକାର ସମ୍ଭବତଃ ଉଦାସୀନ ଥିଲେ । ମୋତେ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ସୂଚନା ମିଳିଥିଲା ଯେ କାଶୀପୁରର ଅନାହାର ମୃତ୍ୟୁ କାରଣ ଖୋଦ୍ ପ୍ରଧାନମନ୍ତ୍ରୀ ଲୋକମାନଙ୍କଠାରୁ ଜାଣିବାକୁ ଚାହୁଁଛନ୍ତି । ଶ୍ରୀମତୀ ସୁମନୀ ଝୋଡିଆଙ୍କ ଭଳି ଆଦିବାସୀ ନେତ୍ରୀଙ୍କ ସମେତ କେତେ ଜଣ ଆଦିବାସୀ ମହିଳା ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସମସ୍ୟାର ଅସଲ କାରଣ ଜଣାଇଥିଲେ । ପିପୁଲସ୍ ୟୁନିଅନ୍ ଫର ସିଭିଲ୍ ଲିବର୍ଟିଜ୍ ବା ପି.ୟୁ.ସି.ଏଲ୍ ୨୦୦୧ ମସିହାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଖାଦ୍ୟ ନିରାପତ୍ତା ପାଇଁ ଏବଂ ଅନାହାର ମୃତ୍ୟୁ ରୋକିବା ପାଇଁ କେଉଁ କେଉଁ ସବୁ ପଦକ୍ଷେପ ନିଆଯାଇଛି ତାହା ଜାଣିବାକୁ ସୁପ୍ରିମ୍ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସବୁକଥା ବିଚାରକୁ ନେଇ ସୁପ୍ରିମ୍ କୋର୍ଟ ଯେଉଁ କେତୋଟି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ ସେଗୁଡିକର ଆଲୋଚନା କରିବା ନିତାନ୍ତ ଆବଶ୍ୟକ । କୋର୍ଟ ନିମ୍ନଲିଖିତ ଆଦେଶ ଦେଇଥିଲେ:

କ) ୨୦୦୨ ମସିହା ଜାନୁଆରୀ ମାସ ସୁଦ୍ଧା ଲକ୍ଷ୍ୟ ଭିତ୍ତିକ ସାଧାରଣ ବଣ୍ଟନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରାଯିବ ।

ଖ) ଦାରିଦ୍ର୍ୟର ସୀମାରେଖା ତଳେ ଥିବା ପରିବାରକୁ ଦେଶସାରା ସମ୍ପୂର୍ଣ୍ଣ ଚିହ୍ନଟ କରାଯିବ ।

ଗ) ବି.ପି.ଏଲ୍. ପରିବାରକୁ ମାସକୁ ୨୫କେ.ଜି. ଚାଉଳ/ଗହମ ଯୋଗାଇ ଦିଆଯିବ ।

Digitized by srujanika@gmail.com

ଘ) ସବୁଠାରୁ ଦରିଦ୍ର ପରିବାରମାନଙ୍କୁ କେ.ଜି. ପିଛା ଦୁଇଟଙ୍କା ଦରରେ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ ଜରିଆରେ ୨୫କେ.ଜି. ଚାଉଳ / ଗହମ ଯୋଗାଇ ଦିଆଯିବ ।

ଙ) ଯେଉଁ ଦରିଦ୍ରତମ ପରିବାରମାନେ ଚାଉଳ/ଗହମ କିଣିବାକୁ ଅକ୍ଷମ, ସେମାନଙ୍କୁ ୧୦କେ.ଜି ଖାଦ୍ୟଶସ୍ୟ ମାଗଣାରେ ଅନ୍ନପୂର୍ଣ୍ଣା ଯୋଜନାରେ ଯୋଗାଇ ଦିଆଯିବ ।

ଚ) ପ୍ରତ୍ୟେକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରନ୍ଧା ଯାଇଥିବା ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯିବ ।

ଛ) ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଯୋଜନା ଅନୁସାରେ ଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ଟଙ୍କା ପ୍ରତିମାସ ୭ତାରିଖ ସୁଦ୍ଧା ଯୋଗାଇ ଦିଆଯିବ ।

ଜ) ସମନ୍ୱିତ ଶିଶୁବିକାଶ କାର୍ଯ୍ୟକ୍ରମ ବା ଆଇ.ସି.ଡି.ଏସ୍ ଯୋଜନାରେ ଗ୍ରାମାଞ୍ଚଳରେ ସମସ୍ତ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରାଯିବ ।

ଝ) ଜାତୀୟ ମାତୃମଙ୍ଗଳ ଓ ପରିବାର ମଙ୍ଗଳ ଯୋଜନାକୁ ପୂରାପୂରି କାର୍ଯ୍ୟକାରୀ କରାଯିବ ।

ଣ) ଶ୍ରୀ ଏସ୍.ଆର. ଶଙ୍କରନ୍ ଓ ଡକ୍ଟର ଏନ୍.ସି. ସାକ୍ସେନାଙ୍କୁ ସୁପ୍ରିମ କୋର୍ଟ କମିଶନର ଭାବେ ନିଯୁକ୍ତି ଦିଆଯିବ ଓ ସେମାନେ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ।

ତ) ଦାରିଦ୍ର୍ୟର ସୀମାରେଖା ତଳେ ରହୁଥିବା ପରିବାରମାନଙ୍କୁ ଚିହ୍ନଟ କରାଯିବା ପାଇଁ ଉପଯୁକ୍ତ ନିୟମାବଳୀ ପ୍ରସ୍ତୁତ କରାଯିବ ।

ଥ) ସାଧାରଣ ବଣ୍ଟନ ବ୍ୟବସ୍ଥା ଚଳାଉଥିବା ଦୋକାନ ଗୁଡିକ ମାସ ସାରା ଖୋଲା ରହିବ ।

ଏହି ପରିପ୍ରେକ୍ଷୀରେ ବିଭିନ୍ନ ସମୟରେ ସୁପ୍ରିମ କୋର୍ଟର କମିଶନର ଓ ତାଙ୍କର ପରାମର୍ଶଦାତାମାନେ ଓଡ଼ିଶା ସମେତ ବିଭିନ୍ନ ପ୍ରଦେଶ ଗସ୍ତ କରି ଖାଦ୍ୟ ନିରାପତ୍ତା ଜନିତ ସମସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି ଓ ସୁପ୍ରିମ କୋର୍ଟକୁ ରିପୋର୍ଟ ଦାଖଲ କରିବା ସହ ବିଭିନ୍ନ ମତାମତ ଦେଉଛନ୍ତି । ବେଳେବେଳେ ସୁପ୍ରିମ କୋର୍ଟ ମଧ୍ୟ ବିଭିନ୍ନ ରାଜ୍ୟର ମୁଖ୍ୟସଚିବମାନଙ୍କୁ ନୋଟିସ୍ ଜାରି କରୁଛନ୍ତି ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ବିଭିନ୍ନ ଯୋଜନାର ସ୍ଥିତି ଓ ପ୍ରଗତି ସମ୍ପର୍କରେ ଆବଶ୍ୟକ ସୂଚନା

Digitized by srujanika@gmail.com

ଦେବା ପାଇଁ । ସମ୍ବାଦପତ୍ରମାନଙ୍କରେ ଏଇସବୁ ସମସ୍ୟାଗୁଡିକର ବ୍ୟବସ୍ଥା ଓ ଅବ୍ୟବସ୍ଥା ସବୁ ପ୍ରକାଶିତ ହେଉଛି । ମୋଟାମୋଟି କହିବାକୁ ଗଲେ ଏ ଦେଶର ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ ଆଶାଜନକ ଭାବେ ସଫଳ ହୋଇ ପାରୁନାହିଁ । ଅର୍ଥାତ୍ ଅନାହାର ମୃତ୍ୟୁର କଳାବାଦଲ ଏପର୍ଯ୍ୟନ୍ତ ହଟିନାହିଁ ।

୨୦୦୧ ମସିହା ଓଡ଼ିଶା ପାଇଁ ଏକ କଳାବର୍ଷ ଥିଲା । ସେ ବର୍ଷ ଅନାହାର ମୃତ୍ୟୁ ହୋଇଥିବା ବ୍ଲକମାନଙ୍କ ଭିତରେ ଥିଲା ରାୟଗଡ଼ା ଜିଲ୍ଲାର କାଶୀପୁର, କଳାହାଣ୍ଡି ଜିଲ୍ଲାର ଥୁଆମୁଳ-ରାମପୁର, ଗଜପତି ଜିଲ୍ଲାର ମୋହନା, ମାଲ୍କାନଗିରି ଜିଲ୍ଲାର କୁଡୁମୁଲୁଗୁମ୍ମା । ଏକଥା ସତ ଯେ ଗଣମାଧ୍ୟମରେ କେତେ କେତେ କଥା ଲୋକଲୋଚନକୁ ଆସୁଥିଲା । କିନ୍ତୁ ମୋଟାମୋଟି ସବୁ ଆଦିବାସୀ ଗାଁମାନଙ୍କରେ ଖାଦ୍ୟ ନିରାପତ୍ତା କେମିତି ବିପନ୍ନ ହୋଇଛି ସ୍ପଷ୍ଟ ଜଣାପଡୁଥିଲା । ଏସବୁକୁ ଆଖିରେ ରଖି "ଅଗ୍ରଗାମୀ" ଏକ ଅଧ୍ୟୟନ କରିବାକୁ ନିଷ୍ପତ୍ତି ନେଇଥିଲା । ଯେଉଁସବୁ ଗାଁମାନଙ୍କୁ ଏ ଅଧ୍ୟୟନରେ ଅନ୍ତର୍ଭୁକ୍ତ କରାଯାଇଥିଲା ସେଗୁଡ଼ିକ ହେଲା- ଗଜପତି ଜିଲ୍ଲାର ରାୟଗଡ଼ା ବ୍ଲକ୍‌ର କରଡାସିଂ, ଲାଇଲାଇ, ଗୁମା ବ୍ଲକ୍‌ର ତରଙ୍ଗଡ଼ା, ତାମୋସିଂ ଏବଂ ମୋହନା ବ୍ଲକ୍‌ର ଡୋମାଡୁଆ, କୋଲାବା, ଜିରାଙ୍ଗ, ମାଲ୍କାନଗିରିର କୁଡୁମୁଲୁଗୁମ୍ମାର ସୋମନାଥପୁର ପଞ୍ଚାୟତର ରଙ୍ଗଣିଗୁଡା ଏବଂ ବଡ଼ପଦର ପଞ୍ଚାୟତର ମେଟାଗୁଡା ଏବଂ ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ୍‌ର ଗୋଡିବାଲି ପଞ୍ଚାୟତର ପୁଷଘାଟି ଏବଂ ମୁନୁଷ୍ଗାଁ ପଞ୍ଚାୟତର କୁକୁଡାଗାଡ । ଅଧ୍ୟୟନରେ ସାମାଜିକ ମାନଚିତ୍ର ଏବଂ ପ୍ରାକୃତିକ ସମ୍ବଳର ନକ୍‌ସା ତିଆରି କରିବା ସହ ଗାଁର ଭିତ୍ତିଭୂମି, ବଜାର ବ୍ୟବସ୍ଥା ଆଦି ସାମିଲ୍ କରାଯାଇଥିଲା । ଗାଁରେ କେଉଁ ସରକାରୀ ବିଭାଗ କେଉଁଭଳି ସୁବିଧା ଯୋଗାଉଛନ୍ତି ଓ ଏଥିରେ କେତେମାତ୍ରାରେ ଜନସହଭାଗିତା ଅଛି ତାହାର ମୂଲ୍ୟାୟନ କରାଯାଇଥିଲା । ଏହା ବ୍ୟତୀତ ଯଦି ଗାଁରେ କୌଣସି ସ୍ୱେଚ୍ଛାସେବୀ ସଂଗଠନ କାର୍ଯ୍ୟରତ ଅଛି ତାହାର ସାମାଜିକ ଓ ଆର୍ଥିକ ବିକାଶରେ କେଉଁ ଭୂମିକା ଅଛି ତାହା ମଧ୍ୟ ବିଚାରକୁ ନିଆଯାଇଥିଲା ।

ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତାମାନେ ଗ୍ରାମ୍ୟବିକାଶ କ୍ଷେତ୍ରରେ କେଉଁଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଉଛନ୍ତି ତାହା ମଧ୍ୟ ଅଧ୍ୟୟନର ପରିଧି ଭିତରେ ଅନ୍ତର୍ଭୁକ୍ତ ହୋଇଥିଲା ।

ବାସ୍ତବକ୍ଷେତ୍ରରେ ଦେଖାଯାଇଛି ଯେ କେତେକ ଗ୍ରାମ ଓ ପଞ୍ଚାୟତରେ ସବୁ ଯୋଜନା ଓ ସେଗୁଡିକର ରୂପାୟନ ଠିକ୍ ଭାବେ ଚାଲିଛି । ଅର୍ଥାତ୍ ଶିକ୍ଷା, ସ୍ୱାସ୍ଥ୍ୟ,

Digitized by srujanika@gmail.com

ପାନୀୟ ଜଳ, ପରିମଳ, ପରିବେଶ ସୁରକ୍ଷା ଆଦି ସେବା ଗୁଡିକ ଠିକ୍ ଭାବେ ଗ୍ରାମବାସୀଙ୍କୁ ମିଳୁଛି । ଅନ୍ୟ ଅର୍ଥରେ ଗାଁରେ ଶିକ୍ଷକ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ଗ୍ରାମସେବକ ଆଦି ରହୁଛନ୍ତି କି ନାହିଁ ତାହା ଉପରେ ଗାଁର ସାମାଜିକ ନିରାପତ୍ତା ନିର୍ଭର କରୁଛି । ଯେଉଁଠି ଗ୍ରାମବାସୀ ସଚେତନ ନାହାନ୍ତି, ସେଠାରେ ସରକାରୀ କର୍ମଚାରୀମାନେ ସେମାନଙ୍କ ଦାୟିତ୍ୱ ନିର୍ବାହ ପ୍ରାୟ କରୁନାହାନ୍ତି । ଏବେ କ୍ଷମତାର ବିକେନ୍ଦ୍ରୀକରଣ ପ୍ରକ୍ରିୟାରେ ପଞ୍ଚାୟତର ଅନେକ ଦାୟିତ୍ୱ ବଢି ଯାଇଛି । କିନ୍ତୁ ପଞ୍ଚାୟତ ଏ ଦାୟିତ୍ୱ ବହନ କରିବା କଥା । ସମ୍ବିଧାନରେ ଉଲ୍ଲେଖ କରାଯାଇଛି ଯେ ୨୯ଟି ବିଭାଗର ଦାୟିତ୍ୱ ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଛି । କିନ୍ତୁ ଅସଲକ୍ଷେତ୍ରରେ ଏଇ ବିକେନ୍ଦ୍ରୀକରଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାରମାନେ ଯଥେଷ୍ଟ ଆଗ୍ରହ ଦେଖାଇ ପାରୁନାହାନ୍ତି । ଦେଖାଯାଇଛି ଯେ ପଞ୍ଚାୟତମାନେ ସବୁବେଳେ ଦୁର୍ବଳ ସ୍ଥିତିରେ ରହୁଛନ୍ତି । ପଞ୍ଚାୟତରେ ରାଜନୀତି ଦୃଢ଼ ଭାବରେ ବିରାଜମାନ କରୁଛି, କିନ୍ତୁ ବିକାଶ ପ୍ରକ୍ରିୟା ଶିଥିଳ ହେବାରେ ଲାଗିଛି । ପଞ୍ଚାୟତ ସ୍ତରୀୟ ନେତୃତ୍ୱ ମଧ ଲକ୍ଷ୍ୟଭ୍ରଷ୍ଟ ହୋଇଥିବାର ଅନୁଭବ କରାଯାଉଛି । ଗାଁ ହେଉ କି ପଞ୍ଚାୟତ ହେଉ, ଖାଦ୍ୟ ନିରାପତ୍ତା ହାସଲ କରିବା ପାଇଁ ଅଣୁଯୋଜନା ପ୍ରଣୟନ କରାଯାଉ ନାହିଁ । କେଉଁମାନେ ଅନାହାରରେ ରହୁଛନ୍ତି, ସେମାନଙ୍କୁ ଠିକ୍ ଭାବେ ଚିହ୍ନଟ ହେଉନାହିଁ । ସେମାନଙ୍କର ଯାହା ପାଇବାର ଅଧିକାର ଅଛି ତାହା ମଧ ସବୁଲୋକ ଜାଣିପାରୁ ନାହାନ୍ତି । ଗାଁ ମାନଙ୍କରେ ଶ୍ରମଜୀବୀମାନେ ବହୁ ସଂଖ୍ୟାରେ ରହୁଛନ୍ତି ଯେଉଁମାନଙ୍କର ଜମି ନାହିଁ ବା ପ୍ରାକୃତିକ ସମ୍ବଳ ବିନିଯୋଗ କରିବାର ସୁଯୋଗ ନାହିଁ । ସେମାନଙ୍କର ବିକାଶ ପାଇଁ ଧାନ ଦିଆଯାଇଛି କି ନାହିଁ ତାହା ଅନାହାର ମୃତ୍ୟୁ ନ ହେବା ଦିଗରେ ସହାୟକ ହେବ ।

ଗାଁରେ ଅନାହାର ମୃତ୍ୟୁ ରୋକିବା ପାଇଁ ଏକ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ଏଇ ରାଜନୈତିକ ଇଚ୍ଛାଶକ୍ତି ସହ ସ୍ଥାନୀୟ ଅନୁଷ୍ଠାନମାନଙ୍କର ସମ୍ପର୍କ ଦୃଢ଼ ହେବା ଦ୍ୱାରା ଅନେକ କିଛି ସମ୍ଭବ ହୋଇପାରିବ । ଯେଉଁ ଗାଁମାନଙ୍କରେ ଅନାହାର ମୃତ୍ୟୁ ଏବଂ ଖାଦ୍ୟାଭାବ ଦେଖାଦେଇଛି, ସେଠାରେ ପାରସ୍ପରିକ ସମନ୍ୱୟ ଓ ସହଯୋଗ ମୂଳତଃ ଅଭାବ ରହିଛି ବୋଲି ପରିଲକ୍ଷିତ ହେଉଛି । ଗାଁରେ ଗ୍ରାମବାସୀ, ପଞ୍ଚାୟତ, ସରକାରୀ କଳ ଓ ସ୍ୱେଚ୍ଛାସେବୀ ସଂଗଠନଙ୍କ ସମନ୍ୱୟ ଅପରିହାର୍ଯ୍ୟ । ଏହା ମଧ ବାସ୍ତବକ୍ଷେତ୍ରରେ ପ୍ରୟୋଗ କରାଯାଇ ଅଭୂତପୂର୍ବ ସଫଳତା ହାସଲ

Digitized by srujanika@gmail.com

କରାଯାଇଛି । ଯେଉଁ ଗାଁ ଗୁଡିକରେ ଅନାହାର ମୃତ୍ୟୁ ହେଉଛି ବା ଅନାହାର ମୃତ୍ୟୁ ହେବାର ଆଶଙ୍କା ରହିଛି ସେଠାରେ ସାମାଜିକ ସମୀକ୍ଷା ହେବାର ଆବଶ୍ୟକତା ରହିଛି । ବି.ପି.ଏଲ୍ କାର୍ଡ ଅନ୍ତ୍ୟୋଦୟ ଯୋଜନା, ଅନ୍ନପୂର୍ଣ୍ଣା ଯୋଜନା, ଅଙ୍ଗନବାଡି, ମଧ୍ୟାହ୍ନ ଭୋଜନ, ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ଭତ୍ତା, ସମ୍ପୂର୍ଣ୍ଣ ରୋଜଗାର ଯୋଜନା ଆଦି ଲୋକମାନଙ୍କୁ ମିଳୁଛି କି ନାହିଁ ତାହା ଜାଣିବାକୁ ହେଲେ ସାମାଜିକ ସମୀକ୍ଷା ବା ଜନଶୁଣାଣି କରିବାର ଆବଶ୍ୟକତା ରହିଛି । ନାଗରିକ ସମାଜର ଦାୟିତ୍ୱ ହେଉଛି ଏହି ସାମାଜିକ ସମୀକ୍ଷା ବା ଜନଶୁଣାଣି ଆୟୋଜନ କରିବା ଏବଂ ସୁପ୍ରିମ କୋର୍ଟର ରାୟ କାର୍ଯ୍ୟକାରୀ ହେଉଛି କି ନାହିଁ ତଦାରଖ କରିବା ।

ନୂଆପଡ଼ା ଜିଲ୍ଲାର ଜାମପାଣି ପଞ୍ଚାୟତରେ ଖାଦ୍ୟ ଅଧିକାର ଉପରେ ଯେଉଁ ଜନଶୁଣାଣି ଆୟୋଜିତ ହୋଇଥିଲା, ତାହାର ଉଦ୍ଦେଶ୍ୟ ଥିଲା ଯେ ଉପରୋକ୍ତ ଯୋଜନା ଗୁଡିକ ଲୋକମାନଙ୍କ ପାଖରେ ପହଞ୍ଚୁଛି କି ନାହିଁ । ଜନଶୁଣାଣିରେ ପଞ୍ଚାୟତର କର୍ମକର୍ତ୍ତା, ପ୍ରଶାସନର ପଦାଧିକାରୀମାନେ ଏବଂ ଜନପ୍ରତିନିଧିମାନଙ୍କ ଉପସ୍ଥିତି ଆଶା କରାଯାଇଥିଲା । ଅନ୍ୟପକ୍ଷରେ ଗାଁରେ ଉତ୍ପାଦନ ବୃଦ୍ଧି ଓ କର୍ମନିୟୋଜନ ମଧ୍ୟ ଆଲୋଚନ ହୋଇଥିଲା । ତାହା ପାଇଁ ଗାଁରେ ଅଣୁଯୋଜନା ବା ମାଇକ୍ରୋ-ପ୍ଲାନ କେତେଯେ ଯଥାର୍ଥ ତାହା ତୃଣମୂଳ ସ୍ତରରେ ଅନୁଭବ କରାଯାଇଥିଲା । ସ୍ପଷ୍ଟ ଜଣାପଡିଥିଲା ଯେ ଆବଶ୍ୟକ ହେଉଛି ଗୋଟିଏ ପାର୍ଶ୍ୱରେ ଜନଶୁଣାଣି ଓ ଅନ୍ୟପାର୍ଶ୍ୱରେ ବ୍ୟାପକ ଖାଦ୍ୟ ଉତ୍ପାଦନ । ଉଭୟଙ୍କ ସମନ୍ୱୟରେ ଅନାହାର ମୃତ୍ୟୁ ରୋକାଯାଇ ପାରିବ ବୋଲି ମୁଁ ବିଶ୍ୱାସ କରୁଛି ।

□□□

Digitized by srujanika@gmail.com

୩

ଚାଷୀ ଆତ୍ମହତ୍ୟା (୧)

କିଛିଦିନ ତଳେ ଓଡ଼ିଶାର ବଲାଙ୍ଗୀର ଜିଲ୍ଲାରେ ଜଣେ ଚାଷୀ ଆତ୍ମହତ୍ୟା କରିବା ଖବର ସାରା ଓଡ଼ିଶାରେ ଚହଳ ପକାଇଥିଲା । ଚାଷୀ ଜଣକ କାହିଁକି ମରିଲେ ଓ କିପରି ମରିଲେ, ତାହା ଉପରେ ଅନେକ ଆଲୋଚନା ହେଲା ଓ ବିଭିନ୍ନ ସ୍ତରରେ ସ୍ପଷ୍ଟୀକରଣ ଦିଆଯାଇଥିଲା । ଚାଷୀଟି ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା କରିଲେ କି ପାରିବାରିକ କାରଣ ହେତୁ ମରିବା ଶ୍ରେୟସ୍କର ବୋଲି ମନେ କରିଲେ, ତାହା ପ୍ରଶ୍ନବାଚକ ଚିହ୍ନରେ ରହିଗଲା । ଏ ମାସରେ ଯାଜପୁର ଜିଲ୍ଲାରେ ପୁଣି ଯେବେ ଆଉ ଜଣେ ଚାଷୀ ଆତ୍ମହତ୍ୟା କରିଲେ, ତାହା ପୁଣି ଆଲୋଡ଼ନ ସୃଷ୍ଟି କରିଲା । ଆନ୍ଧ୍ର, କେରଳ, ମହାରାଷ୍ଟ୍ର, ତାମିଲ୍‌ନାଡୁ, କର୍ଣ୍ଣାଟକ ଆଦି ପ୍ରଦେଶରେ ଚାଷୀଙ୍କ ଆତ୍ମହତ୍ୟାର ଅନେକ ସମ୍ବାଦ ଗତ ପାଞ୍ଚ ସାତ ବର୍ଷ ଧରି ପ୍ରକାଶିତ ହୋଇ ଆସୁଛି । ସରକାର, ସ୍ୱେଚ୍ଛାସେବୀ ସଂଗଠନ, କୃଷକ ସଂଗଠନ ଆଦି ଅନେକ କିଛି ପଦକ୍ଷେପ ନେଇଛନ୍ତି ସତ, ତାହା କିନ୍ତୁ ଯଥେଷ୍ଟ ନୁହେଁ । ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରଭାବିତ ଅଞ୍ଚଳକୁ ଯାଇ କୃଷି ଓ କୃଷକଙ୍କ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆଭାସ ମଧ୍ୟ ଦେଇଛନ୍ତି । ଲାଲ୍‌କିଲ୍ଲାରେ ଅଗଷ୍ଟ ପନ୍ଦର ଦିନ କୃଷକମାନଙ୍କର ବିକାଶ ପାଇଁ କେତୋଟି ଆଖିଦୃଷ୍ଟିଆ ପଦକ୍ଷେପ ନେଇଛନ୍ତି । କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ପାଣି ବୋଲି ମନେ ହେଉଛି । ଏ ଦେଶରେ କୃଷକମାନେ କ୍ରମାଗତଭାବେ ଆତ୍ମହତ୍ୟା କରିଆସୁଛନ୍ତି ସତ ତାହାର ଅସଲ ସଂଖ୍ୟା ମିଳିବା ସହଜ କଥା ନୁହେଁ । କିନ୍ତୁ ଜାତୀୟ ଅପରାଧ ସଂଗ୍ରାହକ ବ୍ୟୁରୋ ନ୍ୟାସ୍‌ନାଲ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ ତଥ୍ୟ ଅନୁସାରେ ଗତ ଦଶ ବର୍ଷରେ (୧୯୯୭-୨୦୦୭), ୧,୬୬,୩୦୪ (ଏକ ଲକ୍ଷ ଛଷଠି ହଜାର ତିନି ଶହ ଚାରି) ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି । କହିବାକୁ ଗଲେ ଭାରତରେ ପ୍ରତ୍ୟେକ ୩୦ ମିନିଟ୍‌ରେ ଜଣେ ଚାଷୀ ଆତ୍ମହତ୍ୟା କରୁଛନ୍ତି । ଏହା ଏ ଦେଶ ପାଇଁ ସବୁଠୁ ଲଜ୍ୟାର ବିଷୟ ହୋଇଛି । ଚାଷୀମାନେ କାହିଁକି ଆତ୍ମହତ୍ୟା କରୁଛନ୍ତି, ତାହା ଉପରେ

Digitized by srujanika@gmail.com

ବିଭିନ୍ନ ପ୍ରକାର ଗବେଷଣା ଚାଲିଛି, ବିଭିନ୍ନ ରିପୋର୍ଟମାନ ମଧ୍ୟ ପ୍ରକାଶ ପାଉଛି । ଯେଉଁମାନେ ଗୁରୁତ୍ୱର ସହ ଗବେଷଣା କରିଛନ୍ତି ସେମାନେ ହେଲେ ଆନ୍ଧ୍ରର ଅବସରପ୍ରାପ୍ତ ସରକାରୀ ଅଫିସର ଶ୍ରୀଯୁକ୍ତ କେ.ଆର୍. ଭେନୁଗୋପାଳ । ମାନବାଧିକାର କମିଶନର ସେ ସ୍ୱତନ୍ତ୍ର ପ୍ରତିନିଧି ହିସାବରେ ଆନ୍ଧ୍ର ପ୍ରଦେଶରେ ଯେତେ କୃଷକ ଆତ୍ମହତ୍ୟା ହୋଇଛି ତାହା ଉପରେ ବ୍ୟକ୍ତିଗତଭାବେ ଅନୁସନ୍ଧାନ କରିଛନ୍ତି । ବିଶିଷ୍ଟ ସାମ୍ବାଦିକ ତଥା ମ୍ୟାଗସାସୀ ପୁରସ୍କାର ପ୍ରାପ୍ତ ଶ୍ରୀଯୁକ୍ତ ପି.ସାଇନାଥ୍ ମଧ୍ୟ ଆନ୍ଧ୍ର ପ୍ରଦେଶ ଏବଂ ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳରେ କ୍ରମାଗତ ଭାବେ ଲାଗି ରହିଥିବା ଆତ୍ମହତ୍ୟା ଗୁଡିକର ବିସ୍ତୃତ ଆଲୋଚନା କରିଛନ୍ତି । ମୁମ୍ବାଇ 'ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍' ମଧ୍ୟ ମହାରାଷ୍ଟ୍ରରେ କୃଷକ ଆତ୍ମହତ୍ୟା ଉପରେ ବିସ୍ତୃତ ଗବେଷଣା ଜାରି ରଖିଛି । ଆତ୍ମହତ୍ୟା କରୁଥିବା ଲୋକଙ୍କ ବିଷୟରେ ଜାଣିବାକୁ ହେଲେ କାହିଁକି ଆତ୍ମହତ୍ୟା କରୁଛନ୍ତି ଜାଣିବା ନିତାନ୍ତ ଆବଶ୍ୟକ । ଏଥିପାଇଁ ସର୍ବପ୍ରଥମେ ଗୋଟିଏ ସର୍ଭେ କରିବାକୁ ହେବ । ଏଥିରେ ଚାଷୀର ପରିବାର, ଶିକ୍ଷାଗତ ଯୋଗ୍ୟତା, ତାର କୃଷିର ଇତିହାସ, କୃଷି ପଦ୍ଧତି ଓ ଉତ୍ପାଦନ ପ୍ରକ୍ରିୟା, ଜମିଜମା, ଋଣ ନେବାଆଣିବା, ଋଣ ନେବାର କାରଣ, ଚାଷୀର ମାନସିକ ସ୍ଥିତି ଓ ଭାରସାମ୍ୟତା, ପାରିବାରିକ ବୋଝ, ନିଶାଦ୍ରବ୍ୟ ସେବନ ଆଦି ବିଷୟରେ ଯଥେଷ୍ଟ ତଥ୍ୟ ସଂଗ୍ରହ କରିବାକୁ ହେବ । ଆତ୍ମହତ୍ୟାର କାରଣ ମୋଟାମୋଟି ହେଉଛି ଯେ ଚାଷୀଟି ଋଣଗ୍ରସ୍ତ ହୋଇ ପଡୁଛି । ଯେଉଁଭଳି ଚାଷ କରୁଛି, ସେଥିରେ ବିହନ, ସାର ଓ କୀଟନାଶକ ଔଷଧର ବିଶେଷ ଆବଶ୍ୟକତା ରହୁଛି । ଏଗୁଡିକର କ୍ରମାଗତ ଭାବେ ମୂଲ୍ୟ ବୃଦ୍ଧି ହେଉଛି । କପାଚାଷରେ ଏଇ ଉପାଦାନଗୁଡିକର ଦର ଖୁବ୍ ବେଶି । ଏହା ସହିତ ଯଦି ଜଳସେଚନର ସମସ୍ୟା ରହି ଫସଲହାନୀ ହୁଏ ତେବେ ଚାଷୀଟି ଋଣ ଫେରାଇବାକୁ ସମର୍ଥ ହୁଏନାହିଁ । ଋଣଭାର ବଢ଼ିବାରେ ଲାଗେ । ଗ୍ଲାନି ଓ ଲୋକନିନ୍ଦାରୁ ବଞ୍ଚିବା ପାଇଁ ସେ ଆତ୍ମହତ୍ୟା କରିବା ଏକମାତ୍ର ବାଟ ବୋଲି ଭାବିନିଏ । ଏବେ ଆମେ ବିଭିନ୍ନ ପ୍ରଦେଶରେ ଚାଷୀ ଆତ୍ମହତ୍ୟାର କାରଣ ଖୋଜିବା ।

ପ୍ରଥମେ ଆନ୍ଧ୍ର ପ୍ରଦେଶକୁ ନିଆଯାଉ । ଏଠାକାର ଚାଷୀ ମୁଖ୍ୟତଃ ଧାନ, ଆଖୁ ଓ କପା ଚାଷ କରିଆସୁଛି । ପ୍ରତ୍ୟେକ ଚାଷରେ ଆବଶ୍ୟକ ହେଉଛି ଉନ୍ନତ ବିହନ, ରାସାୟନିକ ସାର, କୀଟନାଶକ ଔଷଧ । ଯଦି ବି ଫସଲ ଭଲ ହେଲା, ତେବେ ଧାନ, ଆଖୁ ଓ କପାର ସର୍ବନିମ୍ନ ଦର ଏତେ କମ୍ ଅଛି ଯେ ସେ ଆଣିଥିବା

Digitized by srujanika@gmail.com

ଋଣ ଫେରସ୍ତ ଦେଇପାରୁନାହିଁ । ଏହାଛଡ଼ା ବୃଷ୍ଟିପୁଷ୍ଟ ଅଞ୍ଚଳରେ ଯଦି ବର୍ଷା ଠିକ୍ ସମୟରେ ଆସୁନାହିଁ, ତେବେ ମରୁଡିର ପ୍ରଭାବରେ ଫସଲହାନୀ ହେଉଛି । ଏହା ତାହାର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଉଛି । ଯେଉଁଭଳି ବିହନ ପ୍ରୟୋଗ କରାଯାଉଛି, ତାହାପାଇଁ ଆବଶ୍ୟକ ହେଉଛି ଆବଶ୍ୟକ ପରିମାଣର ରାସାୟନିକ ସାର ଓ କୀଟନାଶକ ଔଷଧ । ଋଣଯନ୍ତାରେ ପଡିବାର ମୂଳକାରଣ ହେଉଛି ବିହନ । ବହୁରାଷ୍ଟ୍ରୀୟ କମ୍ପାନୀ ଏଇ ବିହନ ଯୋଗାଉଛନ୍ତି । କପାରେ ବ୍ୟବହାର ହେଉଛି ବି.ଟି.କଟନ ବିହନ । ଏଗୁଡିକ ମନ୍‌ସାଣ୍ଟୋ ଭଳି ବିହନ କମ୍ପାନୀ ଯୋଗାଇ ଥାଆନ୍ତି । ଏ ବିହନ ଥରେ ବ୍ୟବହାର କରିଲେ, ସବୁବେଳେ ବ୍ୟବହାର କରିବାକୁ ପଡେ । ବିହନ କିଣିବା ନିମନ୍ତେ ଟଙ୍କା ପାଇଁ ବ୍ୟାଙ୍କ୍‌କୁ ବି ସାହୁକାରର ଦ୍ୱାରସ୍ଥ ହେବାକୁ ହୁଏ । ବେଳେବେଳେ ବିହନ କମ୍ପାନୀ ଓ ବ୍ୟାଙ୍କମାନେ ମଧ୍ୟ ପ୍ରଲୋଭିତ କରି ଏକ ନିର୍ଦ୍ଦିଷ୍ଟ ପ୍ରକାରର ବିହନ ଚାଷୀକୁ ବିକ୍ରୟ କରିଥାଆନ୍ତି । ଫଳତଃ ଚାଷୀଟି ବିହନ କମ୍ପାନୀର ଜାଲରେ ପଡିଯାଏ ଓ ମୁକୁଳି ପାରେ ନାହିଁ । ଆତ୍ମହତ୍ୟା କରିବାକୁ ବାଧ୍ୟ ହୁଏ ।

ଦ୍ୱିତୀୟରେ ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳ ବିଚାରକୁ ନିଆଯାଉ । ଏ ଅଞ୍ଚଳ କପାଚାଷ ପାଇଁ ବିଖ୍ୟାତ । କପା ଚାଷରେ ଦେଶୀ ବିହନ ବଦଳରେ ଏବେ ବି.ଟି.ବିହନ ବ୍ୟବହାର କରୁଛନ୍ତି ଚାଷୀମାନେ । ଏପରି ଅବସ୍ଥାକୁ ଆସିଯାଇଛି ଯେ ଦେଶୀ ବିହନ ଆଉ ଦେଖିବାକୁ ମିଳୁନାହିଁ । ବିଦର୍ଭର ୟାଭାତ୍‌ମାଲ୍ ଅଞ୍ଚଳରେ ଆତ୍ମହତ୍ୟାର ସଂଖ୍ୟା ସର୍ବାଧିକ । ମହାରାଷ୍ଟ୍ରରେ କାହିଁକି ଉଦ୍‌ବେଗଜନକ ଭାବେ ଚାଷୀ ଆତ୍ମହତ୍ୟା କରୁଛନ୍ତି ତାହା ଜାଣିବାକୁ ପ୍ରଧାନମନ୍ତ୍ରୀ ଏକ କମିଟି ଗଠନ କରିଥିଲେ । ଏ କମିଟି ମତାମତ ଦେଇ କହିଛନ୍ତି ଯେ କୃଷି ଋଣ ନେଲେ ୧୮-୨୪ ପ୍ରତିଶତ ସୁଧ ଦେବାକୁ ପଡୁଛି । କାର୍ କିଣିବା ବା ଗୃହ ତିଆରି କରିବା ପାଇଁ ଋଣ କରିଲେ ଏହାଠାରୁ କମ୍ ସୁଧ ଦେବାକୁ ପଡୁଛି । ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି ବିଦର୍ଭ ପାଇଁ । ଚାଷୀକୁ ଶତକଡ଼ା ୭ ହିସାବରେ ଋଣ ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି । କିନ୍ତୁ କୌଣସି ଚାଷୀ ଏଇ ରିହାତି ସୁଧରେ ଋଣ ନେଇ ପାରୁ ନାହାନ୍ତି । ବ୍ୟାଙ୍କକୁ ଦୌଡିବା କେବଳ ସାର ହେଉଛି । ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ବିଦର୍ଭ ଚାଷୀମାନେ ଅଳସୁଆ ବୋଲି ଏକ ସାଧାରଣ ସଭାରେ କହିଦେଇଥିଲେ । କାରଣ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା ପରେ ବି ଆତ୍ମହତ୍ୟା ଲାଗି ରହିଥିଲା । ଏହା ବିଦର୍ଭର ଚାଷୀମାନଙ୍କୁ ଖୁବ୍

Digitized by srujanika@gmail.com

ଅପମାନ ଦେଉଥିଲା । କୃଷକ ଆନ୍ଦୋଳନ ଏଥିପାଇଁ ସେଠାରେ ଚାଲିଥିଲା । ଏ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା ନାହିଁ । ଫସଲହାନୀ ହେଲେ ଋଣ ସୁଝିବା ସହଜ ନୁହେଁ । ଆତ୍ମହତ୍ୟାର ସଂଖ୍ୟା ଏତେ ବଢ଼ିଛି ଯେ ୨୦୦୭ ମସିହାରେ ବିଦର୍ଭ ଅଞ୍ଚଳର ଯଭତ୍‌ମାଲ୍‌ରେ ୫୩, ୱାର୍ଦ୍ଧାରେ ୩୭, ଅମରାବତୀରେ ୩୦, ଅକୋଲାରେ ୩୧, ବୁଲ୍‌ଧାନାରେ ୨୫ ଜଣ ଆତ୍ମହତ୍ୟା କରିସାରିଛନ୍ତି । ମହାରାଷ୍ଟ୍ରରେ ଏବେ ସ୍ୱତନ୍ତ୍ର ଆର୍ଥିକ ଜୋନ୍(ସେଜ୍) ପ୍ରତିଷ୍ଠା କରିବାକୁ ଯେମିତି ପ୍ରତିଯୋଗୀତା ଚାଲିଛି । ଏହା ହେଲେ ଉର୍ବର କୃଷି ଜମି କୃଷକମାନଙ୍କ ହାତରୁ ଖସିଯିବ । ଏହାଦ୍ୱାରା ଆତ୍ମହତ୍ୟା ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା ଦେଖାଦେଇଛି ।

କର୍ଣ୍ଣାଟକରେ ଆଖୁଚାଷୀମାନେ ବିଶେଷ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି । ବିଦର୍ଭ, ଗୁଲବର୍ଗା ଆଦି ଜିଲ୍ଲାମାନଙ୍କରେ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ସଂଖ୍ୟା ବେଶ୍ ବଢ଼ିଛି । କର୍ଣ୍ଣାଟକରେ ଆଖୁଦର ବିଶେଷଭାବେ ହ୍ରାସ ପାଇଛି । ୨୦୦୬ ମସିହାରେ ଆଖୁ ଟନ୍ ପିଛା ଥିଲା ୧୭୫୦ ଟଙ୍କା । ଏହା ହ୍ରାସପାଇ ୨୦୦୭ ମସିହାରେ ହୋଇଛି ମାତ୍ର ୮୦୦ଟଙ୍କା । କର୍ଣ୍ଣାଟକରେ ଆଖୁ ଉତ୍ପାଦନ ବଢ଼ାଇବାକୁ ଚାଷୀ ବହୁତ ଆଗ୍ରହ ଦେଖାଉଛନ୍ତି । ଏବେ ଉତ୍ପାଦନ ୨୫ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ହେଲାଣି । ପ୍ରାୟ ୪ଲକ୍ଷ ହେକ୍ଟର ଜମିରେ ଏ ଚାଷ କରାଯାଉଛି । କିନ୍ତୁ ଚିନିକଳ ମାଲିକ, ସରକାରଙ୍କ ନୀତି ଓ ରାଜନୀତି ମିଶାମିଶିଭାବେ ଆଖୁଚାଷୀଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରୁଛି ।

କେରଳରେ ଚାଷୀ ଆତ୍ମହତ୍ୟା ସେ ରାଜ୍ୟରେ ବଜ୍ରପାତ ଭଳି ଶୁଣାଯାଉଛି । ପ୍ରତି ତିନିଦିନରେ ଜଣେ ଚାଷୀ ଆତ୍ମହତ୍ୟା କରୁଛି ସେଠାରେ । ବେଶିଭାଗ ଆତ୍ମହତ୍ୟା ହେଉଛି ୱାଇନାଡ୍ ଜିଲ୍ଲାରେ । ଏଠାରେ ଅଦା, କଫି, ଅଳେଇଚ ଓ ଗୋଲମରିଚ ଚାଷ ବ୍ୟାପକଭାବେ ହୋଇଥାଏ । ମରୁଡି ଓ ବିଭିନ୍ନ ପ୍ରକାର ରୋଗ ହେତୁ କୃଷି ଉତ୍ପାଦନ ବ୍ୟାପକଭାବେ ହ୍ରାସ ହୋଇଛି । ବ୍ୟାଙ୍କ୍‌ମାନେ ଗୋଟିଏ ଋଣ ଦେଲାପରେ ସୁଧ ଫେରାଇବା ପାଇଁ ମୂଳସହ ମିଶାଇ ଆହୁରି ବଡ଼ ଋଣ ଦେଉଛନ୍ତି । ଋଣ ଏବଂ ସୁଧ ନଦେଇପାରି କେରଳର ଅତି ପ୍ରଗତିଶୀଳ ଚାଷୀ ଆତ୍ମହତ୍ୟା କରୁଛି । କେବଳ ୱାଇନାଡ୍ ଜିଲ୍ଲା ନୁହେଁ, କୋଜିକୋଡ୍, ଇଡୁକ୍କୀ, ପାଲାକାଡ ଆଦି ଜିଲ୍ଲାମାନଙ୍କରେ ଆତ୍ମହତ୍ୟାର ଅଭିଶପ୍ତ ପ୍ରଭାବ ପଡିଛି ।

କୃଷିରେ ଅତ୍ୟଧିକ ପ୍ରଗତି କରିଥିବା ପଞ୍ଜାବ ଭଳି ପ୍ରଦେଶରେ ଆତ୍ମହତ୍ୟା ଅନେକଙ୍କୁ ଚକିତ କରିଦେଇଛି । ମୋଗା ଜିଲ୍ଲାରେ ୧୯୯୦ ମସିହାରୁ ୨୦୦୭

Digitized by srujanika@gmail.com

ମସିହା ଭିତରେ ୪୯୮ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି । ସବୁ ଆତ୍ମହତ୍ୟା ପଛରେ ଋଣଭାର ହିଁ ମୁଖ୍ୟକାରଣ ।

ଗୁଜୁରାଟରେ ମଧ୍ୟ ଆତ୍ମହତ୍ୟା ଲାଗିରହିଛି । ଗୋଟାଏ ପଟେ ବିହନ ଓ ସାରର ଚଢ଼ାଦର ଏବଂ ଅନ୍ୟପକ୍ଷରେ ଉତ୍ପାଦିତ ସମାଗ୍ରୀର ମୂଲ୍ୟହ୍ରାସ ଏହି ଆତ୍ମହତ୍ୟାର ମୂଳକାରଣ । ଏକ ଅଧ୍ୟୟନରୁ ଜଣାପଡିଛି ଯେ ଆଖୁ ଓ ଖାଇବା ତେଲର ଦର କୌଣସିଭାବେ ବଢ଼ି ନାହିଁ । କପାରେ ୩ ପ୍ରତିଶତ, ଆଳୁରେ ୧୨ ପ୍ରତିଶତ, ଧାନରେ ୧୩ ପ୍ରତିଶତ, ଡାଲିଜାତୀୟ ଶସ୍ୟରେ ୨୦ ପ୍ରତିଶତ ଏବଂ ଗହମ ୨୬ ପ୍ରତିଶତ ବଢ଼ିଥିବା ବେଳେ ଡିଜେଲ୍‌ର ଦର ୩୯ ପ୍ରତିଶତ ଓ ବିଦ୍ୟୁତ୍ ଶକ୍ତିର ଦର ୧୨ ପ୍ରତିଶତ ବଢ଼ିଛି ।

ଓଡ଼ିଶା ସମେତ ହରିୟାନା, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ମଧ୍ୟ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି । ଓଡ଼ିଶାରେ କପାଚାଷୀମାନଙ୍କ ଭିତରେ ଆତ୍ମହତ୍ୟା କରିବାର ଆଶଙ୍କା ବଢ଼ିଯାଇଛି ।

ଏଇଭଳି ଭାରତରେ ପ୍ରାୟ ସବୁ ପ୍ରଦେଶରେ ଚାଷୀ ଆତ୍ମହତ୍ୟା ବଢ଼ିବାରେ ଲାଗିଛି । ଯେତେବେଳେ ଚାଷୀ ଆତ୍ମହତ୍ୟା ଖବର ପ୍ରକାଶ ପାଉଛି, ସେତେବେଳେ ଅନେକ ପ୍ରଶ୍ନ ଉଠୁଛି । ଖୋଦ୍ ପ୍ରଧାନମନ୍ତ୍ରୀ ବେଶି ଆତ୍ମହତ୍ୟା ହେଉଥିବା ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ରାଜ୍ୟମାନଙ୍କୁ ଗସ୍ତ କରି ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି । ବ୍ୟାଙ୍କଗୁଡିକ କୃଷକମାନଙ୍କୁ ଋଣ ଦେବାକୁ କେମିତି ଆଗ୍ରହ ପ୍ରକାଶ କରିବେ ସେ ବିଷୟ ଚିନ୍ତା କରାଯାଉଛି । ଯେଉଁ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ନାହିଁ, ସେଠାରେ କେମିତି ଜଳସେଚନ ହୋଇପାରିବ ସେଥିପାଇଁ ବିଭିନ୍ନ ଯୋଜନା କରାଯାଉଛି । ଗ୍ରାମାଞ୍ଚଳରେ ଭିତିଭୂମିର ବିକାଶ ପାଇଁ ସମ୍ବଳ ଯୋଗାଡ଼ କରାଯାଉଛି । ଯେଉଁ ୩୧ଟି ଜିଲ୍ଲାରେ ବେଶି ସଂଖ୍ୟକ ଚାଷୀ ଆତ୍ମହତ୍ୟା ହେଉଛି ସେଗୁଡିକ କିପରି ଜଳସେଚନ ଦିଗରେ ଉଲ୍ଲେଖିତ ପ୍ରଗତି ହାସଲ କରିବେ ସେଥିପାଇଁ ସମସ୍ତଙ୍କୁ ଦୃଷ୍ଟି ଦେବାକୁ କୁହାଯାଉଛି । ଜାତୀୟ କୃଷକ ନୀତି ପ୍ରଣୟନ କରାଯାଇଛି । ଖାଦ୍ୟ ନିରାପତ୍ତା ମିଶନ୍ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଏସବୁ ସତ୍ତ୍ୱେ ଭାରତରେ ୮୦ କୋଟି ଲୋକଙ୍କ ଦୈନିକ ଆୟ ଦିନକୁ ୨୦ ଟଙ୍କାରୁ କମ୍ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି । ଗରିବ ଓ ଧନୀଙ୍କ ଭିତରେ ପାର୍ଥକ୍ୟ ବଢ଼ିବାରେ ଲାଗିଛି ଏ ଦେଶରେ । ଚାଷୀମାନଙ୍କୁ ଆତ୍ମହତ୍ୟାରୁ ରୋକିବାକୁ ହେଲେ କେବଳ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ବା ଜାତୀୟ କୃଷକ ନୀତି ଯଥେଷ୍ଟ ନୁହେଁ । ସବୁଠାରୁ ବେଶି ଆବଶ୍ୟକ

Digitized by srujanika@gmail.com

ହେଉଛି କୃଷିର ଅସଲ ବିକାଶ । ଏହାର ନିର୍ଦ୍ଧାରଣ ପ୍ରକ୍ରିୟା ଏବେ କେଉଁଠି କେଉଁଠି ଆରମ୍ଭ ହୋଇଛି । ଖାଦ୍ୟ ବିଦେଶରୁ ଆମଦାନୀ କରି ଏ ଦେଶ ସ୍ୱାବଲମ୍ବୀ ହୋଇ ପାରିବ ନାହିଁ । ସେହିଭଳି ବାହାରର ମଡେଲକୁ ଏ ଦେଶରେ କ୍ରିୟାନ୍ୱିତ କରି କୃଷିର ବିକାଶ କରାଯାଇ ପାରିବ ନାହିଁ । ଏ ଦେଶର ଜଳ, ଜମି, ଜଳବାୟୁ ଓ ଜୈବ ବିବିଧତାକୁ ମୂଳରେ ରଖି କୃଷିର ବିକାଶ ଦିନେ ନା ଦିନେ ହେବ ଏହା ଜଣାପଡୁଛି ।

ଠଠଠ

Digitized by srujanika@gmail.com

୪

ଚାଷୀ ଆତ୍ମହତ୍ୟା (୨)

ଆମ ଦେଶରେ ଚାଷୀଙ୍କ ଆତ୍ମହତ୍ୟା ଲାଗି ରହିଛି । ଏହାର ମୁଖ୍ୟ କାରଣ ହେଲା ଯେ ଚାଷୀ ନିଜର ବିହନ, ସାର, କୀଟନାଶକ ଦ୍ରବ୍ୟ ଓ କୃଷି ଋଣର ଯନ୍ତାରେ ପଡିଯାଇଛି । ଏଥିପାଇଁ ତାକୁ ବାଟ ମିଳୁନାହିଁ । ଯଦି ଉତ୍ପାଦିତ ଖାଦ୍ୟଶସ୍ୟର ଉଚିତ୍ ଦର ମିଳୁଥାଆନ୍ତା, ଫସଲହାନି ହେଲେ ଠିକ୍ କ୍ଷତିପୂରଣ ମିଳୁଥାଆନ୍ତା ତାହାହେଲେ ପରିସ୍ଥିତିରେ ଉନ୍ନତି ନିଶ୍ଚିତ ହୋଇଥାଆନ୍ତା । ଚାଷୀମାନଙ୍କୁ ଅନେକ କିଛି ରିହାତି ଦିଆଯାଉଛି । ବିଜୁଳି ଶକ୍ତି ପ୍ରାୟ ମାଗଣାରେ ଯୋଗାଇ ଦିଆଯାଉଛି । ଋଣ ନେଲେ ସୁଧର ହାର କମାଇ ଦିଆଯାଉଛି । ଶସ୍ୟମାନଙ୍କର ସର୍ବନିମ୍ନ ଦର ନିର୍ଦ୍ଧାରଣ କ୍ଷେତ୍ରରେ କୃଷକମାନଙ୍କୁ ସୁହାଇଲା ଭଳି ନୀତି ଗ୍ରହଣ କରାଯାଇଛି । ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ, ମୁଖ୍ୟମନ୍ତ୍ରୀମାନଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହିଭଳି କେତେକ ସୁବିଧା ଓ ସ୍ୱତନ୍ତ୍ର ପ୍ୟାକେଜ୍‌ମାନ ଦିଆଯାଇଛି ବୋଲି ଘୋଷଣା କରିଛନ୍ତି । ଏହା ସତ୍ତ୍ୱେ ଚାଷୀଙ୍କ ଆତ୍ମହତ୍ୟା ବନ୍ଦ ହୋଇନାହିଁ । ଆନ୍ଧ୍ରରେ ଏ ଆତ୍ମହତ୍ୟା କମିଛି ସତ, ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳରେ ଆତ୍ମହତ୍ୟାର ସଂଖ୍ୟା କେତେ ଗୁଣରେ ବଢ଼ି ଭୟଙ୍କର ସ୍ଥିତିରେ ପହଞ୍ଚିଛି । ସ୍ତମ୍ଭକାର ପି. ସାଇନାଥ କୁହନ୍ତି ଯେ ବିଦର୍ଭ ଅଞ୍ଚଳରେ ବହୁରାଷ୍ଟ୍ରୀୟ ବିହନ କମ୍ପାନୀମାନଙ୍କର ଆଧିପତ୍ୟ ଏତେ ବିସ୍ତୃତ ଯେ ସେଠାରେ ସ୍ଥାନୀୟ ବିହନ ପ୍ରାୟ ଲୋପ ପାଇଯାଇଛି । ବର୍ତ୍ତମାନର କପା ଚାଷ ଏହାର ଏକ ଜ୍ୱଳନ୍ତ ଉଦାହରଣ । ବିଟି କଟନ ବିହନ ସ୍ଥାନୀୟ ବିହନ ଲୋପ କରିସାରିଛି ।

ଏସବୁ ସମସ୍ୟାକୁ ବିଚାରକୁ ନେଇ ଏବେ ଭାରତର କୃଷି ମନ୍ତ୍ରଣାଳୟ କୃଷକମାନଙ୍କ ପାଇଁ ଏକ ଜାତୀୟ ନୀତି ଘୋଷଣା କରିଛି । ଯାହାକୁ "ନ୍ୟାସ୍‌ନାଲ ପଲିସି ଫର ଫାର୍ମର୍ସ-୨୦୦୭" ବୋଲି କୁହାଯାଉଛି । କୃଷି କ୍ଷେତ୍ରରେ ଆଶାଜନକ ଅଭିବୃଦ୍ଧି ହେବାକୁ ଲକ୍ଷ୍ୟ କରି ଏ ନୀତି ପ୍ରଣୟନ କରାଯାଇଛି । ନିରନ୍ତର କୃଷି ବା

Digitized by srujanika@gmail.com

ସଷ୍ଟେନେବଲ୍ ଏଗ୍ରିକଲ୍‌ଚର ଉପରେ ପ୍ରାଧାନ୍ୟ ଦିଆଯାଇଛି । କୃଷକର ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଇଛି । କୃଷି କ୍ଷେତ୍ରରେ ସାହାଯ୍ୟ ସେବା କିପରି ସହଜରେ ଉପଲବ୍ଧ ହେବ ତାହା ପାଇଁ ଅନେକ କିଛି ପ୍ରସ୍ତାବ ଦିଆଯାଇଛି । କୃଷି ଋଣ ହେଉ କି ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ହେଉ, ଖାଦ୍ୟଶସ୍ୟର ଦରଦାମ ହେଉ ବା ପ୍ରକ୍ରିୟାକରଣ ହେଉ, ଏ ସବୁ କୃଷକକୁ କିପରି ଲାଭଜନକ ହେବ ତାହା ବିଚାର କରାଯାଉଛି । କେତେକ ଚାଷୀମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀରେ ବିଭକ୍ତ କରାଯାଇଛି । ସେମାନଙ୍କ ଭିତରେ ଅଛନ୍ତି ଆଦିବାସୀ, ପଶୁପାଳନକାରୀ ଆଦି ଅନେକ । ଜୈବିକ ଚାଷ ଓ ସବୁଜ କୃଷି ଆଦି ଅନେକ ବିଷୟରେ ନୂତନ ଆଭିମୁଖ୍ୟ ଉପସ୍ଥାପନା କରାଯାଇଛି । ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମିଳିତ କୃଷି, ଠିକା ଚାଷ, ଉତ୍ପାଦକ କମ୍ପାନୀ ଆଦି ନୂତନ କୃଷକ ସଂଗଠନମାନଙ୍କର ସୃଷ୍ଟି ଓ ବିକାଶ ଦିଗରେ ଗୁରୁତ୍ୱାରୋପ କରାଯାଇଛି । ଭବିଷ୍ୟତର ଚାଷୀ ବଡ଼ ଚାଷୀ ନୁହେଁ ଛୋଟ ଛୋଟ ଚାଷୀ ବୋଲି କଳ୍ପନା କରାଯାଇଛି । ଏ ଛୋଟ ଚାଷୀମାନେ କିପରି ନିଜ ଗୋଡରେ ଛିଡା ହୋଇପାରିବେ ତାହାର ପରିକଳ୍ପନା କରାଯାଇଛି । ଜାତୀୟ କୃଷକ ନୀତି ବିଭିନ୍ନ ଅଞ୍ଚଳରେ କିପରି ଲାଗୁ କରାଯିବ ଏଥିପାଇଁ ଜିଲ୍ଲାସ୍ତରୀୟ କୃଷି ଯୋଜନାମାନଙ୍କୁ ଏକାଠି କରି ରାଜ୍ୟ କୃଷି ଯୋଜନା ପ୍ରସ୍ତୁତ ହେବ ଓ ଜାତୀୟ କୃଷକ ନୀତି କାର୍ଯ୍ୟକାରୀ ହେବାରେ ଏହା ଖୁବ୍ ସାହାଯ୍ୟ କିରବ ବୋଲି ଆଶା କରାଯାଇଛି । କୃଷକ ବୈଜ୍ଞାନିକ ପେଶାଦାର ବିଶେଷଜ୍ଞଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଏଥିରେ ସାମିଲ ହେବେ ବୋଲି ଆଶା କରାଯାଇଛି । ସମନ୍ୱିତ କୃଷି ଯୋଜନାର କିପରି ସଫଳ ରୂପାୟନ ହୋଇପାରିବ ତାହା ସମସ୍ତଙ୍କ ପାଇଁ ଏକ ଆହ୍ୱାନ ହୋଇଛି ।

କିନ୍ତୁ ପ୍ରଶ୍ନ ଉଠୁଛି ଯେ ଜାତୀୟ କୃଷକ ନୀତି ଓ ନୂତନ ଯୋଜନା ଓ ପରିକଳ୍ପନାଗୁଡିକ କୃଷକ ଆତ୍ମହତ୍ୟାକୁ ରୋକିପାରିବ କି ? ଯେଉଁ ନୂତନ ନୂତନ ପରିଯୋଜନା ସବୁ ଆରମ୍ଭ ହୋଇଛି ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଛି । ସେଗୁଡିକ ହେଲା- ଭାରତ ନିର୍ମାଣ, ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଉଦ୍ୟାନ ମିଶନ, କୃଷିଋଣ ସମ୍ପ୍ରସାରଣ ଯୋଜନା, ଜାତୀୟ ମହୁ ମାଛି ବୋର୍ଡ଼ ପ୍ରତିଷ୍ଠା, ଜାତୀୟ ବୃଷ୍ଟିପୁଷ୍ଟ ଅଞ୍ଚଳ ଅଥରିଟି, ଜାତୀୟ ମତ୍ସ୍ୟଚାଷ ବିକାଶ ବୋର୍ଡ଼ ପ୍ରତିଷ୍ଠା, ଜଳବିଭାଜିକା ଏବଂ ଅଣୁ ଜଳସେଚନ ଯୋଜନା, ସମବାୟ ସମିତିର ପୁନଃ ପ୍ରତିଷ୍ଠା,

Digitized by srujanika@gmail.com

କୃଷି ସମ୍ପ୍ରସାରଣର ସମ୍ଭାର, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଆଦି ଅନେକ କିଛି । ପ୍ରତ୍ୟେକ ଯୋଜନା, ନୀତି ଆଇନ କୃଷକମାନଙ୍କୁ ଲାଭାନ୍ୱିତ କରିବ କି ନାହିଁ ତାହା ସମୟ କ୍ରମେ ଜଣାପଡିବ । କିନ୍ତୁ ମୋଟାମୋଟି ଭାବେ କୃଷକମାନଙ୍କର ଆତ୍ମହତ୍ୟା ଅବାରିତ ରହିଛି । ବିଦର୍ଭ ଅଞ୍ଚଳରେ ପ୍ରାୟ ପ୍ରତ୍ୟେକ ଦିନ ଏ ଆତ୍ମହତ୍ୟା ହେଉଛି ବୋଲି ବିଭିନ୍ନ ସୂତ୍ରରୁ ପ୍ରକାଶ ପାଇଛି । କିନ୍ତୁ କେଉଁ ଉପାୟରେ ଚାଷୀ ଆତ୍ମହତ୍ୟା ବନ୍ଦ ହେବ ତାହା ବିଭିନ୍ନ ପରିସରରେ ଆଲୋଚନା ସମାଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି । ଗୋଟାଏ ଦିଗରେ କୃଷିର ବ୍ୟବସାୟୀକରଣ, ବାଣିଜ୍ୟ ଓ ବେପାର ଭିତ୍ତିକ କୃଷି, କୃଷିରେ ବହୁ ରାଷ୍ଟ୍ରୀୟ କର୍ପୋରେସନ୍‌ମାନଙ୍କର ଅନୁପ୍ରବେଶକୁ ସରକାର ପ୍ରୋତ୍ସାହନ ଦେଇ ଆସୁଛନ୍ତି । ଏହି ସବୁ ମୋଟାମୋଟି କୃଷକ ଆତ୍ମହତ୍ୟାର ମୂଳକାରଣ । ଉର୍ବର କୃଷିଜମିକୁ ଯେଉଁଭଳି ଅଣକୃଷି କାର୍ଯ୍ୟକ୍ରମରେ ସାମିଲ କରାଯାଉଛି ତାହା ଅନେକ ପ୍ରଶ୍ନବାଚୀ ଚିହ୍ନ ସୃଷ୍ଟି କରିଛି । କେତେକ ରାଜ୍ୟରେ କୃଷିକୁ ମାଆ ଛେଉଣ୍ଡ ଭଳି ଦେଖାଯାଉଛି ଓ କୃଷି ବଦଳରେ ଶିଳ୍ପ ବିକାଶକୁ ପ୍ରାଥମିକତା ଦିଆଯାଉଛି । ଅର୍ଥାତ୍ ରାଜ୍ୟ ସରକାରମାନେ ଭାବୁଛନ୍ତି ଯେ କୃଷି ଦ୍ୱାରା ରାଜ୍ୟର ବିକାଶ ସମ୍ଭବ ନୁହେଁ । ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ଜାଲରେ ପଡିଥିବା ଏ ଦେଶ କୃଷି ଅର୍ଥନୀତିରେ ବିଶ୍ୱାସ କରୁନାହିଁ ଅଥବା କୃଷକମାନଙ୍କ ବିକାଶ ଯେ ଏ ଦେଶର ଅସଲ ବିକାଶ, ସେ ଦିଗରେ ଆସ୍ଥାସୂଚକ ଚିନ୍ତାଧାରା ପ୍ରକାଶ ପାଇନାହିଁ । ଦେଢ଼ଲକ୍ଷରୁ ଅଧିକ ଚାଷୀ ଆତ୍ମହତ୍ୟା କରି ସାରିଲେଣି । ଅଥଚ ଆଶାଜନକ ଉଦ୍‌ବେଗ ପ୍ରକାଶ ପାଉନାହିଁ ରାଜନୈତିକ ସ୍ତରରେ । ସର୍ଭେକ୍ଷଣରୁ ଜଣାପଡିଛି ଯେ ଏ ଦେଶରେ ୩୫ଟି ଜିଲ୍ଲାରେ ଆତ୍ମହତ୍ୟାର ସଂଖ୍ୟା ଅଧିକ । ସତେ ଯେମିତି ସବୁ କିଛି ନିୟନ୍ତ୍ରଣର ବାହାରେ ।

ଏବେ ସରକାର କି ପଦକ୍ଷେପ ନେଇଛନ୍ତି ତାହା ବିଚାରଯୋଗ୍ୟ । ୩୫ଟି ଜିଲ୍ଲାରେ ପ୍ରାୟ ୯୭ଲକ୍ଷ କୃଷକଙ୍କୁ ସାହାଯ୍ୟ ଦିଆଯିବାକୁ ପ୍ୟାକେଜ୍ ଘୋଷଣା କରାଯାଇଛି । ଯଦି ସମସ୍ୟା ହେଉଛି ଋଣ ପାଇବାରେ, କୃଷି ବୀମାରେ, ଜଳସେଚନର ଅଭାବରେ ତେବେ ସେ ଦିଗରେ ଦୃଷ୍ଟି ଦିଆଯିବା ଉପରେ ପ୍ୟାକେଜରେ ଗୁରୁତ୍ୱ ଦିଆଯାଇଛି । କିନ୍ତୁ ଏହାକୁ ସମାଲୋଚନା କରି ନଭଦାନିୟା ସଂସ୍ଥାର ମୁଖ୍ୟ ଶ୍ରୀମତୀ ବନ୍ଦନା ଶିବା କହିଛନ୍ତି ଯେ ଯଦି କୃଷି ଉପରେ ନିର୍ଭର କରିବ, ତେବେ ଚାଷୀମାନେ ବେଶୀ ଋଣଗ୍ରସ୍ତ ହେବେ ଓ ଆତ୍ମହତ୍ୟାର ସଂଖ୍ୟା ବଢ଼ିବ । ଏହା ନିରାଟ ସତକଥା ।

Digitized by srujanika@gmail.com

କୃଷକଙ୍କୁ ଋଣ ସହଜରେ ମିଳିଲେ ମଧ୍ୟ ଆତ୍ମହତ୍ୟାର ବିଭୀଷିକା କମିବ ନାହିଁ । ତେବେ ଏ ସମସ୍ୟାର ସମାଧାନ କ'ଣ ?

ସାମ୍ପ୍ରତିକ କୃଷି ପ୍ରଣାଳୀ, ବଜାର ଭିତ୍ତିକ କୃଷି, ବିଶ୍ୱ ବାଣିଜ୍ୟ ସଂଗଠନ ଦ୍ୱାରା ପରିଚାଳିତ କୃଷି ଓ ଆମର ରାଜନୈତିକ ମାନସିକତା ନ ବଦଳିଲେ ଚାଷୀର ଆତ୍ମହତ୍ୟା ବନ୍ଦ ହେବନାହିଁ ବୋଲି ସବୁ ଆଡେ ଚର୍ଚ୍ଚା ଚାଲିଛି । କୃଷକ କୃଷି ଉତ୍ପାଦନ ପାଇଁ ଲୋଡୁଛି ବିହନ, ସାର, କୀଟନାଶକ ଔଷଧ, ଜଳ, ଜମି, ବିଦ୍ୟୁତ ଶକ୍ତି, ବଜାର, କୃଷି ଋଣ ଆଦି ଅନେକ କିଛି । ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଦେଖାଯାଉଛି ଓ ସମାଧାନର ଅସଲ ରାସ୍ତା ମିଳୁନାହିଁ । କିନ୍ତୁ ଏ ଦିଗରେ କାର୍ଯ୍ୟରତ ଥିବା ବିଭିନ୍ନ ନାଗରିକ ସମାଜର କର୍ମକର୍ତ୍ତା, ବିଶେଷଜ୍ଞ, କୃଷକ ସଂଗଠନର ନେତୃବୃନ୍ଦମାନେ ଏକ ସ୍ୱରରେ କହୁଛନ୍ତି ଯେ ଆତ୍ମହତ୍ୟା ବନ୍ଦ କରିବାର ଏକମାତ୍ର ଉପାୟ ହେଉଛି ଜୈବିକ ଚାଷ ବା ଅର୍ଗାନିକ୍ ଫାର୍ମିଂ । ପ୍ରଥମେ ବିହନ କଥା ବିଚାରକୁ ନିଆଯାଉ । ବିହନ କ୍ଷେତ୍ରରେ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଅନୁପ୍ରବେଶ କରି ଏକଚାଟିଆ ବେପାର କରିବାକୁ ଆରମ୍ଭ କରିଛନ୍ତି । କମ୍ପାନୀମାନଙ୍କ ଭିତରେ ଅଛନ୍ତି ମନସାଣ୍ଟୋ, କାର୍‌ଗିଲ୍, ଡୁପଣ୍ଟ ଆଦି ଅନେକ । ଏମାନେ ଚଢ଼ା ଦରରେ ବିହନ ବିକ୍ରୟ କରୁଛନ୍ତି ଏବଂ ଯେଉଁ ବିହନ କୃଷକ ହାତରେ ପଡୁଛି ସେଥିରେ ୧୦୦% ଗଜା ହେବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ । ଏ ଦେଶରୁ ସ୍ଥାନୀୟ ବିହନ ଯେମିତି ଲୋପ ପାଇବାକୁ ବସିଲାଣି ସେଥିରେ ବିଦେଶୀ କମ୍ପାନୀଙ୍କ ବିହନ ଉପରେ ଚାଷୀମାନେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି । ଏ ବିହନ ସବୁ ଏମିତି ଢ଼ଙ୍ଗରେ ତିଆରି କରାଯାଇଛି ଯେ ତାହା ସହ ଆବଶ୍ୟକ ପରିମାଣର ସାର ଓ କୀଟନାଶକ ଔଷଧର ଆବଶ୍ୟକତା ଅଛି । ଏହା ନହେଲେ ଅଧିକ ଅମଳକ୍ଷମ ବିହନର କୌଣସି ମୂଲ୍ୟ ନାହିଁ । ସାର ଓ କୀଟନାଶକ ଔଷଧ ମଧ୍ୟ ଚଢ଼ା ଦରରେ ବିକ୍ରୟ କରାଯାଉଛି । ତେଣୁ ବିହନ, ସାର ଓ କୀଟନାଶକ ଔଷଧ ପାଇଁ ଚାଷୀଙ୍କୁ ବ୍ୟାଙ୍କ ବା ସାହୁକାରର ଦ୍ୱାରସ୍ଥ ହେବାକୁ ପଡୁଛି । ଯଦି ବିଭିନ୍ନ ପ୍ରାକୃତିକ କାରଣ ହେତୁ ଫସଲହାନି ହେଲା ତେବେ ଚାଷୀ ଋଣ ଯନ୍ତାରୁ ମୁକୁଳି ପାରୁନାହିଁ । ଏହାଦ୍ୱାରା ସେ ଆତ୍ମହତ୍ୟା କରିବାକୁ ବାଧ ହେଉଛି । ବିଭିନ୍ନ ଗବେଷଣାରୁ ଦେଖାଯାଉଛି ଯେ ଅଧିକ ଆତ୍ମହତ୍ୟା ଏଇ ଋଣ ଯୋଗୁ ହେଉଛି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଚାଷୀ କେବଳ ମଦ୍ୟପାନ ହେତୁ ଅଥବା ବିବାହ ଖର୍ଚ୍ଚ ବଢୁଥିବା ହେତୁ ଆତ୍ମହତ୍ୟା କରୁଛି । ତେଣୁ ବର୍ତ୍ତମାନର ବିହନ ଯାହାକୁ ପି. ସାଇନାଥ୍ ଆତ୍ମହତ୍ୟାର

Digitized by srujanika@gmail.com

ବୀଜ ବା ସିଡ୍ସ ଅଫ୍ ସୁଇସାଇଡ୍ ନାମରେ ନାମିତ କରିଛନ୍ତି, ତାହା ପ୍ରଥମେ ବଦଳେଇବାକୁ ପଡିବ ।

କୃଷି ପ୍ରଣାଳୀରେ ପରିବର୍ତ୍ତନ ଲାଗି ଏବେ ତେଣୁ ଆନ୍ଦୋଳନ ଆରମ୍ଭ ହେଲାଣି ଏବଂ ଜୈବିକ ଚାଷ ଉପରେ ଗୁରୁତ୍ୱ ଦିଆଗଲାଣି । ଜୈବିକ ଚାଷର ପ୍ରଥମ ପାହାଚ ହେଲା ସ୍ଥାନୀୟ ବିହନର ପ୍ରୟୋଗ ଓ ରାସାୟନିକ ସାର ପ୍ରୟୋଗକୁ ହ୍ରାସ କରିବା । ଏହି ସାର ବ୍ୟବହାର ଚାଷୀପାଇଁ ବ୍ୟୟ ସାପେକ୍ଷ ଅଟେ । ଏହାଛଡ଼ା ଏଇ ସାର ପ୍ରୟୋଗ ଫଳରେ କୃଷି ଜମିର ମାନ କମିଯିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରତିକୂଳ ପ୍ରଭାବ ପଡିଥାଏ । ଏହା ବଦଳରେ ଜୈବିକ ଚାଷ ସର୍ବଦା ସ୍ୱାଗତଯୋଗ୍ୟ । ଅର୍ଥାତ୍ ରାସାୟନିକ ସାର ବଦଳରେ କମ୍ପୋଷ୍ଟ ଖତ, ଜିଆଖତ, ସବୁଜ ସାର, ଜୈବିକ ସାର ବା ବାଇଓ ଫର୍ଟିଲାଇଜର ଆଦି ପ୍ରୟୋଗ ନିତାନ୍ତ ଆବଶ୍ୟକ । ଏହା ଚାଷୀ ନିଜେ ପ୍ରସ୍ତୁତ କରିପାରିବ ଓ ଏଥିପାଇଁ ତାକୁ ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ । ପଞ୍ଜାବର ଚାଷୀ, ତାମିଲନାଡୁ ଓ କର୍ଣ୍ଣାଟକର ଚାଷୀ ରାସାୟନିକ ସାର ବ୍ୟବହାର କରିବାକୁ କୁଣ୍ଠା ପ୍ରକାଶ କରୁଛି ଏବଂ ତା' ବଦଳରେ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛି । ବିଭିନ୍ନ ରାଜ୍ୟରେ ଜୈବିକ ଚାଷୀମାନଙ୍କର ସଂଗଠନ ଗଢ଼ି ଉଠୁଛି । ସେଇଭଳି କୀଟନାଶକ ଔଷଧ ବଦଳରେ ସ୍ଥାନୀୟ କୀଟନାଶକ ଦ୍ରବ୍ୟ ବ୍ୟବହାର କରାଯିବା ଦ୍ୱାରା କି ଲାଭ ହେବ ତାହା ପ୍ରମାଣ କରି ଦେଖାଇ ଦିଆଗଲାଣି । ହାଇଦ୍ରାବାଦ ସ୍ଥିତ ସେଣ୍ଟର ଫର ସଷ୍ଟେନେବୁଲ ଏଗ୍ରିକଲଚର ଅନୁଷ୍ଠାନର ଡକ୍ଟର ରାମଞ୍ଜେନାୟୁଲୁଙ୍କ ପରୀକ୍ଷାରେ ଜଣାପଡିଛି ଯେ ରାସାୟନିକ କୀଟନାଶକ ଔଷଧ ବଦଳରେ ସ୍ଥାନୀୟ ଗଛପତ୍ର, ଗୋବରଖତ ଗାଈମୂତ, ନିମ୍ବତେଲ, କରଞ୍ଜ ତେଲ, ଲଙ୍କା, ରସୁଣ, ଅଦା ଆଦିକୁ ବ୍ୟବହାର କରି କୀଟନାଶକ ଔଷଧ ପ୍ରସ୍ତୁତ କରାଯାଇ ପାରିବ ଓ ସଫଳତାର ସହ ପ୍ରୟୋଗ କରାଯାଇ ପାରିବ । ଆଜି ଆନ୍ଧ୍ରପ୍ରଦେଶରେ ହଜାର ହଜାର ଚାଷୀ ଏହି ପ୍ରାକୃତିକ କୀଟନାଶକ ଔଷଧ ତିଆରି କରୁଛନ୍ତି ଓ ଖର୍ଚ୍ଚ କମାଇ ପାରିଛନ୍ତି । ଡକ୍ଟର ରାମଞ୍ଜେନାୟୁଲୁଙ୍କ ପରୀକ୍ଷା ମହାରାଷ୍ଟ୍ର, ଓଡ଼ିଶା, ତାମିଲନାଡୁ ଓ କର୍ଣ୍ଣାଟକ ଆଦି ପ୍ରଦେଶକୁ ସମ୍ପ୍ରସାରିତ ହୋଇଛି । ଆନ୍ଧ୍ରରେ ଚାଷୀଙ୍କ ଆତ୍ମହତ୍ୟା କମିବାର ଏହା ଅନ୍ୟ ଏକ କାରଣ ହୋଇପାରେ । ପଞ୍ଜାବର ଶ୍ରୀ ସୁବାଷ ପାଲେକରଙ୍କ "ବଜେଟ୍ ନେଚୁରାଲ ଫାର୍ମିଂ" ଓ ଶ୍ରୀମତୀ ବନ୍ଦନା ଶିବାଙ୍କ 'ନଭଦାନିୟା' ଆଦିର ପରୀକ୍ଷା ଜୈବିକ ଚାଷ କ୍ଷେତ୍ରରେ ସଫଳତମ ଉଦାହରଣ । ଏହାସବୁ ଅନୁଭବ କରି

Digitized by srujanika@gmail.com

ବିଖ୍ୟାତ କୃଷି ବୈଜ୍ଞାନିକ ପ୍ରଫେସର ସ୍ୱାମୀନାଥନ ଏବେ ଜୈବିକ ଚାଷ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । "ସବୁଜ ବିପ୍ଳବ"ର ପ୍ରଥମ ଅଧ୍ୟାୟ ଶେଷ ହୋଇଛି । ଏବଂ ଏବେ ଦ୍ୱିତୀୟ ସବୁଜ ବିପ୍ଳବ ଜୈବିକ ଚାଷ ଦ୍ୱାରା ସମ୍ଭବ ହେବ ବୋଲି ସେ ଦୃଢ଼ ଭାବେ କହିଛନ୍ତି । ଶ୍ୱେତ ବିପ୍ଳବ ଏବଂ ଅମୂଲ ଡାଏରୀର ପ୍ରତିଷ୍ଠାତା ଶ୍ରୀ ଭର୍ଗିସ୍ କୁରିଏନ୍ କହିଛନ୍ତି ଯେ ଯେଉଁଠି ସମବାୟ ସମିତି ସଫଳ ହୋଇଛି ସେଠାରେ କୃଷକ ଆତ୍ମହତ୍ୟା କରୁନାହିଁ । ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳରେ ଜୈବିକ କପା ଚାଷ କରିବାକୁ ପ୍ରୋତ୍ସାହନ ଦିଆଯାଉଛି ଓ ଜାତୀୟ ଏବଂ ଆନ୍ତର୍ଜାତୀୟ ବଜାରରେ ଜୈବିକ କପାର ଚାହିଦା ବେଶ୍ ବୃଦ୍ଧି ପାଇଛି । ଜୈବିକ ଚାଷ ଏବେ ଆନ୍ଦୋଳନରେ ପରିଣତ ହୋଇଛି । ଏ ଦେଶରେ କୃଷକ ସମାଜ ଆଜି ଚାହିଁ ବସିଛି ଏକ ଯଥାର୍ଥ ନୂତନ ନୀତି ପାଇଁ । ଏଇ ପରିପ୍ରେକ୍ଷୀରେ ଜାତୀୟ କୃଷକ ନୀତି ୨୦୦୭ କେତେ ଫଳପ୍ରଦ ହେବ ଦେଖିବାର ଅଛି । ଏ ନୀତି ସଫଳତାର ସହ କ୍ରିୟାନ୍ୱିତ କରାଗଲେ ଚାଷୀଙ୍କ ଆତ୍ମହତ୍ୟା ଆଉ ହେବ ନାହିଁ ଏବଂ ଚାଷୀକୂଳର ସର୍ବାଙ୍ଗୀନ ଉନ୍ନତି ହେବ ବୋଲି ସରକାର ଯେଉଁ ଦାବି କରୁଛନ୍ତି ତାହା ମଧ୍ୟ ସ୍ପଷ୍ଟ ହୋଇଯିବ ।

❑❑❑

Digitized by srujanika@gmail.com

୪

ଆନ୍ତର୍ଜାତିକ ମହିଳା ଦିବସର ଚିନ୍ତନ

ମାର୍ଚ୍ଚ ୮ ତାରିଖ ସାରା ବିଶ୍ୱରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯିବ । ଗାଁ ସ୍ତରରୁ ଆରମ୍ଭ କରି ରାଜ୍ୟ, ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ଅନୁଷ୍ଠାନ ମହିଳାମାନଙ୍କର ଅଧିକାର ବିଷୟରେ ଆଲୋଚନା ଓ ସମାଲୋଚନା କରିବେ । ମହିଳାମାନେ ପୁରୁଷମାନଙ୍କୁ ମିଳୁଥିବା ସମାନ ଏବଂ ଉଚ୍ଚ ଅଧିକାରର ଗୌରବରୁ ବଞ୍ଚିତ ହେଉଛନ୍ତି ପୃଥିବୀସାରା । ପୁରୁଷ କୈନ୍ଦ୍ରିକ ସମାଜ ଏପରି ପରିସ୍ଥିତିରେ ପହଞ୍ଚିଛି ଯେ ଆଜି ପରିବାର ହେଉ ବା କର୍ମକ୍ଷେତ୍ର ହେଉ, କୃଷିକ୍ଷେତ୍ର ହେଉ ବା କର୍ପୋରେଟ୍ ଅଫିସ ହେଉ, ରାଜନୀତି ହେଉ ବା ସାହିତ୍ୟ ହେଉ, ମହିଳାମାନେ ଅବହେଳିତ ଓ ନିର୍ଯାତିତ । ଏପରିକି ଯୁକ୍ତରାଷ୍ଟ୍ର ହେଉ ଇୟୁରୋପ ହେଉ, ସବୁ ବିକଶିତ ଦେଶରେ ମହିଳାମାନଙ୍କ ସ୍ଥିତି ଅବିକଶିତ ଦେଶମାନଙ୍କଠାରୁ ବିଶେଷ ଭିନ୍ନ ନୁହେଁ । ବିକାଶର ପରିମାପକ ଯାହା ହେଉନା କାହିଁକି, ମହିଳାମାନଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଚି । ଏପରିକି ଯେଉଁ ଦେଶରେ ରାଷ୍ଟ୍ରମୁଖ୍ୟମାନେ ମହିଳା, ସେ ଦେଶମାନଙ୍କରେ ମହିଳାମାନଙ୍କର ସ୍ଥିତି ଯେ ସନ୍ତୋଷଜନକ ସ୍ଥିତିରେ ରହିଛି ତାହା କହିହେବ ନାହିଁ । ବେଜିଂଠାରେ ମହିଳାମାନଙ୍କର ବିଶ୍ୱ ସମ୍ମିଳନୀ ହୋଇଥିଲା ୧୯୯୫ ମସିହାରେ । ଏହାର ପରବର୍ତ୍ତୀ ସମୟରେ ମହିଳାମାନଙ୍କର ବିଶ୍ୱବ୍ୟାପୀ ସ୍ଥିତିରେ କେତେ ଉନ୍ନତି ହୋଇଛି ସହଜରେ ଅନୁଭବ କରିହେଉଛି । ଜୀବନ ଜୀବିକା କ୍ଷେତ୍ରରେ ମହିଳାମାନେ ଅଧିକରୁ ଅଧିକ ଅସହାୟ ଅନୁଭବ କରୁଛନ୍ତି । ଧର୍ଷଣର ସଂଖ୍ୟା ଓ ମାତ୍ରା ସବୁଆଡେ ବଢ଼ିଛି । ଏକଥା ସତ ଯେ କେଉଁଠି ନା କେଉଁଠି ମହିଳାମାନେ ବିଶେଷ ସଫଳତା ହାସଲ କରିଛନ୍ତି । ଗତ ବର୍ଷ ଡୋରିସ୍ ଲେସିଙ୍ଗ ସାହିତ୍ୟରେ ନୋବେଲ ପୁରସ୍କାର ପାଇଛନ୍ତି । ଶ୍ରୀମତୀ ଇନ୍ଦ୍ରା ନ୍ୟୁୟି ପେପ୍‌ସି ଭଳି କର୍ପୋରେଟ୍‌ର ମୁଖ୍ୟ ଅଧିକାରୀ ହୋଇଛନ୍ତି । ବିଭିନ୍ନ ଦେଶରେ ମହିଳାମାନେ ରାଷ୍ଟ୍ରମୁଖ୍ୟ ପଦବୀରେ ଅଧିଷ୍ଠିତ ଅଛନ୍ତି । ବିଜ୍ଞାନ ଏବଂ ମହାକାଶ ଯାତ୍ରା, ଖେଳ ଓ

Digitized by srujanika@gmail.com

ଆଡଭେଞ୍ଚରରେ ମଧ୍ୟ ମହିଳାମାନେ ଆଗୁଆ ଅଛନ୍ତି । ଏପରି କୌଣସି କ୍ଷେତ୍ର ନାହିଁ, ଯେଉଁଠି ମହିଳାମାନେ ପୁରୁଷଙ୍କ ସମକକ୍ଷ ହୋଇନାହାନ୍ତି । ତଥାପି ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ପେଶାଦାର କ୍ଷେତ୍ରରେ ସଚରାଚର ମହିଳାମାନେ ପଛରେ ପଡିଛନ୍ତି । ଅବଶ୍ୟ ବିଭିନ୍ନ ଦେଶରେ ଓ ବିଭିନ୍ନ ପରିସ୍ଥିତିରେ ମହିଳାମାନଙ୍କର ସ୍ଥିତି ବେଜିଂ ବିଶ୍ୱ ମହିଳା ସମ୍ମିଳନୀ ପରେ କେଉଁ ସ୍ତରରେ ପହଞ୍ଚିଛି ତାହାର ଗୁରୁତର ଆଲୋଚନା ଚାଲିଛି । ଯାହା ଏ ସମ୍ମିଳନୀରେ ସୁପାରିଶ କରାଯାଇଥିଲା ତାହା କିପରି ରୂପାୟନ କରାଯାଇଛି, ତାହାର ମୂଲ୍ୟାଙ୍କନ କରାଯାଉଛି । ବେଜିଂଠାରେ ଆଲୋଚନାର ବିଷୟ ଥିଲା ସମତା, ବିକାଶ ଓ ଶାନ୍ତି । ନିଷ୍ପତ୍ତି ନିଆଯାଇଥିଲା ସାମାଜିକ, ଆର୍ଥିକ, ରାଜନୈତିକ, ସଶକ୍ତିକରଣ ସମ୍ଭବ ହେବା ପାଇଁ ପ୍ରତ୍ୟେକ ଦେଶ ଅଙ୍ଗୀକାରବଦ୍ଧ ହେବେ । ଯୋଜନା କରାଯାଇଥିଲା ଯେ ସ୍ୱାସ୍ଥ୍ୟ, ଶିକ୍ଷା, ରାଜନୈତିକ ସହଭାଗିତା, ଆଇନ୍ କ୍ଷେତ୍ରରେ ମହିଳାମାନଙ୍କୁ ପାତରଅନ୍ତର କରାଯିବ ନାହିଁ । ବ୍ୟକ୍ତିଗତ ଜୀବନ ହେଉ ବା ସାଧାରଣ ଜୀବନ ହେଉ, ମହିଳାମାନଙ୍କୁ ନ୍ୟୂନ ବା ହୀନ ଦୃଷ୍ଟିରେ ଦେଖାଯିବ ନାହିଁ । ଏ ଦିଗରେ ପ୍ରତ୍ୟେକ ଦେଶ ଅବଶ୍ୟ କିଛି ନା କିଛି ପଦକ୍ଷେପ ନେଇଛନ୍ତି । ନାଗରିକସମାଜ, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସଂଗଠନମାନେ ବିଭିନ୍ନ ର୍‍ୟାଲି, ଚେତନାଯାତ୍ରା, କର୍ମଶାଳା ମଧ୍ୟ ଆୟୋଜନ କରିଛନ୍ତି । ଯେଉଁଠି ମହିଳାମାନଙ୍କ ଉପରେ ଅତ୍ୟାଚାର ହୋଇଛି, ତା' ବିରୁଦ୍ଧରେ ଅଭିଯାନ ଆରମ୍ଭ କରି ସଫଳ ହୋଇଛନ୍ତି । କୋର୍ଟ କଚେରୀ ମଧ୍ୟ ମହିଳାମାନଙ୍କର ଅଭିଯାନରେ ପ୍ରଭାବିତ ହୋଇଛନ୍ତି । ସରକାର ଆମ ଦେଶରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ତିଆରି କରିଛନ୍ତି । ଆଦିବାସୀ, ଅନୁସୂଚିତ ଜାତି ଓ ଅବହେଳିତ ବର୍ଗର ମିହଳାମାନଙ୍କ ସୁରକ୍ଷା ପାଇଁ କେତେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ମହିଳାମାନଙ୍କର ଉତ୍‌ଥାନ ପାଇଁ ସବୁ ଚେଷ୍ଟା ଚାଲିଛି । ପଞ୍ଚାୟତ, ସ୍ୱାୟତ ଶାସନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି । କିନ୍ତୁ ବିଧାନସଭା ଓ ଲୋକସଭାରେ ଶତକଡ଼ା ୩୩ ଭାଗ ସ୍ଥାନ ସଂରକ୍ଷଣ ପାଇଁ କେତେବର୍ଷ ହେଲା ଯେଉଁ ଉଦ୍ୟମ ଚାଲିଛି ସେଥିରେ କୌଣସି ସଫଳତା ମିଳିନାହିଁ । ବିଭିନ୍ନ ରାଜନୈତିକ ଦଳରେ ପୁରୁଷମାନଙ୍କ ପ୍ରାଧାନ୍ୟ ବ୍ୟାପକ ଥିବାରୁ ସମ୍ଭବତଃ ଇଚ୍ଛାଶକ୍ତିର ଘୋର ଅଭାବ ଦେଖା ଦେଇଛି । ମହିଳାମାନେ କିନ୍ତୁ ରାଜନୀତିରେ ଭାଗନେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ବିଭିନ୍ନ ମତବାଦରେ ମଧ୍ୟ ବିଶ୍ୱାସ କରୁଛନ୍ତି । ମାଓବାଦୀ ଦଳରେ

Digitized by srujanika@gmail.com

ବିଶେଷ ସଂଖ୍ୟାରେ ମହିଳାମାନେ ସକ୍ରିୟ ଭାଗ ନେଉଛନ୍ତି ବୋଲି ସମ୍ବାଦ ପ୍ରକାଶ ପାଉଛି । ମିଲିଟାରୀରେ ମହିଳାମାନେ ମଧ୍ୟ ପ୍ରବେଶ କରୁଛନ୍ତି । ଅନ୍ୟ ପାର୍ଶ୍ୱରେ ମହିଳାମାନଙ୍କର ସାମାଜିକ ଓ ଆର୍ଥିକ ନିରାପତ୍ତା ଜଗତୀକରଣ ଓ ଉଦାରୀକରଣ ପ୍ରକ୍ରିୟା ଦ୍ୱାରା ବିପନ୍ନ ହୋଇଛି । ଦେଶାନ୍ତରୀ ହେଉଛନ୍ତି ମହିଳାମାନେ । ମହିଳାମାନଙ୍କୁ ଯୌନ ବ୍ୟବସାୟରେ ଲିପ୍ତ ହେବାକୁ ବାଧ୍ୟ କରାଯାଉଛି । ବସ୍ତୁବାଦୀ ପୃଥିବୀରେ ମହିଳାମାନେ ଉପଭୋଗ୍ୟର ସାମଗ୍ରୀ ହୋଇସାରିଛନ୍ତି ।

ମହିଳାମାନଙ୍କ ଭବିଷ୍ୟତ କ'ଣ ଏହା ବାରମ୍ବାର ପଚରାଯାଉଛି । ଏ ସମାଜରେ ଏବଂ ପୃଥିବୀରେ ମହିଳା ଓ ପୁରୁଷ ଉଭୟ ସମାନ ଏବଂ ଭବିଷ୍ୟତର ସ୍ଥାୟିତ୍ୱ ଓ ସୁରକ୍ଷା ଉଭୟଙ୍କ ଉପରେ ନିର୍ଭର କରୁଛି । ପ୍ରଜନନ ପାଇଁ ଯେମିତି ଉଭୟଙ୍କର ଦାୟିତ୍ୱ ଅଛି, ସମାଜ ଓ ସଂସ୍କୃତିକୁ ଆଗକୁ ନେବାକୁ ସେହିଭଳି ଦାୟିତ୍ୱ ଓ ବୁଝାମଣାର ଆବଶ୍ୟକ ରହିଛି । ମନେ ରଖିବାକୁ ହେବ ଯେ ଭ୍ରୁଣହତ୍ୟା କରି ମହିଳାମାନଙ୍କ ସଂଖ୍ୟା କମାଇବାରେ ଯେଉଁ ଜଘନ୍ୟ ଉଦ୍ୟମ ଚାଲିଛି, ତାହା ସବୁଦିନ ପାଇଁ ଏ ପୃଥିବୀରେ ଗଭୀର କ୍ଷତ ସୃଷ୍ଟି କରି ସାରିଛି । ପୁରୁଷ ପ୍ରଧାନ ସମାଜ ଆଉ ଗ୍ରହଣଯୋଗ୍ୟ ନୁହେଁ । ଏ ସମାଜ ଅସମାନତା ଓ ଲିଙ୍ଗଗତ ବିଭେଦତାକୁ ଆଉ ସ୍ଥାନ ଦେବନାହିଁ । ଏସବୁ କାହିଁକି ଜାଣିବାକୁ ହେଲେ ଆମକୁ ଇତିହାସ ପଢ଼ିବାକୁ ହେବ । ପୁରାଣକୁ ଚର୍ଚ୍ଚା କରିବାକୁ ହେବ । ମନୁବାଦୀ ମୂଲ୍ୟବୋଧର ଆରମ୍ଭ କେମିତି ହେଲା ତାହା ହୃଦୟଙ୍ଗମ କରିବାକୁ ହେବ । ମହିଳାମାନଙ୍କୁ, ନିଜର ସ୍ତ୍ରୀ, ଭଗ୍ନୀ ଓ କନ୍ୟାସନ୍ତାନମାନଙ୍କୁ ଅଧୀନସ୍ଥ କିରବା ଓ ଦାସତ୍ୱ ଭିତରେ ଚାପିଦେବା ଓ ସେମାନଙ୍କୁ ସମାନ ଅଧିକାର ନଦେବା ଗୋଟିଏ ଜଟିଳ ମାନସିକତା । "ମାଆଙ୍କ ପୃଥିବୀ" ଓ "ବାପାଙ୍କ ପୃଥିବୀ"କୁ ସ୍ୱତନ୍ତ୍ର କରିବା ଏକ ଜଟିଳ ମନସ୍ତତ୍ତ୍ୱ । ପୃଥିବୀ ଏକ ଓ ଅଭିନ୍ନ । ପୁରୁଷ ଓ ନାରୀ ବୌଦ୍ଧିକ ଓ ଦାର୍ଶନିକ ଦୃଷ୍ଟିରେ ପରିପୂରକ ଓ ସ୍ୱୟଂସମ୍ପୂର୍ଣ୍ଣ । ଏ ପୃଥିବୀର ସମସ୍ତ ବିଭେଦତା, ବୈଷମ୍ୟ, ଅରାଜକତା ପଛରେ ମହିଳାଙ୍କ ପ୍ରତି ଅବିଚାର ଓ ଅଯୌକ୍ତିକ ମନୋଭାବ ଦାୟୀ ବୋଲି ବିଭିନ୍ନ ଗବେଷଣାରୁ ଜଣାପଡିଛି । ଯେଉଁ ଜାତି ନିଜର ମା'ଭଉଣୀଙ୍କୁ ସମ୍ମାନ ଓ ଗୌରବ ଦେବା ଶିଖିନାହିଁ, ସେ ଜାତି ନିଷ୍ଠୁର ହୋଇ ଅନେକ ଅମାନବୀୟ କାର୍ଯ୍ୟରେ ଲିପ୍ତ ରହିଛି ବୋଲି ଇତିହାସରୁ ଜଣାପଡିଛି । ଯେଉଁ ଧର୍ମ ମହିଳାମାନଙ୍କୁ ଯଥାର୍ଥ ସ୍ଥାନ ଦେଇନାହିଁ ଏବଂ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ରହିବାକୁ ବାଧ୍ୟ କରିଛି, ସେ ଧର୍ମ ଅନେକ ସମୟରେ

Digitized by srujanika@gmail.com

ସମସ୍ୟା ଭିତରେ ପଡିଯାଇଛି । ଯେଉଁ ସଂସ୍କୃତିରେ ବିକାଶ ଓ ପରିପ୍ରକାଶରେ ମହିଳାମାନଙ୍କୁ ଉଚିତ ଭୂମିକା ଦେଇନାହିଁ, ସେ ସଂସ୍କୃତି ଅଚ୍ଚ ସମୟରେ ଅପସଂସ୍କୃତିରେ ପରିଣତ ହୋଇଯାଇଛି ।

ଆଗାମୀ ଦିନମାନଙ୍କରେ ମହିଳାମାନଙ୍କର ସ୍ଥିତି କ'ଣ ହେବ ? ସେମାନଙ୍କୁ ବିଭିନ୍ନ ପ୍ରକାରର ଶୋଷଣ ଓ ଅତ୍ୟାଚାର ଦ୍ୱାରା କବଳିତ କରାଯିବକି ? ସେମାନଙ୍କର ସଂଖ୍ୟାକୁ ଭୃଣହତ୍ୟା ଦ୍ୱାରା କମାଇବାକୁ ଷଡଯନ୍ତ୍ର କରାଯିବକି ? ସେମାନଙ୍କୁ ନ୍ୟାଯ୍ୟ ସାମାଜିକ, ଆର୍ଥିକ, ରାଜନୈତିକ ଅଧିକାର ଦିଆଯିବ କି ନାହିଁ ? ଏସବୁ ପ୍ରଶ୍ନ ବାରମ୍ବାର ପଚରାଯିବାର ଆବଶ୍ୟକତା ରହିଛି । ଏ ଲେଖକ କାଶୀପୁର ପରିପ୍ରେକ୍ଷୀରେ ଦେଖିଆସିଛି ଯେ ଏକ ଅନୁନ୍ନତ ଅଞ୍ଚଳର ବିକାଶ ପାଇଁ ମହିଳମାନଙ୍କ ସ୍ୱର ଓ ସଂଗଠନର ଆବଶ୍ୟକତା ରହିଛି । ସ୍ଥାୟୀ ଜୀବନ ଓ ଜୀବିକା, ପ୍ରାକୃତିକ ସମ୍ବଳର ବିନିଯୋଗ, ପରିବେଶର ସନ୍ତୁଳନ, ମାନବାଧିକାରର ସୁରକ୍ଷା ଆଦି କେବଳ ମିହଳାଙ୍କ ଦ୍ୱାରା ସମ୍ଭବ । ଏଥିପାଇଁ ମହିଳମାନଙ୍କୁ ଯଥାର୍ଥ ସୁଯୋଗ ନଦେବା ଅନ୍ୟତମ । କିନ୍ତୁ ଏ ଦେଶରେ ମହିଳାମାନଙ୍କର ଭୂମିକା ଇତିହାସରେ ଲିପିବଦ୍ଧ ରହିଛି । ମହିଳା କେବଳ ଦୁର୍ଗା, ସୀତା, ଦ୍ରୌପଦୀ ବା ସାବିତ୍ରୀ ନୁହନ୍ତି, ସେ ମଧ୍ୟ ଗାର୍ଗୀ, ଲୋପାମୁଦ୍ରା, ରାଣୀ ଲକ୍ଷ୍ମୀବାଈ, କସ୍ତୁରବା, ସରୋଜିନୀ ନାଇଡୁ, ମାତଙ୍ଗିନୀ ଦେବୀ ମଧ୍ୟ ହୋଇଛନ୍ତି । ସ୍ୱାଧୀନତା ସଂଗ୍ରାମରେ ଲକ୍ଷ ଲକ୍ଷ ମହିଳା ଆନ୍ଦୋଳନ କରିଛନ୍ତି, ଜେଲ୍ ଯାଇଛନ୍ତି, ଗୁଳି ମଧ୍ୟ ଖାଇଛନ୍ତି । ଓଡ଼ିଶାର ଲବଣ ସତ୍ୟାଗ୍ରହ ବା ଭାରତଛାଡ଼ ଆନ୍ଦୋଳନରେ ଶ୍ରୀମତୀ ରମାଦେବୀ, ଶ୍ରୀମତୀ ମାଳତୀ ଚୌଧୁରୀ, ଶ୍ରୀମତୀ ସରଳାଦେବୀ ଆଦିଙ୍କ ଅବଦାନ ଆଜି ସ୍ମରଣୀୟ ହୋଇଯାଇଛି । ଗାନ୍ଧିଜୀ ମହିଳାମାନଙ୍କର ଭୂମିକାକୁ ବାରମ୍ବାର ସ୍ପଷ୍ଟ କରିଛନ୍ତି । ନିଜର ବ୍ୟକ୍ତିଗତ ଜୀବନ କ୍ଷେତ୍ରରେ, ରାଜନୈତିକ ଜୀବନ କ୍ଷେତ୍ରରେ ମହିଳାମାନେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଗାନ୍ଧିଜୀ ସବୁବେଳେ ସ୍ପଷ୍ଟତାର ସହ ଘୋଷଣା କରିଛନ୍ତି ଯେ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ୱାଧୀନତା ସହ ଆତ୍ମନିର୍ଭରଶୀଳତା ବ୍ରିଟିଶ୍ ଶାସନକୁ ହଟାଇବାର ଅନ୍ୟତମ ଅସ୍ତ୍ର । ଏଇଥିପାଇଁ ସେ ବାରମ୍ବାର ଯୁକ୍ତି କରିଛନ୍ତି । କସ୍ତୁରବା, ସରୋଜିନୀ ନାଇଡୁ, ଲକ୍ଷ୍ମୀ ମେନନ୍, ସୁଶୀଳା ନାୟାର, ରାଜକୁମାରୀ ଅମୃତ କାଉର ଆଦି ଅନେକଙ୍କୁ ତାଙ୍କ ବ୍ୟକ୍ତିଗତ ଓ ରାଜନୈତିକ ଜୀବନରେ ମୁଖ୍ୟ ଭୂମିକା ଦେଇଛନ୍ତି । ସେ ବାରମ୍ବାର ପ୍ରମାଣ କରିଛନ୍ତି ଯେ ମହିଳା ଅବଳା ନୁହେଁ,

Digitized by srujanika@gmail.com

ସବଳା । ଗାନ୍ଧିଜୀଙ୍କ ବ୍ୟକ୍ତିଗତ ଜୀବନଦର୍ଶନ ଆଜି ପର୍ଯ୍ୟନ୍ତ ଏଦେଶରେ ଅଗଣିତ ମିହଳାମାନଙ୍କୁ ଉଦ୍‌ବୁଦ୍ଧ କରିଆସୁଛି ।

ବିଶ୍ୱର ବିକାଶ ରଙ୍ଗମଞ୍ଚରେ, ମହିଳାମାନେ ନାୟିକା ହୁଅନ୍ତୁ ଓ ମାର୍ଗଦର୍ଶନ କରନ୍ତୁ, ଏହା ବାସ୍ତବ ପରିକଳ୍ପନା । ଆଜିର ରୋଗଗ୍ରସ୍ତ, ବିକାରଗ୍ରସ୍ତ ଓ ଅସୁସ୍ଥ ପୃଥିବୀରେ ଆନ୍ତର୍ଜାତିକ ମହିଳା ଦିବସର ଚିନ୍ତନ କ'ଣ ? ଯେଉଁ ଆଡକୁ ଦେଖିବ, ସେଇଆଡେ ବିଭେଦତା ଓ ଅଶିବ, ଅସୁନ୍ଦର ଓ ଅସତ୍ୟର ଚେର ବ୍ୟାପିଛି । କେଉଁ ଏକ ଅଶନି ସଙ୍କେତ ଦେଖାଦେଇଛି ସବୁଆଡେ । ଖାଲି ପୁରୁଷମାନେ ଏହାର ଶିକାର ହୋଇନାହାନ୍ତି, ମହିଳାମାନେ ମଧ୍ୟ ଶିକାର ହୋଇଛନ୍ତି । ମହିଳାମାନେ ପୁରୁଷମାନଙ୍କୁ ଅନୁକରଣ କରିବାରେ ଚେଷ୍ଟା କରିଆସୁଛନ୍ତି ଓ ନିଜକୁ ମାନସିକ ବ୍ୟଭିଚାର ଜାଲରେ ପକାଇ ସାରିଛନ୍ତି । ପାଶ୍ଚାତ୍ୟ ସଭ୍ୟତା ମହିଳାମାନଙ୍କର ରୂପକୁ ଅନ୍ୟ ଏକ ମାଧ୍ୟମରେ ପ୍ରକାଶ କରିଛି । ତଥାକଥିତ ଲିଙ୍ଗ ସଂଶ୍ଳିଷ୍ଟ ଅର୍ଥକୁ ସବୁଦିଗରେ ଜାହିର୍ କରିବାକୁ ଚେଷ୍ଟା କରିଛି । "ଫେମିନିଜମ୍"ର ଅର୍ଥ ନୁହେଁ ଯେ ମହିଳା ପୁରୁଷଙ୍କ ଭଳି ପୋଷାକ ପିନ୍ଧିବ ଓ ସ୍ତ୍ରୀ ପ୍ରଧାନ ସମାଜର ପରିକଳ୍ପନା କରିବ ଅଥବା ପୁରୁଷକୁ ବଶ୍ୟତା ସ୍ୱୀକାର କରିବାକୁ ବାଧ୍ୟ କରିବ । "ଫେମିନିଜମ୍"ର ଅର୍ଥ ଅବଶ୍ୟ ନୁହେଁ ଯେ ନଗ୍ନ ଓ ଅଶ୍ଳୀଳ ପରିପ୍ରକାଶକୁ ସମର୍ଥନ କିରବ । ଜର୍ମାନ ଗେର୍ ହୁଅନ୍ତୁ ବା ସାଇମନ୍ ଡି. ବିଭୁଆ ହୁଅନ୍ତୁ, କେଟ୍ ମିଲେଟ୍ ହୁଅନ୍ତୁ ବା ନୟନତାରା ସହଗଲ୍ ହୁଅନ୍ତୁ, ମହିଳାମାନଙ୍କୁ ନିଜର ରଣନୀତି ତିଆରି କରିବାକୁ ହେବ । ଆଜିର ଦିନରେ ମହିଳା ସ୍ୱୟଂ ସହାୟକ ଦଳ ଅସଲ ମହିଳା ସଂଗଠନ ନୁହେଁ । ପୁରୁଷ ଓ ମହିଳା ମୁଦ୍ରାର ଦୁଇପାର୍ଶ୍ୱ । ଯେ ପର୍ଯ୍ୟନ୍ତ ମହିଳାମାନଙ୍କର ସ୍ୱତନ୍ତ୍ର ପରିଚୟ ନାହିଁ, ସେ ପର୍ଯ୍ୟନ୍ତ ପୁରୁଷମାନଙ୍କର ସ୍ୱତନ୍ତ୍ରତାର ଅର୍ଥ କିଛିନାହିଁ । ଆନ୍ତର୍ଜାତିକ ମହିଳା ଦିବସକୁ ଖାଲି ମହିଳା ସଂଗଠନର ଦିବସ ପାଳନରେ ସୀମିତ ରଖିବା ଠିକ୍ ହେବନାହିଁ । ପୁରୁଷମାନଙ୍କର ସ୍ଥାନ ମଧ୍ୟ ଏଥିରେ ନିର୍ଦ୍ଧାରଣ କରିବାକୁ ହେବ ।

ଏବେ ପୃଥିବୀସାରା "ଇକୋ ଫେମିନିଜମ୍" ବିଷୟରେ ଚର୍ଚ୍ଚା ଚାଲିଛି । ଏହାର ଅର୍ଥ ହେଲା ପୃଥିବୀର ସବୁ ପ୍ରାକୃତିକ ସଂପଦ ଜଳ, ଜମି, ଜଙ୍ଗଲ ପରିବେଶ ସବୁ ପୁରୁଷମାନଙ୍କ ଦ୍ୱାରା ଲୁଣ୍ଠନ କରାଯାଉଛି । ଏହାର ପରିଣାମ ସ୍ୱରୂପ ମହିଳାମାନଙ୍କ ଉପରେ ଅତ୍ୟାଚାର ଓ ଅନ୍ୟାୟ ବଢୁଛି । ତେଣୁ ପ୍ରାକୃତିକ ସମ୍ପଦ ଏବଂ ପରିବେଶ ମହିଳାମାନଙ୍କ ଅଧିକାର ଭିତରେ ରହିବା ପାଇଁ ଦାବି ହୋଇଛି । "ଫେମିନିଜମ୍ ବା

Digitized by srujanika@gmail.com

ଇକୋ ଫେମିନିଜମ୍" କଥା ଆଦିବାସୀ ଅଞ୍ଚଳରେ ଆମ ମାଆମାନେ ବୁଝିବାର କୌଣସି ତାତ୍ପର୍ଯ୍ୟ ଅନୁଭବ କରୁନାହାନ୍ତି । ଯେଉଁମାନେ ସଂକୀର୍ଣ୍ଣ ବୌଦ୍ଧିକ ଓ ଜଟିଳ ମୂଲ୍ୟବୋଧର ଜାଲରେ ପଡିଯାଇଛନ୍ତି ସେମାନେ ଫେମିନିଜମ୍ ଓ ଇକୋ ଫେମିନିଜମ୍ ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି । ମାଟି କାଦୁଅର ମଣିଷମାନେ ଜୀବନ ଓ ଜୀବିକାର ପ୍ରଶ୍ନ ଉପରେ ନିଜକୁ ନିୟୋଜିତ କରୁଛନ୍ତି । ଏକଥା ସତ ଯେ ସେମାନଙ୍କ ଜୀବନ ଜୀବିକା ଓ ମାନବିକ ଅଧିକାର ପ୍ରାକୃତିକ ସମ୍ପଦ ଏବଂ ପରିବେଶ ଉପରେ ଅନେକାଂଶରେ ନିର୍ଭରଶୀଳ । ଏକଥା ମଧ୍ୟ ସତ ଯେ ସେମାନଙ୍କର ଭବିଷ୍ୟତ ପ୍ରାକୃତିକ ସମ୍ପଦର ସୁରକ୍ଷା ଏବଂ ସୁବିନିଯୋଗ ଉପରେ ଆଧାରିତ । ତେଣୁ ଆନ୍ତର୍ଜାତିକ ମହିଳା ଦିବସର ଗୁରୁତ୍ୱ ସେମାନେ ବୁଝନ୍ତୁ ନବୁଝନ୍ତୁ ବା ଏହାକୁ ପାଳନ କରନ୍ତୁ କି ନକରନ୍ତୁ ସେମାନଙ୍କୁ ସଂଘବଦ୍ଧ ଭାବରେ ନିଜର ନ୍ୟାଯ୍ୟ ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ପଡିବ । ଯଦି ସେମାନେ ରାଜରାସ୍ତାକୁ ନ ଓହ୍ଲାନ୍ତି ଏବଂ ନିଜର ସ୍ୱର ଉତ୍ତୋଳନ କରିବାରେ ପଛଘୁଞ୍ଚା ଦିଅନ୍ତି ତେବେ ଯେତେ ଜାକଜମକରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କଲେ ମଧ୍ୟ ସେମାନେ ଯେଉଁ ତିମିରେକୁ ସେଇ ତିମିରେ ରହିଥିବେ ।

□□□

Digitized by srujanika@gmail.com

୬

ନଦୀ ଓ ସଭ୍ୟତା: ଏକ ସାମୂହିକ ଆତ୍ମହତ୍ୟା ?

ପିଲାଟି ଦିନରୁ ନଦୀମାନଙ୍କ ପ୍ରତି ମୋର ମମତା ରହି ଆସିଛି । ତାଳଚେରର ଯୁବରାଜ ହାଇସ୍କୁଲର ଛାତ୍ର ଥିବାବେଳେ ଘରୁ ବାହାରି ଶ୍ରେଣୀ କକ୍ଷ ପହଞ୍ଚିଲା ପର୍ଯ୍ୟନ୍ତ ଯେତିକି ସମୟ ଲାଗେ ତାହାର ଅର୍ଦ୍ଧାଧିକ ସମୟ ବ୍ରାହ୍ମଣୀ ନଦୀକୂଳ ପାଖଦେଇ ରାସ୍ତାରେ ଚାଲିବାକୁ ପଡେ । ପ୍ରାୟ ତିନିକିଲୋମିଟର ରାସ୍ତାକୁ ମୁଁ ଘଣ୍ଟାଏ ଧରି ଅତିକ୍ରମ କରେ । ଖରା, ବର୍ଷା, ଶୀତ ଓ ବସନ୍ତ ଋତୁ ଗୁଡିକରେ ପ୍ରାକୃତିକ ଦୃଶ୍ୟ ବଦଳିବା ସଙ୍ଗେ ସଙ୍ଗେ ନଦୀର ଆକାର ପ୍ରକାର ମଧ୍ୟ ବଦଳୁଥାଏ । କେତେବେଳେ ତ ପୂର୍ଣ୍ଣଗର୍ଭା ଆଉ କେତେବେଳେ ଛୋଟିଆ ଧାରଟିଏ । କେତେବେଳେ ଭୀଷଣ ବନ୍ୟା ତ ଆଉ କେତେବେଳେ ନଦୀ ଗର୍ଭର ବହୁଭାଗ ବାଲୁକାମୟ । ଅନେକ ସନ୍ଧ୍ୟା ମୁଁ କାଟିଛି 'ହାୱାମହଲ'ରେ, ତାଳଚେର ରାଜପ୍ରାସାଦ ସମ୍ମୁଖରେ । ନଦୀ ସ୍ରୋତରେ ଯେତେବେଳେ ଚନ୍ଦ୍ରକିରଣ ପ୍ରତିଫଳିତ ହୋଇଥାଏ ଓ ସେ ସମୟରେ ନାଉରିଆଟିଏ ମାଛ ଧରିବାକୁ ତାହାର ଛୋଟ ନୌକାଟିକୁ ଆହୁଲା ମାରି ଏକୂଳରୁ ସେ କୂଳକୁ ଅତିକ୍ରମ କରେ, ମୁଁ ପ୍ରେମରେ ପଡି ଯାଇଥାଏ । ସେ ସବୁ ସ୍ମରଣୀୟ ମୁହୂର୍ତ୍ତ ଗୁଡିକୁ ବାରମ୍ବାର ଅନୁଭବ କରିବାର ତୀବ୍ର ଇଚ୍ଛା ଆହୁରି ବଳୀୟାନ ହୋଇଯାଏ । ମୁଁ କେତେଥର ଅନୁଭବ କରିଥିବି ଯେ ବହମାନ ନଦୀଟିଏ ପାଖରେ ଥିଲେ ଜୀବନ ଜିଜ୍ଞାସାର ଆନ୍ତରିକତାକୁ ଆହୁରି ଆପଣାର କରିହୁଏ । ସେଇଥିପାଇଁ ମୁଁ ସହରକୁ ଯାଏ କି ଗାଁକୁ ଯାଏ, ନଦୀମାନଙ୍କୁ ଖୋଜି ବସେ । ହରମାନ୍ ହେସ୍‌ଙ୍କ 'ସିଦ୍ଧାର୍ଥ' ବହିରେ ନଦୀକୁ ଆଧ୍ୟାତ୍ମିକ ଅନ୍ବେଷଣର ସଙ୍କେତ ଭାବେ ବର୍ଣ୍ଣନା କରାଯାଇଛି । ଉପନ୍ୟାସର ନାୟକ ସିଦ୍ଧାର୍ଥ ନଦୀକୂଳରେ ଏକାନ୍ତରେ ବସିଥିବା ବେଳେ "ଓମ୍" ଶବ୍ଦ ଶୁଣି ଅଭିଭୂତ ହୋଇପଡ଼ିଥିଲେ । ଋଷିଆର ବିଖ୍ୟାତ ଲେଖକ ସଲୋଖୋଭ

Digitized by srujanika@gmail.com

"ଆଣ୍ଡ କ୍ୱାଇଟ୍ ଫ୍ଲୋଜ୍ ଦି ଡନ୍" (And Quiet Flows the Don) ନାମରେ ବିରାଟ ଉପନ୍ୟାସ ଲେଖି ବିଶ୍ୱ ସାହିତ୍ୟର ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି । ନଦୀ ସଭ୍ୟତା, ସାହିତ୍ୟ ଓ ସଂସ୍କୃତି ଗଢିଛି । ଟାଇଗ୍ରୀସ୍ ଓ ଇୟୁଫ୍ରେଟିସ୍ ନଦୀ ହେଉ କି ସିନ୍ଧୁ ନଦୀ ହେଉ, ୟାଙ୍ଗସୀ ନଦୀ ହେଉ କି ମିସିସିପି ନଦୀ ହେଉ, ମଣିଷ ସମାଜକୁ ଦେଇଛନ୍ତି ଜୀବନ ଜୀବିକା, ଗତିଶୀଳତାର ପଥ ଏବଂ ଅଦ୍ୱିତୀୟ ପରିବେଶ । ଗଙ୍ଗା ନଦୀ କୂଳରେ ଆମର ମୁନି ଋଷିମାନେ ସୃଷ୍ଟି କରିଛନ୍ତି ବେଦ ଓ ଉପନିଷଦ, ଅଧ୍ୟାତ୍ମିକତାର ସୁଦୃଢ଼ ମନ୍ଦିର । ନଦୀ ସୃଷ୍ଟି କରିଛି ପୃଥିବୀସାରା ବନ୍ୟାର କରାଳ ବିଭୀଷିକା । ଆଉ କେଉଁଠି ସୃଷ୍ଟି କରିଛି କୃଷି ଓ ବାଣିଜ୍ୟର ଭିତ୍ତିଭୂମି । ଇତିହାସ ଦେଖିଲେ ସ୍ପଷ୍ଟ ଜଣାପଡେ ଯେ ନଦୀ ବିନା ଏ ପୃଥିବୀ ସୁଜଳା ଓ ସୁଫଳା ହୋଇ ପାରିନାହିଁ । ନଦୀ ଅବବାହିକା ସବୁ ସଭ୍ୟତାକୁ ଋଦ୍ଧିମନ୍ତ କରିଛି ।

ଏବେ କିନ୍ତୁ ପୃଥିବୀସାରା ଗୋଟିଏ କଥା ଚର୍ଚ୍ଚା ଚାଲିଛି ଯେ ନଦୀ ସମ୍ପଦର ସାମ୍ପ୍ରତିକ ସ୍ଥିତି କ'ଣ ? ବିଶ୍ୱ ବ୍ୟାଙ୍କ ତାଙ୍କର ରିପୋର୍ଟରେ କେଉଁ କେଉଁ ନଦୀ ସବୁ ପ୍ରଦୂଷିତ ଓ ମନୁଷ୍ୟ ବ୍ୟବହାର ପାଇଁ ଅନୁପଯୁକ୍ତ ତାହା ଉଲ୍ଲେଖ କରିଛନ୍ତି । ୱାର୍ଲ୍ଡ ୱାଇଲ୍ଡ ଲାଇଫ୍ ଫଣ୍ଡ (World Wild Life Fund) ପୃଥିବୀର ସବୁଠାରୁ ଦଶଟି ବେଶି ପ୍ରଦୂଷିତ ନଦୀଗୁଡ଼ିକର ନାମ ଉଲ୍ଲେଖ କରିଛନ୍ତି । ଉଦାହରଣ ସ୍ୱରୂପ ଚୀନ୍‌ର ସାଲୱିନ୍ (Salween)ନଦୀରେ ଡ୍ୟାମ୍ ଏବଂ ଭିତ୍ତିଭୂମି ପ୍ରତିଷ୍ଠା, ଇୟୁରୋପରେ ଡାନ୍ୟୁବ (Danube) ନଦୀରେ ଭିତ୍ତିଭୂମି ପ୍ରତିଷ୍ଠା ଏବଂ ନୌଚାଳନା, ଦକ୍ଷିଣ ଆମେରିକାର ଲା ପ୍ଲାଟ (La plata), ଉତ୍ତର ଆମେରିକାର ରିଓ ଗ୍ରାଣ୍ଡ - ରିଓ ବ୍ରାଭୋ(Rio Grand-Rio Bravo) ନଦୀରେ ଅଧିକ ଜଳ ସଂଗ୍ରହ, ଏସିଆର ଗଙ୍ଗାନଦୀ କୂଳରେ କଳକାରଖାନା ପ୍ରତିଷ୍ଠାଦ୍ୱାରା ଓ ଅଧିକ ଜଳସଂଗ୍ରହ, ଆଫ୍ରିକାର ନୀଳ ନଦୀରେ ଜଳବାୟୁ ପରିବର୍ତ୍ତନ ହେତୁ, ପାକିସ୍ଥାନର ସିନ୍ଧୁ ନଦୀରୁ ଅଧିକ ଜଳ ଗ୍ରହଣ ପ୍ରକ୍ରିୟା ଏବଂ ଅଷ୍ଟ୍ରେଲିଆର ମରେ-ଡାର୍ଲିଂ (Murray-Darling) ନଦୀରେ ଅଧିକ ମତ୍ସ୍ୟ ସଂଗ୍ରହ ଦ୍ୱାରା ଏବଂ ଚୀନ୍‌ର ୟାଙ୍ଗସୀ ନଦୀରେ କଳକାରଖାନା ଜନିତ ପ୍ରଦୂଷଣ ଦ୍ୱାରା ଏଗୁଡିକ ଆଉ ମଣିଷ ଉପଯୋଗୀ ହୋଇପାରୁନଥିବା ହେତୁ ପୃଥିବୀର କୋଟି କୋଟି ଲୋକ ଜଳସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଦିନେ ଯେଉଁ ନଦୀ ସଭ୍ୟତା ଓ ସମାଜ ଗଢୁଥିଲା ତାହା ଆଜି ସେଗୁଡିକୁ ଧ୍ୱଂସ କରି ଦେବାକୁ ବସିଛି । ନଦୀମାନେ ପୃଥିବୀସାରା ଏବେ ଆଉ ଆର୍ଥିକ, ସାଂସ୍କୃତିକ ଓ ପାରିବେଶିକ ଓ ପାରମ୍ପରିକ

Digitized by srujanika@gmail.com

ମୂଲ୍ୟବୋଧକୁ ସୁରକ୍ଷିତ ରଖିପାରୁ ନାହାନ୍ତି । ଯେଉଁ ବ୍ରାହ୍ମଣୀ ନଦୀକୂଳରେ ମୋର ଭାବାବେଗ ଓ ଆଦର୍ଶବାଦୀ ଚିନ୍ତାଧାରା ଗୁଡିକ ଦୃଢ଼ୀଭୂତ ହୋଇଛି, ତାହା ଏବେ ଓଡ଼ିଶାର ସବୁଠାରୁ ଅଧିକ ପ୍ରଦୂଷିତ । ଏ ନଦୀ ଆଜି ସମସ୍ତଙ୍କ ପାଇଁ ଉଦ୍‌ବେଗର କାରଣ ହୋଇସାରିଛି । ଏ ନଦୀ ଉପରେ ଅନେକ ଗବେଷଣା ଓ ଅଧ୍ୟୟନ ହୋଇସାରିଛି ସତ ଏହାକୁ କିପରି ମଣିଷର ବ୍ୟବହାର ଉପଯୋଗୀ କରାଯାଇପାରିବ, ଏବେ ଚିନ୍ତାର ବିଷୟ ହୋଇଛି ।

ଓଡ଼ିଶା ନଦୀର ପ୍ରଦେଶ । ଉତ୍ତରରେ ସୁବର୍ଣ୍ଣରେଖା ଓ ଦକ୍ଷିଣ ଦିଗର ସର୍ବଶେଷ ସ୍ଥାନରେ ପଟେଗ୍ରୁ, ଶର୍ବରୀ ଓ ସିଲେରୁ ନଦୀର ସୀମାରେଖା । ମଧ୍ୟଭାଗରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବଂଶଧାରା ଓ ନାଗାବଳୀ ଆଦି ନଦୀ ପ୍ରବାହିତ ହେଉଛନ୍ତି । ଓଡ଼ିଶାର ସାମାଜିକ, ସାଂସ୍କୃତିକ, କଳାତ୍ମକ ଐତିହ୍ୟ ଏମାନଙ୍କୁ ନେଇ ଗଢ଼ି ଉଠିଛି । ଏକଥା ସତଯେ ନଦୀତଟରେ ଅନେକ ଲେଖକ, କବି, ଭାବୁକଙ୍କର ସୃଷ୍ଟି ଓ ବିଲୟ ହୋଇସାରିଛି । ଗ୍ରାମ, ନଗର ଓ ଜନପଦମାନେ ପ୍ରତିଷ୍ଠା ଲାଭ କରିଛନ୍ତି । ଓଡ଼ିଶାର ଐତିହାସିକ ବାଣିଜ୍ୟବେପାର ନଦୀପଥ ଉପରେ ନିର୍ଭର କରି ଆସିଛି ବୋଲି ଅନେକ ପ୍ରମାଣ ମିଳିଛି । ନଦୀ କୂଳରେ କଳା ଓ ଭାସ୍କର୍ଯ୍ୟ ମଧ୍ୟ ବିକଶିତ ହୋଇଛି । ଲୋକ କଳା ଓ କିମ୍ବଦନ୍ତୀ ପ୍ରସ୍ଫୁଟିତ ହୋଇଛି । ନଦୀ ଆମର ପୂର୍ବପୁରୁଷମାନଙ୍କୁ ଏକାଠି କରୁଛି । ତଥାପି ମନେ ହେଉଛି ଯେ ଆମେ ସମସ୍ତେ ଆମର ମୂଲ୍ୟବାନ ନଦୀ ଗୁଡିକୁ ମରିଯିବାର ପରିସ୍ଥିତି ସୃଷ୍ଟି କରୁଛେ । ଏଥିପାଇଁ ଯେମିତି ଆମେ ସଂଘବଦ୍ଧ ଭାବେ ଯୋଜନା କରୁଛେ ।

କିଛିଦିନ ତଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓଡ଼ିଶାର କେତୋଟି ମୁଖ୍ୟ ନଦୀରେ ଜଳର ଗୁଣାତ୍ମକମାନ କେଉଁଭଳି ତାହା ଉପରେ ଏକ ରିପୋର୍ଟ ତିଆରି କରିଛି । ଏହାର ଇଂରାଜୀ ନାମ ହେଲା 'ୱାଟର କ୍ୱାଲିଟି ଅଫ୍ ମେଜର ରିଭର୍ସ ଅଫ ଓଡ଼ିଶା' (Water Quality of Major Rivers of Orissa) । ଏହା ପ୍ରକାଶିତ ହେବା ପରେ କିଛି ସମ୍ବାଦପତ୍ରରେ କେତେକ ଚମକପ୍ରଦ ସମ୍ବାଦ ମଧ୍ୟ ପ୍ରକାଶିତ ହୋଇଛି । ଏ ପୁସ୍ତକଟିର ଅସଲ ମର୍ମ କଥା କିନ୍ତୁ ଜନସାଧାରଣଙ୍କ ପାଖରେ ପହଞ୍ଚି ନାହିଁ କି ଭବିଷ୍ୟତରେ ପହଞ୍ଚିବ ନାହିଁ । କାରଣ ଓଡ଼ିଶାର ୫ଟି ମୁଖ୍ୟ ନଦୀ- ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ନାଗାବଳୀ- ଯେ ସମ୍ପୂର୍ଣ୍ଣଭାବେ ପ୍ରଦୂଷିତ ହୋଇଛି ଏବଂ ପରୀକ୍ଷା ନିରୀକ୍ଷାରୁ ଯେଉଁ ନିଷ୍କର୍ଷ ବାହାରିଛି ତାହା ଅତି ଜଟିଳ

Digitized by srujanika@gmail.com

ଭାବେ ଉପସ୍ଥାପନା କରାଯାଇଛି । ଏଥିରେ ଯେଉଁ ବିଭିନ୍ନ ପରିସଂଖ୍ୟାନ, ଗ୍ରାଫ୍ ଓ ଗାଣିତିକ ସୂତ୍ରର ସାହାଯ୍ୟ ନିଆଯାଇଛି ତାହା ସାଧାରଣ ମଣିଷଙ୍କ ପକ୍ଷେ ବୁଝିବା କଷ୍ଟକର । ଜଳର ଗୁଣାତ୍ମକମାନ କ'ଣ ଏବଂ ଏହା ମଣିଷର ତଥା ଜୀବଜନ୍ତୁ ଓ ବୃକ୍ଷଲତାଙ୍କ ବ୍ୟବହାର ଯୋଗ୍ୟ କି ନାହିଁ ତାହା ଉପରେ ଆନ୍ତର୍ଜାତିକ ପରିମାପକ ସ୍ଥିର କରାଯାଇଛି । ନଦୀ ଜଳରେ କେତେମାତ୍ରାରେ ଭାଇରସ୍(Virus) ଏବଂ ବାକ୍ଟେରିଆ (Bacteria), ରାସାୟନିକ ଲବଣ, ଧାତୁ, କୀଟନାଶକଦ୍ରବ୍ୟ, ଜୈବିକ ରାସାୟନିକ ଦ୍ରବ୍ୟ, ପେଟ୍ରୋଲିୟମ ବସ୍ତୁ ଏବଂ ରେଡିଓଆକ୍ଟିଭ ବସ୍ତୁ ରହିଛି ତାହା ମଣିଷର ବ୍ୟବହାର ଯୋଗ୍ୟ କି ନାହିଁ ସ୍ଥିର କରିଥାଏ । ନଦୀ ଜଳର ମାନ ସ୍ଥାନୀୟ ଭୂତତ୍ତ୍ୱ ଏବଂ ପରିବେଶ, ମାନବୀୟ ବର୍ଜ୍ୟବସ୍ତୁ ଏବଂ ଶିଳ୍ପରୁ ଏବଂ ଖଣିଖାଦାନରୁ ଉଦ୍‌ଗତ ବର୍ଜ୍ୟବସ୍ତୁ ଉପରେ ନିର୍ଭର କରିଥାଏ । କେଉଁଜଳ ପାନୀୟ ଜଳ ରୂପେ ବ୍ୟବହାର କରିହେବ ଓ କେଉଁ ଜଳ ଜଳସେଚନ, ଜଳକ୍ରୀଡା, ମତ୍ସ୍ୟଚାଷ ଏବଂ ଅନ୍ୟ ଶିଳ୍ପରେ ବ୍ୟବହାର କରାଯାଇ ପାରିବ ତାହା ମଧ ବୈଜ୍ଞାନିକ ଉପାୟରେ ନିର୍ଦ୍ଧାରଣ କରାଯାଇଛି । ଜଳର ମାନ ତାହାର ଉତ୍ତାପ, ଅମ୍ଳତା ବା ପି.ଏଚ୍ (PH), ଅମ୍ଳଜାନର ମାତ୍ରା, ତାହାର ଉତ୍ତାପ ବା ବିଦ୍ୟୁତଶକ୍ତି ପରିବାହକ ଶକ୍ତି ଆଦି ଉପରେ ନିର୍ଭର କରିଥାଏ । ଏଥିରେ ବିଶେଷକରି ଭୂତାଣୁ ଓ ଜୀବାଣୁ କେତେ ଅଛନ୍ତି, କ୍ୟାଲ୍‌ସିଅମ୍, ମାଗ୍ନେସିଅମ୍, ସୋଡିଅମ୍, ପଟାସିଅମ୍, ଫ୍ଲୋରାଇଡ୍ ଆଦି କେତେ ମାତ୍ରାରେ ଦ୍ରବୀଭୂତ ଅଛି ଏବଂ ସୀସା, ପାରଦ, ଆର୍ସେନିକ୍ ଆଦି କେତେ ଧାତୁ ମିଶିଛି ଏପରି ଅନେକ କିଛି ବସ୍ତୁମାନଙ୍କର ମିଶ୍ରଣ ହୋଇଛି କି ନାହିଁ ତାହା ବିଭିନ୍ନ ବୈଜ୍ଞାନିକ ଉପାୟରେ ପରୀକ୍ଷା କରିଲା ପରେ ଜଣାପଡେ । ଯଦିଓ ସାଧାରଣ ଭାବେ ଜଳପରୀକ୍ଷା କରିବା ପାଇଁ ଗୋଟାଏ କିଟ୍ ବା ସରଞ୍ଜାମ ବ୍ୟବହାର କରାଯାଏ କିନ୍ତୁ ସୂକ୍ଷ୍ମଭାବେ ଜାଣିବାକୁ ପରୀକ୍ଷାଗାରର ଜଟିଳ ପରୀକ୍ଷା ଆବଶ୍ୟକ ହୋଇଥାଏ । ସେ ଯାହା ହେଉନା କାହିଁକି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ସ୍ଥାନରେ ପରୀକ୍ଷା ନିରୀକ୍ଷା ପରେ ନିର୍ଦ୍ଦିଷ୍ଟ ମତାମତ ଉପସ୍ଥାପିତ କରି କହିଛନ୍ତି ଯେ ଓଡ଼ିଶାର ପାଞ୍ଚୋଟି ମୁଖ୍ୟ ନଦୀର ଜଳ ବିଭିନ୍ନ ମାତ୍ରାରେ ପ୍ରଦୂଷିତ ହୋଇ ସୀମା ଟପିଛନ୍ତି ଓ ବହୁକ୍ଷେତ୍ରରେ ତାହା ବ୍ୟବହାରଯୋଗ୍ୟ ନୁହେଁ । ଉଦାହରଣ ସ୍ୱରୂପ, ମହାନଦୀ ଜଳର ମାନ ପାରାଦ୍ୱୀପ ଠାରେ, ବ୍ରାହ୍ମଣୀର ତାଳଚେର ଠାରେ, ବୈତରଣୀର ଚାନ୍ଦବାଲି ଠାରେ, ଋଷିକୂଲ୍ୟାର ମାଧୋପୁର ଠାରେ ଏବଂ ନାଗାବଳୀର ରାୟଗଡ଼ା ଠାରେ ଗୁରୁତର ଭାବେ ହ୍ରାସ ହୋଇଛି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉଲ୍ଲେଖ କରିଛି । ଏଇଭଳି କାହିଁକି

Digitized by srujanika@gmail.com

ହୋଇଛି ତାହାର କାରଣ ମଧ୍ୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ମଧ୍ୟ ସବିଶେଷ ବର୍ଣ୍ଣନା ଓ ବିଶ୍ଳେଷଣ ଉପସ୍ଥାପନା କରାଯାଇଛି । ମହାନଦୀରେ ୩୦ଟି ସହର ଏବଂ ନଗରରୁ ପ୍ରତିଦିନ ୩,୪୫,୦୦୦ ଘନମିଟର ନର୍ଦ୍ଦମାଜଳ ମିଶୁଛି । ୯ଟି ବୃହତ୍ ଶିଳ୍ପ ମହାନଦୀ ଅବବାହିକାରେ ରହି ଏକ ଲକ୍ଷ ଘନମିଟର ପ୍ରଦୂଷିତ ବର୍ଜ୍ୟବସ୍ତୁ ମହାନଦୀକୁ ଛାଡୁଛନ୍ତି । ୧୨ଟି କୋଇଲାଖଣି ପ୍ରତିଦିନ ୩୦୦୦୦ଘନମିଟର ପ୍ରଦୂଷିତ ଜଳ ମହାନଦୀକୁ ନିଷ୍କାସିତ କରୁଛନ୍ତି । ହୀରାକୁଦର ଜଳସେଚିତ ଅଞ୍ଚଳରୁ ଏବଂ ମହାନଦୀ ତ୍ରିକୋଣ ଭୂମିରୁ ୧୫୬କୋଟି ଘନମିଟରର ରାସାୟନିକ ସାର ଓ କୀଟନାଶକ ଦ୍ରବ୍ୟ ମିଶ୍ରିତ ଜଳ ମହାନଦୀରେ ମିଶୁଛି । ସେଇଭଳି ବ୍ରାହ୍ମଣୀ ନଦୀର ଅବବାହିକାରେ ୨୦ଟି ବୃହତ୍‌ଶିଳ୍ପ, ୧୩ଟି ତାପଜ ବିଦ୍ୟୁତଶିଳ୍ପ, ୧୨ଟି କୋଇଲାଖଣି, ୧୪ଟି କ୍ରୋମାଇଟ୍ ଖଣି, ୧୪ଟି ବଡ ସହର ଏବଂ ବିଭିନ୍ନ ଜଳସେଚିତ ଅଞ୍ଚଳରୁ ରାସାୟିନିକ ଦ୍ରବ୍ୟ ଓ କୀଟନାଶକ ଦ୍ରବ୍ୟ ଯୋଗୁଁ ନଦୀଜଳ ସମ୍ପୂର୍ଣ୍ଣ ପ୍ରଦୂଷିତ ।

କିନ୍ତୁ ମୋଟାମୋଟି ଏ ରିପୋର୍ଟରେ କେତେକ ପ୍ରମାଦ ରହିଥିବାର ସଙ୍କେତ ମିଳୁଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରମାଣ କରିବାକୁ ଋହିଁଛି ଯେ ସହର ଏବଂ ନଗରମାନଙ୍କରୁ ନିର୍ଗତ ନର୍ଦ୍ଦମା ଗୁଡିକୁ ବିଶୋଧନ ନକରାଯାଇ ନଦୀକୁ ଛଡାଯାଉଛି ଏବଂ ସହରାଞ୍ଚଳ ଅବ୍ୟବସ୍ଥିତ ଭାବେ ବଢ଼ିବାରେ ଲାଗିଛି । ଶିଳ୍ପ ଏବଂ କଳକାରଖାନାରୁ ନିର୍ଗତ ପ୍ରଦୂଷଣକୁ କିଛି ନା କିଛି ଉପାୟରେ ନିୟନ୍ତ୍ରଣ କରିବାକୁ ପଦକ୍ଷେପ ନିଆଯାଇଛି ବୋଲି ଅଧ୍ୟୟନରେ ଉଲ୍ଲେଖ କରାଯାଉଛି । ସନ୍ଦେହ ହୁଏ ଯେ ଶିଳ୍ପମାନଙ୍କୁ ସମ୍ପୂର୍ଣ୍ଣଭାବେ ଦୋଷୀସାବ୍ୟସ୍ତ ନକରି କିଛି ମାତ୍ରାରେ 'କ୍ଲିନ୍‌ଚିଟ୍' ଦେବାର ଅପଚେଷ୍ଟା କରାଯାଇଛି । ରାଜ୍ୟ ପ୍ରଦୂଷଣ ବୋର୍ଡ଼ରେ ସଂବେଦନଶୀଳତାର ଅଭାବ ବହୁ ଦିନରୁ ଲକ୍ଷ୍ୟ କରାଯାଉଛି ।

ପ୍ରଶ୍ନ ଉଠୁଛି ଯେ ଯଦି ଓଡ଼ିଶାର ମୁଖ୍ୟନଦୀ ଗୁଡିକ ଏତେ ମାତ୍ରାରେ ପ୍ରଦୂଷିତ ତାହାହେଲେ ଜନସଚେତନତା କାହିଁକି ସୃଷ୍ଟି କରାଯାଉନାହିଁ ଓ ଜନସାଧାରଣଙ୍କୁ କାହିଁକି ସତର୍କ କରାଇ ଦିଆଯାଉ ନାହିଁ? ଏହି ରିପୋର୍ଟର ଏକ ଓଡ଼ିଆ ଏବଂ ବୋଧଗମ୍ୟ ସଂସ୍କରଣ କାହିଁକି ପ୍ରକାଶିତ ହେଉନାହିଁ? ଯେଉଁଠାରେ ନଦୀଜଳ ପ୍ରଦୂଷଣର ସୀମା ଲଂଘିଛି ସେଠାରେ ଜନସ୍ୱାର୍ଥ ପାଇଁ କାହିଁକି ବଡ ବଡ ସାଇନବୋର୍ଡ ଲଗାଯାଇ ସାଧାରଣ ଲୋକଙ୍କ ଧ୍ୟାନ ଆକର୍ଷଣ କରାଯାଉ ନାହିଁ ? ପ୍ରତିବର୍ଷ କାହିଁକି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏକ 'ଶ୍ୱେତପତ୍ର' ପ୍ରକାଶ କରି ନଦୀଜଳ ବ୍ୟବହାର

Digitized by srujanika@gmail.com

କରିବା ଯୋଗ୍ୟ କି ନାହିଁ ଜନସାଧାରଣଙ୍କୁ ଜଣାଉ ନାହିଁ ? ଯଦି ରାସାୟନିକ ସାର ଓ କୀଟନାଶକ ବିଷ ନଦୀଜଳରେ ମିଶି ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି, ତାହାହେଲେ ଏହାର ବ୍ୟବହାର ଉପରେ କାହିଁକି କଟକଣା ଜାରି କରାଯାଉ ନାହିଁ ? ଅଥବା ବିକଳ୍ପ କୃଷିର କାହିଁକି ଯୋଜନା କରାଯାଉ ନାହିଁ ?

ଜଳକୁ ପ୍ରଦୂଷିତ କରି ନଦୀମାନଙ୍କୁ ମୃତ୍ୟୁ ମୁଖକୁ ଠେଲିବା ଅର୍ଥ ଜାଣିଶୁଣି ନିଜକୁ ହତ୍ୟା କରିବା । ବର୍ତ୍ତମାନ ଓଡ଼ିଶାର ଅର୍ଦ୍ଧେକରୁ ଅଧିକ ଜନସଂଖ୍ୟା ବିଶେଷ କରି ନଦୀଜଳ ଉପରେ ନିର୍ଭର କରୁଥିବା ମଣିଷମାନେ ଏଇଭଳି ମୃତ୍ୟୁର ବିପଦ ସୃଷ୍ଟି କରି ଚାଲିଛନ୍ତି । ଏହା ଏକ ଆତ୍ମହତ୍ୟା ନୁହେଁ ତ ଆଉ କ'ଣ ? ସମୟ ଆସିଛି ସମସ୍ତେ ସାମୂହିକ ଭାବରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ । ଏହାର ପ୍ରଥମ ପଦକ୍ଷେପ ହେଲା ଯେ ଜଳର ମାନ ନିର୍ଦ୍ଧାରଣ କରିବାର ଉପାୟ ସହଜରେ ଜାଣିବା । ଏହା ସମ୍ଭବ - ବାସ୍ତବଭାବେ ସମ୍ଭବ ।

□□□

Digitized by srujanika@gmail.com

୭

ଜଳଯୁଦ୍ଧ ଅବଶ୍ୟମ୍ଭାବୀ

ମାର୍ଚ୍ଚ ୨୨ତାରିଖ । ଏ ଦିନ ପୃଥିବୀସାରା ବିଶ୍ୱ ଜଳଦିବସ ପାଳିତ ହେବ । ଜଳ ସମସ୍ୟାର ବିଭିନ୍ନ ଦିଗ ଓ ସମାଧାନର ଉପାୟମାନ ଆଲୋଚିତ ହେବ । ଜାତିସଂଘ ତରଫରୁ ଏବର୍ଷଟିକୁ "ପରିମଳ ବର୍ଷ" ବୋଲି ଘୋଷଣା କରାଯାଇଛି । ଏଣୁ ଆଲୋଚନାର ମୁଖ୍ୟଧାରା ଜଳ ଓ ପରିମଳ ଉପରେ ଆଧାରିତ ହେବ । ଭାରତ ସରକାରଙ୍କ ଜଳସମ୍ପଦ ମନ୍ତ୍ରଣାଳୟ ସମନ୍ୱିତ ଜଳସମ୍ପଦ ପରିଚାଳନା ଉପରେ ଗୁରୁତ୍ୱ ଆରୋପ କରି ଏବର୍ଷଟିକୁ "ଜଳ ଦିବସ" ପାଳନ କରିବ ବୋଲି ନିଷ୍ପତ୍ତି ନେଇଛି । ସାଧାରଣ ମଣିଷଙ୍କ ପାଇଁ ଜଳର ଯେତିକି ଆବଶ୍ୟକତା ରହିଛି ପରିମଳର ଆବଶ୍ୟକତା ତା'ଠାରୁ କୌଣସି ଗୁଣରେ କମ୍ ନୁହେଁ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପାନୀୟ ଜଳର ବିଶେଷ ଅଭାବ ଦେଖାଦେଇଛି । ସେଠାରେ କେବଳ ପରିମଳ ବିଷୟ ଆଲୋଚନା କରିଲେ ତାହାର ବିଶେଷ ପ୍ରଭାବ ରହେ ନାହିଁ । ଆଦିବାସୀମାନେ ପାଇଖାନା ତିଆରି କରିବେ ଓ ତାକୁ ନିର୍ମଳ ରଖି ବ୍ୟବହାର କରିବେ ଏହା ସବୁବେଳେ ଯୋଜନା ଭିତରେ ସୀମିତ ରହିଛି । ଏହାର ବାସ୍ତବ ରୂପାୟନ କରିବା ପାଇଁ କେତେକ ସ୍ୱେଚ୍ଛାସେବୀ ସଂଗଠନ ଓ ସରକାର ଅଣ୍ଟା ଭିଡିଛନ୍ତି । ଆଦିବାସୀ ଅଞ୍ଚଳରେ ସମ୍ପୂର୍ଣ୍ଣ ପରିମଳ ଯୋଜନାର ସଫଳ ରୂପାୟନ ଅନେକ ପଛରେ ପଡିଛି । କିନ୍ତୁ ଉତ୍ତମ ପରିମଳ ବ୍ୟବସ୍ଥା ସବୁଲୋକଙ୍କୁ ମିଳୁ ବୋଲି ଏ ଦେଶ ଅପେକ୍ଷା କରିଛି ।

ବିଶ୍ୱ ଜଳ ଦିବସର ପରିକଳ୍ପନା ୧୯୯୨ ମସିହାରେ ବ୍ରାଜିଲ୍‌ର ରିଓଡି ଜେନିରୋ (Rio de Ja neiro)ଠାରେ ବିଶ୍ୱ ପରିବେଶ ସମ୍ମିଳନୀରେ କରାଯାଇଥିଲା ଓ ୧୯୯୩ ମସିହାଠାରୁ ଏହା ପ୍ରତିବର୍ଷ ବିଶ୍ୱସାରା ପାଳିତ ହେଉଛି । ପ୍ରତିବର୍ଷ ଜାତିସଂଘର ଏକ ସଂସ୍ଥା ଏହାର ସଂଯୋଜନା ଓ ପରିଚାଳନା କରିବେ । ୨୦୦୫ ମସିହାରେ ଜାତିସଂଘର ଆର୍ଥିକ ଓ ସାମାଜିକ ନୀତି ବିଭାଗ ଏହାର ସଂଯୋଜନା କରିଥିଲେ ଏବଂ ଦଶବର୍ଷର ଏକ ଆନ୍ତର୍ଜାତିକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ୨୦୦୬ ମସିହାରେ

Digitized by srujanika@gmail.com

ୟୁନେସ୍କୋ(UNESCO) 'ଜଳ ଏବଂ ସଂସ୍କୃତି' ନାମରେ କାର୍ଯ୍ୟକ୍ରମ ଆରମ୍ଭ କରି ବିଶ୍ୱ ଜଳଦିବସ ପାଳନ କରିଥିଲେ । ୨୦୦୭ମସିହାରେ ଜଳାଭାବ କିପରି ଦୂରହେବ ତାହାକୁ ମୁଖ୍ୟକରି ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ ବା ଏଫ୍.ଏ.ଓ. (FAO) ବିଶ୍ୱ ଜଳଦିବସ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ୨୦୦୮ ମସିହାରେ ବିଶ୍ୱ ଜଳଦିବସରେ ଆରମ୍ଭ ହୋଇଥିବା ଆନ୍ତର୍ଜାତିକ ପରିମଳ ବର୍ଷକୁ ବିଶେଷ ଧ୍ୟାନ ଦିଆଯିବ ବୋଲି ଜାତିସଂଘ ତରଫରୁ ଘୋଷଣା କରାଯାଇଛି ।

ପୃଥିବୀରେ ଜଳସମ୍ପଦ ଏବଂ ଏହାର ଭବିଷ୍ୟତକୁ ନେଇ ଏକ ଆଲୋଡ଼ନ ସୃଷ୍ଟି ହୋଇଛି । ସାଧାରଣ ଲୋକମାନେ ବ୍ୟବହାର କରିବା ପାଇଁ ସର୍ବନିମ୍ନ ପରିମାଣର ଜଳ ମିଳିବ କି ନାହିଁ ସନ୍ଦେହ ପ୍ରକାଶ ପାଇଛି । ଗୋଟାଏ ପାର୍ଶ୍ୱରେ ବିଶ୍ୱର ତାପମାତ୍ରା ବଢୁଥିବା ହେତୁ ଜଳବାୟୁର ପରିବର୍ତ୍ତନ ଓ ଅନ୍ୟପକ୍ଷରେ ଶିଳ୍ପୀକରଣ ଓ ସହରୀକରଣ ଯୋଗୁଁ ଜଳସମ୍ପଦର ପ୍ରଦୂଷଣ ଏହାର ମୁଖ୍ୟକାରଣ ବୋଲି ସ୍ୱୀକାର କରାଯାଇଛି । ସାରା ପୃଥିବୀରେ ସଂଘର୍ଷର ଇତିହାସ ଏବଂ ଏହା ସହିତ ପ୍ରଗତି ଓ ବିକାଶର ଉଠାଣି ଗଡାଣି ରାସ୍ତାକୁ ଅଧ୍ୟୟନ କରିଲେ ଜଣାପଡେ ଯେ ସାଧାରଣ ମଣିଷ ଜୀବନଜୀବିକା ପାଇଁ ଅହର୍ନିଶ ସଂଗ୍ରାମ କରି ଆସୁଛି । ଜମି ଓ ଜଙ୍ଗଲ ଉପରେ ମୁଖ୍ୟତଃ ଅଧିକାର ସାବ୍ୟସ୍ତ କରିବା ହିଁ ଏ ସଂଗ୍ରାମର ଅନ୍ୟତମ କାରଣ ବୋଲି ପ୍ରମାଣିତ ହୋଇସାରିଛି । ଏଇଥିପାଇଁ ଭୂସମ୍ପଦକୁ ନେଇ ପୃଥିବୀସାରା ସଂଘର୍ଷ, ବିଦ୍ରୋହ ଓ ବିପ୍ଳବ ଦେଖା ଦେଇଛି । ଖୁସିର କଥା ଯେ ପ୍ରାୟ ପୃଥିବୀର ସବୁ ଦେଶରେ ଭୂସଂସ୍କାର ଓ ନୀତିନିୟମ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଜମି ଉପରେ କିପରି ଚାଷୀ ଓ ସାଧାରଣ ଲୋକଙ୍କ ଅଧିକାର ରହିବ, ତାହା ସବୁବେଳେ ଏକ ରାଜନୈତିକ ପ୍ରଶ୍ନ ହୋଇସାରିଛି । ସେଇଭଳି ଜଙ୍ଗଲ ସମ୍ପଦ ଉପରେ ମଧ୍ୟ ଅଧିକାରକୁ ନେଇ ଅନେକ ନୀତନିୟମ, ଆଇନ୍‌କାନୁନ୍ କରାଯାଇଛି । କେତେକାଂଶରେ ସଫଳତା ମିଳିଛି ମଧ୍ୟ । କିନ୍ତୁ ଜମି ଓ ଜଙ୍ଗଲ ଅନୁପାତରେ ଜଳ ଉପରେ ସାଧାରଣ ଲୋକଙ୍କ ଅଧିକାରକୁ ନେଇ ସେମିତି ସାମାଜିକ, ଆର୍ଥିକ ଓ ରାଜନୈତିକ ପ୍ରଶ୍ନ ନ ଉଠିଲେ ବି ଏବେ କେତେ ବର୍ଷ ହେଲା ଏକ ଜଟିଳ ଓ ସଂଘର୍ଷମୟ ପରିସ୍ଥିତି ସୃଷ୍ଟି ହୋଇଛି । ମୋଟାମୋଟି କହିବାକୁ ଗଲେ ଜମି ଓ ଜଙ୍ଗଲ ଭଳି ଜଳ ସେମିତି ସାଧାରଣ ମଣିଷ ବା ନାଗରିକ ସମାଜର ଦୃଷ୍ଟି ଆକର୍ଷଣ କରିନାହିଁ । ଲକ୍ଷ୍ୟରେ ହେଉ ବା ଅଲକ୍ଷ୍ୟରେ ହେଉ, ଜାଣତରେ ହେଉ ବା ଅଜାଣତରେ ହେଉ, ଜଳସମ୍ପଦ ଏବଂ ଏହାର ବ୍ୟବହାର, ବିନିଯୋଗ ଓ ପରିଚାଳନାକୁ ନେଇ

Digitized by srujanika@gmail.com

ଏକ ସଂଘର୍ଷମୟ ପରିସ୍ଥିତି ସୃଷ୍ଟି ହୋଇଛି । ଏଇ ସଂଘର୍ଷମୟ ପରିସ୍ଥିତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଯଦି ବିଶ୍ଳେଷଣ କରି ବୁଝିବାକୁ ଚେଷ୍ଟା ନକରାଯାଏ, ତେବେ ପରିସ୍ଥିତି ଭୟଙ୍କର ହେବ ବୋଲି ନିଶ୍ଚିତରୂପେ କୁହାଯାଇପାରେ । ବିଶିଷ୍ଟ ପରିବେଶବିତ୍ ଶ୍ରୀମତୀ ବନ୍ଦନା ଶିବା ୧୯୯୧ ମସିହାରେ ଏ ସଂଘର୍ଷକୁ ଭାରତର ପରିପ୍ରେକ୍ଷୀରେ ବିଚାର କରି ବହିଟିଏ ଲେଖିଥିଲେ । ଏଥିରେ ମୁଖ୍ୟତଃ ନଦୀମାନଙ୍କରେ ବୃହତ୍ ଡ୍ୟାମ୍ ଏବଂ ନଦୀବନ୍ଧ ଯୋଜନା, ଖଣି ଖାଦାନ ଓ ଶିଳ୍ପପ୍ରତିଷ୍ଠା, ସମୁଦ୍ରରେ ମତ୍ସ୍ୟ ଶିଳ୍ପକୁ ପ୍ରୋତ୍ସାହନ ଆଦି ବିଷୟରେ ସବିଶେଷ ଚର୍ଚ୍ଚା କରାଯାଇଛି । ଶ୍ରୀମତୀ ଶିବା ୨୦୦୨ ମସିହାରେ ଜଳର ଘରୋଇ ସମସ୍ୟାକୁ ନେଇ 'ଜଳ ଯୁଦ୍ଧ' ବା 'ୱାଟର ୱାର' ବୋଲି ବହିଟିଏ ଲେଖିଛନ୍ତି । ବଲିଭିଆର କୋଚବାମ୍ବା ସହରରେ ଜଳର ଘରୋଇକରଣକୁ ନେଇ ଯେଉଁ ପ୍ରକାର ଜନଆନ୍ଦୋଳନ ଦେଖାଦେଇଛି, ତାହା ଐତିହାସିକ ବୋଲି ମାନିବାକୁ ପଡିବ । ଜଳଯୁଦ୍ଧ ଏକ ମହାଯୁଦ୍ଧ ନୁହେଁ ତ ଆଉ କ'ଣ ? ଜଳକୁ ନେଇ ବ୍ୟବସାୟ କରିବା ଓ ସାଧାରଣ ମଣିଷଙ୍କ ଅଧିକାର କ୍ଷୁଣ୍ଣ କରିବା ପାଇଁ ଆନ୍ତର୍ଜାତିକ ସ୍ତରରେ ଯେଉଁ ଷଡଯନ୍ତ୍ର ଚାଲିଛି ତାହାର ଘୋର ବିରୋଧ କରିବା ପାଇଁ ଶ୍ରୀମତୀ ବନ୍ଦନା ଶିବା ଆହ୍ୱାନ ଦେଇଛନ୍ତି । ବାସ୍ତବିକ, ଗାଁ ହେଉ କି ସହର ହେଉ, ସ୍ଥାନୀୟ ଅଞ୍ଚଳ ହେଉ କି ଆନ୍ତର୍ଜାତିକ କ୍ଷେତ୍ର ହେଉ, ଜଳ ସମ୍ପଦ ସହ ସଂଶ୍ଳିଷ୍ଟ ସଂଘର୍ଷ କ୍ରମେ କ୍ରମେ ଉଗ୍ରରୂପ ଧାରଣ କରିଛି । ହୀରାକୁଦ ଜଳ ଭଣ୍ଡାରରୁ ଶିଳ୍ପକୁ ପାଣି ଯୋଗାଇବା ଜନିତ କୃଷକ ଆନ୍ଦୋଳନ, ଲୋୟର ସୁକ୍‌ତେଲ ନଦୀରେ ଡ୍ୟାମ୍ ନିର୍ମାଣ ଜନିତ ବିସ୍ଥାପିତଙ୍କ ବିରୋଧାଭାସ, ଇନ୍ଦ୍ରାବତୀ ଡ୍ୟାମ୍‌କୁ ନେଇ ନବରଙ୍ଗପୁରରେ ଜନ ଅସନ୍ତୋଷ, ତାଳଚେର ଅଞ୍ଚଳରେ କୋଇଲାଖଣି ଯୋଗୁଁ ଭୂଜଳର ଅଭାବ ଜନିତ ସମସ୍ୟା ଆଦିକୁ ଲକ୍ଷ୍ୟ କରିଲେ ଓଡ଼ିଶାରେ କିପରି ଏକ ସଂଘର୍ଷମୟ ପରିସ୍ଥିତି ସୃଷ୍ଟି ହୋଇଛି ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ । ଏସବୁ ସଂଘର୍ଷକୁ ବିଶ୍ଳେଷଣ କରି ସମାଧାନର ରାସ୍ତା ନ ଖୋଜିଲେ ଏବଂ ନୀତିଗତ ଓ ଢ଼ାଞ୍ଚାଗତ ପରିବର୍ତ୍ତନ ନ ଆଣିଲେ, ଭବିଷ୍ୟତରେ ଓଡ଼ିଶା ଏକ ରଣକ୍ଷେତ୍ର ପାଲଟିବ ବୋଲି ଆଶଙ୍କା କରାଯାଇଛି ।

ବିଶ୍ୱ ଜଳ ଦିବସର ଅନୁଚିନ୍ତା କ'ଣ ? ମୋ ଦୃଷ୍ଟିରେ କେବଳ ପରିମଳ ନୁହେଁ ଆହୁରି ଅନେକ କିଛି । ମୁଁ ଦୃଢ଼ ଭାବେ କହିପାରେ ଯେ ଜଳ ଯୁଦ୍ଧକୁ ଆଶଙ୍କା କରି ଆମର ଜଳ ସମ୍ପଦ, ତାହାର ବ୍ୟବହାର, ତାହାର ସଂରକ୍ଷଣ ଓ ସଂଶ୍ଳିଷ୍ଟ ଅର୍ଥନୀତି ଓ ରାଜନୀତିକୁ ଏକ ନୂତନ ମାନସିକତାର ସହ ହୃଦୟଙ୍ଗମ କରିବା ଛଡା ଅନ୍ୟକିଛି ଉପାୟ ନାହିଁ । ମୋର କେତେଜଣ ବନ୍ଧୁ (ଶ୍ରୀ କେ.ଜେ. ଜୟ, ଶ୍ରୀ ଭୀଷଣ ଗୁହା,

Digitized by srujanika@gmail.com

ଶ୍ରୀ ସୁହାସ ପାରଞ୍ଜେପି ଆଦି) ଏ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଚମତ୍କାର ପୁସ୍ତକ ଉପହାର ଦେଉଛନ୍ତି । ବହିଟିର ନାମ ହେଲା ୱାଟର କନ୍‌ଫ୍ଲିକ୍‌ଟ୍‌ସ୍ ଇନ୍ ଇଣ୍ଡିଆ : ଏ ମିଲିୟନ ରିଭୋଲ୍‌ଟସ୍ ଇନ୍ ଦି ମେକିଙ୍ଗ (Water Conflicts in India : A Million Revolts in the Making) । ଏ ସ୍ତମ୍ଭର ପାଠକମାନଙ୍କୁ ମୁଁ ଅନୁରୋଧ କରିବି ଏ ପୁସ୍ତକକୁ ପଢିବା ପାଇଁ । ଅବଶ୍ୟ ଓଡ଼ିଶାରେ ଜଳସମ୍ପଦ ଓ ସଙ୍କଟକୁ ନେଇ ଉପୁଜିଥିବା ସଂଘର୍ଷ ଗୁଡିକ ଏ ବହିରେ ବିଶେଷ ସ୍ଥାନ ପାଇନାହିଁ । କେବଳ ଚିଲିକା କଥା ଲେଖାଯାଇଛି । କିନ୍ତୁ ଦେଶର ଅନ୍ୟ ପ୍ରାନ୍ତ ପ୍ରଦେଶରେ ସୃଷ୍ଟି ହୋଇଥିବା ବିଭିନ୍ନ ସଂଘର୍ଷମୟ ପରିସ୍ଥିତି ଗୁଡିକର ବିଶେଷ ଅବତାରଣା କରାଯାଇଛି ଏ ବହିଟିରେ । ଏଥିରେ ବିଭିନ୍ନ ସଂଘର୍ଷକୁ ଶ୍ରେଣୀଭୁକ୍ତ କରାଯାଇଛି । ସେଗୁଡିକ ହେଲା (କ) ଜଳର ବ୍ୟବହାରକୁ ନେଇ ସଂଘର୍ଷ (ଖ) ଜଳର ସମବଣ୍ଟନ ଏବଂ ଅଧିକାରକୁ ନେଇ ସଂଘର୍ଷ (ଗ) ଜଳର ମାନକୁ ନେଇ ସଂଘର୍ଷ (ଘ) ନଦୀ ଶଯ୍ୟାରୁ ବାଲି ଉତ୍ତୋଳନଜନିତ ସଂଘର୍ଷ (ଙ) ଜଳକୁ ନେଇ ଗ୍ରାମ୍ୟସ୍ତରୀୟ ସଂଘର୍ଷ (ଚ) ନଦୀବନ୍ଧ ନିର୍ମାଣ ଓ ବିସ୍ଥାପିତ ଜନିତ ସଂଘର୍ଷ (ଛ) ଜଳ ବଣ୍ଟନ ନେଇ ରାଜ୍ୟ ରାଜ୍ୟ ଭିତରେ ସଂଘର୍ଷ (ଜ) ଜଳର ଘରୋଇକରଣ ଜନିତ ସଂଘର୍ଷ ଆଦି ଅନେକ କିଛି । ପ୍ରତ୍ୟେକ ବିଷୟରେ କେତେଗୁଡିଏ ଉଦାହରଣ ଦିଆଯାଇଛି । ଗବେଷଣା ଓ ତୃଣମୂଳ ସ୍ତରର ଅନୁଧ୍ୟାନ ଏବଂ ଦଲିଲକରଣର ବ୍ୟାପକ ସାହାଯ୍ୟ ନିଆଯାଇ ପ୍ରାୟ ଏକଶହ ସଂଘର୍ଷର ଉଦାହରଣ ଦିଆଯାଇଛି । ଏହି ଉଦାହରଣ ଗୁଡିକ ଅତି ଗୁରୁତ୍ୱର ସହ ଚୟନ କରାଯାଇଛି । ଏହା କଦାପି କୁହାଯାଇ ନପାରେ ଯେ ଭାରତର ଜଳସମ୍ପଦ ଯେତେ ସଂଘର୍ଷ ସୃଷ୍ଟି କରିଛି ତାହାର ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରାଯାଇ ନାହିଁ । କିନ୍ତୁ ଦେଶବ୍ୟାପୀ ଏଭଳି ଏକ ତାଲିକା ପ୍ରସ୍ତୁତ କରିବାର ସମୟ ଓ ସୁଯୋଗ ଆଜି ପହଞ୍ଚିଛି । ଯଦି ଏ ପୁସ୍ତକର ଏକ ଓଡ଼ିଆ ଅନୁବାଦ କରାଯାଇ ପାରନ୍ତା, ଓଡ଼ିଶାର ଜନସାଧାରଣ ସଚେତନ ହେବାକୁ ଏକ ସୁଯୋଗ ସୃଷ୍ଟି ହୁଅନ୍ତା । ମୁଁ ଏ ସ୍ତମ୍ଭରେ ଏ ବହିର କିଛି ଅଧ୍ୟାୟ ଉପରେ ଆଲୋଚନା କରିବାକୁ ପ୍ରୟାସ କରିବି ସମୟକ୍ରମେ ।

ବିଶ୍ୱ ଜଳଦିବସ ଅବସରରେ କେତୋଟି ମୁଖ୍ୟ ବିଷୟରେ ଓଡ଼ିଶାର ଜନସାଧାରଣ ବିଶେଷ ଦୃଷ୍ଟି ଦେବେ ବୋଲି ମୋର ଆଶା । ପ୍ରଥମଟି ହେଲା, ଜଳର ମାନ ହ୍ରାସ ହେଉଥିବା ଜନିତ ସମସ୍ୟା । ଦ୍ରୁତ ଶିଳ୍ପାୟନ ହେତୁ ଏ ସମସ୍ୟା ବଢିବାରେ ଲାଗିଛି । ରାସାୟନିକ ଶିଳ୍ପ, କାଗଜଶିଳ୍ପ, ବସ୍ତ୍ରଶିଳ୍ପ, ଚମଡ଼ା ଶିଳ୍ପ ଆଦି କଳକାରଖାନା ଜଳର ବ୍ୟାପକ ବ୍ୟବହାର କରନ୍ତି ଓ ବିଭିନ୍ନ ପ୍ରକ୍ରିୟାକରଣ ପରେ

Digitized by srujanika@gmail.com

ପ୍ରଦୂଷିତ ଜଳ ନିଷ୍କାସନ କରନ୍ତି । ଏଇ ପ୍ରଦୂଷିତ ଜଳ ମୋଟ ବ୍ୟବହୃତ ଜଳର ପ୍ରାୟ ଶତକଡ଼ା ଅଶୀଭାଗ । ପ୍ରଦୂଷିତ ଜଳରେ ଅନେକ ପ୍ରକାର ବିଷାକ୍ତ ରାସାୟନିକ ଦ୍ରବ୍ୟ ଓ ଧାତୁ ମିଶିଥାଏ । ଏହାକୁ ପ୍ରାୟ ବିଶୋଧନ କରାଯାଇ ନଥାଏ । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡମାନେ ନଜର ପକାଉଥିଲେ ମଧ୍ୟ ତାହାର ପ୍ରଭାବ ପଡେ ନାହିଁ । ଜଳର ମାନ ନିୟମ ଅନୁସାରେ ଯାଞ୍ଚ କରାଯାଏ ନାହିଁ । ଏଇ ଶିଳ୍ପର ମାଲିକମାନେ ନେତା ଓ ଅଫିସରମାନଙ୍କୁ ହାତରେ ରଖିଥାଆନ୍ତି ଓ ଅର୍ଥ ବଳରେ ଖରିଦ ମଧ୍ୟ କରିଥାଆନ୍ତି । ବେଳେବେଳେ ଏହି ବର୍ଜ୍ୟ ପ୍ରଦୂଷିତ ଜଳ ମଧ୍ୟ ଭୂଜଳକୁ ପ୍ରଦୂଷିତ କରିଥାଏ ଏବଂ ପାନୀୟ ଜଳର ସମସ୍ୟାକୁ ବଢ଼ାଇବାରେ ସାହାଯ୍ୟ କରିଥାଏ । ଉତ୍ତରପ୍ରଦେଶର କାନପୁର ଠାରେ ଚମଡ଼ା ଶିଳ୍ପ ଗଙ୍ଗାନଦୀକୁ ପ୍ରଦୂଷିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ଏକ ଅଧ୍ୟୟନରୁ ପ୍ରକାଶ ପାଇଛି । ସେଇଭଳି ତାମିଲନାଡୁର ତିରୁପୁର ଠାରେ ନୋୟାଲ ନଦୀ ଆଜି ବସ୍ତ୍ର ଶିଳ୍ପ ଯୋଗୁଁ ସଂଘର୍ଷର ବଳୟ ଭିତରକୁ ଆସିଯାଇଛି । ପଣ୍ଡିଚେରୀରେ 'ବର୍ଜରପେଣ୍ଟ' ଭୂଜଳକୁ ଏତେ ମାତ୍ରାରେ ପ୍ରଦୂଷିତ କରିଛି ଯେ ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । କେତେଗୁଡିଏ କ୍ଷେତ୍ରରେ ଅଭିଯୋଗ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଛି ଓ ଆଇନ୍‌ର ଜାଲ ଭିତରେ ପଡିଯାଇଛି । ଅବଶ୍ୟ ସୁପ୍ରିମ୍‌କୋର୍ଟ କେତେଗୁଡିଏ ଐତିହାସିକ ରାୟ ଦେଇଛନ୍ତି ଲୋକଙ୍କ ସପକ୍ଷରେ । ଜଳର ମାନ ନିର୍ଦ୍ଧାରଣ କରିବ କିଏ ? ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ? ବୈଜ୍ଞାନିକ ଗୋଷ୍ଠୀ ? ମୋ ମତରେ ଜଳର ସର୍ବନିମ୍ନ ମାନ ନିର୍ଦ୍ଧାରଣ କରିବା ସହଜ । ସାଧାରଣ ଲୋକମାନେ ଚାହିଁଲେ ସହଜରେ ଜଳର ମାନ ନିର୍ଦ୍ଧାରଣ କରିପାରିବେ । ଏଥିପାଇଁ ମଧ୍ୟ କିଟ୍ ବା ସୁଲଭ ଦରର ଯନ୍ତ୍ରପାତି ମିଳୁଛି । ଅନ୍ୟପକ୍ଷରେ ପ୍ରଦୂଷଣ ରୋକିବାର ବୈଜ୍ଞାନିକ ଓ ଆଇନଗତ ବ୍ୟବସ୍ଥାକୁ ମଧ୍ୟ କଡାକଡି ଭାବେ ଲାଗୁ କରିବା ଜରୁରୀ ହୋଇପଡିଛି । ଆଜିକାଲି 'କ୍ଲିନ୍ ଟେକ୍ନୋଲୋଜି' ଅଥବା 'ଗ୍ରୀନ୍ ଟେକ୍ନୋଲୋଜି' ଉପରେ ପ୍ରାଧାନ୍ୟ ଦିଆଯାଉଛି । ସାରା ପୃଥିବୀରେ ଜଳର ମାନ ବଜାୟ ରଖିବା ପାଇଁ ବିଭିନ୍ନ ପ୍ରକାର ସୂତ୍ର ଓ ନିୟମ ମଧ୍ୟ ତିଆରି କରାଯାଇଛି । ଏହା ମାନିବାକୁ ଶିଳ୍ପମାନଙ୍କୁ ବାଧ କରାଯିବା ଉଚିତ୍ । ଶିଳ୍ପମାନେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ ହେବାକୁ ବାଧ ବୋଲି ଆଇନ ପ୍ରଣୟନ କରାଯିବାକୁ ଦାବି ହେଉଛି ।

□□□

Digitized by srujanika@gmail.com

୮

ପିପଲପଦର ସବୁ ପ୍ରେରଣାର ଉତ୍ସ

ଆଜି ମୋର ମନେ ପଡୁଛି କୋଡିଏ ବର୍ଷ ତଳର କଥା । ଗାଁଟିର ନାମ ହେଉଛି ପିପଲପଦର । ପଞ୍ଚାୟତର ନାମ ମାଣ୍ଡିବିଶି । କାଶୀପୁର ବ୍ଲକ୍‌ର ଏକ ଅନାମଧେୟ ଗାଁ । ଘେରିଆଡେ ପାହାଡ ଓ ଝରଣା । ସବୁଜ ବନାନୀ ଓ ବିଭିନ୍ନ ଜାତିପ୍ରଜାତିର ବନ୍ୟ ପ୍ରାଣୀ ଗାଁଟିର ଶୋଭା ବର୍ଦ୍ଧନ କରିଆସୁଛନ୍ତି । ପଶ୍ଚିମ ଦିଗରେ କଳାଗାଁ ଯେଉଁଠାରୁ ଚିରସ୍ରୋତା ଝରଣାଟିଏ ବହି ଆସୁଛି ଓ ଉତ୍ତରରେ ଥିବା ପଟେସ୍ ଗାଁର ନାଳ ସହ ଏକତ୍ରିତ ହୋଇ ନଦୀଟିଏ ସୃଷ୍ଟି କରିଛି । ଏସବୁ ନାଗାବଳୀ ନଦୀର ଶାଖା ପ୍ରଶାଖା । ପୂର୍ବପଟେ ଚିଲିଗୁଡା ଗାଁ ଏବଂ ଦକ୍ଷିଣରେ କେନ୍ଦୁଗୁଡା ଗାଁ । ପିପଲପଦର କନ୍ଧମାନଙ୍କର ଛୋଟ ଗାଁଟିଏ । ୧୯୮୨ରେ ଆମର ମାଣ୍ଡିବିଶି ଉପକେନ୍ଦ୍ର ଖୋଲିଲା ଦିନଠାରୁ ରୂପା ମାଝୀ, ବୁଦାରୁ ମାଝୀ, ଆଦିବାସୀ ମାଆ ସଲପେଇ ମାଝୀ ଆସି ପ୍ରସ୍ତାବ ଦେଇଥିଲେ ଯେ ତାଙ୍କ ଗାଁରେ ମୁଣ୍ଡା ବା ଚେକ୍ ଡ୍ୟାମ୍ କରାଯାଉ । ଦଶବର୍ଷ ତଳେ ମାଟିକାଦୁଅ ଓ କାଠ ବାଉଁଶ ଯୋଗାଡ କରି ଶକ୍ତ ମୁଣ୍ଡାଟିଏ ବାନ୍ଧିଥିଲେ ଗାଁ ଉପରେ । ତିନି କିଲୋମିଟର ବାଟିଆ ବା କେନାଲ ଖୋଳି ଗାଁକୁ ପାଣି ଆଣିଥିଲେ । କଳାଗାଁ ନାଳରେ ବର୍ଷା ଦିନେ ଭୀଷଣ ବନ୍ୟା ଆସିଥାଏ । ମୁଣ୍ଡା ବାନ୍ଧିବାର ବର୍ଷେ ଦୁଇବର୍ଷ ଭିତରେ ତାହା ଭସାଇନେଲା ଓ ଗାଁଟି ଛୋଟ ହୋଇଥିବାରୁ ସେମାନେ ପୁଣି ଆଉଥରେ ତିଆରି କରିବା ସମ୍ଭବପର ହେଲା ନାହିଁ । ମୁଁ ପ୍ରସ୍ତାବ ଦେଲି ଯେ ପୁରୁଣା ମୁଣ୍ଡା ଓ ବାଟିଆର କ'ଣ ଚିହ୍ନ ବର୍ଣ୍ଣ ରହିଛି ମୁଁ ଟିକିଏ ଦେଖିବି । ଗାଁର ସମସ୍ତ ପୁରୁଷ ଓ ସ୍ତ୍ରୀ ହାତରେ ଠେଙ୍ଗା, ଟାଙ୍ଗିଆଧରି ଜଙ୍ଗଲ ରାସ୍ତା ମୋ ପାଇଁ ସଫା କରିଲେ । ସାମାନ୍ୟ ଦୁର୍ଗମ ଜାଗାରେ ଚେକ୍ ଡ୍ୟାମ୍‌ଟି ତିଆରି ହୋଇଥିଲା ଓ କେନାଲ ଖୋଳା ଯାଇଥିଲା । କିଛି ଧ୍ୱଂସାବଶେଷ ଦେଖିବାକୁ ମିଳିଲା ଓ ମୋର ଆବିଷ୍କାରକର ମନ ଆନ୍ଦୋଳିତ ହେଲା । ଲୋକମାନେ ଗାଁକୁ ପାଣି ଆଣିବାକୁ କେତେ ଯେ କଠୋର ପରିଶ୍ରମ କରି ନଥିବେ - ତାହା କଳନା କରିହେଲା ।

Digitized by srujanika@gmail.com

ପିପଳପଦର ଗାଁରେ ପାଣି ବହୁତ, କିନ୍ତୁ ଜମି କମ୍ । ଗାଁ ଉପରେ ଜମି ସବୁ ସିଲିଂ ଜମି ହିସାବରେ ତିନୋଟି ଗାଁର ଜମିହୀନଙ୍କୁ ବଣ୍ଟାଯାଇଛି । ଗାଁ ତଳ ଜମି ସାମରିକବାହିନୀ ଲୋକଙ୍କ ପାଇଁ ସଂରକ୍ଷିତ ରଖାଯାଇଛି । ଗାଁ ପାଖ ଜମି ମାଣ୍ଡିବିଶି ରାଜାଙ୍କର । ଘରଡିହ ଛଡା ପିପଳପଦର ଗ୍ରାମାବସୀଙ୍କ ହାତରେ କମ ଜମି । ମୁଁ ଟିକିଏ ପଛଘୁଞ୍ଚା ଦେଲି ଚେକ୍ ଡ୍ୟାମ ଓ କେନାଲ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ । ପିପଳପଦର ଗାଁରେ କେତେଥର ମିଟିଂ ହେଲା ଓ ମୋର ପ୍ରସ୍ତାବ ଅନୁଯାୟୀ ସିଲିଂ ଜମି ପାଇଥିବା ଲୋକଙ୍କୁ ମଧ୍ୟ ସାମିଲ୍ କରିବାକୁ କୁହାଗଲା । ଅଶୀଦଶକରେ ପିପଳପଦର ଠାରେ ଏକ ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଆମ ପାଇଁ ଏଭେରେଷ୍ଟ ପର୍ବତ ଚଢିବା ଭଳି ଦୁଃସାହସିକ ପଦକ୍ଷେପ ଥିଲା ।

ମାଣ୍ଡିବିଶି ଠାରେ ପ୍ରଚାର ହୋଇଗଲା ଯେ ପିପଳପଦର ଠାରେ ଏକ ମସ୍ତବଡ ଡ୍ୟାମ୍ ତିଆରି ହେବ । ସମସ୍ତେ ହସିଲେ ଏକାଥରେ । କାରଣ ପ୍ରକଳ୍ପ ତିଆରି ସମ୍ଭବ ନୁହେଁ ବୋଲି ସରକାରୀ ଇଞ୍ଜିନିୟରମାନେ ଘୋଷଣା କରିଥିଲେ । ମୁଁ ତତ୍କାଳୀନ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲି । ସେ କହିଥିଲେ ଯେ ଫୁଡ ଫର ୱାର୍କ (Food for Work) ବା ଖାଦ୍ୟ ବଦଳରେ କାମ ଯୋଜନାରେ କିଛି ଚାଉଳ ଦେଇ ହେବ । ମୁଁ ସମ୍ମତି ପ୍ରଦାନ କରିଥିଲି । ଗାଁର ଲୋକମାନେ ସରକାରୀ ସାହାଯ୍ୟ ଆସୁଛି ବୋଲି ଆନନ୍ଦିତ ହୋଇଥିଲେ, କିନ୍ତୁ ଶ୍ରମଦାନ କରିଆରେ ସବୁକିଛି କରିବେ ବୋଲି ନିଷ୍ପତ୍ତି ନେଇଥିଲେ । ଆଖପାଖ ଗାଁରେ ଯେଉଁ ପରିବାରମାନେ ପିପଳପଦର ଗାଁରେ ସିଲିଂ ଜମି ପାଇଥିଲେ ସେମାନେ ଆଦୌ ସହଯୋଗ କରିଲେ ନାହିଁ କିମ୍ବା ଶ୍ରମଦାନ ପାଇଁ ଆଗ୍ରହ ପ୍ରକାଶ କରିଲେ ନାହିଁ । ଏକେତ ମାଣ୍ଡିବିଶିକୁ ରାସ୍ତା ନଥିଲା । ସେଠାରୁ ପିପଳପଦର ଗାଁକୁ ପହଞ୍ଚିବାକୁ ଏକ ବଡ ନାଳ ବହୁତ ବାଧା ସୃଷ୍ଟି କରିଥିଲା । ସିମେଣ୍ଟ ଏବଂ ଲୁହାଛଡ ତଥା ବାଲି ପହଞ୍ଚେଇବାକୁ ଗାଁ ଲୋକମାନେ ପ୍ରଚଣ୍ଡ ପରିଶ୍ରମ କରିଥିଲେ । କିନ୍ତୁ ଦୁଇବର୍ଷ ଭିତରେ ମୁଣ୍ଡା ତିଆରି ହେଲା ଓ ଲୋକେ କେନାଲ ଖୋଳିବା ଆରମ୍ଭ କରିଲେ । ପାହାଡର ଧାରରେ ପଥର କାଟି କେନାଲ ଖୋଳିବା ଏକ କଷ୍ଟକର ବ୍ୟାପାର ଥିଲା । ନେହେରୁ ଯୁବକେନ୍ଦ୍ର ତରଫରୁ ଗୋଟାଏ ଶିବିର ମଧ୍ୟ ସେଠାରେ ଆୟୋଜିତ ହୋଇଥିଲା ଓ କେନାଲ ଖୋଳିବାକୁ ୫୦ଜଣ ସ୍ୱେଚ୍ଛାସେବୀ ଦଶଦିନ ଧରି ଗାଁରେ ସମବେତ ହୋଇଥିଲେ । ଅବଶେଷରେ ଗାଁରେ ପାଣି ପହଞ୍ଚିଲା ଓ ଲୋକମାନଙ୍କର ଆନନ୍ଦ ଉଲ୍ଲାସ ଆମମାନଙ୍କୁ ମଧ୍ୟ ଉର୍ଦ୍ଧ୍ୱମୁଖୀ କରିଥିଲା । ଗାଁରେ

Digitized by srujanika@gmail.com

କେତେକ କଠୋର ନିଷ୍ପତ୍ତି ନିଆଯାଇଥିଲା । ଯେହେତୁ ଅନ୍ୟ ଗାଁରେ ସିଲିଂ ଜମି ପାଇଥିବା ପରିବାରମାନେ ସହଯୋଗ କରିନାହାନ୍ତି ସେମାନଙ୍କୁ ପାଣି ଦିଆଯିବ ନାହିଁ, କି ଜମି ଉପରକୁ ଆସିବାକୁ ଅନୁମତି ଦିଆଯିବ ନାହିଁ । ପାରମ୍ପରିକ ଅଧିକାର ଅନୁସାରେ ଜମି ଓ ଜଳ ସେମାନଙ୍କର - ଆଉ କାହାର ନୁହେଁ । ଅନ୍ୟ ଗାଁର ଲୋକମାନଙ୍କ ସହ ସେମାନଙ୍କର ସଂଘର୍ଷ ହେଲା । ମାରପିଟ ପର୍ଯ୍ୟନ୍ତ କଥା ଗଲା । କିନ୍ତୁ ଅନ୍ୟ ଗାଁର ଲୋକେ ପିପଳପଦର ଗାଁରେ ପ୍ରବେଶ କରିପାରିଲେ ନାହିଁ । ମୁଣ୍ଡାରୁ ଦୁଇଶହ ଏକର ଜଳସେଚନ ହୋଇପାରିବ ଅଥଚ ଗାଁ ଭିତରେ କୋଡିଏ ଏକର ଜମି ନାହିଁ । ଗାଁ ସାରା ଆବାଦଯୋଗ୍ୟ ଅନାବାଦୀ ଜମି ଏବଂ ପତିତ ଜମିକୁ ମରାମତି କରିବା ଆରମ୍ଭ କରିଲେ । ପିପଳପଦର ଗାଁରେ ମହୁଲଗଛ ଅନେକ । ଏହାକୁ ଛାଡି ସେମାନେ ଜଙ୍ଗଲଜାତ ଦ୍ରବ୍ୟ ବା ପୋଡୁ ଚାଷ ପାଇଁ ଜଙ୍ଗଲ ଉପରେ ନିର୍ଭର କରିଲେ ନାହିଁ । ଗାଁରେ ବର୍ଷକୁ ଦୁଇଥର ବା ତିନିଥର ସଘନ ଚାଷ ଆରମ୍ଭ କରାଗଲା । ଅବଶ୍ୟ ଧାନ ଓ ମକା ଚାଷ ଉପରେ ବେଶି ଗୁରୁତ୍ୱ ଦିଆଗଲା । ପନିପରିବା ଚାଷ ମଧ୍ୟ ଆରମ୍ଭ ହେଲା । ଜଙ୍ଗଲ ସୁରକ୍ଷା ଦିଗରେ ଗାଁରେ ପଦକ୍ଷେପ ନିଆଗଲା । ଓରେଡା ତରଫରୁ ଉର୍ଜା ପାଇଁ ଗଛ ଲଗାଗଲା । ଜଙ୍ଗଲ ବିଭାଗ ତରଫରୁ ମଧ୍ୟ ବିଭିନ୍ନ ପଦକ୍ଷେପ ନେଇ ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମବାସୀଙ୍କୁ ପ୍ରେରିତ କରାଗଲା । ଗାଁରେ ଆର୍ଥିକ ଉନ୍ନତିର ପ୍ରକ୍ରିୟା ଧୀରମନ୍ଥର ଗତିରେ ଅଗ୍ରଗତି କରିଲା । ଲୋକମାନେ ନିଜର ଗାଁକୁ ନୂତନ ଭାବେ ତିଆରି କରିଲେ । ଆଗରୁ ତଳ ସାହି ଓ ଉପର ସାହି ଥିଲା । ଏବେ ଗୋଟିଏ ସାହି ହେଲା । ଘରର ଆକାର ପ୍ରକାର ବଢିଲା । ଗାଁ ଲୋକେ ଗାଈ ଗୋରୁ ଓ ସୁନା ଆଦି କଣିଲେ । କିନ୍ତୁ ସେମାନଙ୍କର ବିଶେଷ ଲକ୍ଷ୍ୟ ଥିଲା ଯେ ଚାଷ ଜମି କେମିତି ଜଙ୍ଗଲ ସଫାକରି ବେଶୀ ତିଆରି କରିବେ । ପ୍ରତିବର୍ଷର ଫସଲକୁ ସେମାନେ କାହାକୁ ବିକ୍ରୟ ନକରି ନିଜେ ଖାଇଲେ ଓ ନିଜର ଶ୍ରମରେ ଜମି ତିଆରି କରିଲେ । ଅର୍ଥାତ୍ ନିଜର ଉତ୍ପାଦନକୁ ଆଉ ବେଶୀ ଉତ୍ପାଦନ ପାଇଁ ବିନିଯୋଗ କରିଲେ । ଏହା ଏକ ଅଭିନବ ପୁଞ୍ଜିନିବେଶ ଥିଲା । ଅବଶ୍ୟ ଗାଁରେ ରାତ୍ର ସ୍କୁଲ ଓ କୁଟୁମ୍ବପାଣ୍ଠି ଜରିଆରେ ଶିକ୍ଷା ଓ ସାମୂହିକ ଚେତନା ବଢିଥିଲା । ଗାଁର ଲୋକମାନେ ସରକାରୀ ଯୋଜନା ପ୍ରତି ଆକୃଷ୍ଟ ହେଲେ । ଗାଁକୁ ସବୁଦିନିଆ ରାସ୍ତା ତିଆରି ହେଲା । ଗାଁର ତେନ୍ତୁଳି, କାନ୍ଦୁଲ, ପନିପରିବା, ଅଳସୀ, ମାଣ୍ଡିଆ ସବୁ ମାଣ୍ଡିବିଶି ଓ କାଶୀପୁର ବଜାରକୁ ପହଞ୍ଚି ପାରିଲା । ପିପଳପଦର ଗାଁର

Digitized by srujanika@gmail.com

ମାଆମାନେ ଶ୍ରୀମତୀ ସଳପେଇ ମାଝୀର ନେତୃତ୍ୱରେ ଆମ ସଂଗଠନର ସଦସ୍ୟା ହେଲେ ଓ ବିଭିନ୍ନ ଗଠନାତ୍ମକ କାର୍ଯ୍ୟକ୍ରମରେ ଭାଗନେଲେ । ଗାଁକୁ ଏକ ସ୍ୱାବଲମ୍ବୀ ଗ୍ରାମରେ ପରିଣତ କରିବା ଦିଗରେ ଅନେକ କିଛି ଆଗ୍ରହ ପ୍ରକାଶ ପାଇଲା । ଗାଁରେ ଜୈବିକ ଚାଷ କରିବାକୁ ବିଶେଷ ଆଗ୍ରହ ପ୍ରକାଶ ପାଇଲା । ଆଖପାଖ ଗାଁର ଜୈବିକ ଚାଷୀମାନଙ୍କୁ ନେଇ ଏକ କୃଷକମେଳା ଗାଁ ଲୋକେ ଆୟୋଜନ କରିଲେ । ଏଥିରେ ପ୍ରାୟ ୧୫୦୦ କୃଷକ ଭାଗ ନେଇଥିଲେ । ମାଣ୍ଡିବିଶି ପଞ୍ଚାୟତ ସାମଗ୍ରିକ ଭାବେ କିପରି ଜୈବିକ ଚାଷ କରିବ ତାହା ଉପରେ ଗୁରୁତ୍ୱ ଦିଆଗଲା । ଏହାଛଡା ମାଣ୍ଡିବିଶି ପଞ୍ଚାୟତରେ ନିଶା ନିବାରଣ କରିବାକୁ ମଦଭାଟି ଉଠାଇବାକୁ ମଧ୍ୟ ନିଷ୍ପତ୍ତି ନିଆଗଲା । ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ପାଇଁ ଗ୍ରାମବାସୀମାନେ ଅଙ୍ଗୀକାରବଦ୍ଧ । ସେମାନେ ଏ ଦିଗରେ ପଦକ୍ଷେପ ନେବେ ଓ ପଞ୍ଚାୟତରେ ସକ୍ରିୟ ଭୂମିକା ଗ୍ରହଣ କରିବେ । ଗାଁଟିର ମାନଚିତ୍ର ଦ୍ରୁତଗତିରେ ବଦଳିବାକୁ ଆରମ୍ଭ କରିଛି ଏବେ । କିନ୍ତୁ ଗାଁରେ ଅନେକ କାମ ବାକି ରହିଛି ଏବେ ସୁଦ୍ଧା ।

ପିପଲପଦର ଗାଁକୁ ସ୍ୱାବଲମ୍ବୀ କରିବାକୁ ହେଲେ ଏଠାରେ ଗ୍ରାମବାସୀ, ପଞ୍ଚାୟତ, ସରକାର ଓ ସ୍ୱେଚ୍ଛାସେବୀ ସଂଗଠନଙ୍କର ସମନ୍ୱୟ ଓ ସଂଯୋଜନାର ଆବଶ୍ୟକତା ରହିଛି । ଗାଁରେ ସବୁପ୍ରକାରର କାର୍ଯ୍ୟକ୍ରମ କରାଯାଇ ପାରିବ । ଆର୍ଥିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନଙ୍କର ଏକ ସମନ୍ୱିତ ପ୍ରତିଫଳନ ସେଠାରେ କରାଯିବାର ସୁଯୋଗ ରହିଛି । ଗାଁରେ ଭିତ୍ତିଭୂମି ପ୍ରତିଷ୍ଠା କରାଯାଇ ପାରିବ । କେନାଲ ଓ ଜଳସମ୍ପଦର ଉତ୍ତମ ପରିଚାଳନା ପାଇଁ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରାଯାଇ ପାରିବ । ଗାଁରେ ଜମି ସମତଳ କରିବା, ହିଡ ବାନ୍ଧିବା, ଜଳ ନିଷ୍କାସନକୁ ସକ୍ଷମ କରିବା ଆଦି କାର୍ଯ୍ୟକ୍ରମ ସଫଳତାର ସହ ରୂପାୟନ କରାଯାଇ ପାରିବ । ଏବେ ନିଶ୍ଚିତ କର୍ମ ଯୋଜନା କାର୍ଯ୍ୟକ୍ରମରେ ରାସ୍ତା ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଛି । ମାଣ୍ଡିବିଶିର ଯୁବ ସରପଞ୍ଚ ଶ୍ରୀ ନାନ୍ଦୁ ମାଝୀଙ୍କ ନିଷ୍ଠାପରତା ଓ ସଚ୍ଚୋଟ ପଣିଆ ହେତୁ ପିପଲପଦରର ଜଣେ ଜଣେ ବ୍ୟକ୍ତି ଦୈନିକ ୧୩୦ଟଙ୍କା ମଜୁରି ପାଉଛନ୍ତି । ପିପଲପଦର ଗାଁଠାରୁ ଅନତିଦୂରରେ ହଳିଆ ସାହି ଓ ଶ୍ରୀ ନାନ୍ଦୁ ମାଝୀ ଜଣେ ଗୋତି ଶ୍ରମିକର ପୁଅ । ତେଣୁ ପଞ୍ଚାୟତର ଉନ୍ନତି ପାଇଁ ତାଙ୍କର ଯେଉଁ ସ୍ୱପ୍ନ ରହିଛି, ସେଥିରେ ପିପଲପଦର ଅନ୍ତର୍ଭୁକ୍ତ । ପିପଲପଦରଠାରେ ଅନୁଷ୍ଠିତ ବିଗତ କୃଷକ ମେଳାରେ ସରପଞ୍ଚ ଘୋଷଣା କରିଥିଲେ ଯେ ମାଣ୍ଡିବିଶିରୁ ମଦଭାଟି ଉଠିବ

Digitized by srujanika@gmail.com

ଓ ହାଇସ୍କୁଲ ପାଇଁ ପାଣ୍ଠି ଗଢାଯିବ । ପିପଲପଦର ଗାଁରେ କୋଠ ଚାଷ ହୋଇ ଆୟ ଏ ପାଣ୍ଠିରେ ମିଶିବ । ସମସ୍ତେ ଆଶା କରିଛନ୍ତି ଯେ ହାଇସ୍କୁଲରେ ସେମାନଙ୍କର ପିଲା ପାଠ ପଢ଼ିବେ ଓ ପରେ କଲେଜ ଯିବେ । ପିପଲପଦର ଗାଁର କୃଷକ ମେଳାକୁ ୪୦ଖଣ୍ଡ ଗାଁର ଲୋକେ ଆସିଥିଲେ । ସମସ୍ତଙ୍କ ଠାରୁ ଚାଉଳ, ପନିପରିବା ଓ ଟଙ୍କା ସାହାଯ୍ୟ ଆକାରରେ ଆସିଥିଲା । ସହଯୋଗ ଓ ସମର୍ଥନର ଏହା ଏକ ଉଦାହରଣ ଥିଲା ଏ ଅଞ୍ଚଳ ପାଇଁ । ପିପଲପଦର ଗାଁ ଲୋକେ ୧୫୦୦ ଜଣଙ୍କ ପାଇଁ ଖାଦ୍ୟପେୟର ଆୟୋଜନ କରିଥିଲେ ଓ ଗାଁରେ କୃଷକମେଳାକୁ ସବୁକ୍ଷେତ୍ରରେ ସଫଳ କରାଇଥିଲେ । ଏହା କମ୍ କଥା ନୁହେଁ ।

ଗାଁରେ ସ୍ୱାବଲମ୍ବୀ ହେବାକୁ ହେଲେ ଉତ୍ପାଦନ ବଢିବା ସଙ୍ଗେ ସଙ୍ଗେ ଖାଦ୍ୟ ପ୍ରକ୍ରିୟାକରଣ କରାଯିବାକୁ ଦାବି ହୋଇଛି । ଗାଁରେ ତେଲ ଘଣାଟିଏ ବସିବ ଏହା ସମସ୍ତେ ଆଶା କରିଛନ୍ତି । ପାଖରେ ଶିଆଳୀ ପତ୍ର ବହୁତ ମିଳୁଛି । ତହିଁରୁ ଖଲିପତ୍ର ତିଆରି ହୋଇପାରିବ । ଯେକୌଣସି କୁଟୀରଶିଳ୍ପ ପ୍ରତିଷ୍ଠା ଦିଗରେ ପିପଲପଦର ଆଗ୍ରହ ପ୍ରକାଶ କରିଛି । କିନ୍ତୁ ସେ ଗାଁକୁ ବିଜୁଳିଶକ୍ତି କେଉଁଠୁ ଆସିବ ? ସିରିପାଇ ପଞ୍ଚାୟତର କେଶକରୀ ଗାଁରେ ମାଇକ୍ରୋ ହାଇଡେଲ୍ ପ୍ରକଳ୍ପ ଜରିଆରେ ପାଣିରୁ ବିଜୁଳିଶକ୍ତି ବାହାରିବା କଥା ସେମାନେ ଶୁଣିଛନ୍ତି । ମାଣ୍ଡିବିଶିର ଅନ୍ୟ ଏକ ଗାଁ ଉଷାବାଲିରେ ସୌରବତୀ ଜଳୁଛି । ଗାଁରେ ଉପରେ ପାଣି । ତେଣୁ ମାଇକ୍ରୋ ହାଇଡେଲ ପ୍ରକଳ୍ପ ପ୍ରତିଷ୍ଠା କରିବା ସହଜ ଓ ଏ ଦିଗରେ ମଧ୍ୟ ଉଦ୍ୟମ ଜାରି ରହିଛି । ଥରେ ବିଜୁଳିଶକ୍ତି ଉତ୍ପାଦନ ହେଲେ ଧାନକଳ, ତେଲକଳ, ଖଲିପତ୍ର ତିଆରି ମେସିନ ଓ ଅନ୍ୟ ଖାଦ୍ୟ ପ୍ରକ୍ରିୟାକରଣର ଯନ୍ତ୍ରପାତି ସହଜରେ ପ୍ରତିଷ୍ଠା ହୋଇପାରିବ । ଗାଁରେ ଦିନେ ଖାଦ୍ୟାଭାବ ହେଉଥିଲା । କାମଧନ୍ଦା ମିଳୁନଥିଲା । ରାତିରେ ଆଲୁଅଟିଏ ଜଳିବା ପାଇଁ କିରୋସିନ୍ କିଣିବାକୁ ପଇସା ନଥିଲା । ଗୋଟାଏ ପ୍ରକାରର ଅନ୍ଧାର ଭିତରେ ବୁଡି ଯାଇଥିଲା ପିପଲପଦର ଗାଁ । ଏବେ ଆଲୋକିତ ହେବାକୁ ଆରମ୍ଭ କରିଛି । ଅନ୍ୟସବୁ ଗାଁକୁ ଆଲୋକ ଦେଖାଇବାକୁ ଆରମ୍ଭ କରିଛି ।

ମୁଁ କାଶୀପୁରର ସାମାଜିକ, ଅର୍ଥନୈତିକ, ରାଜନୈତିକ ପରିବେଶକୁ ଦୀର୍ଘଦିନ ହେବ ଲକ୍ଷ୍ୟ କରି ଆସୁଛି । ଏଠାରେ ଅନାହାର ମୃତ୍ୟୁ, ହଇଜା, ଶୋଷଣ ଓ ଅନ୍ୟାୟ ଅତ୍ୟାଚାର ଲାଗିରହିଛି । ଏଠାରେ ଏକ ନୈରାଶ୍ୟର ବାତାବରଣ ଘୋଟି ଯାଇଛି । କାଶୀପୁରର ଯୁବକ ପଳାୟନ କରୁଛି କାହିଁ କେତେ ଦୂର ବାଙ୍ଗାଲୋର, କେରଳ, ବିଶାଖାପାଟଣା ଓ ଅନ୍ୟଆଡେ କର୍ମ ଅନ୍ୱେଷଣରେ । ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଯେ

Digitized by srujanika@gmail.com

ସ୍ଥାନୀୟ ଲୋକଙ୍କର ସବୁ ସମସ୍ୟା ଦୂର ହୋଇଯିବ ଏକଥା ସରକାର ଓ ଶିଳ୍ପ କମ୍ପାନୀମାନେ ଉଚ୍ଚସ୍ୱରରେ କହି ଚାଲିଛନ୍ତି । ଠକାମୀ ଓ ଭଣ୍ଡାମୀର ଏହା ଏକ ନଗ୍ନଉଦାହରଣ । ପିପଳପଦର ଗାଁ ଦେଖାଇ ଦେବାକୁ ଚାହୁଁଛି ସ୍ୱାବଲମ୍ବନଶୀଳତାର ଉଦାହରଣ । ଗାଁର ସମ୍ବଳ ଗାଁ ଲୋକଙ୍କର ଓ ତାହାର ଉଚିତ ବିନିଯୋଗ ପାଇଁ ସେମାନଙ୍କର ଅଧିକାର ଅଛି । ଗ୍ରାମଶାସନ ଓ ସରପଞ୍ଚ ଏଥିରେ ସମର୍ଥନ ଦେଇଛନ୍ତି । ମୁଁ ଭାବୁଛି ସରକାରଙ୍କ ଆଖି ଖୋଲିବ ଓ ସେଠାରେ ସମସ୍ତଙ୍କର ସହଯୋଗରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ । ଯେଉଁମାନେ ଶତକଡ଼ା ୧୦ ଜାତୀୟ ଅଭିବୃଦ୍ଧି ଲକ୍ଷ୍ୟ ରଖିଛନ୍ତି, ସେମାନେ ପିପଳପଦର ଗାଁକୁ ଆସି ଦେଖିବାକୁ ହେବ ବିକାଶର ଅନ୍ୟ ଏକ ଦିଗକୁ ।

□□□

Digitized by srujanika@gmail.com

୯

ପୋଲାଭରମ୍ ପ୍ରକଳ୍ପ : କାହାର ଲାଭ, କାହାର କ୍ଷତି ?

ଆନ୍ଧ୍ର ପ୍ରଦେଶର ପୋଲାଭରମ୍ ପ୍ରକଳ୍ପ ଏକ ବହୁମୁଖୀ ଜଳସେଚନ ପ୍ରକଳ୍ପ । ଗୋଦାବରୀ ନଦୀର ପଶ୍ଚିମ ଗୋଦାବରୀ ଜିଲ୍ଲା ପୋଲାଭରମ୍ ମଣ୍ଡଳର ରାମାୟାପେଟ ଗାଁରେ ଏ ଯୋଜନା କାର୍ଯ୍ୟକାରୀ ହେଉଛି । ରାଜମହ୍ନ୍ରୀ ଠାରୁ ୩୪କି.ମି. ଓ ଗୋଦାବରୀ ନଦୀ ଉପରେ ଦଓ୍ୱେଲସରମ୍ ଠାରେ ନିର୍ମିତ ସାର୍ ଆର୍ଥର କଟନ୍ ଆନିକଟ୍ ଠାରୁ ୪୨କି.ମି. ଦୂରରେ ଏ ପ୍ରକଳ୍ପ ଅବସ୍ଥିତି । ଏବେ ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ଛତିଶଗଡ଼ ଏ ପ୍ରକଳ୍ପକୁ କେନ୍ଦ୍ରକରି ଅନେକ ସ୍ତରରେ ସଂଘର୍ଷରତ । ଓଡ଼ିଶା ଓ ଛତିଶଗଡ଼ ସରକାର ଏ ପ୍ରକଳ୍ପକୁ ବିରୋଧକରି ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ପହଞ୍ଚିଛନ୍ତି । ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ସରକାର ଏ ପ୍ରକଳ୍ପକୁ ସମର୍ଥନ କରି ବିଭିନ୍ନ ଯୁକ୍ତି କରୁଛନ୍ତି । ଆନ୍ଧ୍ରପ୍ରଦେଶରେ ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ସଂଗଠନମାନେ ମଧ୍ୟ ଏ ପ୍ରକଳ୍ପକୁ ସମର୍ଥନ କରୁନାହାନ୍ତି । ଓଡ଼ିଶାର ମାଲକାନ୍‌ଗିରି ଜିଲ୍ଲାରେ ୨୨୮୬ ହେକ୍ଟର ଅଞ୍ଚଳ ଜଳମଗ୍ନ ହେବ ବୋଲି ଆଶଙ୍କା ଦେଖାଦେଇଛି । ଉତ୍କଳ ସମ୍ମିଳନୀର ଏକ ଦଳ ସେ ଅଞ୍ଚଳକୁ ଯାଇ ସମୀକ୍ଷା କରିବା ଛଡା ସାଧାରଣ ଭାବେ ଓଡ଼ିଶାରେ ଏ ପ୍ରକଳ୍ପକୁ ନେଇ ଆଲୋଚନା ସମାଲୋଚନା ହୋଇନାହିଁ । ଏ ପ୍ରକଳ୍ପ ୧୯୪୧ ମସିହାରୁ ଯୋଜନାର ଅନ୍ତର୍ଭୁକ୍ତ ହୋଇଛି ସତ, ୧୯୮୧ ମସିହାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏ ଯୋଜନାରେ ଏକ ବିଶାଳ ଜଳଭଣ୍ଡାର, ୨.୩୧କି.ମି. ଡ୍ୟାମ୍, ୯୬୦ ମେଗାଓ୍ୱାଟ୍ ଜଳବିଦ୍ୟୁତ୍ ଉତ୍ପାଦନ, ୧୮୧. ୫କି.ମି. ବାମ କେନାଲ ଓ ୧୭୪କି.ମି. ଦକ୍ଷିଣ କେନାଲର ପରିକଳ୍ପନା କରାଯାଇଛି । ପଶ୍ଚିମ କେନାଲ ଦ୍ୱାରା ପୂର୍ବ ଗୋଦାବରୀ ଏବଂ ବିଶାଖାପାଟଣା ଜିଲ୍ଲାର ୧.୬ ଲକ୍ଷ ହେକ୍ଟର ଜମି ଜଳସେଚିତ ହେବ ଓ ପୂର୍ବ କେନାଲ ଦ୍ୱାରା ୧.୨୮ଲକ୍ଷ ହେକ୍ଟର ଜମି କ୍ରିଷ୍ଣା ଓ ପଶ୍ଚିମ ଗୋଦାବରୀ ଜିଲ୍ଲାରେ ଜଳସେଚିତ ହେବ । ୨୨୦୦ ନିୟୁତ ଘନମିଟର ଜଳ ପ୍ରକାଶମ୍ ଆନିକଟ୍ ଦେଇ

Digitized by srujanika@gmail.com

କ୍ରିଷ୍ଣା ଅବବାହିକାକୁ ପ୍ରବାହିତ ହେବ । ବିଶାଖାପଟାଣା ଠାରେ ଦ୍ରୁତ ଶିଳ୍ପାୟନ ହେଉଥିବାରୁ ସେଠାରେ ୬୫୩ ନିୟୁତ ଘନମିଟର ଜଳ ଦିଆଯାଇ ଜଳାଭାବ ପରିସ୍ଥିତିକୁ ଦୂର କରାଯାଇ ପାରିବ । ପୂର୍ବ ଓ ପଶ୍ଚିମ କେନାଲର ଉଭୟ ପାର୍ଶ୍ୱରେ ଥିବା ଗ୍ରାମମାନଙ୍କୁ ପାନୀୟଜଳ ମଧ୍ୟ ଯୋଗାଇ ଦିଆଯିବ । ପଶ୍ଚିମ କେନାଲ୍‌କୁ ବୃଦ୍ଧି କରାଯାଇ ବିଜୟନଗରମ୍ ଓ ଶ୍ରୀକାକୁଲମ ଜିଲ୍ଲାର ୩.୨ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରାଯିବାର ଲକ୍ଷ୍ୟ ମଧ୍ୟ ଏ ପ୍ରକଳ୍ପର ଅନ୍ତର୍ଭୁକ୍ତ ହୋଇଛି । ଏସବୁକୁ ବିଚାରକୁ ନେଇ ଆନ୍ଧ୍ରପ୍ରଦେଶ ସରକାର ପ୍ରକଳ୍ପ ସପକ୍ଷରେ ଅନେକ ଯୁକ୍ତି ବାଢୁଛନ୍ତି । ପ୍ରକଳ୍ପର ଅଟକଳ ୮୧୯୮ କୋଟି ଟଙ୍କା ରଖାଯାଇଛି ୨୦୦୩ ମସିହାରେ ଯାହା ୨୦୦୧ ମସିହାରେ ୧୨୨୩୪କୋଟି ଟଙ୍କା ଥିଲା । ପ୍ରକଳ୍ପର ଆକାର କମାଯାଇଛି ।

ଏ ପ୍ରକଳ୍ପରେ ୨୭୬ଟି ଗାଁର ୧ଲକ୍ଷ ୧୭ହଜାର ବ୍ୟକ୍ତି ବାସଚ୍ୟୁତ ହେବେ । ୪୦,୦୦୦ହେକ୍ଟର ଜମି ଜଳମଗ୍ନ ହେବ । ଏହି ଜଳମଗ୍ନ ଜମି ମଧ୍ୟରେ ଜଙ୍ଗଲ, ଚାଷ ଜମି ଓ ପତିତ ଜମି ରହିଛି । କିନ୍ତୁ ସବୁଠାରୁ ଉଲ୍ଲେଖନୀୟ ବସ୍ତୁ ହେଲା ଯେ, ଏ ପ୍ରକଳ୍ପରେ ଅନେକ ବିବାଦ ଭରି ରହିଛି । ପୋଲାଭରମ୍ ପ୍ରକଳ୍ପ ହେବ କି ନାହିଁ ତାହା ଏ ବିବାଦର ଉଚିତ ସମାଧାନ ଉପରେ ନିର୍ଭର କରୁଛି । ଏହି ବିବାଦ ଗୁଡିକର ଏକ ତାଲିକା କରାଯାଇପାରେ ।

କ) ଏ ପ୍ରକଳ୍ପରେ ବାସଚ୍ୟୁତଙ୍କ ସଂଖ୍ୟା ଲକ୍ଷରୁ ଅଧିକ ଓ ସେମାନଙ୍କର ଉଚିତ ଥଇଥାନ ଏକ କଷ୍ଟକର ବ୍ୟାପାର ।

ଖ) ଏ ପ୍ରକଳ୍ପକୁ ସେଣ୍ଟ୍ରାଲ ୱାଟର କମିଶନ, ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟରୁ ମଞ୍ଜୁରୀ ମିଳିବା ସହଜ ନୁହେଁ ।

ଗ) ଏ ପ୍ରକଳ୍ପ ଦ୍ୱାରା ଜୈବବିବିଧତା ଓ ବନ୍ୟପ୍ରାଣୀଙ୍କ ବ୍ୟାପକ ହାନି ହେବ । ଜଳମଗ୍ନ ଦ୍ୱାରା ଅନେକ ପ୍ରକାରର ଗ୍ରାଫାଇଟ୍ ଖଣି ବୁଡିଯିବ ଯାହା ଜଳପ୍ରଦୂଷଣ ବଢାଇବ ।

ଘ) ମୃତ୍ତିକାକ୍ଷୟ ଏ ଅଞ୍ଚଳରେ ମାତ୍ରାଧିକ । ଏହାଦ୍ୱାରା ଜଳଭଣ୍ଡାରର ଆୟୁଷ କମିଯିବ ।

ଙ) ଆନ୍ଧ୍ରପ୍ରଦେଶର ଥଇଥାନ ଓ ପୁନର୍ବାସ ନୀତି ଦୁର୍ବଳ । ବାସଚ୍ୟୁତ ବ୍ୟକ୍ତିଙ୍କୁ ପରାମର୍ଶ କରିବାର ବ୍ୟବସ୍ଥା ଏଥିରେ ନାହିଁ ।

ଚ) ଆନ୍ଧ୍ରପ୍ରଦେଶ ପୋଲାଭରମ୍ ପ୍ରକଳ୍ପରୁ ୨୨,୨୬୭ ନିୟୁତ ଘନମିଟର ଜଳ

Digitized by srujanika@gmail.com

ପାଇବ ସତ, କିନ୍ତୁ ୯୯୨ ନିୟୁତ ଘନ ମିଟର ଜଳ କର୍ଣ୍ଣାଟକ ଓ ମହାରାଷ୍ଟ୍ରକୁ ଦେବାକୁ ହେବ । ବଚ୍ଛାୱତ ଆୱାର୍ଡ (Bachawat Award) ଅନୁସାରେ ଆନ୍ଧ୍ରପ୍ରଦେଶ ୧୨୭୫ ନିୟୁତ ଘନମିଟର ଜଳ କେବଳ ପାଇବ ।

ଛ) ଜଳମଗ୍ନ ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ତଫସିଲ୍ ଅଞ୍ଚଳ ହୋଇଥିବାରୁ ଏ ଅଞ୍ଚଳରେ ଗ୍ରାମସଭାର ନିଷ୍ପତ୍ତି ଆବଶ୍ୟକ । କିନ୍ତୁ ସ୍ଥାନୀୟ ଲୋକମାନଙ୍କୁ ପ୍ରକଳ୍ପ ବିଷୟରେ ସବିଶେଷ ସୂଚନା ଦିଆଯାଇ ନାହିଁ ।

ଜ) ବାସଚ୍ୟୁତ ବ୍ୟକ୍ତିଙ୍କ ସଂଖ୍ୟା ଲକ୍ଷାଧିକ ଓ ସେମାନଙ୍କର ଜୀବନଜୀବିକା ସମସ୍ୟା ଉତ୍କଟ । ସେମାନଙ୍କୁ ଭିଟାମାଟିରୁ ଉଚ୍ଛେଦ କରି ଉପକୂଳ ଅଞ୍ଚଳର ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ପରିବାରମାନଙ୍କୁ ସାହାଯ୍ୟ କରିବା ଏ ପ୍ରକଳ୍ପର ଅନ୍ୟତମ ଲକ୍ଷ୍ୟ । ଏହା ଅନେକ ପ୍ରଶ୍ନବାଚକ ଚିହ୍ନ ସୃଷ୍ଟି କରିଛି ।

ଝ) ଓଡ଼ିଶା ଓ ଛତିଶଗଡ଼ ପ୍ରଦେଶରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବ । ଏଥିପାଇଁ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ମତାମତ ନିଆଯିବା ଯଥାର୍ଥ । ଆନ୍ଧ୍ରସରକାର ସବୁପ୍ରକାର ଜନମତକୁ ନ୍ୟୂନ କରି ପ୍ରକଳ୍ପ ଆଗେଇ ନେବାକୁ ଉଦ୍ୟମରତ ।

ସାମାଜିକ କର୍ମକର୍ତ୍ତା ଓ ନାଗରିକ ସମାଜମାନେ ଏ ପ୍ରକଳ୍ପ ବିରୋଧରେ ଆନ୍ଦୋଳନ ଆରମ୍ଭକରି ତମାମ୍ ଜିଲ୍ଲାରେ ଚେତନା ପଦଯାତ୍ରା କରିଛନ୍ତି । ଏହା ଫଳରେ ୯ଟି ମଣ୍ଡଳରେ ଏ ପ୍ରକଳ୍ପ ବିରୋଧରେ ନିଷ୍ପତ୍ତି ନିଆଯାଇଛି । ବିକଳ୍ପ ଯୋଜନା କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି । ଜଳମଗ୍ନ ଅଞ୍ଚଳ କିପରି କମିବ ସେଥିପ୍ରତି ଧ୍ୟାନ ଦେବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି । ଉଚିତ ଥଇଥାନ ନୀତି ଅବଲମ୍ବନ କରିବାକୁ ନାଗରିକ ସମାଜ ପକ୍ଷରୁ ସରକାରଙ୍କ ଉପରେ ଚାପ ପକାଯାଇଛି । ପ୍ରକଳ୍ପ କିପରି ରହିବ ଓ ଅବହେଳିତମାନଙ୍କୁ ସାହଯ୍ୟ କରିବ ତାହା ଉପରେ ପ୍ରାଧାନ୍ୟ ଦେବାକୁ କୁହାଯାଇଛି ।

ପୋଲାଭରମ୍ ଡ୍ୟାମ୍‌ର ସାମାଜିକ ଓ ପାରିବେଶିକ ମୂଲ୍ୟ ବିଷୟରେ ଅନେକ ମତାମତ ପ୍ରକାଶ ପାଇଛି । ହଜାର ହଜାର ଆଦିବାସୀ ବାସଚ୍ୟୁତ ହେବେ ବୋଲି ଆତଙ୍କିତ ହୋଇ ବର୍ତ୍ତମାନ ନୂତନ ଜଙ୍ଗଲ ଇଲାକାକୁ ଉଠି ଗଲେଣି । ସେଠାରେ ପୋଡୁଚାଷ କରିବା ପାଇଁ ବହୁମାତ୍ରାରେ ଜଙ୍ଗଲ ସଫା କରି ସାରିଲେଣି । ପ୍ରଥମତଃ ଜଳଭଣ୍ଡାରରେ ଦେଢଲକ୍ଷ ଏକର ଜଙ୍ଗଲ ଜଳମଗ୍ନ ହେବ । ଏହାଛଡା ନୂତନ ପୋଡୁଚାଷ ମଧ୍ୟ ଲକ୍ଷ ଲକ୍ଷ ଏକର ଜଙ୍ଗଲ ନଷ୍ଟକରିବ । ଅନ୍ୟପକ୍ଷରେ ପରିବେଶ ଓ

Digitized by srujanika@gmail.com

ଜଙ୍ଗଲ ମନ୍ତ୍ରଣାଳୟ ନିୟମାବଳୀ ଅନୁସାରେ 'ଜନଶୁଣାଣୀ' ପ୍ରତି ଗାଁ ଏବଂ ମଣ୍ଡଳରେ ଆୟୋଜିତ ହେବା କଥା । ଆନ୍ଧ୍ରପ୍ରଦେଶ ସରକାର ଆନ୍ଧ୍ର ପଟେ ନାମକୁ ମାତ୍ର ଜନଶୁଣାଣୀ କରିଛନ୍ତି । ଅନ୍ୟ ପକ୍ଷରେ ଓଡ଼ିଶା ଓ ଛତିଶଗଡ଼ ପାର୍ଶ୍ୱରେ କୌଣସି ଜନଶୁଣାଣୀ ହୋଇନାହିଁ । ଏଥିପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦେଇଥିବା ଅନୁମତି ଯଥାର୍ଥ ନୁହେଁ । ପରିବେଶ ମନ୍ତ୍ରଣାଳୟ ଆନୁକୂଲ୍ୟରେ ହୋଇଥିବା ଏକ ଅଧ୍ୟୟନରେ ଜଳମଗ୍ନ ହେଉଥିବା ଅଞ୍ଚଳ ହେଉଛି ୬୩,୬୯୧ ହେକ୍ଟର । ଏଥିରୁ ବହୁଭାଗ ହେଉଛି ଚାଷ ଜମି । ଏକ ଅଟକଳରେ କୁହାଯାଇଛି ଯେ ଶତକଡ଼ା ୯୫ଭାଗ ଜଳମଗ୍ନ ଜମି କୃଷି ଉପଯୋଗୀ ଜମି । ନର୍ମଦା ବଞ୍ଚାଓ ଆନ୍ଦୋଳନର ନେତ୍ରୀ ଶ୍ରୀମତୀ ମେଧାପାଟକର ମଧ୍ୟ ପୋଲାଭରମ୍ ଡ୍ୟାମ୍ ଉପରେ ଗୁରୁତର ପ୍ରଶ୍ନ ଉଠାଇଛନ୍ତି । ଛତିଶଗଡ଼ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଆନ୍ଧ୍ର ସରକାରଙ୍କ ପୋଲାଭରମ୍ ପ୍ରକଳ୍ପ ନିର୍ମାଣ ଉପରେ ପ୍ରଶ୍ନ ଉଠାଇଛନ୍ତି । ସୁପ୍ରିମ୍ କୋର୍ଟରେ ମାମଲା ବିଚାରାଧୀନ ଅଛି ଏବଂ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଛି ।

ପୋଲାଭରମ୍ ଡ୍ୟାମ୍ ବିବାଦୀୟ ହୋଇ ସାରିଛି । ଏହାର ସମର୍ଥକମାନେ ଯେତେ ଯୁକ୍ତି ବାଢ଼ନ୍ତୁ ପଛେ, ଆନ୍ଧ୍ର ସରକାର ଏହାର ସପକ୍ଷରେ ଯେତେ ତଥ୍ୟ ଉପସ୍ଥାପନ କରନ୍ତୁ ପଛେ, ଏହା ଏକ ସାମାଜିକ, ଆର୍ଥିକ ଓ ପାରିବେଶିକ ଦୁରବସ୍ଥା ବୋଲି ମନେ କରିବାକୁ ହେବ । ସମସ୍ୟା କେବଳ ବିସ୍ଥାପନର ନୁହେଁ ବା ଜଳମଗ୍ନ ଇଲାକାର ନୁହେଁ । ପ୍ରଶ୍ନ ଉଠୁଛି ଯେ ଯଦି ଗୋଦାବରୀ ନଦୀ ତିନୋଟି ପ୍ରଦେଶର ସ୍ୱାର୍ଥ ସହ ଜଡିତ ଏବଂ ଜଳମଗ୍ନ ଇଲାକା, ତିନୋଟି ପ୍ରଦେଶକୁ ସମ୍ପ୍ରସାରିତ, ତେବେ ତିନୋଟି ପ୍ରଦେଶର ସରକାର କାହିଁକି ଏକାଠି ବସି ଏ ପ୍ରକଳ୍ପର ଲାଭକ୍ଷତି ବିଶ୍ଳେଷଣ କରୁନାହାନ୍ତି ? ଯଦି ପ୍ରକଳ୍ପର ଲାଭାନ୍ୱିତ ବହୁଭାଗ ଲୋକ ଉପକୂଳ ଅଞ୍ଚଳର ବାସିନ୍ଦା ହେବେ ଓ ଶିଳ୍ପମାନେ ଏହାର ବିଶେଷ ଫାଇଦା ଉଠାଇବେ, ତେବେ ପ୍ରକଳ୍ପର ଲାଭକ୍ଷତିର ଯେଉଁ ହିସାବ ଚାଲିଛି ତାହାର ଠିକ୍ ସମୀକ୍ଷା କରାଯାଇଛି କି ? ଛତିଶଗଡ଼ ପ୍ରଦେଶର ଦାନ୍ତେୱାଡା ଜିଲ୍ଲାର କୋଣ୍ଟା ତାଲୁକା ଏବଂ ଓଡ଼ିଶାର ମାଲ୍‌କାନଗିରି ଜିଲ୍ଲାର ମୋଟୁ ତହସିଲ୍‌ର ଆଦିବାସୀମାନେ କ୍ଷତିଗ୍ରସ୍ତ ଓ ପ୍ରଭାବିତ ହେବେ । ସେମାନଙ୍କର ସ୍ୱାର୍ଥକୁ ବିଚାରକୁ ନିଆଯାଇନାହିଁ ବା ଗ୍ରାମସଭା ମାଧ୍ୟମରେ ଜନଶୁଣାଣୀ କରାଯାଇନାହିଁ । ଆଉଏକ ପ୍ରଶ୍ନ ହେଲା ଯେ ଗୋଦାବରୀ ଅବବାହିକାରୁ କ୍ରିଷ୍ଣା ଅବବାହିକାକୁ ଜଳଯୋଗାଣ ଓ ସେଠାରୁ ତାମିଲ୍‌ନାଡୁ ଓ କର୍ଣ୍ଣାଟକକୁ ଜଳଯୋଗାଣ କେତେ ଯୁକ୍ତିଯୁକ୍ତ ?

Digitized by srujanika@gmail.com

ଏସବୁ ପ୍ରଶ୍ନର ଉତ୍ତର ନପାଇଲା ପର୍ଯ୍ୟନ୍ତ ପୋଲାଭରମ୍ ପ୍ରକଳ୍ପ ସ୍ଥଗିତ ରହୁ ବୋଲି ମତାମତ ପ୍ରକାଶ ପାଇଛି । କେବଳ ପୋଲାଭରମ୍ ପ୍ରକଳ୍ପ ନୁହେଁ ଓଡ଼ିଶାର ଚତୁର୍ଦ୍ଦିଗରେ ବିଭିନ୍ନ ନଦୀବନ୍ଧ ଯୋଜନାମାନଙ୍କୁ ନେଇ ବିରୋଧାଭାସ ସୃଷ୍ଟି ହୋଇଛି । ବଂଶଧାରା ନଦୀ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଭିତରେ ଅନେକ ବିବାଦ ସୃଷ୍ଟି କରିସାରିଛି । ପଶ୍ଚିମରେ ମହାନଦୀ ଉପରେ ଛତିଶଗଡ଼ ଅନେକ ନଦୀବନ୍ଧ ଯୋଜନା କରୁଥିବାର ସୂଚନା ମିଳିସାରିଛି । ଉତ୍ତରରେ ସୁବର୍ଣ୍ଣରେଖା ନଦୀ ଉପରେ କାର୍ଯ୍ୟକାରୀ ହେଉଥିବା ନଦୀବନ୍ଧ ଯୋଜନା ବିବଦମାନ ଅବସ୍ଥାରେ ରହିଛି । ତେଣୁ ଯାହା ମନେ ହେଉଛି ଆଗାମୀ ଦିନମାନଙ୍କରେ ନଦୀ ଏବଂ ନଦୀଜଳକୁ ବ୍ୟବହାର କରିବା ପାଇଁ ବିଭିନ୍ନ ପ୍ରସ୍ତାବିତ ପ୍ରକଳ୍ପ ଆନ୍ତଃରାଜ୍ୟ ସଂଘର୍ଷ ବଢ଼ାଇବ, ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ଆଜିଠାରୁ ପ୍ରତ୍ୟେକ ପ୍ରକଳ୍ପର ଲାଭ କ୍ଷତିର ସମ୍ୟକ ବିଶ୍ଳେଷଣ ଜନସାଧାରଣଙ୍କ ଆଗରେ ଉପସ୍ଥାପନା କରିବା ଜରୁରୀ ହୋଇପଡିଛି । କିନ୍ତୁ ଏହି ବିଶ୍ଳେଷଣ କରିବା ପୂର୍ବରୁ ଏକ ନିରପେକ୍ଷ ଅଧ୍ୟୟନର ଆବଶ୍ୟକତା ରହିଛି । କେବଳ ସେଣ୍ଟ୍ରାଲ ୱାଟର କମିଶନ୍ ଦ୍ୱାରା ଅଧ୍ୟୟନ ଯଥେଷ୍ଟ ନୁହେଁ, ଆହୁରି ମଧ୍ୟ ପ୍ରତ୍ୟେକ ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ ବିଶେଷଜ୍ଞମାନଙ୍କ ଦ୍ୱାରା ଏହି ଅଧ୍ୟୟନମାନ ଯଥେଷ୍ଟ ନୁହେଁ । ଏଥିରେ ନାଗରିକ ସମାଜ ସଂଶ୍ଳିଷ୍ଟ ହେବା ନିହାତି ଆବଶ୍ୟକ । ସବୁପରି ପ୍ରଭାବିତ ଜନସାଧାରଣ ଏହି ଅଧ୍ୟୟନରେ ସହଭାଗୀ ହେବା ନିତାନ୍ତ ଜରୁରୀ ।

□□□

Digitized by srujanika@gmail.com

୧୦

କ୍ଷୁଦ୍ର ହିଁ ସୁନ୍ଦର ଓ ସମ୍ଭବ

ଓଡିଶାର ଆଭ୍ୟନ୍ତରୀଣ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏପରି ବସତି ରହିଛି ଯେଉଁଠି ବିଜୁଳିଶକ୍ତି ଅଥବା ଇନ୍ଧନଗ୍ୟାସ ପହଞ୍ଚିବାକୁ ଅର୍ଦ୍ଧଶତାବ୍ଦୀ ବିତିଯିବ । ଆସନ୍ତା ୫୦ ବର୍ଷରେ ଏ ପୃଥିବୀରେ ଅନେକ ଅଦଳ ବଦଳ ହୋଇଯିବ ନିଶ୍ଚିତ । ପୃଥିବୀର ଇତିହାସ ଭୂଗୋଳ ପରିବର୍ତ୍ତନ ହୋଇଯିବ ବୋଲି ଭବିଷ୍ୟବାଣୀ ଶୁଣାଯାଇ ସାରିଛି । ଏଇ ପରିବର୍ତ୍ତନ ଜଳବାୟୁ ପରିବର୍ତ୍ତନ ଦ୍ୱାରା ନିୟନ୍ତ୍ରିତ ହେବ ବୋଲି ପୃଥିବୀସାରା ଆଲୋଚନା ଚାଲିଛି । ଜଳବାୟୁ ପରିବର୍ତ୍ତନ ହେବା ଦ୍ୱାରା କୋଟି କୋଟି ମଣିଷଙ୍କ ଜୀବନ ଜୀବିକା ବିପନ୍ନ ହେବବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି । କେବଳ ଓଡ଼ିଶାର ଆଦିବାସୀ ଗାଁଟି ନୁହେଁ, ବା ଇନ୍ଦ୍ରାବତୀ ଜଳବିଦ୍ୟୁତ କେନ୍ଦ୍ରର ଡ୍ୟାମ୍ ତଳେ 'ନାଗି' ନାମକ ଗାଁଟି ମଧ୍ୟ ନୁହେଁ । ଏ ପୃଥିବୀର ପ୍ରାୟ ୧୬୦କୋଟି ଲୋକଙ୍କ ପାଖରେ ଏବେସୁଦ୍ଧା ବିଜୁଳିଶକ୍ତି ପହଞ୍ଚି ନାହିଁ ଏବଂ ୨୪୦କୋଟି ଲୋକ ଏବେ ମଧ୍ୟ ଇନ୍ଧନଗ୍ୟାସ କ'ଣ ଜାଣି ନାହାନ୍ତି । ଏହା ଦାରିଦ୍ର୍ୟର ଅନ୍ୟ ଏକ ପରିଚୟ ନୁହେଁ ତ ଆଉ କ'ଣ ? ଗୋଟାଏ ପାର୍ଶ୍ୱରେ ସାମାଜିକ, ଆର୍ଥିକ ଓ ପାରିବେଶିକ ଦାରିଦ୍ର୍ୟତା ଏବଂ ଅନ୍ୟପାର୍ଶ୍ୱରେ ଉର୍ଜ୍ଜା ବା ଶକ୍ତିର ଦାରିଦ୍ର୍ୟ । ଏ ଦୁଇଟି ମୁଦ୍ରାର ଦୁଇପାର୍ଶ୍ୱ ଭଳି । ସମ୍ବନ୍ଧ ଓ ପର୍ଯ୍ୟାଲୋଚନା ଖୁବ୍ ସ୍ପଷ୍ଟ । ସାଧାରଣଭାବେ କହିବାକୁ ଗଲେ ଏ ପୃଥିବୀର ଗୋଟାଏ ଗୋଷ୍ଠୀ ସବୁକ୍ଷେତ୍ରରେ ବିତ୍ତଶାଳୀ ଓ ପ୍ରାକୃତିକ ସମ୍ପଦର ବିନିଯୋଗର ନିୟନ୍ତ୍ରଣ ପାଇଁ ବଳଶାଳୀ । ଅନ୍ୟ ଗୋଟିଏ ଗୋଷ୍ଠୀ ସବୁକ୍ଷେତ୍ରରେ ଶୋଷିତ ଓ ବଞ୍ଚିତ ।

ଆଜିକୁ ପ୍ରାୟ ତିରିଶ ବର୍ଷତଳେ ମୋତେ ପ୍ରସିଦ୍ଧ ଲେଖକ ଓ ଅର୍ଥନୀତିଜ୍ଞ ଶ୍ରୀ ଇ.ଏଫ. ସୁମାକର୍ (E.F. Schumacher)ଙ୍କ 'ସ୍ମଲ୍ ଇଜ୍ ବିୟୁଟିଫୁଲ' (Small Is Beautiful) ବହି ପଢିବାକୁ ସୁଯୋଗ ମିଳିଥିଲା । ବିକାଶର ବିଭିନ୍ନ ଦିଗ ଚିହ୍ନଟ କରିବାକୁ ପ୍ରୟାସ କରୁଥିବା ସବୁ ମଣିଷଙ୍କୁ ଏ ବହି ପଢ଼ିବାକୁ ଅନୁରୋଧ । ଏକା

Digitized by srujanika@gmail.com

ନିଶ୍ୱାସରେ ପଢିହେବ ଓ ଅନେକ ଭାବନା ଓ କଳ୍ପନା, ବାସ୍ତବତା ଓ ସ୍ୱପ୍ନ ସମ୍ଭବତା ଭିତରେ ନିମଜ୍ଜିତ ହୋଇଯିବ ଜଣେ । ସୁମାକର୍ କହିଥିଲେ ଯେ ଅର୍ଥନୀତି କେବଳ ଉତ୍ପାଦନ ବା ପୁଞ୍ଜି ସଂଶ୍ଳିଷ୍ଟ ଲାଭ ନୁହେଁ । ଅର୍ଥନୀତି ବୌଦ୍ଧଧର୍ମ ଦ୍ୱାରା ପରିଚାଳିତ ହେବା ସମ୍ଭବ । ବୌଦ୍ଧଧର୍ମ ଦ୍ୱାରା ପରିଚାଳିତ ଅର୍ଥନୀତିରେ ଅଛି ଅକ୍ଷୟ ଶକ୍ତି ଓ ସମ୍ପଦର ଝଲକ । ଏ ଅର୍ଥନୀତି କ୍ଷଣିକ ନୁହେଁ ଏହା ଚିରନ୍ତନ । ସୁମାକର ତାଙ୍କ ବହିରେ ଗାନ୍ଧୀଜୀଙ୍କ ଶିଷ୍ୟ ଜେ.ସି.କୁମାରପ୍ପା (J. C. Kumarppa)ଙ୍କ ପ୍ରସିଦ୍ଧ ତତ୍ତ୍ୱ 'ଇକୋନୋମିକ୍ସ ଅଫ ପରମାନେନ୍ସ' (Economic of Permanence) କଥା ଉଲ୍ଲେଖ କରିଛନ୍ତି । ସୁମାକର ଗାନ୍ଧୀ ଦର୍ଶନ ଦ୍ୱାରା ଉଦ୍‌ବୁଦ୍ଧ ହୋଇଥିଲେ । ଗାନ୍ଧୀଙ୍କ ଅର୍ଥନୀତିରେ ଜନସାଧାରଣ ମୂଳଭୂମିକା ଗ୍ରହଣ କରିଥିଲେ ଓ ଅର୍ଥନୀତି ସାଧାରଣ ମଣିଷଙ୍କ ଅଭାବ ସେମାନଙ୍କର ସମ୍ବଳ ଓ ଦକ୍ଷତା ଉପରେ ଆଧାରିତ ବୋଲି ବାରମ୍ବାର ଉଲ୍ଲେଖ କରିଥିଲେ । ସୁମାକର ତାଙ୍କର ଚିନ୍ତାଧାରାରେ ଏହାକୁ ମୂଳ ସ୍ରୋତ କରିଥିଲେ । ଲଗାମହୀନ ଆର୍ଥିକ ଅଭିବୃଦ୍ଧି ଓ ସୀମାହୀନ ଉପଭୋକ୍ତାବାଦ ଗ୍ରହଣଯୋଗ୍ୟ ନୁହେଁ । ବିଶାଳକାୟ ଶିଳ୍ପ ଗ୍ରହଣଯୋଗ୍ୟ ନୁହେଁ । ଅକ୍ଷୟ ଓ ଚିରନ୍ତନ ସମ୍ବଳଗୁଡିକର ଅମାନବୀୟ ଲୁଣ୍ଠନ ଯୁକ୍ତିଯୁକ୍ତ ନୁହେଁ । କୃଷି ହେଉ କି ଜଙ୍ଗଲ ସମ୍ପଦ ହେଉ, ଉର୍ଜ୍ଜା ହେଉ କି ଉତ୍ପାଦନ ହେଉ, ବୃହତ୍ ଶିଳ୍ପ ବଦଳରେ ସାଧାରଣ ମଣିଷଙ୍କ ଦ୍ୱାରା ଉତ୍ପାଦନ ହିଁ ଯଥାର୍ଥ ଓ ଯୁକ୍ତିଯୁକ୍ତ । ସୁମାକର ବୌଦ୍ଧଧର୍ମୀ ଅର୍ଥନୀତି ଉପରେ ଯେଉଁ ପ୍ରବନ୍ଧମାନ ଲେଖିଥିଲେ, ତାହା ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହାରଲାଲ୍ ନେହେରୁଙ୍କୁ ଆକର୍ଷଣ କରିଥିଲା । ସେ ଭାରତର ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ବେଳେ ଗ୍ରାମ୍ୟବିକାଶର ଉପଦେଷ୍ଟା ହିସାବରେ ଆମନ୍ତ୍ରିତ ହୋଇଥିଲେ । ପୃଥିବୀର ପ୍ରଭାବଶାଳୀ ବିଜ୍ଞାନ ଓ ବୈଷୟିକ ଜ୍ଞାନକୁ ଆହ୍ୱାନ ଦେଇ ସେ ମାଧ୍ୟମିକ ସ୍ତରର ବୈଷୟିକ ଜ୍ଞାନ ବା ଇଣ୍ଟରମିଡିଏଟ୍ ଟେକ୍ନୋଲୋଜି (Intermediate Technology) ର ପରିକଳ୍ପନା କରିଥିଲେ । ଗ୍ରେଟ୍ ବ୍ରିଟେନ୍‌ରେ ଇଣ୍ଟରମିଡିଏଟ୍ ଟେକ୍ନୋଲୋଜି ଗ୍ରୁପ୍ ((Intermediate Technology Group) ବୋଲି ଏକ ସଂସ୍ଥା ପ୍ରତିଷ୍ଠା ହେଲା ଯାହାକୁ ଦେଖିବାକୁ ମୁଁ ସୁଯୋଗ ପାଇଥିଲି । ଯେଉଁ ଜ୍ଞାନ ବିଜ୍ଞାନ କେବଳ ଧନୀକ ଗୋଷ୍ଠୀ ଓ ଦେଶମାନଙ୍କୁ ଶକ୍ତିଶାଳୀ କରୁଛି, ତାହା ବିପକ୍ଷରେ ଏଇ ମାଧ୍ୟମିକ ସ୍ତରୀୟ ଟେକ୍ନୋଲୋଜି ଏକ ଆହ୍ୱାନ ଥିଲା । କର୍ପୋରେଟ୍ ଷ୍ଟାଇଲ୍‌ରେ ଗଢିଉଠୁଥିବା ଶିଳ୍ପରେ ବ୍ୟବହାର ହୋଇଥିଲା ବିପୁଳ ପୁଞ୍ଜି ଓ ଶକ୍ତି । ବଢୁଥିଲା ପ୍ରଦୂଷଣ । କିନ୍ତୁ ଗରିବଙ୍କ ଅବସ୍ଥା କ'ଣ ? କୋଟି କୋଟି ଲୋକଙ୍କ ଜୀବନ

Digitized by srujanika@gmail.com

ଜୀବିକା ବିପନ୍ନ ହେଲା । କିନ୍ତୁ ଗାଁର ଅର୍ଥନୀତିକୁ ଅକ୍ଷତ ରଖିବା ଓ ଉଜ୍ଜୀବିତ କରିବା ପାଇଁ ଏକ ବୈପ୍ଳବିକ ଚିନ୍ତାଧାରାର ଆବଶ୍ୟକତା ସମସ୍ତେ ଅନୁଭବ କରିଥିଲେ । ଏଇଥିପାଇଁ ସ୍ଳୋଗାନ ଦିଆଗଲା ବିଗ୍ ଏଣ୍ଡ ଅଗ୍ଲି । କେବଳ ଯୁକ୍ତିଯୁକ୍ତ ହେଉଛି 'ସ୍ମଲ୍ ଇଜ୍ ବ୍ୟୁଟିଫୁଲ' (Small Is Beautiful) । ପୃଥିବୀସାରା ଯେତେ ସ୍ଥାନୀୟ ଲୋକଜ୍ଞାନ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳକୁ ସବୁ ଅଧ୍ୟୟନ କରାଗଲା । ସେଗୁଡିକର ଆଧୁନିକ ବୈଜ୍ଞାନିକ ଢାଞ୍ଚାରେ ବିଶ୍ଳେଷଣ ଓ ପ୍ରୟୋଗ କରାଗଲା । ବିଶ୍ୱବ୍ୟାପୀ 'ଇଣ୍ଟରମିଡିଏଟ୍ ଟେକ୍ନୋଲୋଜି ଗ୍ରୁପ୍' ବା (ITG) (ଆଇ.ଟି.ଜି)କୁ ମାନ୍ୟତା ଦିଆଗଲା । ସୁମାକର୍ ମରିଗଲେଣି ସତ ତାଙ୍କର ଦର୍ଶନ ଓ ଅଭିଜ୍ଞ ଉପସ୍ଥାପନା ଏବେ ସୁଦ୍ଧା ଚର୍ଚ୍ଚାର ବିଷୟ ହୋଇଛି । ପୃଥିବୀର ଏଇ ମଧ୍ୟମସ୍ତରୀୟ ବିଜ୍ଞାନ ଓ ବୈଷୟିକ ଜ୍ଞାନର ସମାହାରରେ ଏକ ଆଟ୍ଲାସ୍ ପ୍ରସ୍ତୁତ ହୋଇସାରିଛି । ବିଭିନ୍ନ ଦେଶରେ ବିଭିନ୍ନ ସ୍ୱୟଂସେବୀ ସଂଗଠନମାନେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକଳ୍ପର ସନ୍ଧାନ କରିଚାଲିଛନ୍ତି । ପରୀକ୍ଷା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ବିକଳ୍ପର ଅନ୍ୱେଷଣ ମଧ୍ୟ ଶେଷ ହୋଇନାହିଁ । ଗୋଟାଏ ବହି ଲେଖା ହୋଇଛି 'ସ୍ମଲ୍ ଇଜ୍ ପସିବଲ୍' (Small Is Possible) । ଯାହା ସବୁସ୍ଥାନୀୟ ଯୁକ୍ତିଯୁକ୍ତ ବୈଷୟିକ ଜ୍ଞାନ କୌଶଳର ଏକ ସଂଗ୍ରହ ହିସାବରେ ମାନ୍ୟତା ପାଇଛି । ଆଜି ଏସିଆ ହେଉ କି ଆଫ୍ରିକା ହେଉ ଆମେରିକା ହେଉ କି ଇୟୁରୋପ କୁହାଯାଉ, ସବୁଦେଶରେ ଏଇ ଇଣ୍ଟରମିଡିଏଟ୍ ବା ଆପ୍ରୋପ୍ରିଏଟ୍ ଟେକ୍ନୋଲୋଜି ଲୋକପ୍ରିୟ ହୋଇସାରିଛି । ଆଜି ଜଗତୀକରଣ ଓ ବଜାରୀକରଣ ପ୍ରକ୍ରିୟାକୁ ବିରୋଧ କରିବାକୁ ଯାଇ ଅନେକ ବ୍ୟକ୍ତି ଏବଂ ଅନୁଷ୍ଠାନ ଏଇଭଳି ମଧ୍ୟମ ଓ ଯୁକ୍ତିଯୁକ୍ତ ବୈଷୟିକ ଜ୍ଞାନ କୌଶଳ ନିଜର ବ୍ୟକ୍ତିଗତ ଓ ପେଶାଦାର ଜୀବନରେ ବ୍ୟବହାର କରୁଛନ୍ତି ।

ସୁମାକର୍ଙ୍କ କଥା ଉଠିଲାମାତ୍ରକେ ଆମେ ଦେଖୁଛୁ ଦୁଇଜଣଙ୍କ ନାମ ବାରମ୍ବାର ଆଲୋଚନାର ପରିସର ଭୁକ୍ତ ହୋଇଛି । ଜଣେ ହେଉଛନ୍ତି ମହାତ୍ମାଗାନ୍ଧୀ ଓ ଅନ୍ୟଜଣେ ହେଉଛନ୍ତି ଗାନ୍ଧୀଜୀଙ୍କ ଶିଷ୍ୟ ସ୍ୱର୍ଗତ ଜେ.ସି.କୁମାରପ୍ପା । କୁମାରପ୍ପାଙ୍କ ଇକୋନୋମି ଅଫ୍ ପରମାନେନ୍ସକୁ ସୁମାକର ତାଙ୍କ ବହିର ମୂଳାଧାର କରିଛନ୍ତି । କୁମାରପ୍ପାଙ୍କ ଜନ୍ମ ତାମିଲନାଡୁରେ ୧୮୯୨ ମସିହା ଜାନୁଆରୀ ୪ ତାରିଖରେ ଏକ ଖ୍ରୀଷ୍ଟିଆନ୍ ପରିବାରରେ । କଲେଜ୍ ଶିକ୍ଷା ପରେ ସେ ପେଶା ପାଇଁ ହୋଇଥିଲେ ଚାର୍ଟାର୍ଡ ଏକାଉଣ୍ଟାଣ୍ଟ୍ । ବିଭିନ୍ନ ବ୍ରିଟିଶ ଫାର୍ମ ପାଇଁ ସେ ଅଡିଟ୍ ଦାୟିତ୍ୱ ନେଇ ପ୍ରଚୁର ଅର୍ଥ

Digitized by srujanika@gmail.com

କମାଇଥିଲେ । ୧୯୨୮ ମସିହାରେ ସେ ଯୁକ୍ତରାଷ୍ଟ୍ର ଆମେରିକାରୁ ବିଜିନେସ୍ ଆଡମିନିଷ୍ଟ୍ରେସନ୍ ଏବଂ ଅର୍ଥନୀତିରେ ଉଚ୍ଚ ଶିକ୍ଷା ଅର୍ଜନ କରିଥିଲେ । ତାଙ୍କର ଗବେଷଣା ଥିଲା "ପବ୍ଲିକ୍ ଫାଇନାନସ୍ ଆଣ୍ଡ ଆୱାର ପୋଭର୍ଟି ।" ଏହି ଗବେଷଣା ତାଙ୍କର ଜୀବନଦର୍ଶନ ଓ ଧାରା ସମ୍ପୂର୍ଣ୍ଣ ବଦଳେଇଥିଲା । ଭାରତକୁ ଫେରି ଆସି ବ୍ରିଟିଶ ଶାସନ କିଭଳି ଭାରତୀୟ ମାନଙ୍କୁ ବିଭିନ୍ନ ଟିକସ ମାଧ୍ୟମରେ ଶୋଷଣ ଓ ଲୁଣ୍ଠନ କରୁଛି ତାହା ଅଧ୍ୟୟନ କରି ସେ ପ୍ରକାଶ କରିବାକୁ ଚାହିଁଥିଲେ । ପାଣ୍ଡୁଲିପିଟି ଗାନ୍ଧୀଜୀଙ୍କୁ ଦେଇଥିଲେ ପଢି ମତାମତ ଦେବାକୁ । ଗାନ୍ଧିଜୀ ୧୯୨୯ ମସିହା ମେ ୯ତାରିଖରେ ସାବରମତି ଆଶ୍ରମରେ ଭେଟି ଆଲୋଚନା କରିବାକୁ ସୁଯୋଗ ଦେଇଥିଲେ । ଏହା ଏକ ଐତିହାସିକ ସାକ୍ଷାତ ଥିଲା । ବହିଟି ଗାନ୍ଧିଜୀ ତାଙ୍କ ପତ୍ରିକା 'ୟଙ୍ଗ୍ ଇଣ୍ଡିଆ'ରେ ପ୍ରକାଶ କରିବାକୁ ପ୍ରସ୍ତାବ ଦେଇଥିଲେ । ଏହାଛଡା ସେ କୁମାରପ୍ପାଙ୍କୁ ଗୁଜୁରାଟର ଏକ ଗାଁରେ ସର୍ଭେକ୍ଷଣ କରି ଗ୍ରାମ୍ୟ ଅର୍ଥନୀତିର ବିଭିନ୍ନ ଦିଗକୁ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ । କୁମାରପ୍ପା ଏ ସର୍ଭେ ଓ ବିଶ୍ଳେଷଣକୁ ଆଧାର କରି ବହିଟିଏ ଲେଖିଲେ ଯାହାର ନାମ ଥିଲା 'ଏ ସର୍ଭେ ଅଫ୍ ମାଟାର ତାଲୁକ ଇନ୍ ଖେଡା ଡିଷ୍ଟ୍ରିକ୍ଟ' । ଗାନ୍ଧୀଜୀ କୁମାରପ୍ପାଙ୍କ 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ଲେଖିବାକୁ ସୁଯୋଗ ଦେବା ସଙ୍ଗେ ସଙ୍ଗେ ସମ୍ପାଦନା ଦାୟିତ୍ୱ ମଧ୍ୟ ଦେଇଥିଲେ । ତାଙ୍କର ବଳିଷ୍ଠ ଲେଖା ବ୍ରିଟିଶ ଶାସନକୁ ସୁହାଇ ନଥିଲା । ଏଥିପାଇଁ କୁମାରପ୍ପାଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ବ୍ରିଟିଶ ଶାସନର କଡା ସମାଲୋଚନା କରି ଜେଲ୍ ଯାଇଥିଲେ । ଯୁଦ୍ଧୋତ୍ତର କାଳରେ ସେ "ଭାରତ ଛାଡ" ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରି ଗୋପନ ଆନ୍ଦୋଳନ ଚଳାଇଥିଲେ । ଏଥିପାଇଁ ପୁନଶ୍ଚ ତାଙ୍କୁ ଜବଲପୁର ଜେଲ୍‌ରେ ଅଢ଼େଇବର୍ଷ କାଟିବାକୁ ପଡିଥିଲା । ଏଇ ସମୟରେ 'ଇକୋନୋମି ଅଫ ପରମାନେନ୍‌ସ' ଲେଖିବାକୁ ତାଙ୍କୁ ସୁଯୋଗ ମିଳିଥିଲା । ସ୍ୱାଧୀନତା ପରେ କ୍ଷମତା ବା ପଦପଦବୀରେ ସେ ଲାଳାୟିତ ନଥିଲେ । କିନ୍ତୁ ଭାରତର ଗ୍ରାମାଞ୍ଚଳରେ ଅର୍ଥନୀତି ଏକ ନିର୍ଦ୍ଦିଷ୍ଟ ରୂପ ନେଉ ବୋଲି ସେ ଚିନ୍ତିତ ଥିଲେ । ଗାନ୍ଧିଜୀଙ୍କ ମୃତ୍ୟୁପରେ ତାଙ୍କର ପ୍ରଭାବ ସମ୍ଭବତଃ କମିଯାଇଥିଲା । କୃଷି ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶଦାତା କମିଟିରେ ଯଦିଓ ସେ ସଭ୍ୟ ହୋଇଥିଲେ ଏବଂ ଚୀନ୍ ଓ ଜାପାନ ଯିବାକୁ ସୁଯୋଗ ପାଇଥିଲେ, କିନ୍ତୁ ନେହେରୁଙ୍କ ପ୍ରଧାନମନ୍ତ୍ରୀତ୍ୱ ଦେଶକୁ ଅନ୍ୟଆଡକୁ ନେଇଥିଲା । ୧୯୫୨ ମସିହାରେ କୁମାରପ୍ପା ଗୁଜୁରାଟର ଏକ ଦଳିତ ଗାଁରେ କିଛିଦିନ ରହି ସେମାନଙ୍କର ଉନ୍ନୟନ କାର୍ଯ୍ୟରେ ସାମିଲ

Digitized by srujanika@gmail.com

ହୋଇଥିଲେ । ସ୍ୱାସ୍ଥ୍ୟହାନୀ ହେତୁ ସେ କିଛିଦିନ ଶ୍ରୀଲଙ୍କାରେ ଆର୍ୟୁବେଦ ଚିକିତ୍ସା କରାଇଥିଲେ । ମଦୁରାଇ ପାଖରେ ସେ ଗାନ୍ଧୀ ନିକେତନ ଆଶ୍ରମ ପ୍ରତିଷ୍ଠା କରି ଜୀବନର ଶେଷ ସମୟ କାଟିଥିଲେ । ତାଙ୍କର ମହାପ୍ରୟାଣ ହୋଇଥିଲା ୧୯୬୦ ମସିହା ଜାନୁୟାରୀ ୩୦ତାରିଖ ଦିନ । ଏଇ ଦିନ ହିଁ ଗାନ୍ଧିଜୀଙ୍କ ମଧ୍ୟ ତିରୋଧାନ ଦିବସ ଥିଲା ।

ଆଜି ଯେତେବେଳେ ଜଗତୀକରଣ ଓ ବଜାରୀକରଣର ସର୍ବବ୍ୟାପୀ ଉପସ୍ଥିତି ଅନୁଭବ କରିବାକୁ ପଡୁଛି, ସେତେବେଳେ ଏହାକୁ ଆହ୍ୱାନ କରି ବିରୋଧାଭାସ ମଧ୍ୟ ପ୍ରଦର୍ଶନ କରିବା ଆବଶ୍ୟକ ହୋଇପଡିଛି । ଏଇ ଆହ୍ୱାନ କୁମାରପ୍ପାଙ୍କ 'ଇକୋନୋମି ଅଫ ପରମାନେନ୍‌ସ' ବହିରେ ଏକ ଆଦର୍ଶବାଦୀ ଢଙ୍ଗରେ ଉପସ୍ଥାପନା କରାଯାଇଛି । ସମସାମୟିକ ଚିନ୍ତାଧାରାକୁ ବିଶ୍ଳେଷଣ କରିଲେ ଏହା ସ୍ପଷ୍ଟଦେଖି ହେଉଛି । କେବଳ ସୁମାକର ନୁହନ୍ତି, ଇଭାନ୍ ଇଲିଚ୍‌ଙ୍କ ଲେଖାରେ ମଧ୍ୟ ତାଙ୍କର ଚିନ୍ତାଧାରା ପ୍ରତିଫଳିତ ହୋଇଛି । ବିଜ୍ଞାନ ଓ ବୈଷୟିକ ଜ୍ଞାନ ସବୁ ବିକେନ୍ଦ୍ରୀକରଣ କରାଯାଇ ସାଧାରଣ ଜନଜୀବନରେ କିପରି ବ୍ୟବହାର ହୋଇ ପାରିବ - ଏହା କୁମାରପ୍ପାଙ୍କ ଦର୍ଶନ ଥିଲା । ଗ୍ରାମ୍ୟ ଏବଂ କୁଟୀର ଶିଳ୍ପ ଗୁଡିକୁ କୁମାରପ୍ପା ଏକ ନିର୍ଦ୍ଦିଷ୍ଟ ଦିଗ ଓ ଗତି ଦେଇଥିଲେ । ସେ ଗ୍ରାମ୍ୟ ଓ କୁଟୀର ଶିଳ୍ପର ପିତା ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତର ଗାଁରେ ଅନେକ କୃଷିଜୀବୀ ଓ ଶ୍ରମଜୀବୀ ଅଛନ୍ତି । ସେମାନେ କାମ ଧନ୍ଦା ନପାଇ ବଡ ଅସହାୟ ଜୀବନଯାପନ କରୁଛନ୍ତି । ଗାଁର ଲୋକେ ଘରଦ୍ୱାର ଛାଡି ସହରକୁ ପଳାୟନ କରୁଛନ୍ତି । ଏଥିପାଇଁ ଗାଁର ସାମାଜିକ, ଅର୍ଥନୈତିକ ବିକାଶରେ ଘୋର ବାଧା ସୃଷ୍ଟି ହୋଇଛି । ଗ୍ରାମ୍ୟ ଓ କୁଟୀର ଶିଳ୍ପ ଏ ସମସ୍ୟାର ସମାଧାନ ଦିଗରେ ସହାୟକ ହେବ ବୋଲି କୁମାରପ୍ପାଙ୍କ ଦୃଢ ମତ ଥିଲା । ଗାଁରେ ଆବଶ୍ୟକ ହେଉଥିବା ସାମଗ୍ରୀର ଉତ୍ପାଦନ ଗାଁର କୁଟୀର ଶିଳ୍ପ ଜରିଆରେ ସମ୍ଭବ ହୋଇପାରିବ । ସାବୁନ, ଲୁଗାପଟା, ଲୁଗାରେ ରଙ୍ଗ ଦେବା, ବିଭିନ୍ନ ଧାତବ ଦ୍ରବ୍ୟ ତିଆରି କରିବା ଆଦି କୁଟୀର ଶିଳ୍ପ ଉପରେ କୁମାରପ୍ପା ଗୁରୁତ୍ୱ ଦେଇଥିଲେ । ଏହାକୁ ଛାଡି ଚମଡା ଶିଳ୍ପ, ମାଟି ହାଣ୍ଡି ଗଡିବା, କାଗଜ ତିଆରି କରିବା ଆଦି ମଧ୍ୟ କୁଟୀର ଶିଳ୍ପର ଅନ୍ତର୍ଗତ ହୋଇଥିଲା । ଖାଦ୍ୟ ଦ୍ରବ୍ୟ ମାନଙ୍କର ପ୍ରକ୍ରିୟାକରଣ ମହୁ ଚାଷ, ରେଶମ ଚାଷ, ଲାଖ ଚାଷ ଆଦି ମଧ୍ୟ ଖଦୀ ଓ କୁଟୀର ଶିଳ୍ପର ତାଲିକାରେ ସ୍ଥାନ ପାଇଥିଲା । ଲକ୍ଷ୍ୟ ଥିଲା ଗାଁର ସମ୍ବଳ ଓ ଦକ୍ଷତାର ସମ୍ପୂର୍ଣ୍ଣ ବିନିଯୋଗ କରାଯାଇ ପାରିବ । ଅନ୍ୟପକ୍ଷରେ ଗାଁ

Digitized by srujanika@gmail.com

ସମୃଦ୍ଧ ହେଲେ ଦେଶର ସମୃଦ୍ଧି ଓ ପ୍ରଗତି ବଢ଼ିବ । ସମସ୍ତଙ୍କର ସର୍ବନିମ୍ନ ଆବଶ୍ୟକତା ପୂର୍ଣ୍ଣ ହୋଇପାରିବ । ସମସ୍ତଙ୍କୁ ସୁଷମ ଖାଦ୍ୟ ଓ ଉପଯୁକ୍ତ ବସ୍ତ୍ର ମିଳିବ । ବସବାସ କରିବାକୁ ଭଲଘର ପ୍ରତ୍ୟେକ ପରିବାରକୁ ପ୍ରାପ୍ତ ହେବ । କୁମାରପ୍ପାଙ୍କ ନେତୃତ୍ୱରେ ସେ ସମୟର ଅନେକ ଯୁବବୈଜ୍ଞାନିକ ବିଭିନ୍ନ ଗବେଷଣା କାର୍ଯ୍ୟ ମଧ୍ୟ କରିଥିଲେ । ସେତେବେଳର ବାଇଓଗ୍ୟାସ୍ ପ୍ଲାଣ୍ଟ ଆଜି ପର୍ଯ୍ୟନ୍ତ ଲୋକପ୍ରିୟ ହୋଇଛି । ଗାଁରେ ବିକେନ୍ଦ୍ରିତ ଉତ୍ପାଦନ ବଢ଼ିଲେ ସହରରେ ସ୍ଥାପିତ ଶିଳ୍ପକାରଖାନାରୁ ଉତ୍ପାଦିତ ବସ୍ତୁମାନେ ଗାଁକୁ ପଶିପାରିବେ ନାହିଁ । ବର୍ତ୍ତମାନର ଜଗତୀକରଣ ଓ ତାହା ଦ୍ୱାରା ପରିଚାଳିତ ନବ ଅର୍ଥନୀତିକୁ ଏହା ଗୋଟାପଣେ ବିରୋଧ କରିପାରିବ । କୁମାରପ୍ପା ବଞ୍ଚିଥିଲେ ଆଜି ତାଙ୍କୁ ଶହେବର୍ଷରୁ ଅଧିକ ହୋଇଥାଆନ୍ତା । ଜଗତୀକରଣ ବିରୋଧରେ ସଂଗ୍ରାମ କରିବାକୁ ସେ ପ୍ରଥମେ ଆଗକୁ ଆସିଥାଆନ୍ତେ ।

କୁମାରପ୍ପା ଅନେକଙ୍କୁ ପ୍ରଭାବିତ କରିଛନ୍ତି ଓ ଅନେକଙ୍କ ସହ ବୌଦ୍ଧିକ ଲଢ଼ାଇ କରିଛନ୍ତି । ସୁମାକର, ଇଲିଚ୍, କାର୍ଲପୋଲ୍ୟାନୀ ଆଦି ବିଶ୍ୱବିଖ୍ୟାତ ବୁଦ୍ଧିଜୀବୀ ତାଙ୍କ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ହୋଇଛନ୍ତି । ଅନ୍ୟପକ୍ଷରେ ସେ ନେହେରୁ, ବିନୋବା ଆଦିଙ୍କ ସହ ଅନେକ କଥାରେ ସହମତ ହୋଇ ନାହାନ୍ତି । ଆଜି ଦିନରେ 'କୁମାରପ୍ପାଇଜିମ୍' ନାମକ ଏକ ନୂତନ ତତ୍ତ୍ୱ ନିଶ୍ଚିତରୂପ ନେଇଛି । ଗାନ୍ଧୀ ଗ୍ରାମର ଡକ୍ଟର ଦେବେନ୍ଦ୍ର କୁମାର ଓ ମୁମ୍ବାଇର ଶ୍ରୀ କେ.ଆର.ଦାତେ ଆଦି କୁମାରପ୍ପାଙ୍କ ଚିନ୍ତାଧାରାକୁ ବାସ୍ତବ ରୂପାୟନ କରି ଆଗେଇନେବାକୁ ଦୃଢ଼ପଦକ୍ଷେପ ନେଇଛନ୍ତି ।

ଗରିବ ଓ ମାଟିକାନ୍ଦୁଅର ମଣିଷମାନେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ଲାଭ ଉଠାଇବେ କି ନାହିଁ ? ଗାଁ ସ୍ୱାବଲମ୍ବୀ ହେବ କି ନାହିଁ ? ଗ୍ରାମ୍ୟ ଅର୍ଥନୀତିରେ ଚିରନ୍ତନତା ରହିବ କି ନାହିଁ ? କୁମାରପ୍ପାଙ୍କ ଚିନ୍ତାଧାରା ସହ ପରିଚିତ ହେଲେ ଏସବୁ ପ୍ରଶ୍ନ ସହଜରେ ସମାଧାନ ହୋଇ ପାରିବ । ମୁଁ ବର୍ତ୍ତମାନର ଚିନ୍ତାଶୀଳ ବ୍ୟକ୍ତିଙ୍କ ଯେଉଁ ତାଲିକା କରିଛି ଶ୍ରୀ କେ.ଆର.ଦାତେଙ୍କୁ ସର୍ବାଗ୍ରେ ସ୍ଥାନ ଦେଇଛି । ତାଙ୍କର କର୍ମଚିନ୍ତନକୁ ଏ ଗ୍ରନ୍ଥରେ ଲେଖିବା ନିତାନ୍ତ ଆବଶ୍ୟକ ।

□□□

Digitized by srujanika@gmail.com

୧୧

ଧରିତ୍ରୀ ଦିବସ ଓ ଶ୍ରୀ ଦାଓେ

ଆଜି ଅପ୍ରେଲ ୨୨ ତାରିଖ "ଧରିତ୍ରୀ ଦିବସ" । ଧରିତ୍ରୀ ଦିବସର ଅନୁଚିନ୍ତା କ'ଣ ହୋଇପାରେ ? ଏ ଦିନ ପୃଥିବୀକୁ ଆମର ପିତା ଭଳି ମନେ ପକାଇବାକୁ ହେବ । ଏ ଦିନ ଧରିତ୍ରୀ ମାତାକୁ ପୂଜା କରିବାକୁ ହେବ ଓ କାମନା କରିବାକୁ ହେବ ଯେ ଆମର ପିତାମାତା ଓ ପୂର୍ବପୁରୁଷଙ୍କୁ ସ୍ଥାନ ଓ ଜୀବନ ଦେଇଥିବା ଧରିତ୍ରୀ ଯେମିତି ସୁରକ୍ଷିତ ରହେ । ଆଜି ମୋର ମନେ ପଡୁଛି ବିଖ୍ୟାତ ଲେଖିକା ଶ୍ରୀମତୀ ଅରୁନ୍ଧତୀ ରାୟଙ୍କ ୨୦୦୩ରେ ବିଶ୍ୱ ସାମାଜିକ ସଂଗଠନ ବା ୱାରଲଡ଼ ସୋସିଆଲ୍ ଫୋରମ୍‌ରେ ଦେଇଥିବା ବକ୍ତବ୍ୟକୁ । ବ୍ରାଜିଲ୍‌ର ପୋର୍ଟ ଆଲେଗ୍ରେଠାରେ ଏ ସଂଗଠନର ବାର୍ଷିକ ସମ୍ମିଳନୀରେ ମୋତେ ଭାଗ ନେବାକୁ ସୁଯୋଗ ମିଳିଥିଲା ଓ ଅରୁନ୍ଧତୀ ରାୟଙ୍କ ଏକ ବଳିଷ୍ଠ ଓ ଆବେଗମୟ ଭାଷଣ ଶୁଣିବାର ଭାଗ୍ୟ ଥିଲା । "ସାମ୍ରାଜ୍ୟ"କୁ ମୁକାବିଲା କିପରି କରାଯାଇ ପାରିବ, ତା' ଉପରେ ଶ୍ରୀମତୀ ରାୟ ଭାଷଣ ଦେଇଥିଲେ । ଜଗତୀକରଣ ଓ ଉଦାରୀକରଣ ପରିପ୍ରେକ୍ଷୀରେ ପ୍ରତ୍ୟେକ ସଚେତନ ବ୍ୟକ୍ତିଙ୍କୁ କ'ଣ କରିବାକୁ ହେବ ସେ ବିଷୟରେ ଓଜସ୍ୱିନୀ ଭାଷଣ ଆମକୁ ଶୁଣିବାକୁ ମିଳିଥିଲା । ସେ କହିଲେ, "କର୍ପୋରେଟ୍ ବିପ୍ଳବ ଧୂଳିସାତ୍ ହୋଇଯିବ ଯଦି ଆମେ ସେମାନଙ୍କର ଚିନ୍ତାଧାରା, ସେମାନଙ୍କ ଦ୍ୱାରା ବର୍ଣ୍ଣିତ ଇତିହାସ, ସେମାନଙ୍କ ଦ୍ୱାରା ଘୋଷିତ ଯୁଦ୍ଧ, ସେମାନଙ୍କର ଅସ୍ତ୍ରଶସ୍ତ୍ର ଏବଂ ସେମାନଙ୍କର ଅପରିହାର୍ଯ୍ୟତାକୁ ବର୍ଜନ କରିବା ଏବଂ ବିରୋଧ କରିବା । ... ଆଉ ଏକ ପୃଥିବୀ ସମ୍ଭବ କେବଳ ନୁହେଁ, ସେ ଆସି ବର୍ତ୍ତମାନ ଉପସ୍ଥିତ । ଏକ ଶାନ୍ତ ଓ ନୀରବ ଦିନରେ, ମୁଁ ପୃଥିବୀର ଶ୍ୱାସପ୍ରଶ୍ୱାସ ଶୁଣିପାରେ ।"

ଏ ପୃଥିବୀ ଆଜି ଅନେକ ଅନ୍ୟାୟ, ଅତ୍ୟାଚାର ଓ ଯନ୍ତ୍ରଣାର ଶିକାର । ପୃଥିବୀକୁ ଧର୍ଷଣ କରି ନିର୍ଯାତନା ଦେବାକୁ ଅନେକ ପ୍ରକାର ଚେଷ୍ଟା ଚାଲିଛି । ପୃଥିବୀର ପାଣି

Digitized by srujanika@gmail.com

ପବନ, ମାଟି ଓ ଗୋଡ଼ି ଆଜି ପ୍ରଦୂଷିତ । ଜୀବଜନ୍ତୁ, ବୃକ୍ଷଲତା ଆଜି ଅନେକ ବିଲୁପ୍ତ । ପୃଥିବୀ ଆଜି ଉତ୍ତପ୍ତ ଓ ଉଦ୍‌ବେଳିତ । ଗ୍ରୀକ୍‌ମାନେ ପୃଥିବୀକୁ ଏକକ ଓ ଅଭିନ୍ନ ବୋଲି ମନେକରି ଗାଇଆ (Gaia) ବୋଲି ନାମିତ କରିଥିଲେ । ଏହାର ଜୀବନ ଅଛି, ଶ୍ୱାସପ୍ରଶ୍ୱାସ ନେଉଛି । ଆମ ସମସ୍ତଙ୍କ ଭଳି ଏହାର ଜୀବନ କଣିକାର ସ୍ଥିତି ଓ ପ୍ରଜ୍ଞା ରହିଛି । ଏହାକୁ ଆଧାର କରି ଏବେ ଗାଇଆସୋଫି (Gaiasophy) ନାମରେ ଏକ ନୂତନ ଦର୍ଶନ ବାହାରିଛି । ଏହାର ଅର୍ଥ ହେଲା ଜୀବନ୍ତ ପୃଥିବୀର ଜ୍ଞାନ ଏବଂ ପ୍ରଜ୍ଞାନ । ପୃଥିବୀର ଏକ ଆଧ୍ୟାତ୍ମିକ ଏବଂ ଦୈହିକ ଅବସ୍ଥିତି ଅଛି । ଏହାକୁ ହୃଦୟଙ୍ଗମ କରିଲେ ଆଜି ପୃଥିବୀରେ ଯେତେ ପ୍ରକାରର ପ୍ରଦୂଷଣ ହେଉଛି ତଥା ମୂଲ୍ୟବୋଧର ଅବକ୍ଷୟ ହେଉଛି, ତାହା ଚିହ୍ନଟ କରାଯାଇ, ନିୟନ୍ତ୍ରଣ କରାଯାଇ ପାରିବ । ଧରିତ୍ରୀ ଦିବସରେ ବନ୍ଧୁତା ଓ ଭଲ ପାଇବାର ବିଭିନ୍ନ ପରିସରକୁ ପୁଣି ଥରେ ଆବିଷ୍କାର କରିବାକୁ ହେବ । ୧୯୬୨ ମସିହାରେ ଧରିତ୍ରୀ ଦିବସ କଥା ପରିକଳ୍ପନା କରାଯାଇଥିଲା । କ୍ରମକ୍ଷୟିଷ୍ଣୁ ପାରିବେଶିକ ସନ୍ତୁଳନକୁ ସମସ୍ତେ ଉପଲବ୍ଧି କରିବା ଆରମ୍ଭ କରିଥିଲେ । ଆମେରିକାର ରାଷ୍ଟ୍ରପତି ସ୍ୱର୍ଗତ ଜନ୍ ଫିଜରେଲାଡ୍ କେନେଡ଼ି ଓ ତାଙ୍କର ଭାଇ ସ୍ୱର୍ଗତ ରବର୍ଟ କେନେଡ଼ି ଉଭୟଙ୍କର ଏହା ଧ୍ୟାନ ଆକର୍ଷଣ କରିଥିଲା । ଆମେରିକାର ଜାତୀୟ କାର୍ଯ୍ୟକ୍ରମରେ ପ୍ରକୃତିର ସଂରକ୍ଷଣ କିପରି ଉପଯୁକ୍ତ ସ୍ଥାନ ପାଇବ, ଏ ଦୁଇ ଭାଇ ଚେଷ୍ଟା କରିଥିଲେ ସତ କିନ୍ତୁ ସଫଳ ହୋଇନଥିଲେ । କିନ୍ତୁ ୧୯୭୦ ମସିହାରେ "ଧରିତ୍ରୀ ଦିବସ" ପାଳନ କରାଯିବ ବୋଲି ମତାମତ ପ୍ରକାଶ ପାଇଥିଲା ଓ ଏପ୍ରିଲ୍ ୨୨ ତାରିଖକୁ ତାହା ଧାର୍ଯ୍ୟ କରାଗଲା । ଏ ଦିନ ଦେଶସାରା ପର୍ଯ୍ୟାବରଣ ଓ ତାହା ସହ ସଂଶ୍ଳିଷ୍ଟ ସମସ୍ୟାକୁ ସାଧାରଣ ଲୋକେ ଅନୁଧ୍ୟାନ କରିବେ । ପୃଥିବୀସାରା କୋଟି କୋଟି ଲୋକ ଏ ଦିନ ଉତ୍‌ପ୍ରେରିତ ହୋଇ ପାରିବେଶିକ ସମସ୍ୟାଗୁଡ଼ିକୁ ଦୂର କରି ପାରିବେ ବୋଲି ଆଶା ପ୍ରକଟ ହୋଇଥିଲା । ୧୯୯୦ ମସିହାରେ ପ୍ରଦୂଷଣ ସୃଷ୍ଟି କରୁଥିବା ବସ୍ତୁଗୁଡ଼ିକୁ କିପରି ବ୍ୟବହାର କରାଯାଇପାରିବ, ସେଥିପାଇଁ ଚିନ୍ତାକରାଗଲା । ଏହି ଚିନ୍ତନ ଓ ସହଭାଗିତା ଶେଷରେ ୧୯୯୨ ମସିହାରେ ରିଓ ଡ଼ି ଜେନିରୋ (Rio de Janeiro) ଠାରେ ବିଶ୍ୱ ପରିବେଶ ସମ୍ମିଳନୀ ଆୟୋଜିତ ହୋଇଥିଲା । ୨୦୦୦ ମସିହାରେ ଧରିତ୍ରୀ ଦୀବସ ଦିନ ପ୍ରଦୂଷଣମୁକ୍ତ ଉର୍ଜ୍ଜା କଥା ସମସ୍ତେ ଆଲୋଚନା କରିଥିଲେ । ୨୦୦୭ ମସିହା ଧରିତ୍ରୀ ଦିବସ ଦିନ ପାରିବେଶିକ ନାଗରିକତା କିପରି ବୃଦ୍ଧି ହେବ, ସେଥିପାଇଁ ଆଲୋଚନା ହୋଇଥିଲା ପୃଥିବୀସାରା ।

Digitized by srujanika@gmail.com

ଅବଶ୍ୟ ଜୁନ୍ ୫ତାରିଖରେ ବିଶ୍ୱ ପରିବେଶ ଦିବସ ପାଳିତ ହେଉଛି । ତେଣୁ ଅପ୍ରେଲ ୨୨ରେ ପାଳିତ ହେଉଥିବା ଧରିତ୍ରୀ ଦିବସର ସ୍ୱତନ୍ତ୍ର ଭୂମିକାକୁ ବୁଝିବାକୁ ହେବ । ଏବର୍ଷ ୨୦୦୮ ମସିହାରେ ବିଶ୍ୱର ଉତ୍ତାପ ବଢୁଥିବାକୁ ଲକ୍ଷ୍ୟ କରି ଧରିତ୍ରୀ ଦିବସରେ କୋଇଲା ବ୍ୟବହାର ନକରିବାକୁ ପ୍ରଚାର କରାଯିବାର ପ୍ରସ୍ତାବ ରହିଛି । କୋଇଲା ବ୍ୟବହାର ବଢ଼ିଥିବା ହେତୁ ଗ୍ରୀନ୍ ହାଉସ୍ ଗ୍ୟାସ୍‌ର ସୀମା ଟପିଛି । କେବଳ ମେରୁ ଅଞ୍ଚଳର ଧଳା ଭାଲୁ ବା ପେଙ୍ଗୁଇନ୍ ଏଥିରେ ପ୍ରଭାବିତ ହୋଇ ନାହାନ୍ତି, ମଣିଷ ମଧ୍ୟ । କେଉଁଠି ହରିକେନ୍ କାଟ୍ରିନା ଭୟାବହ ପରିସ୍ଥିତି ସୃଷ୍ଟି କରିଛି ତ, ଆଉ କେଉଁଠି ଝାଡ଼ାବାନ୍ତି ରୋଗ ବ୍ୟାପିଛି । ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବ ଏବେ ସବୁଆଡ଼େ ପରିଲକ୍ଷିତ ହେଉଛି । ଆଜି ଧରିତ୍ରୀ ଦିବସରେ ଆମକୁ ଅନେକ କିଛି ଶପଥ ନେବାକୁ ହେବ । କାର୍ ମାନଙ୍କରୁ ବିଷାକ୍ତ ଗ୍ୟାସ୍ ଉଦ୍‌ଗୀରଣ କମାଇବାକୁ ହେବ । ଘରମାନଙ୍କରେ ଓ ଅନ୍ୟତ୍ର ବିଜୁଳି ଶକ୍ତିର ବ୍ୟବହାର ମଧ୍ୟ କମାଇବାକୁ ହେବ ଆମ ସମସ୍ତଙ୍କୁ । ସମସ୍ତ ବର୍ଜ୍ୟବସ୍ତୁକୁ ରିସାଇକ୍ଲିଂ କରିଆରେ ଆଉଥରେ ବ୍ୟବହାର କରିବାକୁ ହେବ । ଚାରିଆଡ଼େ ବୃକ୍ଷରୋପଣ ମଧ୍ୟ କରିବାକୁ ହେବ । ଅଳିଆ ମଇଳା ଜିନିଷକୁ ପୋଡ଼ିବା ବନ୍ଦ କରିବାକୁ ହେବ । ଅକ୍ଷୟ ଶକ୍ତି ବିନିଯୋଗ କରିବା ଦ୍ୱାରା ଗ୍ରୀନ୍ ହାଉସ୍ (Green House) ଗ୍ୟାସ୍ ନିର୍ଗତ ହେବା କମିଯିବ । ଆଜିର ଧରିତ୍ରୀ ଦିବସରେ ନିଜପାଇଁ ଏବଂ ଏବେ ସାରା ପୃଥିବୀ ପାଇଁ ଅନେକ କିଛି ପଦକ୍ଷେପ ନେବାକୁ ହେବ । ପୃଥିବୀସାରା ଧରିତ୍ରୀ ଦିବସ ପାଇଁ ଯେଉଁ ନେଟ୍‌ୱାର୍କ ଗଢ଼ାଯାଇଛି ତାହାକୁ ଆହୁରି ଅଧିକ ସକ୍ରିୟ କରିବାକୁ ହେବ । ଧନୀ ଦେଶମାନେ ବେଶି ପ୍ରଦୂଷଣ କରୁଛନ୍ତି ଓ ଏହାର ପ୍ରତିକୂଳ ପ୍ରଭାବ ଗରିବ ଦେଶମାନଙ୍କ ଉପରେ ଅଧିକ ପଡୁଛି । ବର୍ତ୍ତମାନର କୃଷି, ମତ୍ସ୍ୟ ସମ୍ପଦ, ଜଙ୍ଗଲ, ଲୁଣା ଜଙ୍ଗଲ, ଜଳବାୟୁ, ଓଜୋନ ଗ୍ୟାସ୍ ଆଦି ଗରିବ ଦେଶକୁ ଭୟଭୀତ କରିଛି ।

ଆଜି "ଧରିତ୍ରୀ ଦିବସ"ରେ ମୋର ସମ୍ମାନୀୟ ଶ୍ରୀ କେ.ଆର୍. ଦାତ୍ତେଙ୍କ କଥା ମନେପଡୁଛି । ଆମ ଦେଶରେ ତାଙ୍କ ଭଳି ଜଣେ ଦୂରଦୃଷ୍ଟି ସଂପନ୍ନ ବ୍ୟକ୍ତି ମୁଁ ସହଜରେ ଖୋଜି ପାଉନାହିଁ । ସେ ଜଣେ ଇଂଜିନିୟର ଓ ବୈଜ୍ଞାନିକ । ବଡ଼ ବଡ଼ ଡ୍ୟାମ୍‌ର ଫାଉଣ୍ଡେସନ୍ କେମିତି ହେବ ସେ ବିଶେଷ ସହାୟତା ଦେଇଥାଆନ୍ତି । ଅନ୍ୟପକ୍ଷରେ ସେ ଲୋକାଭିମୁଖୀ ବୈଷୟିକ ଜ୍ଞାନ ଭଣ୍ଡାରର ଅଧିକାରୀ । ସ୍ଥାନୀୟ ଲୋକମାନେ କେଉଁଭଳି ବୈଷୟିକ ଜ୍ଞାନ ପରାମର୍ଶ ଲୋଡୁଥାଆନ୍ତି, ସେ ଜାଣିଛନ୍ତି । ବନ୍ଧୁ ଓ ପଦସ୍ଥ ସରକାରୀ କର୍ମଚାରୀ ଶ୍ରୀ ସତୀଶ୍ ଅଗ୍ନିହୋତ୍ରୀ ଶ୍ରୀ ଦାତ୍ତେଙ୍କୁ ଆମ ସହ

Digitized by srujanika@gmail.com

ପରିଚିତ କରାଇଦେଇଥିଲେ । ଆମେ କାଶୀପୁରରେ କାର୍ଯ୍ୟରତ ଅଛୁ ଓ ଆଦିବାସୀ ବିକାଶରେ ସଂଶ୍ଳିଷ୍ଟ ହୋଇଛୁ ବୋଲି ସେ ଜାଣି ଖୁସି ହେଲେ । ସେ କହିଲେ ଯେ ପଚାଶ ଦଶକରେ ସସ୍ତ୍ରୀକ ସେ କୋରାପୁଟ ଆସିଥିଲେ ଭୂଦାନ ଓ ଗ୍ରାମଦାନ ଉପରେ ଆଧାରିତ ଓ ସ୍ୱର୍ଗତ ଆନ୍ନା ସାହେବ ସହସ୍ରବୁଦ୍ଧେଙ୍କ ନେତୃତ୍ୱରେ ପରିଚାଳିତ ବୈିପାରୀଗୁଡ଼ା ପ୍ରକଳ୍ପରେ କାମ କରିବା ପାଇଁ । ଗାନ୍ଧୀବାଦରେ ସେ ଉତ୍‌ପ୍ରେରିତ ହୋଇ ସାରିଥିଲେ ଓ ଏଥିପାଇଁ ବମ୍ବେ ମୁନିସ୍‌ପାଲ କର୍ପୋରେସନ୍‌ର ଉଚ୍ଚ ପଦବୀରୁ ଇସ୍ତଫା ଦେଇ କୋରାପୁଟ ପହଞ୍ଚିଥିଲେ । କିନ୍ତୁ ବୈପାରୀଗୁଡ଼ା ପ୍ରକଳ୍ପରେ ସେ ବ୍ୟର୍ଥତା ଦେଖିଥିଲେ ଓ ପୁଣି ବମ୍ବେ ଫେରି ଯାଇଥିଲେ । ଏବେ ପୁଣି ଆମ ସହ ସାମିଲ ହୋଇ ସେ ତାଙ୍କର ସ୍ୱପ୍ନକୁ ସାକାର କରିବାକୁ ଆଶା ଭିଡ଼ିଥିଲେ । ତାଙ୍କଭଳି ବିଚକ୍ଷଣ ବ୍ୟକ୍ତିଙ୍କ ସହ ବନ୍ଧୁତା ସ୍ଥାପନ କରିବା ଆମ ପାଇଁ ଏକ ସୌଭାଗ୍ୟ ଥିଲା । ସେ ଇନ୍ଦ୍ରାବତୀ ବହୁମୁଖୀ ଯୋଜନାର ପରାମର୍ଶଦାତା ଥିଲେ ଓ ଯେତେବେଳେ ସେ ଅଞ୍ଚଳକୁ ଆସୁଥିଲେ, ଆମକୁ ସାହାଯ୍ୟ କରିବା ପାଇଁ କାଶୀପୁରରେ ପହଞ୍ଚୁଥିଲେ । ସକାଳୁ ଶୀଘ୍ର ଉଠିପଡ଼ିବେ ଓ କାଶୀପୁରରେ ସାମ୍ପ୍ରତିକ ବିକାଶ ଓ ତାପାଇଁ ଆବଶ୍ୟକ ବୈଷୟିକ ଜ୍ଞାନ ବିଷୟରେ ଆମ ସହ ଚର୍ଚ୍ଚା ଆରମ୍ଭ କରିଦେବେ । ସେ ଦୁଇଟି କଥା ବାରମ୍ବାର କହୁଥିଲେ । ଗୋଟିଏ ହେଲା ଜୈବମାତ୍ରା ବା ବାଇଓମାସ୍ (Bio-mass)ର ଉପଯୁକ୍ତ ଅଭିବୃଦ୍ଧି ଓ ବ୍ୟବହାର । ଦ୍ୱିତୀୟଟି ହେଲା ଅକ୍ଷୟ ଶକ୍ତି ବା ଉର୍ଜ୍ଜାର ବିକାଶ ଓ ବିନିଯୋଗ । କାଶୀପୁରରେ ପ୍ରଚୁର ସୂର୍ଯ୍ୟାଲୋକ ମିଳୁଛି ତ ତାହାର କିପରି ସଦୁପୋଯୋଗ ହୋଇ ପାରିବ । ମଣିଷର ଆବଶ୍ୟକତା ହେଉଛି ଶକ୍ତି ବା ଉର୍ଜ୍ଜା । ଏହାକୁ ଦୃଷ୍ଟି ଦେଇ ଅକ୍ଷୟ ଶକ୍ତି ଓ ବାଇଓମାସ୍‌ର ବିନିଯୋଗ ବିଷୟରେ ଯୋଜନା କରିବାକୁ ହେବ । ସିମେଣ୍ଟ ଓ ଲୌହଶିଳ୍ପରେ ଅନେକ କିଛି ଶକ୍ତିର ଆବଶ୍ୟକତା ରହିଛି । ତେଣୁ ଯଦି ସିମେଣ୍ଟ ଓ ଲୁହାର ବ୍ୟବହାର କମାଯାଇ ପାରିବ, ତେବେ ଗୃହ ନିର୍ମାଣ, ଚେକ୍‌ଡ୍ୟାମ ନିର୍ମାଣ ଆଦିରେ ଅନେକ ଶକ୍ତି ବଞ୍ଚାଯାଇ ପାରିବ । ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ଉପରେ ସବୁକିଛି ନିର୍ଭର କରୁଛି । ଏଇଥିପାଇଁ ସେ କାଶୀପୁରରେ ଆମକୁ ଓ ଆଦିବାସୀମାନଙ୍କୁ ଫେରୋସିମେଣ୍ଟ ଏବଂ କ୍ରୀକ୍‌ଡ୍ୟାମ୍ ଆଦି ତିଆରି କରିବାକୁ ପରାମର୍ଶ ଦେଇଥିଲେ । ଦେଶ ବିଦେଶରେ ଯେଉଁମାନେ ଏଇଭଳି ବୈଷୟିକ ଜ୍ଞାନ କୌଶଳ ବିନିଯୋଗ କରୁଛନ୍ତି, ସେମାନଙ୍କ ସହ ପରିଚିତ କରାଇଥିଲେ । ପ୍ରତ୍ୟେକ ମଣିଷ ଚାହେଁ ଅକ୍ଷୟ ଶକ୍ତି ଓ ବାଇଓମାସ୍ ଉପରେ ନିୟନ୍ତ୍ରଣ ଓ ଯଥାର୍ଥ ବିନିଯୋଗ । ଶ୍ରୀ ଦାତ୍ତେ ଥିଲେ ଜଣେ ଅସଲ ଗାନ୍ଧୀବାଦୀ ଓ ତାହା ସଙ୍ଗେ ସଙ୍ଗେ ମାର୍କସବାଦୀ ।

Digitized by srujanika@gmail.com

ଗୋଟାଏ ପଟେ ସ୍ଥାନୀୟ ସମ୍ବଳ ଓ ଅନ୍ୟପକ୍ଷରେ ସମତା ଓ ସମ୍ବଳର ସମବଣ୍ଟନ ଉପରେ ସେ ଯେଉଁ ଗୁରୁତ୍ୱ ଆରୋପ କରିଥିଲେ ତାହା ତାଙ୍କର ସ୍ୱପ୍ନର ଝଲକ୍ ଥିଲା । ଏହାକୁ ନେଇ ସେ ଗରିବଙ୍କ ଜୀବନ ଜୀବିକା ପ୍ରଶ୍ନ ସମାଧାନ କରିବାର ରାସ୍ତା ମଧ୍ୟ ବାହାର କରିଥିଲେ । ଜଳ, ଜୀବମାତ୍ରା ବା ବାଇଓମାସ୍ ଏବଂ ଜୀବିକା ଭିତରେ ଏକ ସମ୍ବନ୍ଧର ନକ୍ସା ସେ ପ୍ରସ୍ତୁତ କରିଥିଲେ । ସେ କହୁଥିଲେ ବିକାଶ ପ୍ରକ୍ରିୟାରେ ଜଳ ସମ୍ପଦର ବଡ଼ ଭୂମିକା ରହିଛି । ଜଳର ନିରନ୍ତର ଓ ସମତା ସଂଶ୍ଳିଷ୍ଟ ବିନିଯୋଗକୁ ପ୍ରାଧାନ୍ୟ ଦେବା ଜରୁରୀ ହୋଇପଡ଼ିଛି । ଏହା ହେଲେ ପରିବେଶର ସମତୁଲ ସଂରକ୍ଷଣ ହୋଇପାରିବ ଓ ଜୀବିକାର ବିଭିନ୍ନ ଅସ୍ଥିରତାକୁ ରୋକି ହେବ । ଜଳର ଠିକ୍ ବ୍ୟବହାର ହେଲେ ଜମିରୁ ଉତ୍ପାଦନ ବଢ଼ିବ । ଉତ୍ପାଦନ ବଢ଼ିବା ସଙ୍ଗେ ସଙ୍ଗେ ଶକ୍ତିର ବିନିଯୋଗ ମଧ୍ୟ ଠିକ୍ ଢ଼ଙ୍ଗରେ ହୋଇପାରିବ । ଜଳସେଚନ କେବେହେଲେ ଜଳର ଉଚିତ ବିନିଯୋଗର ସୂଚକ ନୁହେଁ । ଜଳର ବିନିଯୋଗ ସାଧାରଣ ମଣିଷଙ୍କ ନିରନ୍ତର ଜୀବିକା ସହ ସଂଶ୍ଳିଷ୍ଟ । କିନ୍ତୁ ଜୀବିକାର ସଂଜ୍ଞା କ'ଣ ? ମାଟି କାଦୁଅର ମଣିଷମାନେ ଜମି ଓ କୃଷି ଉପରେ ନିର୍ଭର କରି ଜୀବିକା କ୍ଷେତ୍ରରେ ସ୍ୱୟଂସଂପୂର୍ଣ୍ଣ ହୋଇ ପାରିବେକି ? ଜଣେ ଟଙ୍କା ରୋଜଗାର କରି ମଧ୍ୟ ଜୀବିକା କ୍ଷେତ୍ରରେ ଅସୁରକ୍ଷିତ ହୋଇପାରେ । କୃଷିରୁ ଜୀବିକାକୁ ସୁରକ୍ଷିତ କରିବା ସମ୍ଭବ ନୁହେଁ । ଏଥିପାଇଁ ଅଣକୃଷି କ୍ଷେତ୍ରରୁ ଜୀବିକାର ଏକ ଭାଗ ମଧ୍ୟ ଆସିବାର ଅଛି । ଏସବୁକୁ ବିଚାରକୁ ନେଇ ଶ୍ରୀ ଦାଣ୍ଡେ ବାଇଓମାସ୍ ଉପରେ ପ୍ରାଧାନ୍ୟ ଦେଇଛନ୍ତି । କୃଷି ଉତ୍ପାଦନ ଓ ଶସ୍ୟରୁ ଗୋଟାଏ ଭାଗ ବାଇଓମାସ୍ ନିଶ୍ଚିତ ମିଳିବ କିନ୍ତୁ ପରିବେଶ ସହ ତାଳମେଳ ପରେ ଅନ୍ୟ ଏକ ପ୍ରକାରର ବାଇଓମାସ୍ ମଧ୍ୟ ଉତ୍ପାଦିତ ହୋଇ ପାରିବ । ଏହାହିଁ ନିରନ୍ତର ବିକାଶର ମୂଳ ସ୍ରୋତ ବୋଲି ଦାଣ୍ଡେ ଦୃଢ଼ତାର ସହ ଉଲ୍ଲେଖ କରିଛନ୍ତି । ଯଦି ବାଇଓମାସ୍ ଯଥେଷ୍ଟ ଉତ୍ପାଦିତ ହେଲା, ତେବେ ତାହାକୁ ନେଇ ବିକାଶର ଯୋଜନା ଓ ସଂଯୋଜନା ମଧ୍ୟ କରିହେବ । ସବୁଠାରୁ ଭଲକଥା ହେଉଛି ଯେ ଏଇ ବାଇଓମାସ୍‌କୁ ଆଉ ଥରେ ଉତ୍ପାଦନ କରିବାକୁ ବେଶୀ ସମୟ ଲାଗିବ ନାହିଁ । ଏଣୁ ବିକାଶର ମଡ଼େଲ ତିଆରି କରିଲା ବେଳେ ବାଇଓମାସ୍ ଏବଂ ଜୀବନ ଜୀବିକାର ଆବଶ୍ୟକତାର ଉଚିତ ସମୀକରଣ ହୋଇପାରିବ । କିନ୍ତୁ ଗୋଟିଏ ପରିବାରର ବାଇଓମାସ୍ ଆବଶ୍ୟକତା କ'ଣ ? ଶ୍ରୀ ଦାଣ୍ଡେ ଏହାର ବାସ୍ତବ ନିର୍ଦ୍ଧାରଣ କରିଛନ୍ତି । ଖାଦ୍ୟପାଇଁ ଆବଶ୍ୟକ ହେବ ୨ଟନ୍, ଜାଳକାଠ ୨ଟନ୍, ଘାସ ଓ ଗୋଖାଦ୍ୟ ୫ଟନ୍, କମ୍ପୋଷ୍ଟ ପାଇଁ ଆବଶ୍ୟକ ହେବ

Digitized by srujanika@gmail.com

୬ଟନ୍, ଟଙ୍କା ଆକାରରେ ଅର୍ଥ ଉପାର୍ଜନ ପାଇଁ ଆବଶ୍ୟକ ହେବ ୩ଟନ୍ । ସର୍ବମୋଟ ୧୮ ଟନ୍ ବାଇଓମାସ୍ ଦରକାର କରିବ ଗୋଟିଏ ମଧ୍ୟମ ଚାଷୀ ପରିବାର । ବାଇଓମାସ୍‌କୁ ନେଇ ମଧ୍ୟ ଗ୍ରାମ୍ୟ ଶିଳ୍ପୀକରଣ ହୋଇପାରିବ । ବାଇଓମାସ୍ ଉତ୍ପାଦନ ଠିକ୍ ହେଲେ ମରୁଡ଼ିର ମଧ୍ୟ ଉଚିତ ନିରାକରଣ ହୋଇପାରିବ । ତେଣୁ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳ ସମ୍ମତ ଉପାୟରେ ବାଇଓମାସ୍ ଉତ୍ପାଦନକୁ ପ୍ରାଥମିକତା ଦିଆଯିବାକୁ ଶ୍ରୀ ଦାଭେ ଯୁକ୍ତି ବାଢ଼ିଛନ୍ତି ।

ଶ୍ରୀ ଦାଭେଙ୍କ ବାଇଓମାସ୍ ମଡ଼େଲ ଦେଶର ବିଭିନ୍ନ ଅଞ୍ଚଳରେ ପରୀକ୍ଷା ନିରୀକ୍ଷା କରାଯାଇଛି । କିଛିମାତ୍ରାରେ ଗବେଷଣା ମଧ୍ୟ କରାଯାଇଛି । ଏହାକୁ ଦେଶର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଲୋକଙ୍କ ଗହଣରେ ପରୀକ୍ଷା କରିବାର ସମୟ ଉପସ୍ଥିତ ହୋଇଛି । ଶ୍ରୀ ଦାଭେଙ୍କୁ ଏବେ ୮୨ ବର୍ଷ । ତଥାପି ସେ ସ୍ୱପ୍ନ ଦେଖୁଛନ୍ତି ଯେ ଏ ଦେଶରୁ ଦାରିଦ୍ର୍ୟ ଦୂରୀକରଣ କରିବା ସମ୍ଭବ । ଗରିବ ଓ ସମ୍ବଳ ସୀମିତ ଅଞ୍ଚଳରେ ଲୋକମାନେ ଜୀବନ ଜୀବିକାକୁ ନେଇ ସଂଗ୍ରାମରତ । ସେ ଅଞ୍ଚଳରେ ଥିବା ଗାଁରେ ଶ୍ରୀ ଦାଭେ ଆଶା କରିଛନ୍ତି ଯେ ୬୦୦ ହେକ୍ଟର ପତିତ ଜମିରେ ବାଇଓମାସ୍ ଉତ୍ପାଦନ ବଢ଼ାଇପାରିଲେ ସେ ଅଞ୍ଚଳ ପ୍ରଗତି ପଥରେ ଆଗେଇ ପାରିବ । କିନ୍ତୁ ୨୦୦ ହେକ୍ଟର ଜମି ଗ୍ରାମବାସୀ ହୁଅନ୍ତୁ ବା ସରକାର ହୁଅନ୍ତୁ, ବ୍ୟବସ୍ଥା କରିବାକୁ ହେବ । ଶ୍ରୀଯୁକ୍ତ ଦାଭେ ହିସାବ କରି ଦେଖାଇଛନ୍ତି ଯେ ତାଙ୍କର ପ୍ରସ୍ତାବିତ ମଡ଼େଲ ଅନୁସାରେ ଯଦି ବାଇଓମାସ୍ ଠିକ୍‌ଭାବେ ବୃଦ୍ଧିପାଏ ଓ ଜନ ସହଯୋଗ ମିଳେ ଏବଂ ଏହା ସହ ଜଳସେଚନ ଓ ସୌର ଉତ୍ତାପଶକ୍ତି ମଧ୍ୟ ସମନ୍ୱିତ ହୁଏ, ତେବେ ଆର୍ଥିକ ଓ ପାରିବେଶିକ ଲାଭ ଅନେକ ଗୁଣରେ ବଢ଼ିଯିବ । ୨୦୦ ହେକ୍ଟର ଜମିରେ ବାଇଓମାସ୍ ବଢ଼ାଇବା ପାଇଁ ନିଶ୍ଚିତ ରୋଜଗାର ଯୋଜନାକୁ ମଧ୍ୟ ବ୍ୟବହାର କରାଯାଇ ପାରିବ । ଆଜିର "ଧରିତ୍ରୀ ଦିବସ"ରେ ଶ୍ରୀ ଦାଭେଙ୍କ ଭଳି ଜ୍ଞାନୀ ଓ ଅଭିଜ୍ଞ ପୁରୁଷଙ୍କୁ ମୁଁ ମନେ ପକାଉଛି ଓ ତାଙ୍କର ସ୍ୱପ୍ନ ସହ ସାମିଲ୍ ହେଉଛି ।

□□□

Digitized by srujanika@gmail.com

୧୨

ବିଶ୍ୱ ଖାଦ୍ୟାଭାବ ଓ କ୍ଷୁଦ୍ରଋଷୀଙ୍କ ଭୂମିକା

ଭାରତ ସମେତ ସାରା ବିଶ୍ୱରେ ଖାଦ୍ୟାଭାବ ଏବେ ଦେଖାଦେଇଛି । ଖାଦ୍ୟ ସାମଗ୍ରୀର ଦର ହୁ ହୁ ହୋଇ ବଢୁଛି । ସାଧାରଣ ମଣିଷମାନେ ଆବଶ୍ୟକ ଖାଦ୍ୟ କିଣିବାକୁ ଆଉ ସକ୍ଷମ ହେଉନାହାନ୍ତି । ପୃଥିବୀ ସାରା ଗଣମାଧ୍ୟମରେ ଏ ବିଷୟରେ ଆଲୋଚନା, ସମାଲୋଚନା ଓ ପର୍ଯ୍ୟାଲୋଚନା ବ୍ୟାପକ ହୋଇସାରିଛି । ଏ ପୃଥିବୀର ବିଭିନ୍ନ ଦେଶରେ କ୍ଷମତାରେ ଥିବା ସରକାରମାନେ ଖୁବ୍ ବିଚଳିତ ଓ ବିବ୍ରତ ହୋଇ ସାରିଲେଣି । ଅନେକ ଦେଶରେ ରାଜନୈତିକ ଅସ୍ଥିରତା ଦେଖାଦେଇଛି । ଖାଦ୍ୟନିରାପତ୍ତା ବିପନ୍ନ ହୋଇଛି ବୋଲି ବିଭିନ୍ନ ଦେଶର ସାମୂହିକ ନିରାପତ୍ତା ମଧ୍ୟ ଦୁର୍ବଳ ହୋଇଛି । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ବା ୱାର୍ଲ୍ଡ ଫୁଡ୍ ପ୍ରୋଗାମ୍ (World Food Programme) ଆଗାମୀ ଦିନମାନଙ୍କରେ ଗରିବ ଜନସାଧାରଣଙ୍କୁ ଜରୁରୀକାଳୀନ ଖାଦ୍ୟ ଯୋଗାଇବାକୁ ସକ୍ଷମ ହେବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି । ଟାଇମ୍ (Time) ପତ୍ରିକାରେ ଖାଦ୍ୟାଭାବଜନିତ ବିଶ୍ୱବ୍ୟାପୀ ଆନ୍ଦୋଳନ କଥା ଏକ ପ୍ରବନ୍ଧରେ ଉଲ୍ଲେଖ କରାଯାଇଛି । ଆଫ୍ରିକାର ବୁର୍କିନାଫାସୋ, କାମେରୁନ୍, ସେନେଗାଲ୍, ମରିଟାନିଆ ଦେଶମାନଙ୍କରେ ଖାଦ୍ୟାଭାବ ପାଇଁ ଦେଶସାରା ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆମେରିକା ମହାଦେଶରେ ମେକ୍ସିକୋ, ଏସିଆର ପାକିସ୍ଥାନ, ଇଣ୍ଡୋନେସିଆ, ଭାରତ ଆଦି ଦେଶରେ ମଧ୍ୟ ଖାଦ୍ୟାଭାବ ବିରୋଧରେ ପ୍ରବଳ ପ୍ରତିବାଦ କରିଛନ୍ତି ସାଧାରଣ ଲୋକମାନେ । ଏପରିକି ମୁଖ୍ୟ ଖାଦ୍ୟ ହିସାବରେ ଗଣାଯାଉଥିବା ଚାଉଳ ଓ ଗହମର ଦାମ ଅନେକ ଗୁଣରେ ବଢିଛି ଓ ସାଧାରଣ ଲୋକେ ତା'କୁ ସହଜରେ ପାଇପାରୁନାହାନ୍ତି । ଅଟକଳରୁ ଜଣାପଡିଛି ଯେ ପ୍ରାୟ ୮୫କୋଟି ଲୋକ ଏ ପୃଥିବୀରେ ରାତ୍ରିରେ ଖାଲି ପେଟରେ ଶୋଉଛନ୍ତି । ପ୍ରାୟ

Digitized by srujanika@gmail.com

୨୦୦ କୋଟି ଲୋକଙ୍କ ଖାଦ୍ୟାଧିକାର ଏବେ କ୍ଷୁଣ୍ଣହୋଇ ସାରିଛି । ଏବର୍ଷ ବିଶ୍ୱ ମାନବାଧିକାର ଘୋଷଣାନାମାର ୬୦ବର୍ଷ ପୂରିଯିବ । ଆର୍ଥିକ, ସାମାଜିକ ଓ ସଂସ୍କୃତିକ ଅଧିକାର ଉପରେ ଯେଉଁ ଆନ୍ତର୍ଜାତିକ ରାଜିନାମା ରହିଛି ସେଥିରେ ଖାଦ୍ୟ ଅଧିକାରକୁ ମାନ୍ୟତା ଦେଇ ପ୍ରତ୍ୟେକ ଦେଶ ଏକ ସନ୍ତୁଳନ ସମ୍ଭବ କରାଇବେ ନିଜ ନିଜ ଦେଶରେ । ଗୋଟାଏ ପଟରୁ ଜଗତୀକରଣ ଓ ବଜାର ଦ୍ୱାରା ନିୟନ୍ତ୍ରିତ କୃଷି ଓ ବିଶ୍ୱବ୍ୟାଙ୍କ ଏବଂ ଆନ୍ତର୍ଜାତିକ ମୁଦ୍ରାକୋଷ ଦ୍ୱାରା ନିୟନ୍ତ୍ରିତ କୃଷିନୀତି ଏବଂ ଅନ୍ୟପକ୍ଷରେ ବିଭିନ୍ନ ଦେଶରେ ଖାଦ୍ୟାଧିକାର ପାଇଁ ବିକ୍ଷୋଭରୁ ଗୋଟିଏ କଥା ସ୍ପଷ୍ଟ ନିର୍ଦ୍ଧାରଣ କରିହେଉଛି । ଏହା ହେଲା ଯେ ବିଶ୍ୱର ଖାଦ୍ୟ ସମସ୍ୟା ଓ ସାଧାରଣ ଲୋକଙ୍କ ବିପନ୍ନ ଖାଦ୍ୟ ନିରାପତ୍ତାକୁ ବହୁରାଷ୍ଟ୍ରୀୟ ଆଗ୍ରିବିଜିନେସ୍ କର୍ପୋରେସନ୍, ବିଶ୍ୱବ୍ୟାଙ୍କ, ବିହନ, ରାସାୟନିକ ସାର ଓ କୀଟନାଶକ ଔଷଧ ବିକ୍ରୟ କରୁଥିବା କମ୍ପାନୀମାନେ ଓ ଗୋଟିଏ ଧରଣର କଣ୍ଟ୍ରାକ୍ଟ ଫାର୍ମିଂ ବା ମନୋକଲ୍‌ଚର(Monoculture) କୁ ପ୍ରୋତ୍ସାହନ ଦେଉଥିବା କୃଷି ପ୍ରଣାଳୀ ଦୂର କରିପାରିବ ନାହିଁ । ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା କଦାପି ସମ୍ଭବ ନୁହେଁ ।

ଏଇ ସମ୍ପର୍କରେ ବିଭିନ୍ନ ନାଗରିକ ସମାଜ, ସ୍ୱେଚ୍ଛାସେବୀ ସଂଗଠନ, ସମ୍ବେଦନଶୀଳ ଗବେଷକ ଓ ଗଣମାଧ୍ୟମ ବିଭିନ୍ନ ପ୍ରକାରର ତଥ୍ୟ ପ୍ରଦାନ କରି ସମସ୍ତଙ୍କୁ ସଚେତନ କରିବାରେ ଲାଗିଛନ୍ତି । ସେମାନଙ୍କର ଯୁକ୍ତି ହେଲା ଯେ ଗୋଟାଏ ଦେଶର କୃଷିନୀତି କୌଣସି ବହିଃ ପ୍ରଭାବର ବଶବର୍ତ୍ତୀ ନହୋଇ ତଥା ନିଜସ୍ୱ ସ୍ୱାର୍ଥକୁ ମାନ୍ୟତା ଦେଇ ନିଜର କୃଷିନୀତି ସ୍ଥିର କରୁ । ଆଉ ନିର୍ଣ୍ଣୟ କରୁ ଖାଦ୍ୟ ନିରାପତ୍ତାର ରଣନୀତି । ସ୍ଥାନୀୟ କୃଷିକୁ ପ୍ରାଧାନ୍ୟ ଦେବାକୁ କେହି ପଛଘୁଞ୍ଚା ନଦିଅନ୍ତୁ । ନିଜର ଦେଶରେ ଖାଦ୍ୟ ସାମଗ୍ରୀ ଥାଉ ଥାଉ ଅନ୍ୟ ଦେଶର ଖାଦ୍ୟ ଆଣି ପ୍ରତ୍ୟେକ ଦେଶ ନିଜର ଭବିଷ୍ୟତ ପାଇଁ ଖାଦ୍ୟ ସାମଗ୍ରୀ ସଂଗ୍ରହ ନକରନ୍ତୁ । ବିଶ୍ୱ ବାଣିଜ୍ୟ ସଂଗଠନ ଓ ସେଇଭଳି ଅନେକ ଶକ୍ତି ବିଶ୍ୱ ବଜାର ଦ୍ୱାରା ସବୁ ଦେଶକୁ ନିୟନ୍ତ୍ରିତ କରିବାର ନିର୍ଲଜ୍ଜ ଅପଚେଷ୍ଟା କରନ୍ତୁ ନାହିଁ । କିନ୍ତୁ ନାଗରିକ ସମାଜ ଏବଂ ଅନ୍ୟ ସମ୍ବେଦନଶୀଳ ଗୋଷ୍ଠୀଙ୍କ କଥା ଶୁଣୁଛି କିଏ ? ଯେଉଁ ଦେଶକୁ ଦେଖିବ, ସେଠାରେ ଆଗ୍ରିବିଜିନେସ୍ ସହ ଜଡିତ ବହୁରାଷ୍ଟ୍ରୀୟ କର୍ପୋରେସନ୍‌ମାନଙ୍କର ରାଜତ୍ୱ । ସେମାନେ ଚାହିଁଲେ ଖାଦ୍ୟ ମିଳିବ ବା ଅଭାବ ରହିବ । ଶିଳ୍ପାୟନ ଆଦିରେ ବ୍ୟସ୍ତଥିବା କର୍ପୋରେସନ୍ ଓ ପ୍ରଶାସନ ବନ୍ଧୁକ ମୁନରେ ଜମି ଅକ୍ତିଆର କରିବା ଦ୍ୱାରା କୃଷକ ଆଜି ତାର ନିଜ

Digitized by srujanika@gmail.com

ଜମିରୁ ବାସଚ୍ୟୁତ । ଅପରାଧୀକରଣର ସ୍ରୋତ ଯେମିତି ସବୁଆଡେ ବହିବାରେ ଲାଗିଛି । ସ୍ୱରଉତ୍ତୋଳନ କରୁଥିବା ଏବଂ ମାନବାଧିକାର ପାଇଁ ଉତ୍ସର୍ଗୀକୃତ ଭାବେ କର୍ମରତ ଥିବା ସାମାଜିକ କର୍ମକର୍ତ୍ତାମାନଙ୍କୁ ଚାପି ଦିଆଯାଇଛି । ଭାରତ ଭଳି ସବୁଦେଶରେ ପ୍ରାୟ ଖାଦ୍ୟ ସାମଗ୍ରୀ ଚଢ଼ା ଦରରେ ଆମଦାନୀ କରିବାକୁ ପଡୁଛି । ଏହା ଫଳରେ କ୍ଷୁଧା ଏବଂ ପୁଷ୍ଟିହୀନତା ବେଶି ବଢୁଛି । ସବୁଠାରୁ ହାସ୍ୟାସ୍ପଦ କଥା ଯେ ବିଶ୍ୱବ୍ୟାଙ୍କ ଭଳି ସଂସ୍ଥାମାନେ ଖାଦ୍ୟାଭାବ ଓ ଦରଦାମ ବୃଦ୍ଧି ଉପରେ ସତର୍କଘଣ୍ଟି ବଜାଇବାକୁ ବାଧ ହୋଇଛନ୍ତି । ଆଜିର ଖାଦ୍ୟାଭାବ ପଛରେ ସେମାନଙ୍କର ପ୍ରତ୍ୟକ୍ଷ ଭୂମିକା ରହିଆସିଛି ।

କିନ୍ତୁ ଅଚାନକ ଏ ଖାଦ୍ୟାଭାବ କାହିଁକି ? ଏ ଦରଦାମ୍ ବୃଦ୍ଧି କାହିଁକି ? ଗତ ତିନିବର୍ଷ ଭିତରେ ପ୍ରାୟ ଶତକଡ଼ା ୮୩ ଭାଗ ମୂଲ୍ୟବୃଦ୍ଧି ହୋଇଛି । ଏଥିରେ ମୁଖ୍ୟତଃ ରହିଛି ମକା, ଚାଉଳ, ଗହମ ଓ ସୋୟା । ଜଳବାୟୁ ପରିବର୍ତ୍ତନ, ଜଳସେଚନର ସମସ୍ୟା, ଶକ୍ତିର ଅଭାବ, ଚାଷ ଜମିର ହ୍ରାସ ଆଦି ଖାଦ୍ୟଶସ୍ୟ ଉତ୍ପାଦନ କମିଯିବାର ମୂଳକାରଣ । ଜଳବାୟୁ ପରିବର୍ତ୍ତନରେ କେଉଁଠି ବନ୍ୟା ହେଉଛି ତ କେଉଁଠି ମରୁଡି । ଅନେକ ଚାଷ ଜମି ଓ ଫସଲ ନଷ୍ଟ ହୋଇଛି । ଉତ୍ତାପ ଯେଉଁ ଢଙ୍ଗରେ ପରିବର୍ତ୍ତନ ହେବା ଆରମ୍ଭ କରିଛି, ଅନେକ ଦେଶରେ ଉତ୍ପାଦନ ହ୍ରାସ କରିବାରେ ଏହା ଏକ ମୁଖ୍ୟକାରଣ ହୋଇ ସାରିଛି । କୃଷିକ୍ଷେତ୍ରରେ ଶକ୍ତିର ଘୋର ଆବଶ୍ୟକତା ରହିଛି । ଏଥିରେ ରହିଛି କର୍ଷଣ, ପ୍ରକ୍ରିୟାକରଣ, ଶୀତଳୀକରଣ, ପରିବହନ ଏବଂ ବଣ୍ଟନ । ପେଟ୍ରୋଲ, ଡିଜେଲ ଆଦି ଜିନିଷର ମୂଲ୍ୟ ଆନ୍ତର୍ଜାତିକ ବଜାରରେ କ୍ରମଶଃ ବଢିବାରେ ଲାଗିଛି । ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାର, କୀଟନାଶକ ଔଷଧର ମୂଲ୍ୟକୁ ମଧ ବଢ଼ାଇ ଦେଇଛି । ଜଳସେଚନ କ୍ଷେତ୍ରରେ ଅନେକ ଅସୁବିଧା ରହିଛି ଓ ପୃଥିବୀସାରା ୫୦କୋଟି ଲୋକ ଅତିଶୟ ଜଳାଭାବର ସମ୍ମୁଖୀନ ହୋଇଛନ୍ତି । ଭୂଜଳ ମଧ ଅଭାବ ହୋଇସାରିଲାଣି । ଜଳସମ୍ପଦର ଯଥାର୍ଥ ପରିଚାଳନା ହେଉ ନାହିଁ । ଜଳସ୍ରୋତ ମଧ ଦୂଷିତ ହେବାରେ ଲାଗିଛି । ଏହା ଉତ୍ପାଦନରେ ଘୋର ବାଧା ସୃଷ୍ଟି କରିଛି । ଉତ୍ପାଦନ ହ୍ରାସ ହେବାର ଅନ୍ୟ ଏକ କାରଣ ହେଉଛି କୃଷି ଜମିର ଅଣକୃଷି ବ୍ୟବହାର । ଜମିର ଉତ୍ପାଦନ କ୍ଷମତା କମିବା ସଙ୍ଗେ ସଙ୍ଗେ ଶିଳ୍ପାୟନ ଓ ସହରୀକରଣ ମଧ ଅନେକ ଚାଷଯୋଗ୍ୟ ଜମି ନଷ୍ଟ କରୁଛି ।

Digitized by srujanika@gmail.com

ଅନ୍ୟ ଏକ ମୁଣ୍ଡ ବ୍ୟଥାର କାରଣ ହେଉଛି ଯେ ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରାଜିଲ୍ ଭଳି ଦେଶରେ ଖାଦ୍ୟଶସ୍ୟର ଉତ୍ପାଦନ ପଛରେ ବାୟୋଡିଜେଲ ଉତ୍ପାଦନ ମୁଖ୍ୟ ଉଦ୍ଦେଶ୍ୟ ରହିଛି । ଅର୍ଥାତ୍ ଖାଦ୍ୟଶସ୍ୟର ଏଥାନଲ୍ (Ethanol) ଓ ବାୟୋଡିଜେଲ୍ ଉତ୍ପାଦନ କରିବାକୁ କେତେକ ଦେଶ ବେଶି ଲାଭଜନକ ବୋଲି ଗ୍ରହଣ କରିଛନ୍ତି । ଏଥିପାଇଁ ଆମେରିକାର ମକାର ପ୍ରାୟ ଶତକଡ଼ା କୋଡିଏ ଭାଗ ବ୍ୟବହାର କରାଯାଇଛି । ବ୍ରାଜିଲ୍‌ରେ କୃଷି ଉତ୍ପାଦନର ମୁଖ୍ୟ ଉପାଦାନ ହେଉଛି ଆଖୁ ଓ ସୋୟା । ଏଗୁଡିକୁ ବାୟୋଡିଜେଲ୍ ଆଦିରେ ପରିଣତ କରି ଆମେରିକୀୟ ବଜାରରେ ବିକ୍ରୟ କରିବା ବେଶ୍ ଲାଭ ଜନକ । ଏଥିପାଇଁ ଏହା ନୂତନ ଆଗ୍ରିବିଜିନେସ୍‌ର ମୂଳ ଉଦ୍ଦେଶ୍ୟ ହୋଇଛି । ବାୟୋଡିଜେଲ୍ ପ୍ରତି ଅହେତୁକ ଆଗ୍ରହ ଆଦି କୃଷି ଉତ୍ପାଦନରେ ଘୋର ବାଧା ସୃଷ୍ଟି କରିଛି ।

ଆଉ ଏକ କାରଣ ହେଉଛି ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିଶ୍ୱସାରା ଚାଲିଥିବା ଅଯୌକ୍ତିକ ପ୍ରତିଯୋଗୀତା । ଚୀନ୍ ଓ ଭାରତରେ ଏଇ ଅଭିବୃଦ୍ଧି ସୃଷ୍ଟି କରିଛି ଏକ ନୂତନ ପ୍ରକାରର ଆବଶ୍ୟକତା । ଅଧିକରୁ ଅଧିକ ଲୋକ ଏକ ଆର୍ଥିକ ସ୍ୱଚ୍ଛଳତା ହେତୁ ଆମିଷ ଭୋଜନ ଆଶା କରୁଛନ୍ତି । ପୃଥିବୀସାରା ମାଂସର ଚାହିଦା ଅନେକ ଗୁଣ ଏବେ ବଢିଯାଇଛି । କୁକୁଡା ମାଂସ ହେଉ କି ଗୋ ମାଂସ ହେଉ, ଲୋକେ ଖାଇବାରେ ଲାଗିଛନ୍ତି । ଏହା ସହିତ ଦୁଗ୍ଧଜାତ ପଦାର୍ଥର ଚାହିଦା ମଧ୍ୟ ଅନେକ ଗୁଣ ବଢିଛି । ଏସବୁ ପଶୁପାଳନ ପାଇଁ ଦରକାର ହେଉଛି ଖାଦ୍ୟଶସ୍ୟ । ଅର୍ଥାତ୍ ମଣିଷ ପାଇଁ ଖାଦ୍ୟ ଉତ୍ପାଦନ ନକରି ପଶୁପାଳନ ଶିଳ୍ପ (କୁକୁଡା ଚାଷ, ଗୋପାଳନ, ଘୁଷୁରି ଚାଷ ଆଦି) ପାଇଁ ଖାଦ୍ୟ ଉତ୍ପାଦନ କରାଯାଉଛି । ଅନେକ ଦେଶରେ ଜଙ୍ଗଲ ସଫାକରି ପଶୁପାଳନ କରାଯାଉଛି ବା ପଶୁପାଳନ ପାଇଁ ଆବଶ୍ୟକ ହେଉଥିବା ଘାସ, ମକା, ଟାପିଓକା ଚାଷ କରାଯାଉଛି । ଜଙ୍ଗଲ ନଷ୍ଟ ହେବା ଦ୍ୱାରା ମଧ୍ୟ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରଭାବ ପଡୁଛି ।

ବର୍ତ୍ତମାନ ସବୁକ୍ଷେତ୍ରରେ ମୁଣ୍ଡବ୍ୟଥା ବଢିଯାଇଛି । ବର୍ତ୍ତମାନ ଯେଉଁ ଢଙ୍ଗରେ ଖାଦ୍ୟାଭାବ ଓ ଖାଦ୍ୟଦ୍ରବ୍ୟର ମୂଲ୍ୟ ବୃଦ୍ଧି ହୋଇଛି, ଆସନ୍ତା କୋଡିଏ ତିରିଶ ବର୍ଷରେ ଭୋକିଲାଙ୍କ ସଂଖ୍ୟା ଦୁଇ ଶହ କୋଟିରୁ ଅଧିକ ହୋଇଯିବ । ଅବସ୍ଥା ଏତେ ଶୋଚନୀୟ ହୋଇଯାଇଥିବ ଯେ ଜରୁରୀକାଳୀନ ଖାଦ୍ୟ ସାହାଯ୍ୟ ଦେବାକୁ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ଭଳି ସଂସ୍ଥାମାନେ ସକ୍ଷମ ହେବେ ନାହିଁ । ଫଳତଃ ବିଭିନ୍ନ ଦେଶ ନିଜ ନିଜର

Digitized by srujanika@gmail.com

ଖାଦ୍ୟନୀତି ବଦଳେଇବାକୁ ବାଧ୍ୟ ହେବେ । ବିଶ୍ୱ ରଙ୍ଗମଞ୍ଚରେ ଅନେକ କିଛି ଘଟିବାକୁ ଯାଉଛି ବୋଲି ଏବେଠାରୁ ଅନୁମାନ କରି ହେଉଛି । ଯେଉଁମାନେ ସବୁଠାରୁ ଗରିବ ଭୋକିଲା, ସେମାନଙ୍କୁ ଖାଦ୍ୟଦ୍ରବ୍ୟ ଯଥେଷ୍ଟ ମିଳିବା ଆବଶ୍ୟକ । ଏହା ସହିତ ସେମାନେ ରହୁଁଥିବା ଖାଦ୍ୟଦ୍ରବ୍ୟ ହାତ ପାହାନ୍ତାରେ ରହିବା ଆବଶ୍ୟକ । ଏହା କେମିତି ସମ୍ଭବ ବୁଝିବା କଷ୍ଟକର । ବାହାରୁ ଖାଦ୍ୟଶସ୍ୟ ଆମଦାନୀ କରାଯିବ କି ପ୍ରଭାବିତ ଦେଶମାନଙ୍କୁ ଆର୍ଥିକ ସାହାଯ୍ୟ ଦେଲେ ସେମାନେ ନିଜର ଆବଶ୍ୟକ ଖାଦ୍ୟଦ୍ରବ୍ୟ ସ୍ଥାନୀୟ ବଜାରରୁ କିଣି ଭଣ୍ଡାରରେ ରଖି ବିତରଣ କରିବେ ଏହା ଏକ ନିର୍ଦ୍ଦିଷ୍ଟ ନୀତି ଉପରେ ପର୍ଯ୍ୟବେସିତ ହେବ ।

ଖାଦ୍ୟାଭାବ ଦୂର କରିବାକୁ ହେଲେ ଯେକୌଣସି ଦେଶ ବାହାରୁ ଖାଦ୍ୟଦ୍ରବ୍ୟ ଆମଦାନୀ ନକରି, ଗୁରୁତ୍ୱର ସହ ନିଜ ଦେଶରେ ଖାଦ୍ୟ ଉତ୍ପାଦନ ବଢ଼ାଇବାକୁ ହେବ । ଏ ଦିଗରେ ପ୍ରଥମ ପଦକ୍ଷେପ ହେଲା ଯେ ବାଇଓଡିଜେଲ୍ ଆଦି କାର୍ଯ୍ୟକ୍ରମକୁ ସର୍ବପ୍ରଥମେ ବାତିଲ୍ କରାଯିବ । ଖାଦ୍ୟ ସମସ୍ୟା ଓ ଶକ୍ତି ସମସ୍ୟାରୁ କିଏ ଆଗ ଓ କିଏ ପଛ ଓ କିପରି ଏ ଭିତରେ ଭାରସାମ୍ୟ ରହିବ ତାହାର ସୁଚିନ୍ତିତ ବ୍ୟବସ୍ଥା କରିବାକୁ ହେବ । ଏହା କେହି ଅସ୍ୱୀକାର କରିବେ ନାହିଁ ଯେ ମଣିଷର ଖାଦ୍ୟ ନିରାପତ୍ତା ସର୍ବପ୍ରଥମ ଓ ମୌଳିକ । ଏଣୁ ନୀତିଗତ ଭାବେ ଏ ଦିଗରେ କଠୋର ନିଷ୍ପତ୍ତି ନେବାକୁ ହେବ । ଯେଉଁଦେଶରେ କ୍ରମାଗତ ଭାବେ ଖାଦ୍ୟ ଉତ୍ପାଦନ ନିମ୍ନସ୍ତରରେ ଅଛି ଓ ଖାଦ୍ୟାଭାବ ଜନିତ ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି, ସେ ଦେଶରେ ଖାଦ୍ୟ ଉତ୍ପାଦନ ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ବୈଷୟିକ ଜ୍ଞାନ କୌଶଳ ପହଞ୍ଚେଇବାକୁ ହେବ । ଏଥିପାଇଁ ଗ୍ରାମ୍ୟବିକାଶ ଓ ପରିବର୍ତ୍ତନ ପାଇଁ ସୁପରିକଳ୍ପିତ ଯୋଜନା କରିବାକୁ ହେବ । ଆଫ୍ରିକା ହେଉ ବା ଏସିଆ ହେଉ, କୃଷି କ୍ଷେତ୍ରରେ ନୂତନ ଚିନ୍ତନ ଆଣିବାକୁ ହେବ । କୃଷକର ଅଧିକାର ଓ ଆବଶ୍ୟକତାକୁ ମାନ୍ୟତା ଦେବାକୁ ହେବ । କୃଷିକୁ ବ୍ୟବସାୟଭିତ୍ତିକ ନକରି ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ବିଚାର କରିବାକୁ ହେବ । ଯଦି କୃଷକ ଚାହୁଁଛି ମକା, ମାଣ୍ଡିଆ, ଜୋଆର, ବାଜରା ଉତ୍ପାଦନ କରିବ, ତାହାର ଜମିରେ କାହିଁକି କପା ଚାଷ କରାଯିବ ? ସେ ଯଦି ଚାହୁଁଛି ନିଜର ବିହନ ବ୍ୟବହାର କରିବ, ଅଧିକ ଉତ୍ପାଦନକ୍ଷମ ବିହନ କାହିଁକି ତାହା ଉପରେ ଲଦି ଦିଆଯିବ ? ଯଦି କୃଷକ ଜଳସେଚନ ଚାହୁଁଛି, ତାହାର ଆବଶ୍ୟକତା ପୂରଣ ନକରି କାହିଁକି ଶିଳ୍ପ ଓ ଅଣକୃଷି ଦଗରେ ଜଳକୁ ବ୍ୟବହାର କରାଯିବ ? ପ୍ରାକୃତିକ ସମ୍ବଳ-

Digitized by srujanika@gmail.com

ଜମି, ଜଳ, ଜଙ୍ଗଲ - ଆଦିର ପରିଚାଳନା ଓ ପ୍ରଶାସନରେ କୃଷକର ସହଭାଗୀତାକୁ ଏଡାଇ ଦିଆଯାଇପାରିବ କି ? ଏଣୁ କୃଷକକୁ କୃଷିର ମୂଳ କେନ୍ଦ୍ର କରିବାକୁ ହେବ । କୃଷିକୁ ବଜାର ବେପାରର ଜାଲ ଭିତରକୁ ଠେଲି ଦେବା ଏକ ମାରାତ୍ମକ ଭୁଲ ହେବ । ଏଇଥିପାଇଁ କୃଷି ସହ ସଂଶ୍ଳିଷ୍ଟ ସମସ୍ତ ପ୍ରକାର ନୀତିକୁ ବଦଳେଇବାକୁ ପଡିବ । ପ୍ରତ୍ୟେକ ଦେଶର ଖାଦ୍ୟଶସ୍ୟର ବଣ୍ଟନ ବ୍ୟବସ୍ଥା ମଧ୍ୟ ବଦଳିବ। ନୀତିନିର୍ଦ୍ଧାରଣ କରୁଥିବା ଅଭିଜ୍ଞବ୍ୟକ୍ତିମାନେ ଓ ଶାସନଗାଦିରେ ବସିଥିବା ମଣିଷମାନେ ନିଶ୍ଚିତ ଭାବେ ତାଙ୍କର ଆଖିକାନ ଖୋଲି ଏକଥା ଯଦି ଅନୁଭବ ନକରିବେ, ସେମାନଙ୍କର ଆସନ ଟଳମଳ ହେବା ବେଶୀ ସମୟ ଲାଗିବ ନାହିଁ ।

ସାରା ପୃଥିବୀ ଆଜି କର୍ମଚଞ୍ଚଳ ଓ ଉତ୍ସାହରେ ମୁଖରିତ ଯେ ଛୋଟ ଓ ନାମମାତ୍ର ଚାଷୀ ଓ ପୃଥିବୀର ଖାଦ୍ୟାଭାବ ଦୂର କରିବାର ଆଶା ସୃଷ୍ଟି କରି ପାରିଛନ୍ତି । କୃଷିର ଭବିଷ୍ୟତ କଣ୍ଟ୍ରାକ୍ଟ ଏବଂ କର୍ପୋରେଟ୍ ଫାର୍ମିଂ ନିଶ୍ଚିତ ଭାବେ ପ୍ରମାଣିତ ହୋଇ ସାରିଛି । ଜଣେ କୃଷକର ପାଖରେ ଅଳ୍ପ କିଛି ଜମି ଅଛି । ସେଥିରେ ଏପରି ନିରନ୍ତର କୃଷି ସମ୍ଭବ କରାଯାଇପାରିବ ଯାହା ତାହାର ଖାଦ୍ୟ ଆବଶ୍ୟକତାକୁ ବହୁ ପରିମାଣରେ ମେଣ୍ଟାଇ ପାରିବ । ଏହା ସଙ୍ଗେ ସଙ୍ଗେ, ପାଖ ପୋଡଶୀଙ୍କ ଆବଶ୍ୟକତା ଦୂର କରିବାରେ ସାହାଯ୍ୟ କରିବ । ଏହା କିପରି ସମ୍ଭବ ଓ ବାସ୍ତବଧର୍ମୀ ହୋଇପାରିବ ତାହା ମଧ୍ୟ ଆଲୋଚନା କରିବାର ଯଥାର୍ଥତା ଆଜିର ସମୟରେ ସମସ୍ତେ ଅନୁଭବ କରୁଛନ୍ତି ।

□□□

Digitized by srujanika@gmail.com

୧୩

କ୍ଷୁଦ୍ର ଚାଷୀ ଓ ଭବିଷ୍ୟ ପୃଥିବୀ

ମୟୂରଭଞ୍ଜ ଜିଲ୍ଲାର ଶୁକ୍ରୁଳି ବ୍ଲକ୍‌ର ଗାଲୁ ସାହି ଗାଁରେ ବିଶ୍ଣୁ ବାର୍ଲା, ନୂଆପଡ଼ା ଜିଲ୍ଲାର ଢାମପାଣି ପଞ୍ଚାୟତର ବାଗୁଡା ଗାଁରେ ପଦ୍‌ମନ ମାଝୀ, କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ୍‌ର ତଳ ଗୋଦଲା ଗାଁରେ କୁମ ଜାନୀ ଏବଂ ପୃଥିବୀର ଅନେକ ଅନେକ ଛୋଟ ଚାଷୀମାନଙ୍କୁ ଆମେ ମୁଣ୍ଡ ନୋଇଁବା । ଏମାନେ ଗୋଟିଏ କଥା ଦୃଢ ଭାବେ ପ୍ରମାଣିତ କରି ସାରିଛନ୍ତି । ଅଳ୍ପଅଳ୍ପ ଜମି ଅଛି ସେମାନଙ୍କର । ପାଖରେ ଯଥେଷ୍ଟ ପୁଞ୍ଜି ନାହିଁ । କିନ୍ତୁ ଉଦ୍‌ଯୋଗ ଅଛି । ଦାୟିତ୍ୱ ମଧ୍ୟ ଅଛି ପରିବାର ପାଇଁ ଏବଂ ପୃଥିବୀ ପାଇଁ । ସେମାନେ ଗତବର୍ଷ ନିଜ ଜମିରୁ ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନ କରି ଖାଇପିଇ, ସାଇପଡିଶାଙ୍କୁ ବାଣ୍ଟି ଏବଂ ବଳକାକୁ ବିକ୍ରୟ କରି ପ୍ରାୟ ଦଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଆୟ କରିଛନ୍ତି । ସେମାନେ କୃଷକରତ୍ନ ପୁରସ୍କାର ପାଇବା ପାଇଁ ଚାଷ କରୁନାହାନ୍ତି । ସେମାନେ ଲାଭଖୋର ବ୍ୟବସାୟୀଙ୍କ ଭଳି କାହାକୁ ଶୋଷଣ କରିନାହାନ୍ତି । ଭଲମଣିଷ ହିସାବରେ ନିଜର ସଚ୍ଚୋଟ ପଣିଆ ସେମାନେ ଦେଖାଇଛନ୍ତି । ପରିଶ୍ରମୀ ମଣିଷ ହିସାବରେ ଅବଶ୍ୟ ହାଡଭଙ୍ଗା ପରିଶ୍ରମ କରିଛନ୍ତି । ସେମାନେ ପଳାୟନ କରିନାହାନ୍ତି । ସେମାନେ କାହାର ପାଦତଳେ ଶରଣାପନ୍ନ ହୋଇ ନାହାନ୍ତି । ସେମାନେ ମୁଣ୍ଡଟେକି ନିଜ ଗାଁରେ ଚାଲିଛନ୍ତି । ନିଜ କୁଟୁମ୍ବରେ ପଥପ୍ରଦର୍ଶକ ଭାବେ ନମସ୍ୟ ହୋଇ ପାରିଛନ୍ତି । ଏ ପୃଥିବୀର କୃଷି ଅର୍ଥନୀତି ଯେଉଁମାନେ ନିର୍ଦ୍ଧାରଣ କରୁଛନ୍ତି ସେମାନଙ୍କ ପାଇଁ ଏମାନେ ଜମି, ଜଳ ଓ ଜଳବାୟୁ, ସ୍ଥାନୀୟ କୃଷିଜ୍ଞାନ ଓ ଅନୁଭୂତି ଏବଂ ଦାୟିତ୍ୱବୋଧର ଯଥାର୍ଥ ବିନିଯୋଗ କିପରି ହୋଇପାରିବ ଉଦାହରଣ ସୃଷ୍ଟି କରିଛନ୍ତି ।

ସାମ୍ପ୍ରତିକ କୃଷି ଓ କୃଷକମାନଙ୍କର ସମସ୍ୟା ଗୁଡିକୁ ଅନୁଧ୍ୟାନ କରିଲେ ଦୁଇଟି ବିଷୟ ସ୍ପଷ୍ଟ ଅନୁଭବ କରିହୁଏ । କୃଷି ବହୁ ବର୍ଷ ଧରି ସବୁଜ ବିପ୍ଳବ ଦ୍ୱାରା ନିୟନ୍ତ୍ରିତ

Digitized by srujanika@gmail.com

ଓ ସଞ୍ଚାଳିତ ହୋଇଥିବାରୁ ଏଥିପାଇଁ ଲୋଡା ପୁଞ୍ଜି ଓ ବୈଷୟିକ ଜ୍ଞାନ କେବଳ ବଡଋଷୀମାନଙ୍କୁ ସାହାଯ୍ୟ କରିଛି । ବର୍ତ୍ତମାନର ବିଶ୍ୱବ୍ୟାପୀ ଖାଦ୍ୟ ସମସ୍ୟା ବଡଋଷୀମାନଙ୍କ ଦ୍ୱାରା ଅନେକାଂଶରେ ସୃଷ୍ଟି ହୋଇଛି ବୋଲି ଅନେକ ଅନୁଧ୍ୟାନ ଓ ବିଶ୍ଳେଷଣରୁ ଜଣାପଡିଛି । କାରଣ ବଡଋଷୀ ବଜାର ଭିତ୍ତିକ ଓ ଲାଭଜନକ କୃଷି କରିବାକୁ ପଶ୍ଚାତ୍‌ପଦ ହୋଇନାହିଁ । କୃଷି କିପରି ନିରନ୍ତର କୃଷି ବା ସଷ୍ଟେନେବ୍‌ଲ ଏଗ୍ରୀକଲ୍‌ଚର (Sustainable Agriculture) ହୋଇ ପାରିବ ଏହାପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇନାହିଁ । ଏହାର ପରିଣାମ ଏବେ ସାରା ପୃଥିବୀକୁ ଭୋଗିବାକୁ ପଡୁଛି । ଅନ୍ୟ ଯେଉଁ ବିଷୟଟି ଚର୍ଚ୍ଚାର ପରିସରକୁ ଆସିଛି, ତାହା ହେଉଛି କ୍ଷୁଦ୍ରଋଷୀମାନଙ୍କର ସଂଗଠନର ଅଭାବ । ବଡ ଋଷୀମାନଙ୍କର ଏକଋଟିଆ ପ୍ରଭାବକୁ ପ୍ରତିହତ କରିବା ପାଇଁ ଏବଂ କୃଷିନୀତିକୁ କୃଷକାଭିମୁଖୀ କରିବା ପାଇଁ କେତେକ ଲାଟିନ୍ ଆମେରିକାର ଦେଶକୁ ଛାଡିଦେଲେ ଅନ୍ୟ କେଉଁଠି ସଂଗଠନମାନେ ମୁଣ୍ଡ ଟେକି ନାହାନ୍ତି ।

ଆମ ଦେଶରେ ଛୋଟ ଓ ନାମମାତ୍ର ଋଷୀମାନେ ସମଗ୍ର ଜନସଂଖ୍ୟାର ଶତକଡ଼ା ଷାଠିଏ ଭାଗ । ଜୀବନ ଓ ଜୀବିକାର ମୂଳ ଆଧାର ହେଉଛି ଏମାନଙ୍କ ପାଇଁ କୃଷି । ଅଥଚ 'ସବୁଜ ବିପ୍ଳବ' ସେମାନଙ୍କ ପାଇଁ କରିଛି କ'ଣ ? କୃଷି ବଜାରର ଅମାନୁଷିକ ଓ ଅଯୌକ୍ତିକ ଶୋଷଣ ପ୍ରକ୍ରିୟା ଏବଂ ବିଶ୍ୱ ବାଣିଜ୍ୟ ସଂଗଠନର ପ୍ରତ୍ୟକ୍ଷ ହସ୍ତକ୍ଷେପ ଆଜି ଏମାନଙ୍କୁ ଦାଣ୍ଡର ଭିକାରୀ କରି ଦେଇଛି କହିଲେ ଚଳେ । ଉଦାରୀକରଣ କାର୍ଯ୍ୟକ୍ରମର ଶିକାର ଏମାନେ ହୋଇସାରିଛନ୍ତି । ଗୋଟାଏ ଦିଗରେ ବିହନ, ସାର, କୃଷି ଉପକରଣର ବଢନ୍ତି ମୂଲ୍ୟ ଏବଂ ଅନ୍ୟ ଦିଗରେ ମୂଲ୍ୟହ୍ରାସ ହେଉଥିବା କୃଷିଜାତ ଦ୍ରବ୍ୟ ଆଜି ଛୋଟଋଷୀମାନଙ୍କୁ ବଡ ଅସହାୟ ଅବସ୍ଥାରେ ପକାଇ ଦେଇଛି । କୃଷକର ଜମି ଅଧିଗ୍ରହଣ କରାଯାଉଛି ଅଣକୃଷି କାର୍ଯ୍ୟକ୍ରମ ପାଇଁ । କୃଷକମାନେ ଏତେ ସଂଖ୍ୟାରେ କୃଷିରୁ ବିସ୍ଥାପିତ ହୋଇଛନ୍ତି ଯେ ତାହା ହିସାବ କରିବା କଷ୍ଟ । ବର୍ତ୍ତମାନ ଯେଉଁଭଳି ଅବସ୍ଥା ସୃଷ୍ଟି ହୋଇଛି ୨୦୧୫ ମସିହା ସୁଦ୍ଧା ପ୍ରାୟ ୪୦କୋଟି ଛୋଟ ଋଷୀ କୃଷିରୁ ବିସ୍ଥାପିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏହା ଦେଶର ବିସ୍ଥାପନ ମାନଚିତ୍ରରେ ସବୁଠାରୁ ବଡ ସ୍ଥାନ ଗ୍ରହଣ କରିବ ନିଶ୍ଚିତ । ଶାଗୁଣା ପଲ ଭଳି ମାଡି ଆସୁଥିବା ବହୁରାଷ୍ଟ୍ରୀୟ କମ୍ପାନୀମାନେ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ବର୍ତ୍ତମାନର ପରିସ୍ଥିତିରୁ ସୂଚନା ମିଳୁଛି । ଖାଦ୍ୟାଭାବ ଯେତେବେଳେ ଉତ୍କଟରୁ ଉତ୍କଟତର ହେବାରେ ଲାଗିଛି ଓ

Digitized by srujanika@gmail.com

ପାରମ୍ପରିକ ଜୀବିକାର ଅବକ୍ଷୟ ସର୍ବତ୍ର ଦେଖାଦେଇଛି, ସେତେବେଳେ ଏ ଦେଶର କୃଷକମାନଙ୍କୁ କେତୋଟି ଦୃଢ ନିଷ୍ପତ୍ତି ନେବାକୁ ହେବ । ବିଳମ୍ବ ହେଲେ ଘୋର ବିପଦ ସୃଷ୍ଟି ହେବ ।

ସର୍ବ ପ୍ରଥମେ କୃଷକ ତାହାର ଆବଶ୍ୟକ ଖାଦ୍ୟ ଉତ୍ପାଦନ କରିବ । ନିଜର ଖାଦ୍ୟ ଓ ପୁଷ୍ଟିର ନିରାପତ୍ତା ପାଇଁ ପ୍ରଥମ ପଦକ୍ଷେପ ନେବ । ଖାଦ୍ୟ ଉତ୍ପାଦନରେ ସ୍ୱାଧୀନତା ଓ ସାର୍ବଭୌମତା ତାହାର ମାନବିକ ଅଧିକାର । ତାହାର ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ପାରିବେଶିକ ସୁରକ୍ଷା ପାଇଁ ଏହା ଏକ ମୌଳିକ ପଦକ୍ଷେପ । ସେ କଦାପି ବିଶ୍ୱ ବଜାର ପାଇଁ ଖାଦ୍ୟ ଉତ୍ପାଦନ କରିବ ନାହିଁ, ଏଥିପାଇଁ ତାହାକୁ ପାରିବାରିକ କୃଷି କ୍ଷେତ୍ର ବା ଫାମିଲି ଫାର୍ମ (Family Farm) ସୃଷ୍ଟି କରିବାକୁ ହେବ । ଗୋଟିଏ ଛୋଟ କୃଷି ଜମିରୁ ବର୍ଷସାରା କେମିତି ଖାଦ୍ୟ ମିଳିବ, ସେଥିପାଇଁ ଯୋଜନା କରିବାକୁ ହେବ । ଏଇ ଫାମିଲି ଫାର୍ମ କିପରି ନିରନ୍ତର କୃଷିର ସଫଳ ଉଦାହରଣ ହୋଇପାରିବ ଓ ଗାଁସାରା ସବୁ ଫାମିଲି ଫାର୍ମ ଗୁଡିକୁ ସମନ୍ୱିତ କରି ଏକ ପରିବେଶ-ଗାଁ ବା ଇକୋଭିଲେଜ୍(Eco-village) ପ୍ରତିଷ୍ଠା ହୋଇ ପାରିବ, ତାହାକୁ ନେଇ ଏବେ ପୃଥିବୀ ସାରା ପରୀକ୍ଷା ନିରୀକ୍ଷା ଚାଲିଛି । ଏଣୁ ଫାମିଲି ଫାର୍ମ ଓ ଇକୋଭିଲେଜ୍ ପରସ୍ପରର ପରିପୂରକ । ଏହାର ଆଲୋଚନା ବିଚାର ଯୋଗ୍ୟ । ଗୋଟାଏ ଇକୋଭିଲେଜ୍‌ର ପରିକଳ୍ପନା ସହଜରେ କରାଯାଇ ପାରେ ଯଦି ଆମେ ଏହାର ଅବସ୍ଥିତି, ଜଳବାୟୁ, ପ୍ରାକୃତିକ ସମ୍ପଦ, ମାନବ ସମ୍ପଦ ଓ ପରିବେଶକୁ ସାମଗ୍ରିକ ଭାବେ ବିଚାରକୁ ନେଉ ।

ଛୋଟଚାଷୀ ତାହାର ଜମିକୁ ଫାମିଲି ଫାର୍ମ କରିବାକୁ ହେଲେ ହିଡ ବାଡ ଦେବା ସହ ଜମି ସମତଳ ଆଦି କରିବାକୁ ହେବ । ସେଥିରେ ଜଳସେଚନର ବ୍ୟବସ୍ଥା ହୋଇ ପାରିଲେ ଖୁବ୍‌ଭଲ । କୂଅ ବା ଗାଡିଆଟିଏ ଖୋଳା ଯାଇପାରେ । ନତୁବା ବୃଷ୍ଟିପୁଷ୍ଟ ଅଞ୍ଚଳରେ ବର୍ଷାଜଳ ଅମଳ କରିବାର ବ୍ୟବସ୍ଥା କରାଗଲେ ଉତ୍ତମ । ସେଥିରେ ଖାଦ୍ୟଶସ୍ୟ, ପରିବା ଉତ୍ପାଦନ ସହ କିଛି ଫଳଚାରା ମଧ୍ୟ ଲଗାଇବାକୁ ହେବ । ମୋଟାମୋଟି ବର୍ଷସାରା ଫାମିଲି ଫାର୍ମରୁ କିଛି କିଛି ଖାଦ୍ୟ ଉତ୍ପାଦିତ ହୋଇପାରିବ । କୃଷକ ସେଠାରେ ତା'ର ବାସଗୃହ ମଧ୍ୟ ନିର୍ମାଣ କରିଲେ ଆହୁରି ବିଶେଷ ଧ୍ୟାନ ଦେଇ ସଘନ ଚାଷ କରିହେବ । ମୁଁ ଦେଶର ବିଭିନ୍ନ ସ୍ଥାନରେ ଏ ପ୍ରକାର ଫାମିଲ ଫାର୍ମର ସଫଳତା ଦେଖିଛି ଓ କୃଷକର ଅନୁଭୂତି କିପରି ବିଭିନ୍ନ

Digitized by srujanika@gmail.com

ସ୍ଥାନରେ ସ୍ୱତନ୍ତ୍ର ତାହା ଲକ୍ଷ୍ୟ କରିଛି । ଗର୍ବର ସହ କୃଷକଟିଏ ଫାମିଲି ଫାର୍ମ କରି ନିଜକୁ ଖାଦ୍ୟ ଦିଗରେ ସ୍ୱାବଲମ୍ବୀ କରି ପାରିଛି । ସାମ୍ପ୍ରତିକ କୃଷିନୀତିକୁ ବଦଳେଇ ଯଦି କୃଷକମାନଙ୍କୁ ସେମାନଙ୍କର ଫାମିଲି ଫାର୍ମ ଗଢ଼ିବାକୁ କୁହାଯାଏ, ଏ ଦେଶ ପୁନଶ୍ଚ ଖାଦ୍ୟ କ୍ଷେତ୍ରରେ ସ୍ୱାବଲମ୍ବୀ ନିଶ୍ଚିତ ହୋଇପାରିବ । ଫାମିଲି ଫାର୍ମରେ ବିଭିନ୍ନ ଜୈବବିବିଧତାର ପ୍ରୟୋଗ କରାଯିବା ଦ୍ୱାରା ପୁଷ୍ଟିକର ଖାଦ୍ୟ ମଧ୍ୟ ଉତ୍ପାଦନ ହୋଇପାରିବ । ଫାମିଲି ଫାର୍ମରେ କମ୍ପୋଷ୍ଟ ଆଦିର ବିଶେଷ ପ୍ରୟୋଗ କରାଯାଇ ଥିବାରୁ ଜୈବିକ ଖତସାରର ଅଭାବ ରହିବ ନାହିଁ ଓ ଜୈବିକ ଚାଷ ଯେ ପ୍ରକୃତରେ ଯଥାର୍ଥ ତାହା ମଧ୍ୟ ପ୍ରମାଣିତ ହୋଇପାରିବ । ପ୍ରତ୍ୟେକ କ୍ଷୁଦ୍ରଚାଷୀକୁ ଫାମିଲି ଫାର୍ମ ପାଇଁ ପ୍ରୋତ୍ସାହନ ଦିଆଯାଇ ପାରିବ କି ? ବର୍ତ୍ତମାନର ନିଶ୍ଚିତ କର୍ମଯୋଗାଣ ଯୋଜନା ଏ ଦିଗରେ ବେଶ୍ ଉପାଦେୟ ହୋଇ ପାରିବ । ପୁଞ୍ଜିନିବେଶ ପାଇଁ ମଧ୍ୟ ସ୍ୱଳ୍ପ ସୁଧରେ ବ୍ୟାଙ୍କମାନେ ଫାମିଲି ଫାର୍ମକୁ ଋଣ ଦେଇପାରିବେ । କୃଷକ ବିହନ, ଖତସାର ପାଇଁ ବାହାରେ ନିର୍ଭର କରୁନଥିବାରୁ କୃଷି ଋଣର ସଂଜ୍ଞା ମଧ୍ୟ ବଦଳିଯିବ । ଫାମିଲି ଫାର୍ମ ଗୁଡ଼ିକର ପରିଚାଳନା ପାଇଁ ମଧ୍ୟ କୃଷି ସଂପ୍ରସାରଣ ଓ ପ୍ରଶିକ୍ଷଣର ଅର୍ଥ ଅଲଗା ହୋଇଯିବ । ବର୍ତ୍ତମାନର ନିରର୍ଥକ କୃଷିଗବେଷଣାର ବିଷୟବସ୍ତୁ ବଦଳି ଯିବ ।

ଅନ୍ୟପକ୍ଷରେ ଇକୋଭିଲେଜ ପ୍ରତିଷ୍ଠା କରିବାକୁ ସମସ୍ତ ଚାଷୀ ଓ ଗ୍ରାମବାସୀ ସଂଘବଦ୍ଧ ଭାବେ ଏହାର ଉଦ୍ଦେଶ୍ୟ ବୁଝି କାର୍ଯ୍ୟକ୍ରମମାନ ହାତକୁ ନେବେ । ଇକୋଭିଲେଜ୍‌ର କେତୋଟି ମୂଳ ଉଦ୍ଦେଶ୍ୟ ରହିଛି । ସର୍ବପ୍ରଥମେ ଗାଁଟି ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହେବ । ଗାଁରେ ପଶୁମାନଙ୍କ ପାଇଁ ଚରଣ ମଧ୍ୟ ଯଥେଷ୍ଟ ମିଳିବ । ଗାଁରେ ଜାଳେଣି କାଠର ଅଭାବ ମଧ୍ୟ ପୂରଣ ହେବ । ଗାଁର ମାଟି ଓ ପାଣି କିପରି ସଂରକ୍ଷିତ ହେବ ତାହାର ମଧ୍ୟ ନିର୍ଦ୍ଦିଷ୍ଟ ରୂପରେଖ ଥିବ । ଗାଁରେ ପରିବେଶ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହଯୋଗ ଓ ମିଳିତ ନିଷ୍ପତ୍ତି ସହଜରେ ନେଇ ହେଉଥିବ । ଇତିହାସର ପୃଷ୍ଠା ଉନ୍ମୋଚନ କରିଲେ ଜଣାପଡେ ଯେ ପ୍ରାଚୀନ ଯୁଗରେ ପ୍ରତ୍ୟେକ ଗାଁ ଏଇଭଳି ଥିଲା । ଆଦିବାସୀମାନଙ୍କ ଭିତରେ ଏ ଭାବନା ମଧ୍ୟ ଦୃଢ଼ ଭାବେ ରହିଥିଲା । ଶୋଷଣମୁକ୍ତ ଏବଂ ଆଦର୍ଶବାଦୀ ସମାଜର ପରିକଳ୍ପନା ଏଇଭଳି ଥିଲା । ଏହାକୁ ଗାନ୍ଧୀଜୀ ରାମରାଜ୍ୟ ଆଖ୍ୟା ଦେଇଥିଲେ । ଏବେ ସେଇ ଧାରଣା ଆଉଥରେ ବଳବତ୍ତର ହୋଇଛି ପୃଥିବୀସାରା । ଇକୋଭିଲେଜ୍ ପ୍ରତିଷ୍ଠା ପାଇଁ ପୃଥିବୀସାରା ଏକ ଆନ୍ଦୋଳନ ଆରମ୍ଭ ହୋଇଛି । ଏ ଆନ୍ଦୋଳନରେ ବହୁ ସଂଖ୍ୟାରେ ଗ୍ରାମବାସୀ ସାମିଲ୍ ହୋଇଛନ୍ତି ଓ ସଫଳ ଉଦାହରଣ ଉପସ୍ଥାପନ କରିଛନ୍ତି ।

Digitized by srujanika@gmail.com

ମୋର ଆଉଥରେ ଛୋଟ ଚାଷୀମାନଙ୍କର ପରିବେଶ ଆଧାରିତ କୃଷି ପ୍ରଣାଳୀ ଓ ସଂଗଠନ ସପକ୍ଷରେ ଦୃଢ଼ଯୁକ୍ତି କରିବା ପଛରେ ନିର୍ଦ୍ଦିଷ୍ଟ କାରଣ ରହିଛି । ଏବେ ଲାଟିନ୍ ଆମେରିକାରେ ଜଗତୀକରଣ ଓ ଉଦାରୀକରଣ ବିରୁଦ୍ଧରେ ଲଢୁଥିବା ଛୋଟ ଚାଷୀମାନେ ସେମାନଙ୍କର ଏକ ସଂଗଠନ ଆରମ୍ଭ କରିଛନ୍ତି । ଏହା ମୁଖ୍ୟତଃ ଏକ ଆନ୍ଦୋଳନର ପୃଷ୍ଠଭୂମି ହୋଇଛି । ମେକ୍ସିକୋ, ନିକାରାଗୁଆ, କ୍ୟୁବା ଆଦି ଦେଶରେ ଏ ଆନ୍ଦୋଳନର ସଫଳତାକୁ ଏବେ ପୃଥିବୀସାରା ସମସ୍ତେ ସ୍ୱୀକାର କରୁଛନ୍ତି ଓ ଉତ୍ପ୍ରେରିତ ହେଉଛନ୍ତି । ଆମ ସମସ୍ତଙ୍କ ମିଳିତ ଭବିଷ୍ୟତର ପରିକଳ୍ପନା ଏ ଆନ୍ଦୋଳନରେ ଅଛି ବୋଲି ସମସ୍ତେ ଅନୁଭବ କରୁଛନ୍ତି । ଏ ଆନ୍ଦୋଳନର କେତୋଟି ନିର୍ଦ୍ଦିଷ୍ଟ ଧାରା ରହିଛି । ପ୍ରଥମେ, ଛୋଟ ଚାଷୀମାନେ ଜଳ, ଜମି, ଜଙ୍ଗଲ ଓ ମାଟି ଆଦିର ସଂରକ୍ଷଣର ମହତ୍ୱ ବିଶେଷ ଭାବେ ବୁଝିବେ । ଦ୍ୱିତୀୟରେ, ଜଣେ ଚାଷୀ ତାହାର ସଫଳ ପ୍ରୟୋଗକୁ ଅନ୍ୟଚାଷୀକୁ ଶିଖାଇବ ଓ ସ୍ଥାନୀୟ ଜ୍ଞାନ କୌଶଳକୁ ଅନ୍ୟ ଦିଗକୁ ସମ୍ପ୍ରସାରିତ କରିବ । ବିକଳ୍ପ କୃଷିର ଏହା ମେରୁଦଣ୍ଡ ହେବ । ତୃତୀୟରେ, ବିଶ୍ୱ ରାଜନୀତି ଓ ଅର୍ଥନୀତିକୁ ମଧ୍ୟ ଚାଷୀମାନଙ୍କୁ ବୁଝିବାକୁ ହେବ । ବର୍ତ୍ତମାନ ଲାଟିନ୍ ଆମେରିକା ଜଗତୀକରଣ ବିରୁଦ୍ଧରେ ଦୃଢ ଭାବେ ସଂଗ୍ରାମ ଜାରି ରଖିଛି ଓ ଏବର କୃଷକ ଆନ୍ଦୋଳନ ତାହାର ଅନ୍ୟ ଏକ ଅଧ୍ୟାୟ ଭାବେ ପ୍ରତିଷ୍ଠିତ ହୋଇ ସାରିଛି ।

ଏ ରାଜ୍ୟରେ ହେଉ ବା ଦେଶରେ ହେଉ, ଏଇଭଳି ନୂତନ ଭାବେ କୃଷକ ଆନ୍ଦୋଳନ ଆରମ୍ଭ ହେବାର ବେଳ ଆସିଛି । କୃଷକମାନେ ବଜାର ବେପାର ଦ୍ୱାରା ଆଉ ନିୟନ୍ତିତ ନହୋଇ, କୃଷି ଉତ୍ପାଦନ ଓ ମାଟିକାଦୁଅର ମଣିଷଙ୍କ ଖାଦ୍ୟ ନିରାପତ୍ତା ଦିଗରେ ନିଜକୁ ନିୟୋଜିତ କରିବାକୁ ଆଗେଇ ଆସିବେ ବୋଲି ମୁଁ ଆଶା କରିଛି । ଅବଶ୍ୟ ନାଗରିକ ସମାଜର ଏକ ଗୁରୁ ଦାୟିତ୍ୱ ରହିଛି ଏ ସଂଗଠନ ଗଢିବାରେ । ଏହା ସହ ରାଜନୈତିକ ଦଳ ଓ ବିଶେଷଜ୍ଞମାନେ ମଧ୍ୟ ଛୋଟଚାଷୀମାନଙ୍କର ସଂଗଠନର ଆବଶ୍ୟକତା ଅନୁଭବ କରିବେ ବୋଲି ବିଶ୍ୱାସ ରହିଛି । ଏହା ଯଦି ସମ୍ଭବ ହୁଏ, ତେବେ ଏ ଦେଶ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱୟଂ ସମ୍ପୂର୍ଣ୍ଣ ହେବ ଓ ବାହାରୁ ଖାଦ୍ୟଶସ୍ୟ ଆମଦାନୀ କରିବ ନାହିଁ । ଛୋଟଚାଷୀମାନଙ୍କ ଉପରେ ଆସ୍ଥା ରଖିବାର ବେଳ ଉପସ୍ଥିତ ହୋଇଛି ।

□□□

Digitized by srujanika@gmail.com

୧୪

ଖାଦ୍ୟ ନତୁବା ବାଇଓ ଡିଜେଲ: ଆମକୁ ନିଷ୍ପତ୍ତି ନେବାକୁ ହେବ

ଆମେ ଯେଉଁମାନେ ଦାରିଦ୍ର୍ୟ ଦୂରୀକରଣ ଓ ଗ୍ରାମ୍ୟବିକାଶ ପାଇଁ ବିଭିନ୍ନ ପ୍ରକଳ୍ପକୁ ରୂପାୟନ କରିବାକୁ କେତେବର୍ଷ ଧରି ଉଦ୍ୟମ କରି ଆସୁଛୁ, ଆମକୁ ଅନେକ ସମାଲୋଚନାର ସାମ୍ନା କରିବାକୁ ପଡୁଛି । ପ୍ରଥମେ ଆମେ ବିଭିନ୍ନ ଅନୁଦାନକାରୀ ସଂସ୍ଥାମାନଙ୍କଠାରୁ ଭିକ୍ଷା ମାଗିଲା ଭଳି ସାହାଯ୍ୟ ଆଣୁଛୁ । ଯେତେ ସାହାଯ୍ୟ କରିଲେ ବି ଦାରିଦ୍ର୍ୟର ସୀମାରେଖା ତଳେ ଥିବା ପରିବାରମାନେ ଓ ସେମାନଙ୍କ ସମୂହକୁ ନେଇ ମୋଟାମୋଟି ଭାବେ ଏକ ଅବହେଳିତ ଓ କ୍ଷୁଧାପ୍ରପୀଡିତ ଗୋଷ୍ଠୀ ଆଶାଜନକ ଭାବେ ଉପରକୁ ଉଠିପାରୁ ନାହାନ୍ତି । ସେମାନଙ୍କର ହାରାହାରି ବାର୍ଷିକ ଆୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଉନାହିଁ । ସେମାନେ ଯଦି ଛୋଟ ଚାଷୀ, ତେବେ ଏକର ପିଛା ସେମାନଙ୍କର ଆୟ ଦୁଇ ତିନିହଜାର ଟଙ୍କାରୁ ଅଧିକ ନୁହେଁ । ଏବେ ଚାଷୀମାନେ ବିଭିନ୍ନ ପରିସ୍ଥିତିରେ କୃଷକ ନହୋଇ ଶ୍ରମିକ ବା ଅଣକୃଷି ବୃତ୍ତିଧାରୀ ହେବାକୁ ପସନ୍ଦ କରୁଛନ୍ତି । କେତେକ କ୍ଷେତ୍ରରେ ଚାଷୀମାନେ ଆତ୍ମହତ୍ୟା କରିବାକୁ ଶ୍ରେୟସ୍କର ମନେ କରୁଛନ୍ତି । ତେଣୁ ଆମମାନଙ୍କର ଚେଷ୍ଟା ସଫଳ ଏଯାବତ୍ ହୋଇନାହିଁ । ଭବିଷ୍ୟତରେ ବି ହେବ ନାହିଁ ବୋଲି ଆମର ସମାଲୋଚକମାନେ ଯୁକ୍ତି କରୁଛନ୍ତି । ଗତ କେତେ ମାସ ତଳେ ଜଣେ ଦୁଇଜଣ ବନ୍ଧୁଙ୍କ ସହ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା ଓ ଭାବ ବିନିମୟ ହେଉଥିଲା । ସେମାନେ ଆନ୍ଧ୍ରପ୍ରଦେଶର ଏବଂ ପ୍ରବାସୀ ଭାରତୀୟ । ତାଙ୍କର ପ୍ରସ୍ତାବ ଥିଲା ଯେ ଗରିବ ଓ ଛୋଟଚାଷୀମାନଙ୍କର ଯେଉଁ ଜମି ପତିତ ହୋଇସାରିଛି ଓ ଯଥେଷ୍ଟ ଖାଦ୍ୟ ଉତ୍ପାଦନ କରିପାରୁ ନାହିଁ, ସେମାନଙ୍କ ଜମିକୁ ନେଇ ଏକ ବାଇଓ ଡିଜେଲ୍ ପ୍ରକଳ୍ପ କରିବାକୁ । ଛୋଟ ଚାଷୀମାନଙ୍କ ଜମି ହେଉ ବା ସରକାରଙ୍କ ଠାରୁ ଲିଜ୍ ନିଆଯାଉ, ଆବଶ୍ୟକ

Digitized by srujanika@gmail.com

ହେବ ୨୫,୦୦୦ହେକ୍ଟର ଜମି । ଚାଷୀମାନଙ୍କୁ ସଂଗଠିତ କରାଯିବ ଏବଂ ଏକ କମ୍ପାନୀ ଗଠନ କରାଯିବ । ପ୍ରତ୍ୟେକ ଚାଷୀ ସେୟାର ହୋଲ୍‌ଡର ହେବେ । ଏକ କମ୍ପାନୀରେ ବିଦେଶୀ ପୁଞ୍ଜି ନିବେଶ ହେବ ଏବଂ ଜମିରେ କରଞ୍ଜ ଗଛ ଲଗାଯିବ । ଏପରି କରଞ୍ଜ ଗଛ ଲଗାଯିବ ଯାହା ସର୍ବାଧିକ ମଞ୍ଜି ଉତ୍ପାଦନ କରୁଥିବ । କରଞ୍ଜ ମଞ୍ଜିରେ ଯଥେଷ୍ଟ ତୈଳାଂଶ ରହିଛି ଓ ସେଥିରୁ ବାଇଓ ଡିଜେଲ୍ ତିଆରି କରାଯାଇପାରିବ । ବାଇଓ ଡିଜେଲର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ହେଉଥିବାରୁ, ଚାଷୀ ୫ମ ବର୍ଷ ଠାରୁ ଆରମ୍ଭ କରି ପ୍ରତିବର୍ଷ ଏକର ପିଛା ସର୍ବନିମ୍ନ ତିରିଶରୁ ଚାଳିଶ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରିପାରିବ ଏବଂ ଏହା ବଢି ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେବ । କରଞ୍ଜ ଗଛର ଆୟୁଷ ପ୍ରାୟ ୫୦ବର୍ଷ । ଏଣୁ ଚାଷୀ ୫୦ ବର୍ଷ ଭିତରେ ପ୍ରାୟ ୫୦ ଲକ୍ଷ ଟଙ୍କା ପାଇବ । ଏଣୁ ସେ ସରକାର ବା ସ୍ୱେଚ୍ଛାସେବୀ ସଂଗଠନର ବିକାଶମୂଳକ କାର୍ଯ୍ୟକ୍ରମକୁ ତଥା ଅନୁଦାନକୁ ଅପେକ୍ଷା କରିବ ନାହିଁ । ସବୁକ୍ଷେତ୍ରରେ ସେ ସ୍ୱାବଲମ୍ବୀ ହୋଇପାରିବ । କରଞ୍ଜ ଗଛର ଅନେକ ପାରିବେଶିକ ସୁଗୁଣ ଥିବାରୁ ଏହା ମଧ୍ୟ ପର୍ଯ୍ୟାବରଣ ଉପରେ ଅନେକ ପ୍ରଭାବ ପକାଇବ । ଆନ୍ତର୍ଜାତିକ କ୍ଷେତ୍ରରେ ଏଭଳି ପ୍ରକଳ୍ପ ମାନ୍ୟତା ପାଇବ । ଜଳବାୟୁ ପରିବର୍ତ୍ତନ, କାର୍ବନ ଟ୍ରେଡିଂ ଆଦି ସହ ଏହାର ସମ୍ପର୍କ ରହିବ । କରଞ୍ଜ ତେଲକୁ ବାଇଓ ଡିଜେଲରେ ପରିଣତ କରିଲା ବେଳେ, ଏହା ସହ ଗ୍ଲିସ୍‌ରିନ୍, ଜୈବ କୀଟନାଶକ ଔଷଧ ଓ ଜୈବସାର ମଧ୍ୟ ଉତ୍ପାଦିତ ହେବ । ଏଣୁ ଏହା ଏକ ସଫଳ ଓ ଆକର୍ଷଣୀୟ ପ୍ରକଳ୍ପ । ଆମେ ସବୁ ସ୍ୱେଚ୍ଛାସେବୀ ସଂଗଠନ ଏ ପ୍ରକଳ୍ପର ଲାଭ କ୍ଷତି ବିଚାରକୁ ନେଇ, କରଞ୍ଜ ଗଛ ଲଗାଇବାକୁ ଚାଷୀମାନଙ୍କୁ ଉତ୍ସାହିତ କରିବା ଯଥାର୍ଥ ହେବ । ଏଇ ସବୁ ଯୁକ୍ତି ଅନେକ କ୍ଷେତ୍ରରେ ଅକାଟ୍ୟ ଥିଲା । ବାସ୍ତବିକ ଏତେ ଚେଷ୍ଟା କରି ସୁଦ୍ଧା ଚାଷୀ ତାହାର ଆର୍ଥିକ ଦୁରବସ୍ଥା ଯଦି ଦୂର କରିପାରୁ ନାହିଁ, ତେବେ ବାଇଓ ଡିଜେଲ ପାଇଁ କରଞ୍ଜ ଗଛ ଲଗାଇବାରେ କ୍ଷତି କ'ଣ ? ଆମେ ବନ୍ଧୁମାନଙ୍କର ପ୍ରସ୍ତାବିତ ପ୍ରକଳ୍ପଟିକୁ ବିଶ୍ଳେଷଣ କରିବାକୁ ଚାହିଁଥିଲୁ ।

ସତରେ ଚାଷ ଜମିରେ କରଞ୍ଜ ଗଛ ଲଗାଇ ଚାଷୀ କ'ଣ ବର୍ଷକୁ ଗୋଟିଏ ଏକରରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରିପାରିବେ ? ଆମର ବନ୍ଧୁମାନେ ଆଶ୍ୱାସନା ଦେଇ କହୁଥିଲେ ଯେ ଆନ୍ଧ୍ରପ୍ରଦେଶରେ ଏହାର ସଫଳତା ପ୍ରଦର୍ଶନ କରାଯାଇଛି ଓ ସେଠାକାର ରାଜ୍ୟ ସରକାର ମଧ୍ୟ ଏଥିପାଇଁ ଅନେକ ପ୍ରୋତ୍ସାହନ ଦେଉଛନ୍ତି ।

Digitized by srujanika@gmail.com

ଓଡ଼ିଶା ସରକାର ମଧ୍ୟ ଏକଥା ଯଦି ଗୁରୁତ୍ୱର ସହ ବିଚାରକୁ ନେବେ, ତାହାହେଲେ ହଜାର ହଜାର ଏକର ପତିତ ଜମିରେ କରଞ୍ଜ ଗଛ ଲଗାଯାଇପାରିବ ଓ ଛୋଟ ଛୋଟ ଚାଷୀମାନଙ୍କୁ ଅନେକ ଲାଭ ମିଳିବ । କିନ୍ତୁ ଏ ପ୍ରକଳ୍ପର ବିରୋଧରେ ମଧ୍ୟ ଅନେକ ଅକାଟ୍ୟ ଯୁକ୍ତି ଥିଲା । ପ୍ରଥମେ ଏତେବଡ ଇଲାକାରେ କେବଳ କରଞ୍ଜ ଗଛ ଲଗାଇବା କେବଳ 'ମନୋକଲଚର' ବା ଗୋଟାଏ ପ୍ରକାରର ଚାଷ ହେବ ଯାହାର ଅନେକ ପ୍ରତିକୂଳ ପ୍ରଭାବ ପୃଥିବୀସାରା ପଡିସାରିଛି । ଦ୍ୱିତୀୟରେ ଯେତେ ବେଶୀ ଆୟର ଆକର୍ଷଣ ଥିଲେ ମଧ୍ୟ ଚାଷୀ ସବୁବେଳେ ତାହାର ଖାଦ୍ୟ ଉତ୍ପାଦନ କରିବାକୁ ଚାହିଁଛି । ଯେଉଁ ଜମି ଖାଦ୍ୟ ନିରାପତ୍ତା ପାଇଁ ଉଦ୍ଦିଷ୍ଟ ସେଥିରେ କରଞ୍ଜ ଗଛ ଲଗାଇବା କେତେ ଦୂର ଯୁକ୍ତିଯୁକ୍ତ ? ବାଇଓ ଡିଜେଲ୍ ବିଶ୍ୱ ବଜାର ସହ ଅଙ୍ଗାଙ୍ଗୀ ଭାବେ ଜଡିତ । ଆଜି ତାହାର ଚାହିଦା ଅଛି, କାଲି ସବୁକିଛି ବଦଳିଯିବାର ଆଶଙ୍କା ରହିଛି । ଏଥିପାଇଁ ଆମେ ସାମାଜିକ କର୍ମୀମାନେ ବାଇଓ ଡିଜେଲ ପ୍ରକଳ୍ପକୁ ବିରୋଧ କରିବା ନିତାନ୍ତ ଆବଶ୍ୟକ ବୋଲି ସବୁଆଡେ ଆଲୋଚନା ଚାଲିଛି । ଏଇସବୁ ଯୁକ୍ତି ଉପସ୍ଥାପନା କରି, କରଞ୍ଜ ପ୍ରକଳ୍ପକୁ ମଧ୍ୟ ଓଡ଼ିଶାରେ ଆରମ୍ଭ ହେଉବୋଲି ଆମେ ନିଷ୍ପତ୍ତି ନେଇପାରିନଥିଲୁ । ପ୍ରଶ୍ନ ଉଠିଥିଲା ଯେ ଚାଷୀ ପ୍ରଥମେ କ'ଣ ଚାହେଁ ? ଖାଦ୍ୟ ନା ବାଇଓ ଡିଜେଲ ?

ଆଜି ପୃଥିବୀ ସାରା ଏଇ ପ୍ରଶ୍ନ ପଚରା ଯାଉଛି । ସମ୍ପ୍ରତି ବିଶ୍ୱବ୍ୟାପୀ ଖାଦ୍ୟ ସଙ୍କଟ, ଖାଦ୍ୟ ଦ୍ରବ୍ୟର ମୂଲ୍ୟବୃଦ୍ଧି ଏବଂ କ୍ଷୁଧାର୍ତ୍ତଙ୍କର ବିକ୍ଷୋଭ ପ୍ରଦର୍ଶନ ପରେ ଏଇ ପ୍ରଶ୍ନ ଆହୁରି ଦୃଢ଼ ଭାବରେ ଉପସ୍ଥାପନ କରାଯାଇଛି । ବିଭିନ୍ନ ପରିସଂଖ୍ୟାନ ଓ ଉଦାହରଣ ଦ୍ୱାରା ପ୍ରମାଣିତ କରାଯାଇଛି ଯେ ଜୈବ ଜାଳେଣି ତେଲ ବା ବାଇଓ ଫୁଏଲ୍ (Bio-fuel) ଏ ପୃଥିବୀର ଖାଦ୍ୟ ସଙ୍କଟର ଅନ୍ୟତମ କାରଣ । ଭାରତ ସମେତ ଅନେକ ଦେଶରେ ଖାଦ୍ୟ ସଙ୍କଟ ଦେଖାଦେଇଛି । ଏପରିକି ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଖାଦ୍ୟଦ୍ରବ୍ୟକୁ ବ୍ୟାପକ ଭାବେ ବାଇଓ ଡିଜେଲରେ ପରିଣତ କରାଯିବା ହେତୁ ମଧ୍ୟ ଖାଦ୍ୟଦ୍ରବ୍ୟର ଅହେତୁକ ମୂଲ୍ୟବୃଦ୍ଧି ଦେଖା ଦେଇଛି । ଏହାଦ୍ୱାରା ପ୍ରଭାବିତ ଜନତା ଏବେ ଆମେରିକାରେ ବାଇଓ ଡିଜେଲ୍‌ରେ ମଟରଗାଡି ଚଳାଇବାକୁ ଯେଉଁ ଅହେତୁକ ଆଗ୍ରହ ପ୍ରକାଶ ପାଇଛି ତାହାକୁ ଘୋର ସମାଲୋଚନା କରୁଛି । ରାଷ୍ଟ୍ରପତି ବୁଶ୍ ଘନ ଘନ ଆହ୍ୱାନ ଦେଇଛନ୍ତି ଯେ ଆମେରିକାରେ ବେଶୀ ବାଇଓ ଡିଜେଲ୍ ଉତ୍ପାଦନ କରିଲେ, ଦେଶର ପ୍ରଗତି ଅଧିକ ହେବ ଓ ବାହାରୁ ଆମଦାନୀ

Digitized by srujanika@gmail.com

ହେଉଥିବା ପେଟ୍ରୋଲିୟମ ତୈଳ ଉପରେ ନିର୍ଭରତା ହ୍ରାସ ହେବ । ଆମେରିକାରେ ଯଥେଷ୍ଟ ପରିମାଣରେ ଉତ୍ପାଦିତ ହେଉଥିବା ମକା, ସୋୟା, ଆଖୁ ଆଦିରୁ ବିପୁଳ ବାଇଓ ଡିଜେଲ୍ ଓ ଏଥାନଲ(Ethanol) ଉତ୍ପାଦନ ହୋଇପାରିବ । ଏଥିପାଇଁ ବର୍ତ୍ତମାନ ଆମେରିକାରେ ବାଇଓ ଡିଜେଲ୍ ଉଦ୍ୟୋଗ ବ୍ୟାପକ ହୋଇଛି । ଏକ ପରିସଂଖ୍ୟାନରୁ ଜଣାପଡିଛି ଯେ ଗତ ବର୍ଷ ଆମେରିକାରୁ ଉତ୍ପାଦିତ ମକାରୁ ଶତକଡ଼ା ୨୫ ଭାଗ ଜୈବିକ ତୈଳ ଉତ୍ପାଦନ କରିବାରେ ବ୍ୟବହାର କରାଯାଇଛି ।

ଆମେରିକାରେ ଏତେ ଗାଡିମଟର ଚାଲୁଛି ଯେ ପୃଥିବୀରୁ ଉତ୍ପାଦିତ ପେଟ୍ରୋଲିୟମ ତୈଳ ଉପରେ ଘୋର ଚାପ ପଡିଛି । ଏଇଥିପାଇଁ ଆମେରିକାରେ ବାଇଓ ଡିଜେଲ୍ ଆମଦାନୀର ଆବଶ୍ୟକତା ବଢିବାରେ ଲାଗିଛି । ଉତ୍ପାଦିତ ଖାଦ୍ୟଶସ୍ୟର ପ୍ରାୟ ଶତକଡା ସତୁରୀ ଭାଗ ବିନିଯୋଗ କରାଯାଉଛି । ବାକି ଶତକଡ଼ା ୩୦ ଭାଗ ସ୍ଥାନୀୟ ଓ ବିଶ୍ୱର ଖାଦ୍ୟ ଆବଶ୍ୟକତା ପାଇଁ ଯଥେଷ୍ଟ ହେଉନାହିଁ । ଆମେରିକାର ଏଇ ଅକଳନୀୟ ବାଇଓ ଡିଜେଲ୍ ଆବଶ୍ୟକତା ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ ସୁଲଭ ଦରରେ ମେକ୍ସିକୋ, ଦକ୍ଷିଣଆଫ୍ରିକା, ବ୍ରାଜିଲ୍ ଆଦି ଦେଶରୁ ପ୍ରାପ୍ତ ହେଉଛି । ସେ ଦେଶମାନଙ୍କରେ ଖାଦ୍ୟ ଶସ୍ୟର ଅଭାବ ମଧ୍ୟ ବଢୁଛି । ବାଇଓ ଡିଜେଲ୍ ଭୁତ ବର୍ତ୍ତମାନ ସମସ୍ତଙ୍କୁ ଲାଗିଛି । ଏଇଥିପାଇଁ ଖାଦ୍ୟଶସ୍ୟ ବଦଳରେ ବାଇଓ ଡିଜେଲ୍ ଚାଷ କରିବାକୁ ସମସ୍ତେ ଡେଇଁ ପଡୁଛନ୍ତି । ଜମି ଓ ଜଳ ମଧ୍ୟ ମିଳି ଯାଉଛି । ଖାଦ୍ୟ ଉତ୍ପାଦନ ବର୍ତ୍ତମାନ ବାଇଓ ଡିଜେଲ୍ ଉତ୍ପାଦନ ସହ ପ୍ରତିଯୋଗୀତା କରୁଛି । ଏଣୁ ଖାଦ୍ୟଶସ୍ୟ ଉତ୍ପାଦନ କମି ଯାଉଛି ଓ ଦେଶରେ ଖାଦ୍ୟାଭାବ ଦେଖାଦେଇଛି । ଆମେରିକାରେ ଦାମୀ କାରରେ ବସି ଲୋକେ ଆନନ୍ଦ ଉପଭୋଗ କରୁଥିବା ବେଳେ ଏସିଆ ଓ ଆଫ୍ରିକାର ଲୋକେ ପେଟପୂରା ଖାଇବାକୁ ପାଉନାହାନ୍ତି । ଏହା ଏ ପୃଥିବୀର ବ୍ୟବସ୍ଥାରେ ବିଡମ୍ବନା ନୁହେଁ ତ ଆଉ କ'ଣ ?

ଏବେ ପୃଥିବୀ ସାରା ବାଇଓ ଡିଜେଲ୍ ଓ ତାହା ସହ ସଂଶ୍ଲିଷ୍ଟ ଅର୍ଥନୀତି ପ୍ରଶ୍ନ ହିଁ ପ୍ରଶ୍ନ ହୋଇଯାଇଛି । ଖାଲି ଅର୍ଥନୈତିକ ନୁହେଁ ପରିବେଶର ପ୍ରଶ୍ନ ମଧ୍ୟ ଅନେକ ଉଠିଛି । ଯଦିଓ ଏହା ପେଟ୍ରୋଲିୟମ ତୈଳ ଭଳି ପ୍ରଦୂଷଣ କରୁନାହିଁ, ତେବେ ବି ଅନେକ ପ୍ରଦୂଷଣର ବାହକ ହୋଇଯାଇଛି । ମାଟି, ପାଣି ଓ ପବନ ମଧ୍ୟ ପ୍ରଦୂଷିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ମକା, ସୋୟାବିନ୍ ଏବଂ ଆଖୁ ଆଦିର ବ୍ୟବସାୟିକ କୃଷି ଦ୍ୱାରା ଅନେକ କୀଟନାଶକ ଔଷଧ ଓ ବ୍ୟାପକ ରାସାୟନିକ ସାର ପ୍ରୟୋଗ କରାଯିବାର ସମ୍ଭାବନା ରହିଛି ଯାହା ସ୍ୱାସ୍ଥ୍ୟ ଏବଂ ପରିବେଶ ପ୍ରତି ବିପଦ

Digitized by srujanika@gmail.com

ସୃଷ୍ଟି କରିବ । କେତେକ କ୍ଷେତ୍ରରେ ଜି.ଏମ୍. ବିହନ ମଧ୍ୟ ବ୍ୟବହାର କରିବାକୁ ହେବ ବୋଲି କୁହାଯାଉଛି । ଏହାଦ୍ୱାରା ଗରିବ ଚାଷୀମାନଙ୍କର ବିହନ ଓ କୃଷି ପ୍ରଭାବିତ ହେବ ବୋଲି ମଧ୍ୟ ଭବିଷ୍ୟତବାଣୀ କରାଯାଉଛି । ଅନେକ ଦେଶରେ ବାଇଓ ଡିଜେଲ୍ ପାଇଁ ଜଙ୍ଗଲର ମଧ୍ୟ ଅବକ୍ଷୟ ହୋଇଛି । ଇଣ୍ଡୋନେସିଆରେ ଲକ୍ଷ ଲକ୍ଷ ଏକରର ଜଙ୍ଗଲ କାଟି ପାମ୍ ଅଏଲ ଚାଷ କରାଯାଇଛି । ଏହାର ପ୍ରତିକୂଳ ପ୍ରଭାବ କେତେ ଯେ ବେଶୀ ସେଠାରେ ଖୁବ୍ ଅନୁଭୂତ କରାଯାଇଛି ।

ବାଇଓ ଡିଜେଲ୍‌ରୁ ଅସଲ ଲାଭ କିଏ ପାଇବ ? ସରକାରୀ ରିହାତି କାହା ପାଖରେ ପହଞ୍ଚିବ ତାହାକୁ ନେଇ ଅନେକ ପ୍ରଶ୍ନ ଉଠୁଛି । ଆମେରିକା ଓ ଇୟୁରୋପରେ ଖୁବ୍ ରିହାତି ଦିଆଯାଉଛି ଏଥିପାଇଁ । ଏହାର ଅର୍ଥ ହେଲା ଯେ ଆମେରିକା ଓ ଇୟୁରୋପ ସାରା ପୃଥିବୀରେ ସାମାଜିକ ଓ ପାରିବେଶିକ ଅବକ୍ଷୟ ପାଇଁ ରିହାତି ଦେଉଛନ୍ତି ଓ ବିଭିନ୍ନ ପ୍ରୋତ୍ସାହନ ଦେଉଛନ୍ତି । ବିଶ୍ୱବ୍ୟାଙ୍କ, ଇୟୁରୋପିଆନ୍ ଇୟୁନିଅନ୍ ଆଦି ଅତି ସନ୍ତର୍ପଣରେ ଏକ ବଡ ଦୁର୍ଘଟଣା ଘଟିବାକୁ ପରିସ୍ଥିତି ସୃଷ୍ଟି କରିସାରିଛନ୍ତି ।

ବାଇଓ ଡିଜେଲ ଓ ଗରିବ ଜନସାଧାରଣଙ୍କ ଭିତରେ କି ସମ୍ପର୍କ ରହିଛି ? କରଞ୍ଜ ପ୍ରକଳ୍ପ ଭଳି ବିଭିନ୍ନ ପ୍ରକଳ୍ପରେ ଗରିବ ଚାଷୀମାନେ ଲାଭ ପାଇଁ ଆକର୍ଷିତ ହୋଇ ନିଜର ଭାତ ହାଣ୍ଡିକୁ ଭାଙ୍ଗିବାରେ ଲାଗିଛନ୍ତି । ଏହା ଅନ୍ୟ ଏକ ବିସ୍ଥାପନ ନୁହେଁ ତ ଆଉ କ'ଣ ? ସହର ଓ ଶିଳ୍ପ ପାଇଁ ଡ୍ୟାମ୍ ଓ ଜଳ ବିଦ୍ୟୁତ ପ୍ରକଳ୍ପ ତିଆରି ବେଳେ ଅନେକ ଗରିବ ଆଦିବାସୀ ଯେଉଁଭଳି ବିସ୍ଥାପିତ ହେଉଛନ୍ତି, ଏଇ ବାଇଓ ଡିଜେଲ୍ ପ୍ରକଳ୍ପମାନଙ୍କରେ ସେଇଆ ପୁନରାବୃତ୍ତି ହେବାକୁ ଆରମ୍ଭ କରିଛି । ଗରିବ ମଣିଷ ଓ ପୃଥିବୀ ଆଶା ରଖିଛି ନିରନ୍ତର ବିକାଶ ବା 'ସଷ୍ଟେନେବଲ୍ ଡେଭେଲପମେଣ୍ଟ' । ବାଇଓ ଡିଜେଲ୍‌ର ପରିକଳ୍ପନା ଏହାର ଏକ ବିକଳ୍ପ ଚିନ୍ତାଧାରା ଯାହା ଗରିବକୁ କେବେ ହେଲେ ଲାଭାନ୍ୱିତ କରିବ ନାହିଁ । ଯେଉଁଠାରେ ବ୍ୟବସାୟ ଓ ବଜାର ଅନ୍ତରଙ୍ଗ ଭାବେ ଜଡିତ ଅଛି ସେଠାରେ ଗରିବ ଓ ଅବହେଳିତମାନେ କେତେବେଳେ ହେଲେ ଉପରକୁ ଉଠି ପାରିନାହାନ୍ତି । ଏଇ ବାଇଓ ଡିଜେଲ୍ କ୍ଷେତ୍ରରେ ଏହା ଘଟିବାକୁ ଯାଉଛି । ଏଇ ସ୍ଥିତିରେ ଆମ ସମସ୍ତଙ୍କୁ ପ୍ରଶ୍ନ ପଚାରିବାକୁ ପଡିବ । ମଣିଷ କ'ଣ ଚାହୁଁଛି ? ପେଟ ପାଇଁ ଖାଦ୍ୟ ନା ବାଇଓ ଡିଜେଲ୍ ? ଏହାର ଉତ୍ତର ମଧ୍ୟ ଆମ ସମସ୍ତଙ୍କୁ ଦେବାକୁ ହେବ । ନଚେତ୍ ନେଡିଗୁଡ କହୁଣୀକୁ ବୋହିବାରେ ବେଶୀ ସମୟ ଲାଗିବ ନାହିଁ ।

❑❑❑

Digitized by srujanika@gmail.com

୧୪

ବିଶ୍ୱ ଖାଦ୍ୟ ସମସ୍ୟା : ନାନା ମୁନିଙ୍କ ନାନା ମତ

ବିଶ୍ୱ ଖାଦ୍ୟ ସମସ୍ୟାକୁ 'ଦି ଇକୋନୋମିଷ୍ଟ' (The Economist) ପତ୍ରିକା 'ନୀରବ ସୁନାମୀ' ବା 'ଦି ସାଇଲେଣ୍ଟ ସୁନାମୀ' (The Silent Tsunami) ଆଖ୍ୟାୟିତ କରି ଏକ ଚମକ ସୃଷ୍ଟି କରିଛି । ସୁନାମୀ ଯେମିତି ଅଘନକ ମହାସମୁଦ୍ରରୁ ମାଡିଆସି ଥଳକୂଳ ନମାନି ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କରିଥାଏ, ବର୍ତ୍ତମାନର ଖାଦ୍ୟ ସମସ୍ୟା ସେଇଭଳି ଅଘନକ ଏକ ସଙ୍କଟ ସୃଷ୍ଟି କରିଛି ପୃଥିବୀସାରା । ଖାଦ୍ୟାଭାବ ଜନିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଅଗଣିତ ଜନତା । ବିଶେଷ ପ୍ରଭାବିତ ହୋଇଥିବା ଦେଶମାନଙ୍କ ମଧ୍ୟରେ ଅଛନ୍ତି ହାଇଟି, ଗିନି, ମରିଟାନିଆ, ମେକ୍ସିକୋ, ମରାକ୍‌କୋ, ଇଜିପ୍ଟ, ସେନେଗାଲ୍, ଉଜ୍‌ବେକିସ୍ତାନ, ୟେମେନ୍, ବଙ୍ଗଳାଦେଶ, ଫିଲିପାଇନ୍‌ସ ଓ ଇଣ୍ଡୋନେସିଆ । ପାକିସ୍ତାନ ଓ ଥାଇଲାଣ୍ଡରେ ସାମରିକବାହିନୀଙ୍କ ନିୟନ୍ତ୍ରଣରେ ଖାଦ୍ୟ ଭଣ୍ଡାରକୁ ରଖାଯାଇଛି ବୁଭୁକ୍ଷୁ ଜନତାର କବଳରୁ ରକ୍ଷା କରିବା ପାଇଁ । ଏଇଭଳି ବିଶ୍ୱବ୍ୟାପୀ ଖାଦ୍ୟ ସମସ୍ୟା ହଠାତ୍ ସୃଷ୍ଟି ହୋଇଛି କାହିଁକି ? ଏଥିପାଇଁ ମୁଖ୍ୟତଃ ଦାୟୀ କିଏ ? ବିଶେଷଜ୍ଞମାନେ ଚଳଚଞ୍ଚଳ ହୋଇ ଉଠିଛନ୍ତି ଓ ବିଭିନ୍ନ ଢଙ୍ଗରେ ସମସ୍ୟାର ସମୀକ୍ଷା କରୁଛନ୍ତି । ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରାକୋଷ, ବିଶ୍ୱ ଖାଦ୍ୟ ସଂଗଠନ, ଏସିଆନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଆଦି ବିଶ୍ୱସ୍ତରୀୟ ସଂଗଠନମାନେ ଏଥିପାଇଁ ଦାୟୀ ନା ପ୍ରତ୍ୟେକ ଦେଶର ଖାଦ୍ୟନୀତି ଏହାର ମୂଳକାରଣ ତାହାର ଆଲୋଚନା ଓ ସମାଲୋଚନା ଚାଲିଛି । ଯେଉଁ ଯେଉଁ ବିଶେଷଜ୍ଞମାନେ ଖାଦ୍ୟ ଉତ୍ପାଦନ ଓ ଖାଦ୍ୟନୀତି ଉପରେ ଗବେଷଣା କରି ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି, ସେମାନେ ଖାଦ୍ୟ ସମସ୍ୟା ଉପରେ କ'ଣ କରୁଛନ୍ତି ପାଠକମାନେ ଜାଣିବା ନିତାନ୍ତ ଆବଶ୍ୟକ ।

Digitized by srujanika@gmail.com

ବିଶ୍ୱର ଅନ୍ୟତମ ଖ୍ୟାତନାମା ଅର୍ଥନୀତିଜ୍ଞ ଓ କ୍ଷୁଧା ଉପରେ ହୋଇଥିବା ଜାତିସଂଘର ଟାସ୍କଫୋର୍ସର ମୁଖ୍ୟ ପ୍ରଫେସର ଜେଫ୍‌ରୀ ସାକ୍‌ସ (Prof. Jeffrey Sachs)ଙ୍କ ଦ୍ୱାରା ଲିଖିତ ପ୍ରବନ୍ଧକୁ ଟାଇମ୍ ପତ୍ରିକା ଉପସ୍ଥାପନା କରିଛି । ବିଶ୍ୱ ଖାଦ୍ୟ ସମସ୍ୟାର ସମାଧାନ ପାଇଁ ସେ ତିନୋଟି ପ୍ରସ୍ତାବ ଦେଇଛନ୍ତି । ପ୍ରଥମ ପ୍ରସ୍ତାବଟି ହେଲା ଯେ ଉତ୍ପାଦନ ବୃଦ୍ଧି କରିବା ପାଇଁ ଚାଷୀମାନଙ୍କୁ ବିହନ ଓ ସାର ସହଜରେ ମିଳିବା ଆବଶ୍ୟକ । ଏଥିପାଇଁ ଏକ ଆନ୍ତର୍ଜାତିକ ପାଣ୍ଠି ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି । ବିକଶିତ ଦେଶର ନାଗରିକମାନେ ମୁଣ୍ଡ ପିଛା ଦଶ ଡଲାର ହିସାବରେ ବାର୍ଷିକ ଚାନ୍ଦା ଦେଲେ ଏହା ସମ୍ଭବ ହେବ ବୋଲି ସେ ଆଶା ରଖିଛନ୍ତି । ଦ୍ୱିତୀୟ ପ୍ରସ୍ତାବରେ ସେ ବାଇଓଡିଜେଲ୍ ଭଳି ପ୍ରକଳ୍ପକୁ ଘୋର ବିରୋଧ କରିଛନ୍ତି ଓ ଏହା ଅବିବେକୀ ପଣିଆ ବୋଲି ଦୃଢ଼ତାର ସହ ଉଲ୍ଲେଖ କରିଛନ୍ତି । ମଟର ଗାଡି ପାଇଁ ଆବଶ୍ୟକ ତେଲ ଖାଦ୍ୟଶସ୍ୟରୁ ତିଆରି କରିଲେ ତାହାର ଭୟାଭୟ ପରିଣତି ଏ ପୃଥିବୀକୁ ଭୋଗିବାକୁ ପଡିବ ବୋଲି ସେ ଭବିଷ୍ୟତବାଣୀ ଶୁଣାଇଛନ୍ତି । ତୃତୀୟ ପ୍ରସ୍ତାବରେ ପ୍ରଫେସର ସାକ୍‌ସ କହିଛନ୍ତି ଯେ ମରୁଡି ଆଦିରୁ ରକ୍ଷା କରିବାକୁ ହେଲେ ଚାଷୀକୁ ଆବଶ୍ୟକ ହେଉଛି ପାଣି । ଏଥିପାଇଁ ଜଳଅମଳ ପ୍ରକଳ୍ପକୁ ବ୍ୟାପକ କରାଯିବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି । ପୃଥିବୀସାରା ମରୁଡିର କରାଳ ଛାୟା ପ୍ରସାରିତ ହୋଇଛି ଅନେକ ସମୟରେ । ଏହାର ଦୂରୀକରଣ ହୋଇ ପାରିଲେ ଖାଦ୍ୟ ଉତ୍ପାଦନ ଅନେକ ଗୁଣ ବଢିଯିବ ଓ ଖାଦ୍ୟ ସମସ୍ୟା ରହିବ ନାହିଁ । ଖାଦ୍ୟ ସମସ୍ୟା ପୃଥିବୀ ପାଇଁ ସତର୍କବାଣୀ ଶୁଣାଇବା ସଙ୍ଗେ ସଙ୍ଗେ ସୁଯୋଗ ସୃଷ୍ଟି କରୁଛି ବୋଲି ସେ ମନେ କରୁଛନ୍ତି । ନିରନ୍ତର ବିକାଶ ଦିଗରେ ଅଧିକ ପୁଞ୍ଜିନିବେଶ ପାଇଁ ସେ ଆଶା ରଖିଛନ୍ତି । ଏହା ସମ୍ଭବ ହେଲେ ଖାଦ୍ୟ ସମସ୍ୟା ରହିବ ନାହିଁ ।

ପ୍ରଫେସର୍ ଏମ୍.ଏସ୍. ସ୍ୱାମୀନାଥନ୍ ବିଶ୍ୱ ଖାଦ୍ୟ ସମସ୍ୟା ଉପରେ ନିର୍ଦ୍ଦିଷ୍ଟ ମତ ଦେଇଛନ୍ତି । ସେ କହିଛନ୍ତି ଯେ ପେଟ୍ରୋଲିୟମ ଦ୍ରବ୍ୟରେ ମୂଲ୍ୟବୃଦ୍ଧି ଓ କୃଷି ପାଇଁ ଆବଶ୍ୟକ ଉପାଦାନ ଗୁଡିକ ଅହେତୁକ ଭାବେ ମହଙ୍ଗା ହେବା ଦ୍ୱାରା, ଚାଷ ଜମି ଗୁଡିକୁ ଖାଦ୍ୟ ଦ୍ରବ୍ୟ ଉତ୍ପାଦନ ପାଇଁ ବିନିଯୋଗ କରାଯାଇ ପାରୁ ନାହିଁ । ଆମେରିକା ଓ ଇୟୁରୋପରେ ଜମିରୁ ଗୋଖାଦ୍ୟ ଉତ୍ପାଦନ କରାଯାଉଛି । ଭାରତରେ କୃଷିପୋଯୋଗୀ ଜମିକୁ ବାଇଓଫୁଏଲ୍ (Biofuel) ପାଇଁ ବ୍ୟବହାର କରାଯାଉଛି । ସେ କହୁଛନ୍ତି ଯେ ପୃଥିବୀସାରା ଖାଦ୍ୟ ଉତ୍ପାଦନ କମିଛି କାରଣ ମାଟିର ଉର୍ବରତା

Digitized by srujanika@gmail.com

ହ୍ରାସ ପାଇଛି । ମାଟି ବିଭିନ୍ନ କିସମର ସାର ଓ ପୁଷ୍ଟିସାର ସର୍ବଦା ଗ୍ରହିଁଥାଏ । ମାଟି ମଧ୍ୟ ଗ୍ରହିଁଥାଏ ପାଣି । ବିଭିନ୍ନ ଅଞ୍ଚଳରେ ଏହାର ଘୋର ଅଭାବ ରହିଛି । ମରୁଡି ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହେଉନଥିବା ଫସଲ ହ୍ରାସ ପାଇଛି । ମାଣ୍ଡିଆ ଓ ବାଜରା ଜାତୀୟ ଫସଲର ଉତ୍ପାଦନ କମିଛି । କୃଷି ଏବଂ କୃଷକ ପାଇଁ ଏକ ବିଧିବଦ୍ଧ ନୀତି ମଧ୍ୟ ନିର୍ଦ୍ଧାରଣ କରାଯାଇନାହିଁ । ଗବେଷଣା ଓ ନୀତି କୃଷି କ୍ଷେତ୍ରରେ ସମନ୍ୱୟ ସୃଷ୍ଟି କରୁନାହିଁ । କୃଷି କ୍ଷେତ୍ରରେ ଯଥେଷ୍ଟ ପୁଞ୍ଜିନିବେଶ ହେଉ ନାହିଁ । ଜଳବାୟୁ ପରିବର୍ତ୍ତନ ଦ୍ୱାରା ଖାଦ୍ୟ ଉତ୍ପାଦନରେ ଅନେକ ବାଧା ସୃଷ୍ଟି ହୋଇଛି । ବନ୍ୟା ଓ ମରୁଡି ବଢିବାରେ ଲାଗିଛି । ଏହାକୁ ଧ୍ୟାନ ଦେଇ କୃଷି ଉତ୍ପାଦନ ପ୍ରଣାଳୀ ବଦଳିବା ଜରୁରୀ ବୋଲି ସେ ଦୃଢ଼ ମତ ପୋଷଣ କରିଛନ୍ତି । ପ୍ରଫେସର ସ୍ୱାମୀନାଥନ କଣ୍ଟ୍ରାକ୍ଟ ଫାର୍ମିଂ (Contract Farming)ର ଘୋର ବିରୋଧ କରି କହିଛନ୍ତି ଯେ କୃଷକ ତାହାର ଜମି ଯେକୌଣସି ପରସ୍ଥିତିରେ କରଛଡ଼ା ନକରୁ । ସବୁଦିନିଆ ସବୁଜ କୃଷି ବା ଏଭରଗ୍ରୀନ୍ ଏଗ୍ରୀକଲ୍‌ଚର (Evergreen Agriculture)କୁ ସେ ପ୍ରାଧାନ୍ୟ ଦେଇ କହିଛନ୍ତି ଯେ ଏହା ବର୍ତ୍ତମାନର ଖାଦ୍ୟ ସମସ୍ୟାର ସମାଧାନ ପାଇଁ ହିଁ ଏକମାତ୍ର ଉପାୟ । ଏଥିପାଇଁ ଏକ ସୁଚିନ୍ତିତ ନୀତିର ଆବଶ୍ୟକତା ରହିଛି । ବନ୍ୟା ହେଉକି ମରୁଡି ହେଉ, ଏଥିପାଇଁ ଏକ ନିୟମାବଳୀ ପ୍ରସ୍ତୁତ କରିବା ଜରୁରୀ ହୋଇଛି ।

ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର୍ ଜଗଦୀଶ ଭଗବତୀ ବିଶ୍ୱ ଖାଦ୍ୟ ସମସ୍ୟା ଉପରେ ମତାମତ ଦେଇ କହିଛନ୍ତି ଯେ ଏହା ଉପରେ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ ଯୋଜନାର ଆବଶ୍ୟକତା ରହିଛି । ୧୯୭୨ ମସିହାରେ ଭାରତ, ଚୀନ୍ ଓ ଋଷିଆରେ ଭୀଷଣ ଖାଦ୍ୟାଭାବ ଦେଖାଦେଇଥିଲା । ସେ ସମୟରେ କ୍ରମାଗତ ଭାବେ ହ୍ରାସ ପାଉଥିବା ଖାଦ୍ୟ ଉତ୍ପାଦନର ମୂଳ କାରଣ ହେଉଛି ମରୁଡି । ଏବେ କିନ୍ତୁ ଯେଉଁ ଖାଦ୍ୟାଭାବ ଦେଖା ଦେଇଛି ତାହାର ମୂଳ କାରଣ ହେଉଛି ବାଇଓଫିଉଲ ଉତ୍ପାଦନ । ଖାଦ୍ୟ ବଦଳରେ ବାଇଓଫିଉଲ ଉପରେ ପ୍ରାଧାନ୍ୟ ଦିଆଯାଉଛି । ଚୀନ୍ ଓ ଭାରତରେ ଅଭୂତପୂର୍ବ ଅର୍ଥନୈତିକ ଅଭିବୃଦ୍ଧି ବିଭିନ୍ନ ପ୍ରକାରର ଆବଶ୍ୟକତା ବୃଦ୍ଧି କରିଛି । ଏସବୁକୁ ଦୃଷ୍ଟିଦେଇ ବିଭିନ୍ନ ପ୍ରକାର ସମାଧାନର ରାସ୍ତା ବାହାର କରିବା ଜରୁରୀ ହୋଇପଡିଛି । ଅନେକ ଦେଶରେ ଖାଦ୍ୟ ଆମଦାନୀ ଓ ରପ୍ତାନୀ ଉପରେ କଟକଣା ଜାରିକରାଯାଇଛି । ଯେଉଁ ଦେଶ ଖାଦ୍ୟ ଆମଦାନୀ କରୁଛି, ସେ ଦେଶକୁ ଆନ୍ତର୍ଜାତିକ ମୁଦ୍ରାକୋଷ ଆର୍ଥିକ ସାହାଯ୍ୟ ଦେବାର ଅଛି । ଏହାଦ୍ୱାରା ଖାଦ୍ୟର ମୂଲ୍ୟବୃଦ୍ଧି ହେଲେ

Digitized by srujanika@gmail.com

ମଧ୍ୟ, ଆମଦାନୀ ସହଜ ହେବ । ଦୀର୍ଘ ମିଆଦୀ ଯୋଜନା ହିସାବରେ ପ୍ରଫେସର ଭଗବତୀ ତିନୋଟି ପ୍ରସ୍ତାବ ଦେଇଛନ୍ତି । ପ୍ରଥମେ ଶକ୍ତିର ଆବଶ୍ୟକତା ପୂରଣ ପାଇଁ ବାଇଓଫିଉଲ ପରିବର୍ତ୍ତେ ଆଣବିକଶକ୍ତିର ବିନିଯୋଗ କରାଯାଉ ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ଦ୍ୱିତୀୟରେ, ଜେନେଟିକାଲି ମଡିଫାଏଡ ବା ଜି.ଏମ୍(GM) ଖାଦ୍ୟ ସାମ୍ପ୍ରତିକ ସବୁଜ ବିପ୍ଳବର ଏକ ଅଂଶଭାବେ ମାନ୍ୟତା ଗ୍ରହଣ କରୁ ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ତୃତୀୟରେ, କୃଷି କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ କରାଯାଉ ବୋଲି ପ୍ରସ୍ତାବ ଦେଇ କହିଛନ୍ତି ଯେ ଏଥିରେ ପ୍ରାଥମିକତା ମଧ୍ୟ ବଦଳିବା ଉଚିତ୍ ।

ବିଶିଷ୍ଟ ପରିବେଶବିତ୍ ଶ୍ରୀମତୀ ବନ୍ଦନା ଶିବା ସାମ୍ପ୍ରତିକ ଖାଦ୍ୟ ସମସ୍ୟାର ତିନୋଟି ମୁଖ୍ୟକାରଣକୁ ବାରମ୍ବାର ବିତର୍କର ପରିସରଭୁକ୍ତ କରିଛନ୍ତି । ପ୍ରଥମଟି ହେଲା ପାରିବେଶିକ ସମସ୍ୟା । ଏଥିରେ ରହିଛି ମୃତ୍ତିକା ଓ ଭୂଜଳର ଅବକ୍ଷୟ, ଜୈବବିବିଧତାର ହ୍ରାସ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ । ଦ୍ୱିତୀୟଟି ହେଲା କୃଷି ଓ କୃଷକର ସମସ୍ୟା । ଏଥିରେ କୃଷି ଋଣ, କୃଷକ ଆତ୍ମହତ୍ୟା, କୃଷି ଅଭିବୃଦ୍ଧି ହ୍ରାସ, ଏବଂ କୃଷି ଆଧାରିତ କ୍ରମକ୍ଷୟିଷ୍ଣୁ ଆୟ । ତୃତୀୟଟି ହେଲା ଖାଦ୍ୟ ଜନିତ ସମସ୍ୟା । ଏଥିରେ ଅଛି ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧି, ଖାଦ୍ୟ ଅଧିକାର କ୍ଷୁଣ୍ଣ ଏବଂ କ୍ଷୁଧା ଓ ପୋଷାହାର ଅଭାବ ଜନିତ ସମସ୍ୟା । ଏଇସବୁ ସମସ୍ୟାର ମୂଳକାରଣ ହେଲା କୃଷିର ବ୍ୟବସାୟୀକରଣ ଓ ବ୍ୟବସାୟର ଉଦାରୀକରଣ । ଏହା ଆର୍ଥିକ ଜଗତୀକରଣର ପ୍ରଭାବ ଛଡ଼ା ଅନ୍ୟକିଛି ନୁହେଁ । ଆମ ଦେଶରେ ସରକାର କୃଷି ସମସ୍ୟା ଓ ଖାଦ୍ୟର ମୂଲ୍ୟବୃଦ୍ଧିକୁ ଏକାଠି ବିଚାରକୁ ନନେଇ ସ୍ୱତନ୍ତ୍ର ଭାବେ ସମାଧାନର ଉପାୟ ଖୋଜୁଥିବାରୁ ସମସ୍ୟା ବଢିବାରେ ଲାଗିଛି । କୃଷି ସମସ୍ୟା ବଢ଼ିବାର କାରଣ ସରକାର କୃଷି କ୍ଷେତ୍ରରେ ପୁଞ୍ଜିନିବେଶ କରିବାର କାର୍ଯ୍ୟକ୍ରମରୁ ଓହରି ଯାଇଛନ୍ତି । ଏହାର ପ୍ରଭାବ ଫଳରେ ସରକାର ଆଉ ବିହନ ଯୋଗାଉ ନାହାନ୍ତି । ଖାଦ୍ୟଶସ୍ୟ କିଣୁ ନାହାନ୍ତି ସାଧାରଣ ବଣ୍ଟନ ବ୍ୟବସ୍ଥା ପାଇଁ । ସରକାର ଏଥିପାଇଁ କର୍ପୋରେଟ୍‌ମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି । ଫଳରେ କର୍ପୋରେଟ ବିହନ କମ୍ପାନୀ ଏବେ ବିହନ ଯୋଗାଉଛି । ବିଭିନ୍ନ ଅଞ୍ଚଳରେ ଖାଦ୍ୟଶସ୍ୟ କର୍ପୋରେଟ କିଣି ପ୍ରକ୍ରିୟାକରଣ କରୁଛି ବା ରପ୍ତାନୀ କରୁଛି । କର୍ପୋରେଟ୍‌ମାନେ ସାଧାରଣ ଲୋକଙ୍କ ଖାଦ୍ୟ ନିରାପତ୍ତା ପ୍ରତି ସମ୍ବେଦନଶୀଳ ନହୋଇ ଲାଭଜନକ ବ୍ୟବସାୟରେ ଲିପ୍ତ ହୋଇଛନ୍ତି । ଏସବୁ ପଛରେ ବିଶ୍ୱବ୍ୟାଙ୍କ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନର ପ୍ରତ୍ୟକ୍ଷ ଓ ପରୋକ୍ଷ ଚାପ

Digitized by srujanika@gmail.com

ରହିଛି ବୋଲି ସ୍ପଷ୍ଟ ଦେଖିହେଉଛି । ଏହାଦ୍ୱାରା ଖାଦ୍ୟ ସାର୍ବଭୌମତ୍ୱ ଏବଂ ନିରାପତ୍ତାକୁ କ୍ଷୁର୍ଣ୍ଣ କରାଯାଇଛି । ଧନୀ ଦେଶରେ କୃଷିନୀତି ଯାହା ଆମଦେଶରେ କୃଷିନୀତି ସେଇଆ ହେଉ ବୋଲି ବିଶ୍ୱବ୍ୟାଙ୍କ କହିଆସୁଛି । ଭାରତର ଖାଦ୍ୟ ସମସ୍ୟା ପଛରେ ବିଶ୍ୱ ଖାଦ୍ୟବଜାରର ହାତ ରହିଛି । ଶ୍ରୀମତୀ ଶିବା କହିଛନ୍ତି ଯେ ଭାରତ ଖାଦ୍ୟଶସ୍ୟ ଏବଂ ଖାଇବା ତେଲ ଆମଦାନୀ କରିବା ପଛରେ ଆଗ୍ରୀବିଜିନେସ୍ ସହ ସମ୍ପୃକ୍ତ ଥିବା କର୍ପୋରେଟମାନଙ୍କର ହାତ ରହିଛି । ଏଥିପାଇଁ ଖାଦ୍ୟ ଦ୍ରବ୍ୟର ଅହେତୁକ ମୂଲ୍ୟବୃଦ୍ଧି ହୋଇଛି ।

ବିଶିଷ୍ଟ ଅର୍ଥନୀତିଜ୍ଞ ଓ ସ୍ତମ୍ଭକାର ଶ୍ରୀମତୀ ଜୟତୀ ଘୋଷ କହିଛନ୍ତି ଯେ ସାମ୍ପ୍ରତିକ ଖାଦ୍ୟ ସମସ୍ୟା ଓ ମୂଲ୍ୟବୃଦ୍ଧିର କେତୋଟି ନିର୍ଦ୍ଦିଷ୍ଟ କାରଣ ଅଛି । ପ୍ରଥମଟି ହେଲା ପେଟ୍ରୋଲିୟମ ତୈଳର ମୂଲ୍ୟବୃଦ୍ଧି । ଏହାଦ୍ୱାରା କୃଷି ଉତ୍ପାଦନରେ ଅଧିକ ଖର୍ଚ୍ଚ କରିବାକୁ ପଡୁଛି ଓ ଖାଦ୍ୟଶସ୍ୟର ମୂଲ୍ୟ ବୃଦ୍ଧି କରିବାକୁ ବାଧ କରୁଛି । ଦ୍ୱିତୀୟରେ ବାଇଓଫିଉଲ୍ ଖାଦ୍ୟର ମୂଲ୍ୟ କୃଷିର ଅନ୍ୟ ଏକ ମୁଖ୍ୟକାରଣ ହୋଇଛି । ତୃତୀୟରେ କୃଷିକୁ ନୀତିଗତ ଭାବେ ଅବହେଳା ପ୍ରଦର୍ଶନ କରାଯାଇଛି । ଏହା ଗୋଟିଏ ବର୍ଷ ନୁହେଁ - ଗତ କେତେ ଦଶକ ଧରି ଲାଗି ରହିଛି । ପ୍ରଚଳିତ କୃଷିନୀତିରେ ଉଦାରୀକରଣ ଓ ବଜାରୀକରଣର ସ୍ପଷ୍ଟଛାପ ରହିଛି । ଚତୁର୍ଥ କାରଣ ହେଉଛି ଜଳବାୟୁ ପରିବର୍ତ୍ତନର କୃଷି ଉପରେ ପ୍ରଭାବ । ହିମାଳୟର ବରଫାବୃତ ଗ୍ଲାସିଅର ସବୁ ତରଳିବାରେ ଲାଗିଛି । ଏହାଦ୍ୱାରା ଗଙ୍ଗାନଦୀ, ୟାଙ୍ଗସୀ ନଦୀରେ ଜଳପ୍ରବାହ ଗ୍ରୀଷ୍ମଋତୁରେ ହ୍ରାସ ପାଇଛି । ଫଳତଃ ଖରାଦିନିଆ ଫସଲ ପାଇଁ ଜଳସେଚନ ମଧ୍ୟ କମିଯିବାର ଆଶଙ୍କା ଦେଖାଦେଇଛି । ପଞ୍ଚମ କାରଣ ହେଲା ବଜାର ବେପାର ଆଧାରିତ କୃଷି ଓ ଖାଦ୍ୟ ଶସ୍ୟର ଆନ୍ତର୍ଜାତିକ କ୍ରୟବିକ୍ରୟ । ଖାଦ୍ୟଶସ୍ୟର ଦରଦାମ ବଢିଲେ କୃଷକ ଲାଭାନ୍ୱିତ ହେଉନାହିଁ । ଲାଭ ଖାଉଛି ବହୁରାଷ୍ଟ୍ରୀୟ କର୍ପୋରେଟ୍‌ମାନେ ।

ମୁଁ ଅନେକ ବିଶେଷଜ୍ଞଙ୍କର ଖାଦ୍ୟାଭାବ ଉପରେ ଯୁକ୍ତିତର୍କ ପଢିବାର ସୁଯୋଗ ପାଇଛି । ଯିଏ ବକ୍ତବ୍ୟ ଦେଉଛି ବା ମତାମତ ଉଲ୍ଲେଖ କରୁଛି, ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ତାହାସବୁ ଉପସ୍ଥାପନା କରୁଛି । ଉଦାହରଣ ସ୍ୱରୂପ ପ୍ରଫେସର ସାକ୍‌ସ, ପ୍ରଫେସର ଭଗବତୀ ଓ ପ୍ରଫେସର ସ୍ୱାମୀନାଥନ ବହୁରାଷ୍ଟ୍ରୀୟ କମ୍ପାନୀମାନେ ବିଶ୍ୱ ଖାଦ୍ୟାଭାବ ପାଇଁ ଯେ ଏକାନ୍ତରେ ଦାୟୀ ଓ ବିଶ୍ୱବ୍ୟାଙ୍କ ଏବଂ ଆନ୍ତର୍ଜାତିକ ମୁଦ୍ରାକୋଷମାନଙ୍କର କୃଷିନୀତି ଦୋଷତ୍ରୁଟିରେ ଯେ ପରିପୂର୍ଣ୍ଣ ତାହା କହିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି ।

Digitized by srujanika@gmail.com

ଅନ୍ୟପକ୍ଷରେ ଶ୍ରୀମତୀ ବନ୍ଦନା ଶିବା ଓ ଶ୍ରୀମତୀ ଜୟତୀ ଘୋଷ କୃଷକମାନଙ୍କର ଦୁର୍ବଳ ସଂଗଠନ କଥା ଉଲ୍ଲେଖ କରୁନାହାନ୍ତି । ଆଜି ପୃଥିବୀ ଉତ୍କଟ କ୍ଷୁଧା ଓ ଖାଦ୍ୟାଭାବ ଦ୍ୱାରା ଘୋର ପୀଡ଼ିତ । ଏ ସମସ୍ୟାର ସମାଧାନର ଏକମାତ୍ର ରାସ୍ତା ହେଉଛି ବିକଳ୍ପ କୃଷିନୀତି ଓ ଖାଦ୍ୟ ସାର୍ବଭୌମତ୍ୱ ପାଇଁ ଜନଆନ୍ଦୋଳନ । ବିକଳ୍ପ କୃଷିନୀତି ବିଶେଷଜ୍ଞମାନେ ଚିନ୍ତା କରିପାରିବେ ନାହିଁ । ଖାଦ୍ୟ ସାର୍ବଭୌମତ୍ୱ ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାକୋଷ ଦେଇପାରିବେ ନାହିଁ । ଏଥିପାଇଁ କୃଷକ ବିଶେଷକରି ଛୋଟ ଓ ନାମମାତ୍ର ଚାଷୀମାନଙ୍କୁ ନିଜର ଭୂମିକା, ଅଧିକାର ଓ ଦାୟିତ୍ୱ ଆଉଥରେ ନିରୂପଣ କରିବାକୁ ହେବ । ଏ ପ୍ରକ୍ରିୟାରେ ରାଷ୍ଟ୍ର ଓ ନାଗରିକ ସମାଜକୁ ମଧ୍ୟ ସାମିଲ୍ ହେବାକୁ ପଡିବ ।

□□□

Digitized by srujanika@gmail.com

୧୬

ସମଭାଗୀ ଅଭିବୃଦ୍ଧି : ଏକ ସ୍ୱପ୍ନ ସମ୍ଭବତା

ଗ୍ରାମର ନାମ ପେଟୁ ପୁଡିଆ । ପଞ୍ଚାୟତର ନାମ ପାହିରାଙ୍କୁ । କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ୍‌ର ଏକ ଅନାମଧେୟ ଗାଁ । ଏକଦା ପାହିରାଙ୍କୁ ପଞ୍ଚାୟତଟି ବଣ ଜଙ୍ଗଲ ଘେରା ଅପହଞ୍ଚ ଥିଲା । କର୍ତ୍ତବ୍ୟ ପରାୟଣ ହୋଇ ଜିଲ୍ଲାପାଳ ଏବଂ ଅନ୍ୟ ପଦସ୍ଥ ଅଫିସରମାନେ କେବେ କେମିତି ଚାଲି ଚାଲି ସେଠାକୁ ଯାଉଥିଲେ । ବାହାରର ପୃଥିବୀ ସହ କେବେ ସମ୍ପର୍କ ନଥିଲା । ଫିରିଙ୍ଗିଆ ବ୍ଲକ୍ ମୁଖ୍ୟାଳୟ ଏବଂ ଫୁଲବାଣୀ ଜିଲ୍ଲା ମୁଖ୍ୟାଳୟ ଠାରୁ ପ୍ରାୟ ୫୦କି.ମି. ଦୂରତ୍ୱ । ଏ ଅଞ୍ଚଳରେ ପ୍ରଶାସନର ଅସ୍ତିତ୍ୱ ନଥିଲା । କୌଣସି ସରକାରୀ ଅଫିସର ସେଠାକୁ ଯାଉ ନଥିଲେ । କୌଣସି ପ୍ରକାର ସେବା ସେଠାରେ ପହଞ୍ଚୁନଥିଲା । କୌଣସି ପ୍ରାଥମିକ ସ୍କୁଲରେ ଶିକ୍ଷକ ପାଠ ପଢ଼ାଉନଥିଲେ । ଆଶ୍ରମ ସ୍କୁଲରେ ଜଣେ ଦି'ଜଣ ଶିକ୍ଷକ ରହି ଯାହାକିଛି ଶିକ୍ଷାଦାନ କରୁଥିଲେ । ସାହୁକାରମାନଙ୍କର ଉତ୍ପାତ ସ୍ୱାଭାବିକ । ସରକାରୀ ଅର୍ଥ, ଅନୁଦାନ, ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦିସବୁ ବାଟମାରଣା ସହଜରେ ହୋଇ ଯାଉଥିଲା । ଏ ପଞ୍ଚାୟତଟି ବିକାଶର ମୁଖ୍ୟସ୍ରୋତରୁ ଛିଟିକି ପଡିଥିଲା । ଆମ ସ୍ୱେଚ୍ଛାସେବୀ କର୍ମୀମାନେ ମଧ୍ୟ ଡରି ଯାଉଥିଲେ ସେ ଅଞ୍ଚଳରେ ରହିବା ପାଇଁ । ମ୍ୟାଲେରିଆ ଓ ଅନ୍ୟାନ୍ୟ ରୋଗର ଚିକିତ୍ସା ପାଇଁ ପନ୍ଦର କି.ମି. ଚାଲି ଚାଲି ଯିବାକୁ ପଡୁଥିଲା । ସେ ଅଞ୍ଚଳରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟ ହେଉ କି ଜଙ୍ଗଲଜାତ ଦ୍ରବ୍ୟ ହେଉ, ବିକାକିଣାର ସୁଯୋଗ ନଥିଲା । ସାହୁକାର ଓ ବେପାରୀମାନେ ମନ ମୁତାବକ ଦର ନିର୍ଦ୍ଧାରଣ କରୁଥିଲେ । ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀ ସବୁ କଳାବଜାରୀ ହେଉଥିଲା । ୧୯୮୮ ମସିହାରେ ବର୍ଷା ଦିନେ ପାହିରାଙ୍କୁରେ ଟଙ୍କାରେ ଶହେ ଲେମ୍ବୁ ମିଳୁଥିବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି । ଏବେ ପାହିରାଙ୍କୁକୁ ଦୁଇଟି ସବୁ ଦିନିଆ ରାସ୍ତା ତିଆରି ହୋଇଛି ଯଦିଓ

Digitized by srujanika@gmail.com

ବର୍ଷାଦିନେ ପୋଲ ସବୁ ଭାଙ୍ଗି ଯାଉଥିବାରୁ ଏ ଅଞ୍ଚଳ ଆଂଶିକ ଭାବେ ବିଚ୍ଛିନ୍ନ ହୋଇ ପଡୁଛି । ତଥାପି ଗମନା ଗମନ ଏ ଅଞ୍ଚଳରେ ବିକାଶର ବିଭିନ୍ନ ଦିଗ ଉନ୍ମୋଚିତ କରିଛି ।

ପେଟୁ ପୁଡିଆ ଗାଁଟି ପାହିରାକୁ ଠାରୁ ଦୁଇ କିଲୋମିଟର ହେବ । ଏ ଗାଁକୁ ପ୍ରତିବର୍ଷ ମୁଁ ଥରେ ଦୁଇଥର ଯିବାର ସୁଯୋଗ ପାଇଛି, ଗାଁଟିର ନାମ ସମ୍ଭବତଃ ଆକର୍ଷଣ କରିଛି । ଖାଦ୍ୟ, ପୋଷାହାର, ଜଳ ଓ ପାରିବେଶିକ ନିରାପତ୍ତା କେମିତି ସେଠାରେ ସମ୍ଭବ ହୋଇପାରିବ ତାହା ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଛି । ଗୋଟାଏ ସମୟରେ ପଞ୍ଚାୟତିରାଜ ବ୍ୟବସ୍ଥା ନଥିଲା । ବର୍ତ୍ତମାନର ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା ଲାଗୁ ହେଲା ପରେ ଗ୍ରାମ ପ୍ରଶାସନରେ କି ପରିବର୍ତ୍ତନ ହୋଇଛି ତାହା ମଧ୍ୟ ଲକ୍ଷ୍ୟ କରିବା ଏ ଲେଖକର ଅନ୍ୟଏକ ଉଦ୍ଦେଶ୍ୟ ଥିଲା । ଗାଁର ତିନୋଟି ବସ୍ତି । ଆଦିବାସୀ, ହରିଜନ ଓ ଉଚ୍ଚ ଜାତିଙ୍କୁ ନେଇ ସମୁଦାୟ ୫୧ଟି ପରିବାର । ମୋଟ ଜନସଂଖ୍ୟା ୨୦୩ ସେଥିରୁ ୧୪୮ଜଣ ଆଦିବାସୀ । ଗାଁର ପରିସୀମା ଭିତରେ ବେଶୀ ଜଙ୍ଗଲ ଓ କମ୍ କୃଷିପୋଯୋଗୀ ଜମି । ଗାଁକୁ ପଶିଲା ମାତ୍ରକେ ଆମ୍ବ, ପଣସର ବିସ୍ତୀର୍ଣ୍ଣ ବଗିଚ୍ଛ । ଖରାଦିନେ ଏତେ ପଣସ ସେ ଗାଁରୁ ବାହାରିଥାଏ ଯେ ଲୋକେ ଖାଇ ଖାଇ ନୟାନ୍ତ ହୋଇଯାଆନ୍ତି । ପିଲାମାନେ ସୁଯୋଗ ପାଇଲା ମାତ୍ରେ ଗଛ ଉପରକୁ ଚଢି ଯାଆନ୍ତି । ପାଚିଲା ପଣସକୁ ସହଜରେ ବାସ୍ନାରୁ ଚିହ୍ନି ହୁଏ । ଗଛ ଉପରେ ଭୋଜି ହୁଏ । ପଣସ ଚୋପା ଓ ମଞ୍ଜି ତଳକୁ ଫୋପଡା ଯାଏ ଗାଈ, ଛେଳିଙ୍କ ପାଇଁ । ମଣିଷ ଓ ଗୃହପାଳିତ ପଶୁଙ୍କ ଖାଦ୍ୟ ନିରାପତ୍ତା ଖରାଦିନେ ଏଇଭଳି ନିଶ୍ଚିତ ହୋଇଯାଏ । ବର୍ଷେ ବର୍ଷେ ଆମ୍ବ ଗଛରେ ବେଶୀ ଫଳଧରେ ନାହିଁ । କିନ୍ତୁ ପଣସର ଅଭାବ କେବେହେଲେ ଅନୁଭବ କରାଯାଏ ନାହିଁ । ପେଟୁ ପଡିଆ ଗାଁର ଲୋକେ ଅନ୍ୟଗାଁକୁ ପଣସ ଯୋଗାଇବାକୁ ସୁଯୋଗ ପାଆନ୍ତି ନାହିଁ । କାରଣ ତାଙ୍କ ଗାଁ ଭଳି ସବୁ ଗାଁରେ ପଣସତୋଟା ତଳେ ପାଚିଲା ପଣସ ଗଡୁଥାଏ । ମୁଁ ସେ ଗାଁରେ ପହଞ୍ଚିଲା ମାତ୍ରକେ ଗାଁ ମଣ୍ଡପ ପାଖରେ ଲୋକେ ଗୁଣ୍ଡ ହୁଅନ୍ତି । ବାପାମାନେ ଓ ମାଆମାନେ ଅଲଗା ଅଲଗା ବସନ୍ତି । ପିଲାମାନେ ମଧ୍ୟ ମିଟିଂରେ ଭାଗନେବା ପାଇଁ ଆଗ୍ରହ ଦେଖାଇଥାଆନ୍ତି । ସେଠାରେ ଆମ ତରଫରୁ ନବସୃଜନ ଶିକ୍ଷାକେନ୍ଦ୍ର ଚାଲିଛି କେତେବର୍ଷ ହେଲା । ଗାଁରେ ଗୁରୁଭାଇ ରହୁଛି । ସକାଳେ ଓ ସନ୍ଧ୍ୟାରେ ପିଲାଙ୍କ ପାଇଁ ସ୍କୁଲ କରୁଛି । ଝିଅ ପିଲାଙ୍କ ସାକ୍ଷରତା ଉପରେ ପ୍ରାଧାନ୍ୟ ଦେଉଛି ।

Digitized by srujanika@gmail.com

ଗାଁରେ ଶିକ୍ଷା ସହ କୃଷି ବିକାଶ ଉପରେ ସଚେତନତା ସୃଷ୍ଟି କରୁଛି । ଗାଁ ଯୁବକମାନଙ୍କୁ ସଂଗଠିତ କରୁଛି । ମାଆମାନଙ୍କର ସାହସ ବଢାଉଛି ମଦ ବିରୋଧରେ ଲଢ଼ିବା ପାଇଁ । ସତକୁ ସତ ମଦ ବନ୍ଦ ହୋଇଛି ସେ ଗାଁରେ । ମଦବେପାରୀକୁ ସମର୍ଥନ କରି ପୋଲିସ୍ ଆସିଥିଲା । ମାଆମାନେ ଉଚିତ୍ ଜବାବ୍ ଦେଇଥିଲେ ସଂଗଠିତ ହୋଇ । ଗାଁରେ ପିଇବା ପାଣିର ଘୋର ଅଭାବ । ନଳକୂପ ସବୁ ଅକାମୀ । ଭୂଜଳର ସ୍ତର ସମ୍ଭବତଃ ଖୁବ୍ ତଳେ । ଗାଁରେ ପିଇବା ପାଣିଠାରୁ ଆରମ୍ଭ କରି ଗାଈ, ଛେଳିଙ୍କ ପିଇବା ପାଣି ପର୍ଯ୍ୟନ୍ତ ଟିକିଏ ଦୂରରେ ଗଭୀର ଉପତ୍ୟକା ଭିତରେ ବହୁଥିବା ଝରଣା ଉପରେ ନିର୍ଭର କରିବାକୁ ପଡେ । ଖରାଦିନେ ଝରଣାଟି ପ୍ରାୟ ଶୁଖିଯାଏ । ଚୁଆଁ କରିବାକୁ ହୁଏ ଝରଣାର ଶଯ୍ୟାରେ । ପିଇବା ପାଣି ନେବା ପାଇଁ ସବୁ ବସ୍ତିର ମାଆମାନେ ଖୁବ୍ ଗହଳି କରନ୍ତି । ଖରାଦିନସାରା ଗାଁର ସବୁଲୋକ ଏକାଠି ବହୁତ କଷ୍ଟ ପାଆନ୍ତି । ଗାଁରେ ଜଙ୍ଗଲ ସୁରକ୍ଷା ହୋଇଛି । ବର୍ଷାଦିନେ ବୃଷ୍ଟିପାତ କିଛି କମ୍ ନୁହେଁ । ତଥାପି ଜଳ କଷ୍ଟର ପ୍ରଭାବ ଲୋକଙ୍କୁ ଖୁବ୍ ବ୍ୟତିବ୍ୟସ୍ତ କରୁଛି । ପ୍ରତିଥର ମିଟିଂରେ ଗ୍ରାମବାସୀଙ୍କ ଅଭିଯୋଗ ଯେ ଜଳାଭାବ ଜନିତ ସମସ୍ୟାକୁ କେହି ଦୃଷ୍ଟିପାତ କରୁନାହାନ୍ତି । ସରକାର ହେଉ କି ପଞ୍ଚାୟତ ହେଉ, ସ୍ୱେଚ୍ଛାସେବୀ ସଂଗଠନ ହେଉ କି ଜଙ୍ଗଲ ବିଭାଗ ହେଉ, କେହି କିଛି ପଦକ୍ଷେପ ନେଉ ନାହାନ୍ତି । ପ୍ରତିଥର ଗ୍ରାମ ସଭାରେ ନିଷ୍ପତ୍ତି ହେଉଛି ପୋଖରୀଟିଏ ଖୋଳିବା ପାଇଁ । ନତୁବା ଝରଣା ଶଯ୍ୟାରୁ ଚୁଆଁ ଖୋଳି ପମ୍ପରେ ପାଣି ଉଠାଇବା ପାଇଁ । ଝରଣା ପ୍ରାୟ ୩୦୦ ଫୁଟ ତଳେ । ପାଣି ମାଠିଆଟିଏ ମୁଣ୍ଡରେ ବୋହି ତିନିଶହ ଫୁଟ ଉଚ୍ଚତା ଯିବା ଆସିବା କରିବା କେତେ କଷ୍ଟ ସହଜରେ ଅନୁମେୟ । ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମଯୋଜନା ବା ନରେଗା (NREGA) କଥା ଉଠିଲା । ଗାଁ ଲୋକେ ପ୍ରାୟ ସମସ୍ତେ କୁଲିକାର୍ଡ ପାଇଛନ୍ତି । ଗତବର୍ଷ ଦଶ ପନ୍ଦର ଦିନ କାମ ମିଳିଥିଲା । ଏ ବର୍ଷ କିଛି କାମ ମିଳିନାହିଁ । କୁଲି କାର୍ଡରେ କିଛି ଲେଖା ଯାଇ ନାହିଁ । ମଷ୍ଟରରୋଲ୍‌ରେ ଯେଉଁ ଦସ୍ତଖତ ନିଆଯାଇଛି ସେ ବିଷୟ କେହି ଜାଣନ୍ତି ନାହିଁ । ସରପଞ୍ଚ ପଞ୍ଚାୟତକୁ ଆସୁନାହିଁ । ପଞ୍ଚାୟତ ଅଫିସର ଚାବି ସେକ୍ରେଟେରୀ ବା ଗ୍ରାମ ସେବକ ରଖୁଛି । ତେଣୁ ପଞ୍ଚାୟତ ଅଫିସ ଖୋଲୁ ନାହିଁ କହିଲେ ଚଳେ । ସରପଞ୍ଚଙ୍କୁ ଅସୁବିଧା କଥା କହି କିଛି ଲାଭ ନାହିଁ । ଫିରିଙ୍ଗିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପଚାଶ କିଲୋମିଟର ଦୂରରେ । ବିଡିଓ ବା ଚେୟାରମ୍ୟାନଙ୍କୁ ଭେଟିବା ସହଜକଥା ନୁହେଁ । ଫୁଲବାଣୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯିବା ଆହୁରି କଠିନ କାମ । ତେଣୁ ଜଳାଭାବ ଜନିତ

Digitized by srujanika@gmail.com

ସମସ୍ୟା ପ୍ରତିବର୍ଷ ହେଉଥିଲେ ମଧ୍ୟ ସେମାନେ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଉଦ୍ୟମ କରି ସଫଳ ହୋଇନାହାନ୍ତି । ଗ୍ରାମବାସୀମାନେ ଅଭିଯୋଗ କରି କହନ୍ତି ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଆଖପାଖ ଗାଁରେ ପୋଖରୀ, ଜଳଅମଳ ପ୍ରକଳ୍ପ ବହୁ ସଂଖ୍ୟାରେ ତିଆରି କରୁଛି ଅଥଚ ତାଙ୍କ ଗାଁରେ କେବଳ ମିଟିଂ ହେଉଛି । ଯେତେ ବୁଝାଇଲେ ମଧ୍ୟ ବୁଝନ୍ତି ନାହିଁ । ଗୋଟିଏ କଥା ଯେ କେବଳ ସ୍ୱେଚ୍ଛାସେବୀ ସଂଗଠନ ପୋଖରୀ ବା ଉଠାଜଳସେଚନ କରିବ କାରଣ ସରକାର କେବେ କରିବେ ନାହିଁ । ପେଟୁ ପୁଡିଆ ଗାଁଟି ଏକ ଜଳ ବିଭାଜିକାର ଅନ୍ତର୍ଗତ । ଏ ଅଞ୍ଚଳ ବୃଷ୍ଟିପୁଷ୍ଟ ଇଲାକା ହୋଇଥିବାରୁ ଜଳଅମଳ ପ୍ରକଳ୍ପ କରାଯିବା ଯୋଜନା ଭିତରେ ଅଛି । କିନ୍ତୁ ଜଳ ବିଭାଜିକା କାର୍ଯ୍ୟକ୍ରମଟି ନା ସରକାରୀ ବିଭାଗକୁ ଦିଆଯାଇଛି ନା କୌଣସି ସ୍ୱେଚ୍ଛାସେବୀ ସଂଗଠନକୁ ନ୍ୟସ୍ତ କରାଯାଇଛି । ପଞ୍ଚାୟତ ଅଫିସ ଯେଉଁଠି ଖୋଲୁ ନାହିଁ, ସେଇଠି ହରିୟାଲି ଯୋଜନାରେ ଜଳବିଭାଜିକାଟିଏ ଗଢ଼ାଯିବ, ଏହା କେବଳ କଳ୍ପନା ବିଳାସ ଛଡା ଅନ୍ୟକିଛି ନୁହେଁ । ଏ କଥା ସତ ଯେ ସରକାର, ପଞ୍ଚାୟତ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଏକତ୍ରିତ ହୋଇ ଜନସହଭାଗୀତା ବଢ଼ାଇଲେ ପେଟୁ ପଡିଆ ଗାଁରେ ଜଳାଭାବ ଦୂର ହୋଇପାରିବ ଓ ଅନ୍ୟ ପ୍ରଗତିମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ । ପ୍ରତ୍ୟେକ ସଂସ୍ଥାଙ୍କର ସ୍ୱତନ୍ତ୍ର ଦାୟିତ୍ୱ ରହିଛି । କାହାସହ କାହାର ପ୍ରତିଯୋଗିତା ହେବ ନାହିଁ । ସହଯୋଗକୁ ମୂଳକେନ୍ଦ୍ର କରି ବିକାଶର ପଥ ନିର୍ଣ୍ଣୟ କରାଯିବ । ଏକଥା କିନ୍ତୁ ସମ୍ଭବ କରିବ କିଏ ? ପ୍ରଶ୍ନର ଉତ୍ତର ମିଳିନାହିଁ ।

ବର୍ତ୍ତମାନ ବିଶ୍ୱବ୍ୟାଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ସରକାର ଗୋଟିଏ ସ୍ଲୋଗାନ ଦେଉଛନ୍ତି । ତାହା ହେଉଛି ସମଭାଗୀ ଅଭିବୃଦ୍ଧି ବା ଇନ୍‌କ୍ଲୁସିଭ୍ ଗ୍ରୋଥ୍ (Inclusive Growth) । ଆମର ନୀତି ନିର୍ଦ୍ଧାରଣ କରୁଥିବା ବିଶେଷଜ୍ଞମାନେ କହିବାକୁ ଚାହୁଁଛନ୍ତି ଯେ ଆଜି ପର୍ଯ୍ୟନ୍ତ ଯାହାକିଛି ଜାତୀୟ କାର୍ଯ୍ୟକ୍ରମ ଚାଲି ଆସିଛି, ସେଥିରେ ଗୋଟିଏ ଗୋଷ୍ଠୀ ସାମିଲ୍ ହୋଇ ପାରି ନାହାନ୍ତି । ସେମାନେ ହେଲେ ମହିଳା, ଗରିବ, କୃଷିଶ୍ରମିକ ଓ ଅନ୍ୟ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ପଛୁଆବର୍ଗ । ଜାତୀୟ ଅଭିବୃଦ୍ଧିରେ କ୍ରମାଗତଭାବେ ବଢ଼ି ଶତକଡ଼ା ଦଶ ଛୁଇଁବାକୁ ବସିଲାଣି । ଅଥଚ ଅଭିବୃଦ୍ଧିରେ ସମତା ଓ ସହଭାଗୀତା ନାହିଁ । ଅର୍ଥାତ୍ ଗୋଟାଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବେଶୀ ଲାଭ ଉଠାଇଛନ୍ତି ବିଭିନ୍ନ ଯୋଜନା ଓ ପୁଞ୍ଜିନିବେଶରୁ । ଆଉ ଗୋଟିଏ ଗୋଷ୍ଠୀ ଦରିଦ୍ରରୁ ଦରିଦ୍ରତର ହେବାରେ ଲାଗିଛନ୍ତି । ଅଭିବୃଦ୍ଧିରେ ସମତା ଓ ସହଭାଗୀତା ଅଛି କି ନାହିଁ କିଏ କହିବ ? ରାଷ୍ଟ୍ର, ବଜାର ନା ନାଗରିକ ସମାଜ ? ଏହା ଛଡା ବିଭିନ୍ନ

Digitized by srujanika@gmail.com

ନୀତିନିୟମ, ମୂଲ୍ୟବୋଧ, ଧାର୍ମିକ ଓ ସାଂସ୍କୃତିକ ବିଶ୍ୱାସ ମଧ୍ୟ କେଉଁ ଯୋଜନାରେ ଗରିବ ଲୋକେ ସାମିଲ୍ ହେବେ କି ନାହିଁ ନିର୍ଦ୍ଧାରଣ କରୁନାହିଁ । ଆମ ଦେଶର ଏକାଦଶତମ ପଞ୍ଚବାର୍ଷିକ ଯୋଜନାରେ ଏହି ସମଭାଗୀ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଦୃଢ଼ ଭାବରେ ଉଲ୍ଲେଖ କରାଯାଇଛି ଯେ କୃଷି ହେଉ ବା ଗ୍ରାମୀଣ ବିକାଶ ହେଉ, ଶିଳ୍ପ ବିକାଶ ହେଉ ବା ନଗର ଉନ୍ନୟନ ହେଉ, ଭିତ୍ତିଭୂମି ବିକାଶରେ ଯେମିତି ସବୁ ସ୍ତରର ଲୋକେ ସାମିଲ୍ ହେବେ ଓ ଲାଭାନ୍ୱିତ ହେବେ ତାହା ଏଥର ପଞ୍ଚବାର୍ଷିକ ଯୋଜନାର ମୂଳ ଲକ୍ଷ୍ୟ । ଖୋଦ୍ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମଭାଗୀ ଅଭିବୃଦ୍ଧିର ଉପାଦାନ ଗୁଡ଼ିକ ହେଲା (କ) ଗ୍ରାମାଞ୍ଚଳରେ ବିଶେଷ କରି କୃଷି ଓ ଗ୍ରାମ୍ୟ ଭିତ୍ତିଭୂମି ପ୍ରତିଷ୍ଠା କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ (ଖ) କୃଷକମାନଙ୍କୁ ସହଜରେ ଋଣ ପ୍ରଦାନ ଓ ସେମାନଙ୍କର ଉତ୍ପାଦିତ ବସ୍ତୁମାନଙ୍କର ଉଚିତ ଦରରେ ବିକାକିଣା (ଗ) କର୍ମ ନିଯୋଜନ ପାଇଁ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା (ଘ) ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରଙ୍କ ଅଧିକ ଅର୍ଥଯୋଗାଣ ଯଦ୍ୱାରା ମଧ୍ୟାହ୍ନଭୋଜନ ଓ ଗରିବ ଛାତ୍ରଙ୍କୁ ବୃତ୍ତି ଦିଆଯାଇପାରିବ (ଙ) ସହରାଞ୍ଚଳରେ ଗୁଣାତ୍ମକ ଜୀବନର ମାନବୃଦ୍ଧି (ଚ) ଆଦିବାସୀ, ହରିଜନ ଏବଂ ଅନ୍ୟ ସାମାଜିକ ଆର୍ଥିକ କ୍ଷେତ୍ରରେ ଅବହେଳିତ ଗୋଷ୍ଠୀ ମହିଳା ଏବଂ ସଂଖ୍ୟାଲଘୁଙ୍କ ବିକାଶ (ଛ) ପଛୁଆ ଅଞ୍ଚଳକୁ ଅଭିବୃଦ୍ଧି ବିସ୍ତାର ପାଇଁ ସ୍ୱତନ୍ତ୍ର ସରକାରୀ ଯୋଜନା ।

ଏଇ ସମଭାଗୀ ଅଭିବୃଦ୍ଧି ପାଇଁ ଭାରତ ନିର୍ମାଣ ଯୋଜନା ମାଧ୍ୟମରେ ହଜାର ହଜାର କୋଟିର ବ୍ୟୟ ଅଟକଳ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଅବଶ୍ୟ ଅଭିବୃଦ୍ଧି ଦ୍ୱାରା ଦରଦାମ ବଢ଼ିଛି ଓ ମୁଦ୍ରାସ୍ଫୀତି ଅଧିକ ହୋଇଛି । କିନ୍ତୁ ସରକାର ଏହାର ନିୟନ୍ତ୍ରଣ ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ ଭାବେ ଘୋଷଣା କରିଛନ୍ତି । ସବୁ ପଛରେ ଅଭିବୃଦ୍ଧିର ରଥ ଆଗେଇ ଚାଲିବାର ଲକ୍ଷ୍ୟ ରହିଛି ।

ପେଟୁ ପଡ଼ିଆ ଗାଁରେ ଏହି ଅଭିବୃଦ୍ଧିର ରଥ କେବେ ପହଞ୍ଚିବ ଦେଖିବାର ଅଛି । ଏ ଗାଁର ସବୁଦିନ ଖାଦ୍ୟ, ପାନୀୟଜଳ, କର୍ମନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଆଦି ମିଳିବ ଓ ଭାରତର ବିକାଶର ମୁଖ୍ୟସ୍ରୋତରେ ଏହା ସାମିଲ ହେବ ଏବେ କେବଳ ସ୍ୱପ୍ନ ସମ୍ଭବତାର ପୃଥିବୀରେ ରହିଛି ।

❑❑❑

Digitized by srujanika@gmail.com

୧୭

ସମଭାଗୀ ଅଭିବୃଦ୍ଧି ବନାମ ସ୍ୱଳ୍ପଭାଗୀ ଅଭିବୃଦ୍ଧି

ଗତ ସପ୍ତାହରେ ଭାରତର ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ଚିଦାମ୍ବରମ୍ ତେହେଲ୍କା ପତ୍ରିକାରେ ଏକ ବିବାଦୀୟ ସାକ୍ଷାତକାର ଦେଇଛନ୍ତି । ଏହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଓ ସମାଲୋଚନା ଚାଲିଛି । ଦାରିଦ୍ର୍ୟ ଦୂରୀକରଣ ପାଇଁ ଅର୍ଥମନ୍ତ୍ରୀଙ୍କ ପ୍ରସ୍ତାବ ଅଛି ଯେ ଶତକଡ଼ା ୮୫ଭାଗ ଲୋକ ଗ୍ରାମାଞ୍ଚଳରୁ ନିଜକୁ ଅପସାରଣ କରି ସହରରେ ରହନ୍ତୁ କାରଣ ସହରରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବାସଗୃହ, ଶୁଷ୍କ ପରିବେଶ ଓ ଅନ୍ୟାନ୍ୟ ଢାଞ୍ଚାଗତ ସୁବିଧା ସହଜରେ ମିଳିବ । ଦ୍ୱିତୀୟ ପ୍ରସ୍ତାବ ଦେଇଛନ୍ତି ଯେ ବିକାଶ ଓ ଅଭିବୃଦ୍ଧି ପାଇଁ ଭୂଗର୍ଭରେ ଥିବା ଖଣିଜସମ୍ପଦକୁ ବିନିଯୋଗ କରିବାକୁ ହେବ । ଜାମ୍‌ସେଦପୁର ଇସ୍ପାତ ସହରର ଉଦାହରଣ ସେ ଦେଇ ବିକାଶର ସଂଜ୍ଞା ନିରୁପଣ କରିଛନ୍ତି । ଏ ସ୍ତମ୍ଭର ପାଠକମାନେ ନିଜେ ନିରୂପଣ କରିବେ ଜଗତୀକରଣର ପୃଷ୍ଠପୋଷକ ବନିଥିବା ଅର୍ଥମନ୍ତ୍ରୀ ଠିକ୍ କି ଭୁଲ କହୁଛନ୍ତି ।

ଏ ଭିତରେ ଇଣ୍ଟରନେଟ୍‌ରେ 'ସ୍ଲୋଗାନ୍ ଓ ଘୋଷଣାନାମା ଓଡ଼ିଶାର ଦାରିଦ୍ର୍ୟ ଦୂରୀକରଣ କରିପାରିବ ନାହିଁ' (Slogans and Declarations can't Banish Poverty for Orissa) ବୋଲି ଶ୍ରୀ ବିଭୂତି ଭୂଷଣ ପତିଙ୍କ ପ୍ରବନ୍ଧଟିଏ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହାକୁ ନେଇ ମଧ୍ୟ ଅନେକ ତର୍କବିତର୍କ ଚାଲିଛି । ଶ୍ରୀ ପତି ହାର୍ଭାଡ ବିଶ୍ୱବିଦ୍ୟାଳୟର ଦୁଇଜଣ ଅର୍ଥନୀତି ବିଶାରଦଙ୍କ ଅଧ୍ୟୟନକୁ ଉଦ୍ଧାର କରିଛନ୍ତି ଯେ ୯୬ଟି ଦେଶର ଗତ ଦୁଇଦଶକରୁ ଉର୍ଦ୍ଧ୍ୱ ବିକାଶ ଏବଂ ଅର୍ଥନୈତିକ ସଫଳତାକୁ ବିଶ୍ଳେଷଣ କରିଲେ ଜଣାପଡେ ଯେ ପ୍ରାକୃତିକ ସମ୍ପଦ ଓ ଆର୍ଥିକ ସ୍ୱଚ୍ଛଳତା ଭିତରେ କୌଣସି ସମ୍ବନ୍ଧ ନାହିଁ । ଅର୍ଥାତ୍ କୌଣସି ଇଲାକାରେ ପ୍ରାକୃତିକ ସମ୍ପଦ ବିନିଯୋଗ

Digitized by srujanika@gmail.com

କରି ଖଣିଖାଦାନ ଓ ଶିଳ୍ପାନୁଷ୍ଠାନ ଗଢି ଉଠିଲେ ସେ ଅଞ୍ଚଳରେ ଗରିବ ମଣିଷମାନଙ୍କର ସେମିତି କିଛି ଆଶାଜନକ ବିକାଶ ଓ ଅଭିବୃଦ୍ଧି ହୋଇନାହିଁ । ଉଦାହରଣ ସ୍ୱରୂପ ସୁନ୍ଦରଗଡ଼ରେ ରାଉରକେଲା ଲୌହଇସ୍ପାତ ଶିଳ୍ପ, କେଉଁଝରର ବିଭିନ୍ନ ଲୁହାପଥର ଖଣି ବା ଯୋଡା ବଡବିଲ୍‌ର ଶିଳ୍ପକାରଖାନା, ମୟୂରଭଞ୍ଜର ଗୋରୁ ମହିଷାଣୀ, ବାଦାମ ପାହାଡ ଲୁହାଖଣି, କୋରାପୁଟର ଲାଞ୍ଜିଗଡରେ ଥିବା ବେଦାନ୍ତ ଆଲୁମିନା ବିଶୋଧନ ଶିଳ୍ପ ଯୋଗୁଁ ସେ ଅଞ୍ଚଳରେ ସ୍ଥାନୀୟ ଗରିବ ଆଦିବାସୀଙ୍କର ସର୍ବନିମ୍ନ ବିକାଶରେ ବିଶେଷ କିଛି ଉଲ୍ଲେଖନୀୟ ସଫଳତା ଦେଖିବାକୁ ମିଳୁନାହିଁ । ଶ୍ରୀ ପତି କହିବାକୁ ଚାହିଁଛନ୍ତି ଯେ ଭାରତର ଶତକଡ଼ା ୯ ଭାଗ ଅଭିବୃଦ୍ଧିର ଅର୍ଥ ନୁହେଁ ଯେ ଏ ଦେଶର ସବୁ ନାଗରିକମାନଙ୍କର ବାର୍ଷିକ ଆୟ ବଢୁଛି । ବର୍ତ୍ତମାନ ବିକାଶ ଓ ଅଭିବୃଦ୍ଧିର ଯେଉଁ ନୀତି ପ୍ରଚଳିତ ଅଛି, ସେଥିରେ କେବଳ କେତେକ ସ୍ୱଳ୍ପ ଗୋଷ୍ଠୀ ଲାଭ ପାଉଛନ୍ତି । ବିଶେଷ କରି ସହରାଞ୍ଚଳରେ ଥିବା ମଧ୍ୟବିତ୍ତ ବର୍ଗମାନେ ନିଜର ସ୍ଥିତି ଆହୁରି ମଜ୍‌ଭୁତ କରୁଥିବାବେଳେ, ଗ୍ରାମାଞ୍ଚଳରେ ଥିବା ଲକ୍ଷ ଲକ୍ଷ ପରିବାର ଅନ୍ଧାର ଭିତରକୁ ଠେଲି ହୋଇଯାଉଛନ୍ତି । ଆମ ସାଧାରଣ ଲୋକେ ବା 'ଆମ୍ ଆଦମୀ' ଯେଉଁ ତିମିରେକୁ ସେଇ ତିମିରେ ।

ଓଡ଼ିଶାର ସାମ୍ପ୍ରତିକ ବିକାଶ ଓ ଅଭିବୃଦ୍ଧି ସ୍ୱଳ୍ପଭାଗୀ ବୋଲି ପ୍ରମାଣିତ ହୋଇସାରିଛି । ସେହି ପ୍ରବନ୍ଧଟିକୁ କେହି ପାଠକ ଓଡ଼ିଆରେ ଅନୁବାଦ କରି ପ୍ରକାଶ କରିପାରିଲେ ସାଧାରଣ ଲୋକେ ଓଡ଼ିଶାରେ ବର୍ତ୍ତମାନ ବିକାଶର ଯେଉଁ ସ୍ଲୋଗାନ୍ ଦିଆଯାଉଛି ତାହାର ଅସଲ ମର୍ମ ବୁଝିପାରିବେ ।

ସମୟ ଆସିଛି ସମଭାଗୀ ଅଭିବୃଦ୍ଧି ଓ ସ୍ୱଳ୍ପଭାଗୀ ଅଭିବୃଦ୍ଧିକୁ ସ୍ପଷ୍ଟ ଚିହ୍ନଟ କରି ଏକ ନିର୍ଦ୍ଦିଷ୍ଟ ନିଷ୍କର୍ଷରେ ପହଞ୍ଚିବା । ସମଭାଗୀ ଅଭିବୃଦ୍ଧିର ଚାରୋଟି ଉପାଦାନ ଅଛି । ଯଥା;

କ) ଅର୍ଥନୀତି ସମସ୍ତ ସାଧାରଣ ଲୋକଙ୍କ ଜୀବନ ଜୀବିକା ଓ ଆର୍ଥିକ ଉପାର୍ଜନ ପାଇଁ ସୁଯୋଗ ସୃଷ୍ଟି କରୁଛି କି ନାହିଁ ?

ଖ) ଅର୍ଥନୀତି ଦ୍ୱାରା ସୃଷ୍ଟି ହେଉଥିବା ସୁଯୋଗରୁ ସାଧାରଣ ଲୋକଙ୍କର ଲାଭ ଉଠାଇବାରେ କ୍ଷମତା ଅଛି କି ନାହିଁ ?

ଗ) ଅର୍ଥନୀତି, ସୃଷ୍ଟି ହୋଇଥିବା ସୁଯୋଗ ଓ ଲାଭ ଉଠାଇବାର କ୍ଷମତା ଭିତରେ ସମ୍ବନ୍ଧ ସୃଷ୍ଟି କରିପାରୁଛି କି ନାହିଁ ?

Digitized by srujanika@gmail.com

ଘ) ଅର୍ଥନୀତି ବହିଃପ୍ରଭାବରୁ ସାଧାରଣ ଲୋକଙ୍କୁ ସୁରକ୍ଷା ଦେଇ ପାରୁଛି କି ନାହିଁ ?

ଗୋଟିଏ ଅଞ୍ଚଳରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ପୁଞ୍ଜିନିବେଶ କରାଗଲେ ସାଧାରଣ ଅଧିବାସୀ ଏହା ସହ ସଂଶ୍ଳିଷ୍ଟ ପ୍ରକଳ୍ପମାନଙ୍କରୁ କେଉଁଭଳି ଲାଭ ପାଇବେ ତାହା ବିଶ୍ଳେଷଣ କରିବା ସଙ୍ଗେ ସଙ୍ଗେ ଏହି ତ୍ୱରାନ୍ୱିତ ପ୍ରକ୍ରିୟାରେ ଯେଉଁ ଝଡ ଝଞ୍ଜା ଓ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ତାହା ପ୍ରତି ଧ୍ୟାନ ଦେବା ଜରୁରି ହୋଇପଡୁଛି । ଶିଳ୍ପାୟନ ହେଲେ ଜମି, ଜଳ ଓ ଜଙ୍ଗଲ ସମ୍ପଦର ଲୁଣ୍ଠନ ନିଶ୍ଚିତ, ଏହା ଛଡା ସ୍ଥାନୀୟ ଲୋକଙ୍କ ଜୀବନଜୀବିକା, ପରିବେଶ, ସଂସ୍କୃତି ଓ ମୂଲ୍ୟବୋଧ ଅସୁରକ୍ଷିତ ଓ ପ୍ରଭାବିତ ହେବ । ବର୍ତ୍ତମାନର ଶିଳ୍ପାୟନ ପ୍ରକ୍ରିୟାରେ ଯନ୍ତ୍ରର ବ୍ୟବହାର ଏତେ ବେଶି ଯେ ସାଧାରଣ ମଣିଷ ପାଇଁ କର୍ମସଂସ୍ଥାନ ଅସମ୍ଭବ । ଶିଳ୍ପରେ ଶିଳ୍ପପତି ଓ ପୁଞ୍ଜିପତି ସବୁବେଳେ ଲାଭ ପାଇଁ ଉଦ୍ୟମରତ । ଗୋଟିଏ ଟଙ୍କା ଖର୍ଚ୍ଚ କରିଲେ କେତେ ଟଙ୍କାର ଲାଭ ମିଳିବ ତାହାର ହିସାବ ନିକାଶ କରିବାରେ ବ୍ୟସ୍ତ । ଉଦାହରଣ ସ୍ୱରୂପ ଲାଞ୍ଜିଗଡରେ ବେଦାନ୍ତ କମ୍ପାନୀ ଗୋଟିଏ ଟଙ୍କା ଖର୍ଚ୍ଚ କରିଲେ ୧୧୩ଟଙ୍କା ଲାଭ ପାଇବ ବୋଲି ଏକ ଅଟକଳ କରାଯାଇଛି । ଏଣୁ କମ୍ ସମୟ ଭିତରେ ପ୍ରାକୃତିକ ସମ୍ପଦର ଲୁଣ୍ଠନ କରିବାର ଚରମ ଲକ୍ଷ୍ୟ ରଖି ସର୍ବାଧିକ ଲାଭ କରିବା ପାଇଁ ପ୍ରତ୍ୟେକ ଶିଳ୍ପ ଆଶାୟୀ । ଏଥିପାଇଁ ସ୍ଥାନୀୟ ଲୋକଙ୍କ ହିତ କଥା ଗୌଣ । କର୍ପୋରେଟମାନଙ୍କର ସାମାଜିକ ଦାୟିତ୍ୱ ରହିବ ବୋଲି ଅନେକ ସ୍ଲୋଗାନ ଦିଆଯାଉଛି ସତ, ଆଜି ପର୍ଯ୍ୟନ୍ତ ଏହାର ଏକ ସଫଳ ଉଦାହରଣ ମିଳିବା ଦୁରୂହ ବ୍ୟାପାର । କର୍ପୋରେଟ୍ ଘରୋଇ ଉଦ୍ୟୋଗ ହେଉ କି ସରକାରୀ ଉଦ୍ୟୋଗ ହେଉ, ମାନସିକତା ବିଶେଷ ଭିନ୍ନ ନୁହେଁ । ଉଦାହରଣ ସ୍ୱରୂପ, ଯେଉଁଠି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଲୋକେ ବିସ୍ଥାପିତ ହୋଇଛନ୍ତି, ଗୋଟିଏ ଦୁଇଟିକୁ ଛାଡିଦେଲେ, ଥଇଥାନ ସନ୍ତୋଷଜନକ ହୋଇ ନାହିଁ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି । ଓଡ଼ିଶାର ହୀରାକୁଦ ଓ ରାଉରକେଲାର ନିର୍ମାଣଜନିତ ବିସ୍ଥାପନ ଠାରୁ ଆରମ୍ଭ କରି କାଶୀପୁର ଓ କଳିଙ୍ଗନଗରର ବିସ୍ଥାପନ ପର୍ଯ୍ୟନ୍ତ ।

ଥଇଥାନ ପ୍ରକ୍ରିୟା ପ୍ରଶ୍ନବାଚକ ଚିହ୍ନ ହୋଇଯାଇଛି । କଳିଙ୍ଗନଗରରେ ଯେତୋଟି ଇସ୍ପାତ ଶିଳ୍ପ ପ୍ରତିଷ୍ଠା ହୋଇସାରିଛି ବାସଚ୍ୟୁତଙ୍କର ଥଇଥାନ ହୋଇନାହିଁ ବୋଲି ଆନ୍ଦୋଳନ ଦାନା ବାନ୍ଧିଛି । କାଶୀପୁରର ଉତ୍କଳ ଆଲୁମିନା ଠିକ୍ ଥଇଥାନ କରି ନାହିଁ ବୋଲି ଏବେ ସ୍ଥାନୀୟ ବାସଚ୍ୟୁତ ବ୍ୟକ୍ତିମାନେ ଆନ୍ଦୋଳନ କରି କାମ ବନ୍ଦ କରି

Digitized by srujanika@gmail.com

ଦେଇଛନ୍ତି । ପ୍ରଥମେ ଉଚିତ ଥଇଥାନ ହେଉ ଓ ତା'ପରେ ଶିଳ୍ପ ପ୍ରତିଷ୍ଠା ହେଉ ବୋଲି ଏମାନେ ଅଡି ବସିଛନ୍ତି । ଜାତୀୟ ଥଇଥାନ ନୀତିରେ ପ୍ରଥମେ ବାସଚ୍ୟୁତଙ୍କୁ ଥଇଥାନ କରି ପ୍ରକଳ୍ପ ଆରମ୍ଭ ହେଉ ବୋଲି ପ୍ରସ୍ତାବ ରହିଛି । ଏବେ ଲାଞ୍ଜିଗଡରେ ବେଦାନ୍ତ ସ୍ଥାନୀୟ ଡଙ୍ଗରିଆମାନଙ୍କର ବିକାଶରେ କେଉଁ ଭୂମିକା ଗ୍ରହଣ କରିବ ତାହାକୁ ନେଇ ସର୍ବୋଚ୍ଚ ଅଦାଲତରେ ବିଚାର ବିମର୍ଷ ଜାରି ରହିଛି । ଅର୍ଥାତ ବହୁକ୍ଷେତ୍ରରେ କର୍ପୋରେଟମାନେ ମିଛ ପ୍ରତିଶ୍ରୁତି ଦେଇ ନାଟକ କରୁଛନ୍ତି ଓ ସରକାର ଏ ନାଟକର ନୀରବ ଦର୍ଶକ ସାଜୁଛନ୍ତି ।

ବର୍ତ୍ତମାନ ସମୟରେ ଯେଉଁ ଅଞ୍ଚଳରେ ବହୁଭାଗ ଲୋକ ସମଭାଗୀ ଅଭିବୃଦ୍ଧିରୁ ବଞ୍ଚିତ, ସେ ଅଞ୍ଚଳରେ ମୁଖ୍ୟ ସମସ୍ୟା ଗୁଡିକ କ'ଣ ? ଯଦି ସମସ୍ୟା ଗୁଡିକ ଚିହ୍ନଟ କରାଯାଇଛି, ସେଗୁଡିକର ସମାଧାନର ପନ୍ଥା କ'ଣ ? ଦୁଃଖର ବିଷୟ ଯେ ଓଡ଼ିଶା ଭଳି ରାଜ୍ୟରେ ଯେଉଁଠି ସମଭାଗୀ ଅଭିବୃଦ୍ଧିରୁ ବଞ୍ଚିତ ଜନସଂଖ୍ୟା ସୀମାତୀତ, ସେଠାରେ କୌଣସି ଅଧ୍ୟୟନ କରାଯାଇନାହିଁ । ଗବେଷକ ବା ନାଗରିକ ସମାଜ ଏହି ଅଧ୍ୟୟନ କରିବାକୁ କାହିଁକି କୁଣ୍ଠା ପ୍ରକାଶ କରୁଛନ୍ତି ବୁଝିହୁଏ ନାହିଁ । ଓଡ଼ିଶାର ବିଶ୍ୱ ବିଦ୍ୟାଳୟମାନେ ଓ ଅନ୍ୟ ବିକାଶ ଗବେଷଣା ପ୍ରତିଷ୍ଠାନମାନେ ସରକାର, ବିଶ୍ୱବ୍ୟାଙ୍କ ଓ ଡି.ଏଫ୍.ଆଇ.ଡି ଆଦି ଅନୁଦାନକାରୀ ପ୍ରତିଷ୍ଠାନମାନଙ୍କ ଉପରେ ଏତେ ନିର୍ଭରଶୀଳ ଯେ ସେମାନେ ଅସହାୟତାର ଉଦାହରଣ ହୋଇପଡିଛନ୍ତି । ସରକାର ଯେଉଁ ନୀତି ତିଆରି କରୁଛନ୍ତି ଏବଂ କାର୍ଯ୍ୟକାରୀ କରୁଛନ୍ତି ଓ ସେ ନୀତିରେ ବିଶ୍ୱବ୍ୟାଙ୍କ ଭଳି ସଂସ୍ଥାମାନେ ହସ୍ତକ୍ଷେପ କରୁଛନ୍ତି, ତାହାକୁ ଗବେଷକ ଓ ନାଗରିକ ସମାଜ ବିବେକର ସହ ବିରୋଧ ନକରିବା ଲଜ୍ଜାଜନକ । ମୁଁ କେତେଜଣ ପ୍ରଫେସର ଓ ବୁଦ୍ଧିଜୀବୀଙ୍କୁ ଜାଣିଛି, ସେମାନେ ବିସ୍ଥାପନ ହେଲେ ବିକାଶ ହେବ ବୋଲି ଧାରଣା ସୃଷ୍ଟି କରୁଛନ୍ତି । ବିଶ୍ୱବ୍ୟାଙ୍କର ଟୋପି ପିନ୍ଧିବାରେ ସେମାନଙ୍କର ଟିକିଏ ଅନୁଶୋଚନା ନାହିଁ । କିନ୍ତୁ ସମଭାଗୀ ଅଭିବୃଦ୍ଧିରୁ ବଞ୍ଚିତଙ୍କ ସମସ୍ୟା ଜାଣିବାକୁ ହେଲେ ବିସ୍ତୃତ ଭାବେ ଓ ଗଭୀରକୁ ଯାଇ ଅଧ୍ୟୟନ କରିବାକୁ ହେବ କେତୋଟି ଠୋସ ବିଷୟରେ । ସେଗୁଡିକୁ ସହଜରେ ତାଲିକା କରାଯାଇପାରେ । ଗୋଟିଏ ହେଲା କୃଷି । ଦ୍ୱିତୀୟଟି ହେଲା ଦାରିଦ୍ର୍ୟ ଓ କ୍ଷୁଧା । ତୃତୀୟଟି ହେଲା ମାନବବିକାଶ । ଚତୁର୍ଥଟି ହେଲା ଆଞ୍ଚଳିକ ବୈଷମ୍ୟତା । ପଞ୍ଚମଟି ହେଲା ପ୍ରଶାସନ ଇତ୍ୟାଦି ଇତ୍ୟାଦି । ପ୍ରତ୍ୟେକ ସମସ୍ୟା ଉପରେ ଅନେକ ତଥ୍ୟ ସମ୍ବଳିତ ପ୍ରବନ୍ଧ ଲେଖା ଯାଇପାରେ । କିନ୍ତୁ ଆଶା କରିବା ଯେ କେହି ନା

Digitized by srujanika@gmail.com

କେହି ଦିନେ ଏ ସମସ୍ୟା ଗୁଡିକ ଉପରେ ନିର୍ଦ୍ଦିଷ୍ଟ ଭାବେ ଆଲୋକପାତ କରିବ । ଯଦି ମୋତେ ପଚରାଯାଏ ଯେ ଏ ଅଧ୍ୟୟନ କେଉଁଠାରୁ ଆରମ୍ଭ କରାଯାଇପାରେ, ତେବେ ଏହାର ଉତ୍ତର ହେଲା ଯେ ଓଡ଼ିଶାର ସୀମାରେ ଅବସ୍ଥିତ କେତୋଟି ଗାଁକୁ ଚୟନ ପ୍ରଥମେ କରାଯାଉ । ଦକ୍ଷିଣରେ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି ଜିଲ୍ଲାର ସୀମାକୁ ଲାଗି କେତୋଟି ଅପହଞ୍ଚ ଗାଁକୁ ବଛାଯାଉ ଓ ସେଠାରେ ମାନବୀୟ ବିକାଶର ସୂଚକାଙ୍କ ଗୁଡ଼ିକର ସ୍ଥିତି କ'ଣ ମପାଯାଉ । ସେଇଭଳି କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ସୀମାରେ ଛତିଶଗଡ଼କୁ ଲାଗି କେତୋଟି ଗାଁ । ସୁନ୍ଦରଗଡ଼, କେଉଁଝର, ମୟୂରଭଞ୍ଜକୁ ଲାଗି ଝାଡଖଣ୍ଡର କେତୋଟି ଗାଁ ଓ ବାଲେଶ୍ୱରର ସୀମାରେ ପଶ୍ଚିମବଙ୍ଗକୁ ଲାଗି କେତୋଟି ଗାଁକୁ ଏହି ଅଧ୍ୟୟନର ପରିସରଭୁକ୍ତ କରାଯାଇପାରେ । ସମୟ ଓ ସୁଯୋଗ ଥିଲେ ଏସବୁ ଗାଁକୁ ଯିବାକୁ ମୁଁ ମନସ୍ଥ କରିଛି ଓ ଏ ସ୍ତମ୍ଭରେ ତାହାର ବର୍ଣ୍ଣନା କରିବାକୁ ଏକ ଦାୟିତ୍ୱ ମନେ କରିଛି । ସାରା ଓଡ଼ିଶା ଜାଣୁ ଯେ ଏ ପ୍ରଦେଶରେ ଥାଇ ମଧ୍ୟ ଅନେକ ଗାଁର ସ୍ଥିତି ନଥିଲା ଭଳି । ଅନ୍ୟ ଏକ ସ୍ତରରେ ଯେଉଁ ଅଞ୍ଚଳରେ ବିସ୍ଥାପନ ହୋଇଛି, ବିଶେଷକରି ଆଦିବାସୀ ଅଞ୍ଚଳରେ ସମଭାଗୀ ଅଭିବୃଦ୍ଧିରୁ ବଞ୍ଚିତ ହୋଇଥିବା ଗାଁ ସବୁ ମଧ୍ୟ ଅଧ୍ୟୟନ ଅନ୍ତର୍ଭୁକ୍ତ କରାଯିବା ଉଚିତ । ଏହା ସହ ଯେଉଁଠି ସବୁ ପ୍ରକଳ୍ପ ପ୍ରତିଷ୍ଠା କରାଯାଉଛି, ତାହାର ଟାଉନ୍‌ସିପ୍ ଭିତରେ ଓ ଏହାର ସୀମାକୁ ଲାଗି ବସତିମାନଙ୍କର ଏକ ତୁଳନାତ୍ମକ ବିଚାର କରାଯାଇପାରେ । ମାଲକାନ୍‌ଗିରି ଜିଲ୍ଲାରେ ବଙ୍ଗାଳୀ ଶରଣାର୍ଥୀମାନଙ୍କ ପାଇଁ ସବୁକିଛି ସେବା ଓ ଇନ୍‌ଫ୍ରାଷ୍ଟ୍ରକ୍‌ଚରର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସ୍ଥାନୀୟ କୋୟା ଆଦିବାସୀଙ୍କୁ ସବୁଥିରୁ ବଞ୍ଚିତ କରାଯାଇଛି ବର୍ଷ ବର୍ଷ ଧରି । ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରେ ଯେଉଁ ବିଜୁଳିଶକ୍ତି ବାହାରିଛି ତାହା ଆଖପାଖ ଗାଁକୁ ଏ ପର୍ଯ୍ୟନ୍ତ ବଣ୍ଟନ କରାଯାଇ ନାହିଁ । ନାଲ୍‌କୋ ସହର ଦାମନଯୋଡି ପାଖେ ଗଢି ଉଠିଛି । ସେଠାରେ ବଗିଚା ଏବଂ ଲନ୍ କରିବାକୁ ପାଣି ଅପବ୍ୟୟ କରାଯାଉଛି, ଅଥଚ ସହରର କାନ୍ଥ ସେପାଖେ ଥିବା ଆଦିବାସୀ ବସ୍ତିରେ ନା ପାଣିର ବ୍ୟବସ୍ଥା ହୋଇଛି ନା ବିଜୁଳି ଆଲୁଅର । ହୀରାକୁଦରୁ ଶିଳ୍ପମାନଙ୍କୁ ପାଣି ଦେବାକୁ ସରକାର ବିଶେଷ ତତ୍‌ପରତା ଦେଖାଇଛନ୍ତି । ଅଥଚ ହୀରାକୁଦ ଆଖପାଖରେ ଅନେକ ଗାଁରେ ପିଇବା ପାଣିର ଘୋର ଅଭାବ ଦେଖାଦେଇଛି ।

ଓଡ଼ିଶାରେ ଆଞ୍ଚଳିକ ବୈଷମ୍ୟ ଓ ଜନ ଅସନ୍ତୋଷ ସମ୍ପର୍କରେ ଏବେ ସବୁସ୍ତରରେ ଆଲୋଚନା ସୃଷ୍ଟି ହୋଇଛି । ପଶ୍ଚିମ ଓଡ଼ିଶାର ନୂଆପଡ଼ା ଜିଲ୍ଲାର ଗୋଟିଏ ଗାଁ ସହିତ

Digitized by srujanika@gmail.com

କଟକ ବା ପୁରୀ ଜିଲ୍ଲାର ଗାଁକୁ ତୁଳନା କରିଲେ ଏଇ ବୈଷମ୍ୟ ସହଜରେ ଜଣାପଡିବ । ଦକ୍ଷିଣ ଓଡ଼ିଶାର ମାଲ୍‌କାନ୍‌ଗିରିର ଏକ ଗାଁ ସହିତ ବାଲେଶ୍ୱର ବା ଯାଜପୁର ଜିଲ୍ଲାର ଏକ ଗାଁକୁ ତୁଳନା କଲେ କି ପ୍ରଭେଦ ରହିଛି ଜଳଜଳ ଦେଖାଯିବ । ଏ ବୈଷମ୍ୟ କେବଳ ସେବା ବା ଢାଞ୍ଚାଗତ ନୁହେଁ । ଏକ ରାଜନୈତିକ ଉପାଦାନ ରହିଛି ସମସ୍ତଙ୍କର ମାନସିକତାରେ । ଓଡ଼ିଶା ସରକାର ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ଏକ କମିଟି ଗଢିଛନ୍ତି । ଏ କମିଟି କେଉଁଭଳି ବିଶ୍ଳେଷଣ କରିଛି ଓ ସମସ୍ୟାର ସମାଧାନର ରାସ୍ତା ବାହାର କରିଛି, ତାହା ଜାଣିବାକୁ ସମସ୍ତେ ଅପେକ୍ଷା କରିଛନ୍ତି ।

□□□

Digitized by srujanika@gmail.com

୧୮

ଖାଦ୍ୟ ଅଧିକାର ଏକ କଳ୍ପନା ବିଳାସ ହୋଇ ରହିବ କି ?

କୋରାପୁଟ ଓ କଳାହାଣ୍ଡିର ଦୁର୍ଗମ ଗାଁମାନଙ୍କରେ ରହୁଥିବା ଆଦିବାସୀ ଓ ଗରିବଙ୍କ ସ୍ଥିତି ଓ ବସବାସକୁ ଅନୁଧ୍ୟାନ କରିଲେ ଜଣାପଡେ ଯେ ସେମାନେ ଖାଦ୍ୟ ଅଧିକାର, ବିକାଶର ଅଧିକାର ଏବଂ ବଞ୍ଚିବାର ଅଧିକାର ଏବେ ସୁଦ୍ଧା ହାସଲ କରି ନାହାନ୍ତି । ଏଥିପାଇଁ ଆମେ ଓ ଆମର ବିପରୀତ ଆଭିମୁଖ୍ୟ ଏବଂ ସେମାନଙ୍କର ନିଜର ଦାରିଦ୍ର୍ୟ ବିରୁଦ୍ଧରେ ଲଢ଼ିବା ପାଇଁ ଉଦାସୀନତା ଏବଂ ନିଷ୍କ୍ରିୟତା ତଥା ସରକାର ଓ ବଜାର ବ୍ୟବସାୟର ମନ୍ଦ ଉଦ୍ଦେଶ୍ୟ ମୁଖ୍ୟତଃ ଦାୟୀ । ଗୋଟାଏ ଗଣତାନ୍ତ୍ରିକ ଦେଶରେ କିଛି ଭାଗ ଲୋକ ଅନାହାରରେ ରହିବେ ଅଥବା ଆବଶ୍ୟକ ପୋଷାହାର ପାଇବେ ନାହିଁ ଏବଂ ରୋଗଗ୍ରସ୍ତ ହୋଇ ଅକାଳରେ ମରିବେ ଏହା ଏକ ଲଜ୍ୟାର କଥା । ସମୟ ଆସିଛି ଏ ବିଷୟରେ ଏକ କ୍ରିୟାଶୀଳ ଲୋକଶକ୍ତିକୁ ଉଦ୍‌ଜୀବିତ କରି ସଂଘବଦ୍ଧ ହୋଇ ଲଢ଼ିବା ପାଇଁ, ନିଜର ଖାଦ୍ୟ ଅଧିକାର ଜାହିର କରିବାପାଇଁ । ଖାଦ୍ୟ ଅଧିକାରର ପ୍ରଶ୍ନ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାରୁ ଉଠିଛି । କିନ୍ତୁ ଖାଦ୍ୟ ନିରାପତ୍ତା କହିଲେ ସାମଗ୍ରିକ ଭାବେ ତିନୋଟି କଥାକୁ ବୁଝାଇଥାଏ:- (କ) ଖାଦ୍ୟ ସହଜରେ ମିଳୁଥିବ (ଖ) ଖାଦ୍ୟ ସହଜରେ ଓ ଆବଶ୍ୟକ ମୁତାବକ ହାତପାହାନ୍ତିରେ ପାଇହେଉଥିବ ଓ (ଗ) ଖାଦ୍ୟର ସଦୁପଯୋଗ ହେଉଥିବ । ଅର୍ଥାତ୍ ମିଳୁଥିବା ଖାଦ୍ୟ ପୁଷ୍ଟିକର ହୋଇଥିବ ଓ ସ୍ଥାନୀୟ ଅଧିବାସୀଙ୍କ ସଂସ୍କୃତିକ ସ୍ଥିତି ସହ ଯୋଡି ହୋଇଥିବ ।

ବିଶ୍ୱ ମାନବାଧିକାର ଘୋଷଣାନାମାରେ (Universal Declaration of Human Rights) ଖାଦ୍ୟ ଅଧିକାର ଯେ ଏକ ମୌଳିକ ମାନବାଧିକାର, ଏହା ଗତ କେତେବର୍ଷ ଧରି ସ୍ୱୀକାର କରାଯାଇଛି । ୧୯୯୬ ମସିହାରେ ବିଶ୍ୱ ଖାଦ୍ୟ ସମ୍ମିଳନୀରେ ଏହି ଖାଦ୍ୟ ଅଧିକାର ସମ୍ପର୍କରେ ବିଶଦ ଚର୍ଚ୍ଚା କରାଯାଇଥିଲା ଓ ୨୦୧୫

Digitized by srujanika@gmail.com

ସୁଦ୍ଧା ଅଧା ଦାରିଦ୍ର୍ୟ ଦୂର କରାଯାଇ ସମସ୍ତଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ଆଜି ସେସବୁ ପାଣିର ଗାର ହୋଇଯାଇଛି । ଯାହା ଜଣାପଡୁଛି ୨୦୧୫ ସୁଦ୍ଧା ସବୁ ପ୍ରତିଶ୍ରୁତି ସାର୍ଥକ ହୋଇପାରିବ ନାହିଁ । ଏହାଛଡା ବିଶ୍ୱ ଖାଦ୍ୟ ସଂଗଠନ ତାହାର ସମ୍ବିଧାନରେ ଖାଦ୍ୟ ଅଧିକାରକୁ ମାନବାଧିକାର ବୋଲି ଘୋଷଣା କରିଛି । ଏକଥା ମଧ୍ୟ ଆନ୍ତର୍ଜାତିକ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଧିକାର (International Convention on Economic, Social and Cultural Rights) ପାଇଁ ସନନ୍ଦପତ୍ରରେ ବଳିଷ୍ଠ ଭାବେ ଉଲ୍ଲେଖ କରାଯାଇଛି । ଏଥିପାଇଁ ପ୍ରତ୍ୟେକ ଦେଶ ଧନୀ ହେଉ ବା ଗରିବ ହେଉ, ସାଧାରଣ ଲୋକଙ୍କ ଖାଦ୍ୟ ଅଧିକାର ପାଇଁ ସଜାଗ ଓ ସତର୍କ ରହିଛନ୍ତି । ଏବଂ କୌଣସି କାରଣରୁ ଅନାହାର ମୃତ୍ୟୁ ହେଲେ ରାଷ୍ଟ୍ର, ସମାଜ ଓ ସାମାଜିକ ଅନୁଷ୍ଠାନମାନେ ନିନ୍ଦିତ ହେଉଛନ୍ତି ।

ଅନାହାର ମଣିଷକୃତ । କେତେକ ଦେଶରେ ଯଥେଷ୍ଟ ଖାଦ୍ୟଶସ୍ୟ ଉତ୍ପାଦିତ ହେଉଛି ସତ, ତଥାପି ଲୋକଙ୍କୁ ଦୁଇବେଳା ଯଥେଷ୍ଟ ଖାଇବାକୁ ମିଳୁନାହିଁ । କିନ୍ତୁ ଏପରି କେତେକ ଦେଶ ଅଛି, ଯେଉଁଠି ଖାଦ୍ୟଶସ୍ୟ ଯଥେଷ୍ଟ ଉତ୍ପାଦନ ହେଉନାହିଁ ଅଥଚ ସେଠାରେ କେହି ଅନାହାରରେ ମରୁ ନାହାନ୍ତି । ଖାଦ୍ୟାଭାବ କୃତ୍ରିମ ଭାବେ ସୃଷ୍ଟି କରାଯାଉଛି । ପୃଥିବୀର ଅର୍ଦ୍ଧାଧିକ ଲୋକ ଅନାହାର ଓ ଦାରିଦ୍ର୍ୟରେ ଉତ୍ପୀଡିତ ହୋଇ ରହୁଥିବେ ଏକଥା ପ୍ରମାଣ କରିବାକୁ ଯାଇ ଦୁଇଟି ଲୋକପ୍ରିୟ ବହି ଲେଖାଯାଇଛି । ପ୍ରଥମଟି ହେଲା ସୁଜାନ୍ ଜର୍ଜଙ୍କ 'ହାଓ ଦି ଅଦର ହାଫ୍ ଡାଇଜ' (How the Other Half Dies) ଏବଂ ଫ୍ରାନସେଶ୍ ମୁରଲାପେଙ୍କ 'ଖାଦ୍ୟ ଆଗ'(Food First) । ଏହି ବହି ଦୁଇଟିରେ ଅନେକ ତଥ୍ୟ ଓ ଉଦାହରଣ ଦେଇ ଲେଖକଦ୍ୱୟ ସାରା ବିଶ୍ୱଜନମତକୁ ଆନ୍ଦୋଳିତ କରିଛନ୍ତି । ଏହି ବହି ଦୁଇଟିକୁ ପଢିଲେ ଯେକୌଣସି ସଚେତନ ବ୍ୟକ୍ତି ଆନ୍ଦୋଳିତ ହେବ ଓ ପ୍ରତିକ୍ରିୟାଶୀଳ ହୋଇଯିବ । ବିଜ୍ଞାନ ଓ କାରିଗରି ବିଦ୍ୟା ସାହାଯ୍ୟରେ ବିଶ୍ୱର ଅଗଣିତ ଜନମାନବଙ୍କ ପାଇଁ ଯଥେଷ୍ଟ ଖାଦ୍ୟଶସ୍ୟ ଉତ୍ପାଦନ ହେଉଥିଲେ ମଧ୍ୟ ଅସଂଖ୍ୟ ଲୋକେ କାହିଁକି ଅନାହାରରେ ସଢୁଛନ୍ତି ତାହା ବିଶ୍ଳେଷଣ କରିବା ଆବଶ୍ୟକ ହୋଇପଡିଛି । ଜଗତୀକରଣ ବିଶ୍ୱକୁ ଏକ କୁଟୁମ୍ବ ବୋଲି କଳ୍ପନା କରୁଥିଲେ ମଧ୍ୟ ତାହାର କୁପ୍ରଭାବ ସେଇ କୁଟୁମ୍ବ ଭିତରେ ଖାଦ୍ୟାଭାବକୁ ତୀବ୍ର କରୁଛି ।

ଅନାହାର ଓ ଖାଦ୍ୟାଭାବ ଦ୍ୱାରା ପ୍ରପୀଡିତ ହେଉଛନ୍ତି ଗାଁ ଗହଳର ଲୋକେ, ଚାଷୀମୂଲିଆ, କୃଷି ଶ୍ରମଜୀବି, ମତ୍ସ୍ୟଜୀବି, ଗ୍ରାମ୍ୟ ମହିଳା ଓ ଶିଶୁ ଏବଂ ଆଦିବାସୀ

Digitized by srujanika@gmail.com

ବା ବନବାସୀ । ଯଦିଓ ସ୍ଥାନୀୟ ସମ୍ବଳ ଓ ଉତ୍ପାଦନକ୍ଷମ ଇଲାକା ସେମାନଙ୍କ ପାଇଁ ଉଦ୍ଦିଷ୍ଟ, ସେମାନେ ତାକୁ ସହଜରେ ଖାଦ୍ୟ ଉତ୍ପାଦନ ପାଇଁ ବିନିଯୋଗ କରିପାରୁ ନାହାନ୍ତି । ଯଦିବା ଖାଦ୍ୟ ଉତ୍ପାଦନ କରୁଛନ୍ତି, ତାହାକୁ ଖାଇପାରୁ ନାହାନ୍ତି । ବର୍ତ୍ତମାନ ଦେଖାଯାଉଛି ଯେ ସ୍ଥଳବିଶେଷରେ ସେମାନେ ଏହି ଇଲାକାକୁ ପ୍ରବେଶ କରିବାର ଅଧିକାର ହରାଇ ବସିଛନ୍ତି । ବାହ୍ୟଶକ୍ତି ଓ ଜ୍ଞାନକୌଶଳ ଏହିସବୁ ସମ୍ବଳର ବ୍ୟାପକ ବିନିଯୋଗ କରୁଛି ଅଥଚ ସ୍ଥାନୀୟ ବାସିନ୍ଦାମାନେ ସେ ସୁଯୋଗରୁ ବଞ୍ଚିତ ହୋଇଯାଉଛନ୍ତି । ସବୁଠାରୁ କ୍ଷୋଭର କଥା ଯେ, ଯଦିଓ ଛୋଟ ଓ ନାମମାତ୍ର ଚାଷୀ ବା କୃଷି ଶ୍ରମିକ ଖାଦ୍ୟ ଉତ୍ପାଦନ ପ୍ରକ୍ରିୟାରେ ମୁଖ୍ୟ ଅଂଶଗ୍ରହଣ କରୁଛନ୍ତି ତଥାପି ସେଇମାନେ ହିଁ ଅନାହାରର ବେଶୀ ଶିକାର ହେଉଛନ୍ତି । ଗତ କେତେବର୍ଷ ଧରି ଜମି ଓ ସମ୍ବଳର ନିୟନ୍ତ୍ରଣ କତିପୟ ପୁଞ୍ଜିପତି ବା ଶକ୍ତିଶାଳୀ ବ୍ୟକ୍ତିଙ୍କ ହାତ ମୁଠାକୁ ଚାଲିଯାଉଛି । ଅଧ୍ୟୟନରୁ ଦେଖାଯାଉଛି ଯେ ଆଦିବାସୀ ଓ ପଛୁଆ ଅଞ୍ଚଳରେ ଥିବା ସମସ୍ତ ସମ୍ବଳ ଉପରେ ମୁନାଫାଖୋର ବିଶ୍ୱ ବ୍ୟବସାୟୀମାନଙ୍କର ଲୋଲୁପ ଦୃଷ୍ଟି ପଡିଛି । ଯେଉଁ ଜାଲ ମଧ୍ୟରେ ପଡି ଆଦିବାସୀ ଓ ପଛୁଆ ଅଞ୍ଚଳର ସାଧାରଣ ଜନତା ନିଜର ଖାଦ୍ୟ ସଂସ୍ଥାନ ଯୋଗାଡ କରିବାର ଅଧିକାରକୁ ହରେଇ ବସୁଛନ୍ତି । ବସ୍ତୁତଃ ଅନାହାର, ପୁଷ୍ଟିହୀନତା ଓ ଅକାଳ ଦୁର୍ଭିକ୍ଷର ଶିକାର ହେଉଛନ୍ତି । ଏସବୁ ସମସ୍ୟାକୁ ଆଖି ଆଗରେ ରଖି ୨୦୦୧ ମସିହା ମେ' ମାସରେ PUCL ରାଜସ୍ଥାନ 'ଖାଦ୍ୟ ଅଧିକାର' ପାଇଁ ସୁପ୍ରିମ କୋର୍ଟରେ ଏକ ଆବେଦନ କରିଥିଲେ । କ୍ଷୁଧାକୁ ରୋକିବା ପାଇଁ ତଥା ଏହାର ସମାଧାନ ପରିପ୍ରେକ୍ଷୀରେ ଦେଶର ଗଚ୍ଛିତ ସମସ୍ତ ଖାଦ୍ୟଶସ୍ୟକୁ ଖୁବ୍ ଶୀଘ୍ର ବିନିଯୋଗ କରିବା ପାଇଁ ଏହି ଆବେଦନରେ ଆଗ୍ରହ ପ୍ରକାଶ କରାଯାଇଥିଲା । ତତ୍‌ପରେ ଏହି ଶୁଣାଣି ଅନେକ ଅଗ୍ରଗତି କରିପାରିଛି ତଥା ସମଗ୍ର ଦେଶରେ 'ଖାଦ୍ୟ ଅଧିକାର' ଉପରେ ଏକ ସ୍ୱତନ୍ତ୍ର ବିତର୍କର ମାର୍ଗକୁ ପ୍ରଶସ୍ତ କରିଛି । ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ଉପରେ ସମସ୍ତ ପୁଷ୍ଟିକର ଖାଦ୍ୟଜନିତ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଚାପ ପ୍ରୟୋଗ କରାଯାଇଛି ।

ଏହି ଆବେଦନର ଶୁଣାଣି କରି ମାନ୍ୟବର ସୁପ୍ରିମକୋର୍ଟ ୨୦୦୧ ନଭେମ୍ବର ମାସ ୨୯ ତାରିଖରେ ଏକ'ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶନାମା' ଜାରି କରିଥିଲେ । ତହିଁରେ ନିମ୍ନୋକ୍ତ ବିଷୟଗୁଡିକୁ ଉଲ୍ଲେଖ କରାଯାଇଅଛି । ଯଥା:

୧) ଏଥିରେ ପୁଷ୍ଟିକର ଖାଦ୍ୟ ଜନିତ ୮ଟି ଯୋଜନା ଯଥା:- ସାଧାରଣ ବଣ୍ଟନ ବ୍ୟବସ୍ଥା, ଅନ୍ତ୍ୟୋଦୟ, ମଧ୍ୟାହ୍ନ ଭୋଜନ, ସମନ୍ୱିତ ଶିଶୁ ବିକାଶ, ଅନ୍ନପୂର୍ଣ୍ଣା

Digitized by srujanika@gmail.com

ଯୋଜନା, ବାର୍ଦ୍ଧକ୍ୟଭତ୍ତା, ରାଷ୍ଟ୍ରୀୟ ପ୍ରସୂତି ସହାୟତା ଯୋଜନା ଏବଂ ରାଷ୍ଟ୍ରୀୟ ପରିବାର ସହାୟତା ଯୋଜନାକୁ ଆଇନଗତ ପ୍ରାପ୍ୟ ଆକାରରେ ରୂପାୟନ କରାଯାଇଛି ।

୨) ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି କି ଉଭୟ ସରକାରୀ ଓ ସରକାରଙ୍କ ସାହାଯ୍ୟପ୍ରାପ୍ତ ସମସ୍ତ ସ୍କୁଲର ପିଲାଙ୍କୁ ରୋଷେଇ କରି ମଧ୍ୟାହ୍ନ ଭୋଜନ ଖାଦ୍ୟ ଦେବା ପାଇଁ ।

୩) ଏଥିସହିତ ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ବିଶେଷ ପଦକ୍ଷେପ ନେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

ଏଥିରେ ଆହୁରି ମଧ୍ୟ ଦର୍ଶାଯାଇଥିଲା କି ୨୮ ଫେବୃୟାରୀ ୨୦୦୨ ସୁଦ୍ଧା ରାଜ୍ୟର ଅର୍ଦ୍ଧେକ ଜିଲ୍ଲାରେ ଏବଂ ୬ମାସ ମଧ୍ୟରେ ଅବଶିଷ୍ଟ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ବାସ୍ତବ ରୂପ ଦେବା ପାଇଁ ।

୨୯ ନଭେମ୍ବର ୨୦୦୧ ମସିହାରେ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶନାମା ପରେ ଓଡ଼ିଶା ସରକାରଙ୍କ ତରଫରୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା । ଏଥିରେ କୁହାଯାଇଥିଲା ଯେ ବର୍ତ୍ତମାନ ଓଡ଼ିଶାରେ ୧୬ଟି ଜିଲ୍ଲାରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲିଛି । ତନ୍ମଧ୍ୟରୁ ୧୨ଟି ଜିଲ୍ଲାରେ ସଂପୂର୍ଣ୍ଣ ଏବଂ ୪ଟି ଜିଲ୍ଲାରେ ଆଂଶିକ ଭାବରେ ଏହି କାର୍ଯ୍ୟକ୍ରମ ଜାରି ରହିଛି । ଏହିପରି ସମୁଦାୟ ୩୧୪ଟି ବ୍ଲକ୍ ମଧ୍ୟରୁ ୧୫୭ଟି ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ଚାଲିଛି, ଯାହାକି ଓଡ଼ିଶାର ସମୁଦାୟ ବ୍ଲକ୍‌ର ଅଧା ଅଟେ ।

ରାଜ୍ୟ ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ୱେବ୍ ସାଇଟରେ ଦିଆଯାଇଥିବା ତଥ୍ୟ ଅନୁସାରେ ଏହି ମଧ୍ୟାହ୍ନ ଭୋଜନ ଯୋଜନାରେ ରାଜ୍ୟର ୪୪ଲକ୍ଷ ୭୮ ହଜାର ୬୬୬ଜଣ ହିତାଧିକାରୀ ଅଛନ୍ତି ଏବଂ ଯୋଜନାରେ ଖାଦ୍ୟ ସାମଗ୍ରୀର ଅନୁପାତ ହେଲା: ବିନାମୂଲ୍ୟରେ ୧୨୫ ଗ୍ରାମ ଚାଉଳ, ୧୫ ଗ୍ରାମ ଡାଲି-୩୫ ପଇସା, ୧ ଗ୍ରାମ ପାମୋଲିନ୍ ତେଲ - ୩ ପଇସା, ପରିବହନ ଖର୍ଚ୍ଚ-୧୦ପଇସା, କିଛି ପନିପରିବା -ମସଲା ଓ ୫ଗ୍ରାମ ଲୁଣକୁ ୧୦ପଇସା । ଏହିପରି ସର୍ବମୋଟ ଜଣକ ପିଛା ଦିନକୁ ୫୮ ପଇସା ଖର୍ଚ୍ଚ ହୁଏ । ବାର୍ଷିକ ୨୧୦ଦିନ ଏହି ଯୋଜନା କାର୍ଯ୍ୟକାରୀ ହେଉଛି ।

Digitized by srujanika@gmail.com

ଏଠାରେ ପ୍ରଶ୍ନ ଉଠୁଛି ୫୮ ପଇସା ହିସାବରେ ୪୪ଲକ୍ଷ ୭୮ ହଜାର ୬୬୬ ଜଣ ହିତାଧିକାରୀଙ୍କ ପିଛା ଦିନକୁ ପ୍ରାୟ ୨୬ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ଅର୍ଥାତ୍ ବାର୍ଷିକ ପ୍ରାୟ ୫୪ କୋଟି ୮୦ଲକ୍ଷ ଟଙ୍କା । ଏବେ ୨୦୦୬-୦୭ରେ ଏହି ପରିମାଣ ବଢ଼ି ୧୭୭କୋଟି ୫୭ଲକ୍ଷ୍ୟ ୮୦୦୦ହଜାର ଟଙ୍କା, ୦୭-୦୮ରେ ୩୧୩କୋଟି ୫୫ଲକ୍ଷ ୫୬ ହଜାର ଟଙ୍କା ଏବଂ ୨୦୦୮-୦୯ରେ ଏହା ୫୦୭ କୋଟି ୧୯ଲକ୍ଷ ୪୨ ହଜାର ଟଙ୍କାରେ ପହଁଚିଛି । ସ୍କୁଲ ସଂଖ୍ୟା, ବ୍ଲକ୍, ଜିଲ୍ଲା ଓ ପିଲାମାନଙ୍କ ସଂଖ୍ୟା ମଧ୍ୟ ବଢ଼ିଛି । ତେବେ ପ୍ରଶ୍ନ ଉଠୁଛି ଏତେଗୁଡାଏ ଟଙ୍କା ଖର୍ଚ୍ଚ ହୋଇ ମଧ୍ୟ ଲୋକଙ୍କ ପାଖରେ କ'ଣ ପହଞ୍ଚୁଛିକି ? ଏହାଛଡା ଏ କାର୍ଯ୍ୟକ୍ରମ ସମ୍ପର୍କରେ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି । ଯଥା:- କେତୋଟି ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ଠିକ୍ ରୂପେ ଦିଆଯାଉଛି ? ଏହାର ପରିଚାଳନା ଦାୟିତ୍ୱ କାହା ଉପରେ ନ୍ୟସ୍ତ କରାଯିବା ଆବଶ୍ୟକ ? ଅନେକ ଜାଗାରେ ଅଭିଯୋଗ ହେଉଛି ଯେ ଶିକ୍ଷକମାନେ ଏହି ଖାଦ୍ୟଶସ୍ୟକୁ ଲୁଟ୍ କରୁଛନ୍ତି କିନ୍ତୁ ପିଲାଙ୍କ ପାଖରେ କିଛି ପହଞ୍ଚୁନି । ତେବେ ବାସ୍ତବତାଟି କ'ଣ ? ଏହି ଯୋଜନାରେ ସ୍ୱଚ୍ଛତା ଅବଲମ୍ୱନ କରାଯାଇଛି କି ? ଯେଉଁ ଖାଦ୍ୟ ସାମଗ୍ରୀ ପିଲାମାନଙ୍କୁ ଦିଆଯାଉଛି ତାହା ପୁଷ୍ଟିକର କି ? ଯଦି ଏହା ଠିକ୍‌ରୂପେ ଦିଆଯାଉଛି, ତେବେ ସ୍କୁଲରେ କ'ଣ ପ୍ରଭାବ ପଡିଛି ? ଯଥା- ଉପସ୍ଥାନ ବଢ଼ିଛି କି ? ଅଧିକ ପିଲା ଆଗ୍ରହ ପ୍ରକାଶ କରି ସ୍କୁଲରେ ନାମ ଲେଖାଉଛନ୍ତି କି ? ଶିକ୍ଷାଦାନ ତଥା ଶିକ୍ଷା ଗ୍ରହଣର ମାନରେ ପରିବର୍ତ୍ତନ ହୋଇଛି କି ? ରୋଷେଇ ଖାଦ୍ୟ ଦେବା ସଂପୂର୍ଣ୍ଣ ଯୁକ୍ତିଯୁକ୍ତ ହୋଇପାରିଛି କି ? ସ୍କୁଲ ପିଲାମାନେ ଜାଣିଛନ୍ତି କି ମଧ୍ୟାହ୍ନ ଭୋଜନ ପାଇବା ସେମାନଙ୍କର ଏକ ଅଧିକାର ? ସରକାରଙ୍କ ଭବିଷ୍ୟତ ନୀତି କ'ଣ ? ଯଦି ନୁହେଁ ତେବେ ପ୍ରତ୍ୟେକ ସଚେତନ ନାଗରିକଙ୍କୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିବ ଏବଂ ଆରମ୍ଭ କରାଯାଇଥିବା ଖାଦ୍ୟ ଅଧିକାର ଅଭିଯାନକୁ ଆଗେଇ ନେବାକୁ ପଡିବ । ଏହି ଅଭିଯାନକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ସମଗ୍ର ଦେଶରେ ପ୍ରସ୍ତାବ ରଖାଯାଇ ଦୃଢ଼ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରାଯାଉ ।

କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା :- ଲୋକମାନେ ସରକାରଙ୍କ ଉପରେ ଅଧିକ ଆଶା ରଖି ଅପେକ୍ଷା କରିବା ବୃଥା । ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସବୁମତେ ଚେଷ୍ଟା କରିବା ଦରକାର । ସ୍କୁଲରେ ମଧ୍ୟାହ୍ନ ଭୋଜନ 'ଖାଦ୍ୟ ଅଧିକାର'ର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ବିଶେଷ

Digitized by srujanika@gmail.com

ଅଟେ । ଏହା ଯେ କେବଳ ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟ ଦିଗରୁ ପିଲାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ତାହା ନୁହେଁ, ଏହା ପିଲାମାନଙ୍କର ମନୋବଳ ବୃଦ୍ଧି କରିବା ସହିତ ସ୍କୁଲରେ ପିଲାମାନଙ୍କ ଉପସ୍ଥିତି ଓ ଶିକ୍ଷା ଗ୍ରହଣର ମନୋବୃତ୍ତିକୁ ମଧ୍ୟ ବଢ଼ାଇଥାଏ । ଏତଦ୍ ବ୍ୟତୀତ ସାମାଜିକ ସମାନତାକୁ ମଧ୍ୟ ଉତ୍ସାହିତ କରିଥାଏ । କାରଣ ସରକାରୀ ସ୍କୁଲରେ ବିଶେଷ କରି ଅନୁନ୍ନତ ଶ୍ରେଣୀର ପିଲାମାନେ ହିଁ ପାଠ ପଢ଼ିଥାଆନ୍ତି । ପୁନଶ୍ଚ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଏକାଠି ବସି ଖାଇବା ସମାନତାର ଆଉ ଏକ ପରିଚୟ । ଆମେ ଆଶା କରୁଛୁ ସମସ୍ତ ସଂସ୍ଥା ତଥା ବ୍ୟକ୍ତି ବିଶେଷ ଏହି ମୂଳ ଉଦ୍ଦେଶ୍ୟର ରୂପାୟନ ପାଇଁ ଆଗେଇ ଆସିବେ ।

ପ୍ରାରମ୍ଭିକ କାର୍ଯ୍ୟକ୍ରମ ଭାବେ ଆମକୁ ଆଉ କିଛି କାର୍ଯ୍ୟକ୍ରମ ପାଇଁ ଦୃଷ୍ଟି ଦେବାକୁ ପଡିବ । ସେଗୁଡିକ ହେଲା ବିଧାୟକମାନଙ୍କୁ ପ୍ରଭାବିତ କରିବା, ବିଧାନସଭାରେ ଏହି ବିଷୟରେ ପ୍ରଶ୍ନ ପଠାଇବା ପାଇଁ ପ୍ରଚେଷ୍ଟା କରିବା, ଗଣମାଧ୍ୟମରେ ବହୁଳ ପ୍ରଚାର ପାଇଁ ଚେଷ୍ଟା କରିବା, ଆଉ ଏକ ଦିନ ଧାର୍ଯ୍ୟ କରାଯାଇ ଯଦି ଏହା ରୂପାନ୍ତରିତ ହୋଇ ନଥାଏ ଏହି କାର୍ଯ୍ୟକ୍ରମର ପୁନରାବୃତ୍ତି ଘଟାଇବା ।

ରାଜ୍ୟ ତଥା ଦେଶର ସମସ୍ତ ଚିନ୍ତାଶୀଳ ନାଗରିକଙ୍କୁ ଏହି 'ଖାଦ୍ୟ ଅଧିକାର' ଅଭିଯାନରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ । ଓଡ଼ିଶାର ଲୋକପ୍ରିୟ ନେତା ସ୍ୱର୍ଗତ ବିଜୁ ପଟ୍ଟନାୟକ 'ମୋ ସ୍ୱପ୍ନର ଓଡ଼ିଶା'ରେ କହିଛନ୍ତି ଯେ ମୋ ଓଡ଼ିଶାରେ କୌଣସି ଶିଶୁ ଉପାସରେ ଶୋଇବ ନାହିଁ । ଏଭଳି ସ୍ୱପ୍ନ ବିଳାସକୁ ସାକାର କରିବା ପାଇଁ ଆଜି ଏକ ଗଣ ଅଭିଯାନର ଯଥେଷ୍ଟ ଆବଶ୍ୟକତା ରହିଛି ଓ ପ୍ରତ୍ୟେକ ସଚେତନ ନାଗରିକଙ୍କୁ ସକ୍ରିୟ ଅଂଶଗ୍ରହଣ କରିବାକୁ ଆହ୍ୱାନ ଆସିଛି ।

❒❒❒

Digitized by srujanika@gmail.com

୧୯

ଦୁର୍ଭିକ୍ଷର ଇତିହାସ : ପୁନରାବୃତ୍ତି ନହେଉ

ପ୍ରଥମ ମୌସୁମୀ ପ୍ରବାହରେ ଓଡ଼ିଶାର ଉତ୍ତରପଟେ ପ୍ରବଳ ବନ୍ୟା ଆସିଛି ଓ ଲକ୍ଷ ଲକ୍ଷ ଲୋକ ଦୁଃଖକଷ୍ଟ ଏବଂ ଅନାହାରରେ ଅଛନ୍ତି ବୋଲି ଗଣମାଧ୍ୟମରେ ବିଭିନ୍ନ ସମ୍ବାଦ ଓ ଚିତ୍ର ପ୍ରକାଶିତ ହୋଇଛି । ବନ୍ୟା ଆସିଲେ ମୁଁ ଅନାବୃଷ୍ଟି ଓ ମରୁଡ଼ିର କରାଳଛାୟାକୁ ମନେ ପକାଏ । ଗୋଟିଏ ସମୟରେ ମରୁଡ଼ି ଓ ଅନାବୃଷ୍ଟି ପୁଣି ଅନ୍ୟ ଏକ ସମୟରେ ପ୍ରଳୟଙ୍କରୀ ବନ୍ୟା, ଏସବୁର ରୂପ ଓ ପ୍ରଭାବ ମୋ ଭିତରେ ଚିନ୍ତନର ବିଭିନ୍ନ ଦିଗକୁ ଉନ୍ମୋଚିତ କରିଦିଏ । ବନ୍ୟା ହେଉ କି ମରୁଡ଼ି ହେଉ, ସାଧାରଣ ଲୋକେ ବହୁତ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହୁଅନ୍ତି । ବିଭିନ୍ନ ଅଧ୍ୟୟନରୁ ଜଣାପଡୁଛି ଯେ ବନ୍ୟା ଓ ମରୁଡ଼ି ମୁଦ୍ରାର ଦୁଇପାର୍ଶ୍ୱ । ପରସ୍ପର ଭିତରେ ଅନେକ ସମ୍ପର୍କ ରହିଛି । ଏବେ ଏଲ୍ ନିନୋ ଏବଂ ଜଳବାୟୁ ପରିବର୍ତ୍ତନର ଭୟାଭୟ ପରିସ୍ଥିତି ଜନମାନସକୁ ଶଙ୍କାଗ୍ରସ୍ତ କରିସାରିଛି । ଏବେ ମଧ୍ୟ ସାଧାରଣ ଲୋକେ ବୁଝିପାରୁ ନାହାନ୍ତି ଯେ କାହିଁକି କେତେ କେତେ ଜାଗାରେ ଦିନକୁ ୩୦୦ରୁ ୫୦୦ ମି.ମି. ବୃଷ୍ଟିପାତ ହୋଇ ବନ୍ୟା ସୃଷ୍ଟି କରୁଛି ତ ଆଉ କେଉଁଠି ବର୍ଷ ବର୍ଷ ଧରି ମୋଟେ ବର୍ଷା ହେଉ ନାହିଁ । ପ୍ରତି ବର୍ଷ ମୌସୁମୀ ବର୍ଷାର ଏକ ବିଶ୍ଳେଷଣ କରିଲେ ଏଇ ଭଳି ପରିସ୍ଥିତି ଦେଶସାରା ପରିଲକ୍ଷିତ ହୋଇଛି ବୋଲି ଜଣା ପଡୁଛି । କିନ୍ତୁ ମରୁଡ଼ି ଓ ବନ୍ୟାର ଏକ ଇତିହାସ ପୃଥିବୀ ସାରା ଲେଖା ଯାଇଛି । କେଉଁଠି ଏ ସବୁ ପ୍ରାକୃତିକ ବିପଦ ଓ ବିପର୍ଯ୍ୟୟ ବୋଲି ଜଣାପଡୁଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଏହା ମଣିଷକୃତ ବୋଲି ସ୍ପଷ୍ଟ ପ୍ରମାଣ ମିଳିଛି ।

ଦୁର୍ଭିକ୍ଷ ଓ ଅନାହାରକୁ ବୁଝିବା ପାଇଁ ଏବଂ ଏହାର ନିରାକରଣ ପାଇଁ ଏବେ ପୃଥିବୀସାରା ବିଭିନ୍ନ ଉଦ୍ୟମ ହୋଇଛି । ତୃତୀୟ ବିଶ୍ୱରେ ଖାଦ୍ୟ ଓ ପୋଷାହାର

Digitized by srujanika@gmail.com

ଜନିତ ନିରାପତ୍ତା ଆଜି ଗୁରୁତର ଭାବେ ବ୍ୟାହତ ହୋଇଛି । ଲକ୍ଷ ଲକ୍ଷ ଲୋକ ଆବହମାନ କାଳରୁ ଏଥିରେ ପ୍ରପୀଡିତ ହୋଇ ଆସୁଛନ୍ତି ଏବଂ ମରଣ ମୁହଁକୁ ଠେଲି ହୋଇ ଯାଉଛନ୍ତି । ଓଡ଼ିଶାରେ ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷର ହୃଦୟ ବିଦାରକ ଦୃଶ୍ୟକୁ କଳ୍ପନା କରିଲେ ଆଖିରେ ଲୁହ ଆସିଯାଉଛି । ଏ ନଅଙ୍କ ଦୁର୍ଭିକ୍ଷର ବାସ୍ତବଚିତ୍ର ଓ ଘଟଣାବଳୀ ଜନମାନସରେ କାହାଣୀ ଓ କିମ୍ବଦନ୍ତୀ ହିସାବରେ ରହିଆସିଛି । ମାଦଳାପାଞ୍ଜିରେ କିଛି କିଛି ସମ୍ଭବତଃ ବର୍ଣ୍ଣନା କରାଯାଇଛି । ବିଶିଷ୍ଟ କବି ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ 'ସ୍ଥାନ, କାଳ ଓ ପାତ୍ର' ବହିରେ ନଅଙ୍କ ଦୁର୍ଭିକ୍ଷରେ ଉଦ୍‌ଭବ ସ୍ଥିତିକୁ ଲିପିବଦ୍ଧ କରିବାକୁ ଚାହିଁଛନ୍ତି । ତାଙ୍କର ବର୍ଣ୍ଣନା ଓ ବିଶ୍ଳେଷଣରେ ଅନେକ ସତ୍ୟତା ନିଶ୍ଚିତ ଅଛି । କିନ୍ତୁ ୧୮୭୬ ମସିହାରେ ବଙ୍ଗଳାର ଦୁର୍ଭିକ୍ଷ ଉପରେ ସମ୍ଭବତଃ ଅନେକ ଦଲିଲ୍ ଓ ଦସ୍ତାବିଜ୍ ରହିଛି । ଗବେଷଣାରତ ବୁଦ୍ଧିଜୀବୀମାନେ ଅନେକ କିଛି ସତ୍ୟ ଓ ବାସ୍ତବ ଘଟଣାବଳୀକୁ ସଂଗ୍ରହ କରିଛନ୍ତି ଓ ବିଭିନ୍ନ ପ୍ରକାର ତତ୍ତ୍ୱ ଉପସ୍ଥାପନା କରିଛନ୍ତି । ନୋବେଲ୍ ପୁରସ୍କାରପ୍ରାପ୍ତ ପ୍ରଫେସର ଅମର୍ତ୍ତ୍ୟ ସେନ୍ ଓ ତାଙ୍କର ସହଯୋଗୀ ପ୍ରଫେସର ଜଂ ଡ୍ରେଜ୍ ବଙ୍ଗଳାର ଦୁର୍ଭିକ୍ଷ ଉପରେ ଅନେକ କିଛି ତଥ୍ୟ ସଂଗ୍ରହ କରି ପ୍ରମାଣ କରିବାକୁ ଚାହିଁଛନ୍ତି ଯେ ବ୍ରିଟିଶ ଶାସନ ବେଳେ ଖାଦ୍ୟ ଉତ୍ପାଦନ କିଛି କମ୍ ନଥିଲା । କିନ୍ତୁ ଉପନିବେଶବାଦୀ ପ୍ରଶାସନ ଚାହିଁଥିଲା ଯେ ଲୋକମାନେ ଦୁର୍ଭିକ୍ଷ ଓ ଅନାହାରରେ ପୋକମାଛି ଭଳି ମରନ୍ତୁ । ୧୮୭୬ରୁ ୧୮୭୯ ମସିହା ଭିତରେ ଭାରତରେ ପ୍ରାୟ ଏକ କୋଟିରୁ ଅଧିକ ଲୋକ ମରିଥିଲେ ବୋଲି ଏକ ଅଧ୍ୟୟନରୁ ଜଣା ପଡିଛି । ସେ ସମୟ ଭିତରେ ଚୀନ୍‌ରେ ଦୁଇକୋଟି ଲୋକ ମରିଥିଲେ ବୋଲି ଏକ ତଥ୍ୟ ପ୍ରକାଶ ପାଇଛି । ୧୮୮୬ ରୁ ୧୯୦୨ ମସିହା ଭିତରେ ଭାରତରେ ପ୍ରାୟ ଦୁଇକୋଟି ଲୋକ ଦୁର୍ଭିକ୍ଷରେ ପ୍ରାଣ ହରାଇ ଥିଲେ ବୋଲି ଏକ ଅଟକଳରୁ ଜଣାପଡିଛି । ସେ ସମୟରେ ଚୀନ୍‌ରେ ତିନିକୋଟି ଲୋକ ମରିଛନ୍ତି । ବ୍ରାଜିଲ୍ ଭଳି ଦେଶରେ ମଧ୍ୟ ଲକ୍ଷ ଲକ୍ଷ ଲୋକ ଏଇ ସମୟରେ ମୃତ୍ୟୁ ମୁଖରେ ପଡିଛନ୍ତି । ଅର୍ଥାତ୍ ଏ ସମୟରେ ପୃଥିବୀ ସାରା ଦୁର୍ଭିକ୍ଷ ପଡିଛି ଓ ଲୋକେ କୋଟି କୋଟି ସଂଖ୍ୟାରେ ମରିଛନ୍ତି । ଏହି ଦୁଃଖଦ ପରିସ୍ଥିତି କାହିଁକି ସୃଷ୍ଟି ହୋଇଥିଲା ତାହା ପଛରେ କେଉଁ ସବୁ କାରଣ ରହିଥିଲା, ଆଜିର ଦିନରେ ମଧ୍ୟ ଗବେଷଣାର ପରିସରଭୁକ୍ତ ହୋଇଛି ।

ଦୁର୍ଭିକ୍ଷ ଓ ଅନାହାରର କାରଣ ଓ ନିରାକରଣ ଉପରେ ଅଧ୍ୟୟନ କରୁଥିବା ବା ଆଗ୍ରହ ଦେଖାଉ ଥିବା ପାଠକମାନଙ୍କୁ ମାଇକ୍ ଡ଼ାଭିସ୍ (Mike Davis)ଙ୍କ ଉଚ୍ଚକୋଟୀର

Digitized by srujanika@gmail.com

ପୁସ୍ତକ 'ଲେଟ୍ ଭିକ୍ଟୋରିଆନ୍ ହଲୋକଷ୍ଟ' (Late Victorian Holocaust) ପଢ଼ିବାକୁ ଅନୁରୋଧ କରିବି । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଇୟୁରୋପ ଏବଂ ଆମେରିକା ଦ୍ୱାରା ଅଧିକୃତ ଭାରତ, ଚୀନ ଓ ଆଫ୍ରିକା ପରି ଉପନିବେଶମାନଙ୍କରେ ଦୁର୍ଭିକ୍ଷର କରାଳଛାୟା ବ୍ୟାପିଥିଲା ଓ କୋଟି କୋଟି ଲୋକ ମୃତ୍ୟୁ ମୁଖରେ ପଡିଥିଲେ । ପଶ୍ଚିମ ମହାଦେଶ ଓ ପୃଥିବୀର ଅବଶିଷ୍ଟାଂଶ ଭିତରେ ଆଜି ଯେଉଁ ଦାରିଦ୍ର୍ୟର ଖାଇ ଦେଖା ଦେଇଛି- ତାହା ସମ୍ଭବତଃ ଏଇ ଦୁର୍ଭିକ୍ଷରୁ ଆରମ୍ଭ ହୋଇଥିଲା । ପ୍ରଥମ ବିଶ୍ୱଯୁଦ୍ଧର ୪୦ ବର୍ଷ ପୂର୍ବେ ଏଇ ଦୁର୍ବିପାକ ପୃଥିବୀସାରା କିପରି ଦେଖା ଦେଲା ତାହା ସମସ୍ତେ ଜାଣିବା କଥା । ମାଇକ୍ ଡାଭିସ୍ ଏହା ସାମ୍ପ୍ରତିକ ଜଗତୀକରଣର ମୂଳ ଇତିହାସ ବୋଲି ତାଙ୍କର ବହିରେ ଦୃଢ଼ ଭାବେ ବାଢ଼ିଛନ୍ତି । ଏହି ଯୁକ୍ତିସବୁ ସଂକ୍ଷେପରେ ମୁଁ ପାଠକମାନଙ୍କ ଜାଣିବା ପାଇଁ ବର୍ଣ୍ଣନା କରୁଛି । ପ୍ରଥମେ ବ୍ରିଟିଶର ଉପନିବେଶବାଦୀ ପ୍ରଶାସନ ଭାରତ ଓ ଚୀନରେ ଥିବା ପାରମ୍ପରିକ ଜଳସେଚନ ବ୍ୟବସ୍ଥା, ଖାଦ୍ୟ ଭଣ୍ଡାର ଏବଂ ଦୁର୍ଭିକ୍ଷ ନିରାକରଣ ବ୍ୟବସ୍ଥା ଗୁଡିକୁ ଧ୍ୱଂସ କରିଥିଲା । ଯଦି ମରୁଡି ବା ଦୁର୍ଭିକ୍ଷ ହୁଏ, ରାଜା ମହାରାଜାମାନେ ପ୍ରଜାମାନଙ୍କୁ କର ମୁକ୍ତ କରି ଦେଉଥିଲେ । କିନ୍ତୁ ବ୍ରିଟିଶ ଶାସନ ଭାରତୀୟଙ୍କ ଉପରେ କର ଉପରେ କର ବସାଇ ଚାଲିଥିଲା । ଦ୍ୱିତୀୟରେ ବ୍ରିଟିଶ ଶାସନ ରିଲିଫ୍ କାର୍ଯ୍ୟ ସବୁ ଘରୋଇକରଣ ପ୍ରକ୍ରିୟାରେ କରିବାକୁ ପଦକ୍ଷେପ ନେଇଥିଲେ । ଅର୍ଥାତ୍ ସରକାର ବା ପ୍ରଶାସନ ରିଲିଫ କାର୍ଯ୍ୟରେ ସମ୍ପୃକ୍ତ ନ ହୋଇ ଘରୋଇ ଠିକାଦାରମାନଙ୍କୁ ନିଯୁକ୍ତି କରିଥିଲେ । ଏପରିକି ଦୁର୍ଭିକ୍ଷ ସମୟରେ ଖାଦ୍ୟଶସ୍ୟ ଦୁର୍ଭିକ୍ଷଗ୍ରସ୍ତ ଅଞ୍ଚଳରୁ ଜବରଦସ୍ତ ସଂଗ୍ରହ କରି ରପ୍ତାନି କରୁଥିଲେ । ମୋଟାମୋଟି କହିବାକୁ ଗଲେ ବ୍ରିଟିଶ ଶାସନ ଭାରତୀୟ ବା ଚୀନ୍‌ବାସୀ ଦୁର୍ଭିକ୍ଷ ସମୟରେ ମରନ୍ତୁ ବା ଜୀବିତ ରୁହନ୍ତୁ, ସେଥିପାଇଁ ଚିନ୍ତିତ ନଥିଲେ ।

ତୃତୀୟରେ ଉପନିବେଶବାଦୀ ବ୍ରିଟିଶ ଶାସନ ଭାରତ ଓ ଚୀନ୍‌ରୁ ମୂଲ୍ୟବାନ ସମ୍ପଦ ଲୁଣ୍ଠନ କରି ନିଜ ଦେଶକୁ ତଥା ଅନ୍ୟ ଇୟୁରୋପୀୟ ଦେଶମାନଙ୍କୁ ଚାଲାଣ କରୁଥିଲେ । ବ୍ରିଟିଶ ସାମ୍ରାଜ୍ୟ ପୃଥିବୀରେ ସେତେବେଳେ ସବୁଠାରୁ ପରାକ୍ରମଶାଳୀ ସାମ୍ରାଜ୍ୟ ଥିଲା । ପୃଥିବୀର ରାଜନୀତି ଓ ଅର୍ଥନୀତି ଏ ସାମ୍ରାଜ୍ୟ ଦ୍ୱାରା ପରିଚାଳିତ ହେଉଥିଲା । ଏ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତ ହୁଏ ନାହିଁ ବୋଲି କୁହାଯାଉଥିଲା । ତେଣୁ ଭାରତ ଓ ଚୀନ୍ ଭଳି ଦେଶରେ ଶୋଷଣ ଓ ଲୁଣ୍ଠନ ପ୍ରକ୍ରିୟା ଦ୍ୱାରା ଏହା ସମ୍ଭବ ହୋଇଥିଲା ବୋଲି ଐତିହାସିକମାନେ ପ୍ରମାଣ କରିଛନ୍ତି ।

Digitized by srujanika@gmail.com

ଚତୁର୍ଥରେ ଭାରତରେ ବ୍ରିଟିଶ ଶାସନର କାମ ବଦଳରେ ଖାଦ୍ୟ ଯୋଜନା ଦୁର୍ଭିକ୍ଷ ସମୟରେ ନାମକୁ ମିଳୁଥିଲା ଏବଂ ତାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ଦ୍ୱାରା ବନ୍ଦୀମାନଙ୍କୁ ଦିଆଯାଉଥିବା ଖାଦ୍ୟଠାରୁ ଯଥେଷ୍ଟ କମ୍ ଥିଲା । ଏଣୁ ଶସ୍ତା ଶ୍ରମ ଆଦାୟ କରିବା ବ୍ରିଟିଶ ଶାସନର ଆଭିମୁଖ୍ୟ ନିଶ୍ଚିତ ଥିଲା । ଏଇ ସମୟରେ ଲୋକଙ୍କ ଦୈହିକ ଅବସ୍ଥା ଜର୍ମାନୀରେ ଥିବା କାରାଗାରର ବନ୍ଦୀମାନଙ୍କ ଠାରୁ ଆହୁରି ଦୟନୀୟ ଥିଲା । ପଞ୍ଚମରେ ବ୍ରିଟିଶ ଶାସନ ଲୋକ ଦେଖାଣିଆ ଭାବେ ଦେଖାଇବାକୁ ଚାହୁଁଥିଲା ଯେ ସେମାନଙ୍କର ଦ୍ୱାରା ନିର୍ମିତ ରେଳରାସ୍ତା ଦୁର୍ଭିକ୍ଷ ରୋକିବାରେ ସାହାଯ୍ୟ କରିବ । କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ଘଟି ନଥିଲା । ବ୍ରିଟିଶ ଶାସନକର୍ତ୍ତାମାନଙ୍କର ଗୋଟିଏ ଲକ୍ଷ୍ୟ ଥିଲା । ତାହା ହେଉଛି ଯେ ବ୍ରିଟିଶ ଲୋକେ ସମୃଦ୍ଧ ଓ ଆନନ୍ଦରେ ରହନ୍ତୁ । ଉପନିବେଶ ଅଧିବାସୀ ନର୍କକୁ ଯାଆନ୍ତୁ ପଛକେ ଏଇ ଆଭିମୁଖ୍ୟ କାଏମ୍ ରହୁ । ଏହାଦ୍ୱାରା ସାମଗ୍ରିକ ଭାବେ ଭାରତର ଲୋକେ ଦାରିଦ୍ର୍ୟ କ୍ଲିଷ୍ଟ ହୋଇଗଲେ ଓ ସେଥିରୁ ଉଦ୍ଧାର ପାଇପାରିଲେ ନାହିଁ । ଷଷ୍ଠରେ ବ୍ରିଟିଶ ପ୍ରଶାସନ ଅର୍ଥନୀତିରେ ସୁନା ଉପରେ ଅଧିକ ଗୁରୁତ୍ୱ ଦେବାରୁ ଭାରତ ଭଳି ଦେଶରେ ରୂପାର ମୂଲ୍ୟହ୍ରାସ ହେବାକୁ ଲାଗିଲା । ଏହା ମଧ୍ୟ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଥିଲା । କୃଷି ଉତ୍ପାଦନ ସହ ସଂଶ୍ଳିଷ୍ଟ କୃଷିଜୀବୀମାନେ ସ୍ୱର୍ଣ୍ଣମୁଦ୍ରା ଅର୍ଜନ କରିବା ପାଇଁ ଆପଣା ଆପଣାର ଖାଦ୍ୟ ଶସ୍ୟକୁ ବିଶ୍ୱ ବଜାରକୁ ପଠାଇବାକୁ ବାଧ ହୋଇଥିଲେ । ସପ୍ତମରେ ଏଇ ସମୟ ଭିତରେ କେଜାଣି କାହିଁକି ପାଣି ପାଗ ଭାରତ ଓ ଚୀନ ଭଳି ଦେଶରେ ଦାଉ ସାଢିଥିଲା । ଅନାବୃଷ୍ଟି ଓ ଅଳ୍ପବୃଷ୍ଟି କ୍ରମାଗତ ଭାବେ ଲାଗି ରହିଥିଲା । ଫଳତଃ ଭାରତ, ଚୀନ, ଦକ୍ଷିଣ ଆମେରିକା ଆଦି ଦେଶମାନଙ୍କର ଦୁର୍ଭିକ୍ଷ ଆପଣା ଛାଏଁ ସୃଷ୍ଟି ହୋଇଥିଲା । ଆଶ୍ଚର୍ଯ୍ୟର କଥା ଯେ ଏ ସମୟରେ ଗୋସମ୍ପଦ ମହାମାରୀ ଦ୍ୱାରା ଆକ୍ରାନ୍ତ ହୋଇ ଶତକଡ଼ା ୯୦ ଭାଗ ମୂଳପୋଛ ହୋଇଗଲେ, କହିବାକୁ ଗଲେ ଦୁର୍ଭିକ୍ଷ ଓ ଅନାହାର ସମାଜର ସବୁଅଙ୍ଗକୁ ମୃତ୍ୟୁ ମୁଖକୁ ଠେଲି ଦେଇଥିଲା । ଏହା ଗୋଟାଏ ପ୍ରକାରର ଏଲ୍ ନିନୋ(El Nino) ପ୍ରଭାବ ଥିଲା ।

ବ୍ରିଟିଶ ରାଜ ସମୟରେ ଇତିହାସକୁ ଗୋଟିଏ ବାକ୍ୟରେ କହିବାକୁ ଯାଇ ମାଇକ୍ ଡାଭିସ୍ ଉଲ୍ଲେଖ କରିଛନ୍ତି ଯେ ଭାରତରେ ୧୭୫୨ରୁ ୧୯୪୭ ପର୍ଯ୍ୟନ୍ତ ମୁଣ୍ଡପିଛା ଆୟ କୌଣସି ବାଟେ ବଢ଼ି ନଥିଲା । ଅନ୍ୟ ପକ୍ଷରେ ଏ ସମୟ ଭିତରେ କେତେକ କ୍ଷେତ୍ରରେ ମୁଣ୍ଡ ପିଛା ଆୟ ଶତକଡ଼ା ୫୦ ଭାଗ ହ୍ରାସ ପାଇଥିଲା । ଏ ସମୟ ଭିତରେ ଭାରତୀୟମାନଙ୍କ ଆୟୁଷ ମଧ୍ୟ ଶତକଡ଼ା ୨୦ ଭାଗ ହ୍ରାସ ପାଇଥିଲା ।

Digitized by srujanika@gmail.com

କପା ଉତ୍ପାଦନ ଏକର ପିଛା ମଧ କମିଯାଇଥିଲା । ସାମଗ୍ରିକ ଭାବେ ସ୍ୱାସ୍ଥ୍ୟର ମାନ ମଧ ଭାରତୀୟମାନଙ୍କର ତଳକୁ ଖସି ଆସିଥିଲା । ବ୍ରିଟିଶ ଶାସନ ଆଧୁନିକୀକରଣ ନାମରେ ରେଳରାସ୍ତା ଓ ଅନ୍ୟ ଯୋଗାଯୋଗ ବଢାଇଥିଲା । କିନ୍ତୁ ଏଥିରୁ କେତେଜଣ ଭାରତୀୟ ଉପକୃତ ହୋଇଥିଲେ ତାହାର ହିସାବ କେହି ରଖିନାହିଁ । ଲ, ନୀଳ ଚାଷ ସହିତ ଅଫିମ, ଗହମ ଓ କପା ଚାଷ ସବୁ ରପ୍ତାନି ଭିତ୍ତିକ ହୋଇଥିଲା । କିନ୍ତୁ ଜମିର ନିୟନ୍ତ୍ରଣ ବ୍ରିଟିଶ ଶାସନ ହାତରେ ଥିବାରୁ ପୁଞ୍ଜିବାଦର ମଞ୍ଜି ପୋତା ଯାଇଥିଲା । ଅର୍ଥାତ୍ ବ୍ରିଟିଶ ଶାସନ ଜମିଦାରୀ ପ୍ରଥା ଆରମ୍ଭ କରିଥିଲା ଗୋଟାଏ ଢ଼ଙ୍ଗରେ । ଭାରତର ନର୍ମଦା ଉପତ୍ୟକାରୁ ଉତ୍ପାଦିତ ଗହମ ସୁଏଜ୍ କେନାଲ୍ ଦେଇ ଲିଭରପୁଲ ବନ୍ଦରରେ ପହଞ୍ଚୁଥିଲା ଓ ଏ ଅଟା ଅନେକ ଗୁଣରେ ସୁଆଦିଆ ଥିବାରୁ ଲୋକପ୍ରିୟ ହୋଇଥିଲା । ଗହମ ଉତ୍ପାଦନ ବଢ଼ିବା ହେତୁ ମାଣ୍ଡିଆ, ମକା, ବାଜରା ଜାତୀୟ ଫସଲର ଉତ୍ପାଦନ ହ୍ରାସ ପାଇଲା ଓ ଏହା ଯୋଗୁଁ ଭାରତରେ ଘୋର ଖାଦ୍ୟାଭାବ ଦେଖାଦେଇଥିଲା । ଭାରତୀୟ ହସ୍ତତନ୍ତ ପ୍ରସିଦ୍ଧ ଥିଲା । କିନ୍ତୁ ଲାଙ୍କାସାୟାରରୁ ଶସ୍ତା ଲୁଗାପଟା ଭାରତକୁ ଆମଦାନୀ କରାଗଲା । ଏହା ଫଳରେ ହଜାର ହଜାର ବୁଣାକାରଙ୍କ ଜୀବିକା ଉଜୁଡ଼ି ଗଲା । ଛୋଟ ଚାଷୀମାନଙ୍କୁ ଜମିରୁ ଉଚ୍ଛେଦ କରାଯାଇ ଜମି ବଡଚାଷୀ ଓ ଜମିଦାରମାନଙ୍କୁ ଦିଆଗଲା । ଯେଉଁମାନେ ସାହୁକାର ଥିଲେ, ଲୋକମାନଙ୍କୁ ଋଣଗ୍ରସ୍ତ କରି ଜମିର ମାଲିକାନା ହସ୍ତଗତ କରୁଥିଲେ । ଏ ସମୟରେ ଜନବିରୋଧୀ ଜଙ୍ଗଲ ଆଇନ ମଧ ତିଆରି କରାଗଲା ଓ ଜଙ୍ଗଲଜାତ ପଦାର୍ଥର ସଂଗ୍ରହ ଉପରେ କଟକଣା ଜାରି କରାଗଲା । ଚରଣ ଭୂମିରେ ପଶୁପାଳନ ପାଇଁ ନିଷେଧ କରାଗଲା । ଯେଉଁମାନେ ଜଙ୍ଗଲ ଓ ଚରଣ ଭୂମି ଉପରେ ନିର୍ଭର କରି ଯାଯାବର ଭାବେ ଜୀବନ ଯାପନ କରୁଥିଲେ ସେମାନଙ୍କୁ ଅପରାଧୀ ଜାତି ବା କ୍ରିମିନାଲ୍ ଟ୍ରାଇବ ବୋଲି ବ୍ରିଟିଶ ଶାସନ ଘୋଷଣା କରି ନାନା ନିର୍ଯାତନା ଦେଇଥିଲା ଓ ଏଇଭଳି ବିଭିନ୍ନ ବାଟରେ ସମ୍ପଦ ଉପରୁ ମାଲିକାନା ଲୋକଙ୍କ ପାଖରୁ ଛଡାଇ ନିଆଯାଇଥିଲା । ଜଳସମ୍ପଦ ବିକାଶକୁ ରେଳରାସ୍ତା ତିଆରି ଠାରୁ କମ୍ ଗୁରୁତ୍ୱ ଦିଆଯାଇଥିଲା । ଯାହାକିଛି ଭିତ୍ତିଭୂମି ତିଆରି ହେଉଥିଲା ତାହା ବ୍ରିଟିଶ ସାମରିକ ବାହିନୀ ପାଇଁ ଉଦ୍ଦିଷ୍ଟ ଥିଲା । ତେଣୁ ଉନବିଂଶ ଶତାବ୍ଦୀରେ ରେଳରାସ୍ତାକୁ ବ୍ୟବହାର କରି ସାମରିକବାହିନୀ ଶୀଘ୍ର ଓ ସହଜରେ ବିଦ୍ରୋହ ଓ ଅସନ୍ତୋଷ ଦମନ କରିପାରୁଥିଲା । ସେ ସମୟରେ ଯାହାକିଛି ବ୍ରିଟିଶ ଶାସନ ନିର୍ମାଣ କରୁଥିଲା, ତାହା

Digitized by srujanika@gmail.com

ପଛରେ ପୁଞ୍ଜିବାଦୀ ଉଦ୍ଦେଶ୍ୟ ନିହିତ ଥିଲା, ଭାରତୀୟ ଗାଁ ମାନଙ୍କରେ ଯେଉଁ ସଂହତି ଓ ସଦ୍‌ଭାବନା ଥିଲା ତାହାକୁ ବିଭାଜିତ କରିବା ଓ ଗ୍ରାମ୍ୟ ଅନୁଷ୍ଠାନମାନଙ୍କୁ ଦୁର୍ବଳ କରିବା ବ୍ରିଟିଶମାନଙ୍କର ଏକ ନିର୍ଦ୍ଦିଷ୍ଟ ସଚେତନ ଉଦ୍ୟମ ଥିଲା । ଏକଦା ଦୁର୍ବିପାକ ଦୁର୍ଘଟଣା ସମୟରେ ଗାଁର ସମୁଦାୟ ଏକ ହୋଇ ମୁକାବିଲା କରୁଥିଲା । ଏହି ସଂହତି ଓ ସ୍ନେହ ସମ୍ପର୍କ ଏତେ ଶକ୍ତିଶାଳୀ ଥିଲା ଯେ ମୋଗଲମାନେ ତାହାକୁ ଭାଙ୍ଗି ପାରିନଥିଲେ । କିନ୍ତୁ ବ୍ରିଟିଶ ଶାସନ କଳେବଳେ କୌଶଳେ ଏହାକୁ ଖଣ୍ଡ ବିଖଣ୍ଡ କରିଥିଲା । ଏ ସମୟରେ ବ୍ରିଟିଶ ଶାସନର ମାନସିକତାକୁ ଲକ୍ଷ୍ୟ କଲେ ଜଣାପଡେ ଯେ ଆଧୁନିକୀକରଣ ନାଁରେ ଭାରତରେ ଏକ ଗଣହତ୍ୟାର ତାଣ୍ଡବଲୀଳା ଆରମ୍ଭ କରିଥିଲା । ସେତେବେଳେ ଯେଉଁ ସାମୂହିକ ଧ୍ୱଂସ ଆରମ୍ଭ ହୋଇଥିଲା, ତାହା ପୁନରାବୃତ୍ତି ହେବାର ଆଶଙ୍କା ଦେଖାଦେଇଛି ବର୍ତ୍ତମାନର ଜଗତୀକରଣ ସମୟରେ ।

▢▢▢

Digitized by srujanika@gmail.com

୨୦

ଆଦିବାସୀ ବିକାଶର କତୋଟି ଦିଗ

ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳକୁ ଯାଇ ଆଦିବାସୀ ବିକାଶ ସମ୍ପର୍କରେ ଅଧ୍ୟୟନ କରିବାକୁ ମୋତେ ସୁଯୋଗ ମିଳିଥିଲା । ଏ ଅଞ୍ଚଳ ଅବହେଳିତ ହୋଇ ଆସିଛି ଶହଶହ ବର୍ଷଧରି । ବିଭିନ୍ନ ଧରଣର ଅନ୍ୟାୟ, ଶୋଷଣ ଓ ଅତ୍ୟାଚର ଲାଗି ରହିଛି । ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏହି ଅଞ୍ଚଳରେ ଏବେ ଖଣି ଖାଦାନ ଓ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା କରାଯାଇଛି । ଏଇ କେତେଦିନ ତଳେ ଟାଟା ଇସ୍ପାତକାରଖାନାକୁ ଶହେ ବର୍ଷ ପୂରିଗଲା । ଅବାକ୍ ଲାଗେ ଯେ ଶହେ ବର୍ଷ ତଳେ ଏ ଅଞ୍ଚଳକୁ ସାର୍ ଜାମ୍‌ସେଦ୍‌ଜୀ ଟାଟା ଆସି ସାକ୍‌ଚୀ ଗାଁରେ ଲୌହ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କିରବାକୁ ଯୋଜନା କରିଥିଲେ । ଏହା କମ୍ ସାହସର କଥା ନୁହେଁ । କିନ୍ତୁ ଶିଳ୍ପ ପ୍ରତିଷ୍ଠା ପାଇଁ ଏ ଅଞ୍ଚଳରେ ଜମି, ପାଣି, ଖଣିଜଦ୍ରବ୍ୟ ଯଥା କୋଇଲା ଓ ଲୁହାପଥର, ଶସ୍ତାଶ୍ରମ ଓ ଉପଯୁକ୍ତ ବାତାବରଣ ରହିଛି ବୋଲି ଜଣେ ସହଜରେ ଅନୁଭବ କରିପାରେ । ଏଥିପାଇଁ ଶିଳ୍ପପତି ଓ ଖଣିମାଲିକଙ୍କ ସୁଅ ଛୁଟୁଛି ଏ ଅଞ୍ଚଳକୁ । ବିଭିନ୍ନ କିସମର ଶିଳ୍ପ- ଲୌହ ଓ ଇସ୍ପାତ, ସିମେଣ୍ଟ, ତାପଜ ବିଦ୍ୟୁତ ଆଦି- ବହୁ ସଂଖ୍ୟାରେ ଏ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଛି । ଏବେ ଝାଡଖଣ୍ଡ ସରକାର ଆହୁରି ବୁଝାମଣା ପତ୍ରରେ ଦସ୍ତଖତ କରିବାରେ ଲାଗିଛନ୍ତି । ବ୍ରିଟିଶ ସରକାର ଏ ଅଞ୍ଚଳ ଭିତରେ ରେଳଲାଇନ୍ ବିଛାଇଥିଲେ ଓ ଶାସନର ଡୋରି ମଜ୍‌ଭୁତ କରିଥିଲେ । ବିର୍ସା ମୁଣ୍ଡାଙ୍କର ବିଦ୍ରୋହ ଭଳି ସବୁ ବିରୋଧାଭାସକୁ କେମିତି ଦମନ କରାଯାଇ ପାରିବ, ତାହା ମଧ୍ୟ ବ୍ରିଟିଶ ଶାସନରେ ଗୁରୁତ୍ୱ ଦିଆଯାଇଥିଲା । ବ୍ରିଟିଶ ଭୂତତ୍ତ୍ୱବିତ୍‌ମାନେ ଏ ଅଞ୍ଚଳରେ ପ୍ରବେଶ କରି କିପରି ଖଣିଖାଦାନ ସର୍ଭେ କରିବେ ତାହା ମଧ୍ୟ ଉପନିବେଶବାଦର ଅନ୍ୟ ଏକ ଦିଗ ଥିଲା । ଏହା ସହିତ ମିଶନାରୀମାନେ ମଧ୍ୟ ଏ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭିତରକୁ ପଶିଆସି

Digitized by srujanika@gmail.com

ଖ୍ରୀଷ୍ଟଧର୍ମ ପ୍ରଚାର କରିବାକୁ ଦୃଢ଼ ପଦକ୍ଷେପ ନେଇଥିଲେ । ସେ ଦିନଠାରୁ ବିଭିନ୍ନ ଧରଣର ଉପନିବେଶବାଦର ଚେର ଏ ଅଞ୍ଚଳରେ ଅନେକ ଗଭୀରକୁ ପଶିସାରିଛି । ଆଦିବାସୀର ସାମାଜିକ, ଆର୍ଥିକ, ସାଂସ୍କୃତିକ ଏବଂ ରାଜନୈତିକ ପରିଚୟରେ ଘୋର ଅବକ୍ଷୟ ଦେଖାଦେଇଛି ।

ଏ ଅଞ୍ଚଳକୁ ଏବେ ପ୍ରବେଶ କରିଲା ମାତ୍ରକେ ଦାରିଦ୍ର୍ୟ ସହ ଆଉ କେତୋଟି ଜିନିଷ ଦେଖିବାକୁ ମିଳୁଛି । ସ୍ୱାଧୀନତା ପରଠାରୁ ବିକାଶର ଗତି ଯେମିତି ଅନେକ ଗୁଣରେ ଶିଥିଳ ହୋଇଯାଇଛି । ଝାଡଖଣ୍ଡର ପୂର୍ବ ଏବଂ ପଶ୍ଚିମ ସିଂହଭୂମ, ଷଢ଼େଇକଳା ଓ ଖରସୁଆଁ, ଏପରିକି ରାଞ୍ଚି ଭଳି ଜିଲ୍ଲାର ଅନେକ ଗାଁକୁ ରାସ୍ତା ନାହିଁ । ବିଜୁଳିଶକ୍ତି ନାହିଁ । ଗମନାଗମନର ବ୍ୟବସ୍ଥା ନାହିଁ । ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସେବାର କୌଣସି ସୂଚନା ମିଳୁନାହିଁ । ଜୀବନ ଜୀବିକାର ମାନଦଣ୍ଡ ଯେମିତି ଅନେକ ତଳେ ରହିଯାଇଛି । ମିଶନାରୀଙ୍କ ହେତୁ ସମ୍ଭବତଃ ଶିକ୍ଷା କ୍ଷେତ୍ରରେ ଝାଡଖଣ୍ଡର ଏ ଅଞ୍ଚଳ ଅନେକ ଆଗେଇଯାଇଛି । କିନ୍ତୁ ଯେଉଁ ଆଦିବାସୀ ଯୁବକଯୁବତୀ ଶିକ୍ଷା ପାଇଛି, ସେ ଘରଦ୍ୱାର ଛାଡି ଦେଶାନ୍ତରୀ ହେଉଛି । ଯୁବକମାନେ ଶସ୍ତା ଶ୍ରମିକ ହିସାବରେ ପଞ୍ଜାବ ଓ ହରିୟାନାରେ କୃଷିକାର୍ଯ୍ୟରେ ନିଯୁକ୍ତ ହେଉଛନ୍ତି । ଝାଡଖଣ୍ଡର ଆଦିବାସୀ ଯୁବତୀମାନେ ନିଜ ଜିଲ୍ଲା ଓ ଆଖପାଖ ଅଞ୍ଚଳରେ ଅଥବା ମୁମ୍ବାଇ ବା ଚଣ୍ଡିଗଡ଼ ଆଦି ସହରରେ ମଧ୍ୟବିତ୍ତ ପରିବାରରେ ଘରୋଇ ଚାକରାଣୀ ହିସାବରେ କାମ କରିବାକୁ ବାଧ୍ୟ ହେଉଛନ୍ତି । ଯୁବତୀ ଚାଲାଣ ହେବା ସମ୍ବାଦ ଏବେ ନିୟମିତ ସମ୍ବାଦପତ୍ର ମାନଙ୍କରେ ପ୍ରକାଶ ପାଉଛି । ଏ ଅଞ୍ଚଳରେ ଦାମୋଦର ଉପତ୍ୟକା ପ୍ରକଳ୍ପ କେତେ ଯୁଗରୁ ତିଆରି ହୋଇଛି । କୋଇଲାର ଅନେକ ତାପଜ ବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଝାଡଖଣ୍ଡର ଅନେକ ଗାଁରେ ବିଜୁଳି ଶକ୍ତି ଏବେ ସୁଦ୍ଧା ପହଞ୍ଚି ନାହିଁ । ଏପରିକି ରାଜଧାନୀ ରାଞ୍ଚି ଅନେକ ସମୟରେ ଅନ୍ଧାରରେ ରହୁଛି । କାରଣ ଝାଡଖଣ୍ଡରୁ ଉତ୍ପାଦିତ ବିଦ୍ୟୁତ ଶକ୍ତି ବାହାର ରାଜ୍ୟକୁ ବା ଶିଳ୍ପକୁ ବିକ୍ରୟ କରାଯାଉଛି । ଜମି, ଜଳ, ଜଙ୍ଗଲ ଥାଇ ମଧ୍ୟ ଝାଡଖଣ୍ଡର ଆଦିବାସୀ ଅନେକ କ୍ଷେତ୍ରରେ ଦରିଦ୍ର ହୋଇରହିଛି । ଏ ଅଞ୍ଚଳରେ ଖ୍ରୀଷ୍ଟିଆନ୍ ଧର୍ମ ପ୍ରଚାରକ ମାନଙ୍କ ଭଳି ହିନ୍ଦୁଧର୍ମ ପ୍ରଚାରକମାନେ ନିଜର କାର୍ଯ୍ୟ କେତେବର୍ଷ ହେଲା ଆରମ୍ଭ କରିଛନ୍ତି । ଏଇଥିପାଇଁ ଉଭୟ ଧର୍ମାବଲମ୍ବୀମାନେ ସଂଘର୍ଷରତ ଅଛନ୍ତି । ଝାଡଖଣ୍ଡ ସ୍ୱତନ୍ତ୍ର ରାଜ୍ୟ ହେଲାପରେ ରାଜନୀତିରେ ଘୋର ପରିବର୍ତ୍ତନ ଆସିଛି । ଓଡ଼ିଶା ଓ ଝାଡଖଣ୍ଡ ସୀମାନ୍ତରେ ଏବେ

Digitized by srujanika@gmail.com

ମାଓବାଦୀମାନେ ବେଶ୍ ସକ୍ରିୟ ଅଛନ୍ତି । ହତ୍ୟା ପରେ ହତ୍ୟା ଲାଗି ରହିଛି । ଗୋଟାଏ ପଟେ ମାଓବାଦୀ ଓ ଅନ୍ୟପଟରେ ସଶସ୍ତ୍ର ପୋଲିସ୍ ବାହିନୀ ମୁହାଁମୁହିଁ ହୋଇଛନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ଅନେକ ଅଞ୍ଚଳକୁ ଅବାଧ ଯିବା ଆସିବା ଆଉ ସମ୍ଭବପର ହେଉନାହିଁ । ରାଜନୈତିକ ହତ୍ୟା ପରେ 'ଝାଡଖଣ୍ଡ ବନ୍ଦ' ଏକ ସ୍ୱାଭାବିକ ଘଟଣା ବୋଲି ପ୍ରମାଣିତ ହୋଇସାରିଛି । ମୁଣ୍ଡା, କୋହ୍ଲ, ଓରାଓଁ, ସାନ୍ତାଳ, ଶବର, ଭୂମିଜ ଆଦି କେତେପ୍ରକାରର ଆଦିବାସୀ ଭରି ରହିଛନ୍ତି ଏ ଅଞ୍ଚଳରେ ଓ କେତେପ୍ରକାର ଭେଦଭାବ ରହିଛି ସେମାନଙ୍କ ଭିତରେ । ସାମାଜିକ, ଆର୍ଥିକ ଓ ରାଜନୈତିକ ବୈଷମ୍ୟ ସବୁଆଡକୁ ବ୍ୟାପୀ ଯାଇଛି । ଝାଡଖଣ୍ଡ ପ୍ରଦେଶ ପ୍ରତିଷ୍ଠା ହେବା ପାଇଁ ଦୀର୍ଘ ଦିନଧରି ଆନ୍ଦୋଳନ ଚାଲି ଆସିଥିଲା । ବ୍ରିଟିଶ ଶାସନ ସମୟରେ ନିଜର ଅଧିକାର ଓ ସ୍ୱାୟତ୍ତ ଶାସନ ପାଇଁ ବିର୍ସା ମୁଣ୍ଡାଙ୍କ ବିଦ୍ରୋହ ଆଜି ପର୍ଯ୍ୟନ୍ତ ଅନେକଙ୍କୁ ପ୍ରେରଣା ଦେଇ ଆସିଛି । କୋହ୍ଲଣ ଅଞ୍ଚଳକୁ ସ୍ୱାଧୀନ ପ୍ରଦେଶ ଭାବେ କୁଆଡେ ବ୍ରିଟିଶ ଶାସନ ସ୍ୱୀକାର କରିଥିଲା । ତାହା ସମ୍ଭବ ହୋଇ ପାରିନଥିଲା ସ୍ୱାଧୀନତା ପ୍ରାପ୍ତି ପରେ । ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର ଜନ୍ମ ଏଇ ପ୍ରଶ୍ନକୁ ନେଇ । କେତେ ଯେ ଲୋକ ପ୍ରାଣ ହରାଇଛନ୍ତି ଓ କାରାଗାରକୁ ଯାଇଛନ୍ତି ତାହାର କଳ୍ପନା ନାହିଁ । ବିହାର ରାଜ୍ୟର ଆଧିପତ୍ୟ କେତେ ଶକ୍ତିଶାଳୀ ଏବେ ମଧ୍ୟ କେଉଁଠି କେଉଁଠି ଅନୁଭୂତ ହେଉଛି । ଏ ଅଞ୍ଚଳରେ ଯେତେବେଳେ ଏବେ ଜମି ଅଧିଗ୍ରହଣ ହେଉଛି, ସ୍ୱତଃସ୍ଫୂର୍ତ୍ତଭାବେ ଆନ୍ଦୋଳନ ମୁଣ୍ଡ ଟେକୁଛି । କୋଏଲ୍-କାରୋ ଜଳବିଦ୍ୟୁତ ପ୍ରକଳ୍ପ ବିରୋଧରେ ପ୍ରାୟ କୋଡିଏ ବର୍ଷ ହେବ ଜନଆନ୍ଦୋଳନ ଲାଗି ରହିଛି । ପୋଲିସ ଗୁଳିକାଣ୍ଡରେ ଅନେକ ଲୋକ ମରିଛନ୍ତି । ନେତ୍ରହାଟରେ ହେଉ ଅଥବା ଯଦୁଗୋଡାରେ ହେଉ ଜମି ଅଧିଗ୍ରହଣ ଏବଂ ବିସ୍ଥାପନ ବିରୋଧରେ ଜନ ଅସନ୍ତୋଷ ଦାନା ବାନ୍ଧିଛି । ଏଇ ସବୁ ପରିସ୍ଥିତିରେ ମାଓବାଦୀଙ୍କ ପ୍ରତି ସାଧାରଣରେ ଅନେକ ସମର୍ଥନ ବଢ଼ିଛି । ସବୁ ରାଜନୈତିକ ଦଳ ଶିଳ୍ପପତି ଓ ଖଣି ମାଲିକଙ୍କଠାରୁ ବେଶ୍ ଚାନ୍ଦା ନେଉଛନ୍ତି । ଝାଡଖଣ୍ଡରେ ଆଦିବାସୀଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଛି । ଅନେକ ଆଦିବାସୀ ଜମି ହରାଇବା ଦ୍ୱାରା ସର୍ବସ୍ୱାନ୍ତ ହେଉଛନ୍ତି ଓ ପଳାୟନ କରୁଛନ୍ତି । ଆଦିବାସୀ ଅଞ୍ଚଳରେ ଏ ପର୍ଯ୍ୟନ୍ତ ପଞ୍ଚାୟତ ନିର୍ବାଚନ ହୋଇନାହିଁ ଯଦିଓ ପଞ୍ଚାୟତ ଆଇନ ସବୁଆଡେ ଲାଗୁ ହୋଇଛି । ଦାରିଦ୍ର୍ୟ ଓ ଅନାହାରର ଏହା ଅନ୍ୟତମ କାରଣ ।

ସେ ଦିନ ଅପରାହ୍ନରେ ପୂର୍ବ ସିଂହଭୂମ ଜିଲ୍ଲାର ପଟିସାଇ ଗାଁରେ ମୋର ଗ୍ରାମବାସୀଙ୍କ ସହ ଆଳାପ ଆଲୋଚନା ଲାଗି ରହିଥିଲା । ଆକାଶରେ ମେଘ । ଗାଁ

Digitized by srujanika@gmail.com

ଚରିପଟେ ଘଞ୍ଚ ଜଙ୍ଗଲ ଓ ଦୂରରେ ଉଚ୍ଚନୀଚ ଅନେକ ପାହାଡ଼ । ଗାଁର ଅବସ୍ଥିତି ଦୁର୍ଗମ । ପହଞ୍ଚିବାକୁ ଅନେକ ପରିଶ୍ରମ କରିବାକୁ ପଡ଼ିବ । ଏଇଥିପାଇଁ କୌଣସି ସରକାରୀ କର୍ମଚାରୀ ସହଜରେ ଆସନ୍ତି ନାହିଁ । ଆନ୍ତର୍ଜାତିକ କୃଷି ବିକାଶ ପାଇଁ ବା 'ଆଇଫାଡ' ତରଫରୁ ଏ ଅଞ୍ଚଳରେ ଏକ 'ଆଦିବାସୀ ସଶକ୍ତିକରଣ ଓ ଖାଦ୍ୟ ନିରାପତ୍ତା' କାର୍ଯ୍ୟକ୍ରମ ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନ ଜରିଆରେ କାର୍ଯ୍ୟକାରୀ ହେଉଛି । ଗାଁରେ ପଞ୍ଚାୟତ ନାହିଁ ଯଦିଓ ଏକ ଗ୍ରାମସଭା ଗଠନ କରାଯାଇଛି । ଏହାର ପରାମର୍ଶରେ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଏକ କମିଟି ଗଠନ କରାଯାଇଛି । ଗ୍ରାମବିକାଶରେ କିନ୍ତୁ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ପାଞ୍ଚୋଟି ସ୍ୱୟଂ ସହାୟକ ଦଳ । ପନିପରିବା ଚାଷ ଠାରୁ ଆରମ୍ଭ କରି ଟସର ଚାଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଛି ବିଭିନ୍ନ ଯୋଜାନା । ଛେଳି ଚାଷ ଓ କୁକୁଡ଼ା ଚାଷ କରୁଛନ୍ତି ଭୂମିହୀନମାନେ । ଲାଖ ଚାଷ ପାଇଁ ମଧ୍ୟ ଏ ଅଞ୍ଚଳ ଖୁବ୍ ଅନୁକୂଳ । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରୁ ମିଳୁଛି ଚାଉଳ ଓ ଶ୍ରମ ପାଇଁ ମଜୁରି । ଗାଁରେ କେନାଲ ଖୋଳି ଜଳସେଚନ କରାଯାଇଛି । ପୋଖରୀ ଖୋଳି ମାଛଚାଷ କରିବାର ଉଦ୍ୟମ ହୋଇଛି । ସମସ୍ତଙ୍କର ଜମି ମରାମତି ହୋଇଛି । ଜଳବିଭାଜିକାକୁ ଭିତ୍ତିକରି ଜମି ଓ ଜଳ ସଂରକ୍ଷଣର ସବୁ ସୁବିଧା କରାଯାଇଛି । ଗାଁକୁ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ଗ୍ରାମବାସୀ, ସ୍ୱେଚ୍ଛାସେବୀ ସଂଗଠନ, ଝାଡଖଣ୍ଡ ଆଦିବାସୀ ବିକାଶ ପ୍ରକଳ୍ପ ଓ ଅନ୍ୟ ସହଯୋଗୀ ଅନୁଷ୍ଠାନ ସବୁପ୍ରକାର ଉଦ୍ୟମ କରୁଛନ୍ତି । ଗାଁରେ ସମସ୍ତଙ୍କ ମୁହଁରେ ହସ ଓ ଆତ୍ମ ବିଶ୍ୱାସର ଝଲକ । ବିଶେଷ କରି ମାଆ ଭଉଣୀମାନେ ଆଗ୍ରହର ସହ ଗାଁର ସବୁକଥା ବର୍ଣ୍ଣନା କରୁଛନ୍ତି । କିଛି ବର୍ଷ ପୂର୍ବେ ଏ ଗାଁରୁ ଅନେକ ପରିବାର କାମଧନ୍ଦାର ଅନ୍ୱେଷଣରେ ଦେଶାନ୍ତରୀ ହେଉଥିଲେ । ଏବେ ଗାଁରେ ଆଉ କେହି ପଳାୟନ କରୁନାହାନ୍ତି ବୋଲି ସମସ୍ତେ ଏକ ସ୍ୱରରେ କହୁଥିଲେ । ମାଆମାନଙ୍କର ସ୍ୱୟଂ ସହାୟକ ଦଳମାନେ ଏକାଠି ହୋଇଛନ୍ତି ଓ ଗ୍ରାମ୍ୟ ଏକତାକୁ ଏକ ଦୃଢ଼ ଶକ୍ତି ଭାବେ ପ୍ରତିଷ୍ଠା କରିଛନ୍ତି ।

ଗାଁରେ ସେ ଦିନ ଆଲୋଚନା ବେଳେ ଆଦିବାସୀ ଭଉଣୀ ମାଳତୀ ସର୍ଦାରଙ୍କ ସହ ଦେଖା ସାକ୍ଷାତ ହେଲା । ଓଡ଼ିଶାର ରାଇରଙ୍ଗପୁର ଅଞ୍ଚଳରୁ ଆସି ସେ ଏଠାରେ ବିବାହ କରିଛନ୍ତି । ଗୋଟିଏ ସନ୍ତାନର ଜନନୀ ହୋଇସାରିଛନ୍ତି ଓ ଆଉ ଗୋଟିଏ ସନ୍ତାନ ଗର୍ଭରେ ଧାରଣ କରିଛନ୍ତି । ଲମ୍ୱା ପତଳା ଶରୀର କିନ୍ତୁ ମୁହଁରେ ଅଦ୍‌ଭୁତ ଜ୍ୟୋତି । ଗାଁର ସବୁ ହାନିଲାଭ ହଠାତ୍ ମୋତେ ଓଡ଼ିଆରେ କହି ବସିଲେ । ମୁଁ

Digitized by srujanika@gmail.com

ତାଙ୍କର ଶିକ୍ଷାଗତ ଯୋଗ୍ୟତା କେତେ ପଚାରିଥିଲି ଓ ସେ ଦଶମଶ୍ରେଣୀ ଫେଲ୍ ବୋଲି କହିଥିଲେ । ଗାଁରେ ମାଆମାନଙ୍କୁ ନେତୃତ୍ୱ ଦେବାକୁ ସେ ଯେମିତି ସେ ଗାଁକୁ କେଉଁ ଏକ ଅଦୃଶ୍ୟ ଶକ୍ତି ଦ୍ୱାରା ଟାଣି ହୋଇ ଆସିଛନ୍ତି । ଗାଁରେ ଆଜି ସମସ୍ତେ ସାକ୍ଷର ଓ ଶିକ୍ଷାପ୍ରତି ଅହେତୁକ ଆଗ୍ରହ । ମୁଁ ପଚାରିଲି ଯେ ଗାଁରେ ଏଭଳି ଏକତା ଓ ସଂଗଠନ ତିଆରି ହେବା ପଛରେ କାରଣ କ'ଣ ? ମାଳତୀ କହିଥିଲେ ଯେ ବର୍ଷ ବର୍ଷ ଧରି ଏ ଅଞ୍ଚଳରେ ସରକାରୀ ଯୋଜନା କିଛି ପହଞ୍ଚି ନାହିଁ । ଦଶ କିଲୋମିଟର ଗଲାପରେ ବଜାର, ସ୍ୱାସ୍ଥ୍ୟକେନ୍ଦ୍ର, ଗମନାଗମନର ସୁବିଧା, ବ୍ୟାଙ୍କ ସେବା ଆଦି ଗ୍ରାମବାସୀ ପାଆନ୍ତି । କିନ୍ତୁ ସେମାନଙ୍କର ବିକାଶ ସେମାନଙ୍କ ହାତରେ । ସ୍ୱେଚ୍ଛାସେବୀ ସଂଗଠନମାନେ ଯଦିଓ କିଛି କିଛି ସାହାଯ୍ୟ କରୁଛନ୍ତି, କିନ୍ତୁ ତାହା ଯଥେଷ୍ଟ ନୁହେଁ । ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଯୋଜନା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଆଦି କାର୍ଯ୍ୟକ୍ରମ ଏ ଅଞ୍ଚଳକୁ ନାମମାତ୍ର ପହଞ୍ଚିଛି । କିନ୍ତୁ ନିଜର ଗାଁକୁ ଆଦର୍ଶ ଗ୍ରାମ କରିବାର ସ୍ୱପ୍ନ ସେମାନଙ୍କର ଅଛି । ଗାଁରେ ଦୁଇଟି ସମ୍ପଦ ତାଙ୍କର ସର୍ବସ୍ୱ । ଗୋଟିଏ ହେଲା ଯେ ସମସ୍ତେ ଅଳ୍ପ ବହୁତ ହେଲେ ମଧ୍ୟ ଶିକ୍ଷିତ । ଦ୍ୱିତୀୟଟି ହେଲା ଗାଁରେ ଭରପୂର ଜଳସମ୍ପଦ । ଗ୍ରାମକୁ ସ୍ୱାବଲମ୍ବୀ କରିବାକୁ ଏହା ହେଉଛି ସବୁଠାରୁ ମୂଲ୍ୟବାନ ସମ୍ପଦ ।

ପତିସାଇ ଭଳି ଓଡ଼ିଶା-ଝାଡଖଣ୍ଡ ସୀମାନ୍ତରେ ଅନେକ ଆଦିବାସୀ ଗାଁକୁ ଯିବାକୁ ମୋତେ ସୁଯୋଗ ମିଳିଛି । ଓଡ଼ିଆରେ ବାର୍ତ୍ତାଳାପ କରିବାକୁ ଭଲ ଲାଗିଛି । ଆଦିବାସୀ କେହି କେହି ପାଖକୁ ଆସି କାନରେ କହି ଦିଅନ୍ତି ସେ ଓଡ଼ିଆ ଜାଣିଛନ୍ତି ଓ ଓଡ଼ିଆରେ କଥାବାର୍ତ୍ତା କରିପାରିବେ । ମୁଁ ଉତ୍‌ଫୁଲ୍ଲିତ ହୋଇଯାଏ । ଓଡ଼ିଶାରେ ସେମାନେ ରହିଥିଲେ ସେମାନଙ୍କ ସାମାଜିକ, ଆର୍ଥିକ ଓ ରାଜନୈତିକ ସ୍ଥିତି କ'ଣ ହୋଇଥାଆନ୍ତା ମୁଁ ତୁଳନା କରିବସେ । ଓଡ଼ିଶାରେ ଉପାନ୍ତ ଗାଁଗୁଡିକର ଅବସ୍ଥା ଶୋଚନୀୟ । ଭାଗ୍ୟକୁ ଆଦରି ଏମାନେ ଅଛନ୍ତି । ପଡୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ଓଡ଼ିଶାସୀମାକୁ ଲାଗି ଗାଁମାନେ ସବୁ ଦିଗରେ ଆଗୁଆ ଥିଲାବେଳେ ଆମ ଓଡ଼ିଶାର ଗାଁଗୁଡିକ ଯେମିତି ଖୁବ୍ ଅବହେଳିତ ଅବସ୍ଥାରେ ପଡି ରହିଛନ୍ତି ଓ ଗ୍ରାମବାସୀ ବିଶେଷକରି ଆଦିବାସୀମାନେ ସବୁଠାରୁ ଅଧିକ କ୍ଷୁଧା ଓ ଅନାହାରରେ ବଞ୍ଚି ରହିଛନ୍ତି । ପଡୋଶୀ ରାଜ୍ୟ ଗୁଡିକର ସୀମାନ୍ତ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ, ବିଜୁଳିଶକ୍ତି ଆଦି ବ୍ୟବସ୍ଥା ହୋଇଥିଲା ବେଳେ ଓଡ଼ିଶାର ଗାଁଗୁଡିକ ବାପା ମାଆ ଛେଉଣ୍ଡ ଭଳି ଅଛନ୍ତି ।

Digitized by srujanika@gmail.com

ଝାଡଖଣ୍ଡରେ ପଞ୍ଚାୟତ ନିର୍ବାଚନ ହୋଇ ନାହିଁ ସତ, ଗାଁରେ ଗୋଟାଏ ପାରମ୍ପରିକ ପଞ୍ଚାୟତ ରହିଛି । ଗାଁରେ ମୁଖିଆ ମଧ୍ୟ ଅଛି । ଗାଁରେ ଏକ ଗଣତନ୍ତ୍ର ଆବହମାନ କାଳରୁ ଚାଲି ଆସିଛି । ଗାଁର ମୁଖିଆ ଯଦି ଗ୍ରାମର ଉନ୍ନତି ଚାହୁଁଛି, ତେବେ ବିକାଶର ଧାରା ସୁଗମ ହୋଇପଡୁଛି । ଗାଁର ମୁଖିଆ ଯଦି ସ୍ୱପ୍ନ ଦେଖୁଛି ଯେ ତା'ର ଗାଁଟି ଆଦର୍ଶର ହେବ, ତେବେ ସେ ଗୋଟାଏ ବଳିଷ୍ଠ ଭୂମିକା ଗ୍ରହଣ କରୁଛି । ଓଡ଼ିଶାରେ ପଞ୍ଚାୟତ ବ୍ୟବସ୍ଥା ଅଛି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପେସା ଆଇନ୍ କାର୍ଯ୍ୟକାରୀ ହେଉଛି । ଅନେକ ସରକାରୀ ଯୋଜନା କଲ୍ୟାଣ ଓ ବିକାଶ ପାଇଁ ମଧ୍ୟ ସ୍ୱତନ୍ତ୍ର ଭାବେ ପରିକଳ୍ପନା କରାଯାଇଛି । କିନ୍ତୁ ଆଶାଜନକ ବିକାଶ କାହିଁକି ହେଉନାହିଁ ? ଏହାର ଏକ ସ୍ୱତନ୍ତ୍ର ଅଧ୍ୟୟନ କରିବାର ଆବଶ୍ୟକତା ରହିଛି ବୋଲି ମୋର ହୃଦ୍‌ବୋଧ ହୋଇଛି । ସମ୍ଭବତଃ ଝାଡଖଣ୍ଡରେ ବିର୍ସା ମୁଣ୍ଡାଙ୍କ ସଂଘର୍ଷ ଜନମାନସରେ ଉଦ୍‌ଜୀବିତ ହୋଇ ରହିଛି । ସମ୍ଭବତଃ ଝାଡଖଣ୍ଡର ଆଦିବାସୀ ଗାଁମାନଙ୍କରେ ମିଶନାରୀ ହୁଅନ୍ତୁ ବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ହୁଅନ୍ତୁ, ମୌଳିକ ଶିକ୍ଷାର ପ୍ରସାର କରିପାରିଛନ୍ତି । ସମ୍ଭବତଃ ଝାଡଖଣ୍ଡର ସାମ୍ପ୍ରତିକ ଜନଆନ୍ଦୋଳନ ଆଦିବାସୀଙ୍କ ଭିତରେ ଏକ ବଳିଷ୍ଠ ଚେତନାର ଜୁଆର ସୃଷ୍ଟି କରିଛି ।

□□□

Digitized by srujanika@gmail.com

୨୧

ଶିଶୁ ଶ୍ରମିକ ସଂଖ୍ୟା ବଢୁଛି କି କମୁଛି ?

ଜଗତୀକରଣ ଓ ଉଦାରୀକରଣର ପ୍ରଭାବରେ ସାରା ପୃଥିବୀରେ ଶିଶୁଶ୍ରମିକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ବୋଲି ଅନେକ ଅଧ୍ୟୟନରୁ ଜଣାପଡିଛି । ଭାରତ ସମେତ ଅନେକ ତୃତୀୟ ବିଶ୍ୱର ଦେଶମାନଙ୍କରେ ଶିଶୁମାନଙ୍କ ଉପରେ ଅନେକ ଶୋଷଣ ଓ ଅନ୍ୟାୟ ଲଦିଦିଆଯାଇଛି । ଶିଳ୍ପ ବିପ୍ଳବ ସମୟରୁ ଶିଶୁମାନଙ୍କୁ ଶସ୍ତା ଓ ସହଜରେ ମିଳୁଥିବା ଶ୍ରମର ଭଣ୍ଡାର ବୋଲି ଧରିନିଆଯାଇ ବିଭିନ୍ନ କ୍ଷେତ୍ରରେ ନିୟୋଜିତ କରାଯାଇଛି । ଶ୍ରମର ଯାହା ଆଇନ କାନୁନ ଅଛି ତାହା ଶିଶୁଶ୍ରମିକ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇନାହିଁ । ପରିବାରର ସାମାଜିକ ଓ ଆର୍ଥିକ ସ୍ଥିତି ବାଧ କରିଛି ଛୋଟ ଛୋଟ ପିଲାମାନଙ୍କୁ ଶ୍ରମଜୀବୀ ହେବା ପାଇଁ । ଶୈଶବରେ ସ୍କୁଲକୁ ଯିବା, ଖେଳିବା ଓ ସ୍ୱାଧୀନତାର ସ୍ୱାଦ ଚାଖିବା ପରିବର୍ତ୍ତେ ପିଲାଟି ରାସ୍ତା ଉପରକୁ ଓହ୍ଲାଇବାକୁ ବାଧ ହେଉଛି । ଭାରତରେ ଶିବକାଶୀରେ ବାଣକାରଖାନାରେ, ମିର୍ଜାପୁରର ଗାଲିଚା ଶିଳ୍ପ ଆଦି କ୍ଷେତ୍ରରେ ଶିଶୁ ଶ୍ରମିକମାନଙ୍କ ଉପରେ ଯେଉଁଭଳି ଅକଥନୀୟ ଅତ୍ୟାଚାର କରାଯାଇଛି ତାହା ଗୋଟିଏ ସଭ୍ୟ ଓ ଗଣତାନ୍ତ୍ରିକ ଦେଶରେ କିପରି ସମ୍ଭବ ହେଉଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏହାଛଡା ହୋଟେଲମାନଙ୍କରେ, ଗ୍ୟାରେଜ୍ ଆଦିରେ ତଥା ସ୍ୱଚ୍ଛଳ ପରିବାରମାନଙ୍କରେ ଅଳ୍ପ ବୟସ୍କର ବାଳକ ବାଳିକାମାନଙ୍କୁ ସ୍ୱଳ୍ପ ମଜୁରି ଦେଇ କାମରେ ଲଗାଯାଉଛି । ଆଦିବାସୀ ଅଞ୍ଚଳରେ ସାନ ସାନ ପିଲାମାନେ ଜୀବନ ଜୀବିକା ପାଇଁ ଅତି ଅଳ୍ପ ବୟସରୁ ବିଭିନ୍ନ ପ୍ରକାରର କାମରେ ଲାଗିଥାଆନ୍ତି । ପରିବାରର ଭରଣପୋଷଣ ପାଇଁ ଯତ୍‌କିଞ୍ଚିତ ସେମାନେ ସାହାଯ୍ୟ କରିବାକୁ ବାଧ ହୋଇଥାଆନ୍ତି । କିଏ କୃଷିକାର୍ଯ୍ୟ କରିଲାଣିତ ଆଉ କିଏ ପଶୁପାଳନ କରିଲାଣି । କିଏ ଦେଶାନ୍ତରୀ ହେଉଥିବା ପରିବାର ସହ ଯାଇ ଇଟା ଗଢ଼ିଲାଣି ତ ଆଉ କିଏ ରାସ୍ତାକଡ଼ର ଅଳିଆମଇଳା

Digitized by srujanika@gmail.com

ସଂଗ୍ରହ କରିଲାଣି । ମାଟିକାଦୁଅର ମଣିଷଙ୍କ ପିଲାମାନଙ୍କ ପାଇଁ ଆଉ କ'ଣ ବିକଳ୍ପ ବ୍ୟବସ୍ଥା ଅଛି ?

ଆମ ଦେଶରେ ଶିଶୁଶ୍ରମିକମାନେ ରହିବେ କି ନ ରହିବେ ଏହାକୁ ନେଇ ଅନେକ ପ୍ରକାର ଯୁକ୍ତିତର୍କ କରାଯାଇଛି । ଗୋଟାଏ ଗୋଷ୍ଠୀ କହୁଛନ୍ତି ଯେ ଶିଶ ଶ୍ରମିକ ବନ୍ଦ କରିବା ଅବାସ୍ତବ, କାରଣ ସେମାନେ ପାରିବାରିକ ଆୟର ପନ୍ଥା । ତେଣୁ ଶିଶୁ ଶ୍ରମିକମାନଙ୍କୁ ନିରାପତ୍ତା ଦେବା ଓ ସେମାନଙ୍କର କାର୍ଯ୍ୟ ପରିସର ଅନୁକୂଳ କରିବା ଓ ସେମାନଙ୍କର କଲ୍ୟାଣ ପାଇଁ ଉଚିତ ପଦକ୍ଷେପ ନେବା ଆଦି ବିଚାରକୁ ନିଆଯାଇଛି । କେତେ କ୍ଷେତ୍ରରେ ଶିଶୁଶ୍ରମିକମାନଙ୍କୁ ସଂଗଠିତ କରିବାକୁ ଉଦ୍ୟମ କରାଯାଇ ଶ୍ରମିକ ସଂଘମାନ ମଧ ଗଢ଼ାଯାଇଛି । ଅନ୍ୟଗୋଟିଏ ଗୋଷ୍ଠୀ କହୁଛି ଯେ ଯେଉଁ ଶିଶୁ ସ୍କୁଲକୁ ଯାଉନାହିଁ, ସେ ହିଁ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ଶିଶୁ ଶ୍ରମିକ । ତେଣୁ ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବାକୁ ହେଲେ ପ୍ରତ୍ୟେକ ପିଲାକୁ ସ୍କୁଲକୁ ଯିବାକୁ ହେବ । ସବୁ ପିଲା ଯଦି ସ୍କୁଲକୁ ଯିବେ, ତେବେ ଶିଶୁଶ୍ରମିକ ଆଉ ରହିବେ କେଉଁଠି ? ଏସବୁ କଥା ବିଚାରକୁ ନେଇ ଶିଶୁ ଶ୍ରମିକ ଉଚ୍ଛେଦ ଆଇନ ଏ ଦେଶରେ ଲାଗୁ କରାଯାଇଛି । ଶିଶୁ ଶ୍ରମିକ ରଖିବା ଏକ ଦଣ୍ଡନୀୟ ଅପରାଧ । ଏ ଆଇନ ଲାଗୁ ହେବା ପରଠାରୁ ସାମାଜିକ ତଥା ଆର୍ଥିକ କ୍ଷେତ୍ରରେ କିଛିଟା ପ୍ରଭାବ ପଡିଛି । ଶିଶୁ ଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ସ୍କୁଲ ଖୋଲାଯାଇଛି । ସ୍ୱେଚ୍ଛାସେବୀ ସଂଗଠନମାନେ ଏ ଆଇନକୁ କାର୍ଯ୍ୟକାରୀ କରିବାକୁ ତତ୍ପର ହୋଇଛନ୍ତି, କିନ୍ତୁ ଅସଲ କ୍ଷେତ୍ରରେ ଶିଶୁ ଶ୍ରମିକମାନଙ୍କର ସଂଖ୍ୟା କମିଛି କି ? ଆନ୍ତର୍ଜାତିକ କ୍ଷେତ୍ରରେ ମଧ ଶିଶୁ ଶ୍ରମିକ କିପରି ବନ୍ଦ ହେବ ବିଭିନ୍ନ ପ୍ରକାର ଆନ୍ଦୋଳନ ହୋଇଛି । ଯେଉଁ ଯେଉଁ ଶିଳ୍ପରେ ଶିଶୁ ଶ୍ରମିକମାନଙ୍କୁ ନିଯୁକ୍ତି କରାଯାଇଛି, ସେଇସେଇ ଶିଳ୍ପଗୁଡିକୁ ଚିହ୍ନଟ କରାଯାଇଛି ଓ ସେଥିରେ ତିଆରି ବସ୍ତୁଗୁଡିକର ଆମଦାନୀ ଉପରେ ଅନେକ କଟକଣା ଜାରି କରାଯାଇଛି । ବିକଶିତ ଦେଶରେ ଶିଶୁ ଶ୍ରମିକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଶୋଷଣର କଥାସବୁ ଖୁବ୍ ପ୍ରଭାବ ପକାଇଛି ଓ ଅନେକ ସଚେତନ ବ୍ୟକ୍ତି ଏହି ଅତ୍ୟାଚାରିତ ଶିଶୁମାନଙ୍କ ଦ୍ୱାରା ତିଆରି ଜିନିଷ ମଧ ବର୍ଜନ କରିଛନ୍ତି । ମୋଟାମୋଟି ବିକଶିତ ଦେଶରେ ଶିଶୁ ଶ୍ରମିକମାନଙ୍କ ପାଇଁ ଗୋଟାଏ ପ୍ରକାରର ସର୍ବନିମ୍ନ ସୁବିଧା ଓ ଗୁଣାତ୍ମକ ପରିବେଶ ଦାବି କରାଯାଇ ବିଭିନ୍ନ ସର୍ତ୍ତ ଆରୋପ କରାଯାଇଛି । ଏସବୁର ପ୍ରଭାବ ଫଳରେ ଶିଶୁଶ୍ରମିକମାନଙ୍କ ଉପରେ ଅତ୍ୟାଚାର କମିଯାଇଛି ସତ, କିନ୍ତୁ

Digitized by srujanika@gmail.com

ଶିଶୁଶ୍ରମିକମାନଙ୍କୁ ବିଭିନ୍ନ କାମରେ ଲଗାଇବାରେ ବ୍ୟାପକତା ଉଲ୍ଲେଖନୀୟ ଭାବେ କମି ନାହିଁ । ଏବେ ମଧ୍ୟ ସାରା ପୃଥିବୀ ଦେଖୁଛି ଯେ ଶିଶୁଶ୍ରମିକମାନଙ୍କର ସଂଖ୍ୟା ବଢୁଛି । ଏହା ସହିତ ଶିଶୁମାନଙ୍କୁ ନେଇ ବ୍ୟବସାୟ କରିବା, ଶିଶୁମାନଙ୍କୁ ଯୌନ ବ୍ୟବସାୟରେ ବିନିଯୋଗ କରିବା, ଶିଶୁମାନଙ୍କୁ ଯୁଦ୍ଧରେ ସୈନିକଭାବେ ଲଗାଇବା ଆଦି ଅନେକାଂଶରେ ବଢ଼ିଯାଇଛି । ଶ୍ରମବଜାରରେ ଶିଶୁଶ୍ରମିକ ଏବେ ମଧ୍ୟ ଶସ୍ତା ଦ୍ରବ୍ୟଭଳି ବିକାକିଣାର ସାମଗ୍ରୀ ହୋଇଛି । ଏଇ ବିକାକିଣା ପ୍ରକ୍ରିୟାରେ ବାପାମାଆମାନେ ପ୍ରତ୍ୟକ୍ଷଭାବେ ସାମିଲ ହେବାର ଅନେକ ଉଦାହରଣ ଅଛି । ବାପାମାଆମାନେ ପିଲାଙ୍କୁ ସ୍କୁଲକୁ ନପଠାଇ ରୋଜଗାର ଅର୍ଜନ କରିବାକୁ ବାଧ କରୁଛନ୍ତି । ବାପାମାଆମାନେ ସମ୍ଭବତଃ ଅନୁଭବ କରୁଛନ୍ତି ଯେ ତାଙ୍କର ପିଲାଟି ପାଠ ପଢ଼ି ଶିକ୍ଷିତ ହେଲେ ମଧ୍ୟ ବେକାର ରହିବ ଓ ନିଜର ପେଟ ପୋଷି ପାରିବ ନାହିଁ । ଏଇଥିପାଇଁ କର୍ମସଂସ୍ଥାନ ଉଦ୍ଦେଶ୍ୟରେ ପିଲାଟିକୁ ବିନିଯୋଗ କରିବାକୁ ପରିବାର ବାଧ ହୋଇଛି । ପିଲାଟିର ଭବିଷ୍ୟତକୁ ଅନ୍ଧାର କରିଦେବାର ପ୍ରକ୍ରିୟା ପରିବାରରୁ ଆରମ୍ଭ ହୋଇଛି । ଲଜ୍ୟା, କ୍ଷୋଭ ବା ସାମାଜିକ ବାସନ୍ଦ ପ୍ରତି ପରିବାର ଭ୍ରୁକ୍ଷେପ କରୁନାହିଁ । ମଜୁରି କମ୍ ହେଉ କି ବେଶି ହେଉ, ପିଲାଟି କିଛି ଆୟ କରୁ ଓ ପରିବାରର ଆର୍ଥିକ ବୋଝ କିଛିମାତ୍ରାରେ ଲାଘବ କରୁ ଏହା ପ୍ରତ୍ୟେକ ପରିବାର ଆଶା କରୁଛି । ୧୦ ରୁ ୧୪ବର୍ଷର ପିଲାଙ୍କ ଅବସ୍ଥା ଏଇଆ । ସବୁକ୍ଷେତ୍ରରେ ଏଇ ବୟସର ପିଲାଙ୍କୁ ଲଗାଇବାକୁ ଅନେକ ପସନ୍ଦ କରୁଛନ୍ତି । କାରଣ ଅଳ୍ପ ମଜୁରି ଦେଇ ବେଶି କାମ ଆଦାୟ କରିହେବ ଓ ଏଇ ବୟସର ପିଲାମାନେ ଅସଂଗଠିତ ହୋଇଥିବାରୁ ସେମାନେ ସବୁ ଅନ୍ୟାୟ ଅତ୍ୟାଚାର ମୁଣ୍ଡପାତି ସହିନେବେ । ଖୋଲାବଜାରର ଅର୍ଥନୀତିରେ ସେମାନେ ଶସ୍ତା ପଣ୍ୟଦ୍ରବ୍ୟ ହୋଇଥିବାରୁ, ସେମାନଙ୍କର ନିଜତ୍ୱ କିଛି ରହିବନାହିଁ । ଅଧିକାର ବୋଲି ଗୋଟାଏ କିଛି ଅଛି, ତାହା ଶିଶୁଶ୍ରମିକମାନଙ୍କ ପ୍ରତି ଲାଗୁ ହେଉନାହିଁ । ଏବେ ପୃଥିବୀସାରା ରାସ୍ତାକଡର ପିଲାମାନେ ବା ଷ୍ଟ୍ରୀଟ୍ ଚିଲ୍ଡ୍ରେନ୍ (Street Children) ଅନେକ ଗୁଣରେ ବଢ଼ିଯାଇଛନ୍ତି । ସେମାନଙ୍କୁ ଦେଖିଲେ ଜଗତୀକରଣ ଓ ଉଦାରୀକରଣ ପ୍ରକ୍ରିୟାର କୁପ୍ରଭାବ ସହଜରେ ଅନୁଭବ କରିହେଉଛି । ଶିଶୁଶ୍ରମିକମାନଙ୍କ ହିତ ପାଇଁ ରାଷ୍ଟ୍ରର ଏକ ଭୂମିକା ରହିଛି । ଶିଶୁଶ୍ରମିକ ନିରୋଧ ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଏବଂ ନାଗରିକ ସମାଜର ଏକ ଦାୟିତ୍ୱବୋଧ ରହିଛି । ଆନ୍ତର୍ଜାତିକ ଶ୍ରମ ସଂଗଠନ ଏକ ଅଧ୍ୟୟନରେ ପ୍ରକାଶ କରିଛି ଯେ ସାରା ପୃଥିବୀର

Digitized by srujanika@gmail.com

ପ୍ରାୟ ୨୫କୋଟି ଶିଶୁଶ୍ରମିକ ଅଛନ୍ତି । ଏମାନଙ୍କର ବିକାଶ ଓ ଅଧିକାର ପାଇଁ ଅଙ୍ଗୀକାରବଦ୍ଧତାର ଘୋର ଅଭାବ ଦେଖାଦେଇଛି । ବିଶ୍ୱ ଅର୍ଥନୀତିରେ ଶିଶୁଶ୍ରମିକ ଏବେ ବ୍ୟାପକ ଭୂମିକା ଗ୍ରହଣ କରିଛି । ଭାରତରେ କାର୍ପେଟ ଶିଳ୍ପ, ବଙ୍ଗଳା ଦେଶରେ ପୋଷାକ ତିଆରି ଶିଳ୍ପ, ପାକିସ୍ତାନରେ ଫୁଟବଲ୍ ତିଆରି ଶିଳ୍ପ, ବର୍ମାର ତୈଳ ପାଇପ୍ ବିଛାଇବା କାମ, ଚୀନ୍‌ରେ କଣ୍ଢେଇ ତିଆରି ଶିଳ୍ପରେ ଶିଶୁଶ୍ରମିକମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି । ଏ ଦେଶମାନଙ୍କରେ ଦାରିଦ୍ର୍ୟର ଖାଇ ଯେତିକି ଯେତିକି ବଢୁଛି, ଶିଶୁଶ୍ରମିକଙ୍କ ସଂଖ୍ୟା ସେଇ ଅନୁପାତରେ ମଧ୍ୟ ବଢ଼ିବାରେ ଲାଗିଛି ।

ଶିଶୁଶ୍ରମିକ ନିରୋଧ ଆଇନ ସହ ଶିଶୁଅଧିକାରକୁ ସାମିଲ କରି ନଦେଖିଲେ ଏବଂ ବାସ୍ତବଧର୍ମୀ କାର୍ଯ୍ୟକ୍ରମ ପ୍ରସ୍ତୁତ ନକରିଲେ ଶିଶୁଶ୍ରମିକମାନଙ୍କ ସଂଖ୍ୟା କମାଇ ହେବ ନାହିଁ । ଜାତିସଂଘର ଶିଶୁଅଧିକାର ସମ୍ପର୍କରେ ଘୋଷଣାନାମା ପ୍ରକାଶ ପାଇଛି । ଆମ ଦେଶରେ ମଧ୍ୟ ଶିଶୁଅଧିକାରକୁ ନେଇ ନାଗରିକ ସମାଜ ବିଭିନ୍ନ ପ୍ରକାରର ଜନଆନ୍ଦୋଳନ ପାଇଁ ପ୍ରୟାସ କରିଛନ୍ତି । ଏବେ ଏଦିଗରେ ସଚେତନତା ବଢ଼ିବାରେ ଲାଗିଛି । ଶିଶୁଅଧିକାର ମଣିଷର ସ୍ୱାଧୀନତା ଭଳି ଏକ ମୌଳିକ ଅଧିକାରର ଅଂଶବିଶେଷ । ତା'କୁ ଖାଦ୍ୟ, ବସ୍ତ୍ର, ପାନୀୟ ଜଳ, ବାସଗୃହ, ପୋଷାହାର, ସ୍ୱାସ୍ଥ୍ୟସେବା, ସାମାଜିକ ନିରାପତ୍ତା ମିଳିବା ଜରୁରି । ନାଗରିକର ସ୍ୱାଧୀନତା ଓ ସାର୍ବଭୌମତା ମଧ୍ୟ ଶିଶୁର ପ୍ରାପ୍ୟ । ଏସବୁ କିନ୍ତୁ ବର୍ତ୍ତମାନର ସାମାଜିକ, ଆର୍ଥିକ ଓ ରାଜନୈତିକ ପରିସ୍ଥିତିରେ କେବଳ କଳ୍ପନା ବିଳାସ ବୋଲି ସହଜରେ ଅନୁଭବ କରିହେଉଛି । ସାମ୍ପ୍ରତିକ ବ୍ୟବସ୍ଥାରେ ଶିଶୁର ଅବସ୍ଥାଗୁଡିକୁ ବିଶ୍ଳେଷଣ କରିବା ଜରୁରି ହୋଇପଡିଛି । ଶିଶୁ ସର୍ବପ୍ରଥମେ ଶୋଷଣ, ଅତ୍ୟାଚାର, ଯୌନ ନିର୍ଯାତନା ଭଳି ସମସ୍ୟାରୁ ମୁକ୍ତ ହୋଇ ଉତ୍ତମ ଲାଳନ ପାଳନ ଆବଶ୍ୟକ କରେ । କିନ୍ତୁ ଏହାର ଘୋର ବ୍ୟତିକ୍ରମ ଦେଖାଦେଇଛି ଏବେ । ଫଳରେ ଶିଶୁର ବିକାଶ ଉପରେ ଏକ ପ୍ରଶ୍ନବାଚକ ଚିହ୍ନ ଲଗାଯାଉଛି । ଶିଶୁମାନଙ୍କୁ ପଣ୍ୟଦ୍ରବ୍ୟ ଭଳି କିଣାବିକା କରାଯାଉଛି ଅନେକ କ୍ଷେତ୍ରରେ । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଇ ତା'ଉପରେ ଜୁଲୁମ୍ କରାଯାଉଛି ଓ ବିଭିନ୍ନ ବ୍ୟବସାୟରେ ଲଗାଯାଉଛି । ଦେଖାଯାଉଛି ଯେ ଶିଶୁମାନେ ଯୌନ ନିର୍ଯ୍ୟାତନା ଯୋଗୁଁ ଏଚ୍.ଆଇ.ଭି. ଏଡସ୍ ଭଳି ମାରାତ୍ମକ ଯୌନ ବ୍ୟାଧି ଦ୍ୱାରା ସଂକ୍ରମିତ ହେଉଛନ୍ତି । ଯେଉଁଠି ବାପାମାଆମାନେ ଏଇଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି, ପିଲାମାନେ ଖୁବ୍ ପ୍ରଭାବିତ ହେଉଛନ୍ତି । ଗୃହଯୁଦ୍ଧ ବା ଆଭ୍ୟନ୍ତରୀଣ

Digitized by srujanika@gmail.com

ବିବାଦ ହେଲେ ପିଲାମାନଙ୍କୁ ଯନ୍ତ୍ରଣା ଦିଆଯାଉଛି । ଏବେ ପୃଥିବୀର ଅନେକ ଶିଶୁ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ସାରା ପୃଥିବୀରେ ସାର୍ବଜନୀନ ପ୍ରାଥମିକ ଶିକ୍ଷା କେବଳ ସ୍ଲୋଗାନରେ ପରିଣତ ହୋଇଛି । ବାଳିକା ଶିଶୁମାନଙ୍କର ଶିକ୍ଷାହାର ଆବଶ୍ୟକମାତ୍ରାରେ ବଢ଼ିନାହିଁ । ଶିଶୁଶ୍ରମିକମାନେ ଅନେକ କ୍ଷେତ୍ରରେ ଗୋତିଶ୍ରମିକ ଭଳି ଦିନ କାଟୁଛନ୍ତି । ପରିବାର ଠାରୁ ଦୂରରେ ରହି ଏମାନେ ଅମାନୁଷିକ ଯନ୍ତ୍ରଣାର ସମ୍ମୁଖୀନ ହେଉଛନ୍ତି । ଏଇଭଳି ଶିଶୁଶ୍ରମିକ ସର୍ବତ୍ର ଦେଖିବାକୁ ମିଳୁଛି । ସ୍ୱାସ୍ଥ୍ୟ ଦୃଷ୍ଟିରୁ ଶିଶୁମାନେ ସବୁଠାରୁ ଅବହେଳିତ । ଶିଶୁ ମୃତ୍ୟୁହାର ଭାରତ ଭଳି ଦେଶରେ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି । ଦୁଃଖର କଥା ଯେ ଭାରତର ଶିଶୁ ମୃତ୍ୟୁହାର ସାରା ପୃଥିବୀରେ ସବୁଠାରୁ ଅଧିକ । ଦେଶରେ ବର୍ତ୍ତମାନ ଯେଉଁ ଆଇନ ବ୍ୟବସ୍ଥା ଅଛି ସେଥିରେ ଶିଶୁମାନେ ଆଦୌ ସୁରକ୍ଷିତ ନୁହନ୍ତି । ହିଂସାର ଶିକାର ହୁଅନ୍ତି ଶିଶୁମାନେ । ଘରେ, ସ୍କୁଲରେ, ରାଜରାସ୍ତାରେ, କର୍ମକ୍ଷେତ୍ରରେ, କାରାଗାରରେ ଅଥବା ସର୍ବସାଧାରଣ ସ୍ଥାନରେ ଶିଶୁମାନେ ବିଭିନ୍ନ ଆକ୍ରମଣ ଓ ହିଂସାର ସାମ୍ନା କରିଥାଆନ୍ତି । ବିକଳାଙ୍ଗ ଶିଶୁମାନଙ୍କୁ ଅନେକ ନିର୍ଯ୍ୟାତନା ଓ ପାତର ଅନ୍ତର ଭାବନାର ସମ୍ମୁଖୀନ ହେବାକୁ ପଡିଥାଏ । ଶାରୀରିକ ଓ ମାନସିକ କ୍ଷେତ୍ରରେ ଯଦି ଶିଶୁଟି ଅକ୍ଷମ ହୋଇଥାଏ, ଜୀବନସାରା ତା'କୁ ଅନେକ ପ୍ରକାରର ବୈଷମ୍ୟ ଭୋଗିବାକୁ ପଡେ । ଶିଶୁଟି ଯଦି ବାଳିକା ହେଲା, ତାହେଲେ ତା'ର ଦୁର୍ଦ୍ଦଶା କହିଲେ ନସରେ । ଅନେକ ସମୟରେ ନିର୍ଯାତନାର ଅନେକ ସତ୍ୟ ଘଟଣା ଗଣମାଧ୍ୟମରେ ପ୍ରକାଶ ହୋଇଛି । ଗଣମାଧ୍ୟମରେ ଶିଶୁମାନଙ୍କୁ ବ୍ୟବସାୟ ଓ ବେପାରର ସାମଗ୍ରୀ ରୂପେ ପ୍ରଦର୍ଶନ କରାଯାଉଛି । ଶିଶୁମାନେ ବିଭିନ୍ନ ମାଦକ ଦ୍ରବ୍ୟ ବ୍ୟବହାର କରିବାର କୁଅଭ୍ୟାସରେ ପଡିଯାଉଛନ୍ତି । ରାସ୍ତାକଡ଼ରେ ଜୀବନଯାପନ କରୁଥିବା ପିଲାମାନଙ୍କ ସଂଖ୍ୟା କମ୍ ନୁହେଁ । ଆଶ୍ରୟହୀନ ଭାବେ ରହୁଥିବା ପିଲାମାନଙ୍କୁ ଦେଖିଲେ ଆଖିରେ ସ୍ୱତଃ ଲୁହ ଆସିଯାଏ । ପୃଥିବୀରେ ବାଲ୍ୟ ବିବାହ ପ୍ରଥା ଅନେକ ଶିଶୁଙ୍କ ଜୀବନକୁ ଓଲଟପାଲଟ କରିଦିଏ । ବାଲ୍ୟ ବିବାହ ସବୁ ଦୃଷ୍ଟିରୁ ଆଇନ ଭଙ୍ଗର ଜ୍ୱଳନ୍ତ ଉଦାହରଣ ଏବଂ ମାନବାଧିକାରର ସ୍ପଷ୍ଟ ଉଲ୍ଲଙ୍ଘନ । ଦେଶାନ୍ତରୀ ହେଉଥିବା ବା ବିସ୍ଥାପିତ ହେଉଥିବା ପରିବାରଙ୍କ ପିଲାମାନଙ୍କ ଦୁଃଖ କହିଲେ ନସରେ । ନିଜର ଘରଦ୍ୱାର ଓ ପରିବେଶରୁ ଛିଟିକି ପଡୁଥିବା ଶିଶୁମାନେ କେତେବେଳେ ନିରାପଦ ମନେ କରନ୍ତି ନାହିଁ । ଅନେକ କ୍ଷେତ୍ରରେ ପିଲାମାନେ ହଜିଯାଆନ୍ତି । କେଉଁଆଡ଼େ ଲୁଚିଯାଆନ୍ତି । ସେମାନଙ୍କୁ ଖୋଜିଲେ ଆଉ ମିଳେନାହିଁ । ଏମାନଙ୍କୁ ମିସିଙ୍ଗ୍ ଚିଲିଡ୍ରେନ୍ (Missing Children) କୁହାଯାଏ । ଏମାନଙ୍କ ପତ୍ତା ମିଳେନାହିଁ ।

Digitized by srujanika@gmail.com

ଶିଶୁଅଧିକାରକୁ ନେଇ ୧୯୮୯ ମସିହା ନଭେମ୍ବର ମାସରେ ଜାତିସଂଘରେ ଘୋଷଣାନାମା ପ୍ରକାଶ ପାଇଥିଲା । ଯୁକ୍ତରାଷ୍ଟ୍ର ଆମେରିକା ଓ ସୋମାଲିଆକୁ ଛାଡିଦେଲେ ପୃଥିବୀର ୧୯୩ଟି ଦେଶ ଏଥିରେ ହସ୍ତାକ୍ଷର କରିଥିଲେ । ଶିଶୁମାନଙ୍କର ସ୍ଥିତି ଓ ସ୍ୱରକୁ ଏଥିରେ ମାନ୍ୟତା ଦିଆଯାଇଥିଲା । ଏ ଘୋଷଣାନାମାରେ ଶିଶୁକୁ ମୃତ୍ୟୁଦଣ୍ଡ ନ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ୟୁନିସେଫ୍(UNICEF) ଭଳି ଆନ୍ତର୍ଜାତିକ ସଂସ୍ଥାମାନେ ଶିଶୁମାନଙ୍କ ସ୍ଥିତି ଉପରେ ବାର୍ଷିକ ରିପୋର୍ଟ ପ୍ରକାଶ କରିଥାଆନ୍ତି । ଶିଶୁବିକାଶ ପାଣ୍ଠି ଜରିଆରେ ଏ ସଂସ୍ଥା ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥାଏ । ଅନେକ ଆନ୍ତର୍ଜାତିକ ଅନୁଦାନକାରୀ ସଂସ୍ଥାମାନେ ଶିଶୁବିକାଶ ପାଇଁ ଅନେକ ପ୍ରକାର ପ୍ରକଳ୍ପ ହାତକୁ ନେଇଥାଆନ୍ତି । କିନ୍ତୁ ଏସବୁ ସତ୍ତ୍ୱେ ଶିଶୁ ଅଧିକାର ଆଶାଜନକ ନୁହେଁ ବୋଲି ପୃଥିବୀସାରା ସୂଚନା ମିଳୁଛି । ଏଇ ପରିସ୍ଥିତିରେ ଶିଶୁ ଅଧିକାରଗୁଡିକୁ କିପରି ସୁରକ୍ଷା ଦିଆଯିବ, ପୃଥିବୀସାରା ବିଚାର ବିମର୍ଷ ଚାଲିଛି । ସ୍ୱେଚ୍ଛାସେବୀ ସଂଗଠନ ଓ ନାଗରିକ ସମାଜ ସଂଘବଦ୍ଧ ଭାବରେ ଏଇ ଶିଶୁ ଅଧିକାରଗୁଡିକର ସୁରକ୍ଷା ଦେଇପାରିବେ ବୋଲି ମତାମତ ପ୍ରକାଶ ପାଇଛି । ପରିବାର ସ୍ତରରୁ ଆରମ୍ଭ କରି ଆନ୍ତର୍ଜାତିକ ସ୍ତର ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଜନଓକିଲାତିର ଆବଶ୍ୟକତା ରହିଛି । ରାଷ୍ଟ୍ର ଶିଶୁ ଅଧିକାର ପାଇଁ କି କି ପଦକ୍ଷେପ ନେବ ତାହା ନିଷ୍ପତ୍ତି କରିବାର ସମୟ ଆସିଛି । ଆଜିର ଶିଶୁ କାଲିର ନାଗରିକ ବୋଲି ସମସ୍ତେ କହୁଛନ୍ତି । କିନ୍ତୁ ଶିଶୁଟି ବଢ଼ିବା ସଙ୍ଗେ ସଙ୍ଗେ ସମାନ ନାଗରିକତ୍ୱ ଏବଂ ସର୍ବନିମ୍ନ ଅଧିକାରରୁ ବଞ୍ଚିତ ହେବା ଲକ୍ଷ୍ୟ କରାଯାଉଛି । ଏଇ ପରିପ୍ରେକ୍ଷୀରେ ଶିଶୁର ଜୀବନ କିପରି ଗୁଣାତ୍ମକ ହେବ ଓ ତାହାର ସ୍ୱାଭାବିକ ଅଭିବୃଦ୍ଧି କିପରି ହେବ, ସେଥିପ୍ରତି ସମସ୍ତେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଆମ ଦେଶରେ ଶିଶୁମାନଙ୍କୁ ମାନ୍ୟତା ଦେବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ଜନ୍ମତିଥିକୁ ଶିଶୁଦିବସ ବୋଲି ମାନ୍ୟତା ଦିଆଯାଇଛି । ଏହା କିନ୍ତୁ ଯଥେଷ୍ଟ ନୁହେଁ । ଶିଶୁମାନଙ୍କ ଉପରେ ସମସ୍ତ ପ୍ରକାରର ଶୋଷଣ ଅତ୍ୟାଚାର ବନ୍ଦ କରିବାକୁ ହେଲେ, କାୟମନବାକ୍ୟରେ ଅଭିଭାବକ ଓ ବୟସ୍କମାନଙ୍କୁ ଦୃଢ଼ ନିଷ୍ପତ୍ତି ନେବାର ଅଛି ।

Digitized by srujanika@gmail.com

୨୨

କବିତା ସେମାନଙ୍କ ପାଇଁ

ଏ ପୃଥିବୀରେ ଅଗଣିତ ଶୋଷିତ, ନିଷ୍ପେଷିତ ଓ ଅତ୍ୟାଚରିତ ମଣିଷମାନଙ୍କ ବିଷୟରେ ସବୁ ଯୁଗରେ କବି ଓ ଲେଖକ ଲେଖନୀ ଚାଳନା କରିଆସିଛନ୍ତି । ସୃଷ୍ଟି ହୋଇଛି ଅନବଦ୍ୟ ସାହିତ୍ୟ । ପାଠକମାନେ ଅଭିଭୂତ ହୋଇଯାଇଛନ୍ତି । କବିତା, ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ କେବଳ ତଥାକଥିତ ବୁର୍ଜୁଆମାନଙ୍କୁ ନାୟକ କରି ଲେଖା ଯାଇନାହିଁ । ବିଶ୍ୱ ସାହିତ୍ୟରେ ମାଇଲଖୁଣ୍ଟ ରୂପେ ଛିଡା ହୋଇଛନ୍ତି ଅନେକ ବିପ୍ଳବୀ କବି, ଔପନ୍ୟାସିକ, ଦାର୍ଶନିକ ଓ ବୁଦ୍ଧିଜୀବୀ । ଏଇଥିପାଇଁ ବିଶ୍ୱ-ସାହିତ୍ୟ ଯୁଗାନ୍ତକାରୀ ହୋଇପାରିଛି । ଆଜି ପାଠକମାନେ ସମୟ ସୁଯୋଗ ପାଇଲେ ପଢୁଛନ୍ତି ଏ ବିପ୍ଳବୀ ଲେଖକମାନଙ୍କୁ । ବିପ୍ଳବ ଓ ପ୍ରତିବାଦ ସମାହିତ ସାହିତ୍ୟର ଚିରନ୍ତନ ମୂଲ୍ୟବୋଧ ରହିଛି ।

ଏ ସ୍ତମ୍ଭରେ ଓଡ଼ିଶାର ବିପ୍ଳବୀ ଓ ମାନବବାଦୀ ଲେଖକ ଓ ସମାଲୋଚକ ସ୍ୱର୍ଗତ ଶ୍ରୀ ଗୋଦାବରୀଶ ମହାପାତ୍ରଙ୍କ କଥା ଲେଖିଲା ପରେ ଜଣେ ବନ୍ଧୁ ମୋତେ ପଚାରିଥିଲେ ଯେ, ମୁଁ ଆଉଜଣେ ବିପ୍ଳବୀ ସ୍ୱର୍ଗତ ଅନନ୍ତ ପଟ୍ଟନାୟକଙ୍କ କବିତା ପଢ଼ିଛି କି ନାହିଁ ଏବଂ ତାଙ୍କର ସଂଘର୍ଷମୟ ଜୀବନ ବିଷୟରେ ଅବଗତ ହୋଇଛି କି ନାହିଁ ? ମୋର ମନେ ଅଛି ମୁଁ ହାଇସ୍କୁଲର ଛାତ୍ର ଥିବାବେଳେ ଆମର ସାହିତ୍ୟାନୁରାଗୀ ଶିକ୍ଷକମାନେ ବେଳେବେଳେ ଆମକୁ ଯେଉଁ କବିତା ପଢ଼ି ଶୁଣାଇ ବିପ୍ଳବୀ ସାହିତ୍ୟ ସହ ପରିଚିତ କରାଉଥିଲେ, ସେ ଭିତରେ ଥିଲେ ଗୋଦାବରୀଶ ମହାପାତ୍ର, ଅନନ୍ତ ପଟ୍ଟନାୟକ ଓ ରବି ସିଂ ଅନ୍ୟତମ । ସେମାନଙ୍କ ସ୍ପନ୍ଦନସ୍ପର୍ଶୀ ଓ ଛନ୍ଦମୟ କବିତାଗୁଡ଼ିକୁ ମନେ ରଖିବାକୁ ପରାମର୍ଶ ଦେଉଥିଲେ । ସ୍ୱାଧୀନତା ପୂର୍ବରୁ ଓ ପରେ ସଂଘର୍ଷ ଓ ପ୍ରତିବାଦର ସାହିତ୍ୟ କେମିତି ସୃଷ୍ଟି ହୋଇଛି ତାହାର କିଛି କିଛି ଆଭାସ ଆମକୁ ଦେଉଥିଲେ । ଅନେକ କିଛି ପଢ଼ିବାକୁ ସୁଯୋଗ ସୃଷ୍ଟି କରିଥିଲେ । ସେ ସମୟର

Digitized by srujanika@gmail.com

ତରୁଣ ବୟସରେ ଅନନ୍ତ ପଟ୍ଟନାୟକଙ୍କ ବହି "ଛାଇର ଛିଟା" ଏବେ ମଧ୍ୟ ମନେ ଅଛି । ଆହୁରି ମଧ୍ୟ ମନେ ଅଛି, ସେହି ଲେଖକଙ୍କ ଦ୍ୱାରା ଅନୁବାଦ କରାଯାଇଥିବା ପ୍ରସିଦ୍ଧ ଋଷୀୟ ଔପନ୍ୟାସିକ ମାକ୍‌ସିମ୍ ଗର୍କୀଙ୍କ 'ମା' ଉପନ୍ୟାସ । ଆମେ ଅନେକ ଥର ଏ ବହି ପଢ଼ି ଆନ୍ଦୋଳିତ ହୋଇଥିଲୁ ନିଶ୍ଚିତ । ଇତିହାସରେ ଚମକ ସୃଷ୍ଟି କରିଥିବା ବିପ୍ଳବ ଗୁଡିକର ଅନ୍ୟ ଏକ ଦିଗ ଆମ ପାଇଁ ନିଶ୍ଚିତ ଉନ୍ମୋଚିତ ହୋଇଥିଲା ସେହି ଦିନମାନଙ୍କରେ । କବିତା ଓ ଉପନ୍ୟାସ ଆଜି କେବଳ ଯେ ପ୍ରେମ, ବିରହ ଓ ବିଚ୍ଛେଦ, ରୋମାଣ୍ଟିକ ଆଡ୍‌ଭେଞ୍ଚର ଉପରେ ଆଧାରିତ ନୁହେଁ ଏହା ମଧ୍ୟ ହୃଦ୍‌ବୋଧ ହୋଇଥିଲା ଏ ସମୟରେ । ଆମକୁ ସବୁଦିନ ପାଇଁ ମନେ ରଖିବାକୁ ପଡିଥିଲା :

"ନବୀନ ଯୁଗର ତରୁଣ, ଜାଗରେ
ଜାଗ ବନ୍ଧନ ହରା
ବକ୍ଷ ଶୋଣିତେ, ଲକ୍ଷ ଜୀବନ
ଖେଳାଅ ଆଲୋକ ଧାରା"

ଖାଲି ମନେ ରଖିବାକୁ ହୋଇ ନଥିଲା, ଆମକୁ ଜାଗରିତ ହେବାକୁ ଇନ୍ଧନ ମଧ୍ୟ ମିଳିଥିଲା ।

ବନ୍ଧୁ ଶ୍ରୀ ପ୍ରଫୁଲ୍ଲ ବେହେରା ମୋର କବି ଅନନ୍ତ ପଟ୍ଟନାୟକଙ୍କୁ ଆଉଥରେ ପଢ଼ିବାର ଆଗ୍ରହ ଜାଣିପାରି କେତୋଟି ବହି ସଂଗ୍ରହ କରିବାର ଦାୟିତ୍ୱ ନେଇଥିଲେ । ମୁଁ ଜାଣେ ଯେ ବିପ୍ଳବୀର ସାହିତ୍ୟ କେବଳ ପାଶ୍ଚାତ୍ୟ ଦେଶମାନଙ୍କରେ ସୀମିତ ନୁହେଁ । ଜଣେ ଦାନ୍ତେ, ସିନ୍‌କ୍ଲେୟାର, ଟଲଷ୍ଟୟ, ମାକ୍‌ସିମ୍ ଗର୍କୀ, ଅଷ୍ଟ୍ରୋଭସ୍କି ବା ମାୟାକୋଭସ୍କି ପଢ଼ିବା ସଙ୍ଗେ ସଙ୍ଗେ ସ୍ଥାନୀୟ ବିପ୍ଳବୀ କବି ଓ ଲେଖକମାନଙ୍କୁ ପଢ଼ିବା ନିତାନ୍ତ ଆବଶ୍ୟକ । ସବୁ ଭାଷାରେ ବିପ୍ଳବ ଓ ପ୍ରତିବାଦ ସାହିତ୍ୟ ସୃଷ୍ଟି ହୋଇଛି । ଅନେକ ଉଚ୍ଚକୋଟୀର ବହି ମଧ୍ୟ ଅନୁବାଦ କରାଯାଇଛି ବିଭିନ୍ନ ଭାଷାରେ । ଅବଶ୍ୟ ଓଡ଼ିଆରେ ସୃଷ୍ଟି ହୋଇଥିବା ବିପ୍ଳବ ଓ ପ୍ରତିବାଦର ସାହିତ୍ୟକୁ ଅନ୍ୟ ଭାଷାରେ ଅନୁବାଦ କରାଯାଇଛି କି ନାହିଁ ମୁଁ ସଠିକ୍ ଜାଣି ନାହିଁ । କିନ୍ତୁ ଆଜିର ଦିନରେ ଗୋଦାବରୀଶ ମହାପାତ୍ର, ଭଗବତୀ ଚରଣ ପାଣିଗ୍ରାହୀ, ମନମୋହନ ମିଶ୍ର, ସଚ୍ଚିରାଉତ ରାୟ, ଅନନ୍ତ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ ଓ ରବି ସିଂଙ୍କ ଭଳି ବିପ୍ଳବୀ

Digitized by srujanika@gmail.com

ସାହିତ୍ୟକମାନଙ୍କ ବହି ପଢ଼ିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ ବୋଲି ମୁଁ ମନେ କରୁଛି । ଏ ସ୍ତମ୍ଭରେ ଯଦି ମୁଁ ଏମାନଙ୍କ କଥା ନଲେଖେ, ତେବେ ମୁଁ ଏକ ଅପୂରଣୀୟ ଅଭାବ ନିଶ୍ଚିତ ଅନୁଭବ କରିବି । କାରଣ ଓଡ଼ିଶାର ପୃଷ୍ଠଭୂମିରେ ଏମାନେ ମାଟିକାଦୁଅର ମଣିଷଙ୍କ ଦୁଃଖ କଷଣ, ଦାରିଦ୍ର୍ୟ ଓ ଅନାହାର ଜନିତ ଅଙ୍ଗେଲିଭା କଥା ସବୁ ଲେଖି ଯାଇଛନ୍ତି । ଓଡ଼ିଶାର ଅଶୀ ପ୍ରତିଶତ ଲୋକଙ୍କ ବିଷୟରେ ଯେଉଁ ସାହିତ୍ୟ ସୃଷ୍ଟି ହୋଇଛି, ସେ ସାହିତ୍ୟ ହିଁ ଅସଲ ସାହିତ୍ୟ । ଏଥିରେ କିଛି ମତାନୈକ୍ୟ ଅଛି ବୋଲି ମୁଁ କେବେହେଲେ ଭାବି ନାହିଁ ।

କବି ଅନନ୍ତ ପଟ୍ଟନାୟକଙ୍କ ଉପରେ ଆଧାରିତ 'ଅନନ୍ତ ବିଚିତ୍ରା', 'ଅନନ୍ତ ପଟ୍ଟନାୟକ ରଚନା ସମଗ୍ର', ଅବନୀ ବରାଳଙ୍କ ଲିଖିତ 'ଆସିଚି ମୁଁ ଆସିଚି' ବହି ମୋର କାର୍ଯ୍ୟ ବ୍ୟସ୍ତତା ସତ୍ତ୍ୱେ ମୁଁ ପଢ଼ିବାକୁ ସୁଯୋଗ ପାଇଛି । 'ଅନନ୍ତ ବିଚିତ୍ରା'ର ମୁଖବନ୍ଧ ଲେଖିଛନ୍ତି ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ଔପନ୍ୟାସିକ ଗୋପୀ ମହାନ୍ତି । ସେଥିରୁ ମୁଁ କିଛି ଉଦ୍ଧାର କରୁଛି -

"... ସେ ଗୋଟାଏ ବ୍ୟକ୍ତି ନୁହେଁ, ସେ ଗୋଟାଏ ଭାବର ପ୍ରତୀକ । ସେ ଗୋଟାଏ ସ୍ୱପ୍ନର ପ୍ରତୀକ । ଆମର ସେ ସ୍ୱପ୍ନ ସଫଳ ହେଲା ନାହିଁ । ସ୍ୱାଧୀନତା ଆସିଲା । ସ୍ୱପ୍ନ ସଫଳ ହେଲାନାହିଁ । ବହୁତ ଅତ୍ୟାଚାରୀ, ବହୁତ ଶୋଷକ, ସେତେବେଳର ଯାହାକୁ ଆମେ ଭାବିଥିଲୁ ସ୍ୱାଧୀନତା ପରେ ଦଣ୍ଡ ପାଇବେ ସେମାନେ ହାତରେ ଧରିଲେ କ୍ଷମତାର ଚାବୁକ । ସେମାନେ ପ୍ରମୋସନ ପାଇଲେ ଉତ୍ତରୋତ୍ତର । ରାଜନୈତିକ ସ୍ୱାଧୀନତା ଆସିଲା । କିନ୍ତୁ ଜନତାର ଆଶା ସଫଳ ହେଲା ନାହିଁ । ଅନନ୍ତ ଭିତରେ ବି ନିରାଶା ଆସିଲା । କିନ୍ତୁ ଆଶା ସେ ହରେଇନି । ଚେତନା ଆସିଛି, ସେ ଚେତନା ଖେଳି ଯାଉଛି । ଚେତନା ହିଁ ଜୀବନ । ଆଜି ହୋଇନାହିଁ ; ଭବିଷ୍ୟତରେ ହେବ । କେବେ ସେ ନିରାଶାରେ ସଢ଼ି ନାହିଁ । ଯେମିତି କହନ୍ତି.. ଦେର୍ ହାଏ, ଅନ୍ଧେର ନେହିଁ- ଅବିକଳ ସେଇଆ ।"

ଗୋପୀ ମହାନ୍ତି ଅନନ୍ତ ପଟ୍ଟନାୟକଙ୍କୁ ସାର୍ଟକସ୍ ବୋଲି କହିଛନ୍ତି । ତୋଫାନ୍ ବୋଲି ଅନୁଭବ କରିଛନ୍ତି । ଆଉ କହିଛନ୍ତି... "ସେଇ ମଳି ମୁଣ୍ଡିଆ, ଯାହାଙ୍କ ପାଇଁ କବିତା ଲେଖିବାକୁ ସେ ଜନ୍ମ ହୋଇଥିଲା ।" କବି ଅନନ୍ତ ପଟ୍ଟନାୟକଙ୍କ ଜୀବନ କାହାଣୀ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି 'ଆସିଚି ମୁଁ ଆସିଚି' ବହିରେ । ଖୁବ୍ ପଠନଯୋଗ୍ୟ ଏହା । କବିଙ୍କ ନିଜ ଜୀବନ ସଂଗ୍ରାମ ଗାଁ ଗହଳର ଜୀବନ ଜନ

Digitized by srujanika@gmail.com

ସଂଗ୍ରାମ ସହ ସଂପୃକ୍ତ ଓ ସଂଶ୍ଳିଷ୍ଟ । ଏଥିରେ ଅଛି ଲବଣ ସତ୍ୟାଗ୍ରହ ଏବଂ ପ୍ରଜାମଣ୍ଡଳ ଆନ୍ଦୋଳନର ଅନୁଭୂତି; ଅଛି ଛାତ୍ର ଆନ୍ଦୋଳନର ଝଲକ । ଦୀର୍ଘ ୭୫ ବର୍ଷର ସଂଗ୍ରାମୀ ଜୀବନର ବୈଚିତ୍ର୍ୟ ଓ ଅସ୍ୱାଭାବିକ ଉଚ୍ଛ୍ୱାସ । ମୁଁ ଆଖି ପକାଇଥିଲି ଏହା ଉପରେ । ଜନ୍ମ ପୁରୀ ଜିଲ୍ଲାର ଚଣାହାଟ ଗାଁରେ ୧୧-୦୬-୧୯୧୨ ତାରିଖ ଦିନ ଓ ମହାପ୍ରୟାଣ ୨୫-୦୬-୧୯୮୭ ତାରିଖରେ । ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢ଼ା । ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ ଦ୍ୱାରା ସେ ଘୋର ପ୍ରଭାବିତ । ୧୯୨୧ରୁ ୧୯୨୭ ମସିହା ଭିତରେ ଭଗବତୀ ପାଣିଗ୍ରାହୀଙ୍କ ସହ ଘନିଷ୍ଠତା ସୂତ୍ରପାତ । ୧୯୨୮-୧୯୨୯ ମସିହାରେ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ଅଧ୍ୟୟନ ଏବଂ ୧୯୩୦ ମସିହାରେ ମ୍ୟାଟ୍ରିକ୍ ପାସ । ୧୯୩୧ରେ ରେଭେନ୍‌ସା କଲେଜରେ ଛାତ୍ର ଥିବା ସମୟରେ ସଂନ୍ତ୍ରାସବାଦୀ ଆନ୍ଦୋଳନ ପାଇଁ ଅସ୍ତ୍ରଶସ୍ତ୍ର ସଂଗ୍ରହ । ୧୯୩୨ ମସିହାରେ କଂଗ୍ରେସ ଅଧିବେଶନରେ ଯୋଗ ଦେବା ପାଇଁ ଦିଲ୍ଲୀ ଯିବା ବାଟରେ ଇଂରେଜ ପୋଲିସ୍ ହାତରେ ଧରାପଡି କାରାବାସ ଓ କଲେଜରୁ ବହିଷ୍କୃତ । ୧୯୩୪ ମସିହାରେ 'ନବଯୁଗ ମଣ୍ଡଳ' ଗଠନ ଓ ମଣ୍ଡଳର ମୁଖପତ୍ର 'ସାରଥୀ'ରେ ଛଦ୍ମନାମରେ ବହୁ କବିତାର ପ୍ରକାଶନ । ୧୯୩୪ରେ ଗାନ୍ଧିଜୀଙ୍କ ସହ ପଦଯାତ୍ରା । ୧୯୩୬ରେ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ । ୧୯୩୭-୩୮ ଗଡ଼ଜାତ ଆନ୍ଦୋଳନରେ ଅଂଶଗ୍ରହଣ ଓ ଢ଼େଙ୍କାନାଳରେ ସଶ୍ରମ କାରାଦଣ୍ଡ । ୧୯୪୦ରେ କମ୍ୟୁନିଷ୍ଟ ଷଡଯନ୍ତ୍ର ମକଦ୍ଦମା ଓ କଟକ ଏବଂ ଅନୁଗୁଳ ଜେଲରେ କାରାଦଣ୍ଡ । ୧୯୪୨ରେ 'ଉଠଜା ଭୋକି ବନ୍ଦୀ' କବିତା ସଙ୍କଳନ ପ୍ରକାଶନ । ୧୯୪୫ରେ ବିବାହ ଓ ୧୯୫୨ରେ ରାଜ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦିତା ।

୧୯୬୪ରେ 'ଅଲୋଡ଼ା ଲୋଡା'ର ପ୍ରକାଶନ ଓ ୧୯୬୬ରେ 'ଛାଇର ଛିଟା' ଗର୍କୀଙ୍କ 'ମା' ଉପନ୍ୟାସର ଅନୁବାଦ ପ୍ରକାଶନ । ୧୯୭୮ରେ 'ଅବାନ୍ତର' ପ୍ରକାଶନ ।୧୯୮୧ ମସିହାରେ ସାହିତ୍ୟ ଏକାଡେମୀ ପୁରସ୍କାର । ୧୯୮୨ରେ ସୋଭିଏତ୍ ଲ୍ୟାଣ୍ଡ ନେହେରୁ ପୁରସ୍କାର ଓ ୧୯୮୭ରେ ସାରଳା କମିଟି ପକ୍ଷରୁ ସମ୍ମାନ । ଏଇଭଳି ଅନେକ କିଛି ସ୍ମରଣୀୟ ଘଟଣା ସବୁ ଅନନ୍ତ ପଟ୍ଟନାୟକଙ୍କ ଜୀବନରେ ଘଟିଛି । ଶ୍ରୀ ଅବନୀ ବରାଳ ଲେଖିଛନ୍ତି -

"... କବି ଅନନ୍ତ ପଟ୍ଟନାୟକଙ୍କର ସାହିତ୍ୟ ସୃଷ୍ଟି ଯେପରି ଭାବରେ, ତାଙ୍କ ନିଜର ଭାଷାରେ ଯେଉଁ କାଳର ବେଷ୍ଟନୀ ଭିତରୁ ଉଦ୍‌ଭୂତ, ସେହି ସମୟରେ ସାମାଜିକ, ରାଜନୈତିକ, ଅର୍ଥନୈତିକ, ମନସ୍ତାତ୍ତ୍ୱିକ, ବୌଦ୍ଧିକ କ୍ରିୟା-ପ୍ରକ୍ରିୟା ଓ

Digitized by srujanika@gmail.com

ଘଟଣାବଳୀ ଦ୍ୱାରା ପ୍ରଭାବିତ ଓ ପ୍ରଚଳିତ, ସେହିପରି ତାଙ୍କର କବିତାବଳୀ ଓ ସାହିତ୍ୟ ସୃଷ୍ଟିର କ୍ୟାନ୍‌ଭାସ୍ ବିଶାଳ, ବ୍ୟାପକ, ବିରାଟ ଓ ବୈଚିତ୍ର୍ୟମୟ ଏବଂ ଚଳଚଞ୍ଚଳ ।"

କବି ଅନନ୍ତ ପଟ୍ଟନାୟକଙ୍କ କାବ୍ୟିକ ସ୍ମରଣ ହେଉଛି.........

'ଜୀବନ ଧରିହେ ଜାଳିଲୁ ରକ୍ତ ତୋଳିଲୁ ସଉଧମାଳା...

ଆମରି ଲାଗିରେ ଶାସନଶକ୍ତ ଆମେଇ ସର୍ବହରା ।

.. ଝାଞ୍ଜି ପବନ ସହିରେ ସଘନ ଗହୀରେ ରୋଇଲୁ ଧାନ

ବରଷା କାଦୁଅ ଚକଟି କେତେରେ ଖୀର୍ଣ୍ଣ କରିଲୁ ପ୍ରାଣ ।'

ମୁଁ ସାହିତ୍ୟ ସମାଲୋଚକ ନୁହେଁ ଯେ କବି ଅନନ୍ତ ପଟ୍ଟନାୟକଙ୍କ ଉପରେ ସମ୍ୟକ ଏକ ସାହିତ୍ୟ ପ୍ରବନ୍ଧ ଲେଖିବାକୁ ଦୁଃସାହସ କରିବ । କିନ୍ତୁ ଅସଲ କଥା ହେଉଛି, ସମାଜ ଓ ଏହାର ପରିବର୍ତ୍ତନ ପ୍ରକ୍ରିୟାରେ ଜଣେ ଲେଖକର ଗୁରୁ ଦାୟିତ୍ୱ ଅଛି । ପ୍ରଥମେ ସେ ଜଣେ ସଚେତନ ଓ ସ୍ୱାଧୀନଚେତା ନାଗରିକ । ଦ୍ୱିତୀୟରେ ସେ ଜଣେ ସ୍ରଷ୍ଟା ଓ ନୂତନ ପୃଥିବୀ ଓ ପରିବେଶ ପରିକଳ୍ପନାରେ ତଲ୍ଲୀନ । ଏଇଥିପାଇଁ ସମସାମୟିକ ସମାଜ ଓ ଏହାର ଅସମାନତା ତଥା ଗତିଶୀଳତା ପ୍ରତି ଲେଖକ କେତେ ଚିନ୍ତିତ ତାହା ତାହାର ଲେଖନୀରୁ ପରିସ୍ଫୁଟ ହୋଇଥାଏ । ଏବେ ସାରା ପୃଥିବୀରେ ତଥା ଆମ ଦେଶରେ ଓ ରାଜ୍ୟରେ ବହୁଭାଗ ଲୋକ ଯେତେବେଳେ ବିକାଶ ପ୍ରକ୍ରିୟାରୁ ଛିଟିକି ପଡୁଛନ୍ତି, ବାସଚ୍ୟୁତ ଓ ଜୀବିକାଚ୍ୟୁତ ହୋଇ ପଡୁଛନ୍ତି, ସେତେବେଳେ ଲେଖକ କ'ଣ ଶୋଇ ପଡିବ ? କେଉଁ ରୋମାଣ୍ଟିକ୍ ଜଗତରେ ମଗ୍ନ ହୋଇଯିବ ? କେଉଁ ଦିବାସ୍ୱପ୍ନରେ ପଦଚାରଣ କରିବ ? ଏ ପ୍ରଶ୍ନ ଆଜି ମୋର ସବୁ ଲେଖକ ଓ ସାହିତ୍ୟିକମାନଙ୍କୁ । ବେଳେବେଳେ ମୋ ନଜରକୁ ଆସୁଛି ଯେ ଅନେକ ଲେଖକ କାଶୀପୁର ବା କଳିଙ୍ଗନଗର ଥରେ ହେଲେ ନଯାଇ, ସେ ଅଞ୍ଚଳର ସମସ୍ୟା ବିଷୟରେ କବିତା ଲେଖୁଛନ୍ତି । ଏହା ସବୁ ସ୍ତରରେ ଏକ ବେମାରୀ ହୋଇ ଯାଇଛି ଏବେ । ଆଦିବାସୀମାନଙ୍କ ଉପରେ ଗବେଷଣା କରୁଥିବା ମଣିଷମାନେ ଆଦିବାସୀ ଅଞ୍ଚଳକୁ ନ ଯାଇ କେତେ ସୁନ୍ଦର ସୁନ୍ଦର ଥେସିସ୍ ଲେଖୁଛନ୍ତି । କୃଷି ବିଶେଷଜ୍ଞମାନେ ପ୍ରତ୍ୟକ୍ଷଭାବେ କୃଷି କାର୍ଯ୍ୟ ନକରି ବିଶେଷଜ୍ଞାନର ଅଧିକାରୀ ବୋଲି ଡିଣ୍ଡିମ ପିଟୁଛନ୍ତି । ପ୍ରଶାସକମାନେ ସାଧାରଣ ଲୋକଙ୍କ ସମସ୍ୟା ନ ବୁଝି ଶାସନ କରୁଛନ୍ତି । ସମାଜସେବୀ ମାନେ ସମାଜ ଭିତରର ଅନ୍ତର୍ଦ୍ୱନ୍ଦ୍ୱକୁ ନବୁଝି ପେଶାଦର ଜୀବନ ଯାପନ କରୁଛନ୍ତି ।

Digitized by srujanika@gmail.com

ସବୁଠାରେ ଭଣ୍ଡାମୀ ଓ ଅହମିକା ଲାଗି ରହିଛି । ସେଇଥିପାଇଁ କବି ଅନନ୍ତ ପଟ୍ଟନାୟକଙ୍କ ଜୀବନ ଓ ସାହିତ୍ୟ ମୋ ଭଳି ଅନେକଙ୍କ ପାଇଁ ଅମୂଲ୍ୟ ହୋଇ ପଡିଛି । ସେ ଲେଖିଛନ୍ତି କାରାଗାରରୁ କାରାକବିତା । ଆନ୍ଦୋଳନରୁ ଲେଖିଛନ୍ତି ମତବାଦର ପଦାବଳୀ ।

ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ ବିଦ୍ରୋହ ଓ ପ୍ରତିବାଦର ଝଲକ କେତେ ରହିଛି ଓ ଲେଖକ ଏବଂ ସାହିତ୍ୟିକମାନେ ମାଟିକାଦୁଅର ମଣିଷଙ୍କ ମନ ଛୁଇଁଲା ଭଳି ସାହିତ୍ୟ ସୃଷ୍ଟି କରୁଛନ୍ତି କି ନାହିଁ ମୂଲ୍ୟାଙ୍କନ କରିବାର ସମୟ ଆସିଛି ।

□□□

Digitized by srujanika@gmail.com

୨୩

ଜଳବାୟୁ ପରିବର୍ତ୍ତନ, ପ୍ରଭାବ ଓ ପର୍ଯ୍ୟାଲୋଚନା (୧)

ଆଜି ସାରା ବିଶ୍ୱରେ ଯଦି ବର୍ତ୍ତମାନ କେଉଁ ବିଷୟ ଗୁଡିକ ସବୁଠାରୁ ବେଶୀ ମୁଣ୍ଡବ୍ୟଥାର କାରଣ ହୋଇଛି ତାହାର ତାଲିକା କରାଯାଏ ଜଳବାୟୁ ପରିବର୍ତ୍ତନ ନିଶ୍ଚିତ ଭାବେ ଆଗ ଧାଡିରେ ରହିବ । ଏହା ସହିତ ପୃଥିବୀର ଉତ୍ତାପ ବଢ଼ିବା ଜନିତ ପରିବର୍ତ୍ତନ ସମ୍ବନ୍ଧିତ ହୋଇଥିବାରୁ ସମସ୍ୟା ଅଧିକ ଗୁରୁତର । ଜଳବାୟୁ ପରିବର୍ତ୍ତନ କାହିଁକି ହେଉଛି ଓ ଏହାର ପ୍ରଭାବ ସବୁ କେଉଁଭଳି ଅନୁଭୂତ ହେଉଛି ତାହା ଉପରେ ଅନେକ ଦେଶରେ ଅଧ୍ୟୟନ ଓ ଗବେଷଣା ଚାଲିଛି । ଅନେକ କିଛି ଖାଲି ଆଖିରେ ଦେଖି ହେଉଛି ବା ସ୍ୱାଭାବିକ ଜୀବନରେ ଅନୁଭବ କରି ହେଉଛି । କିନ୍ତୁ ଅନେକ କ୍ଷେତ୍ରରେ ଜଳବାୟୁ ବିଜ୍ଞାନକୁ ମଧ୍ୟ ବିଚାରକୁ ନିଆଯାଇଛି । କିନ୍ତୁ ଜଳବାୟୁ ପରିବର୍ତ୍ତନର ଅସଲ କାରଣ କ'ଣ ? ସର୍ବ ପ୍ରଥମେ ମଣିଷ ଏଥିପାଇଁ ଦାୟୀ ବୋଲି ମତାମତ ପ୍ରକାଶ ପାଇଛି । ଶିଳ୍ପ ବିପ୍ଲବ ସମୟ ଠାରୁ ଆଜି ପର୍ଯ୍ୟନ୍ତ ବିକାଶ ଓ ପ୍ରଗତି ନାମରେ ମଣିଷ କୋଇଲା ଓ ପ୍ରାକୃତିକ ତୈଳ ଓ ବାଷ୍ପ, ବିଭିନ୍ନ ପ୍ରକାରର ଇନ୍ଧନ ବ୍ୟବହାର କରିବା ହେତୁ ପୃଥିବୀରେ ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ୍ ଏବଂ କ୍ଲୋରୋଫ୍ଲୋରୋକାର୍ବନ ଆଦି ବହୁ ମାତ୍ରାରେ ବଢ଼ିଯାଇଛି । ଏହି ଗ୍ୟାସମାନେ ପୃଥିବୀକୁ ମାରାତ୍ମକ ଅଲଟ୍ରା ଭାଇଓଲେଟ (Ultra-Violet) କିରଣରୁ ରକ୍ଷା କରୁଥିବା ଓଜୋନ(Ozone) ସ୍ତରରେ ଅନେକ ଛିଦ୍ର କରି ଦେଇଛି । ଏହା ଫଳରେ ପୃଥିବୀ ପୃଷ୍ଠର ତାପମାନ ବୃଦ୍ଧି ପାଇଛି । ଅନେକ ଗୃହରେ ଏବଂ କାର୍ଯ୍ୟାଳୟରେ ତଥା ମୋଟରଗାଡ଼ି ଶୀତତାପ ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଉଥିବା ଯନ୍ତ୍ର ଗୁଡିକରୁ ପ୍ରଚୁର କ୍ଲୋରୋଫ୍ଲୋରୋକାର୍ବନ ଗ୍ୟାସ ନିର୍ଗତ ହେଉଛି । ମୋଟର ଗାଡିରେ ବ୍ୟବହାର ହେଉଥିବା ପେଟ୍ରୋଲ, ଡିଜେଲ ଆଦିରୁ ମଧ୍ୟ ବିଭିନ୍ନ ପ୍ରକାରର

Digitized by srujanika@gmail.com

ବିଷାକ୍ତ ଗ୍ୟାସ ନିର୍ଗତ ହୋଇ ବାଷ୍ପୀୟ ମଣ୍ଡଳକୁ କ୍ଷତି କରୁଛି । ପୃଥିବୀରେ ଗୋପାଳନ ଦ୍ୱାରା ମିଥେନ୍ ଗ୍ୟାସ ନିର୍ଗତ ହେଉଛି । ଦୁଗ୍ଧ ଓ ମାଂସର ଚାହିଦା, ଜନ ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ବହୁ ପରିମାଣରେ ବଢ଼ିଯାଇଥିବାରୁ ପଶୁପାଳନ ଏକ ବ୍ୟବସାୟରେ ପରିଣତ ହୋଇଯାଇଛି । ପଶୁମାନେ ଯେଉଁ ଘାସ ଓ ତୃଣପତ୍ର ଖାଉଛନ୍ତି, ତାହାର ହଜମ ବେଳେ ମିଥେନ୍ ଗ୍ୟାସ ବାହାରୁଛି । ଧାନ ଚାଷ ବେଳେ ଜମିରୁ ମିଥେନ୍ ଗ୍ୟାସ ବାହାରୁଛି । ଖଣି ଖାଦାନରୁ ମଧ୍ୟ ମିଥେନ୍ ଗ୍ୟାସ ବାହାରୁଛି । ଯେଉଁଠି ଦ୍ରୁତ ସହରୀକରଣ ହେଉଛି ସେଠାରେ ବହୁପରିମାଣର ବର୍ଜ୍ୟବସ୍ତୁ ଏକାଠି ପକାଯାଉଛି । ତାହା ପଚି ସେଠାରୁ ମିଥେନ୍ ଓ ଅନ୍ୟ ବିଷାକ୍ତ ଗ୍ୟାସ ବାହାରି ବାତାବରଣକୁ ଅନେକ କ୍ଷତି ପହଞ୍ଚାଇଛି । ସମୁଦ୍ର ସ୍ରୋତ ମଧ୍ୟ କ୍ରାନ୍ତୀୟ ଉତ୍ତାପ ମେରୁ ଆଡକୁ ବୋହି ନେଉଛି । ଏହାଦ୍ୱାରା ଏଲ୍ ନିନୋ(EL Nino) ଏବଂ ଏଲ୍ ନିନା(EL Nina) ଆଦି ପ୍ରାକୃତିକ ଦୁର୍ବିପାକ ସୃଷ୍ଟି କରିଛି ଏବଂ ଏହାର ପ୍ରଭାବ ଫଳରେ ଝଡ, ମାତ୍ରାଧିକ ବୃଷ୍ଟିପାତ ଓ ବୃଷ୍ଟିହୀନତା ଭଳି ପରିସ୍ଥିତି ସୃଷ୍ଟି କରିଛି । ବିଭିନ୍ନ ଦେଶ ମହାଦେଶରେ ଗତ କେତେ ବର୍ଷ ଧରି ବନ୍ୟା, ବାତ୍ୟା ଓ ମରୁଡି ସୃଷ୍ଟି କରିଛି । ଅନେକ ଜନଜୀବନ ନଷ୍ଟ ହେଉଛି ପ୍ରତିବର୍ଷ । ଆଗ୍ନେୟଗିରିର ଉଦ୍‌ଗୀରଣ ପୃଥିବୀର ବିଭିନ୍ନ ଅଞ୍ଚଳରେ ଓ ବିଭିନ୍ନ ସମୟରେ ଲାଗି ରହିଛି । ଏବଂ ବାଷ୍ପମଣ୍ଡଳକୁ ପାଉଁଶ ଓ ସଲ୍‌ଫର ଡାଇଅକ୍‌ସାଇଡ୍ ଗ୍ୟାସ ଛାଡୁଛି । ଏହା ଫଳରେ ଏରୋସଲ୍ ସୃଷ୍ଟି ହେଉଛି । ଏରୋସଲ୍ ସୂର୍ଯ୍ୟାଲୋକକୁ ପୃଥିବୀ ବାହାରକୁ ପ୍ରତିଫଳିତ କରି ଦେଉଛି । ଫଳରେ ବାତାବରଣ ଥଣ୍ଡା ହୋଇଯାଇଛି ଏବଂ ଅଧିକ ବୃଷ୍ଟିପାତ ହେଉଛି ଯାହାର ପ୍ରଭାବ ଖୁବ୍ କ୍ଷତିକାରକ । ସୂର୍ଯ୍ୟ ସକଳଶକ୍ତିର ଆଧାର । କିନ୍ତୁ ସୂର୍ଯ୍ୟରୁ ଆସୁଥିବା ଶକ୍ତିରେ କିଛି ବ୍ୟତିକ୍ରମ ହେଲେ ତାହାର ଜଳବାୟୁ ଉପରେ ପ୍ରଭାବ ପଡୁଛି । ମଣିଷ ସଭ୍ୟତା ଆରମ୍ଭ ଦିନଠାରୁ ଜଙ୍ଗଲ କାଟି ସଫା କରି ବସତି ସ୍ଥାପନ କରିଛି ଏବଂ କୃଷି ଜମି ତିଆରି କରିଛି । ଜନସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ଜଙ୍ଗଲ ସମ୍ପଦ ଧ୍ୱଂସ ଆଡକୁ ଦ୍ରୁତଗତିରେ ମାଡି ଚାଲିଛି । ସହରୀକରଣ ଆଡକୁ ମୁହାଁଉ ଥିବା ମଣିଷର ସଭ୍ୟତା ଓ ସମାଜ ଆଦି ପ୍ରତିଷ୍ଠା କରୁଛି ଶିଳ୍ପ । ତିଆରି କରୁଛି ଡ୍ୟାମ୍ । ପାହାଡ ପର୍ବତ ଖୋଳି ଖଣିଜ ସମ୍ପଦ ଲୁଣ୍ଠନ କରୁଛି । ଏହା ସବୁ ସମ୍ପଦ ବଣ ଜଙ୍ଗଲ ଭିତରେ ଥିବାରୁ, ଜଙ୍ଗଲ ନଷ୍ଟ କ୍ରମାଗତ ଭାବେ ବଢୁଛି । ମଣିଷ ଗମନାଗମନ ପାଇଁ ତିଆରି କରୁଛି ରାଜରାସ୍ତା ଏବଂ ରେଲୱେ ଲାଇନ୍ । ଏଥିପାଇଁ ସବୁଜ ବନାନୀ

Digitized by srujanika@gmail.com

ଧ୍ୱଂସ ପାଉଛି । ଏହା ଫଳରେ ପୃଥିବୀର ବାୟୁମଣ୍ଡଳରେ ଅଙ୍ଗରାକାମ୍ଳ ବଢୁଛି । ଏବେ ଧୂଆଁ ଓ ବିଭିନ୍ନ କଣିକାମାନଙ୍କୁ ନେଇ ପୃଥିବୀର ବାୟୁମଣ୍ଡଳରେ ଏକ ଆସ୍ତରଣ ସୃଷ୍ଟି ହୋଇଛି । ମେଘର ଏକ ଋନ୍ଦୁଆ ଯେମିତି ବିଛା ହୋଇଛି ଆକାଶ ମଣ୍ଡଳରେ । ଏହା ସୂର୍ଯ୍ୟାଲୋକକୁ ପୃଥିବୀକୁ ଆସିବାକୁ ଦେଉ ନାହିଁ । ମେଘ ବହଳ ହେଉ ବା ପତଳା ହେଉ, ପୃଥିବୀର ଉତ୍ତାପ ଉପରେ ବିଭିନ୍ନ ପ୍ରଭାବ ପକାଉଛି । ପୃଥିବୀରେ ଜଳୀୟ ବାଷ୍ପ ଗ୍ରୀନ୍ ହାଉସ୍ ପ୍ରଭାବର ଅନ୍ୟ ଏକ କାରଣ । ପୃଥିବୀର ଉତ୍ତାପ ବଢ଼ିବା ସଙ୍ଗେ ସଙ୍ଗେ ଜଳୀୟ ବାଷ୍ପ ବଢୁଛି ଓ ତାହା ଗ୍ରୀନ୍ ହାଉସ୍ ପ୍ରଭାବକୁ ବଢ଼ାଉଛି । ଏହାଦ୍ୱାରା ବାୟୁମଣ୍ଡଳର ଉତ୍ତାପ ମଧ୍ୟ ବଢୁଛି । ସର୍ବଶେଷରେ ବରଫାବୃତ୍ତ ଅଞ୍ଚଳ ପୃଥିବୀର ଜଳବାୟୁ ନିୟନ୍ତ୍ରଣ କରିଥାଏ । ସୂର୍ଯ୍ୟାଲୋକକୁ ଏହା ପ୍ରତିଫଳନ କରିଥାଏ । ପୃଥିବୀର ଉତ୍ତାପ ବଢ଼ିଲେ ମେରୁ ଅଞ୍ଚଳରେ ଥିବା ବରଫ ଏବଂ ହିମାଳୟର ଉଚ୍ଚତମ ପ୍ରଦେଶରେ ଥିବା ବରଫ ତରଳି ଯିବ । ଏହାଦ୍ୱାରା ପୃଥିବୀର ବରଫାବୃତ୍ତ ଅଞ୍ଚଳର ଆୟତନ କମିଯିବ । ଫଳତଃ ପୃଥିବୀର ଉତ୍ତାପ ପୁଣି ଅଧିକରୁ ଅଧିକତର ବଢ଼ିଯିବ ।

ଏବେ ଆମ ପୃଥିବୀ ଅଧିକ ଉତ୍ତପ୍ତ ହେବା ଓ ଜଳବାୟୁ ପରିବର୍ତ୍ତନ ହେବା ଦ୍ୱାରା କେଉଁଭଳି ପରିବର୍ତ୍ତନ ହେବ ତାହା ବିଶ୍ଳେଷଣ କରିବା ଆଗରୁ କହି ରଖୁଛି ଯେ ପୃଥିବୀର ଅନେକ ବିଜ୍ଞାନାଗାର ଜଳବାୟୁ ବିଜ୍ଞାନକୁ ନେଇ ଅନେକ ପରୀକ୍ଷା ନିରୀକ୍ଷା କରିଋଲିଛନ୍ତି । ଅଣୁ ସ୍ତରରୁ ଆରମ୍ଭ କରି ବିଶ୍ୱକ୍ଷେତ୍ରରେ କି କି ପରିବର୍ତ୍ତନ ହେଉଛି ଓ ହେବାକୁ ଯାଉଛି ତାହାର ଗବେଷଣା ଏକ ବ୍ୟବସ୍ଥିତ ଢଙ୍ଗରେ ଏବେ ଋଲିଛି । ଗତ ଶହେ ବର୍ଷର ଜଳବାୟୁ ଉପରେ ବିଭିନ୍ନ ତଥ୍ୟକୁ ବିଶ୍ଳେଷଣ କରାଯାଇ ବିଭିନ୍ନ ସିଦ୍ଧାନ୍ତ ଉପସ୍ଥାପନା କରାଯାଉଛି । ଯେଉଁ ଦିନରୁ ଫସିଲି ଫୁଏଲ୍ (Fossil Fuel) ଯଥା କୋଇଲା, ପେଟ୍ରୋଲିୟମ ତୈଳ ଓ ବାଷ୍ପ ଆଦି ଜଳିବା ଆରମ୍ଭ କରିଛି, ସେଇ ଦିନରୁ ହିଁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପ ଓ ଅନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସରେ ମାତ୍ରା ବଢ଼ିବାରେ ଲାଗିଛି । ଏହା ଦ୍ୱାରା ପୃଥିବୀ ପୃଷ୍ଠର ତାପ ବଢ଼ିବାରେ ଲାଗିଛି । ଏକ ଅଧ୍ୟୟନରୁ ଜଣା ପଡିଛି ଯେ ଗତ ୧୯୭୦ ରୁ ୨୦୦୪ ମସିହା ଭିତରେ ବିଷାକ୍ତ ବାଷ୍ପ ଅଧିକ ୭୦% ନିର୍ଗତ ହୋଇଛି । ଅନୁମାନ କରି ହେଉଛି ଯେ ପୃଥିବୀର ତାପମାତ୍ରା କେମିତି ବଢୁଛି । ଗତ ଶହେ ବର୍ଷରେ ତାପମାତ୍ରା ୦.୬ ଡିଗ୍ରୀ ସେଣ୍ଟିଗ୍ରେଡ୍ ବଢ଼ିଛି ବୋଲି ଏକ ଅଧ୍ୟୟନରୁ ଜଣା ପଡିଛି । ଏହା ଯଥେଷ୍ଟ ଜଣା ପଡୁ ନଥିଲେ ମଧ୍ୟ, ଏହାର ସୁଦୂରପ୍ରସାରୀ ପ୍ରଭାବ ଅନୁଭୂତ ହେଉଛି । ପ୍ରଥମେ ଜଣା

Digitized by srujanika@gmail.com

ପଡିଛି ଯେ ସମୁଦ୍ରର ଜଳସ୍ତର ପ୍ରାୟ ୧୫ ସେଣ୍ଟିମିଟର ବଢିଛି । ଯେଉଁ ଗତିରେ ଜଳ ସ୍ତର ବଢ଼ୁଛି, ଏ ଶତାବ୍ଦୀରେ ଏହି ବୃଦ୍ଧି ୮୫ ସେଣ୍ଟିମିଟର ବଢିବ । ଏଥିରେ ସମୁଦ୍ର ତଟ ଅଞ୍ଚଳ ଜଳମଗ୍ନ ହେବ । ଅନେକ ଦ୍ୱୀପ ସମୁଦ୍ର ଭିତରେ ବୁଡିଯିବ । ମାଳଦ୍ୱୀପ ଭଳି କିଛି ଦେଶ ସମୁଦ୍ର ବକ୍ଷରେ ବିଲୀନ ହୋଇଯିବ । ସମୁଦ୍ର କୂଳରେ ଜୀବିକା ନିର୍ବାହ କରୁଥିବା ଅଗଣିତ ମତ୍ସ୍ୟଜୀବୀ ପ୍ରଭାବିତ ହେବେ । ଜଳପ୍ଲାବିତ ଅଞ୍ଚଳ ଓ କୋରାଲ୍ ରିଫ୍ ବା ପ୍ରବାଳ ପର୍ବତ ମଧ୍ୟ ପ୍ରଭାବିତ ହେବ । ପୃଥିବୀ ପୃଷ୍ଠରେ ଉତ୍ତାପ ବଢ଼ିଲେ ମେରୁ ଅଞ୍ଚଳର ବରଫାବୃତ୍ତ ସମ୍ପଦ ତରଳି ଯିବ । ଏଥିରେ ପ୍ରଭାବିତ ହେବେ ସେ ଅଞ୍ଚଳର ଧଳା ଭାଲୁ, ପେଙ୍ଗୁଇନ୍ ପକ୍ଷୀ ଓ଼ ଅନେକ ଜୀବଜନ୍ତୁ । ଜୈବବିବିଧତା ମଧ୍ୟ କ୍ଷୁର୍ଣ୍ଣ ହେବ । ଏବେ ନ୍ୟାସନାଲ୍ ଜିଓଗ୍ରାଫିଂକ (National Geographic) ଚ୍ୟାନେଲରେ ଧଳା ଭାଲୁ ଓ ପେଙ୍ଗୁଇନ୍ ପକ୍ଷୀମାନଙ୍କର ଦୁର୍ଦ୍ଦଶା ଅତି କରୁଣ ଭାବେ ବର୍ଣ୍ଣନା କରାଯାଇ ସାରା ପୃଥିବୀରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ କଥା ପ୍ରଚାର କରାଯାଇଛି । ପୃଥିବୀର ଉତ୍ତାପ ବଢ଼ିଲେ ହିମାଚ୍ଛାଦିତ ପର୍ବତ ଓ ହିମବାହ ବା ଗ୍ଲାସିଅର (Glacier) ସବୁ ମଧ୍ୟ ତରଳି ଯିବ । ଆମ ଦେଶରେ ଗଙ୍ଗା ଯମୁନା ଓ ବ୍ରହ୍ମପୁତ୍ର ଆଦି ଚିରସ୍ରୋତା ନଦୀମାନେ ଏଇ ହିମାଚ୍ଛାଦିତ ପର୍ବତରୁ ସୃଷ୍ଟି ହୋଇଛନ୍ତି । ଏବେ ଏଥିରେ ବନ୍ୟା ବା ଜଳାଭାବ ହେବାର ଆଶଙ୍କା ଅନେକ ଗୁଣରେ ବଢ଼ିଯାଇଛି । ଗ୍ଲାସିଅର୍ ଗୁଡିକ ତରଳିବା ପୃଥିବୀ ପାଇଁ ଶୁଭସୂଚନା ନୁହେଁ । ସମୁଦ୍ର ଜଳର ଉତ୍ତାପ ବଢିବା ଜଳବାୟୁ ପରିବର୍ତ୍ତନର ଅନ୍ୟ ଏକ ଲକ୍ଷଣ । ଏହାର ସୁଦୂରପ୍ରସାରୀ ପ୍ରଭାବ ରହିଛି ପ୍ରବାଳ ଉପରେ । ପ୍ରବାଳ ବା କୋରାଲ୍ ଗୁଡିକ ଜୀବନ୍ତ । ଏମାନେ ଯୋଗାଇ ଦିଅନ୍ତି ଅନେକ ରଙ୍ଗବେରଙ୍ଗର ମାଛ ଜୈବ ବିବିଧତା । ଦିଅନ୍ତି ଅମ୍ଳଜାନ ମଧ୍ୟ । ଏମାନେ ମରିଯିବାର ପ୍ରବଳ ଆଶଙ୍କା ରହିଛି । ଜଳବାୟୁ ପରିବର୍ତ୍ତନ ହେଲେ କେଉଁଠି ପ୍ରବଳ ବର୍ଷା ହେବ ତ କେଉଁଠି ବର୍ଷ ବର୍ଷ ଧରି ବର୍ଷା ଆଦୌ ହେବ ନାହିଁ । ଗତ ଦୁଇବର୍ଷ ତଳେ ବମ୍ବେ ସହରରେ ଯେଉଁ ଅଭୂତପୂର୍ବ ବର୍ଷା ହେଲା ତାହା କଳ୍ପନାତୀତ । ମାଟି କାଦୁଅର ମଣିଷମାନେ ବର୍ଷାର ଅନିଶ୍ଚିତତାରେ ଭୀଷଣ ହନ୍ତସନ୍ତ ହେବେ । ରାଜସ୍ଥାନର ମରୁଭୂମି ଅଞ୍ଚଳରେ ପ୍ରବଳ ବର୍ଷା ହେଲେ ଅଥବା ଆସାମର ବୃଷ୍ଟିପ୍ଲାବିତ ଅଞ୍ଚଳ ବୃଷ୍ଟିହୀନତାର ସମ୍ମୁଖୀନ ହେଲେ, କେଉଁଭଳି ପରିସ୍ଥିତି ସୃଷ୍ଟି ହେବ ସହଜରେ ଅନୁମାନ କରାଯାଇ ପାରେ । ଆଜିର ଦିନରେ ପୃଥିବୀର ଏପରି କୌଣସି ସ୍ଥାନ ବାକି ରହିନାହିଁ ଯେଉଁଠି ଅତିବୃଷ୍ଟି ବା ଅନାବୃଷ୍ଟି ଭୟ

Digitized by srujanika@gmail.com

ସୃଷ୍ଟି କରିନାହିଁ । ବନ୍ୟା ସହ ଦେଖା ଦେଇଛି ମରୁଡି । ପୃଥିବୀର ଉତ୍ତାପ ବଢ଼ିଲେ, ବାଷ୍ପୀଭବନ ବା ଇଭାପୋରେସନ୍(Evaporation) ଅଧିକ ହେବ ଓ ମରୁଡି ଦେଖା ଦେବ । ବନ୍ୟା ଓ ମରୁଡି ଋଷୀକୂଳ ଓ ଶ୍ରମଜୀବୀମାନଙ୍କର ଜୀବନ ଜୀବିକା ଉପରେ ଘୋର ପ୍ରତିକୂଳ ପ୍ରଭାବ ପକାଇବ । ପୃଥିବୀରେ ବିରାଜମାନ କରିଥିବା ବିଭିନ୍ନ ପରିସଂସ୍ଥା ବା ପର୍ଯ୍ୟାବରଣ ବ୍ୟବସ୍ଥାରେ ଘୋର ବିଶୃଙ୍ଖଳା ଦେଖାଦେବ । ଏଣୁ ବିଭିନ୍ନ ଇକୋସିଷ୍ଟମରେ ବଞ୍ଚୁଥିବା ପ୍ରାଣୀଜଗତ ଲୋପପାଇଯିବେ ବୋଲି ଆଶଙ୍କା ଦେଖାଦେଇଛି । ବାତ୍ୟା, ଘୂର୍ଣ୍ଣିବାତ୍ୟା ଓ ମହାବାତ୍ୟାର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇଛି ଓ ଜନଜୀବନ ହାନି ଅନେକ ଗୁଣ ବଢି ଯାଇଛି ଏ ଭିତରେ । ଓଡ଼ିଶାର ମହାବାତ୍ୟା ହେଉ ବା ଆମେରିକାର କାଟ୍ରିନା ଅଥବା ବର୍ମାର ନର୍ଗୀସ୍ ଭଳି ମହାବାତ୍ୟା ହେଉ, ସବୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଛଡା ଅନ୍ୟ କିଛି ନୁହେଁ । ଏବେ ଖରାଦିନେ ଗ୍ରୀଷ୍ମ ଲହରୀ ଏବଂ ଶୀତ ଦିନେ ଶୀତ ଲହରୀ ପୃଥିବୀବାସୀଙ୍କ ମନରେ ଭୟ ସଂଋର କରୁଛି । କିଛି ବର୍ଷ ତଳେ ଓଡ଼ିଶାରେ ଗ୍ରୀଷ୍ମ ଲହରୀର ଭୟାବହ ପରିଣତି ଅନେକଙ୍କୁ ଭୋଗିବାକୁ ପଡିଥିଲା ଓ ଶହ ଶହ ଲୋକ ମୃତ୍ୟୁବରଣ କରିଥିଲେ । କିଛିଦିନ ତଳେ ବର୍ମାରେ ଘୂର୍ଣ୍ଣିବାତ୍ୟାରେ ଏକ ଲକ୍ଷ ଲୋକ ମରିଛନ୍ତି ବୋଲି ପ୍ରକାଶ ପାଇଛି । ଦୁଇବର୍ଷ ତଳେ ସୁନାମୀରେ ମଧ୍ୟ ପ୍ରାୟ ଏକ ଲକ୍ଷ ଲୋକ ବିଭିନ୍ନ ଦେଶରେ ମରିଥିଲେ । ଉତ୍ତାପ ବଢ଼ିବା ହେତୁ ନାନା ପ୍ରକାର ରୋଗ ବେମାରୀ ମଧ୍ୟ ଅନେକ ଗୁଣରେ ବଢି ଯାଇଛି । ଅଙ୍ଗାରକାମ୍ଳ ସମୁଦ୍ର ଜଳରେ ଦ୍ରବୀଭୂତ ହୋଇଥିବାରୁ ପାଣି ଅମ୍ଳୀୟ ହୋଇଯାଉଛି । ଏହାଦ୍ୱାରା ସାମୁଦ୍ରିକ ଜୀବଜଗତ ଓ ପ୍ରବାଳ ଅଞ୍ଚଳ ମଧ୍ୟ ଧ୍ୱଂସ ହୋଇଯିବାର ଆଶଙ୍କା ସୃଷ୍ଟି କରିଛି । ଏହା ସହିତ ଆସନ୍ତା ୨୦୫୦ ମସିହା ସୁଦ୍ଧା କୋଡିଏ କୋଟି ଲୋକ ନିଜ ବାସସ୍ଥାନ ଓ ଜୀବିକାରୁ ଚ୍ୟୁତ ହୋଇ ଜଳବାୟୁ ଜନିତ ଶରଣାର୍ଥୀ ହୋଇଯିବେ । ଆମ ଦେଶରେ ଜଳବାୟୁ ପରିବର୍ତ୍ତନର କି ପ୍ରଭାବ ପଡିବ ତାହା ଉପରେ ବିଭିନ୍ନ ଆଲୋଚନା, ସମାଲୋଚନା ଓ ପର୍ଯ୍ୟାଲୋଚନା ସବୁଆଡେ ଋଲିଛି । ଗତ ଋରି ପାଞ୍ଚ ବର୍ଷ ଧରି ପ୍ରାକୃତିକ ବିପର୍ଯ୍ୟୟ ଭାରତବାସୀଙ୍କୁ ଅକଥନୀୟ ଦୁଃଖ ଦେଇଛି । ବନ୍ୟା, ବାତ୍ୟା ଓ ମରୁଡି ଅଗଣିତ ପରିବାରକୁ ଘରଦ୍ୱାର ଛାଡି ପଳାୟନ କରିବାକୁ ବାଧ୍ୟ କରୁଛି । ଗୁଜରାଟର ଭୂମିକମ୍ପ ମଧ୍ୟ ଜଳବାୟୁ ପରିବର୍ତ୍ତନ ସହ ସଂଶ୍ଳିଷ୍ଟ ବୋଲି ଏକ ଅଧ୍ୟୟନରୁ ଜଣା ପଡିଛି । ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନର

Digitized by srujanika@gmail.com

କୁପ୍ରଭାବ ସହଜରେ ଲକ୍ଷ୍ୟ କରି ହେଉଛି । ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପ୍ରତିବର୍ଷ ଲାଗି ରହିଛି । ଉତ୍ତାପ ବଢୁଥିବା ହେତୁ ଲୁଣା ଜଙ୍ଗଲ ଧ୍ୱଂସ ପାଇଛି । ସମୁଦ୍ରକୂଳ ଖାଇଯିବା ହେତୁ କେତେକ ସ୍ଥାନରେ ନୋଳିଆ ଗାଁସବୁ ସ୍ଥାନାନ୍ତରିତ ହେବାକୁ ବାଧ୍ୟ ହେଉଛନ୍ତି । କୃଷି ଉତ୍ପାଦନ ଓ ଜଙ୍ଗଲରୁ ବନଜାତ ଦ୍ରବ୍ୟ ଉତ୍ପାଦନ ମଧ୍ୟ ଅନେକ ହ୍ରାସ ପାଇଛି । ପାନୀୟ ଜଳର ଉତ୍କଟ ଅଭାବ ମଧ୍ୟ ସର୍ବତ୍ର ପରିଲକ୍ଷିତ ହେଉଛି ।

□□□

Digitized by srujanika@gmail.com

୨୪

ଜଳବାୟୁ ପରିବର୍ତ୍ତନ, ପ୍ରଭାବ ଓ ପର୍ଯ୍ୟାଲୋଚନା (୨)

ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବେ ଏକ 'ଜାତୀୟ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ' ବା 'ନ୍ୟାସନାଲ୍ ଆକ୍‌ସନ୍ ପ୍ଲାନ୍ ଅନ୍ କ୍ଲାଇମେଟ୍ ଚେଞ୍ଜ' (National Action Plan on Climate Change) ଘୋଷଣା କରାଯାଇଛି । ସାରା ପୃଥିବୀରେ ଯେତେବେଳେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ କରିବା ପାଇଁ ଆଗ୍ରହ ପ୍ରକାଶ ପାଇଛି, ଭାରତବର୍ଷ ଏଇଭଳି ଏକ କାର୍ଯ୍ୟକ୍ରମ ଘୋଷଣା କରି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି । ଭାରତ ଓ ଚୀନରେ ଶତକଡ଼ା ଦଶ ଅଭିବୃଦ୍ଧିର ଯେଉଁ ସୁଚିନ୍ତିତ ଲକ୍ଷ୍ୟ ଅଛି, ସେଥିରେ ଯେଉଁଭଳି ଶିଳ୍ପ ବିକାଶ ହେବ ତାହା ପୃଥିବୀର ଜଳବାୟୁ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ବିକଶିତ ଦେଶମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏଇ ପରିପ୍ରେକ୍ଷୀରେ ଏହି ଜାତୀୟ ଜଳବାୟୁ ପରିବର୍ତ୍ତନକୁ କେନ୍ଦ୍ରକରି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି । ମୁଖ୍ୟତଃ ବିଶ୍ୱର ଜଳବାୟୁ ପରିବର୍ତ୍ତନ ଓ ତାହାର ସାମଗ୍ରିକ ପ୍ରଭାବକୁ ବିଚାରକୁ ନେଇ ଭାରତରେ ଚାଲିଥିବା ଦ୍ରୁତ ଆର୍ଥିକ ଅଭିବୃଦ୍ଧି ହାର କିପରି ଅପରିବର୍ତ୍ତିତ ରହିବ ତାହା ଏହି କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଛି । ଭାରତର ବିକାଶ ଓ ଅଭିବୃଦ୍ଧି ଏ ଦେଶର କୃଷି, ଜଳ, ଜଙ୍ଗଲ ଆଦି ପ୍ରାକୃତିକ ସମ୍ପଦ ସହ ଓତପ୍ରୋତ ଭାବେ ଜଡିତ । କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହି ପ୍ରାକୃତିକ ସମ୍ପଦ ଗୁଡିକ କଳ୍ପନାତୀତ ଭାବରେ ପ୍ରଭାବିତ ହେଉଛନ୍ତି । ଏଇଥିପାଇଁ ଏକ ଜାତୀୟ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରାଯାଇଛି । ଗୋଟାଏ ପାର୍ଶ୍ୱରେ ଚିରନ୍ତନ ବିକାଶ ଓ ପରିବେଶ ଏବଂ ଅନ୍ୟ ପାର୍ଶ୍ୱରେ ଆର୍ଥିକ ପ୍ରଗତି- ଏହାର କିପରି ସମୀକରଣ କରାଯାଇ ପାରିବ ତାହାର ପରିକଳ୍ପନା କରାଯାଇଛି । ଆନ୍ତର୍ଜାତିକ କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନର

Digitized by srujanika@gmail.com

ପ୍ରଭାବ କମାଇବା ପାଇଁ ଚାଲିଥିବା ବିଭିନ୍ନ କ୍ରିୟାପ୍ରକ୍ରିୟାରେ ଭାରତ ସକ୍ରିୟ ଅଂଶଗ୍ରହଣ କରିବ ବୋଲି ଆଶା ରଖିଛି । ମହାତ୍ମାଗାନ୍ଧୀଙ୍କର ବଳିଷ୍ଠ ମନ୍ତବ୍ୟ ଯେ ପୃଥିବୀରେ ମଣିଷର ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ସମ୍ବଳ ଅଛି କିନ୍ତୁ ମଣିଷର ଲୋଭ ଦୂର କରିବା ପାଇଁ ତାହା କେବେହେଲେ ଯଥେଷ୍ଟ ନୁହେଁ । ଏକଥା ଭାରତ ନୀତିଗତ ଭାବେ ଉପସ୍ଥାପନା କରିଛି । ଏହି ଜାତୀୟ କାର୍ଯ୍ୟକ୍ରମ ଯେଉଁ କେତୋଟି ମୌଳିକନୀତି ଉପରେ ପର୍ଯ୍ୟବେସିତ, ସେଗୁଡିକ ନିମ୍ନରେ ଉଲ୍ଲେଖ କରାଗଲା ।

କ) ଜଳବାୟୁ ପରିବର୍ତ୍ତନକୁ ବିଚାରକୁ ନେଇ ଏପରି ଏକ ବିକାଶର ରଣନୀତି ତିଆରି କରାଯିବ ଯାହାଦ୍ୱାରା ସମାଜର ସବୁଶ୍ରେଣୀର ମଣିଷ ଉପକୃତ ହେବେ ଓ ଗରିବ ଏବଂ ଅସହାୟ ଗୋଷ୍ଠୀ ସୁରକ୍ଷିତ ରହିବେ ।

ଖ) ଜାତୀୟ ଅଭିବୃଦ୍ଧିର ହାର ବଢ଼ିବା ସହ ଓ ପର୍ଯ୍ୟାବରଣର ସୁରକ୍ଷା ଏବଂ ନିର୍ଗତ ଗ୍ରୀନ୍‌ହାଉସ୍ ଗ୍ୟାସ ଉପରେ ନିୟନ୍ତ୍ରଣ ଉପରେ ଧ୍ୟାନ ଦିଆଯିବ ।

ଗ) ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ନିର୍ଗତ ଗ୍ରୀନ୍ ହାଉସ୍ ଗ୍ୟାସର ଦ୍ରୁତ ନିୟନ୍ତ୍ରଣ କରାଯିବ ।

ଘ) ଚିରନ୍ତନ ଓ ସତତ ବିକାଶ ପାଇଁ ନୂତନ ଏବଂ ନବସୃଜନ ଢଙ୍ଗରେ ବିଭିନ୍ନ ପଦକ୍ଷେପ ନିଆଯିବ ।

ଙ) କାର୍ଯ୍ୟକ୍ରମକୁ କ୍ରିୟାନ୍ୱିତ କରିବାକୁ ନାଗରିକ ସମାଜ ଏବଂ ସ୍ୱାୟତ୍ତଶାସନ ସଂସ୍ଥାମାନଙ୍କୁ ସଂଶ୍ଳିଷ୍ଟ କରାଯିବ ।

ଚ) ଗବେଷଣା ଓ ବୈଷୟିକ ଜନବିଜ୍ଞାନ ପାଇଁ ଆନ୍ତର୍ଜାତିକ ସହଯୋଗ ଲୋଡ଼ାଯିବ ।

ଜାତୀୟ ଜଳବାୟୁ କାର୍ଯ୍ୟକ୍ରମରେ ଆଠଟି ଜାତୀୟ ମିଶନ୍‌ର ପରିକଳ୍ପନା କରାଯାଇଛି । ପ୍ରଥମଟି ହେଲା ଜାତୀୟ ସୌରଶକ୍ତି ମିଶନ ଯେଉଁଥିରେ ଏହି ଅକ୍ଷୟଶକ୍ତିର ବିକାଶ ଏବଂ ବିନିଯୋଗ ବ୍ୟାପକ ହୋଇପାରିବ । ଭାରତରେ ସୌରଶକ୍ତିର ଅଭାବ ନାହିଁ । ଏହା ଦ୍ୱାରା ଆଲୋକ ସହିତ ତାପଜ ବିଦ୍ୟୁତ ଶକ୍ତି ମଧ୍ୟ ଉତ୍ପାଦିତ ହୋଇପାରିବ । ସୌରଶକ୍ତି କ୍ଷେତ୍ରରେ ଏବେ ଆନ୍ତର୍ଜାତିକ କ୍ଷେତ୍ରରେ ଗଭୀର ଗବେଷଣା ଚାଲିଛି ଏବଂ ଭାରତ ଏହାର ସୁଯୋଗ ନେବ । ଦ୍ୱିତୀୟରେ ଶକ୍ତିର ଦକ୍ଷ ବିନିଯୋଗ ପାଇଁ ଜାତୀୟ ମିଶନ୍ ଗଢାଯିବ । ଏହାଦ୍ୱାରା ଶକ୍ତିର

Digitized by srujanika@gmail.com

ଯଥେଷ୍ଟ ସଞ୍ଚୟ ସମ୍ଭବ ହେବ । କଳ୍ପନା କରାଯାଇଛି ଯେ ୨୦୧୨ ମସିହା ସୁଦ୍ଧା ୧୦୦୦୦ ମେଗାୱାଟ୍ ଶକ୍ତି ସଞ୍ଚୟ କରାଯିବ । ବିଶେଷ କରି ଶିଳ୍ପ କ୍ଷେତ୍ରରେ ବିଭିନ୍ନ ଉନ୍ନତମାନର ବୈଷୟିକ ଜ୍ଞାନକୌଶଳ ଦ୍ୱାରା ଏହି ସଞ୍ଚୟ ସମ୍ଭବ ହେବ । ଏପରି ଯନ୍ତ୍ରପାତି ବ୍ୟବହାର କରାଯିବ ଯାହା କମ୍ ଶକ୍ତି ଆବଶ୍ୟକ କରିବ । ସାଧାରଣ ବଲ୍ବ ବଦଳରେ ଯଦି ସି.ଏଫ୍.ଏଲ(CFL) ବଲ୍ବ ବ୍ୟବହାର କରାଯିବ, ତେବେ କେତେହଜାର ମେଗାୱାଟ୍ ଶକ୍ତି ସଞ୍ଚୟ ହୋଇପାରିବ ବୋଲି ଅଟକଳ କରାଯାଇଛି । ତୃତୀୟରେ ଦୀର୍ଘସ୍ଥାୟୀ ବସବାସ ଉପରେ ଜାତୀୟ ମିଶନ୍ ପ୍ରତିଷ୍ଠା କରାଯିବ । ଏପରି ଘର ତିଆରି ହେବ ଯେଉଁଥିରେ କମ୍ ଶକ୍ତି ବିନିଯୋଗ ହେବ । ବର୍ଜ୍ୟବସ୍ତୁର ନିଷ୍କାସନ ଓ ପରିଚାଳନା ଏପରି ହେବ ଯେଉଁଥିରୁ ଶକ୍ତି ଉତ୍ପାଦିତ ହେବ । ଉତ୍ତମ ପରିବହନ ଏବଂ ଯାନବାହାନ ଚଳାଚଳ ପରିଚାଳନା ଦ୍ୱାରା ମଧ୍ୟ ଶକ୍ତି ସଞ୍ଚୟ କରିହେବ । ଚତୁର୍ଥରେ ଜାତୀୟ ଜଳମିଶନର ପରିକଳ୍ପନା କରାଯାଇଛି । ଜାତୀୟ ଜଳନୀତିକୁ ବିଚାରକୁ ନେଇ ଏଇ ମିଶନ୍ ଲାଗୁ ହେବ । ଜଳର ସଂରକ୍ଷଣ, ସଦ୍‌ବ୍ୟବହାର ଏବଂ ସୁଷମ ବଣ୍ଟନ ଉପରେ ଗୁରୁତ୍ୱ ଦିଆଯିବ । ସହରାଞ୍ଚଳରେ ବ୍ୟବହୃତ ଜଳର ପୁନର୍ବ୍ୟବହାର କରାଯିବ । ଜଳ ଉପରେ ଦର କଷା ଏବଂ ବିଭିନ୍ନ ପ୍ରକାର କଟକଣା ଲାଗୁ ହେବ । ପଞ୍ଚମରେ ହିମାଳୟର ପର୍ଯ୍ୟାବରଣ ସୁରକ୍ଷା ପାଇଁ ଜାତୀୟ ମିଶନ ଗଢ଼ାଯିବ । ଜଳବାୟୁ ପରିବର୍ତ୍ତନ ଦ୍ୱାରା ହିମାଳୟର ବରଫ ତରଳିଯିବ । ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ଗ୍ଲେସିୟର ସବୁ ପ୍ରଭାବିତ ହେଲେ ଏ ନଦୀଗୁଡିକର ପ୍ରବାହ ମଧ୍ୟ ବଦଳି ଯିବ । ଏଥିପାଇଁ ହିମାଳୟର ପର୍ଯ୍ୟାବରଣ ଅଧ୍ୟୟନ ଜରୁରି । ଷଷ୍ଠରେ ଭାରତକୁ ସବୁଜ କରିବା ପାଇଁ ଏକ ଜାତୀୟ ମିଶନ ପ୍ରତିଷ୍ଠା କରାଯିବ । ଜଙ୍ଗଲ ଏବଂ ବନସ୍ପତିର ସୁରକ୍ଷା ଦ୍ୱାରା ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ହ୍ରାସ କରାଯାଇପାରିବ । ବର୍ତ୍ତମାନ ଭାରତର ବନ୍ୟାଞ୍ଚଳର ଆୟତନ ଶତକଡ଼ା ୨୩ । ଏହାକୁ ବଢ଼ାଯାଇ ଶତକଡ଼ା ୩୩ କରାଯିବ । ବ୍ୟାପକ ବନୀକରଣ କରାଯିବ ଏ ମିଶନ୍ ଜରିଆରେ । ସପ୍ତମରେ ଚିରନ୍ତନ କୃଷି ପାଇଁ ଏକ ଜାତୀୟ ମିଶନ ପ୍ରତିଷ୍ଠା କରାଯିବ । ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେଉନଥିବା କୃଷିକୁ ପ୍ରୋତ୍ସାହନ ଦିଆଯିବ । ବନ୍ୟା ଓ ମରୁଡି ତଥା ଅନାବୃଷ୍ଟି ଯୋଗୁଁ ଯେମିତି କୃଷି କ୍ଷତିଗ୍ରସ୍ତ ନହୁଏ ତାହା ଉପରେ ପ୍ରାଧାନ୍ୟ ଦିଆଯିବ । ସ୍ଥାନୀୟ ଜ୍ଞାନକୌଶଳ ସହ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ମିଶାଯିବ । ବୃଷ୍ଟିପୁଷ୍ଟ ଅଞ୍ଚଳ ଉପରେ କୃଷି ଉତ୍ପାଦନ

Digitized by srujanika@gmail.com

କିପରି ବଢିବ ତାହା ଉପରେ ଜୋର ଦିଆଯିବ । ପରିବେଶ ସହ ତାଳମିଳାଇ ଥିବା କୃଷି ଉପରେ ଗୁରୁତ୍ୱ ଆରୋପ କରାଯିବ । ଶେଷରେ ଜଳବାୟୁ ପରିବର୍ତ୍ତନ ସହ ସଂଶ୍ଳିଷ୍ଟ ଜ୍ଞାନବିଜ୍ଞାନ ପାଇଁ ଏକ ଜାତୀୟ ଜ୍ଞାନ ମିଶନ୍ ପ୍ରତିଷ୍ଠା କରାଯିବ । ଗବେଷଣା ଓ ବିଭିନ୍ନ ଅଧ୍ୟୟନ ଜରିଆରେ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ଉପରେ ଅନୁସନ୍ଧାନ ପ୍ରକ୍ରିୟା ବ୍ୟାପକ କରାଯିବ । ଜଳବାୟୁ ବିଜ୍ଞାନ ପାଇଁ ଏକ ସ୍ୱତନ୍ତ୍ର କୋଷ ପ୍ରତିଷ୍ଠା କରାଯିବ । ଜଳବାୟୁ ବିଜ୍ଞାନକୁ ସରଳୀକରଣ କରାଯାଇ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଯିବ । ଏଇ ଆଠୋଟି ମିଶନ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଜରିଆରେ ପରିଚାଳନା କରାଯିବ। ଯୋଜନା କମିଶନ ଓ ଅର୍ଥମନ୍ତ୍ରଣାଳୟଙ୍କ ସହାୟତାରେ ମିଶନ୍ ଗୁଡିକ କାର୍ଯ୍ୟକାରୀ କରାହେବ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉପଦେଷ୍ଟା କାଉନ୍‌ସିଲ୍ ଗଢ଼ାଯିବ ଏବଂ ଏଥିରେ ବିଭିନ୍ନ ଗୋଷ୍ଠୀର ବଛାବଛା ଲୋକଙ୍କୁ ସାମିଲ କରାଯିବ । ଆଶା କରାଯାଉଛି ଯେ ଏହି ମିଶନ୍ ଗୁଡିକ ଭାରତରେ ଜଳବାୟୁ ପରିବର୍ତ୍ତନ ଜନିତ ବିଭିନ୍ନ ପ୍ରଭାବର ଉଚିତ୍ ମୁକାବିଲା କରିପାରିବେ ।

ଏହି ଜାତୀୟ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ ଏକ ଉଚିତ୍ ଏବଂ ସମୟପୋଯୋଗୀ ଘୋଷଣା ବୋଲି ଅନେକ ମନେକରୁଥିଲା ବେଳେ ଆଉ ଏକ ଗୋଷ୍ଠୀ ଏହାକୁ ସମାଲୋଚନା କରୁଛନ୍ତି । ଆନ୍ତର୍ଜାତିକ କ୍ଷେତ୍ରରେ ସମ୍ଭବତଃ ଭାରତ ପ୍ରଦର୍ଶନ କରିବାକୁ ଚାହିଁଛି ଯେ ଏହି କାର୍ଯ୍ୟକ୍ରମ ତଥା ମିଶନ୍ ଗୁଡିକର ପରିକଳ୍ପନା ଯଥାର୍ଥ । ଅନ୍ୟପକ୍ଷରେ ଏଥିରେ ସବୁଗୋଷ୍ଠୀର ବିଶେଷ କରି ଜନସାଧାରଣଙ୍କର ସହଭାଗୀତା ନାହିଁ । ପ୍ରଧାନମନ୍ତ୍ରୀ ତାଙ୍କର ଅଧସ୍ତନ କର୍ମଚାରୀ ଏବଂ ବିଶେଷଜ୍ଞମାନଙ୍କର ସହାୟତାରେ ଏ କାର୍ଯ୍ୟକ୍ରମ ତିଆରି କରିଛନ୍ତି । ଏଥିରେ ନାଗରିକ ସମାଜ ଏବଂ ସାମାଜିକ ଅନୁଷ୍ଠାନମାନଙ୍କର ସହଭାଗୀତା ପ୍ରାୟ ନାହିଁ କହିଲେ ଚଳେ । ଏହି କାର୍ଯ୍ୟକ୍ରମରେ ଅନେକ ଅନ୍ତର୍ଦ୍ୱନ୍ଦ ମଧ୍ୟ ରହିଛି ଯାହାର ବିଶେଷ ଆଲୋଚନା ଆବଶ୍ୟକ । ଗୋଟାଏ ପଟେ ଦ୍ରୁତ ଅଭିବୃଦ୍ଧି, ଆର୍ଥିକ ବିକାଶ ଓ ଅନ୍ୟପକ୍ଷରେ ଗରିବ ଓ ଅବହେଳିତ ଗୋଷ୍ଠୀଙ୍କ ସୁରକ୍ଷା - ଏହା କେତେଦୂର ସମ୍ଭବ ଅନେକ ପ୍ରଶ୍ନ ଓ ସନ୍ଦେହ ସୃଷ୍ଟି କରିଛି । ଜଳବାୟୁ ପରିବର୍ତ୍ତନ ଦ୍ୱାରା ଖାଦ୍ୟ ଉତ୍ପାଦନ ହ୍ରାସ ହେବା ସଙ୍ଗେ ସଙ୍ଗେ ଜଳକଷ୍ଟ ଦେଖାଦେବ । ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଅନେକ ଗୁଣରେ ବୃଦ୍ଧି ପାଇବ । ଏସବୁକୁ ଆଖିରେ ରଖି ଏ ଜାତୀୟ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ କେତେଦୂର ଯୁକ୍ତିଯୁକ୍ତ ତାହାର ବିଶ୍ଳେଷଣ ଜରୁରୀ ହୋଇପଡିଛି । ହଠାତ୍ ସମସ୍ତେ

Digitized by srujanika@gmail.com

ପରିବେଶ ସଚେତନ ହୋଇପଡ଼ିଛନ୍ତି ଯେମିତି । ଶିଳ୍ପପତିମାନେ କହୁଛନ୍ତି ଯେ ପରିବେଶ ସୁରକ୍ଷା ସେମାନଙ୍କର ଶିଳ୍ପାୟନର ଆଭିମୁଖ୍ୟ । ବୈଜ୍ଞାନିକମାନେ ତାଙ୍କର ଗବେଷଣାରେ ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଛନ୍ତି ବୋଲି ଦାବି କରୁଛନ୍ତି । କଥାକଥାକେ ଏସବୁ ଆଲୋଚନା ବିଷୟବସ୍ତୁ ହୋଇଯାଇଛି ।

ଏବେ ଗଣମାଧ୍ୟମ ମଧ୍ୟ ଜଳବାୟୁ ପରିବର୍ତ୍ତନ କଥା କହୁଛି । ଧନୀ ଏବଂ ପ୍ରଭାବଶାଳୀ ଗୋଷ୍ଠୀ କିପରି ଉତ୍ତପ୍ତ ପୃଥିବୀ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ତାହା ବାରମ୍ବାର ଉଲ୍ଲେଖ କରାଯାଉଛି । ମୋଟର ଗାଡ଼ି, ଶୀତତାପ ନିୟନ୍ତ୍ରଣ ପାଇଁ ଯନ୍ତ୍ରପାତି, ବିଳାସପୂର୍ଣ୍ଣ ଜୀବନ ଆଦି ଏହାର କାରଣ ବୋଲି ପ୍ରମାଣିତ ହୋଇସାରିଛି । 'ଜାତୀୟ ଜଳବାୟୁ ପରିବର୍ତ୍ତନ' କାର୍ଯ୍ୟକ୍ରମରେ ଏହି ପ୍ରଭାବଶାଳୀ ଗୋଷ୍ଠୀଙ୍କ ଉପରେ କେଉଁଭଳି ନିୟନ୍ତ୍ରଣ ତାହା ଉଲ୍ଲେଖ କରାଯାଇ ନାହିଁ । ପରୋକ୍ଷଭାବେ ସବୁ ପ୍ରସ୍ତାବରେ ଏମାନଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଦିଆଯାଇଛି ବୋଲି ସନ୍ଦେହ କରାଯାଉଛି । ଅନେକ କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ କଥା କୁହାଯାଇଛି । ବନୀକରଣ ହେଉ ଅଥବା ବର୍ଜ୍ୟବସ୍ତୁ ପରିଚାଳନା ହେଉ, ଘରୋଇ ଉଦ୍ୟମକୁ ମାନ୍ୟତା ଦିଆଯାଇ ଜନ ସହଭାଗୀତାକୁ ନ୍ୟୁନ କରାଯାଇଛି । ସବୁଠାରୁ ଭୟାନକ ପ୍ରସ୍ତାବ ହେଉଛି ଯେ ଜଳବାୟୁ ପରିବର୍ତ୍ତନ ଅନୁଯାୟୀ କୃଷିର ପରିବର୍ତ୍ତନ କରିବା । ଅର୍ଥାତ ନୂତନ ପ୍ରକାର ବିହନ ଓ ବୈଜ୍ଞାନିକ ପଦ୍ଧତି ବ୍ୟବହାର କରାଯିବାକୁ କୁହାଯାଇଛି ଯାହାର ଫଳାଫଳ ସାମଗ୍ରିକ ଭାବେ ଅନୁକୂଳ ନୁହେଁ । ପାରମ୍ପରିକ ବିହନ ଓ ଜ୍ଞାନ କୌଶଳ ବଦଳରେ ବାଇଓଟେକ୍ନୋଲୋଜି କଥା କୁହାଯାଇଛି । ବୃଷ୍ଟିପୁଷ୍ଟ ଅଞ୍ଚଳରେ ଉତ୍ପାଦନ ବଢ଼ାଇ କୃଷି ବ୍ୟବସାୟକୁ ପ୍ରୋତ୍ସାହନ ଦେବା ପଛରେ କି ଉଦ୍ଦେଶ୍ୟ ଅଛି ବୁଝି ହେଉନାହିଁ । ଜଳବାୟୁ ପରିବର୍ତ୍ତନ ବିଷୟରେ କୃଷି ବିଶେଷଜ୍ଞମାନଙ୍କର ଜ୍ଞାନକୁ ଅଧିକ ମାନ୍ୟତା ଦିଆଯାଇ ସ୍ଥାନୀୟ ଜ୍ଞାନ ଓ ଅନୁଭୂତିକୁ ହେୟ ମନେ କରାଯାଇଛି । ସବୁକଥାରେ ଆର୍ଥିକ ଅଭିବୃଦ୍ଧି ଓ ବଜାର ବେପାର କଥା ଉଠିଛି । ଏହା କେତେଦୂର ଯୁକ୍ତିଯୁକ୍ତ ତାହା ପ୍ରଶ୍ନ କରାଯାଇପାରିବ । ବାଇଓଫିଉଲ(Bio-fuel) ଏବଂ ଜାଟ୍ରୋଫା ଆଦି କଥା ଉଠାଇଲା ମାନେ ଆମର ଶକ୍ତି କ୍ଷେତ୍ରରେ ସାର୍ବଭୌମତ୍ୱ ଉପରେ ଆଞ୍ଚ ଆସୁଛି । ଗାଁର ସାର୍ବଜନୀନ ଜମି ଦଖଲ କରି ବିଦେଶୀ କମ୍ପାନୀମାନେ ବାଇଓଫିଉଏଲ୍ ଉତ୍ପାଦନ କରିବେ ବୋଲି ଘୋର ଆଶଙ୍କା ସୃଷ୍ଟି ହୋଇଛି । ଜ୍ଞାନ ହେଉକି ଗବେଷଣା ହେଉ, ପୁଞ୍ଜିନିବେଶ ହେଉ କି ବଜାର ହେଉ ଯଦି ସବୁ ବାହାରୁ ନିୟନ୍ତ୍ରିତ ହେବ, ତେବେ ସାଧାରଣ ମଣିଷଙ୍କ ଅବସ୍ଥା କ'ଣ ହେବ ? ଜଳବାୟୁ ପରିବର୍ତ୍ତନର ମୁକାବିଲା କିଏ

Digitized by srujanika@gmail.com

କରିବ ? ସାଧାରଣ ମଣିଷମାନେ ଏ ଜାତୀୟ କାର୍ଯ୍ୟକ୍ରମରେ କେଉଁଠି ଭାଗ ନେବେ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇନାହିଁ । ଖାଦ୍ୟ ନିରାପତ୍ତା ସହ ଜଳ ନିରାପତ୍ତା, ସ୍ୱାସ୍ଥ୍ୟ ନିରାପତ୍ତା, ଶକ୍ତି ନିରାପତ୍ତା କ୍ଷୁଣ୍ଣ ହେବା ନିଶ୍ଚିତ । ଏ ପରିସ୍ଥିତିରେ କେବଳ ଗରିବ ଓ ଅବହେଳିତମାନେ କିପରି ସ୍ୱାବଲମ୍ବୀ ହେବେ ଓ ଗାଁ କିପରି ସବୁଦୃଷ୍ଟିରୁ ସ୍ୱାବଲମ୍ବୀ ହେବ ତାହା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେବାର ଅଛି । ଉଦାହରଣ ସ୍ୱରୂପ ଗାଁ ତାର ନିଜସ୍ୱ ଆବଶ୍ୟକ ଖାଦ୍ୟ ଉତ୍ପାଦନ କରିବ । ପ୍ରତ୍ୟେକ ଗାଁରେ ସୌରଶକ୍ତିର ବିକାଶ ଓ ବିନିଯୋଗ ବ୍ୟାପକ ହେବ । ଗାଁରେ ବିକେନ୍ଦ୍ରୀକରଣ ପ୍ରକ୍ରିୟାରେ ଶକ୍ତିର ପରିଚାଳନା କରାଯିବ । ଯଦି ଗାଁ ଏବଂ ସହରର ସାଧାରଣ ଲୋକେ ସବୁକଥାରେ ମୂଳରେ ରହିବେ ଓ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମର ସଫଳରୂପାୟନ କରିବେ, ତେବେ ସବୁ କିଛି ସମ୍ଭବ ହେବ । ଏଥିପାଇଁ 'ଜାତୀୟ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ'କୁ ଆଉଥରେ ପରଖିନେବାକୁ ଦାବି ହେଉଛି ।

□□□

Digitized by srujanika@gmail.com

୨୫

ଜଳବାୟୁ ପରିବର୍ତ୍ତନ, ନ୍ୟାୟ ଓ ମାନବାଧିକାର

ଆଶଙ୍କା କରାଯାଉଛି ଯେ ଜଳବାୟୁ ପରିବର୍ତ୍ତନ ଯେଉଁ ଢ଼ଙ୍ଗରେ ହେଉଛି ଆସନ୍ତା ୨୦୫୦ ମସିହା ବେଳକୁ କୋଡ଼ିଏ କୋଟିରୁ ଅଧିକ ଲୋକ ଜଳବାୟୁ ଶରଣାର୍ଥୀ ବା କ୍ଲାଇମେଟ୍ ରିଫ୍ୟୁଜି (Climate Refugee)ରେ ପରିଣତ ହୋଇଯିବେ । ଅର୍ଥାତ୍ ବହୁ ସଂଖ୍ୟକ ଲୋକ ନିଜ ନିଜର ଜୀବନ ଜୀବିକା, ବାସଗୃହ ଓ ପରିବେଶ ହରାଇ ବସିବେ । ଏଣୁ ଜଳବାୟୁ ପରିବର୍ତ୍ତନର ସାମାଜିକ ଓ ଆର୍ଥିକ ନ୍ୟାୟ ଏବଂ ମାନବାଧିକାର ସହ ନିବିଡ ସମ୍ପର୍କ ରହିଛି । ଆଜି ଦୀର୍ଘ ସ୍ଥାୟୀ ବିକାଶର ଅସଲ ସଂଜ୍ଞା ନିର୍ଣ୍ଣୟ କରିବାକୁ ଗଲାବେଳେ ପ୍ରଚଳିତ ବିକାଶ ପ୍ରକ୍ରିୟାକୁ ପ୍ରଶ୍ନ କରାଯାଉଛି ଓ ଏହାର ଅସଲ ଉଦ୍ଦେଶ୍ୟକୁ ପରୀକ୍ଷା ନିରୀକ୍ଷା କରାଯାଉଛି । ବିକାଶ ପ୍ରକ୍ରିୟା ପ୍ରକୃତରେ ମାନବାଧିକାର ଗୁଡିକୁ ସମ୍ମାନ ଦେଉଛି କି ନାହିଁ ତାହାର ବିଶ୍ଳେଷଣ କରାଯାଉଛି । ସତ କଥା କହିବାକୁ ହେଲେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ନ୍ୟାୟ ଓ ମାନବାଧିକାର ଉଲଂଘନ ବଢ଼ିଯିବାର ଘୋର ଆଶଙ୍କା ଦେଖାଦେଇଛି । ଯେତେବେଳେ ଜଳବାୟୁ ପରିବର୍ତ୍ତନ ଜୀବନ ଜୀବିକାର ସବୁ ଅଂଶବିଶେଷକୁ କ୍ଷତି ପହଞ୍ଚାଉଛି, ସେତେବେଳେ ବଞ୍ଚିବାର ଅଧିକାର କ୍ଷୁଣ୍ଣ ହେବା ନିଶ୍ଚିତ । ଏହାକୁ ଲକ୍ଷ୍ୟ କରି ୨୦୦୮ ମସିହା ମାର୍ଚ୍ଚ ୮ ତାରିଖରେ ଜାତିସଂଘର ମାନବାଧିକାର କାଉନ୍‌ସିଲ ଜାଣିବାକୁ ଚାହିଁଛି ଯେ ଜଳବାୟୁ ପରିବର୍ତ୍ତନ ଓ ମାନବାଧିକାର ଭିତରେ କି ସମ୍ପର୍କ ରହିଛି ? ବିଶ୍ୱରେ ସହସ୍ରାବ୍ଦ ଲକ୍ଷ୍ୟ ବା ମିଲେନିୟମ ଗୋଲ୍ ବିଷୟ ଆଲୋଚନା କରିଲାବେଳେ, ବିଶ୍ୱ କ୍ଷୁଧାକୁ ଅଧା କମାଇବା ପାଇଁ ଯେଉଁ ଲକ୍ଷ୍ୟ ଅଛି ତାହା କେବେହେଲେ ପୂରଣ ହେବ ନାହିଁ । କାରଣ ପ୍ରଧାନ ଖାଦ୍ୟଦ୍ରବ୍ୟ ଗୁଡିକର ଦର ଏତେ ବଢ଼ିଯିବ ଯେ

Digitized by srujanika@gmail.com

ସାଧାରଣ ଲୋକେ ତାହା କିଣିପାରିବେ ନାହିଁ । ଅନିଶ୍ଚିତ ଜଳବାୟୁ ଏହାର ମୁଖ୍ୟ କାରଣ ନୁହେଁ କି ?

ଜଳବାୟୁ ପରିବର୍ତ୍ତନ ପଛରେ କି କାରଣ ରହିଛି ? ବିଶ୍ୱବ୍ୟାପୀ ଅସମାନତା, ବିଶ୍ୱ ସମ୍ପଦର ମାତ୍ରାଧିକ ଲୁଣ୍ଠନ ଓ କୁବ୍ୟବହାର, କୁପରିଚାଳନା, ଅସମାନ ବିଶ୍ୱ ବାଣିଜ୍ୟ ବେପାର, କେତୋଟି ବିକଶିତ ଦେଶର ଅମାନୁଷିକ ଲୋଭ ଏବଂ ଉପଭୋକ୍ତାବାଦ ଆଦି ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ । ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ସାଧାରଣ ଉପଭୋକ୍ତା ପୃଥିବୀର ଗରିବତମ ଦେଶର ଉପଭୋକ୍ତା ଠାରୁ ୨୦୦ଗୁଣ ଅଧିକ ବ୍ୟୟ କରୁଛି ଓ ବିଳାସବ୍ୟସନରେ ରହୁଛି । ଗରିବତମ ଦେଶରେ ସାଧାରଣ ନାଗରିକର ଦୈନିକ ଆୟ ଗୋଟିଏ ଡଲାରରୁ କମ୍ ଥିଲାବେଳେ ବିକଶିତ ଦେଶମାନଙ୍କର ନାଗରିକମାନଙ୍କର ଦୈନିକ ଆୟ କେତେ ଶହ ଡଲାର୍ । ଏଇ ଅସମାନତା ହେତୁ ଅନୈତିକ ଭାବେ ବିଶ୍ୱ ସମ୍ପଦକୁ ଲୁଣ୍ଠନ କରାଯାଇଛି । ପଶ୍ଚିମ ଦେଶମାନଙ୍କର ଉପଭୋକ୍ତାବାଦ ତୃତୀୟ ବିଶ୍ୱକୁ ସମ୍ପୂର୍ଣ୍ଣଗ୍ରାସ କରିଛି । ପଶ୍ଚିମ ଦେଶମାନଙ୍କରେ ମାଛମାଂସର ଚାହିଦା ବେଶୀ । ଏଥିପାଇଁ ପୃଥିବୀ ସାରା ପଶୁପାଳନ କରାଯାଉଛି । ଜଙ୍ଗଲ ନଷ୍ଟ କରାଯାଉଛି ପଶୁପାଳନର କ୍ଷେତ୍ର ବଢ଼ାଇବା ପାଇଁ । ଅନେକ ପ୍ରକାର ଶିଳ୍ପ କାରଖାନା ପ୍ରତିଷ୍ଠା କରାଯାଉଛି । ଶକ୍ତିର ଆବଶ୍ୟକତା ଏତେ ବଢ଼ିଯାଇଛି ଯେ କଳ୍ପନା କରି ହେବ ନାହିଁ । ମୋଟର ଗାଡି ଆଦିର ବ୍ୟବହାର ମଧ୍ୟ ଅନେକ ଗୁଣ ବଢ଼ିଯାଇଛି । ଏସବୁ ଅନ୍ୟାୟ ଅସମାନତା ହିଁ ଜଳବାୟୁ ପରିବର୍ତ୍ତନର ଅନ୍ୟତମ କାରଣ । ଆମ ଦେଶରେ ଶତକଡ଼ା ଅଶୀଭାଗ ଲୋକ ଦୁଃଖକଷ୍ଟରେ ରହୁଥିବା ବେଳେ ମାତ୍ର କୋଡ଼ିଏ ଭାଗ ଲୋକ ବେଶ୍ ଆରାମରେ ଅଛନ୍ତି । ବିଶ୍ୱ ରଙ୍ଗମଞ୍ଚରେ ଧନୀ ଓ ଗରିବଙ୍କ ଭିତରେ ଯେଉଁ ପ୍ରଭେଦ ରହିଛି, ଆମଦେଶରେ ମଧ୍ୟ ଧନୀ ଓ ଗରିବଙ୍କ ଭିତରେ ସେଇ ଖାଇ ଦେଖାଦେଇଛି । ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ହେଉଥିବା ଜନସଂଖ୍ୟା ଭିତରେ ଅଛନ୍ତି କୃଷକ, ମତ୍ସ୍ୟଜୀବୀ, ଗରିବ ଆଦିବାସୀ ଓ ଶ୍ରମଜୀବୀ, ବାସଚ୍ୟୁତ ଓ ସାମାଜିକ କ୍ଷେତ୍ରରେ ଅବହେଳିତ ଲୋକମାନେ । ଅତ୍ୟଧିକ ବର୍ଷା ବା ମରୁଡି ହେଲେ କୃଷକ ଖାଦ୍ୟ ଉତ୍ପାଦନ କରିପାରିବ ନାହିଁ ଓ ଅନାହାରରେ ରହିବ । ଜଳବାୟୁ ପରିବର୍ତ୍ତନ ହେଲେ ସମୁଦ୍ରର ଜଳପତନ ବୃଦ୍ଧି ପାଇବ ଓ ସମୁଦ୍ର କୂଳରେ ରହୁଥିବା ଲକ୍ଷ ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବନ ଓ ଜୀବିକା ଉଜୁଡି ଯିବ । ଆଦିବାସୀ ଅଞ୍ଚଳରେ ଜଙ୍ଗଲ

Digitized by srujanika@gmail.com

ସମ୍ପଦ ନଷ୍ଟ ହେବା ହେତୁ ସେମାନେ ମଧ୍ୟ ପ୍ରଭାବିତ ହେବେ । ବର୍ତ୍ତମାନ କଳକାରଖାନା ବସାଯିବା ହେତୁ ସେମାନେ ବାସଚ୍ୟୁତ ହେଉଛନ୍ତି । ଏହା ବଢ଼ିଯିବ । ପ୍ରାକୃତିକ ଦୁର୍ବିପାକ ଯଥା ବନ୍ୟା, ମହାବାତ୍ୟା, ମରୁଡି ଆଦି ଜଳବାୟୁ ପରିବର୍ତ୍ତନର ସୂଚକାଙ୍କ । ଏହା କ୍ରମାଗତ ଲାଗି ରହିଲେ ବାସଚ୍ୟୁତଙ୍କ ସଂଖ୍ୟା ମଧ୍ୟ ଅନେକ ବଢ଼ିଯିବ ।

ଜାତିସଂଘର ମାନବାଧିକାର ଉପରେ ଘୋଷଣାନାମାକୁ ସାରାବିଶ୍ୱ ମାନ୍ୟତା ଦେଇ ସ୍ୱୀକାର କରିଛି । ଏହାର ବିଭିନ୍ନ ଧାରା ଉପଧାରାକୁ ବିଚାରକୁ ନେଇ ଆଲୋଚନା କରିଲେ ଜଣାପଡୁଛି ଯେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଯେଉଁ ମାନବାଧିକାର ଗୁଡିକର ଉଲଂଘନ ହେବ, ସେଗୁଡିକ ହେଲା - (କ) ବଞ୍ଚିବାର ଅଧିକାର (ଖ) ଖାଦ୍ୟ ଅଧିକାର (ଗ) ଜଳ ଉପରେ ଅଧିକାର (ଘ) ସ୍ୱାସ୍ଥ୍ୟ ଅଧିକାର (ଙ) ଆଦିବାସୀଙ୍କ ଜୀବନ ଜୀବିକାର ଅଧିକାର (ଚ) ନିରାପଦ ଜୀବନର ଅଧିକାର । ତେଣୁ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ହ୍ରାସ କରିବାକୁ ହେଲେ ବିଶ୍ୱବ୍ୟାପୀ ଯେଉଁ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଉଛି, ଏହି ମାନବାଧିକାର ଗୁଡିକର ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ପ୍ରତ୍ୟେକଟି ଅଧିକାର ଓ ଏହାର ସୁରକ୍ଷା ଉପରେ ବିଶଦ ଆଲୋଚାନ ଏକାନ୍ତ ଜରୁରି । କିନ୍ତୁ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ ପାଇଁ ସାରା ବିଶ୍ୱରେ ବର୍ତ୍ତମାନ ଯେଉଁ ପ୍ରକାର ଚିନ୍ତନ ଚାଲିଛି ତାହା ଖୁବ୍ ବିବାଦୀୟ । ସେଥିରୁ କେତୋଟି ଏ ଆଲୋଚନାର ପରିସରଭୁକ୍ତ ।

ଆଗରୁ କହି ରଖିଛି ଯେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଘୋର ଖାଦ୍ୟ ସଙ୍କଟ ଦେଖାଦେବ । କାରଣ ବୃଷ୍ଟିପାତର ଅନିୟମିତତା, ବନ୍ୟା, ମହାବାତ୍ୟା ଏବଂ ମରୁଡିର ପ୍ରକୋପରେ ଖାଦ୍ୟଶସ୍ୟର ଉତ୍ପାଦନ ହ୍ରାସ ପାଇବ । ଏଇଥିପାଇଁ କେତେକ ଗବେଷକ ଓ ବୈଜ୍ଞାନିକ ମତ ଦେଇଛନ୍ତି ଯେ କୃଷି ପ୍ରଣାଳୀର ଆବଶ୍ୟକ ପରିବର୍ତ୍ତନ କରାଯିବା ଆବଶ୍ୟକ । ସେମାନେ ମତ ଦେଇଛନ୍ତି ଯେ ଯେଉଁଠି ମରୁଡି ହେଉଛି, ସେଠାରେ ମରୁଡି ସହିପାରୁଥିବା କୃଷି ପ୍ରଚଳନ କରାଯାଉ । ଯେଉଁଠି ବନ୍ୟା ହେଉଛି, ସେଠାରେ ମଧ୍ୟ କୃଷିରେ ଆବଶ୍ୟକ ପରିବର୍ତ୍ତନ କରାଯାଉ । ବୃଷ୍ଟିପାତ କମ୍ ବେଶୀ ହେଲେ କୃଷିରେ ରୋଗ ଓ କୀଟ ବଢ଼ିଯିବେ । ଏଥିପାଇଁ ମଧ୍ୟ ଆବଶ୍ୟକ ବିହନ ସୃଷ୍ଟି କରାଯାଉ ଅର୍ଥାତ୍ ବୈଜ୍ଞାନିକ ଉପାୟରେ । ଅର୍ଥାତ୍ ଜେନେଟିକ୍ ଇଞ୍ଜିନିୟରିଂର ସହାୟତାରେ ନୂଆ କିସମର ବିହନ ସୃଷ୍ଟି କରାଯାଉ । ଏବେ ଜଳବାୟୁ ବିଜ୍ଞାନ ସହ

Digitized by srujanika@gmail.com

କୃଷି ବିଜ୍ଞାନର କିପରି ସୁସମ୍ପର୍କ ରହିବ ତାହା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । କିନ୍ତୁ ଏହା ବିବାଦମାନ କାରଣ କୃଷି ଓ କୃଷକଙ୍କ ଉପରେ କୌଣସି ବାହାରର ଜ୍ଞାନକୌଶଳ ଲଦିଦେବା ଗ୍ରହଣଯୋଗ୍ୟ ନୁହେଁ । ଏହାଦ୍ୱାରା କୃଷି ଓ ଖାଦ୍ୟ ଉପରେ ଯେଉଁ ସାର୍ବଭୌମତ୍ୱ ରହିଛି ତାହା କ୍ଷୁଣ୍ଣ ହେବ । ଅନ୍ୟଏକ ବିବାଦୀୟ ବିଷୟ ହେଉଛି ବାଇଓଫୁଏଲ୍ (Bio-fuel) ଯାହାକୁ ନେଇ ବର୍ତ୍ତମାନ ବିଶ୍ୱରେ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଛି ବୋଲି ପ୍ରମାଣିତ ହୋଇଛି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍‌ରେ ଚଳୁଥିବା ମୋଟରଗାଡି ଗୁଡିକ ପ୍ରଦୂଷଣ କରୁଛନ୍ତି ଓ ଏଥିପାଇଁ ବାଇଓଡିଜେଲ୍ ଖୁବ୍ ଦରକାରୀ ହୋଇପଡିଛି । ବାଇଓଡିଜେଲ୍ ଉତ୍ପାଦନ ପାଇଁ ବର୍ତ୍ତମାନ ଜାଟ୍ରୋଫା ଆଦି ଗଛ ଲଗାଯାଉଛି । ଅନେକ କ୍ଷେତ୍ରରେ ପାରମ୍ପରିକ କୃଷି ବଦଳରେ ମକା, ଆଖୁ ଓ ସୋୟାବିନ ଚାଷ କରିବାକୁ ପ୍ରୋତ୍ସାହନ ଦିଆଯାଉଛି । ଏହା ବିଶ୍ୱରେ ଖାଦ୍ୟ ସଙ୍କଟ ସୃଷ୍ଟି କରିସାରିଛି । ଜଳର ବିନିଯୋଗ ମଧ୍ୟ ତର୍କର ଏକ ବିଷୟବସ୍ତୁ ହୋଇସାରିଛି । ଜଳବାୟୁ ପରିବର୍ତ୍ତନ ହେଲେ ପାନୀୟ ଜଳର ଘୋର ଅଭାବ ଦେଖାଯିବ । କୃଷି ଉପଯୋଗୀ ଜଳ ମଧ୍ୟ ମିଳିବ ନାହିଁ । ତେଣୁ ସବୁ କାର୍ଯ୍ୟକ୍ରମର ବାସ୍ତବ ବିଶ୍ଳେଷଣ ନିହାତି ଜରୁରି ହୋଇପଡିଛି ।

ବିଶ୍ୱର ଚିନ୍ତାଶୀଳ ଗୋଷ୍ଠୀ ଏବେ ଅନୁଭବ କରୁଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ସହ ଜଗତୀକରଣର ସ୍ପଷ୍ଟ ସମ୍ବନ୍ଧ ଅଛି । ଯଦି ଜଗତୀକରଣ ପ୍ରକ୍ରିୟା ନଥାନ୍ତା ତେବେ ବର୍ତ୍ତମାନର ଜଳବାୟୁ ଜନିତ ଦୁରବସ୍ଥା ସୃଷ୍ଟି ହୋଇନଥାନ୍ତା । ଜଗତୀକରଣ ପ୍ରକ୍ରିୟା କୃଷି, ଶିଳ୍ପ ଓ ବସତିର ସଜ୍ଞା ବଦଳାଇ ସାରିଛି । ବଜାରର ଯେଉଁ ଦ୍ରୁତ ସମ୍ପ୍ରସାରଣ ହେଉଛି, ଏଥିରେ ମାନବିକ ମୂଲ୍ୟବୋଧ ଏବଂ ପରିବେଶକୁ ସମ୍ମାନ ଦିଆଯାଇନାହିଁ । ଏଥିରେ ଖାଦ୍ୟ, ଜଳ, ଶକ୍ତି, ପରିବେଶ ଏବଂ ମାନବୀୟ ନିରାପତ୍ତାକୁ ମାନ୍ୟତା ଦିଆଯାଇନାହିଁ । ଅନ୍ୟପକ୍ଷରେ ଆର୍ଥିକ ଅଭିବୃଦ୍ଧି, ପ୍ରାକୃତିକ ସମ୍ପଦର ଲୁଣ୍ଠନ ଓ ଲାଭଖୋର ପ୍ରକୃତିକୁ ପ୍ରୋତ୍ସାହନ ଦିଆଯାଉଛି । ଶିଳ୍ପପତି ଆଜି ସଚେତନ ନୁହେଁ ଯେ ତାହାର ଶିଳ୍ପକାରଖାନା ବିଶ୍ୱ ବାତାବରଣକୁ ନଷ୍ଟ କରୁଛି ଏବଂ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ମଉଜମଜଲିସ୍ ଏବଂ ବିଳାସବ୍ୟସନରେ ରହୁଥିବା ମଣିଷମାନେ ସଚେତନ ନୁହନ୍ତି ଯେ ସେମାନେ ବ୍ୟବହାର କରୁଥିବା ସାମଗ୍ରୀ ଜନିତ ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ଛାଡୁଥିବା ଜନିତ ପ୍ରଦୂଷଣ ପୃଥିବୀର ଜନଜୀବନ ହାନୀ କରିବାରେ ପ୍ରଥମ କାରଣ ।

Digitized by srujanika@gmail.com

ଆଜିର ଜଳବାୟୁ ବିଜ୍ଞାନୀ ଆଶା ରଖିଛି ଯେ ଖୁବ୍ ଶୀଘ୍ର ଜଳବାୟୁର ଯେଉଁ ଅଭୂତପୂର୍ବ ପରିବର୍ତ୍ତନ ଦେଖାଦେଇଛି ତାହାକୁ ସ୍ପଷ୍ଟ ବୁଝିପାରିବ ଓ ତାହାର ନିରାକରଣ ପାଇଁ ବିଭିନ୍ନ ପ୍ରକାରର ଉପାୟ ବାହାର କରିପାରିବ । ଏହା କେତେଦୂର ବିଶ୍ୱସନୀୟ ତାହା ଦେଖିବାର ଅଛି । ଆଜିର ବିଜ୍ଞାନ ପ୍ରାକୃତିକ ଦୁର୍ବିପାକକୁ ଅଟକେଇ ପାରିନାହିଁ । କେବଳ କେତେମାତ୍ରାରେ ପ୍ରଶମନ କରିପାରିଛି । ଆସନ୍ତା ବର୍ଷମାନଙ୍କରେ ଯେଉଁ ଦୁର୍ବିପାକମାନ ଆସିବାର ଆଶଙ୍କା କରାଯାଉଛି ତାହାକୁ ମୁକାବିଲା କିରବା ସନ୍ଦେହ ଜନକ । ଜଳବାୟୁ ପରିବର୍ତ୍ତନର ପ୍ରକ୍ରିୟା ଜଗତୀକରଣ ଆରମ୍ଭ ହେବା ଦିନଠାରୁ ଦ୍ରୁତଭାବେ ବଢ଼ି ଚାଲିଛି । ଏଣୁ ଜଳବାୟୁ ପରିବର୍ତ୍ତନ ରୋକିବାକୁ ହେଲେ ଜଗତୀକରଣ ପ୍ରକ୍ରିୟାକୁ ଅଟକେଇବାକୁ ହେବ ବା ବିରୋଧ କରିବାକୁ ହେବ । ଏବେ ପୃଥିବୀରେ ବହୁଭାଗ ଲୋକ ଭୋକିଲା ଓ ରୋଗପ୍ରପୀଡିତ । ସେମାନେ ଚାହୁଁଛନ୍ତି ଖାଦ୍ୟ, ପାନୀୟ ଜଳ, ଜୀବିକା, ନିରାପତ୍ତା । ଅନ୍ୟ ପକ୍ଷରେ ସ୍ୱଳ୍ପଭାଗ ଲୋକ ଚାହୁଁଛନ୍ତି ବିଳାସ ବ୍ୟସନରେ ପରିପୂର୍ଣ୍ଣ ଜୀବନ ଓ ବସବାସ । ଚାହୁଁଛନ୍ତି ମୋଟର ଗାଡି ଓ ଉଡାଜାହାଜ । ବର୍ତ୍ତମାନ ସମୟ ଉପସ୍ଥିତ ହୋଇଛି ଏକ ପ୍ରଶ୍ନ ପଚାରିବା ପାଇଁ । ଏ ପୃଥିବୀ କାହାର ? ବହୁଭାଗ ମାଟିକାଦୁଅମଣିଷଙ୍କର ? ଅଥବା ସ୍ୱଳ୍ପଭାଗ ବିଳାସୀ ଧନୀ ମାନଙ୍କର ?

ସମୟ ଆସିଛି ବର୍ତ୍ତମାନ ଆମ ପୃଥିବୀର ସବୁ ଦେଶର ଓ ସବୁ ସମାଜର ମଣିଷମାନଙ୍କୁ ଏକାଠି ହୋଇ ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ପ୍ରତିହତ କରିବା । ବୈଜ୍ଞାନିକ ଯେଉଁ ଦୃଷ୍ଟିକୋଣରେ ଏ ପରିବର୍ତ୍ତନ ଓ ପ୍ରଭାବକୁ ଦେଖୁଛି, ସେ ସମସ୍ତଙ୍କୁ ସୂଚୀତ କରୁ ଓ ଜାଣିବାର ପରିବେଶ ସୃଷ୍ଟି କରୁ । ଯେଉଁମାନେ ପ୍ରଭାବିତ ହୋଇସାରିଛନ୍ତି ଓ ଭବିଷ୍ୟତରେ ଆହୁରି ବେଶୀ ହେବେ, ସେମାନେ ଦୀର୍ଘ ମିଆଦି କାର୍ଯ୍ୟକ୍ରମ ହାତକୁ ନିଅନ୍ତୁ । ଆମର ସମସ୍ତଙ୍କର ଲକ୍ଷ୍ୟ ହେଉ ଯେ ଗ୍ରୀନ୍ ହାଉସ୍ ଗ୍ୟାସ୍ (Green House Gas) ନିର୍ଗମନକୁ କିପରି ନିୟନ୍ତ୍ରଣ କରାଯିବ । ଯେଉଁ କାର୍ଯ୍ୟଦ୍ୱାରା ଏ ଗ୍ୟାସ୍ ବେଶୀ ନିର୍ଗତ ହେଉଛି ତାହା ବନ୍ଦ କରାଯାଉ । ଧନୀ ଦେଶର ଲୋକମାନେ ଏ ଦିଗରେ ପ୍ରଥମେ ପଦକ୍ଷେପ ନିଅନ୍ତୁ । ବାଲି ଦ୍ୱୀପରେ ଏ ବିଷୟରେ ଚର୍ଚ୍ଚା ହୋଇସାରିଛି । ଏହାପରେ ପୃଥିବୀର ବିଭିନ୍ନ ସ୍ଥାନରେ ଏ ବିଷୟରେ ଚର୍ଚ୍ଚା ଜାରି ରହିଛି । ଅଙ୍ଗାରକାମ୍ଳ ଗ୍ୟାସ୍ ଭଳି ପୃଥିବୀକୁ ଉତ୍ତପ୍ତ କରିବାର ଅନ୍ୟ ଗ୍ୟାସ୍‌କୁ ଅଧିକ ନିର୍ଗତ ନହେବାକୁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରାଯାଉ । ଏଥିପାଇଁ ଅନେକ

Digitized by srujanika@gmail.com

ଲୋକ ଏବେ ମୋଟର ଗାଡି ଛାଡି ସାଇକେଲ୍ ଆଦି ବ୍ୟବହାର କରିବା ଆରମ୍ଭ କରିଛନ୍ତି । ବିମାନଯାତ୍ରା ମଧ୍ୟ କମୁଛି । ବୃକ୍ଷରୋପଣ ଏବେ ଏକ ଆନ୍ଦୋଳନରେ ପରିଣତ ହୋଇଛି କାରଣ ବୃକ୍ଷ ହିଁ ପର୍ଯ୍ୟାବରଣରୁ ଅଙ୍ଗାରକାମ୍ଳ ଗ୍ୟାସ ଗ୍ରହଣ କରିଥାଏ । ଏବେ ଦାୟିତ୍ୱ ଜଣକର ନୁହେଁ, ସାରା ପୃଥିବୀର, ସାରା ମଣିଷ ସମାଜର । ଯିଏ ପୃଥିବୀର ଉତ୍ତାପ ବଢ଼ାଇବା ପାଇଁ ବେଶୀ ଦାୟୀ ତାହାର ଦାୟିତ୍ୱ ଅଧିକ ।

□□□

Digitized by srujanika@gmail.com

୨୬

ସ୍ୱାଧୀନତା ଦିବସର ଅନୁଚିନ୍ତା

ଅଗଷ୍ଟ ପନ୍ଦର, ସ୍ୱାଧୀନତା ଦିବସ । ସେ ଦିନକୁ ଆମେ ସମସ୍ତେ ଅପେକ୍ଷା କରୁଛେ କି ? ଏ ଦେଶର ତଥା ନାଗରିକମାନଙ୍କର ମୁକ୍ତି, ସ୍ୱାଧୀନତା, ସାର୍ବଭୌମତା ଏବଂ ସ୍ୱାଧିକାର ବିଷୟରେ ପଲକ ପାଇଁ ଆମେ ସଚେତନ ହେଉଛେ କି ? ପିଲାଦିନରୁ ମୁଁ ଅଗଷ୍ଟ ପନ୍ଦର ଦିନ ଲାଲକିଲ୍ଲାରେ ଭାରତର ପ୍ରଧାନମନ୍ତ୍ରୀ ଯେଉଁ ଭାଷଣ ଦିଅନ୍ତି ତାହା ଶୁଣି ଆସିଛି । ସେ ଦିନ ଖବରକାଗଜମାନଙ୍କରେ ସ୍ୱାଧୀନତା ଦିବସ ବିଶେଷାଙ୍କମାନଙ୍କୁ ଗୁରୁତ୍ୱର ସହ ପଢ଼ି ଆସିଛି । ନେତାମାନଙ୍କର ବାର୍ତ୍ତାମାନଙ୍କରେ ବିଭିନ୍ନ ସନ୍ଦେଶ ଖୋଜିଛି । ପୁରପଲ୍ଲୀ, ନଗର ସହର ସବୁଆଡେ ତ୍ରିରଙ୍ଗାପତାକା ଉଡାଇ ସ୍ୱାଧୀନତା ଦିବସ ପାଳନର ଉତ୍ସାହ ଲକ୍ଷ୍ୟ କରିଛି । କାଶୀପୁରରେ ଗତ ୧୯୮୧ ମସିହାରୁ ଆମେ ଆମର ରାତ୍ରିସ୍କୁଲ ପିଲାଙ୍କର ପ୍ରଭାତ ଫେରି ସହ 'ମହାତ୍ମାଗାନ୍ଧୀକି ଜୟ', 'ଭାରତମାତାକି ଜୟ', 'ସ୍ୱାଧୀନତା ଦିବସ କି ଜୟ' ଆଦି ଉଚ୍ଚସ୍ୱରରେ ଧ୍ୱନି ଦେଇ ତ୍ରିରଙ୍ଗା ପତାକା ଉଡାଇଛୁ । ପତାକା ସ୍ତମ୍ଭ ଚାରିପାଖରେ ସବୁ ସ୍କୁଲ ପିଲା ଗୋଲ କରି ଛିଡା ହୁଅନ୍ତି । ସବୁଠାରୁ କମ୍ ବୟସର ଝିଅଟିଏ ଯାଇ ପତାକାର ଦଉଡି ଟାଣି ଦିଏ । ଆମର ଗୁରୁଭାଇ ଓ ଭଉଣୀମାନେ ସ୍ୱାଧୀନତା ଦିବସର ମହତ୍ତ୍ୱ ବୁଝାଇବାକୁ ଯାଇ ନାତିଦୀର୍ଘ ଭାଷଣ ଦିଅନ୍ତି । ମୁଁ ନୀରବରେ ଛିଡା ହୋଇଥାଏ । ଏହା ପ୍ରାୟ ପଚିଶ ବର୍ଷ ଧରି ଚାଲି ଆସିଛି । ନୀରବତାର ସହ ସବୁକିଛି ଅବଲୋକନ କରିବା ଛଡା ଅନ୍ୟ କିଛି ଯେମିତି ବାଟ ନାହିଁ । ମୁଁ ମନେ ରଖିଛି ଯେ ସ୍ୱାଧୀନତାର ୫୦ତମ ବର୍ଷ ଅବସରରେ କାଶୀପୁରର ସିରିପାଇ ପଞ୍ଚାୟତରେ ତ୍ରିରଙ୍ଗା ପତାକା ପ୍ରଥମ ଥର ପାଇଁ ଉଡିଲା ଓ ରାତ୍ରିସ୍କୁଲ ପିଲାମାନେ ସ୍ଲୋଗାନ୍ ଦେଇ କେତୋଟି ଗାଁ ପରିକ୍ରମା କରିଲେ । ସେ ଅଞ୍ଚଳରେ ଏହା ଇତିହାସ ସୃଷ୍ଟି କରିଥିଲା । ଆଦିବାସୀ ଓ ଦଳିତ ମାଆବାପା, ଯୁବକ ଯୁବତୀ ଅଗଷ୍ଟ ପନ୍ଦର ଦିନ ଯେ ପତାକା

Digitized by srujanika@gmail.com

ଉତ୍ତୋଳନ କରିବାକୁ ହୁଏ ଗତ ପଚାଶ ବର୍ଷ ଧରି ଜାଣିନଥିଲେ । ଧନ୍ୟ ଏଦେଶ ଏବଂ ଧନ୍ୟ ଆମର ସ୍ୱାଧୀନତା । ଗତବର୍ଷ ସ୍ୱାଧୀନତାର ୬୦ତମ ବର୍ଷ ପୂରିଯିବା ଅବସରରେ ପ୍ରଧାନମନ୍ତ୍ରୀଙ୍କ ଲାଲକିଲ୍ଲାର ଭାଷଣକୁ ମନେ ପକାଇବା ଓ ପ୍ରତ୍ୟେକଟି ବାକ୍ୟକୁ ସମୀକ୍ଷା କିରବା ଯଥାର୍ଥ ବୋଲି ମନେ କରିଛି । ପ୍ରଧାନମନ୍ତ୍ରୀ ନିଜର ସ୍ୱପ୍ନର ଭାରତକୁ ବର୍ଣ୍ଣନା କରି କହୁଥିଲେ ଯେ ଭାରତ ଏପରି ଏକ ଦେଶ ହେବ ଯେଉଁଠି କେହି ବ୍ୟକ୍ତି ବା ଅଞ୍ଚଳ ବିକାଶର ଯାତ୍ରାରେ ସାମିଲ ହେବାରୁ ବଞ୍ଚିତ ହେବେ ନାହିଁ । ଭାରତ ଏପରି ଏକ ଦେଶ ହେବ ଯେଉଁଠି ପ୍ରତ୍ୟେକ ନାଗରିକର ଆତ୍ମସମ୍ମାନ, ଆଶା, ଆକାଂକ୍ଷା ଓ ମୂଲ୍ୟବୋଧ ବଜାୟ ରହିବ ଓ ପ୍ରତ୍ୟେକ ନାଗରିକ ଗର୍ବର ସହ କହିବେ ସେ ଭାରତୀୟ ।

ପତାକା ଉତ୍ତୋଳନ ବେଳେ ଯେଉଁସବୁ ସ୍ଲୋଗାନ୍ ଆମ ରାତ୍ରିସ୍କୁଲର ପିଲାମାନେ ଦେଇଥାଆନ୍ତି ମୁଁ ସେଗୁଡିକର ମର୍ମ ବୁଝିବାକୁ ଚେଷ୍ଟା କରିଥାଏ । "ମହାତ୍ମାଗାନ୍ଧୀ କି ଜୟ" କହିଲାବେଳେ ମୋର ମନେ ପଡିଥାଏ ଯେ ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ ମହାତ୍ମାଗାନ୍ଧୀ ସ୍ୱାଧୀନତା ଦିବସ ପାଳନ ନକରି ନୂଆଖାଲିରେ ହିନ୍ଦୁ-ମୁସ୍‌ଲିମ୍ ଦଙ୍ଗାରେ ଶିକାର ହୋଇଥିବା ଲୋକମାନଙ୍କ ସହ ସମୟ କାଟି ସାମ୍ପ୍ରଦାୟିକ ସଦ୍‌ଭାବନା ଫେରାଇ ଆଣିବାକୁ ବ୍ୟସ୍ତ ଥିଲେ । ସେ ଦିନ ଆରମ୍ଭରେ ମଧ୍ୟରାତ୍ରିରେ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ ଲାଲକିଲ୍ଲାରେ ଐତିହାସିକ ଭାଷଣ ଦେବାରେ ନିଜକୁ ନିୟୋଜିତ କରିଥିଲେ । ସାରା ପୃଥିବୀ ଶୋଇଥିଲା ବେଳେ, ସେ ଭାରତବାସୀଙ୍କୁ ଜାଗ୍ରତ କରିଥିଲେ । ଭାରତରେ ସାମ୍ପ୍ରଦାୟିକ ହିଂସା କମିଲା କି ? ଭାରତବାସୀ ଜାଗ୍ରତ ହେଲେ କି ? ୬୦ ବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ, ଭାରତର ଅବସ୍ଥା ବ୍ରିଟିଶ ସମୟର ଅବସ୍ଥାରୁ କିଭଳି ପିରବର୍ତ୍ତନ ହୋଇଛି, ସେସବୁର ଏକ ବାସ୍ତବ ମୂଲ୍ୟାୟନ ହୋଇପାରିଲେ ଏ ସ୍ୱାଧୀନତାର ମୂଲ୍ୟ କ'ଣ ସହଜରେ ଜାଣିହୁଏ । କିନ୍ତୁ ସାଧାରଣ ମଣିଷମାନେ ସ୍ୱାଧୀନତା ଓ ସ୍ୱାଧିକାରର ସୁଆଦ ଚାଖି ପାରିଲେ କି ? ଦାରିଦ୍ର୍ୟ, ଅନାହାର, ଅବହେଳାର ଜାଲରୁ ନିଜକୁ ମୁକୁଳାଇ ପାରିଲେ କି ? ଏବେ ଯୋଜନା ଓ ପ୍ରକଳ୍ପ ମାନ ତିଆରି କରାଗଲା କିନ୍ତୁ ସାଧାରଣ ମଣିଷଙ୍କ ଜୀବନ ଓ ଜୀବିକା ସୁରକ୍ଷିତ ହୋଇପାରିଲା କି ? ଯେତେ ପ୍ରକାର ଆର୍ଥିକ ଅଭିବୃଦ୍ଧି ସବୁ ପରିକଳ୍ପନା କରାଗଲା, ତାହା ମାଟିକାନ୍ଥଆର ମଣିଷଙ୍କ ପାଖରେ ପହଞ୍ଚି ପାରିଲା କି ?

ଗତବର୍ଷମାନଙ୍କ ଭଳି ଏବର୍ଷର ସ୍ୱାଧୀନତା ଦବିସରେ ମୁଁ ନୀରବ ରହିବି ଓ ମନଭିତରେ ଉଙ୍କି ମାରୁଥିବା ଅଗଣିତ ପ୍ରଶ୍ନ ଗୁଡିକର ଉତ୍ତର ଦେବାକୁ ଚେଷ୍ଟା

Digitized by srujanika@gmail.com

କରିବି । ସବୁକିଛି ଆତ୍ମ ଜ୍ୱଳନ ଏବଂ ଦହନର କଥା ନୁହେଁ କି ? ଦେଶର ସାମ୍ପ୍ରତିକ ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ପାରିବେଶିକ ସ୍ଥିତିରେ ଯେଉଁ ଘୋର ଅବକ୍ଷୟ ଦେଖା ଦେଇଛି, ସେଥିପାଇଁ ଜଣେ ନୀରବ ରହି କେବଳ ବିଦ୍ରୋହଭାବକୁ ପ୍ରକଟ କରିପାରେ । ଯେହେତୁ ସମସ୍ତ ବିଦ୍ରୋହ ଏ ଦେଶରେ ସମ୍ଭବ ନୁହେଁ ଏବଂ କଦାପି ଗ୍ରହଣ ଯୋଗ୍ୟ ନୁହେଁ । ଜଣେ ସଚେତନ ବ୍ୟକ୍ତି କେବଳ ନୀରବ ରହି ସବୁକିଛି ଆତ୍ମସ୍ଥ କରିପାରେ । ଏହାଦ୍ୱାରା ସେ ସବୁକିଛି ସହିଯାଇପାରେ ମଧ୍ୟ । ସ୍ୱାଧୀନତା ପ୍ରାପ୍ତି ପରଠାରୁ ଯେଉଁମାନେ କ୍ରମାଗତ ଏବଂ ଅବାରିତ ଭାବେ ଅସହାୟଜନକ ସ୍ଥିତିରେ ପଡି ଯାଇଛନ୍ତି ସେମାନଙ୍କ ଭିତରେ ଅଛନ୍ତି ବିସ୍ଥାପିତ ଓ ବାସଚ୍ୟୁତ ପରିବାରମାନେ । ଆହୁରି ଅଛନ୍ତି ଆଦିବାସୀ ଓ ଦଳିତ ବର୍ଗ । ଏମାନଙ୍କ ସହ ଅଛନ୍ତି ବସ୍ତି ବାସିନ୍ଦା ଏବଂ ସହରକୁ ପଳାୟନ କରିଥିବା ଗ୍ରାମ୍ୟ ଗରିବ । ଏମାନଙ୍କ ବିଷୟରେ ସ୍ୱାଧୀନତା ଦିବସରେ ବେଶି ସମ୍ବେଦନଶୀଳତା ପ୍ରକାଶ ପାଇବା ଉଚିତ୍ ବୋଲି ମୁଁ ଦୃଢ଼ଭାବେ ଅନୁଭବ କରିଆସିଛି । ଖାଲି ଭାରତର ନୁହେଁ, ସାରା ପୃଥିବୀରେ ବିଭିନ୍ନ ପ୍ରକଳ୍ପ ଜନିତ ବିସ୍ଥାପନ ଅନେକ ବର୍ଷରୁ ଲାଗି ରହିଛି । ଭାରତରେ ହୀରାକୁଦ ନଦୀବନ୍ଧ ଯୋଜନା ହେଉ ବା ରାଉରକେଲା ଇସ୍ପାତ କାରଖାନା ହେଉ, ତାପଜ ବିଦ୍ୟୁତ୍ ପ୍ରକଳ୍ପ ହେଉ ବା ବିଭିନ୍ନ ଖଣି ଖାଦାନ ହେଉ, ସାରା ଭାରତରେ ଛଅକୋଟି ଲୋକ ଏବେ ସୁଦ୍ଧା ବାସଚ୍ୟୁତ ହୋଇସାରିଲେଣି । ଆଗାମୀ ଦିନମାନଙ୍କରେ ଦ୍ରୁତ ଶିଳ୍ପାୟନ, ସହରୀକରଣ, ବିଭିନ୍ନ ଛୋଟବଡ ଡ୍ୟାମ୍, ସ୍ୱତନ୍ତ୍ର ଆର୍ଥିକ ଜୋନ୍ ପ୍ରତିଷ୍ଠା ଆଦି ବିଭିନ୍ନ ପ୍ରକଳ୍ପର ବହୁଳ ମାତ୍ରାରେ ପରିକଳ୍ପନା କରାଯାଇଛି । ଏଥିପାଇଁ ବିସ୍ଥାପନର ସୀମା କଳ୍ପନାତୀତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଯଦିଓ ବିଭିନ୍ନ ସମୟରେ ବିଭିନ୍ନ ସରକାରଙ୍କ ଉଦ୍ୟମରେ ଯଥାର୍ଥ ଥଇଥାନ ନୀତି ପ୍ରଣୟନ କରାଯାଇଛି, ମୋଟାମୋଟି କୁହାଯାଇପାରେ ଯେ ଏଇ ନୀତିକୁ କାର୍ଯ୍ୟକାରୀ କରିବା ଏବଂ ବିସ୍ଥାପିତ ପରିବାରକୁ ଯଥାର୍ଥ ଥଇଥାନ କରିବା ମୋଟାମୋଟି ବିଫଳ ହୋଇଛି । ବିସ୍ଥାପନ ଓ ଥଇଥାନର ଗୁରୁ ବୋଲାଉଥିବା ପ୍ରଫେସର୍ ମାଇକେଲ୍ ଚେର୍ଣ୍ଣିଆ (Michael Cernia) ସ୍ୱୀକାର କରିଛନ୍ତି ଯେ ବିସ୍ଥାପନର ଶିକାର ହୋଇଥିବା ପରିବାରମାନେ ସେମାନଙ୍କର ପୁଞ୍ଜି ହରାଇ ବସିଥାଆନ୍ତି । ଏ ଗୁଡିକ ହେଲା ପ୍ରାକୃତିକ ସମ୍ପଦ, ମଣିଷକୃତ ଭୌତିକ ସମ୍ପଦ, ମାନବୀୟ ସମ୍ପଦ ଓ ସାମାଜିକ ପୁଞ୍ଜି । ବିସ୍ଥାପନ ସବୁବେଳେ ଏକ ନୂତନ ଗରିବଙ୍କ ଗୋଷ୍ଠୀ ସୃଷ୍ଟି କରିଛି । ବାସଚ୍ୟୁତ ବ୍ୟକ୍ତିମାନେ ତଥାକଥିତ ବିକାଶର

Digitized by srujanika@gmail.com

ପ୍ରକଳ୍ପରୁ ଲାଭାନ୍ୱିତ ହେବାର ସୁଯୋଗରୁ ସର୍ବତ୍ର ବଞ୍ଚିତ ହୋଇଛନ୍ତି । ଯେଉଁମାନେ ବିସ୍ଥାପନ ଓ ଥଇଥାନର ନୀତି ପ୍ରଣୟନ କରୁଛନ୍ତି, ସେମାନେ ଦୃଢ଼ଭାବେ କହିଥାଆନ୍ତି ଯେ ବିସ୍ଥାପନ ଦ୍ୱରା ବିସ୍ଥାପିତଙ୍କ ପାଇଁ ବିକାଶ ଓ ପ୍ରଗତିର ସୁଯୋଗ ସୃଷ୍ଟି ହୋଇଥାଏ । ଅର୍ଥାତ୍ ବିସ୍ଥାପନ ପରେ ନୂତନ ଭାବେ ଏକ ଉନ୍ନତ ଜୀବନ ଆରମ୍ଭ ସମ୍ଭବ ହୋଇଥାଏ । କିନ୍ତୁ ଖାଲି ଭାରତରେ ନୁହେଁ, ସାରା ପୃଥିବୀରେ ଏହାର ସଫଳ ଉଦାହରଣ କ୍ୱଚିତ ଦେଖାଦେଇଥାଏ । ବିସ୍ଥାପିତ ହେବାର ଅର୍ଥ ବିଲୁପ୍ତ ହେବା । ଏଣୁ ଆଗାମୀ ଦିନମାନଙ୍କରେ ଏକ ବିଶାଳ ସଂଖ୍ୟାର ବିସ୍ଥାପିତ ଗୋଷ୍ଠୀ ଲୋପ ପାଇଯିବାର ଆଶଙ୍କା ଦେଖାଦେଇଛି । ଏବେ ଥଇଥାନ ନୀତି ଯାହା ହେଉନା କାହିଁକି ପ୍ରକଳ୍ପ ବିରୋଧୀ ପ୍ରତିବାଦ ଓ ଜନଆନ୍ଦୋଳନ ସାରା ପୃଥିବୀରେ ମୁଣ୍ଡ ଟେକିଛି । ଖାଲି ନାଗରିକ ସମାଜ ବିରୋଧାଭାସ ପ୍ରକଟ କରୁନାହିଁ, ସଚେତନ ମଣିଷ ବିଭିନ୍ନ ଉପାୟରେ ନିଜର ଅସନ୍ତୋଷ ପ୍ରକଟ କରୁଛି । ବେଳେବେଳେ ହିଂସାର ଆଶ୍ରୟ ମଧ୍ୟ ନେଇଛି । ଅନେକ କ୍ଷେତ୍ରରେ ବିକାଶ ପ୍ରକ୍ରିୟାର ସୁଫଳରୁ ଭାଗ ନେବାକୁ ବିସ୍ଥାପିତ ଆଶା କରିଛି । କ୍ଷତିପୂରଣ ଯଥେଷ୍ଟ ନୁହେଁ । ଥଇଥାନ ଅନୁଦାନ ଯଥେଷ୍ଟ ନୁହେଁ । ଯେତେବେଳେ ଶତକଡ଼ା ଦଶଭାଗର ଅଭିବୃଦ୍ଧି ପାଇଁ ଯୋଜନା ଚାଲିଛି, ଏ ପ୍ରକ୍ରିୟାରେ ବିସ୍ଥାପନ ଅବଶ୍ୟମ୍ଭାବୀ । ଏଥିପାଇଁ ଥଇଥାନ ନୀତିରେ ସଂସ୍କାର ଅଣାଯାଇ ବିସ୍ଥାପିତଙ୍କୁ ବିକାଶ ପ୍ରକଳ୍ପରୁ ସ୍ଥାୟୀ ଲାଭ ମିଳିବା ପାଇଁ ସାରା ଦୁନିଆରେ ଚର୍ଚ୍ଚା ଚାଲିଛି । ଯେଉଁଠି ଜଳସେଚନ ହେଉଛି, ଶକ୍ତି ଉତ୍ପାଦିତ ହେଉଛି, ଭାରୀଶିଳ୍ପ ପ୍ରତିଷ୍ଠା କରାଯାଇଛି, ଭିତ୍ତିଭୂମି ପ୍ରତିଷ୍ଠା କରାଯାଇଛି, ସେଠାରେ ବିସ୍ଥାପିତଙ୍କୁ କିପରି ସ୍ଥାୟୀ ଲାଭ ମିଳିବ ଏବଂ ଲାଭର ଏକ ନିର୍ଦ୍ଦିଷ୍ଟ ଅଂଶ କିପରି ବିସ୍ଥାପିତଙ୍କ ବିକାଶ ପାଇଁ ଲାଗିବ, ଏ ବିଷୟରେ ଆଲୋଚନା ଅବ୍ୟାହତ ରହିଛି ।

ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ତଥା ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଅନେକ ଘୋଷଣା କରିବେ । ଅନେକ ପ୍ରତିଶ୍ରୁତି ଦେବେ । ଅନେକ ବିକାଶ ଯୋଜନାର ଶୁଭାରମ୍ଭ ହେବ । ଅନେକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ବଜେଟ୍ ଅଟକଳ କରାଯିବ । ସବୁବର୍ଷ ଭଳି ଏହା ଏକ ଉପଚାର ହୋଇଯିବ । କିନ୍ତୁ ଯେଉଁ ୬କୋଟି ବିସ୍ଥାପିତଙ୍କ ତ୍ୟାଗ ଯୋଗୁଁ ଏ ଦେଶର ପ୍ରଗତି ଆଜି ବିଶ୍ୱରେ ମାନ୍ୟତା ପାଇଛି, ସେମାନଙ୍କ ପାଇଁ କି ଘୋଷଣାନାମା ପ୍ରକାଶ ପାଇବ ? ଜମି ବଦଳରେ ସେମାନଙ୍କୁ ଜମି ଦିଆଯାଇନାହିଁ । ଜୀବିକା ପରିବର୍ତ୍ତେ ନୂତନ ଜୀବିକାର ସୁଯୋଗ ସୃଷ୍ଟି କରାଯାଇ

Digitized by srujanika@gmail.com

ନାହିଁ । ସେମାନଙ୍କର ଜୀବନର ଗୁଣାତ୍ମକ ପରିବର୍ତ୍ତନ ପାଇଁ କୌଣସି ଆଶା ବା ବିଶ୍ୱାସ ସୃଷ୍ଟି କରାଯାଇ ନାହିଁ । ସେମାନେ ସ୍ୱାଧୀନ ଭାରତରେ ବିକାଶର ସ୍ୱାଦ ଚାଖି ନାହାନ୍ତି । ସର୍ବନିମ୍ନ ସେବା ଓ ସୁବିଧାରୁ ବଞ୍ଚିତ ସେମାନେ । ଆଗାମୀ ବର୍ଷମାନଙ୍କରେ ଯେଉଁମାନେ ବିସ୍ଥାପିତ ହେବାକୁ ଯାଉଛନ୍ତି, ସେମାନଙ୍କ ଅବସ୍ଥା କ'ଣ ହେବ ଅନୁମାନ କରାଯାଇପାରେ । ଏଥିପାଇଁ ସ୍ୱାଧୀନତା ଦିବସ ଅବସରରେ ସେମାନଙ୍କର ସୁରକ୍ଷା ଓ ବିକାଶ ପାଇଁ ଏ ଦେଶର ପ୍ରତ୍ୟେକ ନାଗରିକ ପ୍ରଶାସକ, ବିଶେଷଜ୍ଞ, ଏବଂ ରାଜନୈତିକ ଦଳ କ୍ଷଣିକ ପାଇଁ ହେଲେ ମଧ୍ୟ ସଚେତନ ହେବାର ଅଛି ।

□□□

Digitized by srujanika@gmail.com

୨୬

ରାଜ୍ୟ କୃଷିନୀତି ୨୦୦୮ : ଏକ ସମୀକ୍ଷା (୧)

ଓଡ଼ିଶା ସରକାର ଏବେ କିଛିଦିନ ତଳେ ନୂତନ କୃଷିନୀତି ଘୋଷଣା କରିଛନ୍ତି । ଏ ନୀତି ପ୍ରଣୟନବେଳେ ଓଡ଼ିଶାର କୃଷକ, କୃଷକ ସଂଗଠନ, ନାଗରିକ ସମାଜ, ବିଭିନ୍ନ ରାଜନୈତିକ ଦଳ ଏବଂ ବିଶିଷ୍ଟ ବିଶେଷଜ୍ଞମାନଙ୍କୁ ପରାମର୍ଶ କରାଯାଇଛି କି ନାହିଁ ତାହା ଜଣାପଡିନାହିଁ । ଏ ନୀତି ପ୍ରଣୟନ ପ୍ରକ୍ରିୟାରେ ବିଶ୍ୱବ୍ୟାଙ୍କ୍, ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ୍, ଡି.ଏଫ୍.ଆଇ.ଡି. ଆଦି ଆନ୍ତର୍ଜାତିକ ସଂସ୍ଥାମାନଙ୍କର ପ୍ରଚ୍ଛନ୍ନ ହାତ ଅଛି କି ନାହିଁ ତାହା ଯେଉଁମାନେ ଏ ନୀତି ତିଆରି କରିଛନ୍ତି ସେମାନେ ସତ କଥା କହିପାରିବେ । ଓଡ଼ିଶାରେ ଏବେ ଯେଉଁ ନୀତି ପ୍ରଣୟନ କରାଯାଉଛି ବା ଯେଉଁ ଯୋଜନା ଦଲିଲ୍ ବା "ଭିଜନ ଡକ୍ୟୁମେଣ୍ଟ" ତିଆରି କରାଯାଉଛି, ସେଗୁଡିକୁ ଉପରୋକ୍ତ ଆନ୍ତର୍ଜାତିକ ସଂସ୍ଥାମାନେ ପ୍ରାୟ ପ୍ରଭାବିତ କରିଥାଆନ୍ତି ବୋଲି ଇତିହାସ କହି ଆସିଛି । ଏଣୁ ସମସ୍ତଙ୍କ ମନରେ ସନ୍ଦେହ ରହିବା ସ୍ୱାଭାବିକ । ଓଡ଼ିଶାର ପ୍ରଗତି ଓ ଅଭିବୃଦ୍ଧି ନାଁରେ ଯେଉଁ "ସଂସ୍କାର କାର୍ଯ୍ୟକ୍ରମ" ବା "ରିଫର୍ମସ୍ ଏଜେଣ୍ଡା" (Reforms Agenda) ତାହା କୃଷିକ୍ଷେତ୍ରକୁ ଅତି ଅନାୟାସରେ ସମ୍ପ୍ରସାରିତ ହୋଇଛି ।

ଗତ କେତେ ଦଶନ୍ଧି ଧରି କୃଷି ଉତ୍ପାଦନ କାର୍ଯ୍ୟକ୍ରମ ଏବଂ କୃଷକ କଲ୍ୟାଣ ଆଭିମୁଖ୍ୟରେ ଅବହେଳା ଓ ଦାୟିତ୍ୱହୀନତା ସ୍ପଷ୍ଟ ଲକ୍ଷ୍ୟ କରିହେଉଛି । ମୁଁ ନବେଦଶକର ପ୍ରଥମଭାଗରେ ଯୋଜନା ବୋର୍ଡ଼ର ସଦସ୍ୟ ଥିଲାବେଳେ ଓଡ଼ିଶାରେ କୃଷିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ତତ୍କାଳୀନ ଡେପୁଟି ଚେୟାରମ୍ୟାନ୍ ସ୍ୱର୍ଗତ ଶିବରମଣଙ୍କଠାରୁ ଅନେକ କିଛି ସୂଚନା ଓ ଅନୁଭୂତି ଆହରଣ କରିଛି । ସ୍ୱର୍ଗତ ଶିବରମଣ ଓଡ଼ିଶାର ଚିଫ୍ ସେକ୍ରେଟାରୀ, ଭାରତ ସରକାରଙ୍କ କୃଷି ସଚିବ

Digitized by srujanika@gmail.com

ଏବଂ ଯୋଜନା କମିଶନଙ୍କ ସଦସ୍ୟ ରହିଲା ପରେ ଭାରତରେ କୃଷିର ଗତି ଓ ପ୍ରଗତିକୁ ନିକଟତମ ମହଲରୁ ଲକ୍ଷ୍ୟ କରିଥିଲେ । ଓଡ଼ିଶାରେ ଯୋଜନାବୋର୍ଡ଼ର ଦାୟିତ୍ୱ ନେଲାପରେ କୃଷିବିଭାଗ ଓ କୃଷିକାର୍ଯ୍ୟକ୍ରମର ସମୀକ୍ଷା କରି ତିକ୍ତ ବାସ୍ତବତା ଜାଣିପାରିଥିଲେ । ସେ କହୁଥିଲେ ଯେ ଓଡ଼ିଶାର ଜନସଂଖ୍ୟାର ଶତକଡ଼ା ୮୫ଭାଗ କୃଷି ଉପରେ ନିର୍ଭରଶୀଳ ଥିଲାବେଳେ କୃଷିବିଭାଗ ସବୁଠାରୁ ଅବହେଳିତ । ଏ ବିଭାଗ ପାଇଁ ରାଜ୍ୟ ବଜେଟ୍‌ରେ ଯଥେଷ୍ଟ ଅର୍ଥ ନଥାଏ । ଯାହାସବୁ କାର୍ଯ୍ୟକ୍ରମ କରାଯାଏ ତାହା କେନ୍ଦ୍ରସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟରୁ ଅନୁଦାନ ବା ସ୍ୱତନ୍ତ୍ର ଯୋଜନା ହିସାବରେ ରୂପାୟିତ ହୋଇଥାଏ । ରାଜ୍ୟ ମନ୍ତ୍ରିମଣ୍ଡଳରେ ଯିଏ କୃଷିମନ୍ତ୍ରୀ ହୁଅନ୍ତି, ତାଙ୍କର ପ୍ରଭାବ ଅନ୍ୟ ମନ୍ତ୍ରୀଙ୍କ ତୁଳନାରେ ସବୁଠାରୁ କମ୍ । ଯିଏ କୃଷି ସଚିବ ହୁଅନ୍ତି, ସେ କୌଣସି ବିଭାଗ ପାଇଁ ଅନୁପଯୁକ୍ତ ହେଲେ ସେଠାରେ ନିଯୁକ୍ତି ପାଇଥାଆନ୍ତି । ଓଡ଼ିଶାରେ ଏକ କୃଷିବିଶ୍ୱବିଦ୍ୟାଳୟ ଥାଇ ମଧ୍ୟ କୃଷି ବିକାଶରେ ସ୍ଥାଣୁତ୍ୱ ଆସିଛି । ଓଡ଼ିଶାରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଥାଇ ମଧ୍ୟ ଧାନ ଉତ୍ପାଦନ କ୍ରମାଗତଭାବେ ହ୍ରାସ ପାଉଛି । ଓଡ଼ିଶାରେ ଖାଦ୍ୟଶସ୍ୟ ଓ ତୈଳବୀଜ ଆଦି ଯାହା କିଛି ଉତ୍ପାଦନ ହେଉଥିଲା, ସ୍ୱାଧୀନତା ପରଠାରୁ ତାହା ବିପଦ୍‌ଜନକଭାବେ କମିଯାଇଛି । କୃଷି କ୍ଷେତ୍ରରେ ସ୍ୱାବଲମ୍ୱୀ ଥିବା ଓଡ଼ିଶା ଏବେ ପଡୋଶୀ ରାଜ୍ୟମାନଙ୍କଠାରୁ ଖାଦ୍ୟଶସ୍ୟ, ପନିପରିବା, ଫଳମୂଳ, ମାଛ, କୁକୁଡା ଆଦି ଆମଦାନୀ କରିବାକୁ ବାଧ୍ୟ ହେଉଛି । ଓଡ଼ିଶାର କୃଷି ଓ କୃଷକ କ୍ଷତିଗ୍ରସ୍ତ ହେଉଥିବାବେଳେ ପଡୋଶୀ ରାଜ୍ୟମାନଙ୍କର କୃଷି ଓ କୃଷକ ବେଶ୍ ଲାଭ କମାଉଛନ୍ତି । ସ୍ୱର୍ଗତ ଶିବରମଣ କହୁଥିଲେ ଯେ ମହାନଦୀ ଅବବାହିକାରେ କାହିଁକି ଧାନ ଉତ୍ପାଦନ କମୁଛି, ତାହା ଅଧ୍ୟୟନ କରିବାକୁ ସେ ଚାହିଁଥିଲେ ଯୋଜନାବୋର୍ଡ଼ ଆନୁକୂଲ୍ୟରେ । କୃଷିବିଭାଗର କୌଣସି ନିଜସ୍ୱ ଅର୍ଥ ନଥିବାରୁ, ସେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ଦ୍ୱାରସ୍ଥ ହୋଇଥିଲେ । ସେ ଗର୍ବର ସହ କହୁଥିଲେ ଯେ ଗଜପତି ଜିଲ୍ଲା କମଳାଚାଷ ପାଇଁ ସର୍ବୋତ୍କୃଷ୍ଟ କ୍ଷେତ୍ର ଅଥଚ ରାଜ୍ୟ ସରକାର ଏହାକୁ ବ୍ୟାପକ କରିବା ପାଇଁ ଯାହା ଅର୍ଥ ଦରକାର ତାହା ରାଜ୍ୟର ରାଜକୋଷରେ ନାହିଁ । ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଆରମ୍ଭ ହେଉଥାଏ ସେ ସମୟରେ ଓ ସ୍ୱର୍ଗତ ଶିବରମଣ ଓଡ଼ିଶାର ଭବିଷ୍ୟତ ଅନ୍ଧକାରମୟ ବୋଲି ଭବିଷ୍ୟତବାଣୀ ଶୁଣାଉଥିଲେ ।

ଯେଉଁ ରାଜ୍ୟରେ କୃଷିର ବିକାଶ ଠିକ୍ ଢ଼ଙ୍ଗରେ ହୋଇଛି ସେଠାରେ ଜନସାଧାରଣଙ୍କର ଜୀବନ ଜୀବିକା ଓ ଖାଦ୍ୟ ନିରାପତ୍ତା ସୁରକ୍ଷିତ ରହିଛି । ଏହା

Digitized by srujanika@gmail.com

ବିଭିନ୍ନ ଅଧ୍ୟୟନରୁ ଜଣାପଡିଛି । ଏପରିକି ଯେଉଁ ରାଜ୍ୟ ଶିଳ୍ପାୟନ ଉପରେ ଗୁରୁତ୍ୱ ଆରୋପ କରିଛି, ସେ ରାଜ୍ୟଗୁଡିକରେ କୃଷି ପ୍ରତି ବୈମାତୃକଭାବ ଦେଖାଯାଇନାହିଁ । ଅମଲାମାନଙ୍କ କର୍ତ୍ତୃତ୍ୱରେ ଥିବା ଓଡ଼ିଶାର ପ୍ରଶାସନ ଓ ବିକାଶନୀତି କୃଷି ଉତ୍ପାଦନ ଏବଂ କୃଷକମାନଙ୍କର ଅସଲ ସମସ୍ୟା ବୁଝିବାରେ ଅସମର୍ଥ । ଓଡ଼ିଶାରେ କୃଷିକୁ ଶିଳ୍ପର ମର୍ଯ୍ୟାଦା ଦିଆଯିବା ଓ କୃଷି କ୍ଷେତ୍ରରେ ପୁଞ୍ଜିନିବେଶର ଦ୍ୱାରକୁ ସଙ୍କୁଚିତ କରିବା ଆଦି ମାନସିକତାର କାରଣ ହେଉଛି ଅମଲାମାନେ । କୃଷି ବିଭାଗ ହେଉ ବା ଉଦ୍ୟାନ ବିଭାଗ ହେଉ, ଜଳବିଭାଜିକା କାର୍ଯ୍ୟକ୍ରମ ହେଉ ବା କୃଷିବିଶ୍ୱବିଦ୍ୟାଳୟ ହେଉ, ଏସବୁ ଅମଲାତନ୍ତ୍ରର ନିୟନ୍ତ୍ରଣରେ ରହିବା ଘୋର ଦୁର୍ଭାଗ୍ୟଜନକ କଥା । ଅନେକ ଯୁକ୍ତି କରୁଛନ୍ତି ଯେ ବିଭାଗୀୟ ବିଶେଷଜ୍ଞମାନେ ସର୍ବୋଚ୍ଚ ପଦବୀରେ ରହିବା ପରେ କୌଣସି ଉଲ୍ଲେଖନୀୟ ସଫଳତା ଦେଖାଇପାରୁ ନାହାନ୍ତି ଅଥବା ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି । ଏଇ ପରିସ୍ଥିତିରେ ଅମଲାମାନେ ବିଭାଗୀୟ ମୁଖ୍ୟ ହେବା ଯଥାର୍ଥ । ଗତ ଷାଠିଏ ବର୍ଷର ଇତିହାସକୁ ବିଶ୍ଳେଷଣ କରିଲେ ସ୍ପଷ୍ଟ ଜଣାପଡିବ ଯେ ଓଡ଼ିଶାରେ କୃଷି କ୍ଷେତ୍ରରେ ଦୁରାବସ୍ଥା ପାଇଁ ଅସଲରେ ଦାୟୀ କିଏ ?

ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର କୃଷକ ସଂଗଠନମାନେ ଦୁର୍ବଳ ଓ ବିଖଣ୍ଡିତ । କୃଷକମାନଙ୍କ ସମସ୍ୟାକୁ ଦୃଢ଼ଭାବରେ ଉପସ୍ଥାପନା କରିବା ଏବଂ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନେବାରେ କୃଷକ ସଂଗଠନମାନେ ସମ୍ଭବତଃ ଅସମର୍ଥ । ପ୍ରତ୍ୟେକ ରାଜନୈତିକ ଦଳର ଏକ କୃଷକ ସେଲ୍ ରହିଥିବା ମୁଁ ଲକ୍ଷ୍ୟ କରୁଛି । କିନ୍ତୁ ସେମାନଙ୍କଠାରୁ କୃଷି ଏବଂ ରାଜ୍ୟର ହିତ ପାଇଁ କୌଣସି ସ୍ପଷ୍ଟ ମତାମତ ମିଳୁନାହିଁ । ରାଜ୍ୟରେ ବା ରାଷ୍ଟ୍ରରେ କୃଷକମାରଣ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ ହୋଇପାରୁନାହିଁ । ଯଦିଓ ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ଭଳି ଓଡ଼ିଶାରେ କୃଷକ ଆତ୍ମହତ୍ୟା ଦେଖାଦେଉନାହିଁ, କିନ୍ତୁ ମରଣଯନ୍ତାରେ ପଡିଯାଇଥିବା କୃଷକମାନଙ୍କ ପାଇଁ କୃଷକ ସଂଗଠନମାନେ ସ୍ୱର ଉତ୍ତୋଳନ କରିପାରିନାହାନ୍ତି । ଜଗତୀକରଣ ଓ ଉଦାରୀକରଣ ଦ୍ୱାରା ଓଡିଶାକୁ ଜି.ଏମ୍.ବିହନ (GM Seeds) ପଶିଆସୁଛି ଏବଂ ଏହାର କୃଷି ଉପରେ କେଉଁଭଳି ପ୍ରତିକୂଳ ପ୍ରଭାବ ପଡିବ, ତାହା କୃଷକ ସଂଗଠନମାନେ କୃଷକମାନଙ୍କୁ ସୂଚୀତ କରିପାରୁନାହାନ୍ତି । କୃଷିଜାତ ଦ୍ରବ୍ୟର ଯେଉଁ ବିକାକିଣା ଚାଲିଛି ତାହା ମୁକ୍ତ ବଜାରର ଅର୍ଥନୀତି ଦ୍ୱାରା ପରିଚାଳିତ ହେଉଛି । କୃଷକ ସଂଗଠନମାନେ କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେଇ ଦରଦାମ ସ୍ଥିର କରିବାକୁ ଚାପ ସୃଷ୍ଟି କରିପାରୁନାହାନ୍ତି ।

Digitized by srujanika@gmail.com

ଓଡ଼ିଶାର କୃଷିକୁ ବିଶ୍ଳେଷଣ କିରବାକୁ ହେଲେ ସର୍ବପ୍ରଥମେ ଆମକୁ କୃଷି ପାଇଁ ଆବଶ୍ୟକ ହେଉଥିବା ଜମି, ଜଳ, କୃଷିଜୀବୀ, ବିହନ, ଖତସାର, ଜଳବାୟୁ, ଜୈବବିବିଧତା, କୃଷି ଅର୍ଥନୀତି ଓ ବଜାର, ଖାଦ୍ୟ ଓ ପୁଷ୍ଟିସାର ନିରାପତ୍ତା, କୃଷିଜାତ ଦ୍ରବ୍ୟଗୁଡିକର ପ୍ରକ୍ରିୟାକରଣ, କୃଷି ବିକାଶ ପାଇଁ ବିଜ୍ଞାନ ଓ ବୈଷୟିକଜ୍ଞାନ, ଭିତ୍ତିଭୂମି ପାଇଁ ପୁଞ୍ଜିନିବେଶ, କୃଷିଋଣ, କୃଷି ସଂପ୍ରସାରଣ ବ୍ୟବସ୍ଥା, କୃଷିଜୀବୀଙ୍କ ସଂଗଠନ ଓ କୃଷିନୀତିମାନଙ୍କର ଅସଲ ଅର୍ଥକୁ ବୁଝିବାକୁ ହେବ । ଇତିହାସର ପୃଷ୍ଠା ଲେଉଟାଇ ଦେଖିବାକୁ ହେବ ଯେ ସ୍ୱାଧୀନତା ପୂର୍ବରୁ ଏପରିକି ବ୍ରିଟିଶ୍ ଶାସନ ପୂର୍ବରୁ ଓଡ଼ିଶାରେ କୃଷିର ସ୍ଥିତି କ'ଣ ଥିଲା । ଏକଥା ସତ ଯେ ଓଡ଼ିଶାରେ କୃଷିର ଇତିହାସ ସବିଶେଷ ଲେଖାଯାଇନାହିଁ । କିନ୍ତୁ ଜମିଦାରୀ ଢ଼ାଞ୍ଚା କୃଷିକୁ ନିର୍ଦ୍ଧାରଣ କରୁଥିଲା । ଅତୀତରେ ଯେଉଁମାନେ ଉଚ୍ଚବର୍ଗର ବା ଜାତିର ଥିଲେ, ସେମାନେ ଜମିର ମାଲିକାନା ହାସଲ କରି ଜମିଦାର ହେଉଥିଲେ । ଛୋଟ ଓ ନାମମାତ୍ର ଚାଷୀମାନେ ବହୁ ସଂଖ୍ୟାରେ ଜମି ହରାଇ ବସୁଥିଲେ ଓ ଭାଗଚାଷୀରେ ପରିଣତ ହୋଇଯାଉଥିଲେ । ପଶ୍ଚିମ ଓଡ଼ିଶା ହେଉ ବା ଉପକୂଳ ଅଞ୍ଚଳ ହେଉ, ଗଡଜାତ ଅଞ୍ଚଳ ହେଉ ବା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହେଉ, ଜମିକୁ କଳେବଳେ କୌଶଳେ ହଡ଼ପ କରି ଜମିଦାର ହେବାକୁ ଗୋଟାଏ ପ୍ରତିପତ୍ତିଶାଳୀବର୍ଗ ଚେଷ୍ଟା କରୁଥିଲେ ଓ ସଫଳ ମଧ୍ୟ ହେଉଥିଲେ । ଜମି ଅଧିକାରକୁ ନେଇ ଅନେକ ସଂଘର୍ଷର କାହାଣୀ ଓଡ଼ିଆ ସାହିତ୍ୟରେ ଅମୂଲ୍ୟ ଗ୍ରନ୍ଥ ସୃଷ୍ଟି କରିଛି । ଐତିହାସିକମାନେ କହିଆସୁଛନ୍ତି ଯେ, ଯେଉଁ ସାମନ୍ତବାଦୀ ଚିନ୍ତାଧାରା କୃଷି କ୍ଷେତ୍ରରେ ବିରାଜମାନ କରିଆସିଛି ତାହା ଆଜି ପର୍ଯ୍ୟନ୍ତ ଉଦ୍‌ଜୀବିତ ରହିଛି ଏବଂ ବର୍ତ୍ତମାନର ରାଜ୍ୟ କୃଷିନୀତିରେ ତାହାର ସ୍ପଷ୍ଟ ଝଲକ ଦେଖାଦେଇଛି । ରାଜ୍ୟ କୃଷିନୀତି ୨୦୦୮ର ଉଦ୍ଦେଶ୍ୟକୁ ବିଶେଷଭାବେ ଆଲୋଚନା କରାଯିବା ଉଚିତ ହେବ ଏବଂ ଏଥିରେ କେଉଁଭଳି ଦ୍ୱନ୍ଦ୍ୱ ରହିଛି ତାହା ମଧ୍ୟ ବିଚାର କରିବାକୁ ହେବ । ଓଡ଼ିଶାରେ କୃଷିର ପରିସଂଖ୍ୟାନ ଦିଆଯାଇ କୁହାଯାଇଛି ଯେ ୬୪.୦୯ଲକ୍ଷ ହେକ୍ଟର ଜମି ହେଉଛି କୃଷି ଉପଯୋଗୀ ଯାହା ସମୁଦାୟ ଆୟତନର ଶତକଡ଼ା ୪୧.୧୬ଭାଗ । ଏଥିରୁ ୪୦.୧୭ଲକ୍ଷ ହେକ୍ଟର ଜମି ଅମ୍ଳଯୁକ୍ତ ଏବଂ ୪.୦୦ଲକ୍ଷ ହେକ୍ଟର ଲବଣାକ୍ତ । ପ୍ରାୟ ୩.୦୦ ଲକ୍ଷ ହେକ୍ଟର ଜମି ଜଳପ୍ଲାବିତ । ମୁଣ୍ଡପିଛା ଜମି ହେଉଛି ୧.୨୫ହେକ୍ଟର । ଛୋଟଚାଷୀ ଏବଂ ନାମମାତ୍ର ଚାଷୀଙ୍କ ସଂଖ୍ୟା ହେଉଛି ଶତକଡ଼ା ୮୩ଭାଗ । କୃଷି ରାଜ୍ୟର ସମୁଦାୟ ଷ୍ଟେଟ୍ ଗ୍ରସ୍ ଡୋମେଷ୍ଟିକ୍

Digitized by srujanika@gmail.com

ପ୍ରତକ୍ଟର ଶତକଡ଼ା ୨୬ । ଅନ୍ୟ ଏକ ବିଶ୍ଳେଷଣରୁ ଜଣାପଡିଛି ଯେ ଗ୍ରାମାଞ୍ଚଳରେ ଶତକଡ଼ା ୮୫ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି ଏବଂ କୃଷି ରାଜ୍ୟ ଅର୍ଥନୀତିର ଶତକଡ଼ା ୫୦ଭାଗ । କୃଷିକ୍ଷେତ୍ରରେ ଅବହେଳା ପ୍ରଦର୍ଶନ ହେତୁ କୃଷି ଉତ୍ପାଦନ ହ୍ରାସ ହେବାରେ ଲାଗିଛି । କୃଷିଜିବୀମାନଙ୍କର ନିଯୁକ୍ତି ଏହା ସଙ୍ଗେ ସଙ୍ଗେ ହ୍ରାସ ପାଇଛି । ମୁଣ୍ଡପିଛା ଜମି ଯାହା ୧୯୫୦ ମସିହାରେ ୦.୩୯ହେକ୍ଟର ଥିଲା ତାହା ୨୦୦୩ ମସିହା ବେଳକୁ ୦.୧୬ ହେକ୍ଟରକୁ କମିଆସିଛି । ଏହାର ତାତ୍ପର୍ଯ୍ୟ ହେଲା ଯେ ଅନେକ ଲୋକ ଜମିହୀନ ହୋଇଛନ୍ତି କିଛି ବର୍ଷ ଭିତରେ ଓ ସ୍ୱଳ୍ପ ଲୋକଙ୍କ ପାଖକୁ ଅଧିକ ଜମିର ମାଲିକାନା ଚାଲିଯାଇଛି ।

ନୂଆ ରାଜ୍ୟ କୃଷିନୀତିରେ କେତେଗୁଡିଏ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ କୃଷିର ମୂଳସମସ୍ୟାକୁ ସମାଧାନ କରିବାର ପ୍ରୟାସ କରାଯାଇନାହିଁ । ଏଥିରେ ବଜାର ଭିତ୍ତିକ କୃଷିକୁ ପ୍ରୋତ୍ସାହନ ଦିଆଯାଇଛି । ଏହା ସଙ୍ଗେ ସଙ୍ଗେ ଦୀର୍ଘସ୍ଥାୟୀ କୃଷି ବିକାଶ ମଧ୍ୟ କୁହାଯାଇଛି । କମର୍ସିଆଲ ଏଗ୍ରିକଲ୍‌ଚର (Commercial Agriculture) କିପରି ସଷ୍ଟେନେବଲ୍ ଏଗ୍ରିକଲ୍‌ଚର (Sustainable Agriculture) ହେବ ତାହା ସ୍ପଷ୍ଟ କରାଯାଇନାହିଁ । ରାଜ୍ୟର କୃଷି ଉତ୍ପାଦନର ହାର ଜାତୀୟ ହାର ସହ ସମତୁଲ ହେବା ପାଇଁ ବିହନ, ସାର, କୀଟନାଶକ, ପ୍ରଣାଳୀ, ଜଳର ଉତ୍ତମ ବ୍ୟବହାର, କୃଷିଯନ୍ତ୍ରପାତିର ବ୍ୟବହାର ଏବଂ ବୈଷୟିକଜ୍ଞାନର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ପାରମ୍ପରିକ ଚାଷ ବଦଳରେ ଜମିକୁ ଦେଖି ଉପଯୋଗୀ ଚାଷ କରିବାକୁ ଲକ୍ଷ୍ୟ ରଖାଯାଉଛି । ଉଦ୍ୟାନ କୃଷି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । କୃଷିକ୍ଷେତ୍ରରେ ପୁଞ୍ଜିନିବେଶ ଏବଂ ଘରୋଇକ୍ଷେତ୍ରର ସହଭାଗିତା ଦ୍ୱାରା ପ୍ରକ୍ରିୟାକରଣ ହେବାର ଲକ୍ଷ୍ୟ ରଖାଯାଇଛି । ଛୋଟ ଏବଂ ନାମମାତ୍ରଚାଷୀଙ୍କୁ କିପରି ସହଜରେ ଋଣ ମିଳିବ ସେକଥାକୁ ଧ୍ୟାନ ଦିଆଯାଇଛି । ଠିକାଚାଷକୁ ପ୍ରୋତ୍ସାହନ ଦିଆଯାଇଛି । କୃଷି ଉତ୍ପାଦନ କ୍ଷେତ୍ରରେ ଆବଶ୍ୟକ ହେଉଥିବା ବିହନ, ଜଳସେଚନ, ସାର, ଯନ୍ତ୍ରପାତି, କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ, କୃଷି ଋଣ ଆଦି ସବୁକଥା ନୂତନ କୃଷିନୀତିରେ ଆଲୋଚନା କରାଯାଇଛି ଓ ପ୍ରତ୍ୟେକ ପଛରେ କେଉଁଭଳି ମାନସିକତା ରହିଛି ତାହା ସମସ୍ତେ ଜାଣିବା କଥା । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ, ଏସବୁ ପଛରେ ବଜାରର ବେପାର କିପରି ଉପସ୍ଥିତ ରହିଛି ତାହାର ସମାଲୋଚନା ଆବଶ୍ୟକ ହୋଇପଡିଛି । କୃଷିଜୀବୀମାନେ ଅସଲ କ୍ଷେତ୍ରରେ ଏ କୃଷିନୀତି ଦ୍ୱାରା ଲାଭବାନ୍

Digitized by srujanika@gmail.com

ହେବେ କି ନାହିଁ ପ୍ରଶ୍ନ ଉଠିଛି । ଜାତୀୟସ୍ତରରେ ନୂତନ କୃଷିନୀତି ନିର୍ଦ୍ଧାରଣ କରିବାକୁ ସରକାର ସବୁବେଳେ ପଛଘୁଞ୍ଚା ଦେଇଛନ୍ତି । ଏହା ବଦଳରେ ଜାତୀୟ କୃଷିନୀତି ୨୦୦୭ ଉପସ୍ଥାପନା କରାଯାଇଛି ଯାହା ଏକ ବିଧିବଦ୍ଧ କୃଷିନୀତିଠାରୁ ସମ୍ପୂର୍ଣ୍ଣ ଅଲଗା । ଓଡ଼ିଶାକୁ ଛାଡିଦେଲେ ସାରା ଭାରତରେ କୃଷକ ଆନ୍ଦୋଳନ ଖୁବ୍ ତେଜିୟାନ ଥିବାରୁ କୃଷକ ବିରୋଧୀ କୃଷିନୀତି ଘୋଷଣା କରିବା ସହଜ ହୋଇନାହିଁ ।

Digitized by srujanika@gmail.com

୨୮

ରାଜ୍ୟ କୃଷିନୀତି ୨୦୦୮ : ଏକ ସମୀକ୍ଷା (୨)

ରାଜ୍ୟ କୃଷିନୀତି ୨୦୦୮ ସତରେ ରାଜ୍ୟରେ କୃଷି ଓ କୃଷକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ କି ନାହିଁ ଏହା ଅନେକ ପ୍ରଶ୍ନ ଏବେ ଓଡ଼ିଶାବାସୀଙ୍କ ମନରେ ସୃଷ୍ଟି କରିଛି । ସେ ପ୍ରଶ୍ନର ଉତ୍ତର ନମିଳିଲା ପର୍ଯ୍ୟନ୍ତ ଏ ନୀତି ଗ୍ରହଣ ଯୋଗ୍ୟ ନୁହେଁ ବୋଲି ବହୁ ଅଭିଜ୍ଞ ବ୍ୟକ୍ତି ମତାମତ ଦେଇ ସାରିଲେଣି । କୃଷି କ୍ଷେତ୍ରଠାରୁ ବିଧାନ ସଭା ଗୃହ ପର୍ଯ୍ୟନ୍ତ ଏହାର ତର୍କ ବିତର୍କ ଓ ସମ୍ଭାବ୍ୟ ପ୍ରଭାବ ଆଲୋଚନା ହେବାର ଆବଶ୍ୟକତା ରହିଛି । ଏ ନୀତି ଯଦି କୃଷକ ସମାଜର ଓ ରାଜ୍ୟର ହିତରେ ପ୍ରଣୟନ କରାଯାଇଛି ବୋଲି ବହୁମତ ପ୍ରକାଶ ପାଏ ତେବେ ତ କିଛି କହିବାର ନାହିଁ । କିନ୍ତୁ ମୁଁ ମୋର ଅନୁଭୂତି ଓ ଅଭିଜ୍ଞତାରୁ ମଧ୍ୟ ଜାଣିପାରୁଛି ଯେ ଓଡ଼ିଶାରେ କୃଷି ଓ କୃଷକର ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ ।

ଓଡ଼ିଶାର ଏ ସଦ୍ୟତମ କୃଷିନୀତି ପ୍ରଣୟନ ପୂର୍ବରୁ ୧୯୯୬ରେ ଯେଉଁ କୃଷିନୀତି ନିର୍ଦ୍ଧାରଣ କରାଯାଇ କୃଷିକୁ ଶିଳ୍ପର ମାନ୍ୟତା ଦିଆଗଲା ତାହା ଫଳରେ କ'ଣ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ଆସିଲା ଓ କୃଷିର କେଉଁଭଳି ଅଭିବୃଦ୍ଧି ହେଲା ତାହାର ସମ୍ୟକଧାରଣା ପାଇବା ଏ ରାଜ୍ୟର ସମସ୍ତ ନାଗରିକଙ୍କ ଅଧିକାର ରହିଛି । ରାଜ୍ୟ ସଚିବାଳୟରେ ଏକ ଆଲୋଚନରେ ମୋତେ ସୁଯୋଗ ମିଳିଥିଲା ଏ ନୀତି କାର୍ଯ୍ୟକାରୀ ହେବାପରେ । ମୁଖ୍ୟ ସଚିବଙ୍କ ଠାରୁ ଆରମ୍ଭ କରି କନିଷ୍ଠ ସଚିବଙ୍କ ପର୍ଯ୍ୟନ୍ତ ଉଚ୍ଚ ସ୍ୱରରେ ତତ୍‌କାଳୀନ କୃଷି ନୀତିର ଭୂରି ପ୍ରଶଂସା କରୁଥାଆନ୍ତି । ଜଣେ ପ୍ରମୁଖ ସଚିବ କିପରି ଉଦ୍‌ବୁଦ୍ଧ ହୋଇ ଫୁଲ ଚାଷ ତାଙ୍କ ଫାର୍ମରେ କରିବା ଆରମ୍ଭ କରିଛନ୍ତି ତାହା ବର୍ଣ୍ଣନା କରୁଥାଆନ୍ତି । ଓଡ଼ିଶାର ଫୁଲ ଏବେ କୁଆଡେ ସିଙ୍ଗାପୁର, ହଙ୍ଗକଙ୍ଗ୍ ଏବଂ ଡୁବାଇ ପର୍ଯ୍ୟନ୍ତ ରପ୍ତାନୀ

Digitized by srujanika@gmail.com

ହେବ ଓ ଏଥିପାଇଁ ବିମାନ ବନ୍ଦରର ସମ୍ପ୍ରସାରଣ କାମ ଚାଲିଛି ! ସେ ସମୟର ଶାସନାଧୀନ ରାଜନୈତିକ ନେତା ଓ ଅମଲାମାନେ ଆଜି ଇତିହାସ ହୋଇଗଲେଣି । ଓଡ଼ିଶାରେ କେତେ ଫୁଲ ଚାଷ ହେଲା ଓ କେତେ ରପ୍ତାନୀ ହେଲା ତାହା ଓଡ଼ିଶାବାସୀ ବଡ ବଡ ଆଖିରେ ଦେଖୁଥିବେ । ମୁଁ ଏବେ ଲଜ୍ୟାରେ ନଇଁ ଯାଇଛି ଯେ ପ୍ରତିଦିନ ସକାଳେ ହାୱଡା-ଚେନାଇ ମେଲ୍‌ରେ ଦୁଇ ୱାଗନ୍ ଫୁଲ ଭୁବନେଶ୍ୱର ଷ୍ଟେସନ୍‌ରେ ପହଞ୍ଚୁଛି । ଭୁବନେଶ୍ୱରର ଫୁଲ ଦୋକାନୀମାନେ କୁହନ୍ତି ଯେ ପଶ୍ଚିମବଙ୍ଗ ବା ଆନ୍ଧ୍ରପ୍ରଦେଶରୁ ଫୁଲ ନ ଆସିଲେ ଓଡ଼ିଶାର କୌଣସି ଶୁଭକାର୍ଯ୍ୟ ସମ୍ପନ୍ନ ହେବା ଅସମ୍ଭବ । କୃଷିକୁ ଶିଳ୍ପର ମାନ୍ୟତା ଦେଇ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ କଳା ଧନକୁ ଧଳାରେ ପରିବର୍ତ୍ତନ କରିବା ପାଇଁ ଏକ ଯୋଜନା ଥିଲା ବୋଲି ସମାଲୋଚକମାନେ ବାରମ୍ବାର କହିଆସିଛନ୍ତି । ଯେଉଁ ଆପିକଲ୍ ପ୍ରତିଷ୍ଠା କରାଯାଇଥିଲା, ସେଥିରୁ କେଉଁମାନେ ଲାଭାନ୍ୱିତ ହୋଇଛନ୍ତି ଓ ତାହାଦ୍ୱାରା କୃଷିର କେଉଁଭଳି ସାମଗ୍ରୀକ ବିକାଶ ହୋଇଛି ଏଥିପାଇଁ ସରକାର ଏବେ ଶ୍ୱେତପତ୍ର ପ୍ରକାଶ କରିବା ଜରୁରି । ଏହା ହେଲେ ପ୍ରକୃତ ଚିତ୍ର ପ୍ରକାଶିତ ହେବ ଓ ସାଧାରଣ ଲୋକଙ୍କ ସରକାରଙ୍କ ସ୍ୱଚ୍ଛ ଓ ଉତ୍ତରଦାୟୀ ଶାସନ ଉପରେ ବିଶ୍ୱାସ ଆସିବ । ୧୯୯୬ କୃଷିନୀତି ଓ ବର୍ତ୍ତମାନର ୨୦୦୮ ମସିହା କୃଷି ନୀତିରେ କି ଫରକ୍ ରହିଛି, ତାହା ସର୍ବସାଧାରଣରେ ଆଲୋଚିତ ହେବା ନିତାନ୍ତ ଆବଶ୍ୟକ । ଆମର କୃଷି ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଆଦିରେ କୃଷି ଅର୍ଥନୀତିଜ୍ଞମାନେ ଆସ୍ଥାନ ଜମାଇଛନ୍ତି । ବୌଦ୍ଧିକ ଦାରିଦ୍ର୍ୟ ଓ କାପୁରୁଷତା ସର୍ବତ୍ର ବିରାଜମାନ କରୁଛି ।

ଏବର ନୀତି ପ୍ରଣୟନ ପୂର୍ବରୁ ପ୍ରଣେତାମାନେ ପଡୋଶୀ ରାଜ୍ୟର କୃଷି ଉନ୍ନୟନ ଓ ପରିବର୍ତ୍ତନକୁ ଅଧ୍ୟୟନ କରିଛନ୍ତି କି ? ଏକଦା ପଶ୍ଚିମବଙ୍ଗକୁ ଓଡ଼ିଶାରୁ ସବୁ କିଛି ରପ୍ତାନୀ ହେଉଥିଲା । ଏବେ ସେଇ ପଶ୍ଚିମବଙ୍ଗ କୃଷି କ୍ଷେତ୍ରରେ ଅନେକ ସାଫଲ୍ୟ ଅର୍ଜନ କରିଛି ବୋଲି ବିଭିନ୍ନ ପରିସଂଖ୍ୟାନରୁ ଜଣାପଡିଛି । ପଶ୍ଚିମବଙ୍ଗ ଏବେ ଆଳୁଚାଷରେ ଭାରତରେ ପ୍ରଥମ ସ୍ଥାନ ଅଧିକାର କରିଛି । ଭୂସଂସ୍କାର ସେ ପ୍ରଦେଶରେ ସଫଳଭାବେ ରୂପାୟନ କରାଯାଇଥିବାରୁ କୃଷି ବିକାଶ ଉଲ୍ଲେଖନୀୟ ଭାବେ ସମ୍ଭବ ହୋଇଛି ବୋଲି ମତାମତ ପ୍ରକାଶ ପାଇଛି । ଆମ ଓଡ଼ିଶାର ଅଭିଜ୍ଞ ବ୍ୟକ୍ତି ଓ କୃଷି ବିଶାରଦମାନେ ଏଇ ସଫଳତାରୁ ଶିଖିବାକୁ ହେବ ବୋଲି ଯୁକ୍ତି ବାଢନ୍ତି । ଆନ୍ଧ୍ରର ଚାଷୀ ଓଡ଼ିଶାକୁ ଫଳମୂଳ, ମାଛ ଓ ଅଣ୍ଡା ବର୍ଷସାରା ପ୍ରଚୁର ପରିମାଣରେ ଯୋଗାଉଛନ୍ତି ।

Digitized by srujanika@gmail.com

ଏବେ କୋରାପୁଟର ଜଣେ ବନ୍ଧୁ ଥଟ୍ଟା କରୁଥିଲେ ଯେ ଆନ୍ଧ୍ର ପ୍ରଦେଶରେ 'ବିଶାଖା ଡାଏରୀ' ତାଙ୍କ ଜିଲ୍ଲାରେ ଯେତେ ଦୁଗ୍ଧ ଓ ଦୁଗ୍ଧ ଜାତ ପଦାର୍ଥ ବିକ୍ରୟ କରୁଛି, ଓଡ଼ିଶାର 'ଓମ୍‌ଫେଡ'ର ବିକ୍ରୟ ତାହା ତୁଳନାରେ ଯଥେଷ୍ଟ କମ୍ । ଏହା କାହିଁକି ପରୀରିବାର ଅଛି । ଝାଡଖଣ୍ଡରୁ ପନିପରିବା ଓଡ଼ିଶାକୁ ବର୍ଷସାରା ଆମଦାନୀ କରାଯାଉଛି । ସେଠାରେ ଚାଷୀମାନେ କେମିତି ପ୍ରଗତିଶୀଳ ତାହା ଜାଣିବାକୁ କେହି କେବେ ଚେଷ୍ଟା କରିଛି କି ? କୃଷିରେ ଅଧିକ ବିକଶିତ ପଞ୍ଜାବ ବା ତାମିଲନାଡୁ ପ୍ରଦେଶରେ କୃଷି ସଫଳତାର କାହାଣୀ ଓଡ଼ିଶାର କୃଷକମାନଙ୍କ ପାଇଁ ସବୁବେଳେ କାହାଣୀ ହୋଇଥିବ ନିଶ୍ଚିତ । ସେ ପ୍ରଦେଶମାନଙ୍କୁ ଛୁଇଁବାକୁ ଗୋଟାଏ ଯୁଗ ଲାଗିଯିବ ବୋଲି ମୁଁ ଦୃଢ଼ଭାବରେ କହିପାରେ ।

ସାମ୍ପ୍ରତିକ କୃଷିନୀତି ପ୍ରଣୟନ ପୂର୍ବରୁ କୃଷି ପରିସଂଖ୍ୟାନ ଓ ଖାଦ୍ୟ ଉତ୍ପାଦନ ଉପରେ ଏକ ସ୍ପଷ୍ଟଚିତ୍ର ଅଙ୍କାଯାଇଛି କି ? ଓଡ଼ିଶାରେ ପ୍ରତ୍ୟେକ ଖାଦ୍ୟଶସ୍ୟ ତଥା କୃଷିଜାତ ପଦାର୍ଥମାନଙ୍କର ଉତ୍ପାଦନର ହାର ବିଶ୍ଳେଷଣ କରାଯାଇଛି କି ? ଏହା ଆମ ରାଜ୍ୟବାସୀଙ୍କ ଚାହିଦା ମୁତାବକ ହେଉଛି କି? କେଉଁଠି ଫାଙ୍କ ବା ଅଭାବ ରହିଛି ତହାର ଏକ ନକ୍‌ସା ପ୍ରଣୟନ କରାଯାଇଛି କି? ଓଡ଼ିଶାରେ ଧାନ, ଡାଲି ଓ ତୈଳ ଜାତୀୟ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ଥିଲା ଓ ଏବେ କାହିଁକି ଅନେକ ମୌଳିକ ଖାଦ୍ୟ ସାମଗ୍ରୀ ବାହାରୁ ଆମଦାନୀ କରିବାକୁ ପଡୁଛି ତାହାର କାରଣ ଖୋଜିବାକୁ କେହି ପ୍ରୟାସ କରିଛି କି ?

କୃଷି କ୍ଷେତ୍ରରେ କାହିଁକି ଚରମ ଅବହେଳା ପ୍ରଦର୍ଶନ କରାଯାଇଛି ସବୁକ୍ଷେତ୍ରରେ ? କୃଷି କ୍ଷେତ୍ରରେ ଭିତ୍ତିଭୂମି ପ୍ରତିଷ୍ଠା କରିବା ପାଇଁ କାହିଁକି ଓଡ଼ିଶାକୁ କବଳିତ କରିଥିବା ବିଶ୍ୱବ୍ୟାଙ୍କ, ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ, ଡି.ଏଫ.ଆଇ.ଡି ଏବଂ ୟୁ.ଏନ୍.ଡି.ପି ଆଦି ଆନ୍ତର୍ଜାତିକ ସଂସ୍ଥାମାନେ ଆଗ୍ରହ ଦେଖାଉ ନାହାନ୍ତି ? ଓଡ଼ିଶାରେ ଏକ ନୂତନ ଥଇଥାନ୍ ନୀତି ପାଇଁ ବିଶ୍ୱବ୍ୟାଙ୍କ, ଡି.ଏଫ.ଆଇ.ଡି ଓ ୟୁ.ଏନ୍.ଡି.ପି ଆଦି ସଂସ୍ଥାମାନେ ଏତେ ଅହେତୁକ ଆଗ୍ରହ ଦେଖାଇଛନ୍ତି ତାହା କଳ୍ପନାତୀତ । ଅଥଚ କୃଷି କ୍ଷେତ୍ରରୁ ବିସ୍ଥାପିତ ହୋଇଥିବା ଏବଂ ଦେଶାନ୍ତରୀ ହେଉଥିବା ଲକ୍ଷ ଲକ୍ଷ କୃଷିଜୀବୀ ପରିବାରଙ୍କ ଥଇଥାନ ପାଇଁ ଯେମିତି ଏ ସଂସ୍ଥାମାନଙ୍କର ସମୟ ନାହିଁ । ଓଡ଼ିଶାବାସୀ ଏମାନଙ୍କୁ ଜନତାର ଅଦାଲତରେ ଛିଡା କରାଇ ବିଚାର କରିବାର ସମୟ ଆସିଛି । ଓଡ଼ିଶା ଉପରେ ଶ୍ୱାନ ଦୃଷ୍ଟି ରଖିଥିବା ଏହି ସଂସ୍ଥାମାନେ କ'ଣ ଜାଣି

Digitized by srujanika@gmail.com

ନାହାନ୍ତି ଯେ ୧୯୯୬ ମସିହାର କୃଷିନୀତିରେ ଲକ୍ଷ୍ୟ ରଖାଯାଇଥିଲା ଯେ ପାଞ୍ଚ ବର୍ଷ ଭିତରେ ଶସ୍ୟ ଓ ତୈଳବୀଜ ଉତ୍ପାଦନକୁ ଦ୍ୱିଗୁଣିତ କରିବା । ଏକ ପରିସଂଖ୍ୟାନରୁ ଜଣାପଡିଛି ଯେ ୨୦୦୨-୦୩ ବର୍ଷାରେ ଧାନର ଉତ୍ପାଦନ ଅଭିବୃଦ୍ଧି ହାର - ୩୮.୫%, ଡାଲିଜାତୀୟ ଖାଦ୍ୟର - ୨୪.୫% ଏବଂ ତୈଳବୀଜର -୨୭% ହୋଇଛି । ଓଡ଼ିଶାର ବିକାଶକୁ ନେଇ ଡିଡିମ ପିଟୁଥିବା ଏ ଆନ୍ତର୍ଜାତିକ ସଂସ୍ଥାମାନଙ୍କର ଏହା ଉପରେ ମତାମତ କ'ଣ ? ଓଡ଼ିଶାବାସୀଙ୍କ ଜାଣିବାର ଅଧିକାର ଅଛି ।

ଓଡ଼ିଶାର ରାଜ୍ୟ କୃଷିନୀତି ୨୦୦୮ରେ ଅନେକ ସମାଲୋଚନାର ସାମଗ୍ରୀ ରହିଛି । ଏହାକୁ ନେଇ ଏକ ବିକଳ୍ପ କୃଷିନୀତିର ପରିକଳ୍ପନା କରାଯାଇପାରେ । କିନ୍ତୁ ପ୍ରଥମେ କୃଷିନୀତିରେ ଉଲ୍ଲେଖିତ ୨୧ଟି ଅନୁଚ୍ଛେଦର ସମ୍ୟକ ଆଲୋଚନା କରାଯିବା ଆବଶ୍ୟକ । ପ୍ରତ୍ୟେକ ଅନୁଚ୍ଛେଦରେ କୃଷକ ବିରୋଧୀ ପ୍ରସ୍ତାବମାନ ରଖାଯାଇଛି ଓ କମ୍ପାନୀମାନଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରୋତ୍ସାହନ ଦିଆଯାଇଛି । ଏ ଅନୁଚ୍ଛେଦ ଭିତରୁ ମୁଖ୍ୟତଃ ବିହନ, ଯାନ୍ତ୍ରିକକରଣ, ଜଳସେଚନ, ସାରପ୍ରୟୋଗ, କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ, କୃଷି ଋଣ ଓ ପୁଞ୍ଜି ଆଦି ଉପରେ ଆଲୋଚନା କରିବାକୁ ମୁଁ ପ୍ରୟାସ କରିଛି ।

ଆଗେ ବିହନ କଥା ବିଚାରକୁ ନିଆଯାଉ । ଓଡ଼ିଶା ସରକାର ବିହନ ଆମଦାନୀ କରି ଅନେକ ଶିକ୍ଷା ପାଇସାରିଛି ଓ କୃଷକମାନଙ୍କର ଆକ୍ରୋଶର ସମ୍ମୁଖୀନ ହୋଇଛି । ଉନ୍ନତମାନର ବିହନ ଉତ୍ପାଦନ, ତାହାର ସାର୍ଟିଫିକେଶନ୍ ଏବଂ ବିତରଣ ଦିଗରେ ଓଡ଼ିଶା ଅନେକ ପଛରେ ପଡିଛି । ଓଡ଼ିଶାରେ ପାଞ୍ଚୋଟି ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ଥିଲାବେଳେ ତିନୋଟି ପରୀକ୍ଷାଗାର ରହିଛି । ସାର୍ଟିଫିକେଶନ୍ ପାଇଁ ଆଠୋଟି କେନ୍ଦ୍ର ରହିଛି । ଏସବୁର ଭିତ୍ତିଭୂମି, କାର୍ଯ୍ୟଦକ୍ଷତା ଓ କର୍ମଚାରୀଙ୍କ ଦକ୍ଷତାରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ଓଡ଼ିଶାଭଳି କୃଷି ପ୍ରଧାନ ରାଜ୍ୟରେ କୃଷି ଉପାଦାନ ପାଇଁ କି ଗୁରୁତ୍ୱ ଆରୋପ କରାଯାଇଛି । ବାହାର ରାଜ୍ୟରୁ ନକଲି ବିହନ ଆମଦାନୀ ନକରି କେଉଁ ଅଞ୍ଚଳରେ କି ପ୍ରକାରର ବିହନର ଆବଶ୍ୟକତା ରହିଛି ତାହାର ଏକ ମାନଚିତ୍ର ଅଙ୍କନ କରାଯାଇଛି କି ? କୃଷି କ୍ଷେତ୍ରରେ ଜୈବବିବିଧତାକୁ ମାନ୍ୟତା ଦିଆଯାଇଛି କି ? ସ୍ଥାନୀୟ ଉନ୍ନତମାନର ବିହନକୁ ସୁରକ୍ଷିତ ରଖିବାକୁ ବିଧବଦ୍ଧ ପଦକ୍ଷେପ ନିଆଯାଇଛି କି? ଓଡ଼ିଶାରୁ ୨୦୦ରୁ ଉର୍ଦ୍ଧ୍ୱ କିସମର ଧାନ ବିହନ ଏବେ ଲୋପ ପାଇବାକୁ ବସିଲାଣି । ବହୁ ଅମଳକ୍ଷମ ବିହନ ଜେନେଟିକାଲି ମୋଡିଫାଏଡ ବିହନ ପ୍ରୟୋଗ

Digitized by srujanika@gmail.com

ପାଇଁ ଖୁବ୍ ପ୍ରୋତ୍ସାହନ ଦିଆଯାଇଛି । ଓଡ଼ିଶାରେ ବନ୍ୟା, ମରୁଡି ମହାବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ଛୋଟ ଓ ନାମମାତ୍ର ଚାଷୀଙ୍କୁ ଉଚିତ ଦରରେ ବିହନ ଯୋଗାଇ ଦେବାକୁ ନୀତିରେ ବ୍ୟବସ୍ଥା ନାହିଁ ।

ଏବେ ଜଳସେଚନ ବ୍ୟବସ୍ଥା କଥା ବିଚାରକୁ ନିଆଯାଉ । ଓଡ଼ିଶାରେ ପ୍ରଚୁର କୃଷି ଓ ଜଳସମ୍ପଦ ଥାଇ ମଧ୍ୟ କୃଷି ଉତ୍ପାଦନ ନୈରାଶ୍ୟଜନକ ହେବା କ୍ଷୋଭର ବିଷୟ । ଗୋଟିଏ ସମୟରେ ଜଳସେଚନ ବ୍ୟବସ୍ଥା ଓ ପରିଚାଳନା ପାଇଁ ଓଡ଼ିଶା ସରକାର ଇସ୍ରାଏଲ୍ ସରକାରଙ୍କ ସହ ଚୁକ୍ତିବଦ୍ଧ ହୋଇଥିଲେ । ଇସ୍ରାଏଲ୍‌ର କୃଷି ବିଶେଷଜ୍ଞମାନେ ହସୁଥିଲେ ଯେ ଓଡ଼ିଶାରେ ଜଳାଭାବ ନଥିବା ସତ୍ତ୍ୱେ ସେମାନଙ୍କୁ ଆମନ୍ତ୍ରଣ କରାଯାଇଛି । ଇସ୍ରାଏଲ୍‌ରେ ବାର୍ଷିକ ୫-୧୦ମିଲି ମିଟର ବର୍ଷା ହେଉଥିବା ବେଳେ ଓଡ଼ିଶାର ୧୫୦୦ମି.ମି. ବର୍ଷା ହେଉଛି । ଦେଶର ବିଶେଷଜ୍ଞମାନେ ଜଳସଂରକ୍ଷଣ ଓ ବ୍ୟବହାର ଉପରେ ପରାମର୍ଶ ଦେବାକୁ ଅନୁପଯୁକ୍ତ କହି ନିଜକୁ ଅପସାରିତ କରିଥିଲେ । ଓଡ଼ିଶାର ନୀତିନିର୍ଦ୍ଧାରଣ କରୁଥିବା ବିଶାରଦମାନେ ଇସ୍ରାଏଲ୍ କଥା କେମିତି ଭାବିପାରିଲେ, ମୁଁ ଏ ପର୍ଯ୍ୟନ୍ତ ବୁଝିପାରି ନାହିଁ । ଓଡ଼ିଶାର କୃଷିଯୋଗ୍ୟ ଜମି ହେଉଛି ୬୦ଲକ୍ଷ ହେକ୍ଟର । ସରକାରୀ ପରିସଂଖ୍ୟାନ ଅନୁସାରେ ୧୭ଲକ୍ଷ ହେକ୍ଟର ଜମିରେ ଜଳସେଚନ ନିଶ୍ଚିତ କରାଯାଇଛି । ଆଉ ୨୭ଲକ୍ଷ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି । ଅବଶିଷ୍ଟ ୧୬ଲକ୍ଷ ହେକ୍ଟର ଜମି ଭଗବାନ ଇନ୍ଦ୍ରଙ୍କ ଭରସାରେ ଛାଡି ଦିଆଯାଇଛି । ଜଳସେଚନର ଘରୋଇକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ପାଣି ପଞ୍ଚାୟତ ସବୁ ଗଠନ କରାଯାଇଛି । ଏସବୁ ସତ୍ତ୍ୱେ ପ୍ରକୃତରେ କୃଷି ଉତ୍ପାଦନ କେତେ ବଢ଼ାହୋଇଛି ତାହା ଅଟକଳ କରାଯାଇନାହିଁ । ଗୋଷ୍ଠୀ ଜଳସେଚନ ଆଦିରେ ଅନେକ କିଛି ରିହାତି ଦିଆଯିବ ବୋଲି ପ୍ରସ୍ତାବ ରହିଛି କିନ୍ତୁ ଏଥିରୁ ଆଦିବାସୀ ଚାଷୀମାନେ କେତେ ଉପକୃତ ହେବେ ତାହା କଳ୍ପନା କରିହେଉଛି । ପ୍ରତି ବ୍ଲକ୍‌ରେ ଶତକଡ଼ା ୩୫ଭାଗ ଅଞ୍ଚଳ ଜଳସେଚିତ ହେବ ବୋଲି ଯୋଜନା କରାଯାଇଛି । ତାହା କେତେ ବର୍ଷ ମଧ୍ୟରେ ଏବଂ କେଉଁ ପନ୍ଥା ଅବଲମ୍ବନ କରି ସମ୍ଭବ ହେବ ଉଲ୍ଲେଖ କରାଯାଇନାହିଁ ।

ଏବେ ସାର ବ୍ୟବହାର କଥା ବିଚାରକୁ ନିଆଯାଉ । ଓଡ଼ିଶାରେ ହେକ୍ଟର ପିଛା ସାର ବ୍ୟବହାର ହେଉଛି ପ୍ରାୟ ୫୩କେ.ଜି. କିନ୍ତୁ ଜାତୀୟ ହାର ହେଉଛି ୧୧୩ କେଜି । ଜଳସେଚିତ ଅଞ୍ଚଳରେ ସାର ବ୍ୟବହାର ହେଉଥିବା ବେଳେ ଅଣଜଳସେଚିତ

Digitized by srujanika@gmail.com

ଅଞ୍ଚଳରେ ଏହାର ମାତ୍ରା ଯଥେଷ୍ଟ କମ୍ । ଆଦିବାସୀ ଅଞ୍ଚଳରେ ରାସାୟନିକ ସାର ବ୍ୟବହାର ପ୍ରାୟ ନାହିଁ କହିଲେ ଚଳେ । କିନ୍ତୁ ସାର ବ୍ୟବହାର ବଢ଼ିବ କି ଜୈବସାର ଓ କମ୍ପୋଷ୍ଟ ଆଦି ବ୍ୟବହାରକୁ ପ୍ରୋତ୍ସାହନ ଦିଆଯିବ, ନୀତିରେ ସ୍ପଷ୍ଟ ଉଲ୍ଲେଖ ନାହିଁ । କିନ୍ତୁ ନୀତିର ମୂଳଲକ୍ଷ୍ୟ ହେଉଛି କୃଷିର ବ୍ୟବସାୟୀକରଣ । ନିରନ୍ତର କୃଷିକୁ ଗୁରୁତ୍ୱ ଦିଆଯାଇ ନାହିଁ । କୃଷିର ବ୍ୟବସାୟୀକରଣ ଅର୍ଥ ହେଉଛି ରାସାୟନିକ ସାର ଓ କୀଟନାଶକ ବିଷର ବ୍ୟାପକ ପ୍ରୟୋଗ । ନିରନ୍ତର କୃଷିର ଜୈବିକ ସାର ଓ କମ୍ପୋଷ୍ଟ ଆଦି ମୌଳିକ ଉପାଦାନ । କୃଷିନୀତି ରିହାତି ବିଷୟରେ ଦ୍ୱନ୍ଦରେ ପଡିଯାଇଛି । ରାସାୟନିକ ସାରର ଯେଉଁଭଳି ଦରବୃଦ୍ଧି ହୋଇଛି ଓ ରିହାତି ପ୍ରତ୍ୟାହାର କରାଯାଇଛି ସାର ବ୍ୟବହାର ଆପଣାଛାଏଁ ଛୋଟ ଓ ନାମମାତ୍ର ଚଷୀଙ୍କ ପାଇଁ ନିଷିଦ୍ଧ ହୋଇଯିବ ।

କୃଷିର ଯାନ୍ତ୍ରିକକରଣ ଏକ ବିବାଦୀୟ ବିଷୟ । କୃଷି ଯନ୍ତ୍ରପାତି କିଏ ବ୍ୟବହାର କରିବ ଛୋଟ ଚଷୀ ବା ବଡ ଚଷୀ ? ଏ ପର୍ଯ୍ୟନ୍ତ ଟ୍ରାକ୍ଟର, ପାୱାରଟିଲର୍, ପମ୍ପସେଟ୍ ଆଦି ଯାହା କୃଷି ପାଇଁ ରିହାତି ଦରରେ କିଣାଯାଇଛି, ତାହା କୃଷି ବଦଳରେ ଅଣକୃଷିରେ ବ୍ୟବହାର କରାଯାଇଛି ବୋଲି ସ୍ପଷ୍ଟ ଦେଖିହେଉଛି । ଏକଦା କୃଷକର ହଳ, ଲଙ୍ଗଳ କୃଷକର ମୁଖ୍ୟ ସହାୟକ ଥିଲା । ମୁଁ ଦେଖିଛି ଯେ ବ୍ରାଜିଲ୍‌ରେ ଛୋଟ ଚଷୀମାନେ ଟ୍ରାକ୍ଟର ବଦଳରେ ହଳ ଲଙ୍ଗଳ ବ୍ୟବହାର କରିବାକୁ ଆରମ୍ଭ କରିଛନ୍ତି । ସାରା ପୃଥିବୀର ଛୋଟ ଚଷୀମାନେ ନିଜ ନିଜର କୃଷି ଓ ଖାଦ୍ୟ ଉତ୍ପାଦନ ପାଇଁ ଟ୍ରାକ୍ଟର ବଦଳରେ ପଶୁଶକ୍ତି ବ୍ୟବହାର କରୁଛନ୍ତି । ଓଡ଼ିଶାରେ ବଳଦ କିଣିବାରେ ରିହାତି ମିଳିବ କି ନାହିଁ ନୀତିରେ ଉଲ୍ଲେଖ ନାହିଁ । ଓଡ଼ିଶାରେ 'ଆତ୍ମା' ଯୋଜନା ଚଳିଛି ସବୁ ଜିଲ୍ଲାରେ । କିନ୍ତୁ ଏହାଦ୍ୱାରା କିପରି ବହୁଭାଗ ଛୋଟ ଚଷୀ ଉପକୃତ ହେଉଛନ୍ତି ତାହାର ଉଦାହରଣ ଦିଆଯାଇନାହିଁ ।

କୃଷିର ପ୍ରକ୍ରିୟାକରଣ ଏବଂ କୃଷିଦ୍ରବ୍ୟର ବଜାର ଉପରେ ନୀତିରେ ସ୍ପଷ୍ଟ କିଛି ଉଲ୍ଲେଖ କରାଯାଇନାହିଁ । କିନ୍ତୁ କୃଷକ ବଜାର ସରକାର ପ୍ରତିଷ୍ଠା କରିଥିଲେ ବିଭିନ୍ନ ସ୍ଥାନରେ । ତାହାର ସ୍ଥିତି କ'ଣ ତାହା ବିଚାରକୁ ନେବା କଥା । ମାର୍କେଟ ୟାର୍ଡ ଏବଂ ମାର୍କେଟ୍ କମ୍ପ୍ଲେକ୍ସ ଆଦି ପ୍ରକୃତରେ ବାସ୍ତବରେ ପ୍ରତିଷ୍ଠିତ ହେବ ଓ କୃଷକମାନଙ୍କର ଉପକାରରେ ଆସିବ ତାହା ନିଶ୍ଚିତଭାବେ କେହି କହିପାରିବେ କି ? ରିଲାୟାନ୍‌ସ୍ ଏବଂ ଆଇ.ଟି.ସି. ଆଦି ବ୍ୟବସାୟୀ ଗୋଷ୍ଠୀଙ୍କ ଲାଭ ପାଇଁ ଯେମିତି ସରକାର ଏ

Digitized by srujanika@gmail.com

ନୀତିରେ ଯୋଜନା କରିଛନ୍ତି । ଘରୋଇକରଣ ପ୍ରକ୍ରିୟା କୃଷି କ୍ଷେତ୍ରକୁ ଅତି ସହଜରେ ପ୍ରସାରିତ କରାଯାଇଛି ।

ସବୁଠାରୁ ଦୁଃଖର କଥା ଯେ ବୃଷ୍ଟିପୁଷ୍ଟ ଅଞ୍ଚଳ ପାଇଁ କୃଷି ଓ ମହିଳା କୃଷିଜୀବୀଙ୍କୁ କୃଷି ନୀତିରେ ଆବଶ୍ୟକ ଗୁରୁତ୍ୱ ଦିଆଯାଇ ନାହିଁ । ଏହାର ସବିଶେଷ ଆଲୋଚନା ନିତାନ୍ତ ଜରୁରି ବୋଲି ମୁଁ ଦୃଢ଼ଭାବରେ ଅନୁଭବ କରୁଛି ।

□□□

Digitized by srujanika@gmail.com

୨୯

ରାଜ୍ୟ କୃଷିନୀତି - ବୃଷ୍ଟିପୁଷ୍ଟ ଅଞ୍ଚଳରେ ଋଷବାସ

ଓଡ଼ିଶା ରାଜ୍ୟ କୃଷିନୀତି (୨୦୦୮)ର ପ୍ରଣେତାମାନଙ୍କୁ ସେମାନଙ୍କ ଉଦ୍ୟମ ପାଇଁ ସାଧୁବାଦ ଦେଇ ଅଭିନନ୍ଦନ କରାଯିବ କି ନାହିଁ ଏକଥା ଏ ରାଜ୍ୟର ଅଗଣିତ କୃଷିଜୀବି ଦିନେ ନା ଦିନେ ଖୋଲାଖୋଲି କହିବେ । କାରଣ ଏଥିରେ କମ୍ପାନୀକରଣ ଛଡା ଅନ୍ୟ କିଛି ସ୍ୱତନ୍ତ୍ର ବିଷୟ ଉଲ୍ଲେଖ କରାଯାଇନାହିଁ । ମୋ ଭଳି ଯେଉଁମାନେ ତୃଣମୂଳରେ କୃଷିର ସମସ୍ୟାକୁ ଅନୁଧ୍ୟାନ କରିଛନ୍ତି ଓ କୃଷିଜୀବୀମାନଙ୍କ ସହ ସାମିଲ୍ ହୋଇଛନ୍ତି, ସେମାନଙ୍କ ପାଇଁ କୃଷିର ବିଭାଗୀକରଣ ଅନିବାର୍ଯ୍ୟ । ସାରାଦେଶରେ ଦୁଇ ପ୍ରକାର କୃଷି ଋଲିଛି- ଜଳସେଚିତ ଅଞ୍ଚଳର କୃଷି ଓ ବୃଷ୍ଟିପୁଷ୍ଟ ଅଞ୍ଚଳର କୃଷି । ସାରା ଭାରତରେ କୃଷି ଜମିର ଶତକଡ଼ା ଷାଠିଏ ଭାଗ ରହିଛି ବୃଷ୍ଟିପୁଷ୍ଟ ଅଞ୍ଚଳରେ । ଅର୍ଥାତ୍ ଭାରତର ୬୦% ଜମି ବର୍ଷା ଉପରେ ନିର୍ଭର କରି ରହିଛି । ଏ ଦେଶର ବିକାଶ ଯୋଜନା ଓ କୃଷିର ଅଭିବୃଦ୍ଧି ସଦାସର୍ବଦା ଜଳସେଚିତ ଅଞ୍ଚଳର କେତେକ ନିର୍ଦ୍ଦିଷ୍ଟ ଜିଲ୍ଲାକୁ ପ୍ରାଧାନ୍ୟ ଦେଇ ଆସିଛି । ସବୁଜ ବିପ୍ଳବର ସଫଳତା ଏଇ ଜିଲ୍ଲାମାନଙ୍କରେ କେନ୍ଦ୍ରୀତ ହୋଇରହିଛି । ରିହାତି ଦରରେ କୃଷି ଉପାଦାନ, ବୈଷୟିକ ଜ୍ଞାନ, କୃଷିର ଭିତ୍ତିଭୂମି ଓ ଅନ୍ୟ ସେବା ସବୁ ସରକାର ଯୋଗାଇ ଦେଇଛନ୍ତି । ଜଳସେଚନ ଓ ପିରଋଳନା ପାଇଁ ହଜାର ହଜାର କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇଛି । ଗୋଟାଏ ଦୃଷ୍ଟିରୁ ଦେଖିଲେ ସବୁଜ ବିପ୍ଳବର ଲାଭ ଭାରତ ବର୍ଷରେ ଆଶାଜନକ ହୋଇନାହିଁ । ଏ ଦେଶର ଖାଦ୍ୟ ଓ ପୁଷ୍ଟିସାର ଦିଗରେ ସବୁଜ ବିପ୍ଳବ ସ୍ୱାବଲମ୍ବନର ଅଧ୍ୟାୟ ସୃଷ୍ଟି କରିଛି ବୋଲି ଏକଦା ଦାବି କରାଯାଉଥିଲା । କିନ୍ତୁ ଅନାହାର ଓ ଖାଦ୍ୟାଭାବ ଏ ଦେଶରେ ଲାଗି ରହୁଥିବାରୁ, ସବୁଜ ବିପ୍ଳବର ସାର୍ଥକତା ଓ ସଫଳତା ଉପରେ ବିରାଟ ପ୍ରଶ୍ନବାଚକ ଚିହ୍ନ ସୃଷ୍ଟି କରିଛି । ସବୁଜ ବିପ୍ଳବର

Digitized by srujanika@gmail.com

ସାମୟିକ ଲାଭ ଯେମିତି ଶେଷ ହୋଇଛି, ବହୁ ଅମଳକ୍ଷମ ବିହନ, ସାର, କୀଟନାଶକ ଔଷଧର ବିପରୀତ ପ୍ରଭାବ ଏବେ ସର୍ବତ୍ର ପରିଲକ୍ଷିତ ହେଉଛି । ଜୈବବିବିଧତା ହ୍ରାସ ପାଇଛି । ପୁଷ୍ଟିସାର ଖାଦ୍ୟର ଅଭାବ ସ୍ୱାସ୍ଥ୍ୟ ଉପରେ ପଡିସାରିଛି । ଧାନ ଓ ଗହମ ଆଦି ଚାଷ ବ୍ୟାପକ କରାଯିବା ଦ୍ୱାରା ଗୋଟଏ ପ୍ରକାରର ଖାଦ୍ୟଗ୍ରହଣ କରିବାକୁ ଯେମିତି ଲୋକଙ୍କୁ ବାଧ କରାଯାଉଛି । ବଜାରର କୃଷି ଉପରେ ନିୟନ୍ତ୍ରଣ ଅନେକ ଗୁଣ ବଢ଼ିଯାଇଛି । ସ୍ଥାନୀୟ ପାରମ୍ପରିକ କୃଷି ବିଜ୍ଞାନ ଓ ରୀତିନୀତି ସବୁ ଲୋପ ପାଇବାରେ ବସିଲାଣି । କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ଆଣି ଦେଇଛି ଅସମାନତା ଓ ଅସ୍ଥିରତା । ବଡ ଚାଷୀମାନେ ବେଶ୍ ଲାଭ ଉଠାଉଥିବା ବେଳେ ଛୋଟ ଛୋଟ ଚାଷୀମାନେ କୃଷିକ୍ଷେତ୍ରରୁ ବିସ୍ଥାପିତ ହେଉଛନ୍ତି ବା ଆତ୍ମହତ୍ୟା କରୁଛନ୍ତି । ସବୁଜ ବିପ୍ଳବରେ ବ୍ୟବହୃତ ବିଜ୍ଞାନ ଓ ବୈଷୟିକ ଜ୍ଞାନ ମାଟି ଓ ଜଳର ଗୁଣାତ୍ମକମାନ ସଂରକ୍ଷଣ କରିବାରେ ସମର୍ଥ ହୋଇନାହିଁ । ଏବେ ମାଟିର ଉର୍ବରତା ଦ୍ରୁତ ଭାବେ ହ୍ରାସ ପାଇଛି ଓ କୃଷି ଉତ୍ପାଦନ ଘୋର ବାଧାପ୍ରାପ୍ତ ହୋଇଛି । ସମସ୍ୟା ଗୁଡିକ ଏ ଦେଶର କୃଷକ ଓ କୃଷିଜୀବୀ କେବଳ ଅନୁଭବ କରୁନାହିଁ, ଏ ଦେଶର ବିଶିଷ୍ଟ କୃଷିବିଜ୍ଞାନୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ମଧ୍ୟ ସ୍ୱୀକାର କରୁଛନ୍ତି । ସେଇଥିପାଇଁ ଏବେ ଆଉ ଏକ ସବୁଜ ବିପ୍ଳବର ଆହ୍ୱାନ ଦିଆଯାଇଛି ଯାହା ପ୍ରଥମ ଠାରୁ ସମ୍ପୂର୍ଣ୍ଣ ଓଲଟା । ଓଡିଶାର କୃଷିନୀତି ଯଦି ସତରେ ରାଜ୍ୟର ବୃହତ୍ତର କୃଷକ ସମାଜର ଉନ୍ନତି ଚାହୁଁଥାଆନ୍ତା ଓ କୃଷିଜୀବୀମାନଙ୍କର ଜୀବନ ଜୀବିକାର ସୁରକ୍ଷା ପାଇଁ ଆସ୍ଥାସୂଚକ ଆଶ୍ୱାସନା ଦେବାକୁ ପ୍ରୟାସ କରିଥାଆନ୍ତା, ତେବେ କୃଷକ ନୀତିର ଢ଼ାଞ୍ଚା ଓ ଉପସ୍ଥାପନା ନିଶ୍ଚୟ ବଦଳି ଯାଇଥାଆନ୍ତା । ଓଡ଼ିଶାରେ ମୋଟ କୃଷି ଉପଯୋଗୀ ଜମି ହେଉଛି ୭୯.୨୫ ଲକ୍ଷ ହେକ୍ଟର । ସେଥିରୁ ଜଳସେଚିତ ଜମି ହେଉଛି ୨୦.୯୦ ଲକ୍ଷ ହେକ୍ଟର ଓ ବାକି ୫୮.୮୫ ଲକ୍ଷ ହେକ୍ଟର ହେଉଛି ବୃଷ୍ଟିପୁଷ୍ଟ । ଏଥିରୁ ଅନୁମାନ କରିହେଉଛି ଯେ କୃଷିଜୀବୀମାନେ ବୃଷ୍ଟିପୁଷ୍ଟ ଅଞ୍ଚଳରେ କେତେ ବେଶି । ଏ ଅଞ୍ଚଳର କୃଷି ଉତ୍ପାଦନ ଢ଼ାଞ୍ଚା ବିଶ୍ଳେଷଣ କରିଲେ, ଜଣେ ସହଜରେ ଅନୁମାନ କରିପାରିବ ଯେ ମକାଜାତୀୟ ଫସଲ, ଡାଲି ଜାତୀୟ ଫସଲ, ତୈଳବୀଜ, ପନିପରିବା, ଫଳମୂଳ ଏ ରାଜ୍ୟରେ ଯାହା କିଛି ମିଳୁଛି ତାହା କେଉଁଠାରୁ ଆସୁଛି । ଏହାକୁ ଉପଲବ୍ଧି କରି ସାମ୍ପ୍ରତିକ କୃଷି ନୀତିରେ ଉଲ୍ଲେଖ କରାଯାଇଛି ଯେ ଓଡ଼ିଶାର କୃଷି ବିକାଶର ଭବିଷ୍ୟତ ଏ ବୃଷ୍ଟିପୁଷ୍ଟ ଅଞ୍ଚଳର କୃଷି ଓ କୃଷି ବିଜ୍ଞାନ ଉପରେ

Digitized by srujanika@gmail.com

ଆଧାରିତ ହେବ । ଏ ଅଞ୍ଚଳରେ ଅଛନ୍ତି ଗରିବ ଆଦିବାସୀ ଓ ଅବହେଳିତ ଜନସଂଖ୍ୟା । ଏ ଅଞ୍ଚଳରୁ ସବୁଠାରୁ ବେଶି ଦେଶାନ୍ତରୀକରଣ ହେଉଛି । ଅନାହାର ମୃତ୍ୟୁ ଓ ରୋଗମହାମାରୀ ଏ ଅଞ୍ଚଳରେ ବ୍ୟାପକ । ଜଳସେଚିତ ଅଞ୍ଚଳ ଓ ବୃଷ୍ଟିପୁଷ୍ଟ ଅଞ୍ଚଳରେ ଜୀବନର ଗୁଣାତ୍ମକମାନ ଓ ଅନ୍ୟ ସୂଚକାଙ୍କ ଗୁଡିକରେ କିଭଳି ଆକାଶପାତାଳ ଫରକ ରହିଛି ତାହା ରାଜ୍ୟ କୃଷିନୀତିରେ ଉଲ୍ଲେଖ କରାଯାଇନାହିଁ । ଅତି ଉପରଠାଉରିଆ ଭାବେ କୁହାଯାଇଛି ଯେ ଏ ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ପଦ୍ଧତିର ଗବେଷଣା କରାଯାଇ ମରୁଡିକୁ ବୁଝିପାରୁଥିବା ବିହନ ସୃଷ୍ଟି କରାଯିବ । ଜଳ ବିଭାଜିକା କାର୍ଯ୍ୟକ୍ରମ ଓ ବୃଷ୍ଟିଜଳ ଅମଳ ଉପରେ ପ୍ରାଧାନ୍ୟ ଦିଆଯିବ । ରାଜ୍ୟର ୮ ଲକ୍ଷ ହେକ୍ଟର ଜମି ହେଉଛି ପାହାଡିଆ ଜମି ଯେଉଁଠି ଧାନ ଚାଷ ପାରମ୍ପରିକ ଢ଼ଙ୍ଗରେ ହେଉଛି । ଏ ପ୍ରକାରର ଚାଷରେ ଅନିଶ୍ଚିତତା ଥିବାରୁ ସେଠାରେ ଧାନ ବଦଳରେ ଡାଲି ଜାତୀୟ ଫସଲ, ତୈଳବୀଜ ଓ ଫଳ ଉଦ୍ୟାନ ଆଦିର ପ୍ରସ୍ତାବ ଦିଆଯାଇଛି । କିନ୍ତୁ ଓଡ଼ିଶାରେ ପାହାଡିଆ ଜମିରେ ଯେଉଁ ଧାନ ଚାଷ କରାଯାଉଛି ତାହା ଅଦ୍ୱିତୀୟ ଓ ଜୈବବିବିଧତାର ଏକ ସ୍ୱତନ୍ତ୍ର ଦିଗ । ପାହାଡିଆ ଜମିରେ ଧାନ, ମାଣ୍ଡିଆ, ମକା, ବାଜରା, ସୁଆଁ ଚାଷ କରି ଲକ୍ଷ ଲକ୍ଷ ପରିବାର ନିଜର ଖାଦ୍ୟ ନିରାପତ୍ତା ପାଇଁ ଉଦ୍ୟମରତ । ଡାଲି ଜାତୀୟ ଫସଲ ତୈଳବୀଜ ଫସଲ, ଫଳ ଉଦ୍ୟାନ, ବୃକ୍ଷରୋପଣ ଆଦି ବୃଷ୍ଟିପୁଷ୍ଟ ଅଞ୍ଚଳରେ ନିଶ୍ଚିତ କରାଯାଉ । କିନ୍ତୁ ପାରମ୍ପରିକ ଚାଷକୁ ହତ୍ୟା ନକରି ଏହା କରାଯାଉ । ଯେଉଁ ପାହାଡିଆ ଜମିରେ ଧାନ, ମକା ମାଣ୍ଡିଆ ଚାଷ ହେଉଛି, ସେଠାରେ ସେଇ ଫସଲମାନଙ୍କର କିପରି ଉତ୍ପାଦନ ବଢ଼ିବ ସେଥିପ୍ରତି ଗବେଷଣା ହେବା ଦରକାର । ଆଦିବାସୀ ଅଞ୍ଚଳରେ କୃଷିର ଢ଼ାଞ୍ଚା କିପରି ବଦଳିବ ତାହା ଉପରେ ମୁଁ ପରୀକ୍ଷା କରିଆସୁଛି । ଅନୁଭବ କରାଯାଇଛି ଯେ ଯେଉଁ ପାହାଡିଆ ଜମିରେ ଧାନ, ମକା, ମାଣ୍ଡିଆ କରିଛି ସେଠାରେ ଚାଷୀ ଜାଣିଛି ଯେ ମାଟିର ଉର୍ବରତା ସୁରକ୍ଷିତ ରଖିବା ପାଇଁ ତା'କୁ ବିଭିନ୍ନ ପାରମ୍ପରିକ ଜ୍ଞାନକୌଶଳ ଅବଲମ୍ବନ କରିବାକୁ ହେବ । ଗଜପତି ଜିଲ୍ଲାର ସଉରାମାନଙ୍କର କୃଷି ପ୍ରଣାଳୀ ଓ କନ୍ଧ ପରଜାମାନଙ୍କର ପୋଡୁ ଚାଷ ଭିତରେ ଯେଉଁ ବିଜ୍ଞାନ ଅଛି ତାହାର ବିକାଶ କରିବାକୁ ଉଦ୍ୟମ କରିବାକୁ ହେବ । ପାହାଡିଆ ଜମି ଓ ବୃଷ୍ଟିପାତର ଅନିଶ୍ଚିତତା ସତ୍ତ୍ୱେ ଏ ଅଞ୍ଚଳରେ ଅଧିବାସୀମାନେ କୃଷିକୁ ଆଦରି ବସିଛନ୍ତି, ଏହା ଦେଖିଲେ ଅବାକ୍ ଲାଗେ । ଯଦି ଦ୍ୱିତୀୟ ସବୁଜ ବିପ୍ଳବ ଆଉଥରେ ଆରମ୍ଭ ହେବ, ଏଇ ଅଞ୍ଚଳର କୃଷକମାନଙ୍କୁ ନେଇ ସମ୍ଭବ ହେବ ଏଥିରେ ଦ୍ୱିରୁକ୍ତି କାହାର ରହିଛି କି ?

Digitized by srujanika@gmail.com

ଏଣୁ ସାମ୍ପ୍ରତିକ ରାଜ୍ୟ କୃଷିନୀତିକୁ ଅତି କୁଶଳତା ଓ ବିଜ୍ଞତାର ସହ ଦୁଇଭାଗରେ ବିଭକ୍ତ କରାଯିବାର ଆବଶ୍ୟକତା ରହିଛି । ଜଳସେଚିତ ଅଞ୍ଚଳର କୃଷି ବିକାଶ ଓ ବୃଷ୍ଟିପୁଷ୍ଟ ଅଞ୍ଚଳର କୃଷି ବିକାଶ ଭିତରେ ମୌଳିକ ପ୍ରଭେଦ ରହିଛି ବୋଲି କେହି ଅସ୍ୱୀକାର କରିବ କି ? ମୁଁ ଜଳସେଚିତ ଅଞ୍ଚଳ ଠାରୁ ବୃଷ୍ଟିପୁଷ୍ଟ ଅଞ୍ଚଳର କୃଷି ଓ କୃଷକକୁ ନିକଟତମ ଇଲାକାରୁ ଦେଖିଛି ଓ ସମଭାବାପନ୍ନ ହେବାକୁ ଚେଷ୍ଟା କରିଛି । ମୟୂରଭଞ୍ଜ ଠାରୁ ମାଲ୍‌କାନାଗିରି ପର୍ଯ୍ୟନ୍ତ, କେ.ବି.କେ. ଜିଲ୍ଲାମାନଙ୍କ ଠାରୁ ଆରମ୍ଭ କରି କେଉଁଝର ପର୍ଯ୍ୟନ୍ତ କୃଷି ସମସ୍ୟାକୁ ଟିକିଏ ଗଭୀରତାର ସହ ବିଚାର କରିବାକୁ ସୁଯୋଗ ପାଇଛି । ସେଇଥିପାଇଁ ଦୃଢ଼ଭାବେ ଏହି ପ୍ରସ୍ତାବ ଦେବାକୁ ସାହସ କରୁଛି । ଯଦି କୃଷିନୀତିକୁ ଦୁଇଟି ସ୍ୱତନ୍ତ୍ର ବିଭାଗ ନକରାଯାଏ, ଓଡ଼ିଶାରେ କୃଷି ବିକାଶ କଦାପି ହେବ ନାହିଁ ବୋଲି ଏବେଠୁ ଭବିଷ୍ୟତବାଣୀ କରାଯାଇପାରେ ।

ବୃଷ୍ଟିପୁଷ୍ଟ ଅଞ୍ଚଳରେ କୃଷି ବିକାଶ ଓ ଗବେଷଣାକୁ ନେଇ ସାରାଦେଶରେ ତତ୍‌ପରତା ପ୍ରକାଶ ପାଇଛି । ଯୋଜନା କମିଶନ୍, କୃଷିଗବେଷଣା ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଏବଂ କୃଷକ ସଂଗଠନମାନେ ଗୁରୁତର ଭାବେ ଆଲୋଚନାରତ ଅଛନ୍ତି । କୃଷି ବିକାଶ କହିଲେ ପାରମ୍ପରିକ ଭାବେ ଜଳସେଚିତ ଅଞ୍ଚଳର କୃଷି ବିକାଶକୁ ବୁଝାଯାଇଥାଏ । ଏବେ ତାହା ବଦଳି ଯିବା ଆରମ୍ଭ କରିଛି ଓ ମାନସିକତାରେ ମୌଳିକ ପରିବର୍ତ୍ତନ ଦେଖାଦେଇଛି । ବର୍ଷ ବର୍ଷଧରି ଜଳସେଚିତ ଅଞ୍ଚଳରେ କୃଷି ବିକାଶ ନାମରେ ପୁଞ୍ଜିନିବେଶ କରାଯାଇଛି ଓ କୃଷକମାନଙ୍କୁ ରିହାତି ଦିଆଯାଇଛି । ସେଥିରୁ କି ଲାଭ ମିଳିଲା ତାହା ଉପରେ ଅନେକ ପ୍ରଶ୍ନ ଏବେ ଉଠୁଛି । ସତକଥା କହିବାକୁ ଗଲେ, ସବୁଜ ବିପ୍ଳବରୁ ଲାଭ ଉଠାଇଥିବା ଧନୀ କୃଷକମାନେ ଏବେ କୃଷିରୁ ଓହରି ଯାଇଛନ୍ତି ଓ ଅନ୍ୟ ବ୍ୟବସାୟରେ ମାତି ଯାଇଛନ୍ତି । ଏବେ ଜଳସେଚିତ ଅଞ୍ଚଳରେ କୃଷି ମୋଟାମୋଟି ଭାଗ ଚାଷୀ ହାତକୁ ଚାଲି ଯାଇଛି କିନ୍ତୁ ଜମିମାଲିକ ତାହାର ଜମିଉପରେ ମାଲିକାନା ବଜାୟ ରଖିଛି । ପଞ୍ଚବାର୍ଷିକ ଯୋଜନା ପରେ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେଉଛି ଓ ଶେଷ ହେଉଛି । କୃଷି ବଜେଟର ବହୁଭାଗ କେବଳ ଜଳସେଚିତ କୃଷି ଉପରେ କେନ୍ଦ୍ରୀତ ହୋଇଛି । ଏଥିପାଇଁ କୃଷି ବିକାଶର ମାନସିକତାରେ ପରିବର୍ତ୍ତନ ବା ପାରାଡାଇମ୍ ସିଫ୍ଟର କଥା ବାରମ୍ବାର ଉଠୁଛି ।

ବୃଷ୍ଟିପୁଷ୍ଟ ଅଞ୍ଚଳରେ କୃଷି ବିକାଶ ପାଇଁ କେତୋଟି ମୌଳିକ ସମସ୍ୟାର ସମାଧାନର ରାସ୍ତା ଖୋଜିବାକୁ ପଡିବ । ପ୍ରଥମେ ଜଳ ଓ ମୃତ୍ତିକା ସଂରକ୍ଷଣ ଉପରେ

Digitized by srujanika@gmail.com

ପ୍ରାଧାନ୍ୟ ଦେବାକୁ ହେବ । ବର୍ଷାର ଅନିଶ୍ଚିତତା ସବୁବେଳେ ରହୁଥିବାରୁ ବୃଷ୍ଟିଜଳ ଅମଳ କରିବାକୁ ସର୍ବାଧିକ ପ୍ରାଥମିକତା ଦିଆଯିବା ଛଡା ଅନ୍ୟକିଛି ରାସ୍ତା ନାହିଁ । ପ୍ରତି ଗାଁରେ ପୋଖରୀ, ବନ୍ଧ, ମୁଣ୍ଡା, କଟା, ଫାର୍ମପଣ୍ଡ ଆଦି କିପରି ସମ୍ଭବ ହେବ ତାହା ପାଇଁ ମାଷ୍ଟରପ୍ଲାନ ତିଆରି କରିବାକୁ ହେବ । କେନାଲ୍ ଜଳସେଚନ ପାଇଁ ଏବେ ଏକର ପିଛା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ଏହାର ବିକଳ୍ପ ଭାବେ କ୍ଷୁଦ୍ରାତିକ୍ଷୁଦ୍ର ବା ମାଇକ୍ରୋ ଜଳସେଚନ ଯୋଜନା କିପରି କାର୍ଯ୍ୟ କରାଯାଇ ପାରିବ ତାହା ସବୁ ସ୍ତରରେ ବ୍ୟାପକ ଉଦ୍ୟମ ହେବାର ଆବଶ୍ୟକତା ରହିଛି । ଏହା କୃଷିନୀତିରେ ପ୍ରଥମ କାର୍ଯ୍ୟକ୍ରମ ହିସାବରେ ସ୍ଥାନ ପାଇବାର ଆବଶ୍ୟକତା ରହିଛି । ବୃଷ୍ଟିପୁଷ୍ଟ ଅଞ୍ଚଳରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟଗୁଡିକ ଖାଦ୍ୟ ନିରାପତ୍ତା ଯୋଗାଇବା ସଙ୍ଗେ ସଙ୍ଗେ ଛୋଟ ଛୋଟ କୃଷି ପରିବାର ପାଇଁ ମଧ୍ୟ ଆର୍ଥିକ ସ୍ଥିରତାର ମୂଳଦଣ୍ଡ ହୋଇଛନ୍ତି । ଏଥିପାଇଁ ଏହି କୃଷିଜାତ ଦ୍ରବ୍ୟଗୁଡିକର ମୂଲ୍ୟ, ବଜାର ବେପାର ଓ ଋଣ ଆଦି ବିଷୟ ଉପରେ ସ୍ପଷ୍ଟ ବୁଝାମଣାର ଆବଶ୍ୟକ ରହିଛି । ଛୋଟ ଓ ଗରିବ ଚାଷୀ ନିଜ ଖାଇବା ପାଇଁ ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରିବା ସଙ୍ଗେ ସଙ୍ଗେ କିଛି ବଳକା ବିକ୍ରୟ କରିବାକୁ ବଜାରକୁ ଛାଡୁଛି । ଏଥିପାଇଁ ସର୍ବନିମ୍ନ ଦର ଓ ସ୍ଥିର ବଜାରର ଆବଶ୍ୟକତା ବାରମ୍ବାର ଅନୁଭବ କରାଯାଇପାରିଛି । ବୃଷ୍ଟିପୁଷ୍ଟ ଅଞ୍ଚଳରେ ଚାଷୀକୁ ଯେଉଁ ବୋଝ ନେବାକୁ ପଡୁଛି ଓ ଅନିଶ୍ଚିତତାର ମୁକାବିଲା କରିବାକୁ ପଡୁଛି ତାହା କିପରି ଦୂର କରାଯାଇ ପାରିବ, ତାହା ପାଇଁ ପଦକ୍ଷେପ ନେବାକୁ ହେବ । ଏହା ପାଇଁ ସ୍ପଷ୍ଟ ନୀତି ପ୍ରଣୟନ କରିବାକୁ ହେବ । ଧାନ ଓ ଗହମ ଚାଷ କରୁଥିବା କୃଷକ ପାଇଁ ଅନେକ କିଛି ସୁବିଧା ସୁଯୋଗ ଥିବାବେଳେ ମାଣ୍ଡିଆ ଓ ପନିପରିବା ଚାଷ କରୁଥିବା ଚାଷୀ ସବୁଥିରୁ ବଞ୍ଚିତ ହେଉଛି । ଜଗତୀକରଣ ପ୍ରକ୍ରିୟାରେ କୃଷି ଏପରି ହୋଇଛି ଯେ ଆଜି ଯେଉଁ ଚାଷୀ ମକା, ମାଣ୍ଡିଆ, ହରଡ, ମୁଗ, ସୋରିଷ, ଅଳସୀ, କପା ଆଦି ଚାଷ କରୁଛି, ତାହାର ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ଆନ୍ତର୍ଜାତିକ ବଜାର ଏବଂ ବିଶ୍ୱ ବାଣିଜ୍ୟ ସଂଗଠନର ରୀତିନୀତି ଉପରେ ନିର୍ଭର କରୁଛି । ଏଇଥିପାଇଁ ବୃଷ୍ଟିପୁଷ୍ଟ ଅଞ୍ଚଳର କୃଷି ଗୁରୁତର ବାଧାପ୍ରାପ୍ତ ହୋଇଛି । କୃଷି ଯଦି କେଉଁ କେଉଁ କାରଣ ଯୋଗୁଁ କ୍ଷତି ହେଉଛି, ତାହାର ବୀମା କରାଯିବା ପାଇଁ ନୀତିଗତ ଭାବେ ନିଷ୍ପତ୍ତି ନିଆଯାଉ ନାହିଁ । ବୃଷ୍ଟିପୁଷ୍ଟ ଅଞ୍ଚଳର କୃଷିବିକାଶ ପାଇଁ ରାଜ୍ୟର ମୋଟ ଆୟର କେତେଭାଗ ନିର୍ଦ୍ଦିଷ୍ଟ ଭାବେ ଖର୍ଚ୍ଚ ହେବ, ତାହା ବାସ୍ତବବାଦୀ ହେବାର ଅଛି । ଗ୍ରାମାଞ୍ଚଳ ପାଇଁ ନିଶ୍ଚିତ କର୍ମ ଯୋଗାଣ ଯୋଜନା କିପରି କୃଷି ବିକାଶର ଅସ୍ତ୍ର ହେବ, ସେଥିପାଇଁ ସୁଚିନ୍ତିତ ଯୋଜନା କରିବାର ଅଛି ।

Digitized by srujanika@gmail.com

ବୃଷ୍ଟିପୁଷ୍ଟ ଅଞ୍ଚଳରେ କୃଷକ ମଧ୍ୟ ତାହାର ବିକାଶ ପାଇଁ ଅଣ୍ଟା ଭିଡିଛି । କୃଷକର ସହଭାଗୀତା ଓ ଆନ୍ତରିକତାକୁ କେହି ଜଣେ ହେଲେ ଆଙ୍ଗୁଠି ଦେଖାଇ ପାରିବ ନାହିଁ । କୃଷକ ଆଜି ଜୈବିକ ଚାଷ, ଦେଶୀ ଓ ଅଣରାସାୟନିକ ସାର ଓ କୀଟନାଶକ ଔଷଧର ବ୍ୟବହାର କରୁଛି । ଗୋଷ୍ଠୀ ବିହନ ବ୍ୟାଙ୍କ, ଗୋଷ୍ଠୀ ଜଳସେଚନ ପରିଚାଳନା, କୃଷକ କ୍ଷେତ୍ରସ୍କୁଲ, 'ଶ୍ରୀ' ପଦ୍ଧତିରେ ଚାଷ, ବିଭିନ୍ନ ମିଶ୍ରିତ ଚାଷର ପରୀକ୍ଷା ଆଦି ଉପରେ ଆପଣା ଛାଏଁ ଆଗ୍ରହ ଓ ନବସ୍ପନ୍ଦନ ଦେଖାଇଛି । ବ୍ୟବସାୟିକ କୃଷି ବଦଳରେ ନିରନ୍ତର କୃଷି ଆଦି କେବଳ ଚିନ୍ତାଧାରା ନୁହେଁ, ବାସ୍ତବକ୍ଷେତ୍ରରେ ରୂପାୟିତ ହୋଇଛି । ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ବିହନ ରାଜନୀତିକୁ ମୁକାବିଲା କରିବାକୁ ଚାଷୀକୂଳ ଆଜି ଯେମିତି ନିଜକୁ ପ୍ରସ୍ତୁତ କରୁଛି । ଏସବୁକୁ ବିଚାରକୁ ନେଇ ୨୦୦୮ର ରାଜ୍ୟ କୃଷିନୀତି ବଦଳିବାକୁ ଦାବି କରାଯାଉଛି ।

□□□

Digitized by srujanika@gmail.com

୩୦

ରାଜ୍ୟ କୃଷିନୀତି ଓ କୃଷିଜୀବୀ ମହିଳାଙ୍କ ଭବିଷ୍ୟତ

ସାମ୍ପ୍ରତିକ ରାଜ୍ୟ କୃଷିନୀତିକୁ ଅଧ୍ୟୟନ କରିଲେ ସ୍ପଷ୍ଟ ଅନୁଭବ କରିହୁଏ ଯେ ଅଗଣିତ କୃଷିଜୀବୀ ମହିଳାଙ୍କ ବିକାଶ ଓ ସୁରକ୍ଷା ପାଇଁ ସେମିତି କିଛି ଉଲ୍ଲେଖନୀୟ ପ୍ରସ୍ତାବ ରଖାଯାଇନାହିଁ । ଓଡ଼ିଶାରେ କୃଷିଜୀବୀ ମହିଳାଙ୍କ ସଂଖ୍ୟା ମୋଟ କୃଷିଜୀବୀଙ୍କ ସଂଖ୍ୟାର ପ୍ରାୟ ଶତକଡ଼ା ୪୦ଭାଗ । ଏଥିରେ କୃଷକ ଅଛନ୍ତି ଓ କୃଷିଶ୍ରମିକ ଅଛନ୍ତି । ମୁଁ ଉପକୂଳ ଜିଲ୍ଲାର ଜଳସେଚିତ ଅଞ୍ଚଳ ହେଉ ବା ଆଦିବାସୀ ଅଧ୍ୟୁଷିତ ପାହାଡିଆ ଅଞ୍ଚଳ ହେଉ, ମରୁଡି ପ୍ରପୀଡିତ ଅଞ୍ଚଳ ହେଉ ଅବା ବନ୍ୟା ପ୍ଲାବିତ ଅଞ୍ଚଳ ହେଉ, ସବୁଠାରୁ ଏ କୃଷିଜୀବୀ ମହିଳାମାନଙ୍କୁ ଧାଡିବାନ୍ଧି କର୍ମ ଅନ୍ୱେଷଣରେ ଗାଁ' ବାହାରକୁ ଯିବା ଲକ୍ଷ୍ୟ କରିଛି । କିଏ ଟ୍ରେନ୍‌ରେ ସକାଳୁ ଯାଇ ସନ୍ଧ୍ୟାରେ ଫେରୁଛି ତ ଆଉକିଏ ପେଡିପୁଟୁଳା ବାନ୍ଧି ଦେଶାନ୍ତରୀ ହେଉଛି । ସହର ଉପକଣ୍ଠରେ ଥିବା ଗାଁ'ମାନଙ୍କରୁ ଟିଫିନ୍ ଡ଼ବାଟିଏ ଧରି ଶହ ଶହ ସଂଖ୍ୟାରେ କୃଷିଜୀବୀ ମହିଳା ସହରରେ ବିଭିନ୍ନ ଠିକାକାମ କରିବା ପାଇଁ ଯିବାଆସିବାର ମନ ଚହଲେଇବା ଦୃଶ୍ୟ ଦେଖିଲେ ଜଣେ ଜାଣିପାରିବ ଯେ ଏ ରାଜ୍ୟରେ କୃଷିର ଅବସ୍ଥା କ'ଣ ? କୃଷିନୀତି ପ୍ରଣୟନ ବେଳେ ଏସବୁ ବିଚାରକୁ ନିଆଯାଇନଥିବାରୁ ସ୍ପଷ୍ଟ ଅନୁମେୟ ଯେ ନୀତି ପ୍ରଣେତାମାନେ ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ନୁହନ୍ତି । ରାଜ୍ୟ କୃଷିନୀତିର ଅନେକ ଚରମ ଦୁର୍ବଳତା ଭିତରୁ ଏହା ଅନ୍ୟତମ । ଉପରଠାଉରିଆ ଭାବେ ରାଜ୍ୟନୀତିରେ ଉଲ୍ଲେଖ କରାଯାଇଛି ଯେ ମହିଳାମାନଙ୍କୁ ଟ୍ରେନିଂ ଦିଆଯିବ ଓ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯନ୍ତ୍ରପାତି ବ୍ୟବସ୍ଥା କରାଯିବ । କୃଷିଜୀବୀ ମହିଳାମାନଙ୍କର ସମସ୍ୟା ପ୍ରତି ଧ୍ୟାନ ଦିଆଯିବ । ଯେଉଁ ମହିଳା ସ୍ୱୟଂସହାୟିକା ଦଳମାନେ କୃଷିସାମଗ୍ରୀ ଉତ୍ପାଦନ ଓ ବିକାକିଣାରେ ସମ୍ପୃକ୍ତ ହେବେ, ସେମାନଙ୍କୁ ସହାୟତା ଦିଆଯିବ ।

Digitized by srujanika@gmail.com

ଓଡ଼ିଶାରେ ରାଜ୍ୟ କୃଷିନୀତି ପ୍ରଣୟନ କରିଥିବା ବିଶାରଦ ଓ ବିଶେଷଜ୍ଞମାନେ ସାରା ପୃଥିବୀରେ କୃଷି ଉତ୍ପାଦନ ଓ ବିକାଶ କ୍ଷେତ୍ରରେ କୃଷିଜୀବୀ ମହିଳାଙ୍କ ସ୍ୱତନ୍ତ୍ର ସ୍ଥାନ ବିଷୟରେ ଅବଗତ ଅଛନ୍ତି କି ନାହିଁ ଏପ୍ରଶ୍ନ ପଚରାଯାଇପାରେ । ପୃଥିବୀସାରା କୃଷିଜୀବୀ ମହିଳାଙ୍କ ଉପରେ ବିଭିନ୍ନ ଧରଣର ଗବେଷଣା ଅବାରିତ ଭାବରେ ଚାଲିଛି । କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଜଣାପଡିଛି ଯେ ଏ ମହିଳାମାନେ କୃଷି ଜଗତର ଅନ୍ୟତମ ମୁଖ୍ୟସ୍ତମ୍ଭ ବା ଷ୍ଟେକ୍‌ହୋଲ୍‌ଡର । ବିଶେଷକରି ତୃତୀୟ ବିଶ୍ୱରେ କୃଷିଉତ୍ପାଦନ ଓ ଖାଦ୍ୟନିରାପତ୍ତା କ୍ଷେତ୍ରରେ କୃଷିଜୀବୀ ମହିଳାଙ୍କ ଭୂମିକା ଅଦ୍ୱିତୀୟ । ଏସିଆ, ଆଫ୍ରିକା ଏବଂ ଲାଟିନ୍ ଆମେରିକାରେ ମହିଳା କୃଷିଜୀବୀମାନଙ୍କର ଦାୟିତ୍ୱବାନ୍ ଭୂମିକା ହେତୁ ଦାରିଦ୍ର୍ୟ ଓ କ୍ଷୁଧା ବିରୋଧରେ ସଂଗ୍ରାମ ଜାରି ରହିଛି । ଏକଥା ସତ ଯେ ପୁରୁଷପ୍ରଧାନ ସମାଜରେ ମହିଳାମାନଙ୍କ ସ୍ଥିତି ଦୟନୀୟ । ସେମାନଙ୍କୁ ଏଯାବତ୍ ଜମି, ଜଳ ଓ ଜଙ୍ଗଲ ଉପରେ ମାଲିକାନା ମିଳି ନାହିଁ । ସେମାନଙ୍କୁ ସହଜରେ କୃଷିଋଣ, କୃଷିସାମଗ୍ରୀ, ପ୍ରଶିକ୍ଷଣ ଓ ସମ୍ପ୍ରସାରଣର ଉପାଦାନ ଓ ବିଭିନ୍ନ ସେବା ମିଳେନାହିଁ । କୃଷିବଜାର ଓ ଆନୁସଙ୍ଗିକ ବ୍ୟବସ୍ଥା ସେମାନଙ୍କ ହାତପାହାନ୍ତିରେ ନଥାଏ । ପରିବାର ଚଳାଉଥିବା ଓ ପିଲାଛୁଆଙ୍କ ଦାୟିତ୍ୱ ତୁଲାଉଥିବା ଆମର କୃଷିଜୀବୀ ମାଆ-ଭଉଣୀମାନଙ୍କ ଅବସ୍ଥା କେତେ ଦୟନୀୟ ତାହା କଳ୍ପନା କରାଯାଇପାରେ ନାହିଁ । ପରିବାର ତଥା ସମାଜର ବିକାଶ ପ୍ରକ୍ରିୟାରେ ମହିଳାମାନଙ୍କର ସମଭାଗୀ ଭୂମିକା ରହିବ ବୋଲି ପୃଥିବୀସାରା ସ୍ଲୋଗାନ୍ ଦିଆଯାଉଛି । ମହିଳା ସଶକ୍ତିକରଣ ଦ୍ୱାରା ଅସାଧ ସାଧିତ ହେବ ବୋଲି ଡିଣ୍ଡିମ ପିଟାଯାଉଛି । କିନ୍ତୁ ଅସଲ କ୍ଷେତ୍ରରେ ମହିଳା ବର୍ଗଙ୍କୁ ଦୁର୍ବଳ କରାଯିବାକୁ ସବୁପ୍ରକାର ପଦକ୍ଷେପ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଆଯାଉଛି । କୃଷି କ୍ଷେତ୍ରରେ ଜଗତୀକରଣ, ଘରୋଇକରଣ ଓ ବ୍ୟବସାୟୀକରଣ ପ୍ରକ୍ରିୟା ଜୋରସୋରରେ ପ୍ରବେଶ କରିଛି । ଜମି, ଜଳ, ବିହନ, କୃଷିସମ୍ବନ୍ଧୀୟ ବୈଷୟିକଜ୍ଞାନ, କୃଷିଜାତ ପଦାର୍ଥର ପ୍ରକ୍ରିୟାକରଣ ଓ ସର୍ବୋପରି ଖାଦ୍ୟ କ୍ଷେତ୍ରରେ ଉପଭୋକ୍ତାବାଦ ଭଳି ନୂତନ ମୂଲ୍ୟବୋଧ ଅନୁପ୍ରବେଶ କରିସାରିଛି । ଏହାର ସୁଦୂର ପ୍ରସାରୀ ପ୍ରଭାବ ମହିଳାମାନଙ୍କ ଉପରେ ସ୍ପଷ୍ଟ ପରିଲକ୍ଷିତ ହେଉଛି । ଏସବୁ ବିଚାରକୁ ନେଇ କୃଷିଜୀବୀ ମହିଳାଙ୍କ ଢ଼ାଞ୍ଚାଗତ ଭୂମିକାରେ ମୌଳିକ ପରିବର୍ତ୍ତନ ଆଣିବାର ପ୍ରୟାସ ଏବେ ସବୁଆଡେ ଜାରି ରହିଛି । ଏଥିପାଇଁ ଆମ ଦେଶର ଏଗାରତମ ପଞ୍ଚବାର୍ଷିକ ଯୋଜନାରେ ମହିଳାବର୍ଗଙ୍କୁ ସବୁ କାର୍ଯ୍ୟକ୍ରମରେ କେନ୍ଦ୍ରବିନ୍ଦୁ କରାଯିବାକୁ ଉଦ୍ୟମ କରାଯାଇଛି । ଯେଉଁସବୁ ପ୍ରସ୍ତାବ ରହିଛି ସେଥିରେ କୁହାଯାଇଛି ଯେ

Digitized by srujanika@gmail.com

କୃଷିକ୍ଷେତ୍ରରେ ଜି.ଡ଼ି.ପି.ର ଶତକଡ଼ା ଦଶଭାଗ ପୁଞ୍ଜିନିବେଶ କରାଯିବ ଓ ମହିଳା କୃଷିଜୀବୀଙ୍କ ସାମଗ୍ରିକ ବିକାଶ ପ୍ରତି ଧ୍ୟାନ ଦିଆଯିବ । ମହିଳାମାନଙ୍କର ଜମି ଉପରେ ମାଲିକାନା ବଜାୟ ରଖିବା ପାଇଁ ଯୁଗ୍ମ ପଟ୍ଟାର ବ୍ୟବସ୍ଥା କରାଯିବ । ସର୍ବସାଧାରଣ ଭୂସମ୍ପଦର ପରିଚାଳନା ଭାର ମହିଳାଙ୍କ ଉପରେ ନ୍ୟସ୍ତ କରାଯିବ । ଜମିହୀନ ମହିଳାମାନଙ୍କୁ ଜମି ଯୋଗାଇ ଦିଆଯିବ । ନିରନ୍ତର କୃଷି ଓ ଜୈବବିବିଧତା ବଜାୟ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ, ଯାହା ମହିଳା କୃଷିଜୀବୀଙ୍କୁ ଲାଭଦାୟକ ହେବ । କୃଷିକ୍ଷେତ୍ରରୁ ମହିଳାମାନେ ବିସ୍ଥାପିତ ନହେବାକୁ ନିରାପତ୍ତାର ବ୍ୟବସ୍ଥା କରାଯିବ । ଏବର ରାଜ୍ୟ କୃଷିନୀତିରେ ଏଗାରତମ ପଞ୍ଚବାର୍ଷିକ ଯୋଜନାର କୌଣସି ପ୍ରତିଫଳନ ହୋଇନାହିଁ ବୋଲି ସ୍ପଷ୍ଟ ଜଣାପଡ଼ିଛି ।

ରାଜ୍ୟ କୃଷିନୀତିରେ ମହିଳାଙ୍କ ଭୂମିକା ଓ ସୁରକ୍ଷାକୁ ମାନ୍ୟତା ଦିଆଯାଇ ଆଉଥରେ ଏହାର ପ୍ରଣୟନ ଧାରା ବଦଳେଇବାକୁ ମୁଁ ନିଶ୍ଚୟ ଦାବି କରିବି । କେତୋଟି ଧାଡ଼ିରେ ସବୁକିଛି ଉଲ୍ଲେଖନକରି କୃଷିନୀତିର ଏକ ବିଶେଷ ଅଂଶ ହିସାବରେ ମହିଳା କୃଷିଜୀବୀମାନଙ୍କର ବିକାଶକୁ ଉପସ୍ଥାପନା କରିବାକୁ ହେବ । ଏଥିପାଇଁ ମୌଳିକ ଚିନ୍ତନର ଆବଶ୍ୟକତା ରହିଛି । ଆହୁରି ଆବଶ୍ୟକତା ରହିଛି କୃଷିଗବେଷଣାର । ମହିଳା କୃଷିଜୀବୀମାନଙ୍କ ସହ ଯେଉଁ ବାର୍ତ୍ତାଳାପ କରିବା ଜରୁରି ତାହା ମଧ୍ୟ କୃଷିନୀତିରେ ସ୍ଥାନ ପାଇବା କଥା । ଆଜିକାଲି ସ୍ୱୟଂସହାୟକ ଦଳ ବାନା ଉଡାଇବାରେ ସମସ୍ତେ ବ୍ୟସ୍ତ ଅଛନ୍ତି । କିନ୍ତୁ ସ୍ୱୟଂସହାୟକ ଦଳ ସମୂହଙ୍କ କୃଷି ପ୍ରତି କେତେ ଦୃଷ୍ଟି ଅଛି ଓ ସେମାନଙ୍କର ସୀମାବଦ୍ଧତା କିପରି ନିର୍ଦ୍ଧାରିତ ହେଉଛି ତାହା ଅଟକଳ ନକରି କୃଷିବିକାଶର ପରିଭାଷା ପ୍ରକାଶ କରିବା କେତେଦୂର ଯଥାର୍ଥ ତାହା ପଚାରିବାର ଅଛି ।

କୃଷି ବିକାଶରେ ମହିଳାମାନଙ୍କର ଭୂମିକା ନିର୍ଦ୍ଧାରଣ କରିବାକୁ ହେଲେ ମହିଳାମାନଙ୍କୁ ଜଳ, ଜମି ଆଦି ସମ୍ପଦ ଉପରେ ମାଲିକାନାକୁ ବିଚାରକୁ ନିଆଯିବା ନିତାନ୍ତ ଆବଶ୍ୟକ । ଏହା ସାଙ୍ଗରେ କୃଷିଋଣ, କୃଷିସାମଗ୍ରୀ ଓ ପ୍ରଶିକ୍ଷଣ ସେବାର ବ୍ୟବସ୍ଥା ମଧ୍ୟ ହେବାର ଅଛି । ଆଗରୁ କହିସାରିଛି ଯେ ଆମର ପୁରୁଷପ୍ରଧାନ ସମାଜରେ ମହିଳାମାନଙ୍କୁ ଉପରୋକ୍ତ କ୍ଷେତ୍ରରେ ବଞ୍ଚିତ କରାଯାଇଛି । ଜମି ଓ ଜଳସେଚନର ମାଲିକାନା ପୁରୁଷମାନଙ୍କ ହାତରେ । କୃଷିଋଣ କେବଳ ପୁରୁଷମାନେ ପାଇପାରିବେ । କୃଷି ପ୍ରଶିକ୍ଷଣ ଓ ସମ୍ପ୍ରସାରଣ ସେବା ପୁରୁଷମାନଙ୍କ ଦ୍ୱାରା ପୁରୁଷ

Digitized by srujanika@gmail.com

କୃଷିଜୀବୀ ଓ କୃଷକ ପାଇଁ ମୋଟାମୋଟି ଉଦ୍ଦିଷ୍ଟ । ସରକାରଙ୍କ କୃଷିବିଭାଗ ହେଉ ବା କୃଷି ବିଶ୍ୱବିଦ୍ୟାଳୟ ହେଉ, ଏହି ଭେଦଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି । ଆଜିପର୍ଯ୍ୟନ୍ତ ନୀତିଗତ ଭାବେ ଆବଶ୍ୟକୀୟ ନିଷ୍ପତ୍ତି ନିଆଯାଇନାହିଁ ବା ଆଇନ୍ ପ୍ରଣୟନ କରାଯାଇନାହିଁ ଯାହାବଳରେ ମହିଳାମାନେ ଜମିର ଯୁଗ୍ମମାଲିକାନା ପାଇପାରିବେ । କେବଳ ଗୋଟିଏ ବ୍ୟତିକ୍ରମ ହୋଇଛି । ସ୍ୱର୍ଗତ ଶ୍ରୀ ବିଜୁପଟ୍ଟନାୟକ ଆଦିବାସୀ ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ଥିଲେ ଓ ସରକାରୀ ଜମି ବଣ୍ଟନ ବେଳେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ନାମରେ ଜମିର ପଟ୍ଟା ନିଶ୍ଚିତ ହେବ ବୋଲି ସରକାରୀ ଘୋଷଣାନାମା ପ୍ରକାଶ କରିଥିଲେ । ତାହାକୁ ଛାଡିଦେଲେ ଓଡ଼ିଶାର ରାଜନୈତିକ ଇତିହାସରେ ରାଜନୀତି କରିଥିବା ବ୍ୟକ୍ତିମାନେ ମହିଳାଙ୍କ ପ୍ରତି କେତେ ସମ୍ବେଦନଶୀଳ ତାହା ସ୍ପଷ୍ଟ ଅନୁମାନ କରିହୁଏ । କୃଷିଜୀବୀ ମହିଳାମାନେ କୃଷିର ମଙ୍ଗଧରନ୍ତୁ ବୋଲି ଆମର ରାଜନୈତିକ ନେତା, ସାମାଜିକ କର୍ମୀ, ଗବେଷକ ଓ କୃଷକ ସଂଗଠନମାନେ ଆନ୍ତରିକତାର ସହ ଆଶା କରନ୍ତିକି ? କୃଷିଜୀବୀ ମହିଳାମାନଙ୍କର ସ୍ଥିତି କୃଷିଶ୍ରମିକଙ୍କ ଭଳି । କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି ସ୍ଥିତି ସବୁଠାରେ ବିରାଜମାନ କରୁଛି ଓ କୃଷିକାର୍ଯ୍ୟ ପାଇଁ ସେମାନଙ୍କ ଆବଶ୍ୟକୀୟ ସର୍ବନିମ୍ନ ମଜୁରି ମଧ୍ୟ ଦିଆଯାଉନାହିଁ । ଆଦିବାସୀ ଅଞ୍ଚଳରେ ନୂତନଭାବେ ଯେଉଁ ପଟ୍ଟା ଦିଆଯାଉଛି ସେଥିରେ ସ୍ତ୍ରୀର ମାଲିକାନା ଥିବାରୁ ସ୍ୱାମୀ ସହଜରେ ତାହାର ବିକାକିଣା କରିପାରୁ ନାହିଁ । ଆଗରୁ ସ୍ୱାମୀ ମଦ୍ ବୋତଲକ ପାଇଁ ଯେଉଁଭଳି ସାହୁକାର ପାଖରେ ଜମି ବନ୍ଧକ ଦେଉଥିଲା ବା ବିକ୍ରୟ କରୁଥିଲା ତାହା ଆପାତତଃ ହ୍ରାସ ପାଇଛି । ଆଦିବାସୀ ଅଞ୍ଚଳରେ ମହିଳା କୃଷିଜୀବୀ ଖରା, ବର୍ଷା, ଶୀତ ନମାନି ହାଡ଼ଭଙ୍ଗା ପରିଶ୍ରମ କରୁଛି ସତ ତାହାର ମଦ୍ୟପ ସ୍ୱାମୀ ମଦଭାଟିରେ ସବୁ ଆୟ ଖର୍ଚ୍ଚ କରି ଦେଉଛି । ମହିଳାକୁ କୃଷିଋଣ ମିଳୁନାହିଁ । ଯଦି କୌଣସି କାରଣରୁ ସ୍ୱାମୀ ମରିଗଲା କି ଆତ୍ମହତ୍ୟା କରିଲା, ତେବେ ପରିବାରଟି ସର୍ବସ୍ୱାନ୍ତ ହୋଇଯାଉଛି । କୃଷିଜୀବୀ ମହିଳାକୁ ଜଳସେଚନ, ପଶୁପାଳନ ଆଦି ପାଇଁ ପୁଞ୍ଜି ମିଳୁନାହିଁ । ପାରିବାରିକ ଖାଦ୍ୟନିରାପତ୍ତା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ କେବଳ ଏଥିପାଇଁ । କୃଷିଜୀବୀ ମହିଳାମାନଙ୍କର ସ୍ଥିତି ଦୁର୍ବଳରୁ ଦୁର୍ବଳତର ହେବାରେ ଲାଗିଛି । ଗବେଷଣା ଓ ବୈଷୟିକଜ୍ଞାନ ବିକାଶ କ୍ଷେତ୍ରରେ ମହିଳାମାନଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ସୃଷ୍ଟିକରାଯାଉନାହିଁ । ଓଡିଶା ଭଳି କୃଷିପ୍ରଧାନ ରାଜ୍ୟରେ ମହିଳାମାନଙ୍କର ସ୍ଥିତି

Digitized by srujanika@gmail.com

କେଉଁଭଳି ଅଛି, ତାହା ପର୍ଯ୍ୟାପ୍ତ ଗବେଷଣାର ଅଂଶବିଶେଷ ହୋଇନାହିଁ ଏଯାବତ୍ । କୃଷିଜୀବୀ ମହିଳାମାନେ କିପରି କୃଷିଜାତ ସାମଗ୍ରୀର ବଜାର ଓ ବାଣିଜ୍ୟ ବେପାର ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ତାହାର ନିର୍ଦ୍ଦିଷ୍ଟ ରୂପରେଖ କୃଷିନୀତିରେ ଉଲ୍ଲେଖ କରାଯାଇନାହିଁ । ଏଥିପାଇଁ ସୂଚନା ଓ ତଥ୍ୟର ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇନାହିଁ । କୃଷିର ପାରମ୍ପରିକ ପଦ୍ଧତି ଓ ଗତିରେ ଭିନ୍ନତା ଆଣିବାକୁ ହେଲେ ମହିଳା କୃଷିଜୀବୀମାନଙ୍କ ମନରେ ବିଶ୍ୱାସ ଜମାଇବାକୁ ହେବ । ମହିଳା କୃଷିଜୀବୀମାନେ ସଂଘବଦ୍ଧ ଭାବରେ ସମବାୟ ସମିତି ଗଢ଼ି ଖାଦ୍ୟ ଉତ୍ପାଦନ କରିପାରିବାକୁ ସକ୍ଷମ । ପନିପରିବା ଉତ୍ପାଦନ ହେଉ ବା ଦୁଗ୍ଧ ଉତ୍ପାଦନ ହେଉ, ଖାଦ୍ୟ ପ୍ରକ୍ରିୟାକରଣ ହେଉ ବା ସାମୂହିକ ବିକାକିଣା ହେଉ, ସମବାୟ ସମିତି ଭଳି ସଂଘବଦ୍ଧ କାର୍ଯ୍ୟ ଏକମାତ୍ର ମାଧ୍ୟମ । ପୃଥିବୀସାରା ଏହାର ସଫଳ ଉଦାହରଣ ଦେଖାଦେଇଛି । ରାଜ୍ୟ କୃଷିନୀତିରେ ଏହାର କୌଣସି ଆଭାସ ମିଳିନାହିଁ । ଏହା ବଡ଼ କ୍ଷୋଭର ବିଷୟ । ଜଗତୀକରଣ ଓ ବିଶ୍ୱବାଣିଜ୍ୟ ସଂଗଠନ ବା ଡ଼ବ୍ଲ୍ୟୁ.ଟି.ଓ ଆଦି ଯେତେବେଳେ ବିଶ୍ୱ କୃଷି ଓ ତତ୍‌ସଂଶ୍ଳିଷ୍ଟ ବଜାରକୁ ନିୟନ୍ତ୍ରଣ କରୁଛନ୍ତି, ସେତେବେଳେ ମହିଳା କୃଷିଜୀବୀମାନଙ୍କୁ ବଜାର ଓ ବେପାର ସମ୍ବନ୍ଧରେ ସଚେତନ କରାଇବା ପାଇଁ ବିଶେଷ ଉଦ୍ୟମ ହେବା ନିତାନ୍ତ ଆବଶ୍ୟକ । ରାଜ୍ୟ କୃଷିନୀତିରେ ମହିଳାମାନଙ୍କୁ ବ୍ୟବସାୟ ଉଦ୍ୟୋଗରେ ଉଦ୍‌ଯୋଗୀ ହେବାର ପ୍ରସ୍ତାବ ଦିଆଯାଇଛି । ଏହା କିପରି ସମ୍ଭବ ହେବ ତାହାର ପ୍ରସ୍ତାବ ନାହିଁ । ମହିଳା କୃଷିଜୀବୀମାନଙ୍କୁ ଉଦ୍ୟୋଗପତି କରିବା ଦାୟିତ୍ୱ ସ୍ୱେଚ୍ଛାସେବୀ ସଂଗଠନ ଓ ସାମାଜିକ ଅନୁଷ୍ଠାନମାନଙ୍କ ଉପରେ ନ୍ୟସ୍ତ କରିବାର ପ୍ରସ୍ତାବ ନୀତିନିର୍ଦ୍ଧାରଣ କରୁଥିବା ବିଶାରଦମାନେ ଭୁଲି ଯାଇଛନ୍ତି ବୋଧେ ।

କୃଷିଜୀବୀ ମହିଳାମାନଙ୍କର ସର୍ବପ୍ରଥମେ ଆବଶ୍ୟକ ଖାଦ୍ୟ ଓ ପୁଷ୍ଟିସାର ନିରାପତ୍ତା । ଶିଶୁ ତଥା ପରିବାରର ମୌଳିକ ଖାଦ୍ୟ ଓ ପୁଷ୍ଟିସାର ସୁରକ୍ଷା ଦିଗରେ ମହିଳାମାନେ ସଦାସର୍ବଦା ଚିନ୍ତିତ ଓ ଉଦ୍ୟମରତ । ଏଇଥିପାଇଁ କୃଷିର ଦିଗ ନିର୍ଦ୍ଧାରଣ ଓ ପ୍ରସାର ଏମାନଙ୍କ ଉପରେ ନିର୍ଭର କରେ । ଏମାନଙ୍କର ନିଷ୍ପତ୍ତି ପଛରେ ଏକ ଦୀର୍ଘ ଇତିହାସ ଓ ପରମ୍ପରା ରହିଛି । ଆହୁରି ରହିଛି ଏକ ମୂଲ୍ୟବୋଧ । ପରିବାର ସୁସ୍ଥ ଓ ନିରୋଗ ରହିବ କି ନାହିଁ ମହିଳା କୃଷିଜୀବୀଙ୍କ ଉପରେ ସାମଗ୍ରିକ ଭାବେ ନିର୍ଭରଶୀଳ । କୃଷିଜୀବୀ ମହିଳାକୁ ଯଦି ପ୍ରଶ୍ନ କରାଯାଏ ସେ ତା'ର ଜମିରେ ମକା-

Digitized by srujanika@gmail.com

ମାଣ୍ଡିଆ ଫସଲ କରିବ କି ତାହାକୁ କପାଚାଷରେ ବିନିଯୋଗ କରିବ ବା ଇୟୁକାଲିପ୍ଟସ କି ଜାଟ୍ରୋଫା ଗଛ ଲଗାଇବ, ତାହାର ଉତ୍ତର ସେ ସ୍ପଷ୍ଟ ଭାବରେ ନିଶ୍ଚିତ ଦେଇପାରିବ । ଗୁଣାତ୍ମକ ଖାଦ୍ୟ ଉତ୍ପାଦନ ମହିଳା କୃଷିଜୀବୀଙ୍କ ଉପରେ ନିର୍ଭର କରିଆସିଛି ସବୁଦିନେ ଓ ଭବିଷ୍ୟତରେ ନିଶ୍ଚିତ କରିବ ଏଥିରେ ସନ୍ଦେହ ନାହିଁ । ଏ ରାଜ୍ୟରେ କୃଷିର ଭବିଷ୍ୟତ ମହିଳା କୃଷିଜୀବୀଙ୍କ ଉପରେ ନିର୍ଭର କରୁଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ମହିଳାମାନେ କୃଷିରୁ ନିରାଶ ହୋଇ ଅନ୍ୟତ୍ର ବା ଅନ୍ୟ ଜୀବିକା ପ୍ରତି ଆକୃଷ୍ଟ ହେବା ଯଥାର୍ଥ କି ନାହିଁ ଏ ବିଷୟରେ ତର୍କ ହେବା ଆବଶ୍ୟକ । ସମାଜବିଜ୍ଞାନୀ ଓ ଅର୍ଥନୀତି ବିଶାରଦମାନେ କହି ଆସିଛନ୍ତି ଯେ ମହିଳା କୃଷିଜୀବୀମାନେ କେବଳ କାହିଁକି ମାଟିକାଦୁଅରେ ଘାଣ୍ଟିଚକଟି ହେବେ ? ସେମାନଙ୍କର ଉପରକୁ ଉଠିବାର ଅଧିକାର ନାହିକି ? ସହର ଓ ଶିଳ୍ପାଞ୍ଚଳରେ ଶସ୍ତାଶ୍ରମ ହିସାବରେ ନିଜର ନିଜତ୍ୱକୁ ବିକ୍ରୟ କରିବା, ଉପରକୁ ଉଠିବା ସହ ସମାନ ନୁହେଁ । କିନ୍ତୁ କୃଷିକ୍ଷେତ୍ରରେ ଅବହେଳା ଯୋଗୁଁ ଏହି ପ୍ରକ୍ରିୟା ଏବେ ଗୁରୁତର ସ୍ଥିତିରେ ପହଞ୍ଚିଛି । ଆଜି କଳାହାଣ୍ଡି ଓ ନୂଆପଡ଼ାର କୃଷିଜୀବୀ ମହିଳାମାନେ ବିଜିଓ୍ୱାଡ଼ା ଓ ହାଇଦ୍ରାବାଦର ଇଟାଭାଟିକୁ ପଳାୟନ କରୁଛନ୍ତି । କେନ୍ଦୁଝର ଓ ସୁନ୍ଦରଗଡ଼ରେ ଆଦିବାସୀ ମହିଳା ଆଜି ଖଣିଖାଦାନକୁ କାମ କିରବାକୁ ଯାଉଛି ନଚେତ୍ ଭୁବନେଶ୍ୱରର ଗୃହନିର୍ମାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛି ଅଥବା ଧନୀଘରେ ଚାକରାଣୀ ହେବାକୁ ଶ୍ରେୟସ୍କର ମନେକରୁଛି । କୃଷିଜୀବୀ ମହିଳା ଚାହୁଁଛି ତାହାର ଆତ୍ମସମ୍ମାନ ଓ ଆର୍ଥିକ ସ୍ୱାବଲମ୍ବନଶୀଳତା । ରାଜ୍ୟ କୃଷିନୀତିରେ ଏସବୁ କିପରି ସମ୍ଭବ ତାହାର କୌଣସି ସଙ୍କେତ ଦେଖିବାକୁ ମିଳୁନାହିଁ ।

ОӦО

Digitized by srujanika@gmail.com

୩୧

ଜଳବାୟୁ ପରିବର୍ତ୍ତନ ଓ ପ୍ରଭାବିତ ବିଶ୍ୱ ଆଦିବାସୀ (୧)

ଏ ସ୍ତମ୍ଭର ପାଠକମାନେ ବିଶ୍ୱ ପ୍ରସିଦ୍ଧ ଭବିଷ୍ୟବାଦୀ ଲେଖକ ଓ ବୈଜ୍ଞାନିକ ଜେମ୍‌ସ ଲଭ୍‌ଲକ୍ (James Lovelock)ଙ୍କ ବିଷୟରେ ଶୁଣିଛନ୍ତି କି ? ତାଙ୍କର ବିଖ୍ୟାତ ବହି 'ଗାଇୟା'(Gaia : A New Look at Life on Earth) କୁ ପଢ଼ିବାକୁ ଚେଷ୍ଟା କରିଛନ୍ତି କି ? ଅଶୀଦଶକରେ ଏ ବହିଟି ବିଶ୍ୱବାସୀଙ୍କ ଧ୍ୟାନ ଆକର୍ଷଣ କରିଥିଲା ଓ ମୋର ଜଣେ ଆମେରିକୀୟ ବନ୍ଧୁ ବହିଟିକୁ ମୋ ପାଖକୁ ପଠାଇଥିଲେ । 'ଗାଇୟାଦର୍ଶନ' ବା GAIASOPHY ବୋଲି ଏକ ମୌଳିକ ଚିନ୍ତନ ସହ ପରିଚିତ ହେବାକୁ ଅନୁରୋଧ କରିଥିଲେ । ଗ୍ରୀକ୍ ଶବ୍ଦାବଳୀରେ ଗାଇୟାମାନେ ପୃଥିବୀ ଓ ଲଭ୍‌ଲକ୍ ପୃଥିବୀକୁ ଏକ ଜୀବନ୍ତ ପ୍ରାଣୀ ବୋଲି ଧରିଛନ୍ତି ଯିଏ କି ଶ୍ୱାସ ପ୍ରଶ୍ୱାସ ନେଉଛି ଓ ସ୍ପନ୍ଦିତ ହେଉଛି ପ୍ରତି ମୁହୂର୍ତ୍ତରେ । ଏବେ ୨୦୦୬ ମସିହାରେ ଲଭ୍‌ଲକ୍ ଜଳବାୟୁ ପରିବର୍ତ୍ତନକୁ ଆଧାର କରି ଆଉ ଗୋଟିଏ ଲୋକପ୍ରିୟ ବହି ଲେଖିଛନ୍ତି ଯାହାର ନାମ ହେଉଛି 'ଦି ରିସର୍ଜେନ୍‌ସ ଅଫ ଗାଇୟା' । ସେ ବିଶ୍ୱବାସୀଙ୍କୁ ସତର୍କ କରି ଦେଇ ଉଲ୍ଲେଖ କରିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଦ୍ୱାରା କୋଟି କୋଟି ଲୋକେ ମୃତ୍ୟୁବରଣ କରିବାକୁ ଯାଉଛନ୍ତି ଓ ଏକବିଂଶ ଶତାବ୍ଦୀର ଶେଷ ଭାଗରେ ପୃଥିବୀ ଜନଶୂନ୍ୟ ପ୍ରାୟ ହୋଇଯାଇଥିବ । କେବଳ ଉତ୍ତରମେରୁ ବା ଦକ୍ଷିଣମେରୁ ଅଞ୍ଚଳରେ ମଣିଷ ବଞ୍ଚିବା ପାଇଁ ସୀମିତ ଅନୁକୂଳ ବାତାବରଣଥିବ । ସେଠାରେ ଲୋପ ହେବାକୁ ଯାଉଥିବା ମଣିଷନାମକ ଏକ ପ୍ରଜାତି ମୃତ୍ୟୁସହ ସଂଗ୍ରାମ କରୁଥିବ । ଲଭଲକ୍‌ଙ୍କ ଆଶଙ୍କା ହୋଇଛି ଯେ ଏ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରାୟ ୧ଲକ୍ଷ ବର୍ଷ ପର୍ଯ୍ୟନ୍ତ ଲାଗି ରହିବ । ସେ ଭବିଷ୍ୟତବାଣୀ ଶୁଣାଇଛନ୍ତି ଯେ ଏବର ବରଫାବୃତ ମେରୁ ଅଞ୍ଚଳରେ ଓଟମାନେ ବସବାସ କରିବେ । ଅର୍ଥାତ୍ ଏପରି ସମୟ ଆସୁଛି

Digitized by srujanika@gmail.com

ଯେତେବେଳେ ମେରୁଅଞ୍ଚଳ ମରୁଭୂମିରେ ପରିଣତ ହେବ । ଏହା କ'ଣ ସତରେ ସମ୍ଭବ ହେବ ବା କେବଳ ଜଣେ ବୈଜ୍ଞାନିକର ମନଗଢ଼ା କାହାଣୀ ହୋଇ ରହିବ ? ଏବର୍ଷ ଉତ୍ତରମେରୁ ଅଞ୍ଚଳରେ ଗ୍ରୀନ୍‌ଲ୍ୟାଣ୍ଡ ଇଲାକାରେ ବରଫ ଏତେମାତ୍ରାରେ ତରଳିଛି ଯେ ଯେଉଁଠି କେବେହେଲେ ବି ଜାହାଜମାନେ ଯାତାୟତ କରୁନଥିଲେ, ସେଠାରେ ସେ ସବୁ ଚଳାଚଳ କରିଛି । ଏହା ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଛି । ଉତ୍ତରମେରୁ ଅଞ୍ଚଳରେ ରହୁଥିବା ଇନ୍ୟୁଇଟ୍(Inuit) ଆଦିବାସୀମାନଙ୍କର ଭବିଷ୍ୟତ କ'ଣ ହେବାକୁ ଯାଉଛି ଯେ ବିଷୟରେ ସାରାପୃଥିବୀ ଆଶଙ୍କିତ ହୋଇପଡିଛି ।

ଇନ୍ୟିଟ୍ ଆଦିବାସୀମାନେ ଗ୍ରୀନ୍‌ଲ୍ୟାଣ୍ଡ, ମେରୁପ୍ରାନ୍ତୀୟ କାନାଡା ଓ ଯୁକ୍ତରାଷ୍ଟ୍ର ଆମେରିକାର ଆଲାସ୍କା ଅଞ୍ଚଳରେ ରହନ୍ତି । ବର୍ଷସାରା ସେଠାରେ ବରଫ ହିଁ ବରଫ । ଛଅମାସ ଆଲୋକ ଓ ଛଅମାସ ଅନ୍ଧାର । ଇନ୍ୟିଟ୍ ମାନଙ୍କର ଜୀବନ ଓ ଜୀବିକା ପୃଥିବୀର ଅନ୍ୟ ପ୍ରାନ୍ତଠାରୁ ସମ୍ପୂର୍ଣ୍ଣ ଭିନ୍ନ । ପ୍ରଚଣ୍ଡ ଶୀତ ସେଠାରେ । ଏ ଆଦିବାସୀମାନଙ୍କର ସମୁଦ୍ରରୁ ମାଛ ମାରିବା, ସିଲ୍ ବା ତିମିମାଛ ଏବଂ କାରିବ୍ୟୁ ବା ବଲ୍‌ଗାହରିଣ ଶିକାର ପ୍ରଧାନ ପେଶା । ସେମାନଙ୍କର ଖାଦ୍ୟ, ବସ୍ତ୍ର, ବାସଗୃହ, ପାରିବାରିକ ଆୟ ସବୁକିଛି ଏଇ ଶିକାରରୁ ପାଇଥାଆନ୍ତି । ବର୍ଷାସାରା ଖାଇବାର ଅଭାବ ନଥାଏ କାରଣ ସେମାନେ ମାଛ ମାଂସ ଶୁଖାଇ ରଖିଥାଆନ୍ତି । ଗ୍ରୀନ୍‌ଲ୍ୟାଣ୍ଡର ସ୍ଥଳଭାଗ ହେଉ ବା ଆର୍କଟିକ୍(Arctic) ମହାସାଗର ହେଉ, ମାଛ ଏବଂ ଜୀବଜନ୍ତୁ ନେଇ ଏକ ଚମତ୍କାର ଜୈବବିବିଧତା ବିରାଜମାନ କରିଆସିଛି । ବରଫ ଭିତରେ ଜୀବ ଓ ଜୀବନର ବିନ୍ୟାସ ଅଦ୍ୱିତୀୟ ଭାବେ ସୃଷ୍ଟି ହୋଇଛି । ଜଳବାୟୁ ପରିବର୍ତ୍ତନ ଓ ପୃଥିବୀରେ ଉଚ୍ଚତାପମାନର ପ୍ରଭାବ ଫଳରେ ସେ ଅଞ୍ଚଳରେ ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ପାରିବେଶିକ ଜୀବନ ଆଦି ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଗତ ୫୦ବର୍ଷଧରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅନୁଭୂତ ହେଉଛି ସତ କିନ୍ତୁ ଗତ ବର୍ଷେ ଦୁଇବର୍ଷ ହେଲା ବରଫ ଅଭୁତପୂର୍ବ ଓ ଭୟାନକ ଭାବେ ତରଳିବାକୁ ଆରମ୍ଭ କରିଛି । ମେରୁ ଅଞ୍ଚଳରେ ସ୍ତରସ୍ତର ହୋଇ ବରଫ ଓ ପ୍ରତ୍ୟେକ ସ୍ତରର ଏକ ବୈଜ୍ଞାନିକ ଓ ପାରିବେଶିକ ଯଥାର୍ଥତା ରହିଆସିଛି । ମେରୁ ଅଞ୍ଚଳର ବରଫ ସୂର୍ଯ୍ୟାଲୋକ ଓ ଅନ୍ୟ ବିକିରଣକୁ ମହାକାଶକୁ ପ୍ରତିଫଳିତ କରିବା ଦ୍ୱାରା ପୃଥିବୀରେ ଏକ ସନ୍ତୁଳିତ ତାପ ଓ ବାତାବରଣ ରହିଆସିଛି । କିନ୍ତୁ ଏ ଅଞ୍ଚଳର ବରଫ ତରଳିବା ହେତୁ ଏସିଆର ମଧ୍ୟ ଭାଗରେ ମରୁଡି ହେବା ବା ଦକ୍ଷିଣ ଏସିଆରେ ବନ୍ୟା ହେବା ନିଶ୍ଚିତ

Digitized by srujanika@gmail.com

ହୋଇଯାଇଛି । କିନ୍ତୁ ସବୁଠାରୁ ଭୟାନକ ଘଟଣା ଘଟିବାକୁ ଯାଉଛି ଇନ୍ୟିଟ୍ ଆଦିବାସୀଙ୍କ ଜୀବନରେ । ପ୍ରଥମ ଥର ପାଇଁ ସେମାନଙ୍କୁ ବିସ୍ତୃତ ଓ ମୋଟା ବରଫର ସ୍ତର ବଦଳରେ ପତଳା ଓ ଭାସମାନ ବରଫ ଖଣ୍ଡ ଦେଖିବାକୁ ପଡୁଛି । ସେମାନଙ୍କର ବସବାସକ୍ଷେତ୍ର ଅବକ୍ଷୟ ହୋଇଯାଇଛି । ବରଫଉପରେ ଏମାନେ ସାଧାରଣତଃ ଘର କରି ରହନ୍ତି ।ଏବେ କାହା ଉପରେ ସେମାନେ ଘର କରିବେ ପ୍ରଶ୍ନ ଉଠିଛି । ବରଫ ତରଳିଲେ ସେଠାରେ ସ୍ୱାଭାବିକ ଭାବେ ବସବାସ କରୁଥିବା ତିମିମାଛ, ସିଲ୍‌ମାଛ, ଧଳାଭାଲୁ, ବଲ୍‌ଗା ହରିଣ, ଧଳା କୋକିଶିଆଳି, ଅନେକ କିସମର ପକ୍ଷୀ ସେ ସ୍ଥାନ ଛାଡି ଚାଲିଯିବେ ବା ଧ୍ୱଂସ ହୋଇଯିବେ । ଏହା ଫଳରେ ମେରୁ ଅଞ୍ଚଳର ବାସିନ୍ଦାଙ୍କ ଜୀବିକା ମଧ୍ୟ ଧ୍ୱଂସ ହୋଇଯିବ । ଏମାନେ ଯଦି ଶିକାର କରିବେ ନାହିଁ, ତେବେ ଖାଇବେ କ'ଣ ? ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା କ'ଣ ହେବ ? ଏହା ଉପରେ ଏବେ ବିଭିନ୍ନ ମହଲରେ ଆଲୋଚନା ଚାଲିଛି । ପ୍ରାକୃତିକ ଖାଦ୍ୟ ବଦଳରେ ସୁପରମାର୍କେଟ୍ ଖାଦ୍ୟ, ଇନ୍ୟିଟ୍ ମାନଙ୍କୁ ବିଭିନ୍ନ ପ୍ରକାରର ରୋଗ ବେମାରୀର ଶିକାର ହେବାକୁ ବାଧ କରିବ । ଇନ୍ୟିଟ୍‌ମାନଙ୍କ ଭିତରେ ଦେଖା ଦେଇନଥିବା ହୃଦ୍‌ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି ବୋଲି ଏକ ଗବେଷଣାରୁ ଜଣାପଡିଛି । ପୃଥିବୀର ଉତ୍ତାପ ବଢ଼ାଇଛି କିଏ ? ଆଉ କାହାକୁ ଭୋଗିବାକୁ ପଡୁଛି ଏଥିପାଇଁ ? ଇନ୍ୟିଟ୍‌ମାନେ ନିଜେ କିପରି ଧ୍ୱଂସ ନହେବେ, ତାହା ଉପରେ ସେମାନେ ନିଜେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି ଓ ସଂଘବଦ୍ଧ ଭାବେ ନିଜର ଅଧିକାର ଜାହିର କରିବାକୁ ଆରମ୍ଭ କରିଛନ୍ତି ।

କେବଳ ମେରୁ ଅଞ୍ଚଳ ନୁହେଁ, ଆଫ୍ରିକାର ଆଦିମ ଅଧିବାସୀମାନେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରତିକୂଳ ପ୍ରଭାବ ଦ୍ୱାରା ଲକ୍ଷଲକ୍ଷ ସଂଖ୍ୟାରେ ଶିକାର ହେଉଥାନ୍ତି । ସବୁଠାରୁ ବେଶି ପ୍ରଭାବିତ ହୋଇଛନ୍ତି ପଶୁପାଳକମାନେ । ପୃଥିବୀର ମରୁଭୂମି ମାନଙ୍କର ଉପକଣ୍ଠରେ ଯେଉଁଠି ବର୍ଷା କିଛି କିଛି ହୋଇ ଘାସ ଜମି ଓ ବୁଦୁବୁଦୁକିଆ ଜଙ୍ଗଲ ସୃଷ୍ଟି ହୋଇଥାଏ, ଏଇ ପଶୁପାଳକ ଓ ସେମାନଙ୍କର କୋଟି କୋଟି ପଶୁମାନଙ୍କର ତାହା ହୋଇଥାଏ ସର୍ବସ୍ୱ । ସେଇଥିପାଇଁ ଆବହମାନ କାଳରୁ ପଶୁପାଳକ ସେଠାରେ ତାର ଜୀବନ ଜୀବିକା ସୁଖରେ ଅତିବାହିତ କରିଦିଏ । ଏଇ ପଶୁପାଳକ ଏସିଆ, ମଧ୍ୟ ପ୍ରାଚ୍ୟ ଏବଂ ବିଶେଷକରି ଆଫ୍ରିକା ମହାଦେଶରେ ବେଶି ନଜରକୁ ଆସିଥାଆନ୍ତି । କିନ୍ତୁ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଆଜି ଏହି ଅଞ୍ଚଳ ଶୁଷ୍କରୁ ଶୁଷ୍କତର ହୋଇଯାଇଛି

Digitized by srujanika@gmail.com

ଏବଂ ପଶୁପାଳକ ଏବଂ ସେମାନଙ୍କର ପଶୁମାନଙ୍କ ପାଇଁ ସୃଷ୍ଟି କରିଛି ଏକ ଦୁଃଖଦ ପରିସ୍ଥିତି । ଆଫ୍ରିକାର ଏଇ ଶୁଷ୍କାଞ୍ଚଳ କହିଲେ ବୁଝାଯାଏ ଇଥିଓପିଆ, ଏରିଟ୍ରିଆ(Eritrea), ସୁଦାନ, ଜିବୋଟି, ସୋମାଲିଆ, କେନିଆ ଓ ଉଗାଣ୍ଡା । ଏ ଅଞ୍ଚଳରେ ପ୍ରାୟ ୨ କୋଟି ପଶୁପାଳକ ସେମାନଙ୍କର ଗୁଜୁରାଣ ମେଣ୍ଟାଉଛନ୍ତି ପଶୁପାଳନ ଓ ତଦ୍‌ଜନିତ ବ୍ୟବସାୟକୁ ନେଇ । ଏ ଅଞ୍ଚଳରେ କୃଷିହୀନତା ହେତୁ ଘଷବାସ ସମ୍ଭବ ନୁହେଁ । ଏଥି ସହିତ କ୍ରମାଗତ ତାପମାନ ବୃଦ୍ଧି ଏବଂ ଅତିକର୍କଶ ଲ୍ୟାଣ୍ଡସ୍କେପ୍ । ପଶୁପାଳକମାନେ ସେମାନଙ୍କର ପଶୁମାନଙ୍କୁ ନେଇ ଘାସ ଏବଂ ପାଣି ଅନୁସନ୍ଧାନରେ ଯାଯାବର ଜୀବନଯାପନ କରନ୍ତି । ପଶୁମାନେ ନିର୍ଭର କରନ୍ତି ମିଳୁଥିବା ଘାସ ଓ ବୁଦୁବୁଦୁକିଆ ଜଙ୍ଗଲ ଉପରେ ଯାହାକି ସ୍ୱଳ୍ପ ବୃଷ୍ଟିପାତ ଦ୍ୱାରା ବହୁ କଷ୍ଟରେ ସୃଷ୍ଟିହୁଏ । ବର୍ଷାପାତ କମିଗଲେ ଅଥବା ମରୁଡି ହେଲେ ଅଗଣିତ ପଶୁ ଆଉ ପାଏ ନାହିଁ ଗୋଚର ଭୂମି । ପଶୁମାନେ ମରିଯାଆନ୍ତି ଖାଦ୍ୟ ଓ ପାଣି ଅଭାବରେ । ଜଳବାୟୁ ପରିବର୍ତ୍ତନରେ ଏ ଅଞ୍ଚଳରେ ଯେଉଁ କିଛି ସ୍ୱଳ୍ପ ବୃଷ୍ଟିପାତ ହେଉଛି, ଯଦି ତାହା ହ୍ରାସ ପାଏ, ତେବେ ଅବସ୍ଥା କେତେ ଶୋଚନୀୟ ହେବ ସ୍ପଷ୍ଟ ଅନୁମାନ କରାଯାଇପାରେ । ଏବେ ବିଭିନ୍ନ ଅଧ୍ୟୟନ ମାଧ୍ୟମରେ ଜଣାପଡିଛି ଯେ କେନିଆ ଆଦି ଦେଶରେ ପଶୁପାଳନ ପ୍ରଭାବିତ ହେଉଥିବାରୁ ୫୦ ଲକ୍ଷ ପଶୁପାଳକ ଏବେ ଦାରିଦ୍ର୍ୟର ସୀମାରେଖା ତଳକୁ ଖସିଛନ୍ତି । କେନିଆ ଓ ତାଞ୍ଜାନିଆ(Tanzania)ର ବିଖ୍ୟାତ ମାସାଇ ଆଦିବାସୀମାନଙ୍କୁ ଏହି ଅଧ୍ୟୟନରେ ସାମିଲ୍ କରାଯାଇ ଏଇସବୁ ପରିବର୍ତ୍ତନ ମପାଯାଇ ପାରିଛି । ପଶୁପାଳକମାନଙ୍କର ପ୍ରାକୃତିକ ସମ୍ପଦ ଉପରେ ଅଧିକାର ହେଉଛି ଏକ ମାନବିକ ଅଧିକାର । ଜଳବାୟୁ ପରିବର୍ତ୍ତନ ଏ ଅଧିକାରକୁ ଉଲଂଘନ କରୁଛି ସବୁଆଡେ । ଗୋଷ୍ଠୀ ସଂଘର୍ଷ ମଧ୍ୟ ଆରମ୍ଭ ହୋଇଯାଇଛି ଏ ଅଞ୍ଚଳରେ । କାରଣ ଗୋଟିଏ ଗୋଷ୍ଠୀ ପଶୁମାନଙ୍କ ଚରଣଭୂମି ଉପରେ ଅଧିକାର ସାବ୍ୟସ୍ତ କରିବାକୁ ଚେଷ୍ଟା କରିଲାବେଳେ, ଆଉ ଗୋଟିଏ ଗୋଷ୍ଠୀ ତାହା ବିରୋଧ କରୁଛି । ଯଦି ବୃଷ୍ଟିହୀନତା ଏବଂ ମରୁଡି ଗୋଟିଏ ବର୍ଷ ପାଇଁ ହୁଅନ୍ତା ତାହା ହେଲେ ଏହାକୁ ମୁକାବିଲା କରିବା କଷ୍ଟସାଧ୍ୟ ହୁଅନ୍ତା ନାହିଁ । କିନ୍ତୁ ଜଳବାୟୁ ପରିବର୍ତ୍ତନ ଓ ପ୍ରଭାବଦ୍ୱାରା ମରୁଡି କ୍ରମାଗତ ଭାବେ ବର୍ଷ ବର୍ଷ ଧରି ଲାଗି ରହିଛି ଏ ଅଞ୍ଚଳରେ । ଏହାର ସୁଦୂରପ୍ରସାରୀ ପ୍ରଭାବ ଏ ଅଞ୍ଚଳରେ ଦେଖାଦେଉଛି । ହିଂସାର ବାତାବରଣ ବ୍ୟାପୁଛି ସବୁଆଡେ ।

ଅନ୍ୟଏକ ଅଧ୍ୟୟନରୁ ଜଣାପଡିଛି ଯେ ନେପାଳର ହିମାଳୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ଗୁରୁତର ପ୍ରଭାବ ପରିଲକ୍ଷିତ ହେବା ଆରମ୍ଭ କରିଛି । ନେପାଳ

Digitized by srujanika@gmail.com

ପାହାଡ ପର୍ବତ ଘେରା ଦେଶ । ଉତ୍ତରରେ ଚୀନ ଓ ଦକ୍ଷିଣରେ ଭାରତ ଉପମହାଦେଶ । ଉତ୍ତର ଦିଗରେ ହିମାଳୟ ଓ ଏହାର ଏଭେରେଷ୍ଟ୍ ଭଳି ଉଚ୍ଚତମ ଶୃଙ୍ଗମାନେ ବିରାଜମାନ କରୁଛନ୍ତି । କିନ୍ତୁ ଏ କର୍କଶ ଓ ଅମାନୁଷିକ ଅଞ୍ଚଳରେ ବସବାସ କରନ୍ତି ଆଦିବାସୀମାନେ ଯେଉଁମାନଙ୍କ ସଂଖ୍ୟା ପ୍ରାୟ ୮୪ଲକ୍ଷ । ଏମାନଙ୍କ ଭିତରେ ଅଛନ୍ତି ସେର୍ପା, ତାମାଙ୍ଗ, କିରାନ୍ତି ଆଦି ଆଦିବାସୀ ସମ୍ପ୍ରଦାୟ । ଏମାନଙ୍କର ଅଛି ସ୍ୱତନ୍ତ୍ର ପିରଚୟ, ସଂସ୍କୃତି, ଆଚାର ବ୍ୟବହାର ପରମ୍ପରା ଓ ଲୋକକଥା । ହିମାଳୟ ଜଳବାୟୁ ଓ ପରିବେଶ ସହ ଓତପ୍ରୋତ ଭାବେ ଏମାନେ ଜଡିତ । ଏମାନେ ଏକାଧାରରେ କୃଷିଜୀବୀ ଓ ପଶୁପାଳକ । ଛୋଟ ଛୋଟ ଖେତରେ ଆଳୁ, ଗହମ ଆଦି ଚାଷ କରନ୍ତି । ଜଙ୍ଗଲଜାତ ପଦାର୍ଥ ଉପରେ ନିର୍ଭର କରନ୍ତି ମଧ୍ୟ । ହିମାଳୟ କିନ୍ତୁ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଦ୍ରୁତଗତିରେ ବଦଳିଯାଇଛି । ଏ ଅଞ୍ଚଳରେ ଥିବା ବରଫ ଓ ହିମସ୍ରୋତ ବା ଗ୍ଲାସିଅର ସବୁ ତରିଳିବା ଆରମ୍ଭ କରିଛି । ଧୀରେ ନୁହେଁ ଅତି ପ୍ରଖର ଭାବରେ । ଏଇସବୁ ପାର୍ବତୀୟ ହିମସ୍ରୋତ ତରଳିଯିବା ଦ୍ୱାରା ସେ ଅଞ୍ଚଳର ବନସ୍ପତି, ପଶୁପକ୍ଷୀ ଏବଂ ଜୀବ ମଣ୍ଡଳ ସହ ଏ ଅଗଣିତ ଆଦିବାସୀମାନେ ଭୀଷଣ କ୍ଷତିଗ୍ରସ୍ତ ହେବାକୁ ଆରମ୍ଭ କରିଛନ୍ତି । ଶୀତଦିନେ ବରଫ ସ୍ୱାଭାବିକ ଢ଼ଙ୍ଗରେ ପଡୁନାହିଁ । ଅସମୟ ବର୍ଷା ଓ ହିମପାତ ଏକ ନିତିଦିନିଆ କଥା ହୋଇଯାଇଛି ଏବେ । ଭୂସ୍ଖଳନ, ବନ୍ୟାବିପ୍ଲାତ, ବରଫ ଧସିବା ଆଦି ମଧ୍ୟ ସର୍ବବ୍ୟାପୀ ହୋଇଛି । ଏକ ଅଧ୍ୟୟନରୁ ଦେଖାଯାଇଛି ଯେ ଗତ ୩୦ ବର୍ଷରେ ନେପାଳର ହିମାଳୟ ଅଞ୍ଚଳରେ ପ୍ରାୟ ୦.୬ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପ ବଢ଼ିଛି । ଏହା ସହ ସେ ଅଞ୍ଚଳର ହିମହ୍ରଦ ସବୁ ଭାଙ୍ଗୁଛି ଓ ଜନଜୀବନ, କୃଷିକ୍ଷେତ୍ର ଓ ବନସ୍ପତି ସବୁ ଉଜୁଡିଯାଉଛି ବ୍ୟାପକ ଭାବେ । ଏ ଅଞ୍ଚଳର ଆଦିବାସୀ ବହୁତ କଷ୍ଟକରି ତିଆରି କରିଥାଆନ୍ତି ଚାଷ ଜମି । କିନ୍ତୁ ଜଳବାୟୁ ପରିବର୍ତ୍ତନ ଜନିତ ବନ୍ୟା, ଭୂସ୍ଖଳନ ଆଦି ଏଇସବୁ ଜମିକୁ ବାଲୁଚରରେ ପରିଣତ କରିଦେଇଛି । ଆହୁରି କ୍ଷତିଗ୍ରସ୍ତ ହେଉଛି ଜୈବବିବିଧତା । ଏ ଅଞ୍ଚଳ ବନ ମହୌଷଧି ପାଇଁ ପୃଥିବୀ ବିଖ୍ୟାତ କିନ୍ତୁ ଏବେ ତାହା କ୍ରମଶଃ ଲୋପ ପାଇଯାଉଛି । ଏଇଭଳି ଅବକ୍ଷୟ ଆଜି ୮୪ଲକ୍ଷ ଲୋକଙ୍କ ଭବିଷ୍ୟତ ଉପରେ ଏକ ବିଶାଳ ପ୍ରଶ୍ନବାଚକ ଚିହ୍ନ ସୃଷ୍ଟି କରିଛି ।

ଦକ୍ଷିଣଆମେରିକାର ଚିଲି ଦେଶରେ ରହନ୍ତି ମାପୁଚେ ନାମକ ଆଦିବାସୀ ଜାତି । ଏମାନଙ୍କ ସଂଖ୍ୟା ପ୍ରାୟ ଦଶଲକ୍ଷ । ଏମାନଙ୍କର ଔପନିବେଶବାଦ ବିରୋଧରେ

Digitized by srujanika@gmail.com

ସଂଗ୍ରାମ ସୃଷ୍ଟିକରିଛି ନୂଆ ଇତିହାସ । ଏଣ୍ଡିଜ୍ ପାର୍ବତୀୟ ଅଞ୍ଚଳରେ ଏମାନେ ଯୁଗଯୁଗଧରି ରହି ଆସିଛନ୍ତି । ଏମାନଙ୍କର ଜୀବନ ଜୀବୀକା, ସଂସ୍କୃତି ଓ ପରମ୍ପରା, ବଂଶଗତ ସମ୍ପର୍କ ଏବଂ ପ୍ରାକୃତିକ ସମ୍ବଳ ଉପରେ ନିର୍ଭରଶୀଳତା ସବୁ ସ୍ୱତନ୍ତ୍ର । ସାମାଜିକ ବ୍ୟବସ୍ଥା ଓ ପ୍ରାକୃତିକ ବାତାବରଣ ସହ ନିବିଡ ସମ୍ପର୍କ ରହିଛି । ବଞ୍ଚିବାର ସଜ୍ଞା ମଧ୍ୟ ସେମାନେ ଏଇଭଳି ନିର୍ଦ୍ଧାରଣ କରିଛନ୍ତି । ପ୍ରାକୃତିକ ପର୍ଯ୍ୟାବରଣ ବଦ୍‌ଳିଲେ ସେମାନଙ୍କର ଜୀବନଧାରଣର ଅର୍ଥ ମଧ୍ୟ ବଦଳିଯାଉଛି । ଏକଦା ମାପୁଚେମାନେ ସେମାନଙ୍କର ଜଙ୍ଗଲକୁ ନେଇ ବଞ୍ଚୁଥିଲେ । ଉପନିବେଶବାଦୀମାନେ ଜଙ୍ଗଲ ସଫା କରି ଓ ଜାଳି ଚାଷ ଜମି ତିଆରି କରିଥିଲେ । ପଶୁମାନଙ୍କ ପାଇଁ ଘାସ ମିଳିବ ବୋଲି ଜଙ୍ଗଲ ମଧ୍ୟ ନଷ୍ଟ କରୁଥିଲେ । ଗୋଟାଏ ପଟେ ଗହମ ଓ ଅନ୍ୟ ପଟେ ମାଂସ । ମାପୁଚେମାନଙ୍କ ଇଲାକାରୁ ହିଁ ଚିଲିର ବ୍ୟବସାୟୀମାନେ ଅନ୍ୟ ଦେଶକୁ ଏବଂ ଆନ୍ତର୍ଜାତିକ ବଜାରକୁ ଏସବୁର ରପ୍ତାନୀ କରୁଥିଲେ । ପୁଞ୍ଜିବାଦୀ ବଜାର ହିଁ ଚିଲିର ମାପୁଚେମାନଙ୍କୁ ତଳିତଳାନ୍ତ କରିଦେଇଥିଲେ । ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଜଳାଭାବ ମଧ୍ୟ ଦେଖାଦେଇଥିଲା । ମାପୁଚେମାନେ ଯୁଗଯୁଗଧରି କରି ଆସିଥିବା ବିଶ୍ୱାସ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲା । ବିଶ୍ୱ ବ୍ରହ୍ମାଣ୍ଡକୁ ବୁଝିବାକୁ ମାପୁଚେମାନେ ବାପା ଦାଦି ଅମଳରୁ ଏକ ସ୍ୱତନ୍ତ୍ର ଜ୍ଞାନ ଅର୍ଜନ କରିଛନ୍ତି । ପୃଥିବୀର ମାଟି, ଗୋଡି, ପାଣି, ପୃଥିବୀ ପୃଷ୍ଠର ବାୟୁମଣ୍ଡଳ ଆଦି ବିଭିନ୍ନ ବିଷୟରେ ଖୁବ୍ ସ୍ପଷ୍ଟ ଧାରଣା କରିଛନ୍ତି ମାପୁଚେମାନେ । ଏସବୁରେ ଯେଉଁ ଜଳବାୟୁ ପରିବର୍ତ୍ତନ ପ୍ରଭାବର ପ୍ରତିକ୍ରିୟା ଦେଖା ଦେଇଛି ଓ ବିଭିନ୍ନ ଗୋଷ୍ଠୀମାନଙ୍କର ସ୍ଥିତିକୁ ଦୋହଲାଇ ଦେଇଛି । ତାହା ମାପୁଚେମାନଙ୍କ ମନରେ ସୃଷ୍ଟି କରିଛି ଅନେକ ପ୍ରଶ୍ନ । ସେମାନେ ଅହେତୁକ ଋତୁ ପରିବର୍ତ୍ତନକୁ ପ୍ରଶ୍ନ କରୁଛନ୍ତି । ଆଜିକାଲି ଅଘଟନକ ମୂଷଳ ଧାରାରେ ବର୍ଷା ହେବା ଦ୍ୱାରା ସେମାନଙ୍କ ଖେତ ବାଡି ଓ ଫସଲ ନଷ୍ଟ ହୋଇଯାଇଛି । ଜମି ଅନୁର୍ବର ହୋଇପଡୁଛି । ମାପୁଚେମାନେ ଯେଉଁ ପାରମ୍ପରିକ କୃଷି ଉତ୍ପାଦନ ସହ ଅଭ୍ୟସ୍ତ ଥିଲେ, ତାହା ଲୋପ ପାଇଯିବାକୁ ବସିଛି । ସେମାନଙ୍କର ଭବିଷ୍ୟତ ଜୀବନ ଉପରେ କଳାବାଦଲ ଛାଇ ହୋଇସାରିଛି ।

□□□

Digitized by srujanika@gmail.com

୩୨

ଜଳବାୟୁ ପରିବର୍ତ୍ତନ ଓ ପ୍ରଭାବିତ ବିଶ୍ୱ ଆଦିବାସୀ (୨)

ଜଗତୀକରଣ ପ୍ରକ୍ରିୟା ଏବଂ ଅନ୍ୟ ରାଜନୈତିକ ପରିବର୍ତ୍ତନ ଦ୍ୱାରା ପୃଥିବୀର ଆଦିବାସୀ ବ୍ୟାପକ ଭାବେ ପ୍ରଭାବିତ ହୋଇ ସାରିଛି ବୋଲି ସମସ୍ତେ ସ୍ୱୀକାର କରୁଛନ୍ତି । ପୃଥିବୀର ଯେଉଁ ଅଞ୍ଚଳରେ ପ୍ରାକୃତିକ ସମ୍ବଳ ଭରପୂର ରହିଛି, ସେ ଅଞ୍ଚଳରେ ହିଁ ଆଦିବାସୀମାନେ ଅଛନ୍ତି । କିନ୍ତୁ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଏଇସବୁ ଅଞ୍ଚଳ ବଦଳୁଛି ଓ ଆଗାମୀ ଦିନମାନଙ୍କରେ ଏହା ଆହୁରି ବଦଳିବ । ଏହାଦ୍ୱାରା ଏସବୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କେଉଁଭଳି ପରିବର୍ତ୍ତନ ଓ ପ୍ରଭାବ ଦେଖାଦେବ ସେ ବିଷୟରେ ପୃଥିବୀରେ ବିଭିନ୍ନ ସ୍ତରରେ ଆଲୋଚନା ଚାଲିଛି । ଜାତିସଂଘରେ ଆଦିବାସୀ ଓ ମୂଳ ବଂଶୋଦ୍ଭବ ଲୋକମାନଙ୍କ ଉପରେ ଯେଉଁ ସ୍ଥାୟୀ କମିଟି ଅଛି ତାହା ଗୁରୁତ୍ୱର ସହ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ବିଚାର କରୁଛି । ସଂସ୍କୃତି ଓ ଜୀବନଜୀବିକା କେଉଁଭଳି କ୍ଷତିଗ୍ରସ୍ତ ହେବ ସେ ବିଷୟସବୁ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇଛି । ପୃଥିବୀର ବିଭିନ୍ନ ଦେଶ ସହ ବିଚାର ବିମର୍ଷ କରାଯାଇଛି । ଆଦିବାସୀମାନଙ୍କର ମାନବାଧିକାର ଉଲଂଘନ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଏଥିପାଇଁ ସଦସ୍ୟ ଦେଶମାନଙ୍କୁ ସମ୍ବେଦନଶୀଳ ହେବାକୁ ଆହ୍ୱାନ ଦିଆଯାଇଛି । ଜଳବାୟୁ ପରିବର୍ତ୍ତନ ଦ୍ୱାରା ଯେଉଁଭଳି ପ୍ରତିକୂଳ ପ୍ରଭାବ ପଡିବ ତାହା ସହିତ ଆଦିବାସୀମାନେ କିପରି ଖାପଖୁଆଇବେ ଓ ନିରାକରଣ ପ୍ରକ୍ରିୟାରେ ସାମିଲ ହେବେ ତାହା ବିଭିନ୍ନ ଦୃଷ୍ଟିକୋଣରୁ ମଧ୍ୟ ବିଶ୍ଳେଷଣ କରାଯାଇଛି । କିନ୍ତୁ ସମୟ ଆସିଛି ପୃଥିବୀର ଆଦିବାସୀମାନେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ଆହୁରି ଗଭୀରଭାବେ ବୁଝିବାକୁ ପ୍ରୟାସ କରିବେ ।

Digitized by srujanika@gmail.com

ଆଦିବାସୀ ଅଞ୍ଚଳରେ ଜଳବାୟୁ ପିରବର୍ତ୍ତନ ଜନିତ ପ୍ରଭାବଗୁଡ଼ିକୁ ସ୍ୱତନ୍ତ୍ର ଭାବେ ବିଶ୍ଳେଷଣ କରିହେବ ନାହିଁ । ସେ ଅଞ୍ଚଳରେ ବର୍ତ୍ତମାନ ଯେଉଁ ସାମାଜିକ, ରାଜନୈତିକ, ଆର୍ଥିକ ପ୍ରକ୍ରିୟା ଚାଲିଛି ଓ ଆଦିବାସୀମାନେ କିପରି ଶୋଷଣ ଅତ୍ୟାଚାରର ଶିକାର ହେଉଛନ୍ତି ତାହା ସମସ୍ତଙ୍କୁ ଜଣା । ଜଳବାୟୁ ପରିବର୍ତ୍ତନ ଏହି ପ୍ରକ୍ରିୟାଗୁଡ଼ିକୁ ଆହୁରି ତୀବ୍ର କରିବା ସଙ୍ଗେ ସଙ୍ଗେ ଆଦିବାସୀମାନଙ୍କୁ ଆହୁରି ଅସହାୟ ଓ ଦୟନୀୟ ପରିସ୍ଥିତିକୁ ଟାଣିନେବ ତାହା ସ୍ପଷ୍ଟ ଜଣାପଡୁଛି । କେହି କେହି ଅବଶ୍ୟ ଯୁକ୍ତି ବାଢୁଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଆଦିବାସୀ ଅଞ୍ଚଳରେ ଅନେକ ସୁଯୋଗ ସୃଷ୍ଟି ହେବ । ଶିଳ୍ପାୟନ ହେବ । ପ୍ରାକୃତିକ ସମ୍ପଦର ବିନିଯୋଗ ହେବ । ରାସ୍ତାଘାଟର ଉନ୍ନତି ହେବା ସଙ୍ଗେ ସଙ୍ଗେ ଗମନାଗମନ ସୁବିଧାର ବିସ୍ତାର ହେବ । ଏ ଅଞ୍ଚଳରେ ବାଣିଜ୍ୟ ବେପାର ମଧ୍ୟ ବଢ଼ିଛି ବୋଲି କେହି କେହି କହୁଛନ୍ତି । ଗ୍ରୀନଲ୍ୟାଣ୍ଡରେ ବରଫ ତରଳିଲେ ଏଭଳି ସୁଯୋଗ ସେଠାକାର ଆଦିବାସୀମାନଙ୍କ ପାଇଁ ସୃଷ୍ଟି ହେବ ବୋଲି ଉଦାହରଣ ଦିଆଯାଉଛି । କେଉଁ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନରୁ ଆଦିବାସୀମାନେ ଲାଭାନ୍ୱିତ ହେବେ ତାହା ମଧ୍ୟ ଅଧ୍ୟୟନ କରାଯିବାକୁ ଆହ୍ୱାନ ସୃଷ୍ଟି ହୋଇଛି । ପୃଥିବୀ ସାରା ବନସ୍ପତି ଓ ଜୈବବିବିଧତାର ସଂରକ୍ଷଣ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇସାରିଛି । ଏହା ଆଦିବାସୀମାନଙ୍କ ହିତରେ ହିଁ ଯିବ ବୋଲି ମତପ୍ରକାଶ ପାଇଛି । ଅକ୍ଷୟଶକ୍ତିର ବିକାଶ ଦ୍ୱାରା ଆଦିବାସୀ ଅଞ୍ଚଳରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି । କିନ୍ତୁ ଆଦିବାସୀମାନେ ସ୍ୱୟଂ ନିଜେ ଏ ବିଷୟରେ ସଚେତନ ହୋଇ ନିଜ ନିଜ ଦେଶରେ ସୁଯୋଗ ସୃଷ୍ଟି କରିବେ ବୋଲି ଆଶା ପ୍ରକଟ ହୋଇଛି ।

ଆଦିବାସୀମାନଙ୍କ ଉପରେ କି ପ୍ରକାରର ପ୍ରଭାବ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପଡ଼ିବ ତାହା ନିଶ୍ଚିତ ଭାବେ ଆଲୋଚନା ଯୋଗ୍ୟ । ପ୍ରଥମେ ଜୀବନଜୀବିକା ବିଷୟ । ଆଦିବାସୀମାନଙ୍କର ଏକ ପାରମ୍ପରିକ ଜୀବୀକା ରହିଛି ଓ ଯୁଗଯୁଗ ଧରି ଏହାକୁ ଆଧାର କରି ଆଦିବାସୀ ବଞ୍ଚି ରହିଛି । ଜଳବାୟୁ ପରିବର୍ତ୍ତନ ଦ୍ୱାରା ଯଦି ବରଫ ତରଳିଯିବ, କ୍ରାନ୍ତୀୟ ଜଙ୍ଗଲ ଧ୍ୱଂସ ପାଇଯିବ, ବୃଷ୍ଟିପାତରେ ବ୍ୟାପକ ପରିବର୍ତ୍ତନ ହେବ, ଖାଦ୍ୟ ଓ ଜଳ ନିରାପତ୍ତା ବିପନ୍ନ ହେବ, ବେଳାଭୂମି କ୍ଷୟ ହୋଇଯିବ ଏବଂ ବସବାସ କରିବାକୁ ସ୍ଥାନ ମିଳିବ ନାହିଁ । ତେବେ ଆଦିବାସୀ ଯିବ କୁଆଡେ ? ପ୍ରଶାନ୍ତ ମହାସାଗରର ବିଭିନ୍ନ ଦ୍ୱୀପ ଗୁଡ଼ିକରେ ଏବେ ଏତେ ବେଳାଭୂମି କ୍ଷୟ

Digitized by srujanika@gmail.com

ହୋଇଛି ଯେ, ଅନେକ ମୂଳ ବଂଶୋଦ୍ଭବ ଲୋକେ ସେଠାରୁ ବାସଚ୍ୟୁତ ହୋଇ ବସବାସ ପରିବର୍ତ୍ତନ କରିବାକୁ ବାଧ୍ୟ ହେଲେଣି । ବହୁତ ଜାଗାରେ ବେଳାଭୂମି ଜଙ୍ଗଲ ସଫାକରି ପାମ୍ ଅଏଲ୍ ଗଛ ସବୁ ଲଗାଯାଉଛି, ବ୍ୟବସାୟିକ ଭିତ୍ତିରେ ପାମ୍ ଅଏଲ୍‌ରୁ ବାଇଓଡିଜେଲ୍ ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ସ୍ଥାନୀୟ ଆଦିବାସୀଙ୍କ ପାରମ୍ପରିକ ଜୀବୀକା ନଷ୍ଟ ହେବାରେ ଲାଗିଛି । ଆଦିବାସୀ ଓ ଜୈବବିବିଧତା ସଂରକ୍ଷଣ ଓତଃପ୍ରୋତ ଭାବେ ସଂଶ୍ଳିଷ୍ଟ । କିନ୍ତୁ ଜଳବାୟୁ ପରିବର୍ତ୍ତନ ଫଳରେ ଜୈବବିବିଧତାର ସଂରକ୍ଷଣ ବାଧାପ୍ରାପ୍ତ ହୋଇଛି । ଦ୍ୱିତୀୟରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପୃଥିବୀସାରା ଆଦିବାସୀଙ୍କ ଖାଦ୍ୟ ଓ ଜଳ ନିରାପତ୍ତା ବିପନ୍ନ ହୋଇଛି । କାରଣ କେଉଁଠି ବର୍ଷ ବର୍ଷ ଧରି ମରୁଡି ଓ ଖାଦ୍ୟାଭାବ ଦେଖାଦେଇଛି, ଆଉ କେଉଁଠି ସବୁବର୍ଷ ବନ୍ୟା ଦେଖାଦେଇଛି ଅହେତୁକ ବୃଷ୍ଟିପାତ ହେତୁ । ଉଭୟ କ୍ଷେତ୍ରରେ ପାନୀୟ ଜଳର ଅଭାବ ସୃଷ୍ଟି ହୋଇଛି । କେଉଁଠି କେଉଁଠି ଲୁଣା ଜଳ ମାଡି ଆସୁଥିବାରୁ ପାନୀୟ ଜଳ ଦୂଷିତ ହୋଇଯାଇଛି । ତୃତୀୟରେ, ଜଳବାୟୁ ପରିବର୍ତ୍ତନ ଦ୍ୱାରା ଆଦିବାସୀଙ୍କ ଯେଉଁ ପାରମ୍ପରିକ ଜ୍ଞାନ ଓ ସାଂସ୍କୃତିକ ବିବିଧତା ରହିଛି ତାହା ଧ୍ୱଂସ ପାଇଯିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ପାରମ୍ପରିକ ଜ୍ଞାନ କୌଶଳ ଆଦିବାସୀର ସର୍ବସ୍ୱ । ଏହା ତାହାର ସଂସ୍କୃତି, ସାମାଜିକ ଢ଼ାଞ୍ଚା, ଅର୍ଥନୀତି, ଜୀବୀକା, ବିଶ୍ୱାସ, ପାରମ୍ପରିକ ରୀତିନୀତି, ସ୍ୱାସ୍ଥ୍ୟ ଆଦି ସହ ଓତପ୍ରୋତ ଭାବେ ଜଡିତ । ଜଳବାୟୁ ପରିବର୍ତ୍ତନ ହେଲେ ଏଗୁଡିକ ଖୁବ୍ ପ୍ରଭାବିତ ହେବ ଏଥିରେ ସନ୍ଦେହ ନାହିଁ । ଏସବୁ ଆଦିବାସୀଙ୍କ ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ଅଧିକାର ସହ ସଂପୃକ୍ତ । ତେଣୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଜଳବାୟୁ ଦ୍ୱାରା ଆଦିବାସୀଙ୍କ ମାନବିକ ଅଧିକାରର ଉଲଂଘନ । ଗତ ସପ୍ତାହରେ ଏଇସ୍ତମ୍ଭରେ ଏକଥା ଉଦାହରଣ ଦେଇ ମୁଁ ସ୍ପଷ୍ଟ କରିଛି । ଏକଥା ସ୍ପଷ୍ଟ ଯେ ଗୋଟାଏ ଗୋଷ୍ଠୀ ପୃଥିବୀର ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟା ପାଇଁ ଦାୟୀ ହେଉଥିଲା ବେଳେ ଆଉ ଗୋଟିଏ ଗୋଷ୍ଠୀ ଏହାଦ୍ୱାରା ପୀଡିତ ହେଉଛନ୍ତି । କେଉଁ ଆଦିବାସୀ ଫସିଲ୍ ଫିଉଲ ବେଶୀ ବ୍ୟବହାର କରୁଛି ନା ଶିଳ୍ପାୟନରେ ମନ ବଳାଉଛି ? କେଉଁ ଆଦିବାସୀ ପୃଥିବୀର ପର୍ଯ୍ୟାବରଣ ନଷ୍ଟ କରିବାରେ ଭୂମିକା ଗ୍ରହଣ କରୁଛି ? କେଉଁ ଆଦିବାସୀ ପୃଥିବୀ ଉତ୍ତପ୍ତ ହେବା ପାଇଁ ଦାୟୀ ରହୁଛି ?

ଏବେ ଭାରତର ୭କୋଟି ଆଦିବାସୀଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ କିପରି ପଡିବ ଓ ସେମାନେ ଏହାର ମୁକାବିଲା କେମିତି କରିବେ ଏଥିପାଇଁ

Digitized by srujanika@gmail.com

ବିଭିନ୍ନ ପ୍ରକାର ଅଧ୍ୟୟନ ଆରମ୍ଭ ହୋଇଛି । ଉତ୍ତରପୂର୍ବ ଭାରତରେ ଯେଉଁଠି ନାଗା, ମିଜୋ, କୁକୀ ଆଦି ଅନେକ ଜାତିର ଆଦିବାସୀ ବସବାସ କରନ୍ତି, ସେ ଅଞ୍ଚଳରେ ବ୍ରହ୍ମପୁତ୍ର, ବାରାକ(ମେଘନା) ଆଦି ନଦୀ ଶାଖା ପ୍ରଶାଖା ସହ ପ୍ରଭାବିତ ହେଉଛି । ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଏ ନଦୀମାନଙ୍କର ଜଳସ୍ରୋତ ମଧ୍ୟ ପ୍ରଭାବିତ ହେବ । ଭାରତର କେନ୍ଦ୍ରାଞ୍ଚଳରେ ଯେଉଁଠି ମଧ୍ୟ ଅନେକ ଆଦିବାସୀ ବସବାସ କରନ୍ତି ଓ କୃଷି ଉପରେ ନିର୍ଭର କରିଥାଆନ୍ତି, ବୃଷ୍ଟିପାତର ବ୍ୟତିକ୍ରମ ହେଲେ, ସେମାନଙ୍କର ଜୀବନ ଜୀବୀକା ବହୁ ପରିମାଣରେ କ୍ଷତି ହେବ । ଆଦିବାସୀ ଅଞ୍ଚଳରେ ଜମି ମିଳୁଥିବାରୁ, ସେଠାରେ ଯେଉଁଭଳି ବ୍ୟାପକ ବନୀକରଣ କରାଯାଉଛି ଓ ବାଇଓଡିଜେଲ ପାଇଁ ଜାଟ୍ରୋଫା ଆଦି ଲଗାଯାଇଛି, ତାହାର ପ୍ରଭାବରେ ଆଦିବାସୀମାନଙ୍କୁ ମିଳୁଥିବା ଖାଦ୍ୟ ନିରାପତ୍ତା କ୍ଷୁର୍ଣ୍ଣ ହେବ । ଅଙ୍ଗାର ବ୍ୟବସାୟ ବା କାର୍ବନଟ୍ରେଡିଂ ମାଧ୍ୟମରେ ପଶ୍ଚିମ ବିକଶିତ ଦେଶମାନେ 'କାର୍ବନ୍ ସିଙ୍କ୍'(Carbon Sink) ପ୍ରତିଷ୍ଠା ପାଇଁ ଆଦିବାସୀ ଅଞ୍ଚଳରେ ବୃହତ୍ ଯୋଜନାମାନ କରିଛନ୍ତି । ସ୍ଥାନୀୟ ସରକାରମାନେ ଏଥିପାଇଁ ପ୍ରୋତ୍ସାହନ ଦେଉଛନ୍ତି । ଆଦିବାସୀମାନେ ସେମାନଙ୍କ ପର୍ଯ୍ୟାବରଣ ପାଇଁ କି ପଦକ୍ଷେପ ନିଆଯିବ ତାହା କ'ଣ ଜାଣନ୍ତି ? ଜଳ, ଜମି, ଜଙ୍ଗଲ ସମ୍ପଦର ସୁରକ୍ଷା ଓ ପରିଚାଳନା ସେମାନଙ୍କୁ ଉତ୍ତମ ରୂପେ ଜଣା । ଏଇ ପରିପ୍ରେକ୍ଷୀରେ ଅଙ୍ଗାର ବ୍ୟବସାୟ ଆଦି ଲଦିଦେବା କେତେଦୂର ଯୁକ୍ତିଯୁକ୍ତ ତାହା ପ୍ରଶ୍ନବାଚକ ଚିହ୍ନ ସୃଷ୍ଟି କରିଛି । ଭାରତର ଆଦିବାସୀ ଅଞ୍ଚଳ ପ୍ରାୟ ଶାଳ ଜଙ୍ଗଲରେ ଭରପୂର । ପୃଥିବୀର ଉତ୍ତାପ ବଢ଼ିଲେ ଶାଳ ଜଙ୍ଗଲ ଧ୍ୱଂସ ପାଇବ ବୋଲି ଜଙ୍ଗଲ ବିଜ୍ଞାନର ବିଶାରଦମାନେ ଭବିଷ୍ୟତବାଣୀ ଶୁଣାଇଛନ୍ତି । ଶାଳ ଜଙ୍ଗଲର ବଦଳରେ ଶାଗୁଆନ୍ ଜଙ୍ଗଲ ସମ୍ଭବତଃ ସୃଷ୍ଟି ହେବ ନତୁବା ବନାଞ୍ଚଳରେ ଜାଟ୍ରୋଫାର ଜଙ୍ଗଲ ସୃଷ୍ଟି କରାଯିବ । ଏହା କିନ୍ତୁ ଆଦିବାସୀ ପାଇଁ କୌଣସି ଦୃଷ୍ଟିରେ ଅନୁକୂଳ ନୁହେଁ ବୋଲି ହୃଦୟଙ୍ଗମ କରାଯାଇଛି । ଆଦିବାସୀ ଅଞ୍ଚଳରେ ବନୀକରଣ ନୀତିରେ ମୌଳିକ ପରିବର୍ତ୍ତନର ଆବଶ୍ୟକତା ରହିଛି । ଏହା ସହିତ ଜମି ଓ ଜଳନୀତି ମଧ୍ୟ ସଂଶ୍ଳିଷ୍ଟ ରହିଛି । ଆଦିବାସୀର ଜୀବନ ଜୀବୀକା ଏଇସବୁ ସମ୍ପଦମାନଙ୍କ ଉପରେ ନିର୍ଭରଶୀଳ । ଏଥିରେ ସାମାନ୍ୟ ବ୍ୟତିକ୍ରମ ହେଲେ ବା ସନ୍ତୁଳନରେ ବିଭ୍ରାଟ ଘଟିଲେ ଆଦିବାସୀର ସ୍ଥିତି ଟଳମଳ ହେବା ଅନିବାର୍ଯ୍ୟ । ପାର୍ବତ୍ୟ ଅଞ୍ଚଳରେ ଆଦିବାସୀ ଯୁଗଯୁଗର ବୃଷ୍ଟିପୁଷ୍ଟ କୃଷି କରିଆସୁଛି । ବର୍ଷା ପାଣି ଉପରେ ନିର୍ଭର କରୁଥିବା

Digitized by srujanika@gmail.com

ଚାଷରେ ହିଁ ତା'ର ଜୀବନ । ଜଳବାୟୁ ପରିବର୍ତ୍ତନ ବା ଉତ୍ତାପରେ ଯେଉଁଭଳି ପରିବର୍ତ୍ତନ ହେଉଛି, ତାହା ବୃଷ୍ଟିପାତ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଉଛି, ଏଣୁ ଆଦିବାସୀ ଯଦି ଡଙ୍ଗର ପାହାଡରେ ଚାଷ କରିପାରିବ ନାହିଁ, ତେବେ ସେ ଖାଇବ କ'ଣ ? ବିସ୍ଥାପିତ ହେବା ଅଥବା ଦେଶାନ୍ତରୀ ହେବା ଛଡା ଅନ୍ୟ କିଛି ବାଟ ନଥିବ ତା'ପାଇଁ । ଏଇସବୁ କଥା ଲକ୍ଷ୍ୟକରି ଆଦିବାସୀ ସମୁଦାୟମାନଙ୍କର ସଂଗଠନ ଏବଂ ସେମାନଙ୍କ ସେବାରେ ନିୟୋଜିତ ସ୍ୱେଚ୍ଛାସେବୀ ସଂଗଠନ ଓ ନାଗରିକ ସମାଜ ଏବେ ଭାରତସାରା କର୍ମଚଞ୍ଚଳ । ସ୍ଥାନୀୟ ବାର୍ତ୍ତାଳାପ ହେଉ ବା ଆନ୍ତର୍ଜାତିକ ଆଲୋଚନାଚକ୍ର ହେଉ, ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମରେ ଆଦିବାସୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଉଚିତ । ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବର ମୁକାବିଲା କରିବା ପାଇଁ ଯେଉଁ ରାସ୍ତା ଖୋଜାଯିବ ସେଥିରେ ଆଦିବାସୀ ଭାଗନେବା ଉଚିତ । ଏଥିପାଇଁ ବିଭିନ୍ନ ସୂଚନା ମଧ୍ୟ ସେମାନଙ୍କ ପାଖରେ ପହଞ୍ଚିବା କଥା । ଯେଉଁ ଶିଳ୍ପ ବା ପୁଞ୍ଜି ଆଦିବାସୀ ଅଞ୍ଚଳରେ ଜଳବାୟୁ ଜନିତ ପ୍ରଭାବ ଗୁଡିକୁ ଉତ୍କଟ କରିବ, ସେଗୁଡିକ ସହ ପ୍ରତ୍ୟକ୍ଷ ବାର୍ତ୍ତା ବିନିମୟ କରିବା ଆବଶ୍ୟକ ହୋଇପଡିଛି । ଏଇଥିପାଇଁ ଆଦିବାସୀ ଅଞ୍ଚଳର ବିକାଶର ଅସଲ ସଂଜ୍ଞା ନିର୍ଣ୍ଣୟ କରିବାର ବେଳ ଉପସ୍ଥିତ ହୋଇଛି ।

□□□

Digitized by srujanika@gmail.com

୩୩

ବାଲିଗୁଡା ଗାଁର ବଳରାମ ଭାଇ

ବାଲିଗୁଡା ଗାଁକୁ ଯିବାକୁ ହେଲେ କାଶୀପୁରରୁ ଘାଟି ରାସ୍ତା ଦେଇ ମାଣ୍ଡିବିଶି ଓ ଗୋଡିବାଲି ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଅତିକ୍ରମ କରିବାକୁ ହୁଏ । ନବେ ମସିହା ପୂର୍ବରୁ କାଶୀପୁରର ଏହି ଅଞ୍ଚଳ ପ୍ରାୟ ବିଚ୍ଛିନ୍ନାଞ୍ଚଳ ହୋଇ ରହୁଥିଲା । ଗୋଟାଏ ପାଦଚଲା ରାସ୍ତା ପିଲାଖୋଜ ଘାଟି ଦେଇ ଯାଇଥାଏ ସିକରପାଇ ଅଞ୍ଚଳକୁ । ଅନେକ ଲୋକ ସିକରପାଇ ହାଟକୁ ଯାଆନ୍ତି ବିକାକିଣା ପାଇଁ । ରାୟଗଡ଼ା ଯିବାକୁ ହେଲେ ଏ ଦୁର୍ଗମ ଅଞ୍ଚଳର ଲୋକଙ୍କୁ ସିକରପାଇ ଠାରୁ ବସ୍ ଧରିବାକୁ ପଡେ । କାଶୀପୁର ଅନେକ ଦୂରବାଟ ଓ ଉଚ୍ଚ ଘାଟି ରାସ୍ତା । ଅନେକ ନିହାତି କାମ ନଥିଲେ ଲୋକେ କାଶୀପୁର ଆଡକୁ ଯିବାକୁ ମନ ବଳାନ୍ତି ନାହିଁ । କାଶୀପୁର ବୁଧବାର ହାଟକୁ କେହି କେହି ଆସୁଥିଲେ ସେମାନଙ୍କୁ ରାତ୍ରି ଯାପନ କରି ସକାଳୁ ଫେରିବାକୁ ପଡେ । ବ୍ଲକ୍ ଅଫିସ୍ ବା ବ୍ୟାଙ୍କ୍, ଥାନା ବା ତହସିଲ ଅଫିସ୍‌ରେ କାମ ଥିଲେ ଲୋକମାନଙ୍କୁ ଆସିବାକୁ ପଡେ । ମାଣ୍ଡିବିଶି, ଗୋଡିବାଲି ଓ ସିରିପାଇ ପଞ୍ଚାୟତ ସମସ୍ତଙ୍କ ପାଇଁ ଏକ ପଛୁଆ ଅବହେଳିତ ଅଞ୍ଚଳ ବୋଲି ସମସ୍ତେ ସ୍ୱୀକାର କରନ୍ତି । ଏବେ ସେ ଅଞ୍ଚଳକୁ ରାସ୍ତା ଫିଟିଛି । ରାୟଗଡ଼ାରୁ ସିକରପାଇ ଦେଇ ବସ୍ ମଧ୍ୟ କେତେ ଦିନ ଚଳାଚଳ କରୁଥିଲା । ସିକରପାଇର ମହାଜନ ହେଉ ବା କାଶୀପୁରର ଠିକାଦାର ହେଉ, ଗମନାଗମନର ସୁବିଧା ହେତୁ ଅନାୟାସରେ ପ୍ରଭାବ ବିସ୍ତାର କରିଛି । ବାଲିଗୁଡା ଗାଁକୁ ଆବିଷ୍କାର କରିବାକୁ ଏବେ କାହାକୁ କଷ୍ଟ ପଡୁନାହିଁ । କିନ୍ତୁ ବାଲିଗୁଡା ଗାଁକୁ କାହିଁକି ଜଣେ ଆବିଷ୍କାରକର ମନ ଦେଇ ଯିବ ? ଏକଥା ମୁଁ ନିଜକୁ ବାରମ୍ବାର ପ୍ରଶ୍ନ କରିଛି ।

କାଶୀପୁରର ଅନେକ ଗାଁ ଭିତରୁ ବାଲିଗୁଡା ଗାଁକୁ ସ୍ପଷ୍ଟ ଚିହ୍ନି ହେବ । ଆଦିବାସୀ ଗାଁଟିଏ ହେଲେ ବି ଏହାର ଏକ ସ୍ପଷ୍ଟ ସ୍ୱତନ୍ତ୍ରତା ଅଛି । ଗାଁଟି ଦୁଇଧାଡି । ପ୍ରାୟ

Digitized by srujanika@gmail.com

ଚାଳିଶ-ପଚାଶ ଘର । ସମସ୍ତଙ୍କର ଘର ସାମ୍ନାରେ ବାରଣ୍ଡା ବସା ଉଠା ପାଇଁ । ଏ ମୁଣ୍ଡରୁ ଅନେଇଲେ ଆର ମୁଣ୍ଡକୁ ଦେଖା ଯାଉଛି । ଗାଁ ଘରିପାଖେ କେତେଗୁଡିଏ ନଡିଆ ଗଛରେ ବେଶ୍ ନଡିଆ ଫଳୁଛି । ଗାଁକୁ ବେଢ଼ି ଝରଣାଟିଏ ବହୁଥିବାରୁ ମାଟି ଓଦାଳିଆ । ତେଣୁ ସମୁଦ୍ରରୁ ଏତେ ଦୂରରେ ପାହାଡିଆ ଅଞ୍ଚଳରେ ବି ନଡିଆ ଗଛ ବଞ୍ଚିଛି । ପାଖକୁ ଲାଗି କରଞ୍ଜ ଗଛର ଜଙ୍ଗଲ । କରଞ୍ଜ ମଞ୍ଜିରୁ ତେଲ ବାହାର କରିବା ପାଇଁ ସେମାନଙ୍କୁ ସିକରପାଇର ତେଲ ଘଣାକୁ ଯିବାକୁ ପଡେ । ଆଖପାଖ ଅଞ୍ଚଳରେ ମହୁଲ ଗଛ ବି ଅନେକ । ମହୁଲ ଓ ଟୋଲ ବିକ୍ରି କରି ଲୋକେ ଦି'ପଇସା ବି ପାଆନ୍ତି । ଗୋଡିବାଲିରେ ମାଇନର ସ୍କୁଲ ଅଛି । ପୁଅ ଝିଅ ପାଠ ପଢୁଛନ୍ତି ସମସ୍ତେ । ଗାଁ ସାରା ମ୍ୟାଟ୍ରିକ୍ ଫେଲ ଅନେକ ପୁଅଝିଅ ଅଛନ୍ତି । ଏବେ ଜଣେ ଅଧେ କଲେଜ ଗଲେଣି । ଗାଁ ଭିତରଟି ସଫାସୁତରା । ଭଲ ଚାଷବାସ ନିଶ୍ଚିତ ହେଉଛି । ଗାଁରେ ପ୍ରବେଶ କଲା ମାତ୍ରକେ ହସହସ ମୁହଁ ଭେଟିବ । ଅଭିଯୋଗ କିଛି ନାହିଁ । ଏଇମିତି ଏକ ଗାଁ ମିଟିଂରେ ବଳରାମ ମାଝୀ ବୋଲି ଜଣେ ଯୁବକ ସହ ଦେଖା ହୋଇଥିଲା । ଗାଁରେ ରାତ୍ରି ସ୍କୁଲ ଚଳାଇବା ବା ଉନ୍ନତ ଚାଷବାସ ବିଷୟରେ କିଛି ନିଷ୍ପତ୍ତି ନେବାକୁ ହେଲେ ବଳରାମ ଗାଁରେ ନେତୃତ୍ୱ ନେଉଥିଲା । ଆମେ ଆଦିବାସୀଙ୍କୁ ସବୁଦିନେ ଖାଇବାକୁ ମିଳୁ ଓ ଭୋକ ଦୂର ହେଉ ବୋଲି ଚାହିଁ ଆସିଥିଲୁ । ଏଣୁ ଗାଁ ଲୋକଙ୍କ ସହଯୋଗରେ ବାଲିଗୁଡା ଗାଁରେ କୁଟୁମ୍ବ ପାଣ୍ଠି ବେଶ୍ ଗଢ଼ି ଉଠିଥିଲା ଓ ଅନେକ ବର୍ଷ ଧରି ତାହା ଏବେ ମଧ ବଢ଼ିବାରେ ଲାଗିଛି । ଗାଁ ସାରା ସବୁଦିନେ ଚାଷବାସ ଲାଗି ରହିଥାଉ ବୋଲି ଆମ ଅନୁଷ୍ଠାନ ସବୁବେଳେ ଚାହୁଁଥିଲା । ଏଣୁ ଗ୍ରାମବାସୀମାନେ ମିଳିତ ଭାବେ କେନାଲ ଖୋଳିବାକୁ ଆଗ୍ରହୀ ହେଲେ ଏବଂ ପାଣି ଆଣିଲେ ମଧ । ଗୋଟାଏ ଫସଲ ଜାଗାରେ ଦୁଇଥର ଫସଲ ଫଳିଲା । ଆମେ ଆଶା କରିଥିବା ସଚେତନତା ଓ ସଂଗଠନ ସେ ଗାଁରେ ଆପଣା ଛାଏଁ ଗଢ଼ି ଉଠିଥିଲା ।

ସିକରପାଇର ତେଲେଙ୍ଗା ସାହୁକାରମାନେ ଗୋଡିବାଲି ପଞ୍ଚାୟତ ସାରା କପାଚାଷ କରିବାକୁ ପୁଞ୍ଜି ଖଟାଇ ଥାଆନ୍ତି । ଆଦିବାସୀ ରୟତମାନଙ୍କୁ ଦିଅନ୍ତି ବିହନ, ରାସାୟନିକ ସାର ଓ କୀଟନାଶକ ଔଷଧ । କପା ଚାଷରେ କୁଆଡେ ବହୁତ ଲାଭ ବୋଲି ସମସ୍ତେ କହୁଥାଆନ୍ତି । ତେଣୁ ବାଲିଗୁଡା ଗାଁର ଆଖପାଖରେ କପାଚାଷ ଖୁବ୍ ବ୍ୟାପିଥିଲା । କିନ୍ତୁ ଆଦିବାସୀମାନେ ଜାଣି ପାରିଲେ ଯେ କପା ଚାଷର ଲାଭ ସେମାନଙ୍କୁ

Digitized by srujanika@gmail.com

ମିଳୁନାହିଁ । ସାର ଓ କୀଟନାଶକ ଔଷଧ ବ୍ୟବହାର ଦ୍ୱାରା ଜମିର ଉତ୍ପାଦିକା ଶକ୍ତି ହ୍ରାସ ପାଉଛି । କପା ଚାଷ କ'ଣ ତାହା ଆଗରୁ ଜାଣିନଥିଲେ । ଲାଭର ମୋହ ଟାଣି ନେଇଥିଲା ସେ ଦିଗକୁ । ମୋହ ଖୁବ୍ ଶୀଘ୍ର ଭାଙ୍ଗିଗଲା । ସାହୁକାର ତ ଲାଭ ନେଲା । ଜମି ଓ ପରିବେଶ ନଷ୍ଟ ହେଲା । ବଳରାମ ଏଇ ସମୟରେ ଜୈବିକ ଚାଷ ବିଷୟରେ ଅଧିକ ଆଗ୍ରହ ଦେଖାଇ ତାଲିମ୍ ନେଇଥିଲା । କମ୍ପୋଷ୍ଟ ଖତ, ଜିଆଖତ ଦ୍ୱାରା ପନିପରିବା ଉତ୍ପାଦନ କେମିତି ବଢୁଛି ଓ ଉତ୍ପାଦନ ବଢ଼ିବା ସଙ୍ଗେ ସଙ୍ଗେ ଆୟ ମଧ୍ୟ ବଢୁଛି ଏହା ଟ୍ରେନିଂ ମାଧ୍ୟମରେ ସେ ଜାଣି ପାରିଲା । ସେ ପଚାରୁଥିଲା ଯେ ଜୈବିକ ଚାଷ ଦ୍ୱାରା ମାଟିର ଉର୍ବରତା କେମିତି ବଢୁଛି, ଜୈବିକ ଫସଲରୁ କେମିତି ପୋକ ନିୟନ୍ତ୍ରଣ କରାଯାଉଛି । ପାରମ୍ପରିକ ଜ୍ଞାନ ଦ୍ୱାରା ଆଦିବାସୀ କେମିତି ଫସଲକୁ କୀଟପୋକଙ୍କ ଠାରୁ ରକ୍ଷା କରିପାରିଛି ସେ ଜାଣିଥିଲା ଓ ଆମକୁ ସୂଚନା ଦେଇଥିଲା ସେ ବିଷୟରେ । ଜୈବିକ ଚାଷ ଓ ରାସାୟନିକ ଚାଷ ଭିତରେ କ'ଣ ଫରକ ଅଛି, ସେ ତନ୍ନତନ୍ନ କରି ଜାଣିବାକୁ ଚାହୁଁଥିଲା । ସିକରପାଇର ତେଲେଙ୍ଗା ଚାଷୀମାନେ ବ୍ୟାପକ ଭାବେ ସାର ଓ କୀଟନାଶକ ଔଷଧ ବ୍ୟବହାର କରି ବସ୍ତାବସ୍ତା ଧାନ ଉତ୍ପାଦନ କରୁଛନ୍ତି ବୋଲି ଏ ଅଞ୍ଚଳ ଜାଣିଛି । କୃଷି ବିଭାଗ କର୍ମଚାରୀମାନେ ବହୁ ଅମଳକ୍ଷମ ବିହନ, ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର ଦ୍ୱାରା କି ଲାଭ ହେଉଛି ସବୁବେଳେ କହି ଆସୁଛନ୍ତି । ସିକରପାଇ ବା ରାୟଗଡ଼ା ବଜାରରୁ ଏ ସବୁ ଉପାଦାନ କିଣିବାକୁ ଦୋକାନ ବଜାର ଖୋଲିଛି । ଅବଶ୍ୟ ଏଥିପାଇଁ ଟଙ୍କା ଦରକାର । ସିକରପାଇର ସାହୁକାର ଋଣ ଦେବ ବୋଲି ଚାହିଁ ବସିଛି ।

ବଳରାମ କିନ୍ତୁ ସର୍ବପ୍ରଥମେ ବୁଝିଥିଲା ଯେ ବହୁ ଅମଳକ୍ଷମ ବିହନ, ସାର ଓ କୀଟନାଶକ ଔଷଧ କିଣିବା ପାଇଁ ସେମାନଙ୍କ ପାଖରେ ଟଙ୍କା ପଇସା ନାହିଁ । ଅଥଚ ଗୋବର ଖତ ଓ କମ୍ପୋଷ୍ଟ ଆଦି ସେମାନେ ବିନା ପଇସାରେ ପାଇ ପାରୁଛନ୍ତି । ନିମ୍ବପତ୍ର, କରଞ୍ଜପତ୍ର, ଅରଖପତ୍ର ପାଉଁଶ ଆଣି ବ୍ୟବହାର କରି ପୋକମାନଙ୍କୁ ନିୟନ୍ତ୍ରଣ କରାଯାଇ ପାରୁଛି । ଜୈବିକ ଚାଷର ସମସ୍ତ ପ୍ରକ୍ରିୟା ସେ ଜାଣିବାକୁ ଆଗ୍ରହ ଦେଖାଇଥିଲା । ଜିଆଖତ ବିଷୟରେ ବେଶୀ ଜାଣିବାକୁ ଗାଁରେ ସବୁ ଚାଷୀଙ୍କର ଗୋଟାଏ ଗୋଟାଏ ଜିଆକୁଣ୍ଡ ରହୁବୋଲି ପ୍ରସ୍ତାବ ରଖିଥିଲା । ଗାଈ ମୂତ ଓ ଗୋବର ସହିତ କ୍ଷୀର, ଦହି ଓ ଘିଅ ଆଦି ମିଶାଇ 'ପଞ୍ଚଗବ୍ୟ' କେମିତି ତିଆରି କରାଯାଇ ପାରିବ ସେ ଶିଖି ଯାଇଥିଲା । ଦେଶୀ ଉପାୟରେ ପତ୍ର ଚେର ମୂଳମାନଙ୍କୁ ନେଇ

Digitized by srujanika@gmail.com

ବିଭିନ୍ନ ପ୍ରକାରର କୀଟନାଶକ ଦ୍ରବ୍ୟ ତିଆରି କରାଯାଇ ପାରିବ ଓ ତାହା ପୃଥିବୀସାରା ସବୁ ଚାଷୀ କେମିତି ବ୍ୟବହାର କରୁଛନ୍ତି ତାହା ଜାଣି ଆଶ୍ଚର୍ଯ୍ୟ ହୋଇଥିଲା । ବଳରାମ କହୁଥିଲା ଯେ ଆଦିବାସୀ ମୋଟାମୋଟି ଭାବେ ଜୈବିକ ଚାଷ କରିଆସୁଛି । ମକା,ମାଣ୍ଡିଆ, କାନ୍ଦୁଲ, କଟିଂ, କାଙ୍ଗୁ, କୋଶଳା ଆଦି କେତେ ପ୍ରକାରର ଫସଲ କରୁଛି, ତାହା ଖାଉଛି ଓ ବଳକା ବିକ୍ରୟ କରୁଛି । ବିଭିନ୍ନ ପନିପରିବା ମଧ୍ୟ ବାଡିରେ ଲଗାଉଛି । ଏ ସବୁର ବେଶୀ ଉତ୍ପାଦନ ହେଲେ ତାହାର ଉଚିତ୍ ବିକାକିଣା ହୋଇ ପାରିବ କି ନାହିଁ ଓ ଉଚିତ୍ ଦର ମିଳିବ କି ନାହିଁ ବୋଲି ତାହାର ମନରେ ପ୍ରଶ୍ନ ଉଠିଥିଲା ।

ବଳରାମର ନେତୃତ୍ୱରେ ବାଲିଗୁଡା ଗାଁରେ ଜୈବିକ ଉପାୟରେ ପନିପରିବା ଚାଷ କରାଗଲା । ବିନସ୍, ଟମାଟୋ, ପିଆଜ ଆଦି ବହୁତ ଲଗାଯାଇଥିଲା ଗାଁରେ । ଉତ୍ପାଦନ ଦୁଇଗୁଣ ବଢ଼ିଗଲା । ପ୍ରଥମେ ପ୍ରଥମେ ବିକ୍ରୟ କରିବା କଷ୍ଟ ହୋଇଥିଲା । ବେପାରୀମାନେ ଅଳ୍ପ ପଇସାରେ ସବୁ କିଣିନେବାକୁ ଚାହୁଁଥିଲେ । ଗାଁ ଲୋକେ ପିଆଜକୁ ଠିକ୍ ଭାବେ ସଂରକ୍ଷଣ କରିବା ପାଇଁ ଅଳ୍ପଖର୍ଚ୍ଚରେ ଭଣ୍ଡାରଘର ତିଆରି କଲେ । ଏ ଅଞ୍ଚଳରେ ଜୈବିକ ଚାଷ ପ୍ରଣାଳୀ ବ୍ୟାପକ ଓ ବିସ୍ତୃତ ହେବା ପାଇଁ ବଳରାମ ଏକ ଚାଷୀମେଳା ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲା । ଆଖପାଖ ଅଞ୍ଚଳରୁ ପ୍ରାୟ ଏକ ହଜାର ଚାଷୀ ଓ ମହିଳାମାନେ ଯୋଗଦେଇଥିଲେ । ତିନୋଟି ପଞ୍ଚାୟତର ଚାଷୀମାନେ ଏକାଠି ହୋଇ ରାସାୟନିକ ସାର ଓ କୀଟନାଶକ ଔଷଧ ପରିତ୍ୟାଗ କରିବାକୁ ନିଷ୍ପତ୍ତି ନେଇଥିଲେ । ବହୁ ଅମଳକ୍ଷମ ବାହାରିଆ ବିହନ ପରିବର୍ତ୍ତେ ସ୍ଥାନୀୟ ବିହନ କେମିତି ବେଶୀ ବେଶୀ ବ୍ୟବହାର କରାଯିବ, ସେମାନେ ଯୋଜନା କରିଥିଲେ । ପ୍ରତ୍ୟେକ ଚାଷୀ କେମିତି ଜିଆକୁଣ୍ଡ ନିର୍ମାଣ କରିବେ, ସେ ବିଷୟ ନିଷ୍ପତ୍ତି ନିଆଯାଇଥିଲା । ସେ ଅଞ୍ଚଳରୁ ଉତ୍ପାଦିତ ସମସ୍ତ ଫସଲ ଓ ବିହନର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ବଳରାମର ପ୍ରତ୍ୟକ୍ଷ ପ୍ରୋତ୍ସାହନ ଫଳରେ ସେ ଅଞ୍ଚଳରେ ଜୈବିକ ଚାଷୀମାନଙ୍କର ଏକ ସଂଗଠନ ଗଢ଼ି ଉଠିଲା । ଉତ୍ପାଦନ ବଢ଼ାଇବା ପାଇଁ ଜୈବିକ ଚାଷର ସବୁପ୍ରଣାଳୀ ବୁଝିବା ପାଇଁ ବିଭିନ୍ନ ତାଲିମର ଆୟୋଜନ କରାଗଲା । କେଉଁ ଋତୁରେ କେଉଁ ଚାଷ କରାଯିବ ତାହାର ନିର୍ଦ୍ଦିଷ୍ଟ ଯୋଜନା କରାଗଲା । ବିକାକିଣା ପାଇଁ ବଜାର ଖୋଜାଗଲା । ସେ ଅଞ୍ଚଳକୁ ଜୈବିକ ଚାଷର ଅଞ୍ଚଳ କେମିତି କରାଯିବ ତାହା ପାଇଁ ଦୃଢ଼ ନିଷ୍ପତ୍ତି ନିଆଗଲା । ଚାଷୀମେଳା ଆୟୋଜନରେ ପ୍ରତ୍ୟେକ ଗାଁ ସହଯୋଗ କରିଥିଲେ । ଖାଇବା ଜିନିଷ ସବୁ ସାଙ୍ଗରେ

Digitized by srujanika@gmail.com

ଆଣି ବାଲିଗୁଡା ଗାଁରେ ପହଞ୍ଚାଇ ଥିଲେ । ସେ ଅଞ୍ଚଳ ପାଇଁ ଏହା ଏକ ନୂତନ ଉନ୍ମାଦନା ଓ ଉତ୍ସାହର ବାତାବରଣ ସୃଷ୍ଟି କରିଥିଲା । ଏକଥା ସତଯେ ବଳରାମ ଜଣେ ଅର୍ଦ୍ଧ ଶିକ୍ଷିତ ଯୁବକ ହୋଇ ମଧ୍ୟ ବାହାରର ଆକର୍ଷଣରେ ପ୍ରଲୋଭିତ ହୋଇନାହିଁ । ସେ ଗାଁ ଛାଡି ସହରକୁ ପଳାୟନ କରି ନାହିଁ । ଗାଁରେ ଟାଉଟର ବା ଠିକାଦାର ହେବାକୁ ମନବଳାଇ ନାହିଁ । ସେ ନିଜେ ଜଣେ ଭଲ ଚାଷୀ ହେବାକୁ ଚାହିଁଛି ଓ ଅନ୍ୟମାନଙ୍କୁ ଭଲ ଚାଷୀ ହେବାକୁ ପ୍ରେରଣା ଯୋଗାଇଛି । ସେ ନେତା ହେବାକୁ ଚାହିଁନାହିଁ ଅଥଚ କୃଷକ ସଂଗଠନ ଗଢ଼ି ଉଠିବାକୁ ନେତୃତ୍ୱ ପ୍ରଦର୍ଶନ କରିଛି । ଆଜି ବାଲିଗୁଡା ଗାଁରେ ବଳରାମ ମାଝୀ ସମସ୍ତଙ୍କ ପାଇଁ ବଳରାମ ଭାଇ ହୋଇଯାଇଛି ।

ସମ୍ପ୍ରତି ସାରା ପୃଥିବୀରେ ବିଶେଷ କରି ତୃତୀୟ ବିଶ୍ୱରେ ଗୋଟିଏ ପ୍ରଶ୍ନ ଉଠିଛି । ତାହା ହେଉଛି ଯେ କୃଷି କାହିଁକି ଶିକ୍ଷିତ ଯୁବକମାନଙ୍କୁ ଆକର୍ଷିତ କରି ପାରୁନାହିଁ ? ଲକ୍ଷ ଲକ୍ଷ ଯୁବକ କୃଷି କ୍ଷେତ୍ରରେ ନିଜକୁ ନିୟୋଜିତ ନକରି ଗାଁ ଛାଡି ସହରକୁ ପଳାୟନ କରୁଛନ୍ତି । ଏବେ ଓଡ଼ିଶାର କଥା ବିଚାରକୁ ନିଆଯାଉ । ଉପକୂଳ ଅଞ୍ଚଳ ହେଉ ବା ପାର୍ବତୀୟ ଅଞ୍ଚଳ ହେଉ, ପଶ୍ଚିମ ଓଡ଼ିଶା ହେଉ ବା ଦକ୍ଷିଣ ଓଡ଼ିଶା ହେଉ, ଗ୍ରାମାଞ୍ଚଳର ସବୁ ଯୁବକ କର୍ମଅନ୍ୱେଷଣରେ ଦେଶାନ୍ତରୀ ହେଉଛନ୍ତି । ଅନେକ ଅଞ୍ଚଳରେ ଜମି ପଡିଆ ପଡୁଛି । ଏହା ଯେ କୃଷି ଓ ଖାଦ୍ୟ ଉତ୍ପାଦନରେ ଘୋର ବାଧା ସୃଷ୍ଟି କରିଛି ତାହା ସ୍ୱୀକାର କରିବାକୁ ହେବ । କୃଷି କ୍ଷେତ୍ରରେ ମାଟିକାଦୁଅର ମଣିଷ ହେବାକୁ କୃଷିଜୀବୀମାନେ ଆଉ ପସନ୍ଦ କରୁନାହାନ୍ତି । ଯଦି ଅନ୍ୟତ୍ର ଅନ୍ୟକିଛି ସୁଯୋଗ ମିଳୁଛି ଯେ ତତ୍‌କ୍ଷଣାତ୍ ପଳାୟନ କରୁଛି । କୃଷି ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ନେଇ ବାହାରୁଥିବା ଯୁବକ ଯୁବତୀମାନେ କୃଷି କ୍ଷେତ୍ରରେ ନିଜକୁ ପୂରାପୂରି ନିୟୋଜିତ କରୁନାହାନ୍ତି । କୃଷକ ହେଉ ବା କୃଷିବିଜ୍ଞାନୀ ହେଉ, ସମସ୍ତଙ୍କର ସାମାଜିକ, ଆର୍ଥିକ ସ୍ଥିତି ଓ ସମ୍ମାନ ଯେମିତି ହ୍ରାସ ପାଇବାରେ ଲାଗିଛି । କୃଷି ଲାଭଜନକ ନୁହେଁ ବୋଲି ସବୁଆଡେ ଅନୁଭବ କରାଯାଉଛି । କୃଷି କ୍ଷେତ୍ରରେ ପୁଞ୍ଜି ଓ ବ୍ୟବସାୟର ଅହେତୁକ ଓ ଅଯୌକ୍ତିକ ଅନୁପ୍ରବେଶ ଏବେ ଅନେକ ପ୍ରଶ୍ନ ଉଠାଇଛି । ପଶ୍ଚିମ ଓ ବିକଶିତ ଦେଶର କୃଷି ଓ କୃଷକମାନଙ୍କ ସହ ତୁଳନା କରି କେହି କେହି କହୁଛନ୍ତି ଯେ ଜମି ଓ କୃଷି ଅଳ୍ପକିଛି ଲୋକଙ୍କ ନିୟନ୍ତ୍ରଣରେ ରହୁ ଓ ଆଧୁନିକ ଉପାୟରେ କୃଷି ବିକାଶ କରାଯାଉ । ସରକାର କୃଷି ଉପରେ ଆବଶ୍ୟକ ରିହାତି ଯୋଗାଇ ଦିଅନ୍ତୁ ଓ କୃଷିର ବ୍ୟବସାୟୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାନ୍ତୁ । ଏହିଭଳି ମତାମତ ଆଜି କୃଷି କ୍ଷେତ୍ରରେ

Digitized by srujanika@gmail.com

ସବୁଠାରୁ ବେଶି ସମସ୍ୟା ସୃଷ୍ଟି କରୁଛି । ଗାଁରେ ଥିବା ଶିକ୍ଷିତ ଯୁବକଙ୍କର ଭବିଷ୍ୟତ ଯଦି ସହର ସମାଧାନ କରିପାରୁଥାଆନ୍ତା, ତେବେ ତ କିଛି କହିବାର ନଥିଲା । କିନ୍ତୁ କୃଷିକୁ ଲାଭଜନକ ଓ ଆକର୍ଷଣୀୟ ନକରିବା ଦ୍ୱାରା ଗାଁର ସମସ୍ୟା ବଢ଼ିବା ସଙ୍ଗେ ସଙ୍ଗେ ସହରର ସମସ୍ୟା ମଧ ବଢ଼ିଛି । ଏସବୁ ସମସ୍ୟାର ସମାଧାନ ରାସ୍ତା କ'ଣ ? ଏବେ ବିଚାର କରିବାର ସମୟ ଆସିଛି । ପ୍ରଚଳିତ କୃଷିନୀତିରେ ମୌଳିକ ପରିବର୍ତ୍ତନର ଆବଶ୍ୟକତା ରହିଛି । କୃଷକ ହେଉ କି କୃଷି ବିଜ୍ଞାନୀ ହେଉ, ସରକାର ହୁଅନ୍ତୁ କି ବେସରକାରୀ ସଂସ୍ଥା ହୁଅନ୍ତୁ, ବିଶ୍ୱବ୍ୟାଙ୍କ ହେଉ ଅଥବା ଗାଁର ସାହୁକାର ହେଉ, କୃଷି ପ୍ରତି ଆଭିମୁଖ୍ୟ ବଦଳେଇବା ଜରୁରି ହୋଇଛି । ବିଶ୍ୱବ୍ୟାପୀ ଏବେ ଯେଉଁ ଖାଦ୍ୟ ସଙ୍କଟ ଦେଖାଦେଇଛି ଓ ଭବିଷ୍ୟତରେ ଯାହା ଆହୁରି ଉତ୍କଟ ହେବାର ଆଶଙ୍କା ରହିଛି, ତାହାର ସମାଧାନର ଏକମାତ୍ର ଉପାୟ ହେଉଛି କୃଷି ଓ କୃଷକର ମାନ ସବୁକ୍ଷେତ୍ରରେ ବଢ଼ାଇବା ପାଇଁ ପଦକ୍ଷେପ ନେବା । ଏହା ସମ୍ଭବ କି ନାହିଁ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି ।

□□□

Digitized by srujanika@gmail.com

୩୪

ସର୍ଗୀଗୁଡା ଗାଁକୁ ଭୁଲି ହେବନାହିଁ

କାଶୀପୁର ବ୍ଲକ୍‌ର ଡଙ୍ଗାସିଲ୍ ପଞ୍ଚାୟତରେ ସର୍ଗୀଗୁଡା ଗାଁର ଲୋକମାନେ ସବୁବେଳେ ଜୀବନ ଜୀବିକା ପାଇଁ ଯେ ସଂଗ୍ରାମରତ ଏକଥା ସହଜରେ ସମସ୍ତେ ସ୍ୱୀକାର କରନ୍ତି । ଡଙ୍ଗାସିଲକୁ ଏକଦା ସବୁଦିନିଆ ରାସ୍ତା ନଥିଲା । କାଶୀପୁର ଆଡୁ ଆସିଲେ ରତାଚୁଆଁର ସାନ ନଦୀ । ଟିକିରି ଆଡୁ ଆସିଲେ କରଳ, କୁଚେଇପଦର ନାଳ ଓ ଡଙ୍ଗାସିଲର ବଡ ନଦୀ । ସାମାନ୍ୟ ବର୍ଷାରେ ବଢ଼ି ପାଣି ମାଡି ଆସେ ଓ ଗମନାଗମନ ବଡ କଠିନ ହୋଇଯାଏ । ଡଙ୍ଗାସିଲ୍‌ର ପଶ୍ଚିମରେ ପାଟିଆସିଲ୍‌ର ଦୁର୍ଗମ ରାସ୍ତା କଳାହାଣ୍ଡି ସୀମାବର୍ତ୍ତି ବଣ୍ଡାଧାର ଓ ଧଡାପାସ୍ ଗାଁ ପର୍ଯ୍ୟନ୍ତ ଲମ୍ବିଥାଏ । ରବିବାର ହାଟ ଦିନ ଡଙ୍ଗାସିଲ୍‌ରେ ଜନ ସମାଗମ ହୁଏ । ୧୯୮୩ର ଏଇଭଳି ଏକ ରବିବାର ଦିନ ଦେଖା ସାକ୍ଷାତ ହୋଇଥିଲା ସର୍ଗୀଗୁଡା ଗାଁର ରାଜୀବ ମାଝୀଙ୍କ ସହ । ସର୍ଗୀଗୁଡା ଗାଁକୁ ବୁଲିଆସିବା ପାଇଁ ନିମନ୍ତ୍ରଣ ମିଳିଥିଲା । ଏ ଗାଁଟିକୁ ସେ ଅଞ୍ଚଳର ଲୋକେ ଖୁବ୍ ଭଲଭାବେ ଜାଣିଥିଲେ । କାରଣ ହଳଦୀ ଚାଷ କରି ଭଲ ରୋଜଗାର କରିବାରେ ଏ ଗାଁ ବେଶ୍ ନାମ କରିଥିଲା । ଯେଉଁ ପରିବାର ବେଶି ହଳଦୀ ଚାଷ କରୁଥିଲା, ସେ ପରିବାରରୁ ପିଲାମାନେ ଆଶ୍ରମ ସ୍କୁଲରୁ ପଢ଼ି କିଛି କିଛି ଶିକ୍ଷିତ ହୋଇଥିଲେ । ଡଙ୍ଗାସିଲ୍ ପଞ୍ଚାୟତରେ ସର୍ଗୀଗୁଡା ସେଇ ଦୃଷ୍ଟିରୁ ଶିକ୍ଷିତ ଗାଁ ବୋଲି ମାନ୍ୟତା ପାଇଥିଲା । ଗାଁରେ ସ୍କୁଲ ନାହିଁ ଅଥଚ କିଛି ପିଲା ମ୍ୟାଟ୍ରିକ୍ ଫେଲ ହୋଇ ଗାଁରେ ଅଛନ୍ତି ଏକଥା ଆମ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ରାଜୀବ ମାଝୀଙ୍କ ଅନୁରୋଧ ରକ୍ଷା କରି ଆଜିକୁ ପଚିଶ ବର୍ଷତଳେ ଏକ ଶାରଦୀୟ ସନ୍ଧ୍ୟାରେ ସେ ଗାଁକୁ ଯିବାକୁ ସୁଯୋଗ ମିଳିଥିଲା । ରାଜୀବ ଆଗରୁ ସତର୍କ କରିଦେଇଥିଲେ ଯେ ତାଙ୍କ ଗାଁକୁ ରାସ୍ତା ନାହିଁ । ଗୋଟାଏ ମସ୍ତବଡ ଝୋଲା ଅତିକ୍ରମ କରିବାକୁ ହେବ । ଗାଁଟି ଏକ ପାହାଡଧାରରେ ଉଠାଣି ଉପରେ । କିଛିବାଟ ଚଲିବାକୁ ହେବ । ବେଳ ରତରତ ସମୟରେ ଆମକୁ ଗାଁରେ ପହଞ୍ଚିବାକୁ ହେବ । ନଚେତ୍ କିଛି ଦେଖି ହେବ

Digitized by srujanika@gmail.com

ନାହିଁ । ଗାଁର ତଳେ ଝରଣା ପାଣି ଝୋଲା ଜମିରେ ବୋହୁଛି ଓ ଡ୍ୟାମ୍ କରି ପାଣି ଉପର ଜମିକୁ ନେଇ ହେବ ନାହିଁ । ଗାଁର ଉପର ମୁଣ୍ଡରେ ଜଳସ୍ରୋତ ବର୍ଷରେ କେତେ ମାସ ବୋହୁଛି । ସେଥିରେ କେନାଲ ନିର୍ମାଣ କରି ଜଳସେଚନ ବ୍ୟବସ୍ଥା କରିବାକୁ ଗାଁର ଇଚ୍ଛା । ପାହାଡରେ ବନୀକରଣ ବି କରାଯାଇପାରିବ । କିନ୍ତୁ ସର୍ବପ୍ରଥମେ ଗାଁରେ ପିଲାମାନେ ପାଠ କେମିତି ପଢ଼ିବେ ଓ ତିରିଶରୁ ଉର୍ଦ୍ଧ୍ୱ ପରିବାର କେମିତି ସାକ୍ଷର ହେବେ ଏହା ସେମାନଙ୍କର ଯୋଜନା ତାଲିକାରେ ପ୍ରଥମେ ରହିଛି । ରାଜୀବ ମାଝୀ ଏସବୁ ବିଷୟରେ ସୂଚନା ଦେଇଥିଲେ ପ୍ରଥମେ ଓ ଗାଁରେ ପହଞ୍ଚିଲା ମାତ୍ରକେ ଏସବୁ କାର୍ଯ୍ୟକ୍ରମ ଆଲୋଚିତ ହେବାକୁ ପ୍ରସ୍ତାବ ଆସିଥିଲା । ଗାଁରେ ଚାଷବାସ ଗୋଟାଏ ପ୍ରକାର ହେଉଛି । ହଳଦୀ ବିକାକିଣାରେ କୌଣସି ସମସ୍ୟା ନାହିଁ । ମାଆମାନେ ଡଙ୍ଗାସିଲ୍‌କୁ ଜାଳକାଠ ବିକ୍ରି କରିବାକୁ ନେଇଛନ୍ତି ଅଥବା କଣ୍ଟ୍ରାକ୍ଟରର କୁଲି କରୁଛନ୍ତି । ଯେମିତି ହେଉ ପଛକେ ଗୁଜୁରାଣ ମେଣ୍ଟି ଯାଉଛି । ଅଶୀଦଶକର ଡଙ୍ଗାସିଲ୍‌ରେ ପନିପରିବା ଉତ୍ପାଦନକାରୀ ସମବାୟ ସମିତି ଯେତେବେଳେ ଗଢ଼ା ହେଲା ରାଜୀବ ମାଝୀଙ୍କ ଭୂମିକା ସେଥିରେ କିଛି କମ୍ ନଥିଲା । ଆଖ ପାଖ ଗାଁରେ ଜଳସେଚନ ସହ ପନିପରିବା ଚାଷ ଅନେକ ଗୁଣରେ ବଢ଼ିଲା ସତ ସର୍ଗୀଗୁଡା ଗାଁ କିନ୍ତୁ ପଛରେ ପଡିନଥିଲା । ବର୍ଷା ସମୟ ପରେ ପରେ ଜମିରେ ଯେତିକି ଆଦ୍ରତା ଥିଲା ଓ କେନାଲ୍ ଦେଇ ଯେତିକି ପାଣି ଗାଁରେ ପହଞ୍ଚୁଥିଲା ତାହା ଶୀତ ଦିନର ଫସଲ ପାଇଁ ଯଥେଷ୍ଟ ଥିଲା । ଗାଁ ସାରା ସଘନ ଭାବେ ପନିପରିବା ଚାଷ କରିବାକୁ ଆରମ୍ଭ କରିଥିଲେ ।

ଗାଁରେ କିନ୍ତୁ ମ୍ୟାଟ୍ରିକ ଫେଲ୍ କମଳ ଲୋଚନ ମାଝୀ ରାତ୍ରିସ୍କୁଲ ଆରମ୍ଭ କରିଥିଲା ପିଲାଙ୍କ ପାଇଁ । କମଳ ଲୋଚନ ବାସ୍ତବରେ ଜଣେ ଭଲ ଶିକ୍ଷକ ଥିଲା । ତା'ର ଜ୍ଞାନ ଖୁବ୍ ଥିଲା । ସଚେତନତା ବି । ଅକ୍ଷର ଭଲ ଲେଖୁଥିଲା । ସେ ପ୍ରଥମେ ଚାଷୀ ଥିଲା ଓ ଗାଁର ଗୁରୁଭାଇ ହେବା ଦ୍ୱାରା ତାହାର ମାନସମ୍ମାନ ଅନେକ ବଢ଼ି ଯାଇଥିଲା । ସେତେବେଳେ ଲଣ୍ଠନ ଆଲୁଅରେ ସିଲଟ୍, ଖଡି ଧରି ଗାଁର ଅସମତଳ ଦାଣ୍ଡରେ ପିଲାମାନେ ପୁଅ, ଝିଅ ଗୋଲେଇ କରି ବସୁଥିଲେ । ପରେ ଅବଶ୍ୟ ସ୍କୁଲ ଘରଟିଏ ଗାଁବାଲା ତିଆରି କରିଥିଲେ । ସବୁ ପରିବାରର ଉଦ୍ଦେଶ୍ୟ ଥିଲା ଯେ ପୁଅ ହେଉ କି ଝିଅ ହେଉ, ସାମାନ୍ୟ ବଡ ହୋଇଗଲେ ଆଶ୍ରମ ସ୍କୁଲରେ ନାଁ ଲେଖାଇବେ । ଡଙ୍ଗାସିଲ୍‌ରେ କନ୍ୟାଶ୍ରମ ଝିଅମାନଙ୍କ ପଢ଼ିବା ପାଇଁ । ଗୋରଖପୁର ଅଥବା ଡୁମାଗୁଡାରେ

Digitized by srujanika@gmail.com

ଆଶ୍ରମ ସ୍କୁଲ ପୁଅମାନଙ୍କ ପାଇଁ । ଗାଁରେ ରାତ୍ରିସ୍କୁଲରେ ପାଠ ପଢ଼ି ଏଇ ଆଶ୍ରମ ସ୍କୁଲରେ ଭର୍ତ୍ତି ହେବା ପାଇଁ ସମସ୍ତଙ୍କର ଆଗ୍ରହ ଥିଲା । କମଳ ଲୋଚନ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଥିଲା । ସର୍ଗୀଗୁଡା ଗାଁରେ ବିକାଶର ଗତି ମଧ୍ୟ ତୀବ୍ର ହୋଇଥିଲା ।

ଅଶୀଦଶକର ଶେଷ ଭାଗରେ ଆନ୍ତର୍ଜାତିକ କୃଷି ବିକାଶ ପାଣ୍ଠି ବା (IFAD) ପ୍ରକଳ୍ପ ଆରମ୍ଭ ହେବା ମାତ୍ରକେ ସର୍ଗୀଗୁଡା ଗାଁ ସେଥିରେ ସହଜରେ ଅନ୍ତର୍ଭୁକ୍ତ ହୋଇଥିଲା । ଗାଁକୁ ଝୋଲା ଜମି ଦେଇ ରାସ୍ତାଟିଏ ତିଆରି ହେଲା ଓ ରାସ୍ତା ଦୁଇପାଖେ ଚାରା ମଧ୍ୟ ଲାଗିଲା । ଲୋକମାନଙ୍କର ଗମନାଗମନ ସୁଗମ ହେଲା ଏହାଦ୍ୱାରା । ଜମି ସବୁ ମଧ୍ୟ ମରାମତି କରାଗଲା । ଗାଁରେ ବୃକ୍ଷରୋପଣ କରାଗଲା । କଲମୀ ଆମ୍ବ ଓ ଲିଚୁ ପଥମ ଥର ପାଇଁ ଲାଗିଲା । ଆଦିବାସୀମାନଙ୍କୁ କୃଷି ବିଷୟରେ ଅନେକ ତାଲିମ୍ ମଧ୍ୟ ଦିଆଗଲା ।

କିନ୍ତୁ ଗାଁରେ ସବୁଠାରୁ ଉଲ୍ଲେଖନୀୟ ଘଟଣା ଥିଲା ସୁଶୀଳା ମାଝୀ । ଭିନ୍ନକ୍ଷମ ଝିଅଟିଏ । ଜନ୍ମରୁ ଗୋଟିଏ ଗୋଡ ଛୋଟ ହୋଇଯାଇଛି । ନିଜ ଉଦ୍ୟମ ଫଳରେ ସେ ମ୍ୟାଟ୍ରିକ ପାସ୍ କରିଛି ଡଙ୍ଗାସିଲ୍ କନ୍ୟାଶ୍ରମରୁ । ନିଜ ଗାଁର ବିକାଶ ହେବା ସଙ୍ଗେ ସଙ୍ଗେ ସେ ଅଞ୍ଚଳରେ କିପରି ଉନ୍ନତି ହେବ ସେ ଲକ୍ଷ୍ୟ ରଖିଛି । ତାଙ୍କ ଗାଁର ଅନ୍ୟ ଗୋଟିଏ ଝିଅ ସଞ୍ଜୁ ମାଝୀ । ବି.ଏ. ପାସ୍ କରିଛି । ଆଦିବାସୀ ମାଆମାନଙ୍କ ଉଦ୍ୟମ ଫଳରେ ଗଢ଼ି ଉଠିଥିବା 'ଆମ ସଂଗଠନ' ସଂସ୍ଥାରେ ସଞ୍ଜୁ ଓ ସୁଶୀଳା ଖୁବ୍ ସକ୍ରିୟ । ସଞ୍ଜୁ ସମ୍ପାଦିକା ଥିଲା, କିନ୍ତୁ ଜିଲ୍ଲାପରିଷଦର ସଭ୍ୟାଭାବେ ନିର୍ବାଚିତ ହେବା ପରେ, ସେ ରାଜନୀତିରେ ସକ୍ରିୟ ହୋଇଛି । ସୁଶୀଳା ଏବେ ହୋଇଛି 'ଆମ ସଂଗଠନ'ର ସମ୍ପାଦିକା ଓ ତାହାରି ନେତୃତ୍ୱରେ ମହିଳାମାନଙ୍କର ବିକାଶ ଦିଗରେ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି । 'ଆମ ସଂଗଠନ'ର ଝାଡୁ ଓ ଡାଲି ବିକା କିଣାର ଦାୟିତ୍ୱ ତା' ହାତରେ । 'ଆମ ସଂଗଠନ'ର ନେତ୍ରୀ ସୁମନୀ ଝୋଡିଆଙ୍କ ସହ ମିଶି ଆଦିବାସୀ ମହିଳାଙ୍କ ସଂଗଠନ କିପରି ଆହୁରି ଦୃଢ଼ ହୋଇପାରିବ, ସେ ବିଷୟରେ ଯୋଜନା ସେ କରିଆସୁଛି । ସୁଶୀଳା ଋହିଁଛି ଯେ ତା' ଗାଁରୁ ଉତ୍ପାଦିତ ହେଉଥିବା ହଳଦୀ କଞ୍ଚା ବିକ୍ରି ନହୋଇ ଗୁଣ୍ଡକରି ପ୍ୟାକେଟ ଭରିଆରେ ବିକ୍ରି କରାଯାଉ । ଏହା କିଛି ବର୍ଷତଳେ ଆରମ୍ଭ ହୋଇଥିଲା କିନ୍ତୁ ଏବେ ବନ୍ଦ ଅଛି । ସର୍ଗୀଗୁଡାର ହଳଦୀ ଟିକିଏ ଲାଲ୍ ଓ ତେଲିଆ । ଏଇଥି ପାଇଁ ସହରର ଗୃହିଣୀମାନେ କୁଆଡେ ଏହାକୁ

Digitized by srujanika@gmail.com

ପସନ୍ଦ କରନ୍ତି ନାହିଁ । ଅସଲ କଥା ହେଉଛି ଯେ ସହରର ଦୋକାନରେ ମିଳୁଥିବା ହଳଦୀର ପ୍ରକ୍ରିୟାକରଣ କରାଯାଇ ତେଲିଆ ଅଂଶ ବା କୁର୍‌କୁମିନ୍‌କୁ ଅଲଗା କରିଦିଆଯାଉଛି । କୁର୍‌କୁମିନ୍ ଔଷଧ ଓ ପ୍ରସାଧନ ସାମଗ୍ରୀ ତିଆରିରେ ବହୁଳ ଭାବେ ପ୍ରୟୋଗ କରାଯାଏ । କିନ୍ତୁ ସ୍ଥାନୀୟ ଲୋକେ ତେଲିଆ ହଳଦୀକୁ ବେଶୀ ପସନ୍ଦ କରନ୍ତି । ସର୍ଗୀଗୁଡା ଓ ଆଖପାଖ ଗାଁରୁ ଯେଉଁ ହଳଦୀ ବାହାରୁଛି ତାହା ଜୈବିକ ହଳଦୀ ହୋଇଥିବାରୁ ଦେଶ ବିଦେଶର ବଜାରରେ ଉଚ୍ଚ ଦରରେ ବିକ୍ରୟ ହୋଇପାରନ୍ତା । କିନ୍ତୁ ଏହାର ପ୍ରକ୍ରିୟାକରଣ ପାଇଁ ଯେଉଁ ପୁଞ୍ଜି ଆବଶ୍ୟକ ତାହା 'ଆମ ସଂଗଠନ' ଯୋଗାଇ ପାରୁନଥିବାରୁ ହଳଦୀକୁ ଶସ୍ତାରେ ବିକ୍ରୟ କରିବାକୁ ଲୋକମାନେ ବାଧ ହେଉଛନ୍ତି ।

ବିଭିନ୍ନ ପ୍ରକାରର ସରକାରୀ କାର୍ଯ୍ୟକ୍ରମ ସର୍ଗୀଗୁଡା ଗାଁକୁ ଆସିଥିଲେ ମଧ୍ୟ, ଗ୍ରାମବାସୀ ସ୍ୱେଚ୍ଛାସେବୀ ସଂଗଠନକୁ କରଛଡା କରିନାହାନ୍ତି କି ସମ୍ପର୍କ ତୁଟାଇ ନାହାନ୍ତି । ରାଜୀବ ହେଉ କି ଜଗଦୀଶ ହେଉ, ହରି ହେଉ କି ଟଙ୍କ ହେଉ, ସୁଶୀଳା ହେଉ କି ସଞ୍ଜୁ ହେଉ, ସମସ୍ତେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ସାହାଯ୍ୟ ସବୁବେଳେ ଲୋଡି ଆସିଛନ୍ତି । ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ- ଗାଁ ଆହୁରି ଉନ୍ନତ ଓ ବିକଶିତ ହେଉ । ସେମାନେ ଯେ ଅଟକି ଯାଇ ନାହାନ୍ତି ଏକଥା ପ୍ରମାଣିତ କରିବାକୁ ସଂକଳ୍ପବଦ୍ଧଭାବେ ସେମାନେ ଚେଷ୍ଟା କରିଆସିଛନ୍ତି । ଗାଁରେ ଅନେକ ବର୍ଷଧରି କ'ଣ ହୋଇଛି ଓ କ'ଣ ନ ହୋଇଛି ଏକଥା ଦେଖିଆସିବା ପାଇଁ ରାଜୀବ ମାଝୀ ମୋତେ ବାରମ୍ବାର ଅନୁରୋଧ କରିଆସୁଥିଲେ । ଅନୁରୋଧକୁ ରକ୍ଷା କରି ମୁଁ ଗତ କେଇଦିନ ପୂର୍ବେ ସେ ଗାଁକୁ ଯାଇଥିଲି ପ୍ରାୟ କୋଡିଏ ବର୍ଷର ବ୍ୟବଧାନ ପରେ । ଶାରଦୀୟ ଅପରାହ୍ନ ଓ ନିର୍ମେଘ ଆକାଶ । ସବୁଆଡେ ଆକର୍ଷଣୀୟ ସବୁଜିମା । ଝରଣା ପାଣି କାଚକେନ୍ଦୁ ପରି ସଫା । ଗାଁଲୋକେ ସବୁ ଅପେକ୍ଷା କରିଥିଲେ କେତେବେଳୁ । ହଳଦୀ କିଆରି କାହିଁ କେତେ ଦୂର ଲମ୍ବିଛି । ସବୁଜ ପତ୍ର ସବୁ ପାଚିବାକୁ ଆରମ୍ଭ କରିଛି । ଦୁଇବର୍ଷ ଧରି କ୍ଷେତରେ ହଳଦୀ ଫସଲ ରହିଛି ନିଶ୍ଚିତ । ରାଜୀବ ମାଝୀଙ୍କୁ ଭୀଷଣ ଜ୍ୱର । ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ । ତଥାପି ତାଙ୍କର ଡାକରାରେ ସବୁ ଭାଇଭଉଣୀ ପିଲା ଛୁଆ ଏକାଠି ହେଲେ । ଗାଁର ଭଲମନ୍ଦ ବେଶ୍ ଦୁଇପଦ ଆଲୋଚନା ହେଲା । ବିଭିନ୍ନ ଆୟ ବ୍ୟୟର ମଧ୍ୟ ହିସାବ କରାଗଲା । ହଳଦୀରୁ କିଏ କେତେ ପାଉଛି ଓ ପନିପରିବାରୁ କିଏ କ'ଣ ଆୟ କରୁଛି ସମସ୍ତେ

Digitized by srujanika@gmail.com

କହିଚାଲିଲେ । ଗତ କେଇ ବର୍ଷରେ କ'ଣ ସବୁ ପରିବର୍ତ୍ତନ ହୋଇଛି ସେ କଥା ସବୁଗର୍ବରେ କହୁଥିଲେ ଗ୍ରାମବାସୀ । ଗାଁରେ ଖପର ଘର ସବୁ ଆସ୍ତେ ଆସ୍ତେ ବଦଳୁଛି । ପକ୍କା ଘର ଓ ଆଜ୍‌ବେଷ୍ଟସ୍ ଛାତ ଥିବା ଘର କିଏ କିଏ ତିଆରି କଲେଣି । ଚାଷ ବାସ ଠିକ୍ ଚାଲିଛି ଓ ଭୋକିଲା କେହି ରହୁନାହାନ୍ତି । ଗାଁରେ ଏବେ ବି ସ୍କୁଲ ନାହିଁ କି ଭଙ୍ଗା ଯାଇଥିବା କେନାଲ୍ ମରାମତି ହାଇନାହିଁ । ରୋଜଗାର ଗ୍ୟାରେଣ୍ଟି କାର୍ଡ ସମସ୍ତଙ୍କୁ ମିଳିଛି ଅଥଚ ଦିନକ ପାଇଁ ବି କାହାକୁ କାମ ମିଳିନାହିଁ ଏଯାବତ୍ । ସମସ୍ତେ ନିଶ୍ଚିତ କର୍ମ ଯୋଜନା କଥା ବୁଝିଛନ୍ତି । କିନ୍ତୁ ସରପଞ୍ଚ ପାଖକୁ ଗଲେ ସେ କଥା ଇଆଡେ ସିଆଡେ ବୁଲାଇ ଦେଉଛି । କାଶୀପୁର ଓ ରାୟଗଡ଼ାରେ ହାକିମଙ୍କ ପାଖକୁ ଆବେଦନ କରିବା କାଠିକର ପାଠ । ନିଶ୍ଚିତ କର୍ମ ଯୋଜନାରେ କେନାଲ ହୋଇ ପାରିଥାଆନ୍ତା । ପୋଖରୀ ଖୋଳା ଯାଇ ପାରିଥାଆନ୍ତା । ଗତ ତିନିବର୍ଷ ଧରି ଗାଁକୁ କୌଣସି କାମ ଆସିନାହିଁ । ଗାଁର ୱାର୍ଡମେମ୍ବର ଅନ୍ୟ ଗାଁରେ ରହେ । ପଲ୍ଲୀସଭା ଓ ଗ୍ରାମସଭାର ଅର୍ଥ କିଛି ନାହିଁ । ଗାଁର ଶିକ୍ଷିତ ଯୁବକ ଟଙ୍କ ମାଝୀ ଏବେବି ରାତ୍ରି ସ୍କୁଲ ଚଳାଉଛି ଓ ଛୋଟ ଛୋଟ ପିଲାଙ୍କୁ ପାଠ ପଢ଼ାଉଛି । ଗାଁ ବାଲା ଏଥିପାଇଁ ତାକୁ ଶହେ ପଚାଶ ଟଙ୍କା ଦେଉଛନ୍ତି । ପାଠ ପଢ଼ିବାରେ ଆଗ୍ରହ ଏପର୍ଯ୍ୟନ୍ତ କମି ନାହିଁ । ଉନ୍ନତ କୃଷି ଦିଗରେ ସମସ୍ତଙ୍କର ଧ୍ୟାନ ଯଥେଷ୍ଟ ବଢ଼ିଛି । ପ୍ରଶ୍ନ ଉଠିପାରେ ଯେ ଗତ ଦୁଇଦଶକ ଧରି ବିକାଶ ପ୍ରକ୍ରିୟା ସେଠାରେ କେଉଁଭଳି ରୂପନେଇଛି ? ଆହୁରି ପ୍ରଶ୍ନ ଉଠିପାରେ ଯେ ସେ ଗାଁରେ ଯାହାକିଛି ହୋଇଛି କାହା ଉଦ୍ୟମରେ ହୋଇଛି ? ସରକାରୀ ନା ବେସରକାରୀ ? ନା ସାମୂହିକ ଉଦ୍ୟମ ଯୋଗୁଁ ସବୁ ସମ୍ଭବ ହୋଇଛି ? ଗୋଟିଏ କଥା କିନ୍ତୁ ସ୍ୱୀକାର କରାଯାଇ ପାରେ ଯେ ଗ୍ରାମବାସୀଙ୍କ ଅବ୍ୟାହତ ଉଦ୍ୟମ, ଅଧ୍ୟବସାୟ, ଆଶାବାଦ ଓ ଏକତା ଗାଁକୁ କିଛି ବାଟ ଆଗେଇ ନେଇଛି ।

ଏବେ ଦାରିଦ୍ର୍ୟ ଦୂରୀକରଣ ପାଇଁ ପୃଥିବୀ ସାରା ବିଭିନ୍ନ ପ୍ରକାର ନବୋଦ୍ୟମ ଆରମ୍ଭ ହୋଇଛି । କେଉଁଠି କେଉଁଠି ଖୁବ୍ ସଫଳତା ମିଳୁଛିତ ଆଉ କେଉଁଠି ବିଫଳତା ହିଁ ବିଫଳତା । କେତେକ ସଫଳତାର କାହାଣୀକୁ ଲିପିବଦ୍ଧ କରିବାକୁ ଯାଇ କାନାଡାର ଜଣେ ସାମ୍ବାଦିକ 'ଜନ୍ ଷ୍ଟାକ୍‌ହାଉସ'(John Stackhouse) ଗୋଟିଏ ଉନ୍ନତମାନର ବହି ଲେଖିଛନ୍ତି "ଆଉଟ୍ ଅଫ ପଭର୍ଟି ଆଣ୍ଡ ଇନ୍‌ଟୁ ସମ୍‌ଥିଙ୍ଗ ମୋର କମ୍ଫୋର୍ଟେବଲ୍"(Out of poverty and into something more comfortable) ।

Digitized by srujanika@gmail.com

ବିଭିନ୍ନ ଦେଶରେ ଗରିବଙ୍କ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ ଓ ରଣନୀତିକୁ ଉଲ୍ଲେଖ କରି ସେ କହିଛନ୍ତି ଯେ ଗରିବ ଗୋଷ୍ଠୀ ତା'ର ନିଜ ଢ଼ଙ୍ଗରେ, ନିଜ ଉପାୟରେ ଓ ନିଜର କାର୍ଯ୍ୟକ୍ରମ ଜରିଆରେ ନିଜ ନିଜର ଭବିଷ୍ୟତ ବିକାଶର ଧାରା ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଛନ୍ତି । ମଣିଷ ଦାରିଦ୍ର୍ୟ ସୃଷ୍ଟି କରିଛି ଓ ଏଇ ମଣିଷ ହିଁ କେବଳ ଏହାକୁ ହଟାଇ ପାରିବ । ଏଥିପାଇଁ ଲୋଡା ଏକତା, ସଂହତି ଓ ଗଣତାନ୍ତ୍ରିକ ମୂଲ୍ୟବୋଧ । ସର୍ଗୀଗୁଡା ଗାଁରେ ଏସବୁ ବିଷୟ ଲକ୍ଷ୍ୟ କରି ହେଉଥିବାରୁ ତାହାର ଉଜ୍ଜ୍ୱଳ ଭବିଷ୍ୟତ ମୁଁ ସ୍ପଷ୍ଟ ଦେଖିପାରୁଛି ।

□□□

Digitized by srujanika@gmail.com

୩୫

ମାଣ୍ଡିଆ, ବାଜରା, କାଙ୍ଗୁ, ସୁଆଁ : ଅମୃତର ଅସଲ ସୁଆଦ

ଏ ସମୟରେ ଭାରତର ଯେକୌଣସି ଆଦିବାସୀ ଅଞ୍ଚଳକୁ ଯାଇ ଚାଷବାସକୁ ନିରୀକ୍ଷଣ କରିଲେ ଜଣାପଡେ ଯେ ଆଦିବାସୀ ମାଆ ବାପାମାନେ ଗୋଟିଏ କଥା ଏପର୍ଯ୍ୟନ୍ତ ଭୁଲି ଯାଇ ନାହାନ୍ତି । ତାହା ହେଉଛି ମାଣ୍ଡିଆ, ବାଜରା, କାଙ୍ଗୁ, ସୁଆଁ, ଖେଡଜହ୍ନା, ଜୋଆର, ବାଜରା ଆଦି ଅନେକ କିସମର ଫସଲ । ବିଭିନ୍ନ ରଙ୍ଗ, ଆକୃତି, ବାସ୍ନା ଓ ସୁଆଦରେ ଭରପୂର ଏ ଖାଦ୍ୟଶସ୍ୟ ଆଦିବାସୀଙ୍କ ସବୁଠାରୁ ପ୍ରିୟ ଖାଦ୍ୟ । ଧାନ, ଗହମ ଓ ମକା ଫସଲ ମଧ୍ୟ ପାର୍ବତୀୟ ଆଦିବାସୀ ଅଞ୍ଚଳରେ ଚାଷ ହେଉଛି । ଡଙ୍ଗର ଧାନର ବି ଗୋଟାଏ ମହକ ଅଛି । କାଶୀପୁରରେ ୨୬ ପ୍ରକାରର ଡଙ୍ଗର ଧାନ ରହିଛି ବୋଲି ଜଣେ ବିଶେଷଜ୍ଞ କହୁଥିଲେ । ସେଥିରୁ ୨୫ ପ୍ରକାରର ଧାନରୁ ବାସ୍ନା ଚାଉଳ ମିଳୁଥିବାରୁ ଖୁବ୍ ଲୋକପ୍ରିୟ ହୋଇଥାଏ । କିନ୍ତୁ ଆଦିବାସୀଙ୍କୁ ପଚାରିଲେ ଡଙ୍ଗର ଜମିରେ କେଉଁ ଚାଷ ସେମାନେ କରିବାକୁ ପ୍ରଥମେ ଚାହିଁବେ, ସମସ୍ୱରରେ ସମସ୍ତେ କହିବେ ମାଣ୍ଡିଆ, ବାଜରା, କାଙ୍ଗୁ ଆଦି । ପୋଡୁ ଚାଷ ଆଦିବାସୀଙ୍କ ପ୍ରିୟ ଓ ପ୍ରତ୍ୟେକ ପୋଡୁ ଅଞ୍ଚଳରେ ଏଇ ସବୁ ମାଣ୍ଡିଆ, ବାଜରା ଜାତୀୟ ଫସଲ ବା ଲୋୱେର ମିଲେଟ୍ (lower millet) ପ୍ରାୟ ବ୍ୟାପକ ଚାଷ ହୋଇଥାଏ । ଏହା ଅମୃତର ଫସଲ ଓ ଅମୃତର ସୁଆଦ ବୋଲି ଆଦିବାସୀ କହିଥାଏ । ଆଦିବାସୀ ଅଞ୍ଚଳରେ କୃଷି ଅର୍ଥନୀତିରେ ଯେଉଁ ରାଜନୀତି ଅଛି ତାହା ଏଇ ଫସଲମାନଙ୍କ ଜରିଆରେ ଜାଣିହୁଏ ।

ଆମେ ଯେଉଁମାନେ ଅଣଆଦିବାସୀ ମାଣ୍ଡିଆ ଜାତୀୟ ଫସଲର ମହତ୍ତ୍ୱ ଜାଣିପାରିବା ନାହିଁ କି ଏଇ ଚାଷ ପଛରେ ହଜାର ହଜାର ବର୍ଷର ଯେଉଁ ସଂସ୍କୃତି ଓ ମୂଲ୍ୟବୋଧ ରହିଆସିଛି ତାହା ଅନୁଭବ କରିପାରିବା ନାହିଁ । ମାଣ୍ଡିଆ ଜାଉ ଓ କାଙ୍ଗୁ

Digitized by srujanika@gmail.com

କ୍ଷୀରି, ଜୋଆର ବାଜରାର ରୋଟି ଯେ କେତେ ସୁଆଦିଆ ଯିଏ ଖାଇଛି ସେ ଜାଣିଛି । ବିଭିନ୍ନ ଆଳରେ ଆଦିବାସୀ ଅଞ୍ଚଳକୁ ଅଧିକ ଅମଳକ୍ଷମ ଧାନ, ଗହମ ଓ ମକା ଆଦି ଫସଲ ପଶି ଆସିଛି । ଦୋକାନ ବଜାରରେ ମାଣ୍ଡିଆ, କାଙ୍ଗୁ, ସୁଆଁ ମିଳୁ ନାହିଁ । 'ନୂଆଖାଇ' ଦିନ ପଶ୍ଚିମ ଓଡ଼ିଶାରେ ଏ ଫସଲ ପାଚୁ ନାହିଁ । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚାଉଳ, ଗହମ ବେଶ୍ ଶସ୍ତାରେ ମିଳୁଛି । ଆଦିବାସୀଙ୍କୁ କୁହାଯାଉଛି ଯେ ମାଣ୍ଡିଆ ଜାତୀୟ ଫସଲ ହେଉଛି ଗରିବ ଏବଂ ନିମ୍ନ ବର୍ଗଙ୍କ ଖାଦ୍ୟ କିନ୍ତୁ ଧାନ, ଗହମ ହେଉଛି ଉଚ୍ଚବର୍ଗ ଓ ସଭ୍ୟ ତଥା ବିକଶିତମାନଙ୍କ ଖାଦ୍ୟ । ମୁଁ ଆଦିବାସୀ ନେତାମାନଙ୍କ ସହ କଥାବାର୍ତ୍ତା କରି ଜାଣିପାରିଛି ଯେ ମାଣ୍ଡିଆ ଖାଇବାକୁ ପ୍ରଶଂସା କରିବା ଆଦିବାସୀମାନଙ୍କ ପ୍ରତି ଏକ ଅପମାନ । କାରଣ କୌଣସି ଅଣଆଦିବାସୀ ଚାଉଳ, ଗହମ ଛାଡି ମାଣ୍ଡିଆ, ସୁଆଁ, କୋଦ ଆଦି ଖାଇବାକୁ କେବେହେଲେ ଚାହିବେ ନାହିଁ । ଅଣଆଦିବାସୀମାନେ ନେତୃତ୍ୱର ଡୋର ଧରି ଥିବାରୁ ଜଳସେଚିତ ଅଞ୍ଚଳର ମନୋଭାବକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି । ଜଳସେଚିତ ଅଞ୍ଚଳର କୃଷି କହିଲେ ହିଁ ଧାନ ଓ ଗହମକୁ ବୁଝାଇଥାଏ । ମାଣ୍ଡିଆ ଓ ବାଜରାଜାତୀୟ ଫସଲ କଥା କିଏ ପଚାରେ ?

ଲକ୍ଷ୍ୟ କରାଯାଇଛି କୃଷକ ମଧ୍ୟ କ୍ରମଶଃ ଭୁଲିବାରେ ଲାଗିଛି ମାଣ୍ଡିଆ, ବାଜରା, ସୁଆଁ, କୋଦ ଆଦି ଫସଲ ମାନଙ୍କୁ । ଅବଶ୍ୟ କୃଷି ଗବେଷଣାଗାରରେ ମାଣ୍ଡିଆ ଓ ବାଜରା ଜାତୀୟ ଫସଲମାନଙ୍କର ବହୁ ଅମଳକ୍ଷମ ବିହନ ପ୍ରସ୍ତୁତ କରାଯାଇଛି ଓ କୃଷକମାନଙ୍କୁ ତାହାର ବହୁଳ ବ୍ୟବହାର କରିବାକୁ ପ୍ରୋତ୍ସାହନ ଦିଆଯାଇଛି । ଏଇଥିପାଇଁ କର୍ଣ୍ଣାଟକର ମାଣ୍ଡିଆ ଚାଷୀ ବା ଦାକ୍ଷିଣାତ୍ୟର ପାର୍ବତୀୟ ଇଲାକାରେ ବାଜରା ଚାଷୀ ଉତ୍ପାଦନର ପରିମାଣ ବଢ଼ାଇଛନ୍ତି । କିନ୍ତୁ ଚାଷୀମାନେ ଏବେ ମଧ୍ୟ ସେମାନଙ୍କର ନିଜ ବିହନ ବ୍ୟବହାର କରୁଛନ୍ତି । ଅସଲକଥା ହେଉଛି ଯେ ଧାନ ଓ ଗହମର ଆଧିପତ୍ୟ କମିବାରେ ଲାଗିଛି । ବର୍ତ୍ତମାନ ପୃଥିବୀରେ ଧାନ ଗହମର ଅତ୍ୟଧିକ ଭୋଜନ ହେତୁ ପୃଥିବୀସାରା ମଧୁମେହ ବା ଡାଇବେଟିସ୍ ରୋଗ ବଢ଼ିବାରେ ଲାଗିଛି । ଏଥିପାଇଁ ପୃଥିବୀସାରା ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତିମାନେ ମାଣ୍ଡିଆ ଓ ବାଜରା ଜାତୀୟ ଖାଦ୍ୟଶସ୍ୟକୁ ଭୋଜନର ଅନ୍ତର୍ଭୁକ୍ତ କରିବାରେ ଲାଗିଛନ୍ତି । କିନ୍ତୁ ଏ ଖାଦ୍ୟଶସ୍ୟରେ ଥିବା ପୁଷ୍ଟିସାର ଧାନ, ଗହମ ଠାରୁ ଅନେକ ବେଶି ବୋଲି ଗବେଷଣାରୁ ଜଣାପଡିଛି । ଉଦାହରଣ ସ୍ୱରୂପ ଚାଉଳରେ ୬.୮% ପ୍ରୋଟିନ୍ ଥିଲାବେଳେ ମାଣ୍ଡିଆରେ

Digitized by srujanika@gmail.com

ଅଛି ୧୦.୪% । ଗହମରେ ଚର୍ବିଜାତୀୟ ଅଂଶ ୦.୫% ଥିଲାବେଳେ ମାଣ୍ଡିଆରେ ୧.୯% । ଗହମରେ ଲବଣ ଜାତୀୟ ଅଂଶ ୧.୫% ଥିଲାବେଳେ ବାଜରାରେ ୨.୩% ଅଛି । ଖାଦ୍ୟ ଓ ପୁଷ୍ଟିସାର ବିଶେଷଜ୍ଞମାନେ ପ୍ରମାଣିତ କରିଛନ୍ତି ଯେ ମାଣ୍ଡିଆ ଓ ବାଜରା ଜାତୀୟ ଖାଦ୍ୟ ଯଦି ସବୁବେଳେ ଭୋଜନରେ ଅନ୍ତର୍ଭୁକ୍ତ ହୋଇପାରନ୍ତା, ତେବେ ଡାକ୍ତର ପାଖକୁ ଧାଇଁବା ବା ଔଷଧ ପିଛା ଖର୍ଚ୍ଚ ଅନେକ କମି ଯାଆନ୍ତା । ମାଣ୍ଡିଆ ଓ ବାଜରା ଜାତୀୟ ଖାଦ୍ୟ କେତେ ରକମର ସୁସ୍ୱାଦୁ ହୋଇପାରେ, ତାହା ପୃଥିବୀସାରା ପ୍ରମାଣିତ ହୋଇଛି । ମୁଁ ବିଖ୍ୟାତ ପରିବେଶବିତ୍ ଶ୍ରୀମତୀ ବନ୍ଦନା ଶିବାଙ୍କ ଅନୁଷ୍ଠାନ 'ନବଦନ୍ୟା'ରେ ଦୁଇ ତିନି ଦିନ ରହିବାକୁ ସୁଯୋଗ ପାଇଥିଲି । ସେଠାରେ ମାଣ୍ଡିଆ ଓ ବାଜରା ଜାତୀୟ ଖାଦ୍ୟଶସ୍ୟରୁ କେତେ ରୁଚିକର ଖାଦ୍ୟ ତିଆରି କରାଯାଇ ପରିବେଷଣ କରାଯାଇଥିଲା । ସାଧାରଣ ଲୋକେ ଯେଉଁମାନଙ୍କର ଏଇ ମାଣ୍ଡିଆ ଓ ବାଜରା ଜାତୀୟ ଖାଦ୍ୟଶସ୍ୟ ମୁଖ୍ୟ ଖାଦ୍ୟ, ସେମାନଙ୍କ ପାରମ୍ପରିକ ଖାଦ୍ୟ ତିଆରି କରିବାର ଏକ ସଂସ୍କୃତି ରହି ଆସିଛି । ବିଭିନ୍ନ ପର୍ବପର୍ବାଣୀରେ ସବୁବେଳେ ଏଇ ଦ୍ରବ୍ୟମାନଙ୍କରୁ ସୁଆଦିଆ ଖାଦ୍ୟ ତିଆରି କରାଯିବାର ପରମ୍ପରା କେତେ ଯୁଗରୁ ରହିଆସିଛି । ଏବେ ଏ ବିଷୟରେ ରନ୍ଧନ ବହି ମଧ୍ୟ ବାହାରିଛି । ମୁଁ ମାଣ୍ଡିଆରୁ ତିଆରି ଉପମା, ରୋଟି, କ୍ଷୀରି, ଛତୁଆର ସୁଆଦ ଜୀବନ ସାରା ଭୁଲି ପାରିବ ନାହିଁ । ଅବଶ୍ୟ ଆଦିବାସୀମାନେ ଖାଉଥିବା ମାଣ୍ଡିଆ ଜାଉ ଓ ଗୋଲାକାର 'ଅଣ୍ଡା' ବା ପେଣ୍ଡୁ ପ୍ରଥମେ ଚାଖିଲାବେଳେ ଟିକିଏ ଅଡୁଆ ଲାଗେ । ଅବଶ୍ୟ ଅଭ୍ୟାସ ହୋଇଗଲେ ଏସବୁ ଖାଇବାକୁ ମନ ସବୁବେଳେ ଡାକୁଥାଏ । ମାଣ୍ଡିଆ ମାଲ୍ଟ କୌଣସି ଗୁଣରେ ହରଲିକ୍ସ ଠାରୁ କମ୍ ନୁହେଁ । ପୁଷ୍ଟିସାର ବିଜ୍ଞାନୀମାନେ ଓ ରନ୍ଧନ ବିଶାରଦମାନେ ମାଣ୍ଡିଆ ଜାତୀୟ ଓ ବାଜରାଜାତୀୟ ଖାଦ୍ୟଶସ୍ୟରୁ କେତେ ପ୍ରକାରର ବିସ୍କୁଟ, କେକ୍, କୁକି ତିଆରି କରି ଖାଇବାରେ ପ୍ରସ୍ତାବ ଦେଇଛନ୍ତି । ମଧୁମେହ ରୋଗୀମାନଙ୍କ ପାଇଁ ଯେଉଁ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯିବା ସମ୍ଭବ ତାହାର ତାଲିକାରେ ବିସ୍କୁଟ, ରୋଟି, ଧୋକ୍ଲା, ଇଡଲି ଏବଂ ପାସ୍ତା ଅନ୍ତର୍ଭୁକ୍ତ । ଆମର ସ୍କୁଲମାନଙ୍କରେ ମଧ୍ୟାହ୍ନ ଭୋଜନ ଏବଂ ଅଙ୍ଗନବାଡିମାନଙ୍କର ଶିଶୁଖାଦ୍ୟ ଏଇସବୁ ଦ୍ରବ୍ୟରୁ ତିଆରି କରାଯିବାର ଅନେକ ସୁଯୋଗ ଅଛି ।

କୃଷି ଓ କୃଷକମାନେ ଧାନ ଓ ଗହମ ଚାଷ ଉପରେ ନିର୍ଭରଶୀଳ ହେବା ଦ୍ୱାରା ଆଜି ଏ ଅପୂରଣୀୟ କ୍ଷତି ହୋଇସାରିଛି । ଯେଉଁ ମାନସିକତା ସୃଷ୍ଟି ହୋଇଛି ସେଥିରୁ

Digitized by srujanika@gmail.com

ମୁକୁଳିବା ସହଜ କଥା ନୁହେଁ । କିନ୍ତୁ ମାଣ୍ଡିଆ ଓ ବାଜରା ଜାତୀୟ ଫସଲମାନେ ଏକ ଚମତ୍କାର ଜୈବ ବିବିଧତାର ଅଂଶ ବିଶେଷ । ଚାଷୀ ତା'ର ଜମିରେ ଧାନ, ଗହମ ବା କପା ଚାଷ କରିବ କି ମାଣ୍ଡିଆ, ବାଜରା ଆଦି ଲଗାଇବ, ତାହା ଅନେକ କାରଣ ଉପରେ ନିର୍ଭର କରୁଛି । ପ୍ରଥମେ ଆମକୁ ପରିବେଶ ଓ ନିରନ୍ତର କୃଷି ବିକାଶର ବିଭିନ୍ନ ଦିଗକୁ ବିଚାରକୁ ନେବାକୁ ହେବ ଏବଂ ଏହାର ଭିତରେ ଜୈବବିବିଧତାକୁ ମାନ୍ୟତା ଦେବାକୁ ହେବ । ଜୈବିକ ଓ ପାରିବେଶିକ କୃଷିକୁ ମଧ୍ୟ ସ୍ୱୀକାର କରିବାକୁ ହେବ । ଅସଲ କୃଷକ ଜାଣିଛି ଯେ କୃଷି ସବୁବେଳେ ମାଟି, ମଣିଷ ଓ ପଶୁସମ୍ପଦ ସହ ଓତପ୍ରୋତଭାବେ ଜଡିତ । କୃଷି ଏପରି ହେବା ଆବଶ୍ୟକ ଯେ ଶସ୍ୟର ଚେର ଓ ନିମ୍ନାଂଶ ମାଟିରେ ମିଶିବ । ପାଳ ଓ ମଧ୍ୟମ ଅଂଶ ପଶୁ ସମ୍ପଦର ଆହାର ହେବ । ଶସ୍ୟ କେଣ୍ଡା କେବଳ ମଣିଷର ଖାଦ୍ୟ ବୋଲି ଧରାଯିବ । ବଜାର ଦ୍ୱାରା ନିୟନ୍ତ୍ରିତ ବ୍ୟବସାୟିକ କୃଷି ଏହା କରିବାକୁ ଦେଉନାହିଁ । ଏଇଥିପାଇଁ ମାଣ୍ଡିଆ, ବାଜରା, ସୁଆଁ, କୋଦ, ମକା ଆଦି ଫସଲର ବ୍ୟାପକତା ଅପରିହାର୍ଯ୍ୟ । ଜୈବବିବିଧତା ଓ ଜୈବିକ ଚାଷ ମୁଦ୍ରାର ଦୁଇପାର୍ଶ୍ୱ ହିସାବକୁ ହୃଦୟଙ୍ଗମ କରାଯିବାର ଆବଶ୍ୟକତା ଏବେ ଅଧିକରୁ ଅଧିକତର ବୋଲି ସମସ୍ତେ ସ୍ୱୀକାର କରୁଛନ୍ତି । ଆସନ୍ତା ବର୍ଷମାନଙ୍କରେ ଛୋଟ ଚାଷୀ ଏବଂ ମାଣ୍ଡିଆ ଓ ବାଜରା ଜାତୀୟ ଫସଲ ଏ ପୃଥିବୀର ଖାଦ୍ୟାଭାବକୁ ଦୂର କରିବେ ବୋଲି ଭବିଷ୍ୟତବାଣୀ ଶୁଣାଯାଇ ସାରିଛି । ଏହା ସମ୍ଭବ ହେଉଛି କି ନାହିଁ ଦେଖିବାର ଅଛି ।

ମାଣ୍ଡିଆ, ବାଜରା ଜାତୀୟ ଫସଲ ପଛରେ ଯେଉଁ ଅର୍ଥନୀତି ଓ ରାଜନୀତି ଅଛି ତାହା ମଧ୍ୟ ସମସ୍ତଙ୍କୁ ବୁଝିବାକୁ ହେବ । ଖାଦ୍ୟ ନିରାପତ୍ତା ଓ ଖାଦ୍ୟ ସାର୍ବଭୌମତା ସହ ସଂଶ୍ଳିଷ୍ଟ ପ୍ରଶ୍ନ ସବୁ ଜଟିଳ ହୋଇସାରିଛି । ବର୍ତ୍ତମାନ କୃଷି ଓ ଖାଦ୍ୟ ଉତ୍ପାଦନ ସବୁ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଦ୍ୱାରା ଗୋଟାପଣେ ନିୟନ୍ତ୍ରଣ ହୋଇସାରିଛି । ବିହନ, ସାର, କୀଟନାଶକ ଦ୍ରବ୍ୟ, ବଜାର ଦର, ଖାଦ୍ୟ ଓ ଭୋଜନ ପ୍ରଣାଳୀ ଆଦି ସବୁ ଦେଶ ବାହାରେ ଥିବା ବହୁରାଷ୍ଟ୍ରୀୟ କର୍ପୋରେସନ ଏବଂ ବିଶ୍ୱ ପୁଞ୍ଜିପତିମାନେ ହାତ ମୁଠାରେ ରଖିଛନ୍ତି ଓ କେଉଁ ଦେଶରେ କେଉଁ ଲୋକଙ୍କ ମାଧ୍ୟମରେ ବିଶ୍ୱବଜାର ପାଇଁ ଖାଦ୍ୟ ଉତ୍ପାଦନ ହେବ ଓ ତାହାର ପ୍ରକ୍ରିୟାକରଣ କରାଯାଇ ବଜାରକୁ ଛଡାଯିବ ତାହାକୁ ସୁଚିନ୍ତିତ ଉପାୟରେ ବହୁରାଷ୍ଟ୍ରୀୟ କର୍ପୋରେସନମାନେ ନିଷ୍ପତ୍ତି ନେଉଛନ୍ତି । ଆଫ୍ରିକା, ଏସିଆ ଓ ଲାଟିନ୍ ଆମେରିକାରେ ଏଇଥିପାଇଁ ଖାଦ୍ୟାଭାବ ଦେଖା ଦେଇଛି ।

Digitized by srujanika@gmail.com

ଏବେ ସାରା ପୃଥିବୀରେ ମଧ୍ୟ ଖାଦ୍ୟାଭାବ ଓ ମୂଲ୍ୟବୃଦ୍ଧି ଜନିତ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । କୋଟି କୋଟି ଲୋକଙ୍କର ଖାଦ୍ୟ ଅଧିକାର ଆଜି ଉଲଂଘନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଖାଦ୍ୟ ସାର୍ବଭୌମତ୍ୱ ଉପରେ ଏକ ବିଶ୍ୱ ସ୍ତରୀୟ ଜନଆନ୍ଦୋଳନ ମୁଣ୍ଡ ଟେକିଛି । ଛୋଟ ଓ ନାମମାତ୍ର ଚାଷୀମାନେ ଏକାଠି ହୋଇ ସେମାନଙ୍କର ସ୍ୱାଧିକାର ଜାହିର୍ କରିବାରେ ଲାଗିଛନ୍ତି । ଗୋଟାଏ ପ୍ରକାରର ଫସଲ ନକରି ମିଶ୍ରିତ ଫସଲ କରିବା ଆରମ୍ଭ କରିଛନ୍ତି । ବିଶେଷ କରି ମାଣ୍ଡିଆ ଖେତରେ ଅନ୍ୟ ଗୋଟିଏ ଦୁଇଟି ଫସଲ ମିଶ୍ରିତ ଚାଷ ସବୁଆଡେ କରାଯାଇଛି । ଗୋଟିଏ ଫସଲ ମରୁଡି ବା ଅନ୍ୟକାରଣରୁ କ୍ଷତି ହେଲେ, ଅନ୍ୟ ଫସଲମାନେ କିଛି କିଛି ଖାଦ୍ୟଶସ୍ୟ ଦେଉଛନ୍ତି । ଏହାଦ୍ୱାରା ଖାଦ୍ୟ ସୁରକ୍ଷା ସମ୍ଭବ ହୋଇପାରୁଛି । ମାଣ୍ଡିଆ ଓ ବାଜରାଜାତୀୟ ଫସଲରେ ପୋକ କମ୍ ଲାଗୁଛି ଓ ଶସ୍ୟ ସଂରକ୍ଷଣ ସହଜ ଓ ସୁଲଭ ହୋଇପାରୁଛି । ଅନ୍ୟ ପାର୍ଶ୍ୱରେ ଦେଖିଲେ ଆମର ସାଧାରଣ ବଣ୍ଟନ ବ୍ୟବସ୍ଥା ବା ପି.ଡି.ଏସ୍‌ରେ ମାଣ୍ଡିଆ ଓ ବାଜରାଜାତୀୟ ଫସଲ ପରିବର୍ତ୍ତେ ଧାନ ବା ଗହମ ପ୍ରାଧାନ୍ୟ ବିସ୍ତାର କରିଛି । ଭାରତୀୟ ଖାଦ୍ୟ ନିଗମ ବା ଏଫ୍.ସି.ଆଇ କେବେହେଲେ ମାଣ୍ଡିଆ କିଣିବାକୁ ସାହସ କରୁନାହିଁ ବା ଆଗ୍ରହ ଦେଖାଉ ନାହିଁ । ନବେ ଦଶକରେ ମୁଁ ଭାରତୀୟ ଖାଦ୍ୟ ନିଗମ ସହ ଅନେକ ଥର କଥାବାର୍ତ୍ତା କରିଥିଲି ଏ ବିଷୟରେ । ବିଭିନ୍ନ ଆଳ ଦେଖାଇ ଏଫ.ସି.ଆଇ ମାଣ୍ଡିଆ କିଣି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଇବା ପ୍ରସ୍ତାବ ନାକଚ କରିଦେଇଥିଲା । ଧାନ ବା ଗହମ ଚାଷୀମାନେ ଧାନ ଓ ଗହମ ଦର ବଢ଼ାଇଛନ୍ତି । ସରକାର ଓ ପ୍ରାଇଭେଟ୍ କମ୍ପାନୀମାନେ ଧାନ ବା ଗହମର କିଣା ବିକାରେ ସମ୍ପୃକ୍ତ ହେଉଛନ୍ତି । ଅଥଚ ମାଣ୍ଡିଆ, ବାଜରା, ଜୋଆର ଆଦିର ବିକାକିଣା ମୂଲ୍ୟ ନିର୍ଦ୍ଧାରଣରେ ପ୍ରାୟ ନୀରବ ଅଛନ୍ତି । ଗରିବମାନଙ୍କର ପ୍ରିୟ ଖାଦ୍ୟ ଗୋଟିଏ ବର୍ଗର ଲୋକମାନଙ୍କ ପାଇଁ ମୂଲ୍ୟହୀନ ବୋଲି ସ୍ପଷ୍ଟ ଜଣାପଡୁଛି । କୃଷିନୀତି ଓ ଖାଦ୍ୟନୀତି ଏଥିପାଇଁ ବହୁସ୍ଥାନରେ ଆଲୋଚିତ ଓ ସମାଲୋଚିତ ହେଉଛନ୍ତି ।

ଏବେ ଆଦିବାସୀ ଅଞ୍ଚଳ ହେଉ ବା ପାହାଡିଆ ଅଞ୍ଚଳକୁ ପ୍ରବେଶ କରିଲେ ମାଣ୍ଡିଆ, ମକା, ଜୋଆର୍, ବାଜରା ଏବଂ ଅନେକ କିସମର ଫସଲକୁ ନେଇ ଏକ ଅପୂର୍ବ ମୋଜାଇକ୍ ସୃଷ୍ଟି ହୋଇଛି । ବର୍ଷା କମିଗଲା ପରେ ଫସଲ ସବୁ ପାଚି ଆସୁଛି ଓ ସବୁଆଡେ ମନଲୋଭା ଦୃଶ୍ୟ ସୃଷ୍ଟି ହୋଇଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ

Digitized by srujanika@gmail.com

ମାଣ୍ଡିଆ ଓ ବାଜରା ଜାତୀୟ ଫସଲ ଏବେ ବି ବିଭିନ୍ନ ଆଦିବାସୀ ଅଞ୍ଚଳରେ ମୁଖ୍ୟ ଫସଲ ହୋଇ ରହିଛି ।

ଗୋଟାଏ ପାର୍ଶ୍ୱରେ ଧାନ, ଗହମ, କପା ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ । ଅନ୍ୟ ପାର୍ଶ୍ୱରେ ମାଣ୍ଡିଆ, ବାଜରା, କାଙ୍ଗୁ, ସୁଆଁ ଆଦି ଜାତିଜାତିକା ଫସଲ । ମାଟିକାଦୁଅର ମଣିଷମାନଙ୍କ ପାଇଁ କେଉଁଟି ଠିକ୍ କେଉଁଟି ଭୁଲ ତାହାକୁ ନେଇ ପୃଥିବୀସାରା ଚର୍ଚ୍ଚା ଚାଲିଛି । ଭାରତରେ ଅନେକ ସମ୍ବେଦନଶୀଳ କୃଷକ ସଂଗଠନ, ସାମାଜିକ ଓ ନାଗରିକ ସଂଗଠନ ଓ କୃଷି ବୈଜ୍ଞାନିକମାନେ ଏବେ ଗୁରୁତ୍ୱର ସହ ମାଣ୍ଡିଆ ଓ ବାଜରା ଜାତୀୟ ଫସଲକୁ ନେଇ ଜାତୀୟ ସ୍ତରରେ ତର୍କ ଆରମ୍ଭ କରିଛନ୍ତି । କେତେଗୁଡିଏ ଦାବି ଉପସ୍ଥାପିତ ହୋଇସାରିଛି ଏ ବିଷୟରେ । ସେଗୁଡିକ ନିମ୍ନରେ ଦିଆଗଲା । ଆଶା ଓ ବିଶ୍ୱାସ ଯେ ସରକାର, କୃଷି ବୈଜ୍ଞାନିକ ଓ ସାଧାରଣ ଉପଭୋକ୍ତା ଏସବୁକୁ ବିଚାର କରିବେ ।

୧) ମାଣ୍ଡିଆ ଓ ବାଜରା ଜାତୀୟ ଫସଲକୁ ସର୍ବସାଧାରଣ ବଣ୍ଟନ ଓ ବିତରଣ ବ୍ୟବସ୍ଥା ଯାହାକୁ ପି.ଡି.ଏସ୍. କୁହାଯାଏ, ସେଥିରେ ଅନ୍ତର୍ଭୁକ୍ତ କରାଯାଉ ।

୨) ମଧ୍ୟାହ୍ନ ଭୋଜନ, ଅଙ୍ଗନବାଡିର ଶିଶୁଖାଦ୍ୟ, ଆଶ୍ରମ ସ୍କୁଲର ଖାଦ୍ୟରେ ମାଣ୍ଡିଆ ଏବଂ ବାଜରା ଜାତୀୟ ଖାଦ୍ୟଶସ୍ୟକୁ ଗ୍ରହଣ କରାଯାଉ ।

୩) ବୃଷ୍ଟିପୁଷ୍ଟ ଅଞ୍ଚଳରେ ମାଣ୍ଡିଆ ଓ ବାଜରା ଜାତୀୟ ଫସଲର ଉତ୍ପାଦନ କିପରି ବଢ଼ିବ ତାହାର ସୁଚିନ୍ତିତ ବ୍ୟବସ୍ଥା କରାଯାଉ ।

୪) ଗୋଟାଏ ପ୍ରକାରର ଚାଷକୁ ପରିତ୍ୟାଗ କରି ଓ ଜୈବବିବିଧତାକୁ ଧ୍ୟାନ ଦେଇ ମାଣ୍ଡିଆ ଓ ବାଜରାଜାତୀୟ ଫସଲକୁ ମିଶ୍ରିତ ଫସଲରେ ପରିଣତ କରାଯାଉ ।

୫) ମାଣ୍ଡିଆ ଓ ବାଜରା ଜାତୀୟ ଫସଲ ପାଇଁ ଜଳସେଚନ ବ୍ୟବସ୍ଥା ଜରୁରୀ ନୁହେଁ । ଆହୁରି ମଧ୍ୟ ରାସାୟନିକ ସାର ଓ କୀଟନାଶକ ଔଷଧ ମଧ୍ୟ ଲୋଡା ନାହିଁ । ତେଣୁ ଏହା ଶକ୍ତି ସଞ୍ଚୟ କରିବାରେ ଅନ୍ୟ ଏକ ମାଧ୍ୟମ ବୋଲି ପ୍ରମାଣିତ ହୋଇସାରିଛି ।

୬) କୃଷି ଗବେଷଣା କେନ୍ଦ୍ରମାନେ ଧାନ ଓ ଗହମ ଉପରେ ଚାଲିଥିବା ଗବେଷଣାର ଗୁରୁତ୍ୱ ପରିବର୍ତ୍ତନ କରି ମାଣ୍ଡିଆ ଓ ବାଜରା ଜାତୀୟ

Digitized by srujanika@gmail.com

ଫସଲ ଉପରେ ଗବେଷଣା ବିଧିବଦ୍ଧଭାବେ ଆୟୋଜନ କରାଯିବାକୁ ସବୁଆଡେ ଦାବି ହେଉଛି ।

୭) ମାଣ୍ଡିଆ ଓ ବାଜରା ଜାତୀୟ ଫସଲର ବଜାର ଓ ପ୍ରକ୍ରିୟାକରଣ ବ୍ୟାପକ କରାଯାଉ । ବିକଳ୍ପ ବଜାର ବ୍ୟବସ୍ଥାର ପରିକଳ୍ପନା ଏଥିପାଇଁ ଅନେକ ଦିନରୁ ହୋଇଆସୁଛି ।

୮) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମାଣ୍ଡିଆ ଓ ବାଜରାଜାତୀୟ ଫସଲ ଉପରେ ଜନସଚେତନତା ସୃଷ୍ଟିକରିବା । ଯେଉଁଠି ଭଲ ଫସଲ ହେଉଛି ଏବଂ ସଫଳତାର ଉଦାହରଣ ସୃଷ୍ଟି କରାଯାଇଛି, ସେଠାକୁ ଅନ୍ୟ ଅଞ୍ଚଳରୁ ଚାଷୀମାନଙ୍କୁ ପରିଦର୍ଶନ ପାଇଁ ସୁଯୋଗ ସୃଷ୍ଟି କରାଯାଉ ।

୯) ମାଣ୍ଡିଆ ଓ ବାଜରା ଆଦି ଫସଲ କରୁଥିବା ଚାଷୀମାନଙ୍କର ଏକ ସଂଗଠନ ଗଢ଼ି ଉଠିବାକୁ ସୁଯୋଗ ସୃଷ୍ଟି କରାଯାଉ ।

୧୦) ବ୍ୟାଙ୍କ ଓ ଆର୍ଥିକ ସହାୟତା ନେଉଥିବା ଅନୁଷ୍ଠାନମାନେ କୃଷକମାନଙ୍କୁ ମାଣ୍ଡିଆ ଓ ବାଜରା ଆଦି ଚାଷ କରିବାକୁ ଆବଶ୍ୟକ ଋଣ ଦେବାକୁ ନୀତିଗତ ନିଷ୍ପତ୍ତି ନିଅନ୍ତୁ ।

❑❑❑

Digitized by srujanika@gmail.com

୩୬

କହିଁ ଦୀପ୍ ଜଳେ କହିଁ ଦିଲ୍...

କନ୍ଧମାଳର ହିଂସା ଓ ପ୍ରତିହିଂସା, ଦ୍ୱେଷ ଓ ବିଦ୍ୱେଷ, ସନ୍ଦେହ ଓ ସ୍ୱେଚ୍ଛାଚାର ଓଡ଼ିଶାର ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଏ ସବୁର କାରଣ ଓ ପ୍ରତିକାର ଖୋଜିବାକୁ ଗଲେ ଏହାର ମୂଳକୁ ଯିବାକୁ ହେବ ବୋଲି ଅନେକ ମତାମତ ଦେଉଛନ୍ତି । ଏହା ପଛରେ ଧର୍ମାନ୍ଧତା, ଜାତିଆଣଭାବ, ଅର୍ଥନୈତିକ ଶୋଷଣ, ରାଜନୈତିକ ମନ୍ଦ ଉଦ୍ଦେଶ୍ୟ ବା ସଂକୀର୍ଣ୍ଣ ଅମାନୁଷିକତା ରହିଛି ବୋଲି ସ୍ପଷ୍ଟ ନିର୍ଣ୍ଣୟ କରିହେବ ନାହିଁ । ସମ୍ଭବତଃ ଏସବୁ ସାମଗ୍ରିକଭାବେ ଏହାର ମୂଳକାରଣ ବୋଲି କୁହାଯାଉଛି । କିଏ କହୁଛି ଯେ ଆଦିବାସୀଙ୍କ ପ୍ରତି ଅଣଆଦିବାସୀ ଦଳିତମାନଙ୍କର ମନୋଭାବ ସୀମା ଟପିଛି ଓ ସହିବାର ସମସ୍ତ ଶକ୍ତି ଶେଷ ହୋଇ ସାମାଜିକ ନ୍ୟାୟ ବୋଲି ଗୋଟାଏ ଜିନିଷ କନ୍ଧମାଳ ଜିଲ୍ଲାରେ ଲୁପ୍ତ ହୋଇଯାଇଛି ବୋଲି ଆଦିବାସୀମାନେ ଅନୁଭବ କରୁଛନ୍ତି । ଏସବୁ ଗୋଟାଏ ଦିନର କଥା ନୁହେଁ, କେତେଶହ ବର୍ଷର କୁପରିଣାମ ବୋଲି ସ୍ୱୀକାର କରାଯିବାକୁ କେହି କେହି ପ୍ରସ୍ତାବ ଦେଉଛନ୍ତି । ଯେ ପର୍ଯ୍ୟନ୍ତ ସାମାଜିକ ନ୍ୟାୟ ପ୍ରତିଷ୍ଠା ହୋଇନାହିଁ ଏବଂ ଆଦିବାସୀଙ୍କ ଉପରେ ଆର୍ଥିକ ଓ ରାଜନୈତିକ ଶୋଷଣର ସମାପ୍ତି ହୋଇନାହିଁ, ଏହି ସଂଘର୍ଷ ବାରମ୍ବାର ମୁଣ୍ଡଟେକିବ ଓ ପ୍ରତ୍ୟେକ ଥର ପୂର୍ବ ଘଟଣାମାନଙ୍କ ତୁଳନାରେ ଆହୁରି ତୀବ୍ର ହେବ ବୋଲି ଆଶଙ୍କା ପାଇଛି । ଗତ ପନ୍ଦରବର୍ଷରେ ଏଥରର ଦଙ୍ଗାକୁ ମିଶାଇ ତିନିଥର ହୋଇସାରିଲାଣି । ତଥାପି ଯେମିତି ସମାଧାନର ରାସ୍ତା ତିଆରି ହୋଇନାହିଁ । ଓଡ଼ିଶାରେ ଆଦିବାସୀ ଓ ଦଳିତଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ଶତକଡ଼ା ଚାଳିଶ ଭାଗରୁ ଅଧିକ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆଦିବାସୀମାନେ ସଂଖ୍ୟା ଗରିଷ୍ଠ ଓ କେଉଁଠି କେଉଁଠି ସେମାନଙ୍କର ସଂଖ୍ୟା ଶତକଡ଼ା ଷାଠିଏରୁ ଉର୍ଦ୍ଧ୍ୱ । ଓଡ଼ିଶାର ବିଧାନସଭାରେ ଆଦିବାସୀ ଓ ଦଳିତଙ୍କ ସଂଖ୍ୟା ଷାଠିଏରୁ ଉର୍ଦ୍ଧ୍ୱ । ଆର୍ଥିକ ଦୃଷ୍ଟିକୋଣରୁ କେତେଜଣ

Digitized by srujanika@gmail.com

କ୍ରୀମି ଲେୟାର (Creamy Layer) ଙ୍କୁ ଛାଡିଦେଲେ ଅଧିକାଂଶ ଦାରିଦ୍ର୍ୟର ସୀମାରେଖା ତଳେ ବସବାସ କରୁଛନ୍ତି । ଆଦିବାସୀ ଅଞ୍ଚଳରେ ହରିଜନ ବା ଦଳିତମାନେ ଗାଁମାନଙ୍କରେ ଏକାଠି ବସବାସ କରିଆସୁଛନ୍ତି । ଜୀବନ ଓ ଜୀବିକା ଦୃଷ୍ଟିରୁ ସେମାନେ ଗୋଟାଏ ଶ୍ରେଣୀର । ଆର୍ଥିକ ସ୍ତରରେ ସେମାନଙ୍କ ଭିତରେ ବିଶେଷ ପାର୍ଥକ୍ୟ ନାହିଁ । ସାମାଜିକ ସ୍ତରରେ ଆଦିବାସୀ ନିଜକୁ ଦଳିତମାନଙ୍କ ଠାରୁ ଉପରେ ଅଛି ବୋଲି କହିଆସୁଛି । ରାଜନୈତିକ କ୍ଷେତ୍ରରେ ଏବଂ କ୍ଷମତାର ସୁଯୋଗ ନେବାରେ ଆଦିବାସୀମାନେ ଅନେକ ପଛରେ ପଡିଛନ୍ତି । ସାଂସ୍କୃତିକ କ୍ଷେତ୍ରରେ ଆଦିବାସୀ ତାହାର ଐତିହ୍ୟ କ୍ରମାଗତ ଭାବେ ହରାଇ ବସୁଛି । ଆଦିବାସୀ ଅଞ୍ଚଳରେ ସଂରକ୍ଷଣର ଅସଲ ଲାଭ ଆଦିବାସୀମାନେ ଉଠାଇ ପାରିନାହାନ୍ତି । ସମ୍ବିଧାନର ୫ମ ଅନୁସୂଚୀତ ଅଞ୍ଚଳରେ ଆଦିବାସୀ ଓ ବନବାସୀମାନଙ୍କୁ ଯେଉଁଭଳି ସୁରକ୍ଷା ଦେବାର କଥା ତାହା ଏଯାବତ୍ ମିଳିନାହିଁ ବୋଲି ଅନେକ ଅଧ୍ୟୟନରୁ ଜଣାପଡିଛି । ଓଡ଼ିଶା ପରିପ୍ରେକ୍ଷୀରେ ଆଦିବାସୀ ଓ ଦଳିତମାନଙ୍କ ଭିତରେ ଶ୍ରେଣୀଗତ ସମ୍ପର୍କ ଓ ସଂଘର୍ଷ ବର୍ତ୍ତମାନର ସମାଜ ବିଜ୍ଞାନୀ, ଅର୍ଥଶାସ୍ତ୍ରୀ ଏବଂ ରାଜନୈତିକ ବିଜ୍ଞାନୀମାନଙ୍କ ପାଇଁ ଏକ ଆହ୍ୱାନ ହୋଇପଡିଛି । ଆଦିବାସୀମାନଙ୍କର ନିଜସ୍ୱ ଧର୍ମଛଡା ଅନ୍ୟକିଛି ଧର୍ମ କେବେ ନଥିଲା । ସେମାନେ ହିନ୍ଦୁ ବା ଖ୍ରୀଷ୍ଟିୟାନ ବା ମୁସଲମାନ ନୁହନ୍ତି । କିନ୍ତୁ ବର୍ତ୍ତମାନ ସେମାନେ ନିଜକୁ କୌଣସି ନା କୌଣସି ମୂଳଧର୍ମ ସହ ସାମିଲ କରିଛନ୍ତି । ମୂଳଧର୍ମମାନଙ୍କରେ ଯେଉଁ ଧର୍ମାନ୍ଧତା ରହିଛି ତାହା ମଧ୍ୟ ଆଦିବାସୀମାନଙ୍କୁ ଗ୍ରାସ କରିଛି । ଅନ୍ୟପକ୍ଷରେ ଦଳିତ ବା ଅନୁସୂଚୀତ ଜାତିମାନେ ହିନ୍ଦୁଧର୍ମର ଅଂଶ ବିଶେଷ ବୋଲି ସମାଜ ବିଜ୍ଞାନୀମାନେ କହିଆସୁଛନ୍ତି ଓ ଜାତିପ୍ରଥା ଭିତରେ ସେମାନେ ଏକ ଜାତି ବୋଲି ନିର୍ଦ୍ଧାରିତ ହୋଇଛନ୍ତି । ଧର୍ମ ଓ ସାମାଜିକ ରୀତିନୀତି ତାଙ୍କ ଉପରେ ଲଦି ଦିଆଯାଇଛି । ଏହା ବିରୁଦ୍ଧରେ ସେମାନେ ବାରମ୍ବାର ପ୍ରତିବାଦ କରିଆସୁଛନ୍ତି ଓ ଗୋଟିଏ ପ୍ରକାରର ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଦେଶସାରା ଆନ୍ଦୋଳନ କରିଆସୁଛନ୍ତି । ଉଚ୍ଚଜାତିମାନଙ୍କର ଅତ୍ୟାଚର ଓ ଶୋଷଣରୁ ରକ୍ଷା ପାଇବା ପାଇଁ ସେମାନେ ଧର୍ମ ବଦଳେଇବାକୁ ଏକ ପ୍ରକାର ବାଧ୍ୟ ହୋଇଛନ୍ତି । ସେମାନେ ଖ୍ରୀଷ୍ଟଧର୍ମ ବା ବୌଦ୍ଧଧର୍ମରେ ଦିକ୍ଷୀତ ହୋଇଛନ୍ତି ବହୁସଂଖ୍ୟାରେ । ନିଜର ସ୍ୱତନ୍ତ୍ରତା ବଜାୟ ରଖିବା ପାଇଁ ଏବଂ ନିଜକୁ ଅନ୍ୟ ଜାତି ସହ ସମାନ ଓ ସମକକ୍ଷ କରିବା ପାଇଁ ସେମାନେ ବିଭିନ୍ନ ପ୍ରକାର ରଣନୀତି ଗ୍ରହଣ କରିଆସୁଛନ୍ତି । କିନ୍ତୁ ଜାତିପ୍ରଥା ସବୁଧର୍ମକୁ

Digitized by srujanika@gmail.com

ବ୍ୟାପୀ ଯାଇଛି । ଦଳିତ ଖ୍ରୀଷ୍ଟିୟାନମାନେ ମଧ୍ୟ ସେମାନଙ୍କର ଦଳିତ ହିନ୍ଦୁମାନଙ୍କ ଠାରୁ କୌଣସି ଗୁଣରେ ଭଲ ସ୍ଥିତିରେ ନାହାନ୍ତି ବୋଲି ବିଭିନ୍ନ ପ୍ରକାରର ଅଧ୍ୟୟନରୁ ଜଣା ପଡିଛି । ଅର୍ଥାତ୍ ଦଳିତ ଯେକୌଣସି ଧର୍ମର ହୋଇଥାଉ ପଛକେ ସବୁଠାରୁ ନିମ୍ନ ସ୍ତରରେ ରହିଆସିଛି ।

ସାମ୍ୟବାଦ ଓ ସମାଜବାଦରେ ବିଶ୍ୱାସ କରୁଥିବା ବୁଦ୍ଧିଜୀବୀମାନେ ଏବେ ପ୍ରଶ୍ନ କରିବା କଥା ଯେ ଆଦିବାସୀ ଓ ଦଳିତମାନେ ଉଭୟ ଗରିବ, ଅବହେଳିତ ଓ ନିର୍ଯ୍ୟାତିତ ହେଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ ଭିତରେ ରହିବାକୁ କାହିଁକି ଆଗ୍ରହ ପ୍ରକାଶ କରୁନାହାନ୍ତି ? ସାମାଜିକ, ଆର୍ଥିକ ଓ ରାଜନୈତିକ ପରିବର୍ତ୍ତନ ପାଇଁ ଉଭୟ ଗୋଷ୍ଠୀ କାହିଁକି ହାତ ମିଳାଇ ନାହାନ୍ତି ? ଉଚ୍ଚବର୍ଗମାନେ ଏଇ ଦୁଇବର୍ଗକୁ ଯେଉଁଭଳି ଚପି ଦେଇଛନ୍ତି, ଯେଉଁଭଳି ଶୋଷଣ ଓ ଅତ୍ୟାଚାରର ଶିକାର କରିଛନ୍ତି ତାହା କାହିଁକି ଏକ ସଂଘବଦ୍ଧ ଶ୍ରେଣୀ ସଂଘର୍ଷ ସୃଷ୍ଟି କରିପାରୁନାହିଁ ? ଆଦିବାସୀ ଓ ଦଳିତମାନଙ୍କ ମଧ୍ୟରେ ଏକତା ଓ ସାମୂହିକତା କାହିଁକି ଜନ୍ମନେଇ ପାରୁନାହିଁ ? ଉଭୟ ଗରିବ ଓ ଅବହେଳିତ । ଅଥଚ ଉଭୟଙ୍କ ଭିତରେ କେତେ ଫାଙ୍କ ଓ କେତେ ବୈଷମ୍ୟ ! ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

କନ୍ଧମାଳର ଦଙ୍ଗା ଉପରେ ଆଦିବାସୀ ଓ ଦଳିତବର୍ଗର ତଥାକଥିତ ନେତା ଓ ରାଜନୈତିକ ନେତାମାନେ ଖୋଲାଖୋଲି ମନ୍ତବ୍ୟ ଦେବାକୁ ପଛଘୁଞ୍ଚା ଦେଇଛନ୍ତି । ରାଜନୈତିକ ପଶାପାଲିରେ ଆଦିବାସୀ ଓ ଦଳିତ ବିଧାୟକମାନେ କେବଳ ଗୋଟିରେ ପରିଣତ ହୋଇପଡିଛନ୍ତି ବୋଲି ଏବେ ଜଣେ ବୁଦ୍ଧିଜୀବୀ ମନ୍ତବ୍ୟ ଦେଇଥିଲେ । ଜଣେ ସମ୍ବେଦନଶୀଳ ଅଣଆଦିବାସୀ ବିଧାୟକ କହୁଥିଲେ ଯେ ଯେତେବେଳେ ଆଦିବାସୀ ଓ ଦଳିତମାନଙ୍କ ସମ୍ପର୍କରେ କୌଣସି ବିଶେଷ ଆଇନ ସମ୍ବନ୍ଧୀୟ ଆଲୋଚନା ହେବ, ସେତିକିବେଳେ ଆଦିବାସୀ ଓ ଦଳିତ ବିଧାୟକମାନେ ବିଧାନସଭାରେ ଅନୁପସ୍ଥିତି ରହିବେ । ଏହା ତାଙ୍କର ଦୀର୍ଘ ରାଜନୈତିକ ଜୀବନର ଅନୁଭୂତି । ଜଣେ ଆଦିବାସୀ ମନ୍ତ୍ରୀ ମୋତେ କହୁଥିଲେ ଯେ ଆଦିବାସୀ ଓ ଦଳିତମାନଙ୍କର ବିକାଶ ସମ୍ବନ୍ଧରେ ଆଲୋଚନା କରିବାକୁ ମୁଖ୍ୟମନ୍ତ୍ରୀମାନେ ୧୪୪ଧାରା ଜାରି କରିଥାଆନ୍ତି । ଏସବୁ ଉଦାହରଣରୁ ଜଣାପଡେ ଯେ ରାଜନୈତିକ ପ୍ରକ୍ରିୟାରେ ଆଦିବାସୀ ଓ ଦଳିତ ବର୍ଗର ନେତାମାନଙ୍କର ସ୍ଥିତି ଓ ବୃତ୍ତି କ'ଣ । ସବୁ ବଡ ଅସହଜ ଓ ଅସୁନ୍ଦର ଜଣାପଡେ । ସମ୍ବିଧାନରେ ଗୋଟିଏ ବ୍ୟବସ୍ଥା ରହିଛି କିନ୍ତୁ ବାସ୍ତବିକତା

Digitized by srujanika@gmail.com

ଆଉ ଗୋଟିଏ କଥା । କନ୍ଧମାଳ ଘଟଣାରେ ରାଜନୈତିକ ସଂକୀର୍ଣ୍ଣତା ଏତେ ବ୍ୟାପିଛି ଯେ ଆଦିବାସୀ ଓ ଦଳିତମାନଙ୍କର ତଥାକଥିତ ନେତାମନେ ସଂଘବଦ୍ଧ ଓ ସୁଚିନ୍ତିତଭାବେ କୌଣସି ବିଚାର ବିମର୍ଷ କରି ପଦକ୍ଷେପ ନେବାକୁ ଆଗ୍ରହ ପ୍ରକାଶ କରିନାହାନ୍ତି । ଏଥିରୁ ଜଣାପଡେ ଯେ ସୃଷ୍ଟି ହୋଇଥିବା ଖାଇ କନ୍ଧମାଳରେ ଦୂର କରିବା କେତେ କଷ୍ଟକର ।

ଏବେ କନ୍ଧମାଳର ସମସ୍ୟା ଓ ସମାଧାନ ପାଇଁ ଏକ ନାଗରିକ ସମାଜର ଆଲୋଚନା ଚକ୍ରରେ ଭାଗ ନେବାକୁ ମୋତେ ସୁଯୋଗ ମିଳିଥିଲା । ଯେଉଁ କତିପୟ ବ୍ୟକ୍ତି କନ୍ଧମାଳର ଦଙ୍ଗାଗ୍ରସ୍ତ ଇଲାକା ଗସ୍ତକରି ଫେରିଛନ୍ତି, ସେମାନଙ୍କର ବର୍ଣ୍ଣନା ଅତି ହୃଦୟସ୍ପର୍ଶୀ ହୋଇଥିଲା । ଯେଉଁମାନେ ରିଲିଫ କ୍ୟାମ୍ପରେ ରହୁଛନ୍ତି, ତାଙ୍କୁ ଯଦି ଗୋଟିଏ ବର୍ଗର ଲୋକେ ସହାୟତା ପହଞ୍ଚାଉଛନ୍ତି, ସେମାନଙ୍କୁ ପଚରା ଯାଉଛି ଯେ ସେମାନଙ୍କର ଧର୍ମ କ'ଣ । ଅର୍ଥାତ୍ ଖ୍ରୀଷ୍ଟିୟାନମାନଙ୍କର ରିଲିଫ କ୍ୟାମ୍ପରୁ ହିନ୍ଦୁମାନେ ରିଲିଫ ନେବାକୁ ଅନୁମତି ପାଉନାହାନ୍ତି । ଯେଉଁମାନେ ରିଲିଫ ନେଉଛନ୍ତି ସେମାନଙ୍କୁ ଅଲଗା ଧର୍ମର ଯୁବକମାନେ ବିଭିନ୍ନ ବାଟରେ ହଇରାଣ କରୁଛନ୍ତି । ସନ୍ଦେହ ଓ ଘୃଣାଭାବ ଚରମସୀମା ସ୍ପର୍ଶ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ସମୟରେ ପ୍ରଶ୍ନ ଉଠିଛି ଯେ ହିନ୍ଦୁ ଓ ଖ୍ରୀଷ୍ଟିୟାନ ତଥା ଆଦିବାସୀ ଦଳିତମାନଙ୍କ ଭିତରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ପ୍ରଥମେ ମଲମ ଲଗାଇବାକୁ ପଡିବ କି ମୂଳପ୍ରଶ୍ନ ଉପରେ ବାର୍ତ୍ତାଳାପ କରିବାକୁ ହେବ ଏହା ନିଷ୍ପତ୍ତି କରିବା କଷ୍ଟକର ବ୍ୟାପାର । ଯଦି ମଲମ ଲଗାଯାଏ କେଉଁଭଳି ମଲମ ଲଗାଯିବ ଓ କିଏ ଲଗାଇବ, ଏହା ଉପରେ ଯୁକ୍ତିତର୍କ ଚାଲିଥିଲା । ସାମାଜିକ ନ୍ୟାୟକୁ ଆଧାର କରି କନ୍ଧମାଳର ଆଦିବାସୀମାନଙ୍କର ଅଧିକାର ଓ ପରିଚୟ ଉପରେ ମଧ୍ୟ ଅନେକ ପ୍ରଶ୍ନ ଉଠିଥିଲା । ନାଗରିକ ସମାଜର ଦାୟିତ୍ୱ ହେଉଛି ଉଭୟ ମଲମ ଲଗାଇବା ଓ ମୌଳିକ ସମସ୍ୟାର ସମାଧାନ କରିବା । ଏ ସମସ୍ୟାର ସମାଧାନ କରିବାର ଏକମାତ୍ର ଉପାୟ ହେଉଛି ବାର୍ତ୍ତାଳାପ । ଅର୍ଥାତ୍ ହିନ୍ଦୁ ଓ ଖ୍ରୀଷ୍ଟିୟାନ ତଥା ଆଦିବାସୀ ଓ ଦଳିତଙ୍କ ଭିତରେ କଥାବାର୍ତ୍ତା ଓ ଆପୋଷ ଆଲୋଚନା । ଏହାଛଡା ଅନ୍ୟ କିଛି ରାସ୍ତା ନାହିଁ । ଅଣଆଦିବାସୀମାନେ ଆଦିବାସୀଙ୍କ ସମସ୍ୟା ସମାଧାନ କରିପାରିବେ ନାହିଁ । ଉଚ୍ଚବର୍ଗର ବ୍ୟକ୍ତିମାନେ କେବେହେଲେ ନିମ୍ନବର୍ଗର ବା ଜାତିର ସମସ୍ୟାରେ ହସ୍ତକ୍ଷେପ କରିପାରିବେ ନାହିଁ । ରାଜଧାନୀରେ ଆଦିବାସୀ ଓ ଦଳିତମାନଙ୍କର ନେତା ବିଧାୟକମାନେ କାହିଁକି ପ୍ରତ୍ୟକ୍ଷ ଭାବେ

Digitized by srujanika@gmail.com

ମିଳିତ ହୋଇ ଆଲୋଚନା କରୁନାହାନ୍ତି ବୋଲି ପ୍ରଶ୍ନ ଉଠିଥିଲା । ସେମାନଙ୍କ ଭିତରୁ କେହିଜଣେ କନ୍ଧମାଳ ଦଙ୍ଗା ଉପରେ ନିରପେକ୍ଷ ଓ ନିର୍ଭୀକ ଭାବେ ପ୍ରତିବାଦ ନକରିବା ପରିତାପର ବିଷୟ । ସଂଘବଦ୍ଧଭାବେ ସରକାରଙ୍କ ଉପରେ ଚାପ ପକାଇବାକୁ ଏଇ ଗୋଷ୍ଠୀ କାହିଁକି ତତ୍ପର ନୁହନ୍ତି, ଜାଣି ଆଶ୍ଚର୍ଯ୍ୟ ଲାଗୁଛି ସମସ୍ତଙ୍କୁ । ସଂକୀର୍ଣ୍ଣ ଦଳୀୟ ରାଜନୀତି କିପରି ଅସ୍ଥି ମଜ୍ଜାଗତ ହୋଇଯାଇଛି ଭାବିଲେ ମନରେ ଦୁଃଖ ଆସୁଛି । ନାଗରିକ ସମାଜ କେବଳ ରାଜ୍ୟର ରାଜଧାନୀରେ ଶାନ୍ତି ଓ ସଦ୍ଭାବନା ଯାତ୍ରା ଆୟୋଜନ କରୁଛନ୍ତି । ରାଜନୈତିକ ଦଳ ବା ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ସହ ଆଲୋଚନା କରି ସଂଘର୍ଷରତ ଗୋଷ୍ଠୀକୁ ଏକ ମଞ୍ଚକୁ ଆଣିବାକୁ ପ୍ରୟାସ କରୁନାହାନ୍ତି । ଏକ ନୈତିକ ଚାପ ସୃଷ୍ଟି କରିବା ପାଇଁ ନାଗରିକ ସମାଜକୁ ଆହ୍ୱାନ ଆସିଛି । ସରକାରଙ୍କ ଉପରେ ସରକାର ହୋଇଥିବା ବିଶ୍ୱବ୍ୟାଙ୍କ ଓ ଡି.ଏଫ୍.ଆଇ.ଡି ଆଦି ସଂସ୍ଥାମାନଙ୍କୁ ମଧ୍ୟ ଚାପ ପ୍ରୟୋଗ କରିବାକୁ ନାଗରିକ ସମାଜ ଆହ୍ୱାନ କରୁନାହିଁ । ନାଗରିକ ସମାଜରୁ ଯେଉଁମାନେ ସରକାରୀ ପଦ ପଦବୀରେ ଅଛନ୍ତି କନ୍ଧମାଳର ଦଙ୍ଗାକୁ ପ୍ରତିବାଦ କରି ଇସ୍ତଫା ଦେବାର ସୂଚନା ମଧ୍ୟ ଦେଇନାହାନ୍ତି । ଦଙ୍ଗା କେଉଁଭଳି କମିବ ଓ ଶାନ୍ତି କେଉଁଭଳି ଫେରିବ ତାହା ନାଗରିକ ସମାଜର କଳ୍ପନାର ପରିଧି ବାହାରେ ଅଛି । ଦଙ୍ଗା, ହିଂସା, ଜାତିଆଣ ଓ ଧର୍ମାନ୍ଧତାକୁ ରୋକିବାକୁ ହେଲେ ବାର୍ତ୍ତାଳାପ ଓ ମଣିଷସୁଲଭ ସଂପ୍ରୀତିର ଆବଶ୍ୟକତା ରହିଛି । ହିନ୍ଦୁଧର୍ମର ପୁରୋଧା ଏବଂ ଖ୍ରୀଷ୍ଟିଆନମାନଙ୍କର ଧର୍ମ ଗୁରୁମାନେ କାହିଁକି ଏକ ମଞ୍ଚରେ ଛିଡା ହେଉ ନାହାନ୍ତି ? ଏ ପ୍ରଶ୍ନ ସେମାନଙ୍କୁ ପଚାରିବାର ଅଛି । ସର୍ବଧର୍ମ ସମନ୍ୱୟ ସମିତି ଗଢ଼ିବାରେ ଦ୍ୱିଧା କାହିଁକି ? ବିଶ୍ୱର ସବୁଧର୍ମର ମୂଳତତ୍ତ୍ୱ ଯଦି ମାନବ ପ୍ରେମ, ତେବେ ଏଠି ହିଂସାର ସ୍ଥାନ କେଉଁଠି ? କଲେଜ ଜୀବନରେ ମୁଁ ଆଲାନ୍ ପାଟନ୍(Alan Paton)ଙ୍କ ବିଶ୍ୱବିଖ୍ୟାତ ବହି କ୍ରାଏ, ଦି ବିଲଭେଡ୍ କଣ୍ଟ୍ରି(Cry, the Beloved Country) ବହି ପଢ଼ି ଅବାକ ହୋଇଯାଇଛି । ଦକ୍ଷିଣ ଆଫ୍ରିକାର ବର୍ଣ୍ଣଜନିତ ଭେଦଭାବକୁ ନେଇ ଏ ଉପନ୍ୟାସ ଆଜି ଏକ ଯୁଗାନ୍ତକାରୀ ସୃଷ୍ଟି କରିଛି । କଳା ଓ ଗୋରାମାନେ ପରସ୍ପର ପ୍ରତି ସମ୍ବେଦନଶୀଳ ହେବା ପରିବର୍ତ୍ତେ, ହିଂସା ଓ ଘୃଣାର ବାତାବରଣ ସୃଷ୍ଟି କରିଛନ୍ତି । ଗୋରାମାନେ କଳାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଛନ୍ତି ଓ ତାଙ୍କୁ ମାନବିକ ଦୃଷ୍ଟିକୋଣରୁ ବିଚାର କରିନାହାନ୍ତି । କଳାମାନେ ଗୋରାମାନଙ୍କର ଉତ୍ପୀଡନ ସହ୍ୟ ନକରି ହିଂସାର ଆଶ୍ରୟ ନେଇଛନ୍ତି । ସମଗ୍ର

Digitized by srujanika@gmail.com

ବାତାବରଣରେ ହିଂସା ହିଁ ରାଜତ୍ୱ କରିଛି । ଗୋଟିଏ ଗାଁରେ ବର୍ଷ ବର୍ଷ ଧରି ଏକାଠି ଭିନ୍ନବର୍ଗରୁ ସହାବସ୍ଥାନ କରୁଥିବା ପରିବାରମାନଙ୍କ ଭିତରେ ତିକ୍ତତା ଓ ଘୃଣାଭାବ ପ୍ରବେଶ କରିଛି । ପିଲାଦିନେ ଏକାଠି ଧୂଳିଘର ଗଢୁଥିବା କଳା ପିଲା ଓ ଗୋରା ପିଲା ପରସ୍ପରକୁ ଚାହୁଁ ନାହାନ୍ତି । ଆଲାନ୍ ପାଟନ୍ ଏକ ଅଶୁଭ ସଙ୍କେତ ଲକ୍ଷ୍ୟ କରି ଏ ବହିଟି ଲେଖିଛନ୍ତି । କନ୍ଧମାଳରେ ଦେଖାଦେଇଥିବା ଏଇ ଅଶନି ସଙ୍କେତ କାହିଁକି ଯେ ସମସ୍ତଙ୍କୁ ବିଚଳିତ କରୁନାହିଁ, ମୋତେ ସମ୍ଭ୍ରାନ୍ତ କରିପକାଇଛି ।

ଦୀପାବଳିର ଶୁଭ ଅବସରରେ ଏବଂ ଏକ ପବିତ୍ର, ଶୋଭନୀୟ ପରିବେଶରେ ହିଂସା ଓ ବିଦ୍ୱେଷ, ଅବିଶ୍ୱାସ ଓ ଅସହିଷ୍ଣୁତାପୂର୍ଣ୍ଣ ପରିବେଶର ସମାପ୍ତି ଘଟୁ । ଏହା ମୁଁ କାମନା କରୁଛି । ପ୍ରାର୍ଥନା କରୁଛି ବି । କେଉଁଠି ଦୀପ ଜଳିଲା ବେଳେ ଅନ୍ୟ କେଉଁଠି କାହାକୁ ପ୍ରାଣସ୍ପର୍ଶୀ ଦୁଃଖଦ ପରିସ୍ଥିତି ଭିତରକୁ ଠେଲି ନ ଦିଆଯାଉ ବୋଲି ମୁଁ ଆଶା କରିଛି । ଗୋଟାଏ ବର୍ଗ ଦୀପାବଳିର ଆଲୋକରେ ଆନନ୍ଦିତ ହେଉଥିଲାବେଳେ, ଆଉ ଗୋଟାଏ ବର୍ଗ ଦୁଃଖ ଓ ଯନ୍ତ୍ରଣାର ଅମାଅନ୍ଧକାରରେ ବୁଡି ନଯାଆନ୍ତୁ । ଏହା ସମସ୍ତଙ୍କର ସ୍ୱପ୍ନ ରହୁବୋଲି ମୁଁ ସ୍ୱପ୍ନ ଦେଖୁଛି । କେବଳ କନ୍ଧମାଳ ନୁହେଁ, ପୃଥିବୀର ବିଭିନ୍ନ ସ୍ଥାନରେ ଆଜି ଅନ୍ୟାୟ, ଅତ୍ୟାଚାର, ଅସମାନତା, ମାନବିକ ମୂଲ୍ୟବୋଧର ଅବକ୍ଷୟ, ହିଂସା ଓ ପ୍ରତିହିଂସା ବ୍ୟାପିଛି । ଉଚ୍ଚ ଓ ଶକ୍ତିଶାଳୀ ଗୋଷ୍ଠୀ ଅସହାୟ ଓ ଦୁର୍ବଳ ଗୋଷ୍ଠୀକୁ କବଳିତ କରି ଏକ ଅରାଜକତା ଓ ଅମାନୁଷିକତାର ରାଜ୍ୟ ପ୍ରତିଷ୍ଠା କରିବାକୁ ଅହର୍ନିଶ ଉଦ୍ୟମ କରୁଛି । ଏହାର କେବେ ଶେଷ ହେବ ଏବଂ କ୍ଷମା ଓ ପ୍ରେମର ପୃଥିବୀ ପୁନଃପ୍ରତିଷ୍ଠା ହେବ ତାହା ମୋର ଆଶାୟୀ ପ୍ରାଣ ଅପେକ୍ଷା କରିଛି ।

□□□

Digitized by srujanika@gmail.com

୩୭

ବାରିଗୁଡା ଗାଁ ଓ ବିଶ୍ୱର ଆର୍ଥିକ ସଙ୍କଟ

ହେମନ୍ତର ଏକ ଶିଶିରସିକ୍ତ ସକାଳ । ଗାଁଟିର ନାମ ବାରିଗୁଡା । କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ୍‌ର ତିନିଶହରୁ ଊର୍ଦ୍ଧ୍ୱ ଗାଁ ଭିତରରୁ ଏହା ଏକ ଅନାମଧେୟ ଆଦିବାସୀ ବସତି । ଗାଁ ଘେରିପାଖେ ପାହାଡ । ସବୁଆଡେ ଅଳସୀ ଫୁଲର ଲହଡି । ଧାନ ମାଣ୍ଡିଆ କ୍ଷେତରେ ଫସଲ ପାଚି ଆସୁଛି ଶେଷ ବର୍ଷା । ଏଥର ଠିକ୍ ସମୟରେ ହେଲା ନାହିଁ ବୋଲି ସାମାନ୍ୟ ନୈରାଶ୍ୟ ଦେଖାଦେଇଛି ଏ ଅଞ୍ଚଳରେ । ତଥାପି ଗାଁରେ ସମସ୍ତଙ୍କ ମୁହଁରେ ହସ । ଗାଁରେ ୫୧ଟି ଆଦିବାସୀ ପରିବାର । ସେଦିନ ଅତି ଶ୍ରଦ୍ଧାରେ ଗ୍ରାମବାସୀ ଗୋଟିଏ ସଭାର ଆୟୋଜନ କରିଥିଲେ । ସଭାରେ ମାଆମାନେ ଓ ବାପାମାନେ ସମବେତ ହେବା ପୂର୍ବରୁ ଆମମାନଙ୍କୁ ଗାଁ ଘେରିପଟେ ଘେରାଏ ବୁଲି ଆସିବାକୁ ଯୋଜନା କରିଥିଲେ । ପାହାଡିଆ ଉଚ୍ଚାନୀଚା ଜମି, ଝୋଲା ଜମି, ବାଡି ପଛପଟ ଜମି, ଡଙ୍ଗର ଉପରେ ଥିବା ଲଣ୍ଡା ଓ ବୃକ୍ଷବିହୀନ ବିସ୍ତୀର୍ଣ୍ଣ ଅଞ୍ଚଳ । ତଥାପି ଆଦିବାସୀ ପରିବାର ଚାଷ କରି କିଛି ଖାଦ୍ୟଶସ୍ୟ ଉତ୍ପାଦନ କରୁଛନ୍ତି । ଏହାଛଡା ଅନ୍ୟ କିଛି ବାଟ ନାହିଁ । ଗାଁର ସୀମାଭିତରେ ଗଭୀର ନାଳଟିଏ ପ୍ରବାହିତ ସବୁଦିନେ । ଅଥଚ ଜଳସେଚନ ଯୋଜନା କାର୍ଯ୍ୟକାରୀ ହୋଇନାହିଁ । ଆଦିବାସୀ ବିଭାଗ ତରଫରୁ ସର୍ଭେ ହୋଇଥିଲା କିନ୍ତୁ କଥାଟି ସେଇଟି ରହିଗଲା । ଲୋକେ କହୁଥିଲେ ଯେ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଲେ ପ୍ରାୟ ଦୁଇଶହ ଏକର ପାଣିମାଡିବ ଓ ଘର ପଛପଟେ ଥିବା ବାଡି ବି ଜଳସେଚିତ ହୋଇପାରିବ । ବର୍ଷକୁ ଦୁଇଟି ଫସଲ କରାଯାଇପାରିବ । ପନିପରିବା ଉତ୍ପାଦନ ବେଶ୍ ହୋଇପାରିବ । ସ୍ୱଜଳ ଧାରାରେ ପିଇବା ପାଣି ତିନି କିଲୋମିଟର ଦୂରରୁ ଆସୁଛି ଓ ପାଣିକୁଣ୍ଡ ଫାଟି ଯାଇଥିବାରୁ କେତେଭାଗ ପାଣି ନଷ୍ଟ ହୋଇଯାଉଛି । ଗାଁରେ ଉପକୂଳରୁ ଆସିଥିବା

Digitized by srujanika@gmail.com

ଜଣେ ଶିକ୍ଷକ କେବେ ଆସୁଛି ତ କେବେ ଆସୁନାହିଁ । ଗାଁର ଜଣେ ବୋହୂ ମ୍ୟାଟ୍ରିକ୍ ପାସ୍ କରିଛି ଓ ଗାଁର ସମସ୍ତଙ୍କୁ ସାକ୍ଷର କରିବ ବୋଲି ଅଣ୍ଟା ଭିଡିଛି । ଗାଁଟି ସଫାସୁତରା ଦେଖା ଯାଉଛି । କଳି ତକରାଳ ନାହିଁ । କେହି କେହି ଅବଶ୍ୟ ପଞ୍ଚାୟତ ମୁଖ୍ୟକାର୍ଯ୍ୟାଳୟ ଚିକାମ୍ବ ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ କାଶୀପୁର ଗଲେ ମଦଟିକେ ଟିକେ ପିଇ ଦେଉଛନ୍ତି । ସେମାନେ କହୁଥିଲେ ଯେ ଆଦିବାସୀ ହିସାବରେ ମଦପାଣି ପିଇବାରେ ଟିକିଏ ସଉକ ଅଛି । ବିଶେଷ କରି ପରବ ଦିନମାନଙ୍କରେ । କୁଲି କାର୍ଡ କେତେ ଲୋକଙ୍କୁ ମିଳିଛି । ୨୦୦୭ ମସିହାରେ ପ୍ରାୟ ବାରଦିନ କାମ ମିଳିଥିଲା ସତ, ମଜୁରି ଠିକ୍ ମିଳିନଥିଲା । ରାସ୍ତା କାମରେ ଗ୍ରାମବାସୀମାନେ ଲାଗିଥିଲେ ବୋଲି ଓ୍ୱାର୍ଡମେମ୍ବର କହୁଥିଲା । ୨୦୦୮ ମସିହାରେ ଅକ୍ଟୋବର ମାସ ସୁଦ୍ଧା ଦିନକ ପାଇଁ ମଜୁରି ମିଳିଲା ନାହିଁ । ପଞ୍ଚାୟତ ବା ପଞ୍ଚାୟତ ସମିତି ତରଫରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ । ଲୋକେ ଭାବୁଛନ୍ତି ଯେ କୁଲିଭୁତି ପାଇଁ ଦାବି କରିବା ଅର୍ଥହୀନ । କାରଣ ତାଙ୍କ କଥା ଆଜି ପର୍ଯ୍ୟନ୍ତ କେହି ଶୁଣି ନାହାନ୍ତି ଓ ଭବିଷ୍ୟତରେ ଶୁଣାଯିବ କି ନାହିଁ ନିଶ୍ଚିତ ନୁହନ୍ତି । କିନ୍ତୁ ଗାଁ ଭିତରେ ଗୋଟାଏ ପ୍ରକାରର ସଂହତି ଓ ବିଶ୍ୱାସ ରହିଛି । ସମସ୍ତଙ୍କର ତେଲ ଲୁଣର ସଂସାର ଚାଲି ଆସିଛି । ସେମାନଙ୍କର ଆଶା ଅଛି ଯେ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଲେ ଅଧିକ ଫସଲ ହେବ ଓ ତାହାଦ୍ୱାରା ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଦେବ । ଆୟ ବଢ଼ିଲେ ଭଲ ଘରଟିଏ ତିଆରି ହୋଇପାରିବ । ଆହୁରି ମଧ୍ୟ ଗାଁର ପିଲାମାନେ ଆଶ୍ରମ ସ୍କୁଲକୁ ପଢ଼ିବାକୁ ଯାଇପାରିବେ । ଗାଁର ନକ୍ସା ବଦଳିଯିବ । ଗାଁରେ ଗୋଟାଏ ନୂଆ ଅଧ୍ୟାୟ ସୃଷ୍ଟି ହେବ । ବାଡିରେ ଆମ୍ବ, ପଣସ, ଲିଚୁ, ପିଜୁଳି ଆଦି ଫଳଗଛ ଲାଗିବ । ହାଟବଜାର ସହ ଗାଁର ନୂତନ ସମ୍ପର୍କ ପ୍ରତିଷ୍ଠା ହେବ । ଗ୍ରାମବାସୀମାନେ ବିଶେଷକରି ମାଆମାନେ ନୂଆ ଢ଼ଙ୍ଗରେ ଚାଷବାସ କରିବା ପାଇଁ ଆଗ୍ରହ ଦେଖାଉଥିଲେ । ଆମେ ସବୁ ଏକ ସମ୍ଭାବ୍ୟ ପୃଥିବୀର ପରିକଳ୍ପନା କରିବାକୁ ପ୍ରେରଣା ପାଉଥିଲୁ ।

ଅବାକ୍ ଲାଗେ ଆମ ଆଦିବାସୀମାନଙ୍କୁ ଦେଖିଲେ, ବାହାରର ପୃଥିବୀରେ କେତେ କ'ଣ ଘଟୁଛି ସେ ବିଷୟରେ ତାଙ୍କର ଜାଣିବା ନ ଜାଣିବାରେ କିଛି ଫରକ୍ ଅଛି କି ? ଗତ କେତେଦିନ ଧରି ପୃଥିବୀରେ ଆର୍ଥିକ ସମସ୍ୟାର କଳାବାଦଲ ମାଡି ଆସିଛି । ବିକଶିତ ଦେଶରେ ଆର୍ଥିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି । ସବୁଠାରୁ

Digitized by srujanika@gmail.com

ବିକଶିତ ଦେଶ ଆମେରିକାରେ ଏହାର ପ୍ରଭାବ ଅତି କରୁଣ ଓ ନଗ୍ନ ହୋଇ ପଡିଛି । ଆର୍ଥିକ ଅନୁଷ୍ଠାନମାନଙ୍କର ସ୍ଥିତି ଦୋଦୁଲ୍ୟମାନ ହୋଇପଡିଛି । ଅନେକ ସବୁ ଏପରି ଦେବାଳିଆ ଅବସ୍ଥାରେ ପହଞ୍ଚିଛି ଯେ ଏବେ ସରକାରଙ୍କ ହଜାର ହଜାର କୋଟି ଡଲାରର ଆର୍ଥିକ ସାହାଯ୍ୟ ଦେବାକୁ ପଡିଛି । ମୁଁ କେବେହେଲେ ବୁଝି ନଥିଲି ଷ୍ଟକ୍ ଏକ୍ସଚେଞ୍ଜ କ'ଣ ଓ ବିଶ୍ୱଅର୍ଥନୀତିରେ ଏହାର ସ୍ଥାନ କ'ଣ । କେବେ ବୁଝିବାକୁ ଚେଷ୍ଟା କରିନଥିଲି ଯେ ଜେ.ପି.ମୋର୍ଗାନ୍, ଏ.ଆଇ.ଜି, ଲେହମାନ୍ ବ୍ରଦର୍ସ, ମେରିଲ୍ ଲିଞ୍ଚ୍ ଆଦି ଆର୍ଥିକ ଅନୁଷ୍ଠାନମାନେ ଆମେରିକୀୟ ଜନଜୀବନ କ୍ଷେତ୍ରରେ କେଉଁଭଳି ଭୂମିକା ଗ୍ରହଣ କରିଥାଆନ୍ତି । ଏ ଅନୁଷ୍ଠାନମାନଙ୍କୁ ନେଇ ଆମେରିକାର ଅର୍ଥନୀତି କୁଆଡେ ସୁଦୃଢ଼ ଓ ସ୍ଥାୟୀ ହୋଇଥିଲା ବର୍ଷ ବର୍ଷ ଧରି । ବ୍ୟାଙ୍କ ହିସାବରେ ଋଣ ଦେବା ନେବା ମଧ ଚାଲିଥିଲା । ଲୋକେ ଘର ତିଆରି କରିବା ଠାରୁ ଶିଳ୍ପ ପ୍ରତିଷ୍ଠା ପର୍ଯ୍ୟନ୍ତ ସବୁ ଆର୍ଥିକ କାର୍ଯ୍ୟକ୍ରମ ପାଇଁ ଏ ଅନୁଷ୍ଠାନମାନଙ୍କ ଉପରେ ନିର୍ଭରଶୀଳ ଥିଲେ ଓ ବଜାର ବେପାରର ମୁଖ୍ୟ କେନ୍ଦ୍ର ହୋଇଥିବା ୱାଲ୍‌ଷ୍ଟ୍ରୀଟ୍‌କୁ ଏହି ବ୍ୟାଙ୍କମାନେ ନିୟନ୍ତ୍ରଣ କରିଆସୁଥିଲେ । କିନ୍ତୁ ଦଶଦିନର ଆର୍ଥିକ ଝଡ ସବୁକୁ ଧୂଳିସାତ୍ କରି ଦେଇଥିଲା । ଏ ସବୁ ଅନୁଷ୍ଠାନ ସର୍ବୋତ୍କୃଷ୍ଟ ପେଶାଦାରମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଯେଉଁମାନେ ତଥାକଥିତ ବିଶ୍ୱବିଖ୍ୟାତ ଓ ଦାମୀ ମ୍ୟାନେଜ୍‌ମେଣ୍ଟ ଇନିଷ୍ଟିଚ୍ୟୁଟ୍ ଓ ବି-ସ୍କୁଲରେ ପ୍ରଶିକ୍ଷଣ ନେଇଥିଲେ ସେମାନେ ଏଇ ଅନୁଷ୍ଠାନର ପ୍ରାଣ ଓ ଶରୀର ଥିଲେ । ବ୍ୟବସାୟ ପ୍ରସ୍ଫୁଟିତ ହେଉଥିଲା । କିନ୍ତୁ କେହି ପଛକୁ ଚାହୁଁ ନଥିଲେ । ଚାହିଁବାର ଅବସର ନଥିଲା । ଜଗତୀକରଣ ଓ ମୁକ୍ତ ବଜାର ସବୁକିଛି ବ୍ୟବସ୍ଥା ଓ ପ୍ରକ୍ରିୟାକୁ ଆଗକୁ ଠେଲି ନେଉଥିଲା । କିନ୍ତୁ କ'ଣ ହେଲା କେଜାଣି ଏ ବ୍ୟାଙ୍କ ଗୁଡିକ ଦେବାଳିଆ ହୋଇଗଲେ । ଲକ୍ଷ ଲକ୍ଷ ଲୋକ ଯେଉଁ ପୁଞ୍ଜି ଖଟାଇଥିଲେ, ସେମାନେ ସେମାନଙ୍କର ଜୀବନର ସବୁଠାରୁ ବଡ ଧକ୍‌କା ପାଇଲେ । ଯେଉଁ ପେଶାଦାର ବ୍ୟକ୍ତିମାନେ ବର୍ଷକୁ ଲକ୍ଷ ଲକ୍ଷ ଡଲାର ରୋଜଗାର କରୁଥିଲେ, ସେମାନେ ହଠାତ୍ ନିଜର ଚାକିରି ହରାଇବାର ଆଶଙ୍କାରେ ବୁଡିଗଲେ । ଆର୍ଥିକ ଅବ୍ୟବସ୍ଥାରେ ସାଧାରଣ ଲୋକମାନେ ଆସ୍ଥା ଓ ବିଶ୍ୱାସ ହରାଇ ବସିଲେ । ଅନେକ୍ ମୁଣ୍ଡରେ ହାତଦେଇ ଅନାଗତ ଭବିଷ୍ୟତର ଆତଙ୍କ ପାଇଁ ନିଜକୁ ପ୍ରସ୍ତୁତ କରିବାରେ ଲାଗିଲେ । ସବୁଆଡେ ହତାଶ ଓ ଭୟ ବ୍ୟାପିଗଲା । ଆମେରିକା ସରକାର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାଙ୍କମାନଙ୍କୁ ୭୦୦ ବିଲିୟନ ଡଲାର୍ ବା ୩୫,୦୦,୦୦୦କୋଟି ଟଙ୍କା

Digitized by srujanika@gmail.com

ସାହାଯ୍ୟ ଦେବାକୁ ଘୋଷଣା କରିଲେ । ଖାଲି ଆମେରିକାରେ ଏହା ସୀମିତ ନଥିଲା । ଜର୍ମାନୀ, ଇଂଲଣ୍ଡ ଓ ୟୁରୋପର ବିକଶିତ ଅନ୍ୟଦେଶ, ଜାପାନ ଆଦି ଦେଶରେ ଆର୍ଥିକ ବ୍ୟବସ୍ଥା ଯେମିତି ଭୁଶୁଡି ନ ପଡେ, ସରକାରମାନେ ଲକ୍ଷ ଲକ୍ଷ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ । ଜାତୀୟ ବ୍ୟାଙ୍କମାନେ ସୁଧହାର ପରିବର୍ତ୍ତନ କରିବାକୁ ବାଧ ହୋଇଥିଲେ । ଚୀନ୍ ଓ ଭାରତ ଭଳି ଦେଶରେ ଏହାର ପ୍ରଭାବ ମଧ କିଛି କମ୍ ପଡିନାହିଁ । ଆର୍ଥିକ ବ୍ୟବସ୍ଥା ଶିଥିଳ ହୋଇଯାଇଛି ବୋଲି ସମସ୍ତେ ସ୍ୱୀକାର କରୁଛନ୍ତି । ଅଭିବୃଦ୍ଧିର ହାର କମିଯିବ; ଆମଦାନୀ ରପ୍ତାନୀ ବାଧାପ୍ରାପ୍ତ ହେବ, ବେକାରୀ ବଢ଼ିବ ବୋଲି ପୃଥିବୀର ସବୁଦେଶରେ ହତାଶର ଏକ ଝଡ ବୋହିବାରେ ଲାଗିଛି । ସମସ୍ତେ ଏକା ସ୍ୱରରେ କହୁଛନ୍ତି ଏହା ଏକ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ମେଲ୍‌ଟ ଡାଉନ । ଅତୀତର ପାପର ଏହା ପରିଣାମ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏଇ ପାପ ହେଉଛି ମାତ୍ରାଧିକ ଜଗତୀକରଣ ଏବଂ ଲଗାମହୀନ ବାଣିଜ୍ୟ ବ୍ୟବସାୟ ଛଡା ଆଉ କିଛି ନୁହେଁ । ବାଣିଜ୍ୟ ବେପାର ଓ ବଜାର ଦରରେ ସରକାର ହସ୍ତକ୍ଷେପ କରି ନିୟନ୍ତ୍ରଣ କରିବା ପରିସ୍ଥିତିରେ ନାହାନ୍ତି । କାରଣ ମୁକ୍ତ ଅର୍ଥନୀତି ଓ ଉଦାରୀକରଣ ଚିନ୍ତାଧାରା ସମସ୍ତଙ୍କୁ ଗ୍ରାସ କରିଛି ଗୋଟାପଣେ । ବିଶ୍ୱପୁଞ୍ଜି ଆଜି ସମସ୍ତଙ୍କୁ ଉଦରସ୍ଥ କରିଦେଇଛି । ହଜମ କରିବାକୁ ଆଉ ବେଶୀ ସମୟ ନାହିଁ ।

କିନ୍ତୁ ଏପରି ପରିସ୍ଥିତି କାହିଁକି ସୃଷ୍ଟି ହୋଇଛି ? ଯୁଦ୍ଧୋତ୍ତର ପୃଥିବୀରେ ଜର୍ମାନୀ ଓ ଜାପାନ ସମେତ ଅନେକ ବିକଶିତ ଦେଶ ଉତ୍ପାଦନ ବଢ଼ାଇବାରେ ବ୍ୟସ୍ତ ରହିଛନ୍ତି । ଏମାନଙ୍କ ସହ ମିଶିଛନ୍ତି ବ୍ରାଜିଲ୍, ତାଇୱାନ୍ ଏବଂ ଦକ୍ଷିଣ କୋରିଆ । ଏଥିଯୋଗୁଁ ଏଇ ଦେଶମାନଙ୍କର ଆଭ୍ୟନ୍ତରୀଣ ଅର୍ଥନୀତିରେ ତଥା ଏଇ ଦେଶମାନଙ୍କ ତୁଳନାରେ ଅନ୍ୟ ଦେଶମାନଙ୍କରେ ଦେଖା ଦେଉଛି ଭୀଷଣ ଆର୍ଥିକ ଅସମତା ଓ ସାମାଜିକ ଅସମାନତା । ଅପ୍ରାକୃତିକ ଅଭିବୃଦ୍ଧି ପ୍ରାକୃତିକ ଗ୍ୟାସ୍ ଓ ପେଟ୍ରୋଲିୟମ ତୈଳର ଚାହିଦା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଦର ମଧ ବୃଦ୍ଧି କରିଛି । ଏସବୁର ରକ୍ଷା ପାଇଁ ବିଶ୍ୱପୁଞ୍ଜି ତିନୋଟି ରାସ୍ତା ତିଆରି କରିଛି । ପ୍ରଥମଟି ହେଉଛି, ନବ ଉଦାରୀକରଣ ଦ୍ୱାରା ପରିଚାଳିତ ଢ଼ାଞ୍ଚାଗତ ପରିବର୍ତ୍ତନ । ଦ୍ୱିତୀୟଟି ହେଉଛି, ସମ୍ପୂର୍ଣ୍ଣ ଜଗତୀକରଣ ଓ ତୃତୀୟଟି ହେଉଛି, ଆର୍ଥିକୀକରଣ । ଏସବୁର ଅର୍ଥକୁ ଗଭୀର ଭାବେ ସମସ୍ତଙ୍କୁ ବୁଝିବାକୁ ହେବ ଯଦି ବର୍ତ୍ତମାନର ସମସ୍ୟାର ପ୍ରଭାବ ଓ ପ୍ରତିକାରର ରାସ୍ତା ବାହାର କରିବାକୁ ଆମେ ଲକ୍ଷ୍ୟ ରଖିବା । ବିଶ୍ୱ ପୁଞ୍ଜିର ଲକ୍ଷ୍ୟ ଥିଲା ସ୍ପଷ୍ଟ । ଉତ୍ତର ଗୋଲାର୍ଦ୍ଧରେ

Digitized by srujanika@gmail.com

ଏହା ରେଗାନିଜିମ୍ ଓ ଥାଚରେଜିମ୍ ଲାଗୁ କରିବ ଓ ଦକ୍ଷିଣ ଗୋଲାର୍ଦ୍ଧରେ ଢ଼ାଞ୍ଚାଗତ ପରିବର୍ତ୍ତନ ଲାଗୁ କରିବ । ଅର୍ଥାତ୍ ରାଷ୍ଟ୍ରମାନେ ଆର୍ଥିକ ଅଭିବୃଦ୍ଧିକୁ ଲକ୍ଷ୍ୟ ରଖି ସବୁକିଛି କଟକଣା ଦୂର କରିବେ ଓ ଗରିବ ଓ ମଧ୍ୟବିତ୍ତମାନଙ୍କର ଆୟକୁ ଶୋଷିନେଇ ଧନୀମାନେ ନିଜକୁ ଆହୁରି ଧନୀ କରିବେ ।

ଜଗତୀକରଣ ପ୍ରକ୍ରିୟାକୁ ବିଶ୍ୱପୁଞ୍ଜି ମଜଭୁତ କରିଥିଲା ସବୁ ଦିଗରେ । ଯେଉଁ ଅଞ୍ଚଳ ଆଗରୁ ଜଗତୀକରଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଥିଲା, ତାହାକୁ କବଳିତ କରାଗଲା ବିଭିନ୍ନ ମାଧ୍ୟମରେ । କେଉଁଠି ଶସ୍ତା ମିଳୁଥିଲା କଞ୍ଚା ମାଲ୍ ଓ ଅନ୍ୟ କେଉଁଠି ମିଳୁଥିଲା ଶସ୍ତା ଶ୍ରମ । ଜଗତୀକରଣରେ ବିଶ୍ୱାସ କରୁଥିବା ଓ କ୍ରିୟାନ୍ୱିତ କରୁଥିବା ବିଶ୍ୱପୁଞ୍ଜି ଏସବୁକୁ ଲୁଣ୍ଠନ କରିବାକୁ ଆଗେଇ ଆସିଥିଲା । ବଡ ବଡ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଯେଉଁମାନଙ୍କର ନାମ ଫର୍ଚ୍ଚୁନ୍ ୫୦୦ ତାଲିକାରେ ସବୁବେଳେ ରହିଆସେ ସେମାନେ ଏହାର ନେତୃତ୍ୱ ନେଇଥିଲେ । କିନ୍ତୁ ଜଗତୀକରଣ ଉତ୍ପାଦନ ବଢ଼ାଇଲା ସତ, ଦରଦାମ ଓ ଲାଭ ଉପରେ ନିୟନ୍ତ୍ରଣ ରଖି ପାରିଲା ନାହିଁ । ଏସବୁ ବଡ ବଡ କମ୍ପାନୀମାନେ କ୍ରମାଗତ ଭାବେ କ୍ଷତିଗ୍ରସ୍ତ ହେବାକୁ ଲାଗିଲେ । ଆଶ୍ଚର୍ଯ୍ୟର କଥା ଯେ ଯେଉଁ କମ୍ପାନୀମାନଙ୍କର ଲାଭର ହାର ଷାଠିଏ ଦଶକରେ ୭.୧ ଥିଲା, ନବେ ଦଶକରେ ତାହା ୨.୨୯ ହେଲା ଓ ଦୁଇହଜାର ମସିହା ବେଳକୁ ଏହା ୧.୩୨ ହୋଇଗଲା । ଆର୍ଥିକୀକରଣର କଥା ଏବେ ବିଚାରକୁ ନିଆଯାଉ । ଉତ୍ପାଦନ ବୃଦ୍ଧିପାଇଁ ଯେଉଁ ପୁଞ୍ଜି ଆବଶ୍ୟକ ତାହା ମିଳୁଥିଲା ବ୍ୟାଙ୍କମାନଙ୍କରୁ । ବ୍ୟାଙ୍କ ଏହି ପୁଞ୍ଜି ସାଧାରଣ ଲୋକଙ୍କ ସଞ୍ଚୟ ଓ ବଳକା ଅର୍ଥରୁ ସଂଗ୍ରହ କରୁଥିଲା । କିନ୍ତୁ ଏସବୁର ନିବେଶ ଓ ପୁନର୍ନିବେଶ ବାଧାପ୍ରାପ୍ତ ହୋଇଥିଲା । ଉତ୍ପାଦନ ବଢୁଥିଲା ଅଥଚ ଲାଭ ସେଇ ଅନୁପାତରେ ଆସୁନଥିଲା । ଆର୍ଥିକ ଅର୍ଥନୀତି ଓ ବାସ୍ତବ ଅର୍ଥନୀତି ଭିତରେ ସୃଷ୍ଟି ହୋଇଥିଲା ବିରାଟ ଖାଇ । ଏହା କ୍ରମଶଃ ବିସ୍ଫୋରଣ ସ୍ତରରେ ପହଞ୍ଚିଥିଲା । ଆଜିର ପରିସ୍ଥିତି ସୃଷ୍ଟି ହେବା ସ୍ୱାଭାବିକ ଥିଲା ବୋଲି ଅନେକ ଏବେ ବିଚାର କରୁଛନ୍ତି । ଆଗରୁ ୧୯୯୮-୯୯ ମସିହାରେ ଏସିଆ ମହାଦେଶରେ ଏସିଆନ୍ ବ୍ୟାଘ୍ରମାନଙ୍କର ଏହି ଦଶା ଭୋଗିବାର ଉଦାହରଣ ରହିଥିଲା । ତଥାପି ଏଥିରୁ କାହାକୁ ଶିକ୍ଷା ମିଳିନଥିଲା । ଆନ୍ତର୍ଜାତିକ ମୁଦ୍ରାକୋଷ ଏବଂ ଅନ୍ୟ ବିକଶିତ ଦେଶମାନେ ଏ ଘଟଣାକୁ ହାଲୁକା ମନୋଭାବ ନେଇ ବିଭିନ୍ନ ପ୍ରକାରର ଆର୍ଥିକ ବ୍ୟବସ୍ଥା ଲଦି ଦେଇଥିଲେ । କିନ୍ତୁ ବିକଶିତ ଦେଶରେ ଆଜି ସମାନ ପରିସ୍ଥିତି ସୃଷ୍ଟି ହୋଇଛି ଏବଂ

Digitized by srujanika@gmail.com

ଏ ଦେଶର ସରକାର ନିଜର ଅର୍ଥନୀତିକୁ ବଞ୍ଚାଇବାକୁ ଯାଇ ଲକ୍ଷ ଲକ୍ଷ କୋଟି ଟଙ୍କାର ଅନୁଦାନ ଦେବାକୁ ବାଧ ହେଉଛନ୍ତି । ବିଶ୍ୱପୁଞ୍ଜି ଆଜି ହାରି ଯାଇଛି ଓ ଦଶଦିନ ଭିତରେ ଏହା ଏକ ଭିନ୍ନଧରଣର ଭୂମିକମ୍ପ ସୃଷ୍ଟି କରିଛି । ଲାଭଖୋର ବିଶ୍ୱପୁଞ୍ଜି ଓ ନୀତିନିୟମ ବିହୀନ ଆର୍ଥିକ ବ୍ୟବସ୍ଥା ଆଜି ସମସ୍ତଙ୍କ ଭିତରେ ସୃଷ୍ଟି କରିଛି ଭୀଷଣ ଅସହାୟତା । ଯେତେବେଳେ ସୋଭିଏତ୍ ଋଷିଆ ଭଳି ଦେଶମାନଙ୍କରେ ସାମ୍ୟବାଦର ପତନ ହେଲା, ବିଶ୍ୱର ପୁଞ୍ଜିବାଦୀମାନେ ଆନନ୍ଦ ଓ ବିଜୟ ଉଲ୍ଲାସରେ ମତୁଆଲା ହୋଇଥିଲେ । ଆଜି ବିଶ୍ୱ ପୁଞ୍ଜିର ପତନ ଦୃଶ୍ୟ ବିଶ୍ୱବାସୀ ଦେଖିବାରେ ବ୍ୟସ୍ତ ଅଛନ୍ତି ଓ ଫଳାଫଳକୁ ଅପେକ୍ଷା କରିଛନ୍ତି । ବୁଦ୍ଧିଜୀବୀମାନେ ପ୍ରଶ୍ନ କରୁଛନ୍ତି ଯଦି ସାମ୍ୟବାଦୀ ଏବଂ ପୁଞ୍ଜିବାଦୀ ଆର୍ଥିକ ବ୍ୟବସ୍ଥା ଓ ଚିନ୍ତାଧାରା ଏବେ ପୃଥିବୀ ପାଇଁ ପ୍ରଯୁଜ୍ୟ ନୁହେଁ, ତେବେ ଏହାର ବିକଳ୍ପ କ'ଣ ? ଅବାକ ଲାଗୁଛି ଯେ ବିଶ୍ୱର କେତୋଟି ନାମୀ ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନକୁ ବଞ୍ଚାଇବା ପାଇଁ ବିକଶିତ ଦେଶର ସରକାରମାନେ ଲକ୍ଷ ଲକ୍ଷ କୋଟି ଟଙ୍କାର ଅନୁଦାନ ଦେବାକୁ କୁଣ୍ଠା ପ୍ରକାଶ କରୁନାହାନ୍ତି । ଏ ପୃଥିବୀରୁ ଦାରିଦ୍ର୍ୟ ଓ କ୍ଷୁଧା ନିବାରଣ ପାଇଁ ତଥା ସମସ୍ତ ଗରିବ ଲୋକଙ୍କୁ ମୌଳିକ ଶିକ୍ଷା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଓ ସର୍ବନିମ୍ନ ସ୍ଥାୟୀ ଜୀବିକା ନିଶ୍ଚିତ ଭାବେ ଯୋଗାଇବା ପାଇଁ ଏ ଅର୍ଥର ଏକ କ୍ଷୁଦ୍ରାଂଶ ଆବଶ୍ୟକ । ଅଥଚ କେଉଁ ଦେଶର ଏଥିପ୍ରତି ସମ୍ବେଦନଶୀଳତା ନାହିଁ । ଏସବୁ କାହିଁକି ହେଉଛି ତାହାର ସମ୍ୟକ ବିଚାର କରିବାର ବେଳ ଆଜି ଉପସ୍ଥିତ ହୋଇଛି ।

ସ୍ଥାନୀୟ ପ୍ରଶାସନ ଓ ରାଜନୀତି ସାମ୍ପ୍ରତିକ ବିଶ୍ୱ ରଙ୍ଗ ମଞ୍ଚରେ କ'ଣ ଘଟୁଛି ଉପଲବ୍ଧି କରିବାର ଘୋର ଆବଶ୍ୟକତା ଅଛି । ବାରିଗୁଡା ଗାଁରେ ଲୋକମାନଙ୍କ ଭଳି ଅଗଣିତ ଗାଁମାନେ ଅପେକ୍ଷା କରି ବସିଛନ୍ତି ସାମାନ୍ୟ ସାହାଯ୍ୟ ଓ ସହାନୁଭୂତି ପାଇଁ । ସେମାନେ ନିଜ ବିକାଶର ଧାରା ନିର୍ଦ୍ଧାରଣ କରିବାକୁ ଅଣ୍ଟା ଭିଡିଛନ୍ତି ନିଜ ବାଟରେ ଓ ନିଜ ଚିନ୍ତାଧାରାରେ । ଏଥିରେ ନା ଅଛି ସାମ୍ୟବାଦ ନା ରହିଛି ପୁଞ୍ଜିବାଦ । ନାହିଁ ଶୋଷଣ ଓ ଅନ୍ୟାୟ । ଅଛି ସହାବସ୍ଥାନ ଓ ସ୍ୱାବଲମ୍ବନଶୀଳତା । ନିଜଗୋଡରେ ଛିଡା ହେବାର ସ୍ୱପ୍ନ ଦେଖୁଛନ୍ତି ସେମାନେ । ଆଜିର ପୃଥିବୀରେ ଦେଖାଦେଇଥିବା ଖାଦ୍ୟ ସମସ୍ୟା ଓ ଆର୍ଥିକ ସଙ୍କଟର ସମାଧାନର ରାସ୍ତା ଏମାନେ ନିଶ୍ଚିତ ଦିନେ ନା ଦିନେ ଦେବେ ବୋଲି ଧାରଣା ସ୍ପଷ୍ଟ ହୋଇଛି ।

❑❑❑

Digitized by srujanika@gmail.com

୩୮

ଗ୍ରାମ୍ୟ ଗଣତନ୍ତ୍ର : ଏକ ସମୀକ୍ଷା

ଆଦିବାସୀ ଅଞ୍ଚଳରେ ପଞ୍ଚାୟତିରାଜ ବ୍ୟବସ୍ଥା କେମିତି ଚାଲିଛି ଓ ଏଥିପ୍ରତି ପ୍ରଶାସନ ଓ ରାଜନୈତିକ ଦଳମାନଙ୍କର ଆଭିମୁଖ୍ୟର ସବିଶେଷ ବିଚାର ଆଲୋଚନା ଆଜିର ବିକାଶ ପରିପ୍ରେକ୍ଷୀରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ମୁଁ ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବୁଲିଲା ବେଳେ ପଞ୍ଚାୟତ କେମିତି ଚାଲୁଛି ପଚାରିବାକୁ ଭୁଲିନଥାଏ । ଗରିବମାନଙ୍କର ବିକାଶ ଦିଗରେ ପଞ୍ଚାୟତର ଦାୟିତ୍ୱ ଖାଲି ଯୋଜନା କରିବା ନୁହେଁ ଯୋଜନାକୁ କାର୍ଯ୍ୟାନ୍ୱିତ କରିବା ଓ ସ୍ଥାୟୀ ଏବଂ ନିରନ୍ତର ବିକାଶର ସଫଳତା ହାସଲ କରିବା । ମୋଟାମୋଟି ଭାବେ କହିବାକୁ ଗଲେ ଏକଥା ସ୍ୱୀକାର କରିବାକୁ ହେବ ଯେ ବର୍ତ୍ତମାନ ଗ୍ରାମାଞ୍ଚଳରେ ଯେଉଁଭଳି ସମସ୍ୟାମାନ ବଢ଼ି ଚାଲିଛି ଓ ସମାଧାନର ରାସ୍ତା ତିଆରି ହୋଇପାରୁନାହିଁ, ତାହାର ଏକମାତ୍ର କାରଣ ହେଲା ତୃଣମୂଳ ସ୍ତରରେ ସୁଶାସନର ଅଭାବ । କେଉଁଠି ଆଦିବାସୀମାନେ କ୍ଷୁଧା ପ୍ରପୀଡିତ ତ ଅନ୍ୟ କେଉଁଠି ସେମାନେ ଦେଶାନ୍ତରୀ । କେଉଁଠି ଆଦିବାସୀ ବିସ୍ଥାପିତ ତ ଅନ୍ୟ କେଉଁଠି ବିପନ୍ନ ଜୀବନ ଜୀବିକା ଦ୍ୱାରା ଅର୍ଦ୍ଧମୃତ । ନା ଅଛି ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳର ବ୍ୟବସ୍ଥା ନା ରହିଛି ସ୍ୱାଧୀକାରର ପରିବେଶ । ସବୁକିଛି ଯେମିତି କଳ୍ପନାରେ ରହିଯାଇଛି । ଅଧିକାଂଶ ପଞ୍ଚାୟତରେ ଗ୍ରାମସଭା ବୈଠକ ବସୁନାହିଁ । ଯେଉଁଠି ବା ବସୁଛି ସେଠାରେ ନିଆଯାଉଥିବା ନିଷ୍ପତ୍ତିକୁ ମାନ୍ୟତା ଦେବା ଓ କାର୍ଯ୍ୟକାରୀ କରିବାର ଉଦାହରଣ କ୍ୱଚିତ ଦେଖାଦେଉଛି । ଗ୍ରାମସଭା ମାନଙ୍କରେ ନିଆଯାଉଥିବା ପ୍ରସ୍ତାବ ଉପରେ କ୍ରମେ ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ଏବଂ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ପାଖକୁ ପଠାଯାଉଛି ଅଥଚ ତାଙ୍କୁ ସମସ୍ତେ ଗୁରୁତ୍ୱର ସହ ପଢ଼ି କିଛି ଠୋସ୍ ନିଷ୍ପତ୍ତି ନେବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଏକ ଗବେଷଣାରୁ ଜଣା ପଡିଛି ଯେ ଉପର ସ୍ତରରେ ଗ୍ରାମସଭାର ନିଷ୍ପତ୍ତି ଗୁଡିକ ଅଳିଆ କାଗଜ ଗଦା ଭିତରକୁ ଫିଙ୍ଗି ଦିଆଯାଉଛି ।

Digitized by srujanika@gmail.com

ଏବେ କାଶୀପୁର ବ୍ଲକ୍‌ର ମାଣ୍ଡିବିଶି ପଞ୍ଚାୟତରେ ଆଦିବାସୀମାନଙ୍କର ବିଶେଷ କରି ମାଆମାନଙ୍କର ଅଧିକାରକୁ ନେଇ ଗୋଟାଏ ହଇଚଇ ସୃଷ୍ଟି ହୋଇଛି । ତିନିବର୍ଷ ତଳେ ସରକାରଙ୍କ ଅବକାରୀ ନୀତି ଅନୁସାରେ ଆଦିବାସୀ ଅଞ୍ଚଳରେ ମଦଦୋକାନ ପଞ୍ଚାୟତରେ ଖୋଲିବ କି ନାହିଁ ତାହା ଗ୍ରାମସଭା ନିଷ୍ପତ୍ତି କରିବ । ମଦ ବେପାରୀମାନେ ସରପଞ୍ଚମାନଙ୍କୁ ହାତବାରିସୀ କରି ଏବଂ ପ୍ରଶାସନକୁ ବିଭିନ୍ନ ପ୍ରକାରର ହାତଗୁଞ୍ଜା ଦେଇ ମଦଦୋକାନମାନ ଖୋଲିଥିଲେ । ଶୁଣାଯାଏ ଯେ ବିଧାୟକ ଓ ଜିଲ୍ଲାପାଳମାନେ ମାତ୍ରାଧିକ ଆଗ୍ରହ ଦେଖାଇଥିଲେ ପଞ୍ଚାୟତରେ ମଦ ଦୋକାନ ଖୋଲୁ ବୋଲି ସ୍ଥାନୀୟ ସାହୁକାର ଓ ରାଜନୈତିକ ଦଳର ମାମଲତକାରମାନେ ମଦ ଦୋକାନ ଖୋଲିବାକୁ ଜାଗା ଯୋଗାଇ ଦେଇଥିଲେ । ମଦ ଭାଟି ମାନଙ୍କରେ ମଦ ରନ୍ଧାଗଲା । ମହୁଲୀ ମଦ ସହ ଆଉ କ'ଣ କ'ଣ ସବୁ ମିଶାଯାଉଥିଲା । ଏହା ଛଡା ମଦର ଛୋଟ ଛୋଟ ପ୍ୟାକେଟ୍ ବା ପାଉଚ୍ ମଧ୍ୟ ଆଭ୍ୟନ୍ତରୀଣ ଗ୍ରାମମାନଙ୍କୁ ନେଇ ମଦ ବିକ୍ରିକରି ବେପାରୀ ଓ ତାଙ୍କର ଏଜେଣ୍ଟମାନେ ବେଶ୍ ଦି'ପଇସା ପାଇଲେ । ପଞ୍ଚାୟତରେ ମଦ ଦୋକାନ ଖୋଲିଯିବା ହେତୁ ବେପାର ମଧ୍ୟ ଅନେକ ଗୁଣରେ ବଢ଼ିଗଲା । ମାଣ୍ଡିବିଶିର ଅନେକ ପୁରୁଷମାନେ ଯାହାକିଛି ଆୟ କରୁଥିଲେ ଭାଟିକୁ ଯାଇ ମଦ ପିଇବାରେ ଖର୍ଚ୍ଚ କରୁଥିଲେ । ଏପରିକି ସ୍କୁଲ ପିଲାମାନେ ମଧ୍ୟ ଘରୁ ଟଙ୍କା ପଇସା ଚୋରି କରି ମଦ ପାଉଚ୍‌ମାନ କିଣିବା ଆରମ୍ଭ କରିଥିଲେ । ଏକଥା ଦେଖି ମାଣ୍ଡିବିଶିର ଆଦିବାସୀ ମାଆମାନେ ଖୁବ୍ ଚିନ୍ତିତ ହୋଇ ପଡିଲେ । ପରିବାର ଆୟ ସମେତ ଫସଲ ଆଦି ସବୁ ମଦ ଭାଟିକୁ ଯିବ, ପିରବାର ଚଳିବ କେମିତି ? ଏହାଛଡା ମାଣ୍ଡିବିଶିର ଜଙ୍ଗଲରୁ ବେଶ୍ ମିଳୁଥିବା ଶିଆଳୀ ପତ୍ର ସଂଗ୍ରହ କରି ମାଆମାନେ ବେଶ୍ ଆୟକରୁଥିଲେ । କିନ୍ତୁ ଦୂର ଗାଁମାନଙ୍କରୁ ବେଶୀ ମାତ୍ରାରେ ଶିଆଳୀ ପତ୍ର ବୋହି ଆଣିବା ମାଆମାନଙ୍କ ପାଇଁ କଷ୍ଟଦାୟକ ଥିଲା । ଏଥିପାଇଁ ପୁରୁଷମାନେ ଏ ପତ୍ର ବୋହି ମାଣ୍ଡିବିଶିର ବେପାରୀ ପାଖକୁ ଆଣୁଥିଲେ ଓ ପଇସା ପେମେଣ୍ଟ ଗ୍ରହଣ କରୁଥିଲେ । ପଇସା ପାଇବା ମାତ୍ରକେ ପୁରୁଷମାନେ ଦୌଡୁଥିଲେ ମଦଭାଟିକୁ । ମଦଭାଟିକୁ ଲାଗି ଜଳଖିଆ ଦୋକାନ । ପ୍ଲାଷ୍ଟିକ୍ ଗ୍ଲାସ୍‌ରେ ମଦ ଭାଟି ବାଲା ମଦ ବିକିବ ଓ ରାସ୍ତାକୁ ଲାଗି ପୁରୁଷମାନେ ଗ୍ଲାସ୍ ପରେ ଗ୍ଲାସ୍ ପିଇବାରେ ଲାଗିଥିବେ ସନ୍ଧ୍ୟା ପର୍ଯ୍ୟନ୍ତ । ମାଆମାନେ ଆଶାକରିଥିବା ଅର୍ଥ ଘରକୁ ଏଇଭଳି ନଆସି ମଦଭାଟି ପାଖରେ ପହଞ୍ଚିଥାଏ । ମଦଭାଟି ବାଲା ଖୁବ୍ ଖୁସି ଯେ ମାଣ୍ଡିବିଶି ଭାଟିରୁ ପ୍ରତି

Digitized by srujanika@gmail.com

ମାସରେ ଲକ୍ଷଲକ୍ଷ ଟଙ୍କା ଆୟ ହେଉଛି । ଅବକାରୀ ବିଭାଗ, ପୁଲିସ ବିଭାଗରୁ କିଏ କେବେ ତଦାରଖ ପାଇଁ ଆସିଲେ ବେଶ୍ ଖୁସିରେ ମାଣ୍ଡିବିଶିରୁ ଫେରିଥାଆନ୍ତି । ମଦଭାଟିରେ ଥିବା ମ୍ୟାନେଜର ନିଶରେ ହାତ ଦେଇ କହୁଥାଏ ଯେ ଥାନା ଅଫିସର ଠାରୁ ଜିଲ୍ଲାପାଳ ପର୍ଯ୍ୟନ୍ତ, ସରପଞ୍ଚ ଠାରୁ ଏମ୍.ଏଲ.ଏ. ପର୍ଯ୍ୟନ୍ତ ସବୁ ତାର ପକେଟରେ । ମାଣ୍ଡିବିଶିର ହାଇସ୍କୁଲକୁ ଚନ୍ଦା ଦେଇ ସେଠାକାର ନେତାମାନଙ୍କର ମୁହଁ ବନ୍ଦ କରିବାକୁ ମ୍ୟାନେଜରକୁ ବେଶୀ ପରିଶ୍ରମ କରିବାକୁ ପଡେ ନାହିଁ । ଏଇଭଳି ସବୁ ଚାଲି ଆସୁଥିଲା । କିନ୍ତୁ ଗତ ୨୦୦୬ ମସିହା ପଞ୍ଚାୟତ ନିର୍ବାଚନରେ ଶ୍ରୀ ନାନ୍ଦୁ ମାଝୀ ବୋଲି ଜଣେ ଯୁବକ ମାଣ୍ଡିବିଶିର ସରପଞ୍ଚ ହିସାବରେ ନିର୍ବାଚିତ ହେଲେ । ଶ୍ରୀ ନାନ୍ଦୁ ମାଝୀ ଜଣେ ସଚେତନ ବ୍ୟକ୍ତିଥିଲେ ଓ ମଦ ଭାଟି ଦ୍ୱାରା ପଞ୍ଚାୟତର କି କ୍ଷତି ହେଉଛି ସେ ନିଜ ଆଖିରେ ଦେଖୁଥିଲେ । ପୂର୍ବତନ ସରପଞ୍ଚ ମଦ ବେପାରୀର ଜୀପ୍ ଓ ମଟର ସାଇକେଲରେ ବୁଲୁଥିଲା ଓ ଆଦିବାସୀ ମାଆମାନଙ୍କ ଆଖିରେ ଘୃଣ୍ୟ ବୋଲି ବିବେଚିତ ହୋଇଥିଲା । ଶ୍ରୀ ନାନ୍ଦୁମାଝୀଙ୍କ ପାଖରେ ମାଣ୍ଡିବିଶିର ମାଆମାନେ ମଦଭାଟି ବନ୍ଦ କରିବା ପାଇଁ ଦାବି କରିଥିଲେ । ଏଇ ଦାବି ଖୁବ୍ ତୀବ୍ର ସ୍ତରକୁ ଯାଇଥିଲା । ଏହା ଗୋଟିଏ ଦୁଇଟି ଗାଁରେ ସୀମିତ ନଥିଲା । ମାଆମାନଙ୍କର ପ୍ରତିବାଦର ଢ଼ଙ୍ଗ ଓ ସ୍ୱର ଅଭିନବ ଥିଲା । ମଦଭାଟି ସମ୍ମୁଖରେ ଧାରଣା ଦେବାଠାରୁ ଆରମ୍ଭ କରି ମାଣ୍ଡିବିଶିର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ସହ କଥାବାର୍ତ୍ତା କରି ମଦଭାଟି ଉଠାଇବା ସପକ୍ଷରେ ଅସାଧାରଣ ଜନମତ ସୃଷ୍ଟି କରିଥିଲେ । ମଦବେପାରୀ ତାହାର ଏଜେଣ୍ଟମାନଙ୍କ ଜରିଆରେ ମାଆମାନଙ୍କର ସଂଗଠନକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲା । କେଉଁଠି କେଉଁଠି ଏଜେଣ୍ଟମାନେ ମାଆମାନଙ୍କ ଠାରୁ ଉତ୍ତମ ମଧ୍ୟମ ମଧ ପାଇଥିଲେ । ମାଆମାନଙ୍କର ମଦବିରୋଧୀ ଆନ୍ଦୋଳନ ପୁରୁଷମାନଙ୍କର ଉପରେ ଅବଶ୍ୟ କିଛିଟା ପ୍ରଭାବ ପକାଇଥିଲା । କିନ୍ତୁ ମାଣ୍ଡିବିଶିର ମଦଭାଟି ଆଖ ପାଖ ତିନୋଟି ପଞ୍ଚାୟତରେ ମଦ ବିକ୍ରୟ କରିବା ପାଇଁ ଲାଇସେନ୍ସ ପାଇଛି ବୋଲି ଦାବି କରୁଥିଲା । ମାଣ୍ଡିବିଶିରେ ମଦଭାଟି ଉଠିବା ପାଇଁ ସ୍ଥାନୀୟ ଆଦିବାସୀ ମହିଳା ସଂଗଠନର ନେତ୍ରୀ ଶ୍ରୀମତୀ ସୁମନୀ ଝୋଡିଆ ନବେ ଦଶକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଶ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରୋତ୍ସାହନାରେ ଯିଏ କି ଏକଦା ମଦ ବିରୋଧୀ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଆଦିବାସୀ ମାଆମାନଙ୍କ ପଛରେ ଛିଡା ହୋଇଥିଲେ । ଗ୍ରାମସଭା ଏବଂ ସରପଞ୍ଚ ଚାହିଁଲେ ମଦଭାଟି ଉଠିଯିବ ବୋଲି ଆଇନ୍ ହୋଇଛି ବୋଲି ସେ

Digitized by srujanika@gmail.com

ଆଦିବାସୀ ମାଆମାନଙ୍କୁ ଓ ସରପଞ୍ଚ ଶ୍ରୀ ନାନ୍ଦୁ ମାଝୀଙ୍କୁ ବୁଝାଇଥିଲେ । ଏହାପରେ ୨୦୦୮ ମସିହା ଜାନୁୟାରୀ ୨୬ତାରିଖ ଦିନ ଗ୍ରାମସଭାକୁ ସବୁ ଲୋକଙ୍କୁ ସରପଞ୍ଚ ଡାକିଥିଲେ । ମଦଭାଟି ଉଠିବା ପାଇଁ ସର୍ବସମ୍ମତିକ୍ରମେ ସେଦିନ ପ୍ରସ୍ତାବ ଗୃହୀତ ହେଲା ଓ ଏହା ପଞ୍ଚାୟତ ସମିତି, ଜିଲ୍ଲାପାଳଙ୍କ ପାଖକୁ ପଠାଯିବ ବୋଲି ମଧ୍ୟ ନିଷ୍ପତ୍ତି ହେଲା । ମାଣ୍ଡିବିଶିରେ ଏହାଥିଲା ଏକ ଐତିହାସିକ ନିଷ୍ପତ୍ତି । ପ୍ରାୟ ଦୁଇ ହଜାର ପୁରୁଷ ମହିଳା ଗ୍ରାମ ସଭାରେ ଉପସ୍ଥିତ ଥିଲେ ଓ ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳରୁ କର୍ମୀମାନେ ମଧ୍ୟ ଗ୍ରାମସଭାରେ ଭାଗନେଇଥିଲେ । ମଦଭାଟି ମାଲିକଙ୍କୁ ମଧ୍ୟ ମଦଭାଟି ବନ୍ଦ ହେବା ନିଷ୍ପତ୍ତି ଜଣାଇଦିଆଗଲା । ଗ୍ରାମସଭା ନିଷ୍ପତ୍ତିର ନକଲ ଅବକାରୀ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଗଲା । ସମସ୍ତଙ୍କୁ ଗୋଟିଏ ଅନୁରୋଧ ଯେ ମଦଭାଟି ଲାଇସେନ୍ସ ପୁନର୍ବାର ଦିଆନଯାଉ । ପଞ୍ଚାୟତର ଏ ଅଭୂତପୂର୍ବ ଆଗ୍ରହ ଦେଖି ମଦଭାଟିକୁ ଜମି ଦେଇଥିବା ଶ୍ରୀ ନାଥୁରାମ ଜାଗା ଛାଡିବା ପାଇଁ ମଦଭାଟି ମାଲିକକୁ ନୋଟିସ୍ ଦେଇଥିଲେ । ଏହା ପରେ ପରେ ଜିଲ୍ଲାପାଳଙ୍କ ଦପ୍ତରରୁ ମଦଭାଟି ଖୋଲିବା ପାଇଁ କିଛି ଆପତ୍ତି ଅଭିଯୋଗ ଅଛି କି ବୋଲି ସରପଞ୍ଚଙ୍କ ପାଖକୁ ଚିଠି ଆସିଥିଲା ଓ ସେ ଆବଶ୍ୟକ ଅନୁସାରେ ଆପତ୍ତି ପତ୍ର ପଠାଇଥିଲେ । କିନ୍ତୁ ତା'ପରେ ସବୁ ନୀରବ ଓ ନିଷ୍କ୍ରିୟ ହୋଇଯାଇଥିଲା ।

ମଦଭାଟି ମାଲିକ ଏ ପ୍ରକାର ଗ୍ରାମସଭା ନିଷ୍ପତ୍ତିରେ କ୍ଷୁବ୍ଧ ହୋଇ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଥିଲେ । କେତେଜଣ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଓ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସାହାଯ୍ୟ ନେଇ ସେ ତାଙ୍କର ଏଜେଣ୍ଟମାନଙ୍କ ଜରିଆରେ କାହାକୁ ପେନ୍ସନ ଦିଆଯିବ, କାହାକୁ ଋଣ ଛାଡ କରାଯିବ ବା କାହାକୁ ଜମି ଦିଆଯିବ କହି ମଦବୋତଲ ବାଣ୍ଟିବାରେ ଲାଗିଲେ ଓ ସାଧା କାଗଜରେ ଦସ୍ତଖତ ସଂଗ୍ରହ କରିଲେ । ମଦଭାଟି ମାଲିକ ନିଶରେ ହାତ ରଖି କହିଲେ ଯେ ଗ୍ରାମସଭାରେ ମଦ ଭାଟି ଉଠିବା ପାଇଁ ଯେତେ ସଂଖ୍ୟକ ଲୋକ ଦସ୍ତଖତ ଦେଇଛନ୍ତି ତାହାଠାରୁ ଅଧିକ ଲୋକ ମଦଭାଟି ନଉଠିବା ପାଇଁ ଦସ୍ତଖତ ଦେଇଛନ୍ତି । ମଦ ଭାଟି କେବେହେଲେ ଉଠିବ ନାହିଁ । କାଶୀପୁରର ଥାନା ଅଧିକାରୀମାନେ ଆସି ସରପଞ୍ଚ ଶ୍ରୀ ନାନ୍ଦୁମାଝୀ ଓ ଶ୍ରୀ ନାଥୁ ରାମଙ୍କୁ ବିଭିନ୍ନ ଉପାୟରେ ପ୍ରବର୍ତ୍ତାଇବା ଏବଂ ଧମକ ଦେବା ଆରମ୍ଭ କରିଦେଲେ । ମଦଭାଟି ମାଲିକ ଓ ମ୍ୟାନେଜର ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥା 'ଆମ ସଂଗଠନ'ର କର୍ମୀମାନଙ୍କୁ ଧମକ ମଧ୍ୟ ଦେବା ଆରମ୍ଭ କରିଲେ । ଅବକାରୀ ବିଭାଗର

Digitized by srujanika@gmail.com

କର୍ମଚାରୀମାନେ ଆସି ସରପଞ୍ଚ ଶ୍ରୀ ନାନ୍ଦୁ ମାଝୀଙ୍କୁ ହିରୋହୋଣ୍ଡା ମଟର ସାଇକେଲ ଓ ଲକ୍ଷେ ଟଙ୍କାର ପ୍ରଲୋଭନ ଦେଇ ମଦ ଭାଟି ନଉଠୁ ବୋଲି ଲେଖି ଦେବାକୁ ଚାପ ପକାଇଥିଲେ । ମଦଭାଟି ମାଲିକ କହିଲେ ଯେ ମାଣ୍ଡିବିଶି ପଞ୍ଚାୟତର ସମସ୍ତ ବିକାଶ ପାଇଁ ଓ ହାଇସ୍କୁଲ ପରିଚାଳନା ପାଇଁ ସେ ମାସକୁ ମାସ ସାହାଯ୍ୟ କରିବ ।

ଏ ଭିତରେ ମାଣ୍ଡିବିଶିର ମାଆମାନେ, ସରପଞ୍ଚ ଶ୍ରୀ ନାନ୍ଦୁ ମାଝୀ ଓ ଅନ୍ୟାନ୍ୟ ନେତୃବୃନ୍ଦ ମିଳିତ ଭାବେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଗ୍ରାମସଭାର ନିଷ୍ପତ୍ତି ପଠାଇ ସାରିଛନ୍ତି । ଅପେକ୍ଷା କରିଛନ୍ତି ଯେ ମଦ ଭାଟି ତାଙ୍କ ପଞ୍ଚାୟତରୁ କେବେ ଉଠିଯିବ । ତୃଣମୂଳ ଗଣତନ୍ତ୍ରରେ ବିଶ୍ୱାସ ରଖିଥିବା ଓ ସୁଶାସନ ପାଇଁ ଆଶା ରଖିଥିବା ମଣିଷମାନେ ମଧ୍ୟ ଦେଖୁଛନ୍ତି ଯେ ମଦଭାଟି ମାଲିକର କଥା ରହିବ କି ସରକାରଙ୍କ କଥା ରହିବ ।

ଭାରତର ଗ୍ରାମଶାସନ ଓ ଗ୍ରାମ୍ୟଗଣତନ୍ତ୍ରର ପରିକଳ୍ପନା ବୈଦିକ ଯୁଗରୁ ଚାଲି ଆସିଛି । ସବୁକୁ ଏକାଠି କରି ମହାତ୍ମା ଗାନ୍ଧୀ ଦେଖିଛନ୍ତି ସ୍ୱପ୍ନ ଓ ଲେଖିଛନ୍ତି 'ଗ୍ରାମ ସ୍ୱରାଜ୍' ।

> "ଏକ ଦାରିଦ୍ର୍ୟ- ପ୍ରପୀଡିତ ଭାରତ ଏବଂ ସେଥିରେ କୋଟି କୋଟି ଅଜ୍ଞାନାଚ୍ଛନ୍ନ ମଣିଷ ବାସ କରୁଥିବେ, ମୁଁ ସେପରି ଭାରତ ବର୍ଷର କଳ୍ପନା କରିନାହିଁ.... । ଯଦି ମୋର ସ୍ୱପ୍ନ ବାସ୍ତବରେ ପରିଣିତ ହୁଏ ଏବଂ ଭାରତବର୍ଷର ସାତ ଲକ୍ଷ ଗାଆଁ ପ୍ରତ୍ୟେକଟି ଏପରି ଗୋଟିଏ ଗୋଟିଏ ମୁଖ୍ୟ ଗଣତନ୍ତ୍ରରେ ପରିଣତ ହୁଅନ୍ତି, ଯେଉଁଥିରେ କି କେହି ନିରକ୍ଷର ନରହନ୍ତେ, କାମ ନାହିଁ ବୋଲି କେହି ନିକମା ରହନ୍ତେ ନାହିଁ, ସମସ୍ତଙ୍କ ପାଖରେ ଉପଯୋଗୀ କାମ ରହିଥାନ୍ତା ଓ ସମସ୍ତେ ପୁଷ୍ଟିକାରକ ଖାଦ୍ୟ ଖାଇଥାଆନ୍ତେ, ମୁକ୍ତ ବାୟୁ ଯାତାୟତ କରୁଥିବା ଗୃହମାନଙ୍କରେ ବାସ କରୁଥାଆନ୍ତେ, ଓ ଦେହଲୁଚାଇବାକୁ ସମସ୍ତଙ୍କ ପାଖରେ ଯଥେଷ୍ଟ ଖଦୀବସ୍ତ୍ର ରହିଥାନ୍ତା ଏବଂ ଯେଉଁଠି ଗ୍ରାମବାସୀ ସ୍ୱାସ୍ଥ୍ୟ ରକ୍ଷା ଓ ସ୍ୱଚ୍ଛତାର ନିୟମ ଗୁଡିକୁ ଜାଣିଥାନ୍ତେ ଓ ପାଳନ କରୁଥାଆନ୍ତେ, ତେବେ ସେହି

Digitized by srujanika@gmail.com

କ୍ଷେତ୍ରରେ ଏକ ରାଷ୍ଟ୍ରର ମଧ୍ୟ ବହୁବିଧ ତଥା ବହୁତ ପ୍ରୟୋଜନମାନ ରହିଥାଆନ୍ତା ଏବଂ ସେଗୁଡିକ ଯୋଗାଇ ଦେଇ ନପାରିଲେ ତାହାର କ୍ଷୟ ଅବଶ୍ୟମ୍ଭାବୀ ହୋଇଯାଆନ୍ତା ।"

ଯେଉଁମାନେ ଗ୍ରାମଶାସନ ଓ ସାଧାରଣ ଲୋକଙ୍କ ରାଜନୈତିକ କ୍ଷମତାରେ ବିଶ୍ୱାସ କରନ୍ତି, ସେମାନେ କାହିଁକି ଯେ କ୍ଷମତାର ବିକେନ୍ଦ୍ରୀକରଣ କରାଇ ଲୋକଙ୍କୁ ସଶକ୍ତୀକରଣ ପ୍ରକ୍ରିୟାରେ ସାମିଲ୍ କରନ୍ତି ନାହିଁ, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସମ୍ବିଧାନ ସଂଶୋଧିତ ହୋଇ ଉଲ୍ଲେଖ କରାଯାଇଛି ଯେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, କୃଷି ଆଦି ୨୯ଟି ବିଷୟର ପରିଚାଳନା ପଞ୍ଚାୟତ ହାତରେ ନ୍ୟସ୍ତ କରାଯିବ । ସବୁ ବିକାଶ କାର୍ଯ୍ୟକ୍ରମରେ ଲୋକମାନଙ୍କୁ ପଚରାଯିବ ଓ ସେମାନଙ୍କର ମତାମତକୁ ମାନ୍ୟତା ଦିଆଯିବ ବୋଲି ଉଲ୍ଲେଖ କରାଯାଇଛି । କିନ୍ତୁ ବାସ୍ତବରେ ଏହା କାହିଁକି କାର୍ଯ୍ୟକାରୀ ହେଉନାହିଁ ? ଦାରିଦ୍ର୍ୟ, କ୍ଷୁଧା, ଅନଗ୍ରସରତା ଦୂରକରିବାର ଏକମାତ୍ର ଅସ୍ତ୍ର ହେଉଛି ସୁଶାସନ । ସୁଶାସନର ମୂଳଦୁଆ ହେଉଛି ଗ୍ରାମ୍ୟ ଗଣତନ୍ତ୍ର । ମାଣ୍ଡିବିଶିଠାରେ ଗ୍ରାମସଭାର ନିଷ୍ପତ୍ତିକୁ ଯେଉଁଭଳି ଅବମାନନା କରାଯାଇଛି, ସାମ୍ପ୍ରତିକ ଶାସନ ସୁଶାସନ କି ନୁହେଁ ତାହା ପ୍ରମାଣ କରିଛି ।

□□□

Digitized by srujanika@gmail.com

୩୯

ରାଜସ୍ଥାନର ଦେବ୍‌ଡୁଙ୍ଗରୀ ଓ ନବରଙ୍ଗପୁରର ଖଣ୍ଡିଆଗୁଡ଼ା

ଭାରତ ବର୍ଷର ଲକ୍ଷଲକ୍ଷ ଗାଁ ସତରେ ବଦଳୁଛି କି ନାହିଁ ବେଳେ ବେଳେ ପ୍ରଶ୍ନ ଉଠୁଛି । ଗାଁକୁ ସହର କରିବା ଏବଂ ଗ୍ରାମାଞ୍ଚଳରେ ସହରର ସବୁ ସୁବିଧାର ବ୍ୟବସ୍ଥା କରିବାକୁ ଅନେକ ବିଶାରଦମାନେ ପ୍ରସ୍ତାବ ଦେଇ ଆସୁଛନ୍ତି । ଗାଁରେ ରହୁଥିବା ଗରିବ ଓ ସହରାଞ୍ଚଳରେ ରହୁଥିବା ଗରିବଙ୍କ ଭିତରେ କ'ଣ ପ୍ରଭେଦ ରହିଛି ? ଗରିବ ଯେଉଁଠି ରହୁନା କାହିଁକି, ଦୁଃଖ କଷ୍ଟ ଓ ଅନ୍ୟାୟ ଅତ୍ୟାଚାରର ମାତ୍ରା କମିନାହିଁ । ବିଭିନ୍ନ ରୂପରେ ସହରାଞ୍ଚଳର ବିକାଶ ପାଇଁ ଅନେକ ଗୁରୁତ୍ୱ ଦିଆଯାଉଛି ଓ ବିଭିନ୍ନ ଯୋଜନା ଜରିଆରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଉଛି । ଗ୍ରାମାଞ୍ଚଳର ବିକାଶ ସେଇ ଅନୁପାତରେ ସମ୍ଭବତଃ ହେଉନାହିଁ । ଅର୍ଥ ବିନିଯୋଗ ମଧ୍ୟ ସେଇ ଅନୁପାତରେ ହେଉନାହିଁ । ଏଇଥିପାଇଁ ସହର ଓ ଗାଁ ଭିତରେ ଆଗରୁ ରହିଆସିଥିବା ଖାଇ ବଢ଼ିବାରେ ଲାଗିଛି । ପୃଥିବୀର ଯେଉଁ ଦେଶକୁ ବିଚାରକୁ ନେଲେ ମଧ୍ୟ ଏଇ ଖାଇ ସ୍ପଷ୍ଟ ଲକ୍ଷ୍ୟ କରିହେଉଛି । ଏଇଥିପାଇଁ ଗାଁରୁ ସହରକୁ ଲୋକମାନଙ୍କର ବିଶେଷକରି ଯୁବଗୋଷ୍ଠୀର ସୁଅ ଛୁଟୁଛି । କିନ୍ତୁ, ଗାଁମାନଙ୍କର ବିକାଶରେ ଦେଶର ଯେ ଅସଲ ବିକାଶ ହେବ ତାହା କେହି ଅସ୍ୱୀକାର କରୁନାହାନ୍ତି । ବିକାଶ ଓ ପରିବର୍ତ୍ତନ ଦୃଷ୍ଟିରୁ ଏପରି କେତେକ ଗାଁ ଅଛନ୍ତି ଯେଉଁମାନେ ଇତିହାସ ସୃଷ୍ଟି କରିଛନ୍ତି । ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଗାଁଗୁଡ଼ିକର ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ରାଜନୈତିକ ନକ୍‌ସା ବଦଳିଛି । ସେସବୁ ଗାଁମାନଙ୍କରୁ ଅନେକ କିଛି ଶିଖିବାର ଅଛି ବୋଲି ମୁଁ ଅନୁଭବ କରିଛି ଓ ସବୁବେଳେ ପ୍ରୟାସ କରିଛି ସେଠାକୁ ଯାଇ କିଛି ସମୟ କାଟିବାକୁ । ବିକାଶ ପ୍ରକ୍ରିୟାର ଧାରା ଓ ଦିଗ ଜାଣିବାକୁ ହେଲେ ଏସବୁ ଗାଁଗୁଡ଼ିକ ଉପରେ

Digitized by srujanika@gmail.com

ବିଶେଷ ଅଧ୍ୟୟନ ହେବାର ଆବଶ୍ୟକତା ରହିଛି । ଏ ସ୍ତମ୍ଭରେ ଦୁଇଟି ଗାଁର ଉଦାହରଣ ଦେବାର ଯଥାର୍ଥତା ରହିଛି ।

ଦେବଡୁଙ୍ଗରୀ ଗାଁ । ରାଜସ୍ଥାନର ଆଜମୀର ଓ ଉଦୟପୁର ମଝିରେ ଜାତୀୟ ରାଜପଥକୁ ଲାଗି ଏ ଗାଁର ଅବସ୍ଥିତି । ତହସିଲର ନାମ ଭୀମ୍ । ପଞ୍ଚାୟତର ନାମ ବରାରା । ନୂଆ ହୋଇ ସୃଷ୍ଟି ହୋଇଥିବା ଜିଲ୍ଲାର ନାମ ରାଜ୍ ସମନ୍ଦ୍ । ୩୦ ରୁ ୪୦ଟି ପରିବାର । ଅଶୀଦଶକର ଶେଷଭାଗରେ ପ୍ରସିଦ୍ଧ ତିଲୋନିଆର "ସମାଜ କାର୍ଯ୍ୟ ଓ ଅନୁସନ୍ଧାନ କେନ୍ଦ୍ର" ନାମକ ଏକ ଅନୁଷ୍ଠାନରୁ ତିନିଜଣ କର୍ମୀ ଶ୍ରୀମତୀ ଅରୁଣା ରାୟ, ଶ୍ରୀ ନିଖିଳ ଦେ ଓ ଶ୍ରୀ ଶଙ୍କର ସିଂ ସେଠାରେ ପହଞ୍ଚିଥିଲେ । ଏମାନଙ୍କ ସହ ମୁଁ ତିଲୋନିଆରେ କିଛିଦିନ କାର୍ଯ୍ୟରତ ହୋଇଥିଲି । ପାରମ୍ପରିକ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମରେ ଜନସହଭାଗୀତା ଯଥେଷ୍ଟ ନାହିଁ ଏବଂ ରାଜନୈତିକ ପରିଭାଷା ଅସ୍ପଷ୍ଟ ରହିଛି ବୋଲି ଶ୍ରୀମତୀ ଅରୁଣା ରାୟ ସବୁବେଳେ ଆମକୁ କହି ଆସୁଥିଲେ । ସେ ସବୁବେଳେ ସରକାରୀ କଳର ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ ଦେଇ ଆସୁଥିଲେ । ନିଜେ ଏକଦା ଆଇ.ଏ.ଏସ୍. ଅଫିସର ହିସାବରେ ବିଭିନ୍ନ ପଦପଦବୀରେ ରହିବା ପରେ ୧୯୭୫ ମସିହାରେ ଇସ୍ତଫା ଦେଇ ତିଲୋନିଆ ଠାରେ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ତେଣୁ ପ୍ରଶାସନ କ'ଣ କରିପାରିବ ଓ କ'ଣ କରିପାରିବନାହିଁ ତାହା ତାଙ୍କୁ ସ୍ପଷ୍ଟ ଜଣାଥିଲା । ଦେବ୍ଡୁଙ୍ଗରୀ ଗାଁରେ ଏମାନେସବୁ ଗୋଟିଏ କୁଡ଼ିଆ ଭଳି ଘରେ ରହିଥିଲେ ଓ ଗାଁର ତଥା ଆଖପାଖ ଗାଁର ସବୁ ଲୋକଙ୍କର ପ୍ରିୟ ହୋଇ ପାରିଥିଲେ । ସେ ଅଞ୍ଚଳର ମୁଖ୍ୟ ବାସିନ୍ଦା ଥିଲେ "ରାଓତ୍" ଜାତିର ଲୋକମାନେ ଓ ଏମାନେ ମୁଖ୍ୟତଃ ସାମରିକ ବାହିନୀରେ ହିଁ ଯୋଗ ଦେଉଥିଲେ । କିନ୍ତୁ ରାଜନୈତିକ କ୍ଷମତା ଥିଲା ରାଜପୁତ୍ ବଂଶୀୟ ଠାକୁର୍‌ମାନଙ୍କ ହାତରେ । ଜମିଜମା ସବୁ ମଧ୍ୟ ଏମାନଙ୍କ କବ୍‌ଜାରେ ଥିଲା । ଶ୍ରୀମତୀ ଅରୁଣା ରାୟଙ୍କ ନେତୃତ୍ୱରେ ତିନୋଟି ମୁଖ୍ୟ ପ୍ରଶ୍ନ ଦେବ୍ଡୁଙ୍ଗରୀ ଅଞ୍ଚଳରେ ନିଆଯାଇଥିଲା । ଗୋଟିଏ ହେଲା ଜମି, ଦ୍ୱିତୀୟଟି ହେଲା ଶ୍ରମ ଓ ତୃତୀୟଟି ହେଲା ପ୍ରଶାସନର ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ । ଏହାକୁ ଭିତ୍ତି କରି ସେଠାରେ କିଛି ସମୟ ଭିତରେ ଏକ ବଳିଷ୍ଠ ଜନଆନ୍ଦୋଳନ ସୃଷ୍ଟି ହୋଇଥିଲା ଓ ମଜଦୁର୍ କିଶାନ ଶକ୍ତି ସଂଗଠନ ବା ଏମ୍.କେ.ଏସ୍.ଏସ୍.(MKSS) ଜନ୍ମଲାଭ କରିଥିଲା । ଜମିହୀନମାନେ ରାଜପୁତ୍ ଠାକୁରମାନଙ୍କ ସହ ଲଢ଼ି ଜମି ପାଇପାରିଥିଲେ ଓ ସରକାରୀ କଳ ଏ ସଂଘର୍ଷରେ ଯଥେଷ୍ଟ ସହାୟତା କରିଥିଲା ।

Digitized by srujanika@gmail.com

ଶ୍ରମଜୀବୀମାନେ ଠିକ୍ ମଜୁରି ପାଇବା ପାଇଁ ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଠିକ୍ କାମ ହେଉଛି କି ନାହିଁ "ଜନଶୁଣାଣି" ସବୁ ଆୟୋଜନ କରାଯାଉଥିଲା । ସାଧାରଣ ଲୋକଙ୍କର ଯୋଜନା ବିଷୟରେ ଜାଣିବାର ଅଧିକାର ଯେ ନିଶ୍ଚିତ ଅଛି ତାହା ଉପରେ ଦେଶସାରା ଆଲୋଡ଼ନ ସୃଷ୍ଟି ହୋଇଥିଲା ଓ ସୂଚନାର ଅଧିକାର ପାଇଁ ଦାବି କରାଯାଇଥିଲା । ଯେତେବେଳେ ଏ ଆନ୍ଦୋଳନ ମୁଣ୍ଡ ଟେକିଥିଲା, ମୁଁ ସେଠାକୁ କେତେଥର ଯାଇଥିଲି ଓ ଆନ୍ଦୋଳନ କିପରି ଲୋକମାନଙ୍କ ମନ ଛୁଇଁଛି ତାହା ଅନୁଭବ କରିପାରିଥିଲି । ଶ୍ରୀମତୀ ଅରୁଣା ରାୟ ସୂଚନାର ଅଧିକାରକୁ ନେଇ ଯେଉଁ ଆନ୍ଦୋଳନ ଦେବ୍‌ଡୁଙ୍ଗରୀ ଗାଁରୁ ଆରମ୍ଭ କରିଥିଲେ ତାହା ବିଭିନ୍ନ ପଥଦେଇ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚିଥିଲା । ସରକାରୀ ଅଫିସରମାନଙ୍କର ବିରୋଧ ସତ୍ତ୍ୱେ 'ସୂଚନା ଅଧିକାର ଆଇନ' ବା 'ରାଇଟ୍ ଟୁ ଇନ୍‌ଫରମେସନ୍ ଆକ୍ଟ' ବା ଆର୍.ଟି.ଆଇ.(RTI) ସଂସଦରେ ସ୍ୱୀକୃତି ଲାଭ କରି କାର୍ଯ୍ୟକାରୀ ହୋଇଥିଲା । ସରକାରୀ କଳ ହେଉ କି ବେସରକାରୀ ସଂସ୍ଥା ହେଉ, ଏ ଆଇନ୍ ବଳରେ ଯେକୌଣସି କଥା ଜାଣିବା ପାଇଁ ସାଧାରଣ ଲୋକଙ୍କର ଅଧିକାର ରହିଛି ଓ ସରକାରୀ କଳରେ ଚାଲିଥିବା ଦୁର୍ନୀତି ରୋକିବାରେ ଏ ଆଇନ୍ ବେଶ୍ ସହାୟକ ହୋଇ ପାରିଛି । ଦେବ୍‌ଡୁଙ୍ଗରୀ ଗାଁରେ ଶ୍ରମ ଅଧିକାର ଏବଂ ନିଶ୍ଚିତ କର୍ମ ଯୋଗାଣକୁ ନେଇ ମଧ୍ୟ ଆନ୍ଦୋଳନ ହୋଇଥିଲା । ଶ୍ରୀମତୀ ଅରୁଣା ରାୟଙ୍କ ନେତୃତ୍ୱରେ ଦାବି ହୋଇଥିଲା ଯେ ସରକାର ଗ୍ରାମାଞ୍ଚଳର ଶ୍ରମଜୀବୀମାନଙ୍କ ପାଇଁ ନିଶ୍ଚିତ କର୍ମଯୋଗାଣ ବ୍ୟବସ୍ଥା କରନ୍ତୁ । ଏଥିପାଇଁ ବହୁ ଦିନରୁ ଏକ ଆଇନ୍ ପ୍ରଣୟନ କରିବା ପାଇଁ ଦାବି ହୋଇଆସୁଥିଲା । ମହାରାଷ୍ଟ୍ରରେ ନିଶ୍ଚିତ କର୍ମଯୋଗାଣ କାର୍ଯ୍ୟକ୍ରମରୁ ଅତୀତରେ ଅନେକ ସଫଳତା ମିଳିଥିଲା ଓ ତାହାକୁ ଭିତ୍ତି କରି "ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମଯୋଗାଣ ଆଇନ୍" ବା ଏନ୍.ଆର୍.ଇ.ଜି.ଏ. (NREGA) ପାର୍ଲିଆମେଣ୍ଟରେ ସ୍ୱୀକୃତି ଲାଭ କରିଥିଲା । ଦେବ୍‌ଡୁଙ୍ଗରୀରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଆଜି ସାରା ଭାରତ ବର୍ଷରେ ବିକାଶ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଓ ସାଧାରଣ ନାଗରିକଙ୍କର ଅଧିକାରକୁ ଆହୁରି ଶକ୍ତିଶାଳୀ କରିଛି । ଏ ଦେଶର କୋଟିକୋଟି ଗରିବ ଓ ଅସହାୟ ମଣିଷଙ୍କ ପାଇଁ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି ।

ଖଣ୍ଡିଆଗୁଡ଼ା ଗାଁଟି ମୋର ସବୁଦିନ ପାଇଁ ମନେ ରହିବ । ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ୍ ଓ ତେନ୍ତୁଳିଖୁଣ୍ଟି ଗ୍ରାମପଞ୍ଚାୟତରେ ଏ ଗାଁ ଅବସ୍ଥିତ । ବ୍ଲକ୍

Digitized by srujanika@gmail.com

ଓ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଅନତିଦୂରରେ ଗାଁ ଅବସ୍ଥିତ । ମୁଁ ନବେଦଶକରେ ଏ ଗାଁକୁ ପ୍ରଥମେ ଯାଇଥିଲି ଓ ସେଠାରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ବାସଚ୍ୟୁତ ହୋଇଥିବା କେତେକ ପରିବାରଙ୍କ ସହ ଦେଖା ସାକ୍ଷାତ ହୋଇଥିଲା । ଗାଁର ଅଧିବାସୀ ମୁଖ୍ୟତଃ ଆଦିବାସୀ ଓ ହରିଜନ । ଅନେକଙ୍କର ଜମି କିଛିକିଛି ଅଛି । କାହାକୁ ପଟ୍ଟା ମିଳିଛି ତ କାହାକୁ ମିଳିନାହିଁ । କୃଷି ଓ ଦିନମଜୁରି ହିଁ ଗ୍ରାମବାସୀଙ୍କର ଜୀବନ ଜୀବିକାର ମୂଳ ଆଧାର । ଗାଁରେ ଜଳସେଚନ ବ୍ୟବସ୍ଥା ନାହିଁ । ଏଥିପାଇଁ ବର୍ଷାଦିନ ପରେ ପ୍ରାୟ ସମସ୍ତେ ବେକାର । ପାଖ ତେନ୍ତୁଳିଖୁଣ୍ଟିରେ ସେମାନେ ବିଭିନ୍ନ ପ୍ରକାରର ଦିନମଜୁରି ପାଇଥାଆନ୍ତି ବର୍ଷସାରା । ଗାଁ ଭିତରେ ଅବଶ୍ୟ ରାଜନୈତିକ ଦଳ ହିସାବରେ ଦୁଇଟି ଗୋଷ୍ଠୀ ସବୁପ୍ରକାରର ବିରୋଧାଭାସ ପ୍ରଦର୍ଶନ କରୁଥାଆନ୍ତି, କିନ୍ତୁ ଆର୍ଥିକ ପରିସ୍ଥିତି କେଉଁ ଗୋଷ୍ଠୀର ସ୍ୱଚ୍ଛଳ ନଥାଏ । ଗ୍ରାମବାସୀମାନେ ଯେତେବେଳେ ଜାଣିବାକୁ ପାଇଲେ ଯେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସେମାନଙ୍କର ୧୦୦ଦିନର କାମ ପାଇବାର ଅଧିକାର ଅଛି, ୬୩ ଜଣ ଗ୍ରାମବାସୀ ଅକ୍ଟୋବର ୪ ତାରିଖ ୨୦୦୭ ମସିହାରେ ତେନ୍ତୁଳିଖୁଣ୍ଟି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ କାମ ସେମାନଙ୍କୁ ମିଳୁ ବୋଲି ଆବେଦନ କରିଥିଲେ । ସବୁଦିନ ପରି ସେଦିନ ଭି.ଏଲ୍.ଡ଼ବ୍ଲ୍ୟୁ. କହିଥିଲା ଯେ ପଞ୍ଚାୟତ ସେକ୍ରେଟାରୀ ନାହିଁ । ତେଣୁ କାଲିକୁ ଆସିଲେ ତୁମମାନଙ୍କ କଥା ବୁଝାଯିବ । ଏହାଛଡ଼ା ପଞ୍ଚାୟତରେ କାମଧନ୍ଦା ଯୋଗାଇବା ପାଇଁ ସେତେବେଳେ କିଛି କିଛି ଯୋଜନା ବା ଅର୍ଥ ନାହିଁ ବୋଲି କହି ଗ୍ରାମସେବକ ଲୋକମାନଙ୍କୁ ଫେରାଇ ଦେଇଥିଲା । କିନ୍ତୁ ସଚେତନତାରେ ପ୍ରେରିତ ହୋଇ ଗ୍ରାମବାସୀମାନେ ଖାଲି ହାତରେ ଫେରିବାକୁ ସେମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିନଥିଲେ । ସେଠାରୁ ସେମାନେ ବ୍ଲକ୍‌ର ମୁଖ୍ୟ କାର୍ଯ୍ୟାଳୟକୁ ଯାଇଥିଲେ ଓ ବି.ଡ଼ି.ଓଙ୍କ ଅଫିସ ସମ୍ମୁଖରେ ନିଜର ଦାବି ଉପସ୍ଥାପନ କରିଥିଲେ । ଏତେ ଲୋକ ଆସି ବି.ଡ଼ି.ଓଙ୍କୁ ସାକ୍ଷାତ କରି କାହିଁକି ଗ୍ରାମସେବକ ଦରଖାସ୍ତ ଗ୍ରହଣ କରୁନାହିଁ ଆପତ୍ତି କରିବା ଏକ ଇତିହାସ ସୃଷ୍ଟି କରିଥିଲା । ଗ୍ରାମବାସୀଙ୍କ ଭିତରେ ଶ୍ରୀ ପ୍ରେମ ବାଗ୍ ଓ ଶ୍ରୀ ପ୍ରଫୁଲ୍ଲ ମୁଦୁଲି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି କିପରି ବ୍ୟବସ୍ଥା କରାଯାଇଛି ଓ ଯାହାବଳରେ ସେମାନେ କାମ ପାଇବା ପାଇଁ ହକ୍ ବି.ଡ଼ି.ଓଙ୍କ ସହ ଯୁକ୍ତି କରିଥିଲେ । ବି.ଡ଼ି.ଓ ମହାଶୟ ଅନନ୍ୟୋପାୟ ହୋଇ ଗ୍ରାମସେବକଙ୍କ ସହ ଫୋନ୍‌ରେ କଥା ହେଲେ ଓ ଗ୍ରାମବାସୀଙ୍କ ଦରଖାସ୍ତ ରଖିବାକୁ ତାଗିଦ୍ କରିଥିଲେ ।

Digitized by srujanika@gmail.com

ମଧ୍ୟ ବିଭିନ୍ନ 'ସୋସିଆଲ୍ ଅଡିଟ' ବା ସାମାଜିକ ସମୀକ୍ଷା କରି ବିଭିନ୍ନ ଜିଲ୍ଲା ତଥା ଓଡ଼ିଶା ଉପରେ ଏକ ଦୀର୍ଘ ରିପୋର୍ଟ ଓଡ଼ିଶା ସରକାରଙ୍କୁ ଦେଇଛନ୍ତି ଓ ଦୁର୍ନୀତି କିପରି ଏ କାର୍ଯ୍ୟକ୍ରମ ଭିତରେ ଅସ୍ଥିମଜ୍ଜାଗତ ହୋଇ ଯାଉଛି ତାହାର ବିଭିନ୍ନ ଉଦାହରଣ ଦେଇଛନ୍ତି । ଏହା ଘୋର ଚିନ୍ତାର ବିଷୟ ହୋଇଯାଇଛି ଆଜି ।

ଗ୍ରାମ୍ୟ ଗରୀବଙ୍କ ଉତ୍‌ଥାନ ପାଇଁ ଦେବ୍‌ଡୁଙ୍ଗରୀରୁ ଜନ୍ମ ନେଇଥିବା ଏ କାର୍ଯ୍ୟକ୍ରମ ଓ ଖଣ୍ଡିଆଗୁଡା ଭଳି ଗାଁର ସଫଳତା ସତ୍ତ୍ୱେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଅସଲ ଉଦ୍ଦେଶ୍ୟ ସଫଳ ହେବ କି ନାହିଁ ଅନେକ ପ୍ରଶ୍ନ ସୃଷ୍ଟି କରିଛି ।

❑❑❑

Digitized by srujanika@gmail.com

ଗ୍ରାମସେବକ ବାଧ୍ୟବାଧକତାରେ ଖଣ୍ଡିଆଗୁଡ଼ା ଗ୍ରାମବାସୀଙ୍କ ଦରଖାସ୍ତ ଗ୍ରହଣ କରିଲେ ମଧ୍ୟ ରସିଦ୍ ଦେଇନଥିଲେ । କିନ୍ତୁ ଗ୍ରାମବାସୀ ବାଧ୍ୟ କରିବାରୁ ଦରଖାସ୍ତ ଗ୍ରହଣ ହେଲା ବୋଲି ବିଧିବଦ୍ଧ ଭାବେ ରସିଦ୍ ପାଇଲେ । ଚାପ ପଡ଼ିବାରୁ ଗ୍ରାମସେବକ ତାରିଖ, ଦସ୍ତଖତ ଓ ସିଲ୍‌ମାରି ରସିଦ୍ ଦେବାଟା ମଧ୍ୟ ସେ ଅଞ୍ଚଳରେ ପ୍ରଥମଥର ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା । ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟବସ୍ଥା କରାଯାଇଛି ଯେ ଦରଖାସ୍ତ ଆବେଦନର ପନ୍ଦର ଦିନ ଭିତରେ କର୍ମଯୋଗାଣ କରିବାକୁ ବାଧ୍ୟ । ନହେଲେ ଆବେଦନକାରୀମାନଙ୍କୁ ଭତ୍ତା ମିଳିବ । ଏ ଭିତରେ ୨୦ଦିନ ବିତି ଗଲେ ମଧ୍ୟ ଖଣ୍ଡିଆଗୁଡ଼ା ଗ୍ରାମବାସୀଙ୍କୁ କୌଣସି କାମ ମିଳିଲା ନାହିଁ । ଏହା ଗ୍ରାମବାସୀମାନଙ୍କୁ ବାଧ୍ୟ କରିଥିଲା ବେରୋଜଗାରୀ ଭତ୍ତା ଦାବି କରିବା ପାଇଁ । ବ୍ଲକ୍ ଅଫିସ୍ ସମ୍ମୁଖରେ ଗ୍ରାମବାସୀମାନେ ଉପସ୍ଥିତ ହୋଇ ଭତ୍ତା ପାଇବା ପାଇଁ ଆବେଦନ କରିଲେ ଓ ବ୍ଲକ୍ କର୍ତ୍ତୃପକ୍ଷ ଆବେଦନ ପତ୍ର ଗ୍ରହଣ କରି ରସିଦ୍ ଦେବାକୁ କହିଥିଲେ । କିନ୍ତୁ ବ୍ଲକ୍ କର୍ତ୍ତୃପକ୍ଷ ନକାରାତ୍ମକ ଭୂମିକା ଗ୍ରହଣ କରିଥିଲେ ଓ ରସିଦ୍ ଦେଉନଥିଲେ । ଲୋକମାନେ କିନ୍ତୁ ଧାରଣାରେ ବସି ରହିଥିଲେ । ପଞ୍ଚାୟତ ସେକ୍ରେଟାରୀ ବିଭିନ୍ନ ପ୍ରଲୋଭନ ଦେଖାଇ ଧାରଣାରୁ ଉଠି ଯିବାକୁ ଲୋକଙ୍କୁ ପ୍ରବର୍ତ୍ତାଇ ଥିଲା । କିନ୍ତୁ ଲୋକମାନେ ସେମାନଙ୍କର ନିଷ୍ପତ୍ତିରେ ଅଟଳ ଥିଲେ । ଏ ଖବର ଧୀରେ ଧୀରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ପାଖରେ ପହଞ୍ଚିଥିଲା । ଯଦିଓ ଜିଲ୍ଲାପାଳଙ୍କ ଅଫିସରେ ଖଣ୍ଡିଆଗୁଡା ଗ୍ରାମର ଆଭିମୁଖ୍ୟକୁ ପ୍ରସନ୍ଦ କରାଯାଇ ନଥିଲା, ଜିଲ୍ଲାପାଳ ବାଧ୍ୟ ହୋଇ ଡି.ଆର.ଡି.ଏ.ର ପ୍ରକଳ୍ପ ନିର୍ଦ୍ଦେଶଙ୍କୁ ଘଟଣାଟି କ'ଣ ବୁଝିବାକୁ ପଠାଇଥିଲେ । ଏ ଅଫିସର ଜଣକ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ଧମକ ଚମକ ଦେଇଥିଲେ ଓ ଧାରଣାରୁ ନ ଉଠିଲେ ପୋଲିସ ଡକାଇ ଗିରଫ କରାଯିବାକୁ ଡର ସୃଷ୍ଟି କରିଥିଲେ । ଖଣ୍ଡିଆଗୁଡା ଗ୍ରାମବାସୀ କିନ୍ତୁ ଏଥିରେ ବିଚଳିତ ନ ହୋଇ ଧାରଣା ଜାରି ରଖିଥିଲେ । ପଞ୍ଚାୟତ ସେକ୍ରେଟାରୀ ଭି.ଏଲ୍.ଡବ୍ଲୁଙ୍କ ସହ ପଞ୍ଚାୟତ ସମିତିର ଅଧ୍ୟକ୍ଷ ସାମିଲ୍ ହୋଇ ଖଣ୍ଡିଆଗୁଡା ଗାଁ ଲୋକଙ୍କୁ ଧାରଣାର ନିବୃତ୍ତ ହେବା ପାଇଁ କହିଥିଲେ । ବିଭିନ୍ନ ପ୍ରକାରର ଲୋଭ ମଧ୍ୟ ଦେଖାଇଥିଲେ । କିନ୍ତୁ ଆନ୍ଦୋଳନ ପ୍ରତି ଆଖପାଖ ଗାଁ ସହ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନମାନେ ବଳିଷ୍ଠ ସମର୍ଥନ ପ୍ରଦର୍ଶନ କରି ଧାରଣାରେ ଯୋଗ ଦେଇଥିଲେ । ଧମକଚମକରେ ଡରି ନଥିବା ଲୋକମାନଙ୍କୁ ଶେଷରେ ଭତ୍ତା ମଳିଥିଲା ଓ ଏହା ଗ୍ରାମବାସୀଙ୍କ ପାଇଁ ଏକ ଅଭୂତପୂର୍ବ ସଫଳତା ଥିଲା । ସୃଷ୍ଟି ହୋଇଥିଲା ଏକ ଅଭିନବ ଇତିହାସ । ଗ୍ରାମବାସୀଙ୍କୁ ଭତ୍ତା

Digitized by srujanika@gmail.com

ମିଳିଲା ଓ କର୍ମନିଯୁକ୍ତି ପାଇଁ ମଧ୍ୟ ପଦକ୍ଷେପ ନିଆଗଲା । ଏନ୍.ଆର.ଇ.ଜି.ଏସ୍‌ର ନିୟମ ଅନୁସାରେ ଶ୍ରମଜୀବୀମାନଙ୍କୁ ଉଚିତ୍ ଶ୍ରମ ମିଳିଲା ଓ ମଷ୍ଟର ରୋଲ ଠିକ୍ ପୂରଣ ହେଲା । ଜବ୍‌କାର୍ଡ଼ରେ ଠିକ୍ କଥା ଲେଖାଗଲା । କର୍ମନିଯୁକ୍ତି କ୍ଷେତ୍ରରେ ଠିକାଦାର, ଦଲାଲ ଓ ସରକାରୀ କର୍ମଚାରୀମାନେ ସାଧାରଣତଃ ହାତ ମିଳାଇ ଥାଆନ୍ତି । ଖଣ୍ଡିଆଗୁଡା ଗ୍ରାମବାସୀଙ୍କୁ ଅନେକ ପ୍ରକାର ଧମକଚମକ ମିଳିଥିଲା । ଏହାଛଡା ଖଣ୍ଡିଆଗୁଡା ପଛରେ ଛିଡା ହୋଇଥିବା ସ୍ୱେଚ୍ଛାସେବୀ ସଂଗଠନର କର୍ମୀମାନଙ୍କୁ ମଧ୍ୟ ଧମକ ଦିଆଯାଇଥିଲା । କିନ୍ତୁ ଶେଷରେ ଖଣ୍ଡିଆଗୁଡା ଗ୍ରାମବାସୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରୁ କାମ ମିଳିଥିଲା । ପ୍ରଶାସନ ଗାଁର ସାମଗ୍ରିକ ବିକାଶ ପାଇଁ ତତ୍‌ପରତା ଦେଖାଇଲେ ଓ ଗ୍ରାମର ଭିତ୍ତିଭୂମି ପ୍ରତିଷ୍ଠା ସମ୍ଭବ ହେଲା । ଶ୍ରମ ମଧ୍ୟ ସର୍ବନିମ୍ନ ମଜୁରି ହିସାବରେ ଲୋକମାନେ ପାଇଲେ । ସାରା ନବରଙ୍ଗପୁର ଜିଲ୍ଲା କାହିଁକି ସାରା ଓଡ଼ିଶାରେ ଖଣ୍ଡିଆଗୁଡା ଏକ ଉଦାହରଣ ହୋଇ ପାରିଛି ସେମାନଙ୍କର ଆନ୍ଦୋଳନ ଓ ସାହସିକତା ପାଇଁ । କିନ୍ତୁ ଏ ଉଦାହରଣରୁ ଅନ୍ୟ ଗାଁମାନେ ବିଶେଷ ଶିଖି ପାରୁଛନ୍ତି କି ନାହିଁ ସମୟକ୍ରମେ ଜଣାପଡିବ ।

ଓଡ଼ିଶାରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କେମିତି ଚାଲିଛି ତାହା ଉପରେ ବିଭିନ୍ନ ସମୟରେ ରିପୋର୍ଟମାନ ଗଣମାଧ୍ୟମରେ ପ୍ରକାଶିତ ହେଉଛି । ଏଥିରେ ଅନେକ ଅନିୟମିତତା ଦେଖା ଦେଇଛି ଓ ବିଭିନ୍ନ ପ୍ରକାରର ଦୁର୍ନୀତି ପ୍ରବେଶ କରିସାରିଛି । ଏ ଭିତରେ ଚାରୋଟି ଅନୁସନ୍ଧାନମୂଳକ ରିପୋର୍ଟ ଜନସାଧାରଣଙ୍କ ପାଖରେ ଉପସ୍ଥାପନା କରାଯାଇ ଏ ଗୁରୁତ୍ୱପୂର୍ଣ୍ଣ ଯୋଜନାର ସାମ୍ପ୍ରତିକ ସ୍ଥିତି ଉଲ୍ଲେଖ କରାଯାଇଛି । ପ୍ରଥମ ରିପୋର୍ଟଟି ଦେଇଛି ଦିଲ୍ଲୀସ୍ଥ "ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟ ଓ ଫୁଡ୍ ସିକ୍ୟୁରିଟି" ଯେଉଁଥିରେ ଓଡ଼ିଶାରେ ୫୦୦ କୋଟି ଟଙ୍କାର ଦୁର୍ନୀତି କଥା ଉଲ୍ଲେଖ କରାଯାଇଛି । ଏହା ସାରାଭାରତରେ ଚହଳ ପକାଇଥିଲା । ଏହା ପରେ ପରେ ପ୍ରଫେସର ଜଂଡ୍ରେଜ୍ ଓଡ଼ିଶାରେ କେତୋଟି ଜିଲ୍ଲାରେ ରାଷ୍ଟ୍ରୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାର ଅନୁସନ୍ଧାନ କରି ଏକ ରିପୋର୍ଟ ଦେଇ ଦୁର୍ନୀତି କିପରି ହେଉଛି ଓ ତାହାର ନିରାକରଣ କିପରି ହୋଇପାରିବ ମତାମତ ଦେଇଛନ୍ତି । ଭାରତ ସରକାରଙ୍କ କମ୍ପ୍ଟ୍ରୋଲ୍‌ର ଏବଂ ଅଡିଟର ଜେନେରାଲ୍ ବା ସି.ଏ.ଜି.(CAG) ମଧ୍ୟ ଓଡ଼ିଶାରେ ଏ କାର୍ଯ୍ୟକ୍ରମରେ କେଉଁଭଳି ଅନିୟମତା ଚାଲିଛି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଏ ଭିତରେ "ରାଷ୍ଟ୍ରୀୟ ଗ୍ରାମୀଣ ବିକାଶ ଅନୁଷ୍ଠାନ" ବା ଏନ୍.ଆଇ.ଆର.ଡି(NIRD)

Digitized by srujanika@gmail.com

ମଧ୍ୟ ବିଭିନ୍ନ 'ସୋସିଆଲ୍ ଅଡିଟ' ବା ସାମାଜିକ ସମୀକ୍ଷା କରି ବିଭିନ୍ନ ଜିଲ୍ଲା ତଥା ଓଡ଼ିଶା ଉପରେ ଏକ ଦୀର୍ଘ ରିପୋର୍ଟ ଓଡ଼ିଶା ସରକାରଙ୍କୁ ଦେଇଛନ୍ତି ଓ ଦୁର୍ନୀତି କିପରି ଏ କାର୍ଯ୍ୟକ୍ରମ ଭିତରେ ଅସ୍ଥିମଜ୍ଜାଗତ ହୋଇ ଯାଉଛି ତାହାର ବିଭିନ୍ନ ଉଦାହରଣ ଦେଇଛନ୍ତି । ଏହା ଘୋର ଚିନ୍ତାର ବିଷୟ ହୋଇଯାଇଛି ଆଜି ।

ଗ୍ରାମ୍ୟ ଗରୀବଙ୍କ ଉତ୍ଥାନ ପାଇଁ ଦେବ୍‌ଡୁଙ୍ଗରୀରୁ ଜନ୍ମ ନେଇଥିବା ଏ କାର୍ଯ୍ୟକ୍ରମ ଓ ଖଣ୍ଡିଆଗୁଡା ଭଳି ଗାଁର ସଫଳତା ସତ୍ତ୍ୱେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଅସଲ ଉଦ୍ଦେଶ୍ୟ ସଫଳ ହେବ କି ନାହିଁ ଅନେକ ପ୍ରଶ୍ନ ସୃଷ୍ଟି କରିଛି ।

□□□

Digitized by srujanika@gmail.com

୪୦

ବିଧାୟକ ଓ ବିସ୍ଥାପିତ

ଏବେ ଗଣମାଧ୍ୟମରେ ଏକ ସମ୍ବାଦ ଓଡ଼ିଶାବାସୀଙ୍କର ଧ୍ୟାନ ଆକର୍ଷଣ କରିଲା କି ନାହିଁ ତାହା ଜାଣିବାକୁ ମୋର ତୀବ୍ର ଇଚ୍ଛା ହୁଏ । ସମ୍ବାଦଟି ବିଧାନସଭା ପରିବେଶ ସଂକ୍ରାନ୍ତୀୟ ସବ୍‌କମିଟି ସହ ସଂଶ୍ଳିଷ୍ଟ । ଓଡ଼ିଶାର ପରିବେଶର ସ୍ଥିତି କ'ଣ ଓ ସମସ୍ୟା କ'ଣ ଏସବୁ ଅନୁଧ୍ୟାନ କରିବା ପାଇଁ ବିଧାନସଭାର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ସବ୍‌କମିଟି ଗଠନ କରାଯାଇଛି । ଏଇ ସବ୍‌କମିଟି ପରିବେଶ ଜନିତ ଉପୁଜିଥିବା ସମସ୍ୟାର ସରଜମିନ୍ ତଦନ୍ତ କରି ବିଧାନସଭାରେ ଏକ ରିପୋର୍ଟ ଉପସ୍ଥାପିତ କରିବେ । ଗତ ଦୁଇବର୍ଷ ତଳେ ଏଇ ସବ୍‌କମିଟି ରାୟଗଡ଼ା ଜିଲ୍ଲା ଗସ୍ତକରି କାଶୀପୁରର ଉତ୍କଳ ଆଲୁମିନା ପ୍ରକଳ୍ପ ଓ ରାୟଗଡ଼ା ନିକଟସ୍ଥ ଜେ.କେ. ପେପର୍ ମିଲ୍ ପରିଦର୍ଶନ କରି କେତୋଟି ପ୍ରଶ୍ନ ଉଠାଇଥିଲେ ଓ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ । ମୁଖ୍ୟତଃ ତିନୋଟି ପ୍ରଶ୍ନ ଉଠାଯାଇଥିଲା ବୋଲି ସମ୍ବାଦପତ୍ରରେ ବାହାରିଛି । ପ୍ରଥମଟି ହେଲା ଯେ ଉତ୍କଳ ଆଲୁମିନା ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟରୁ ୧୯୯୫ ମସିହାରେ ପାଇଥିବା ଅନୁମତି ପତ୍ର ୨୦୦୦ ମସିହାରେ କିଛି କାର୍ଯ୍ୟକ୍ରମ ନକରିଥିବାରୁ ଅକାମୀ ହୋଇଯାଇଛି । ଏହାର ନବୀକରଣ କରାଯାଇନାହିଁ । ଅଥଚ ବିନା ପରିବେଶ ମଞ୍ଜୁରୀରେ ଉତ୍କଳ ଆଲୁମିନା କାର୍ଯ୍ୟ ଆରମ୍ଭ କରିଛି । ଏଥିପାଇଁ ଜିଲ୍ଲାପାଳ ବା ଜଙ୍ଗଲ ଓ ପରିବେଶ ବିଭାଗ କୌଣସି ପଦକ୍ଷେପ ନେଇ ନାହାନ୍ତି କାହିଁକି ? ଦ୍ୱିତୀୟ ପ୍ରଶ୍ନଟି ଥିଲା ସ୍ଥାନୀୟ ଲୋକମାନଙ୍କ ଉପରେ ଅନେକ ମିଥ୍ୟା କେସ୍ ରୁଜୁ କରିବା ସହ ବିଭିନ୍ନ ପ୍ରକାର ଅତ୍ୟାଚର କରାଯାଇଛି । ଏହିସବୁ ଅଭିଯୋଗର ତଦନ୍ତ କାହିଁକି କରାଯାଇ ନାହିଁ ? ତୃତୀୟ ପ୍ରଶ୍ନ ହେଲା ଯେ କେଉଁ ପରିସ୍ଥିତିରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଏହି କମ୍ପାନୀକୁ ଜଳ ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି ଓ କିଏ ନେଇଛି ? ଉତ୍କଳ ଆଲୁମିନା ଯେଉଁ ଅଞ୍ଚଳରେ କାର୍ଯ୍ୟରତ

Digitized by srujanika@gmail.com

ଅଛି, ସେଠାରେ ଗ୍ରାମସଭା ବନ୍ଧୁକ ମୁନରେ କରାଯାଇଛି । ସେ ଅଞ୍ଚଳ, ଆଦିବାସୀ ଅଞ୍ଚଳ ଓ ବର୍ତ୍ତମାନର ଜଙ୍ଗଲ ଜମି ଅଧିକାର ଆଇନ୍ ବଳରେ ସେ ଅଞ୍ଚଳର ଅଧିକାଂଶ ସରକାରୀ ଜମି ଯାହା ଯୁଗଯୁଗ ଧରି ଆଦିବାସୀଙ୍କ ଦଖଲରେ ରହିଛି, ତାହା ସେମାନଙ୍କୁ ମିଳିବା କଥା । କିନ୍ତୁ ସେ ଅଞ୍ଚଳରେ ସରକାରଙ୍କ ଜମି ଅଧିଗ୍ରହଣ ଏ ପର୍ଯ୍ୟନ୍ତ ବିବାଦୀୟ ହୋଇଛି । ବିଧାନସଭାର ସବ୍‌କମିଟି ଅନ୍ୟ କେତୋଟି ଶିଳ୍ପର ପରିବେଶ ଓ ପ୍ରଦୂଷଣ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ଏଇଭଳି ପ୍ରଶ୍ନ ଉଠାଇବା ଓ ସରକାରଙ୍କ ବିଭିନ୍ନ ବିଭାଗ କାହିଁକି ପ୍ରଶ୍ନମାନଙ୍କର ଉତ୍ତର ଦେଇନାହାନ୍ତି ତାହାର ସବିଶେଷ ବିଶ୍ଳେଷଣ ଆଜିର ଦିନରେ ଘୋର ଆବଶ୍ୟକ ମନେ ହେଉଛି । କିନ୍ତୁ ମୋ ମତରେ ଏହା ବିଧାନସଭାର ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ବିଧାନସଭାର ପରିବେଶ ସଂକ୍ରାନ୍ତୀୟ ଏକ ସବ୍‌କମିଟି ଲାଞ୍ଜିଗଡର ବେଦାନ୍ତ ଆଲୁମିନିୟମ୍, ସୁନ୍ଦରଗଡ଼ର ବିଭିନ୍ନ ସ୍ପଞ୍ଜ ଆଇରନ୍ କାରଖାନା, କେଉଁଝରର ଖଣିଖାଦାନ, ସୁକିନ୍ଦାର କ୍ରୋମାଇଟ୍ ଖଣି, ତାଳଚେର ଓ ଅନୁଗୋଳର କୋଇଲାଖଣି ଓ ତାପଜ ବିଦ୍ୟୁତକେନ୍ଦ୍ର ଗୁଡିକୁ ମଧ୍ୟ ସରଜମିନ୍ ତଦନ୍ତରେ ଯିବାକୁ ଅନୁରୋଧ କରୁଛି । କାରଣ ଏଇ ଅଞ୍ଚଳର ଜନସାଧାରଣ ବିଶେଷ କରି ଗରିବ ଓ ଅବହେଳିତ ବର୍ଗଙ୍କୁ ସାମାଜିକ, ଆର୍ଥିକ ଓ ପାରିବେଶିକ ଦୃଷ୍ଟିକୋଣରୁ ବିଭିନ୍ନ ଶିଳ୍ପମାନେ ଅତି ଅନାୟାସରେ ବିସ୍ଥାପିତ କରିବାରେ ଲାଗିଛନ୍ତି । ଓଡ଼ିଶାରେ ବିଭିନ୍ନ ଶିଳ୍ପ, ଡ୍ୟାମ୍, ଅଭୟାରଣ୍ୟ, ଜୀବନଜୀବିକାର ଅବକ୍ଷୟ ଓ ଜଳବାୟୁ ପରିବର୍ତ୍ତନ ହେତୁ ବିସ୍ଥାପିତଙ୍କ ସଂଖ୍ୟା କେତେ ଲକ୍ଷରେ ପହଞ୍ଚିଗଲାଣି । ଗଣତାନ୍ତ୍ରିକ ପଦ୍ଧତିରେ ଏବଂ ଏକ ରାଜନୈତିକ ଢ଼ାଞ୍ଚାରେ ଆମ ରାଜ୍ୟର ବିଧାୟକମାନେ ଯେ ଏଥିପ୍ରତି ସତର୍କ ଓ ସଚେତନ ହୋଇ ବିଭିନ୍ନ ପ୍ରଶ୍ନ ଉଠାଇଲେଣି ଏହା ଗୋଟାଏ ଶୁଭ ସୂଚନା ବୋଲି ମାନିବାକୁ ହେବ । ଏଥିପାଇଁ ବାଚସ୍ପତି ଓ ବିଧାୟକବର୍ଗଙ୍କୁ ମୋର ଅଭିନନ୍ଦନ ଜ୍ଞାପନ କରୁଛି ।

କିନ୍ତୁ ବିଧାୟକ ଓ ବିଧାନସଭା ବିଷୟରେ ଜନସାଧାରଣଙ୍କର ମତାମତ ଖୁବ୍ ଭଲ ନୁହେଁ । ବିଧାନସଭା ଅଧିବେଶନ ବେଳେ ବିଧାୟକମାନେ ପବିତ୍ର ବିଧାନସଭା ମଧ୍ୟରେ ଯେଉଁଭଳି ଆଚାର ବିଚାର ପ୍ରକଟ କରିଥାଆନ୍ତି ଓ ଭାଷା ପ୍ରୟୋଗ କରନ୍ତି ତାହା ଉପରେ ଅନେକ ଆଲୋଚନା ଓ ସମାଲୋଚନା ହୋଇଥାଏ । ବିଧାନସଭା ବେଳେବେଳେ ଏକ ରଣ କ୍ଷେତ୍ରରେ ପରିଣତ ହୋଇଯାଏ । ସରକାରୀ ଦଳ ଓ ବିରୋଧୀ ଦଳ ସେମାନଙ୍କର ସର୍ବନିମ୍ନ ଶାଳୀନତା ହରାଇ ବସିଥାଆନ୍ତି । ଆଜିକାଲି

Digitized by srujanika@gmail.com

ଗଣମାଧ୍ୟମ ଓ ଟିଭି ଯୋଗୁଁ ଓଡ଼ିଶାବାସୀ ମଧ୍ୟ ବେଳେବେଳେ କିଛି କିଛି ଦେଖିବାକୁ ସୁଯୋଗ ପାଆନ୍ତି । ଗୋଟାଏ କଥା ମୁଁ ସବୁବେଳେ ମାନିନେଇଛି ଯେ ଭାରତର ସମ୍ବିଧାନ ଏ ଦେଶର ପ୍ରଗତି ଓ ସମୃଦ୍ଧି ପାଇଁ ଏକ ଅମୋଘ ଅସ୍ତ୍ର । ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମାନବିକ ଅଧିକାରର ଅସଲ ପରିପ୍ରକାଶ । ପ୍ରତ୍ୟେକ ଭାରତୀୟ ନିଜ ପକେଟରେ ଏ ପୁସ୍ତକଟି ସଦାସର୍ବଦା ରଖିବା ଏକ କର୍ତ୍ତବ୍ୟ । ଯେଉଁଠି ଅନ୍ୟାୟ ଓ ଅତ୍ୟାଚାର ହେଉଛି ଓ ସାମାଜିକ ନ୍ୟାୟର ଅବକ୍ଷୟ ପରିଲକ୍ଷିତ ହେଉଛି, ସେଇଠି ନାଗରିକମାନେ ସାମ୍ବିଧାନିକ ଦୃଷ୍ଟିକୋଣରୁ ଲଢ଼ାଇ କରିବାର ଅଛି । ଜଣେ ନାଗରିକ କେବଳ ନିଜର ନାଗରିକ ଅଧିକାର ନୁହେଁ ସବୁ ନାଗରିକ ସେମାନଙ୍କର ସମସ୍ତ ଅଧିକାର ପାଇଁ ଲଢ଼ାଇ କରିବାକୁ ଅଣ୍ଟା ଭିଡିବାର ଅଛି । ଯେଉଁ ବାଚସ୍ପତି ଓ ବିଧାୟକମାନେ ପରିବେଶ ସଂକ୍ରାନ୍ତୀୟ ସବ୍‌କମିଟିର ସଦସ୍ୟ ଅଛନ୍ତି, ସେମାନଙ୍କର ଏହି ମାନବିକ ସୁରକ୍ଷା ଦିଗରେ ଉଦ୍ୟମ ଅନେକ ପ୍ରଶଂସନୀୟ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶାରେ ଓ ଓଡ଼ିଶା ବାହାରେ ଓଡ଼ିଆମାନଙ୍କର ଯେଉଁ ଦୟନୀୟ ସ୍ଥିତି ଓ ପରିଚୟ ଅଛି, ତାହା ଏପରି କାହିଁକି ବୋଲି ପ୍ରଶ୍ନ ପଚାରିବାର ଅଛି । ଓଡ଼ିଶାରୁ ଆଜି ଲକ୍ଷ ଲକ୍ଷ ସଂଖ୍ୟାରେ ଦେଶାନ୍ତରୀ ହେଉଛି । ହାଇଦ୍ରାବାଦର ଇଟା ଭାଟି ହେଉ ଅଥବା ସୁରଟର ଲୁଗାକଳ ହେଉ, ଦିଲ୍ଲୀର ପାଣି ମିସ୍ତ୍ରୀ ହେଉ ବା ବାଙ୍ଗାଲୋରର ସିକ୍ୟୁରିଟି ଗାର୍ଡ଼ ହେଉ, ଓଡ଼ିଆ ଲୋକେ ଆଜି ସବୁଠାରେ ଏଇଭଳି ପରିଚିତ ହୋଇଛନ୍ତି । ତେବେ ଓଡ଼ିଶାର ଦାରିଦ୍ର୍ୟ ଦୂରୀକରଣ ପାଇଁ ରୂପାୟିତ ହେଉଥିବା ବିଭିନ୍ନ ଯୋଜନାର ପ୍ରଭାବ କ'ଣ ? ବିଧାନସଭାରେ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ବା ଏନ୍.ଆର୍.ଇ.ଜି.ଏସ୍. (NREGS)ରେ ଚାଲିଥିବା ଦୁର୍ନୀତି କାହିଁକି ଆଲୋଚିତ ହେଉ ନାହିଁ ? ଏ ଭିତରେ ଚାରୋଟି ସଂସ୍ଥା ଓଡ଼ିଶାରେ ଏନ୍.ଆର୍.ଇ.ଜି.ଏସ୍ ସମ୍ପର୍କରେ ଅନୁସନ୍ଧାନ ମୂଳକ ରିପୋର୍ଟ ପ୍ରକାଶ କରି ଦୁର୍ନୀତିର ବିଭିନ୍ନ ସ୍ତର ଉନ୍ମୋଚିତ କରିଛନ୍ତି । ଦିଲ୍ଲୀସ୍ଥିତ "ସେଣ୍ଟର ଫର ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ ଫୁଡ୍ ସିକ୍ୟୁରିଟି", ପ୍ରଫେସର୍ ଜନ୍ ଡ୍ରେଜ୍‌ଙ୍କ "ଜି.ବି.ପନ୍ଥ. ଇନ୍‌ଷ୍ଟିଚ୍ୟୁଟ୍," କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ୍ ଏବଂ ଏନ୍.ଆଇ.ଆର୍.ଡି. ବିଭିନ୍ନ ଶୈଳୀର ଅନୁସନ୍ଧାନ ଓ ବିଶ୍ଳେଷଣ କରି ଏ କାର୍ଯ୍ୟକ୍ରମରେ ଶହଶହ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଦର୍ଶାଇଛନ୍ତି । ବିଧାନସଭାର ମାନ୍ୟବର ସଦସ୍ୟମାନେ ଏଇ ରିପୋର୍ଟ ପଢ଼ି ଏହାର ମର୍ମ କଥା ବୁଝିବା ଘୋର ଆବଶ୍ୟକ ହୋଇପଡିଛି । ଏହା ନହେଲେ ଏଇ ଦୁର୍ନୀତିକୁ ସେମାନେ

Digitized by srujanika@gmail.com

ଘଣ୍ଟ ଘୋଡାଉଛନ୍ତି ବା ଏଇ ଦୁର୍ନୀତିରୁ ଲାଭାନ୍ୱିତ ହୋଇଛନ୍ତି ବୋଲି ଜନସାଧାରଣଙ୍କ ମନରେ ଧାରଣା ସୃଷ୍ଟି ହେବ । ପ୍ରଶାସନ କିପରି ଢ଼ଙ୍ଗରେ ଶାସନ ଚଳାଉଛି ଓ ତାହା ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ ସେ ସବୁର ବିଭିନ୍ନ ଉଦାହରଣ ଦିଆଯାଉଛି । ପରିସଂଖ୍ୟାନର ହଟଚମଟ କରୁଥିବା ବିଭାଗୀୟ ଅଧିକାରୀମାନେ ସବୁବେଳେ ସତ କହୁଛନ୍ତି କି ମିଛ କହୁଛନ୍ତି ତାହାକୁ ଅନୁଧାନ କରିବା ବିଧାନସଭା ଓ ବିଧାୟକମାନଙ୍କର ଏକାନ୍ତ କର୍ତ୍ତବ୍ୟ । ଲୋକତନ୍ତ୍ରରେ ଏହା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା । ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱତା ପ୍ରଶ୍ନରେ ସାଲିସ୍ କରିବା ସମ୍ଭବ ନୁହେଁ । ବିଧାନସଭାରେ ପ୍ରଶ୍ନୋତ୍ତର ଓ ଓକିଲାତି ରାଜ୍ୟର ହିତ ପାଇଁ ଉଦ୍ଦିଷ୍ଟ ବୋଲି ମାନିବାକୁ ହେବ । କେବଳ ନୀତିପ୍ରଣୟନ କିମ୍ବା, ଆଇନ୍‌ର ଉପଯୋଗୀତା ନୁହେଁ, ସବୁବେଳେ ନୀତି ଓ ଆଇନ୍‌ର ସଫଳ ରୂପାୟନ କିପରି ଚାଲିଛି ତାହାର ବିଧିବଦ୍ଧ ମୂଲ୍ୟାଙ୍କନ କରିବାକୁ ହେବ ।

ଓଡ଼ିଶାର ବିଧାୟକ, ମନ୍ତ୍ରୀ ଓ ସାଂସଦ ହିସାବରେ ସଫଳ ରାଜନୈତିକ ଜୀବନ କାଟିଥିବା ସ୍ୱର୍ଗତ ବାଙ୍କ ବିହାରୀ ଦାସ ମୋତେ ସବୁବେଳେ ଗୋଟାଏ କଥା କହୁଥିଲେ । ତାଙ୍କର ମତଥିଲା ବିଧାନସଭା ହେଉ ବା ସଂସଦ ହେଉ, ସେଠାରେ ପ୍ରଶ୍ନୋତ୍ତର ଜରିଆରେ ଓକିଲାତି କରିବା, ସୂଚନା ସଂଗ୍ରହ କରିବା ଓ ବିଭିନ୍ନ ନୀତି ପ୍ରଣୟନ ବେଳେ ପ୍ରଭାବ ବିସ୍ତାର କରିବା ଏକ ମୁଖ୍ୟ ଦାୟିତ୍ୱ । ଏଥିରେ ତାଙ୍କର ପ୍ରଚଣ୍ଡ ଦକ୍ଷତା ଥିଲା । ଲୋକମାନଙ୍କର ବିକାଶ ପାଇଁ କ'ଣ କରାଯିବା ଦରକାର ତାଙ୍କୁ ବେଶ ଜଣାଥିଲା । ବିପକ୍ଷ ସହ କଥାବାର୍ତ୍ତା କରିବା ଓ ଏକାଠି ମିଶିବାର ଅର୍ଥ ଆତ୍ମସମର୍ପଣ ନୁହେଁ । ଏହା ଏକ ରଣକୌଶଳ । ଆମର ବିଧାୟକମାନେ ଖୋଲାଖୋଲି ଭାବେ ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହ ସମ୍ପର୍କ ରଖିବାକୁ ସେ ଆଶା କରୁଥିଲେ । ଅନେକ ବିଧାୟକ ତାଙ୍କ ପାଖକୁ ଆସୁଥିଲେ ପରାମର୍ଶ ଲୋଡିବା ପାଇଁ । ଏହା ଖାଲି ରାଜନୈତିକ ବିଷୟରେ ସୀମିତ ନଥିଲା । ବ୍ୟକ୍ତିଗତ କାରଣ ପାଇଁ ମଧ୍ୟ ବିଧାୟକମାନେ ଆସି ତାଙ୍କର ଦ୍ୱାରସ୍ଥ ହେଉଥିଲେ । ଆମର ବିଧାୟକମାନେ ତାଙ୍କଠାରୁ କେତେ ଶିଖିଲେ ନ ଶିଖିଲେ ମୁଁ ଜାଣିନାହିଁ, କିନ୍ତୁ ଅନେକଙ୍କ ସହ ମୋର ପରିଚୟ ହୋଇଥିଲା ତାଙ୍କ ଯୋଗୁଁ । ସେମାନଙ୍କ ସହିତ ବାର୍ତ୍ତାଳାପ ଓ ମତ ବିନିମୟ ହୋଇଥିଲା । ମୁଁ ଚେଷ୍ଟା କରିଥିଲି ଯେ ଆଦିବାସୀ ବିଧାୟକମାନଙ୍କୁ ଏକାଠି କରି ପଞ୍ଚାୟତିରାଜ ଓ ପ୍ରଶାସନିକ ପରିବର୍ତ୍ତନ ପାଇଁ ସଚେତନ କରିବାକୁ । ଆଦିବାସୀ ଅଞ୍ଚଳରେ ବଳପୂର୍ବକ ଶିଳ୍ପାୟନ ଓ ବିସ୍ଥାପନକୁ ନେଇ ପ୍ରଶ୍ନ

Digitized by srujanika@gmail.com

ଉଠାଇବାକୁ ଏହା ପ୍ରେରଣା ଦେଇଥିଲା । ଆଦିବାସୀଙ୍କ ଗହଣରୁ ଯେଉଁ ବୁଦ୍ଧିଜୀବୀମାନେ ସ୍ୱାଧୀନ ମତ ପୋଷଣ କରିଛନ୍ତି, ସେମାନଙ୍କୁ ବିଧାୟକମାନଙ୍କ ସହ ଯୋଡିବାକୁ ମଧ୍ୟ ପ୍ରୟାସ କରିଥିଲି । ବିସ୍ଥାପନର ଭୟାନକ ପରିସ୍ଥିତିରୁ ଆଦିବାସୀମାନଙ୍କୁ ରକ୍ଷା କରିବା ପାଇଁ ବିଭିନ୍ନ ଅଧ୍ୟୟନ ଜରିଆରେ ତଥ୍ୟ ସବୁ ଉପସ୍ଥାପନ କରାଯିବାକୁ ପ୍ରୟାସ କରାଯାଇଥିଲା । କେତେଜଣ ବିଧାୟକ ଏଥିରେ ଉତ୍ପ୍ରେରିତ ହୋଇଥିଲେ ତାହା ଜାଣିବାର ଅବକାଶ ମିଳିନାହିଁ । କିନ୍ତୁ ଏ ଚେଷ୍ଟା ଜାରି ରହିବ ସବୁଦିନ ପାଇଁ । ବିଧାନସଭା ଓ ବିଧାୟକମାନଙ୍କ ସହ ପ୍ରତ୍ୟକ୍ଷ ଅନୁଭୂତି ମୋର ରହିଅଛି ।

ନବେ ଦଶକରେ ସ୍ୱର୍ଗତ ଶ୍ରୀ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ମୋତେ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ହେବାର ସୁଯୋଗ ମିଳିଥିଲା । ସେ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ଆଦିବାସୀ ଅଞ୍ଚଳରେ କ'ଣ ହେଉଛି ଓ କ'ଣ ନ ହେଉଛି ତାହା ମୋ ମୁହଁରୁ ଶୁଣିବାକୁ ଚାହୁଁଥିଲେ ଓ ଖୋଲା ଖୋଲି ଓ ନିର୍ଭୟରେ କଥାବାର୍ତ୍ତା କରିବାକୁ ସୁଯୋଗ ଦେଉଥିଲେ । ଏକଥା ଅନେକଙ୍କର ଚକ୍ଷୁଶୂଳ ହୋଇଥିଲା । କିଛି ଅସହିଷ୍ଣୁ ବିଧାୟକଙ୍କ ଦ୍ୱାରା ପ୍ରଭାବିତ ହୋଇ ଲକ୍ଷ୍ମୀପୁରର ତତ୍କାଳୀନ ବିଧାୟକ ସାଧାକାଗଜରେ ଦସ୍ତଖତ କରିଦେଇଥିଲେ ଓ କେତେଜଣ ପ୍ରଭାବଶାଳୀ ବିଧାୟକ ମୋ ନାଁରେ ଅଭିଯୋଗ ଆଣିଥିଲେ ଯେ ମୁଁ ଆଦିବାସୀମାନଙ୍କୁ ଶୋଷଣ କରୁଛି ଓ ଆଦିବାସୀ ମହିଳାଙ୍କୁ ଅସଦାଚରଣ କରୁଛି । ଏହା ବିଧାନସଭାରେ ଝଡ ସୃଷ୍ଟି କରିଥିଲା ଓ ଅନେକ ବିଧାୟକଙ୍କୁ ଉତ୍କ୍ଷିପ୍ତ କରିଥିଲା । ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ସତ୍ତ୍ୱେ ଆଦିବାସୀ ଓ ହରିଜନ ସଂକ୍ରାନ୍ତୀୟ ଗୃହ କମିଟି କାଶୀପୁର ଆସି ଅନୁସନ୍ଧାନ କରିବାକୁ ନିଷ୍ପତ୍ତି ନିଆଗଲା । ବିଭିନ୍ନ ଦଳରୁ କୋଡିଏ ଜଣ ବିଧାୟକ କାଶୀପୁର ଆସି ଶୁଣାଣୀ କରିଥିଲେ ଓ ମୋ ବିରୁଦ୍ଧରେ ବିଭିନ୍ନ ପ୍ରକାରର କଥା ସାକ୍ଷୀମାନଙ୍କ ଠାରୁ ଶୁଣିଥିଲେ । ମିଛ ସାକ୍ଷ୍ୟପ୍ରମାଣ କିନ୍ତୁ ଗ୍ରହଣଯୋଗ୍ୟ ହୋଇନଥିଲା । କାଶୀପୁରର ନେତାମାନେ ବହୁତ କିଛି ଅପଚେଷ୍ଟା କରିଥିଲେ ବିଧାୟକଙ୍କ ଅଭିଯୋଗର ସତ୍ୟତା ପ୍ରମାଣ କରିବାକୁ, କିନ୍ତୁ ସଫଳ ହୋଇନଥିଲେ । ସେ ବର୍ଷ ଗୃହ କମିଟି କୌଣସି ରିପୋର୍ଟ ଦେଇ ପାରିନଥିଲେ । ତା'ପର ବର୍ଷ ପୁଣି ଏଇ ଗୃହ କମିଟି ମୋତେ ସୂଚନା ନ ଦେଇ କାଶୀପୁରରେ ଅନୁସନ୍ଧାନ କରିବାକୁ ପହଞ୍ଚିଥିଲେ । କିନ୍ତୁ ମୋ ବିରୁଦ୍ଧରେ ଉଠିଥିବା ଅଭିଯୋଗର ସତ୍ୟତା ଖୋଜି ପାଇନଥିଲେ । ଏହାପରେ ଏହି ଗୃହ କମିଟିର ଅଧ୍ୟକ୍ଷ ମୋତେ ବ୍ୟକ୍ତିଗତ ଭାବେ

Digitized by srujanika@gmail.com

ବିଧାନସଭାରେ ହାଜର ହେବାକୁ ନୋଟିସ୍ ଦେଇଥିଲେ । ମୁଁ ପହଞ୍ଚିଲା ପରେ କମିଟିର ସଦସ୍ୟ ବିଧାୟକମାନଙ୍କୁ ପରାମର୍ଶ ଦେଇଥିଲି ଯେ ଦୁଇବର୍ଷ କାଳ ଅନୁସନ୍ଧାନ କରିଲା ପରେ ଯଦି ରିପୋର୍ଟ ଲେଖିବା ସମ୍ଭବ ହେଉ ନାହିଁ, ତେବେ ତାଙ୍କ ମନମୁତାବକ ରିପୋର୍ଟଟିଏ ଲେଖିଦିଅନ୍ତୁ । ଅଧ୍ୟକ୍ଷ ମହାଶୟ କହିଲେ ଯେ ମୋ ଯୋଗୁଁ ସେମାନେ ହରଡଘଣାରେ ପଡି ଯାଇଛନ୍ତି । ମୋ ବିରୁଦ୍ଧରେ ଯଦି ସେମାନେ ରିପୋର୍ଟ ଦିଅନ୍ତି, ତେବେ ସତ୍ୟର ଅପଳାପ ହେବ ଓ ମୁଖ୍ୟମନ୍ତ୍ରୀଙ୍କ ରୋଷର ସାମ୍ନା କରିବାକୁ ହେବ । ଯଦି ଲକ୍ଷ୍ମୀପୁର ବିଧାୟକଙ୍କ ଅଭିଯୋଗ ମିଥ୍ୟା ପ୍ରମାଣିତ ହୁଏ, ତେବେ ତାଙ୍କର ରାଜନୈତିକ ମୃତ୍ୟୁ ହେବ । ସେମାନେ ଏପରି ରିପୋର୍ଟ ଦେବେ ଯାହା ସାପ ମରିବ ନାହିଁ କି ବାଡି ଭାଙ୍ଗିବ ନାହିଁ । ବିଧାନସଭାର ଇତିହାସ ଭିତରେ ଏ ରିପୋର୍ଟ ହଜି ଯାଇଥିବ ବୋଧେ ।

ମୁଁ ବିଶ୍ୱାସ କରିଛି ଯେ ଓଡ଼ିଶା ଓ ଓଡ଼ିଆଙ୍କ ଭବିଷ୍ୟତ ସମୃଦ୍ଧି ଓ ବିକାଶର ଚାବିକାଠି ଏଠାକାର ରାଜନୈତିକ ଦଳ ଓ ବିଧାୟକଙ୍କ ଉପରେ ନିର୍ଭର କରୁଛି । କେଉଁଭଳି ବିଧାୟକମାନେ ନିର୍ବାଚିତ ହେଲେ ରାଜ୍ୟର ବାସ୍ତବ ଉନ୍ନତି ସମ୍ଭବ ହେବ ତାହା ଆଗାମୀ ଦିନମାନଙ୍କରେ ସ୍ପଷ୍ଟ ପ୍ରମାଣିତ ଦେବ ।

□□□

Digitized by srujanika@gmail.com

୪୧

ଅନ୍ୟାୟ, ଘୋର ଅନ୍ୟାୟ

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଚାଲିଥିବା ଅନ୍ୟାୟ ଓ ଅତ୍ୟାଚାରମାନଙ୍କର ଯଦି ଏକ ତାଲିକା ପ୍ରସ୍ତୁତ କରାଯାଏ, ତେବେ ଝୋଡିଆ ଆଦିବାସୀମାନଙ୍କୁ ଅଣଆଦିବାସୀରେ ପରିଣତ କରିବା ବିଷୟ ସର୍ବପ୍ରଥମେ ରହିବ । ଦେଶସାରା ଅନେକ ଗୋଷ୍ଠୀ ଆଦିବାସୀ ହୋଇନଥିଲେ ମଧ୍ୟ ଆଦିବାସୀ ହିସାବରେ ପରିଗଣିତ ହେଉଛନ୍ତି ଏବଂ ଆଦିବାସୀମାନଙ୍କର ସୁବିଧା ହାସଲ କରିଆସୁଛନ୍ତି । ରାଜସ୍ଥାନରେ ଗୁଜ୍ଜରମାନେ ଓ ଓଡ଼ିଶାରେ ମାହନ୍ତମାନେ ଆଦିବାସୀ ରୂପେ ପରିଗଣିତ ହୁଅନ୍ତୁ ବୋଲି ଦାବି କରିଆସୁଛନ୍ତି । ରାଜସ୍ଥାନରେ ଗୁଜ୍ଜରମାନଙ୍କର ଏଥିପାଇଁ ଆନ୍ଦୋଳନ ହିଂସ୍ରରୂପ ଧାରଣ କରିଛି ଓ ରାଜ୍ୟସରକାର ଗୁଜ୍ଜରମାନଙ୍କୁ ଆଦିବାସୀର ମାନ୍ୟତା ଦେଇ ସଂରକ୍ଷଣର ବ୍ୟବସ୍ଥା ଘୋଷଣା କରିଛନ୍ତି । ଓଡ଼ିଶାରେ ମାହନ୍ତମାନଙ୍କ ଦାବିକୁ ବିଚାରକୁ ନିଆଯାଇନାହିଁ । କିନ୍ତୁ ଦୁର୍ଭାଗ୍ୟର କଥା ଯେ ଓଡ଼ିଶାର କାଶୀପୁର ଓ ଆଖପାଖ ଅଞ୍ଚଳରେ ରହୁଥିବା ହଜାର ହଜାର ଝୋଡିଆ ଆଦିବାସୀଙ୍କୁ ଅଣଆଦିବାସୀ ବୋଲି ଘୋଷଣା କରାଯାଇଛି । "ଝୋଡିଆ ପରଜା" ଅନୁସୂଚୀତ ଆଦିବାସୀ ତାଲିକାରେ ସ୍ଥାନ ପାଇଛି ସତ କିନ୍ତୁ "ଝୋଡିଆ" ଆଦିବାସୀ ନୁହେଁ ବୋଲି ହଠାତ୍ ନିଷ୍ପତ୍ତି ନେବା ପଛରେ ଏକ ରାଜନୈତିକ ଓ ପ୍ରଶାସନିକ ଷଡଯନ୍ତ୍ର ରହିଛି ବୋଲି ସବୁକ୍ଷେତ୍ରରେ ଅନୁଭବ କରାଯାଇଛି । କାଶୀପୁରର ଝୋଡିଆମାନେ ପ୍ରକୃତରେ "ଝୋଡିଆ ପରଜା" ଏବଂ ମୁଖ୍ୟ ପରଜା ଆଦିବାସୀ ସଂପ୍ରଦାୟର ଏକ ଉପଜାତି । ଏମାନେ କେଉଁଠି ନିଜର ସାଙ୍ଗିଆ ଝୋଡିଆ ବା ମୁଦୁଲୀ ବୋଲି ଲେଖନ୍ତି । ଯେମିତି କନ୍ଧମାନେ ମାଝୀ, ସାନ୍ତାଳମାନେ ଟୁଡୁ, ସୋରେନ୍ ବା ହୋ ଭାବେ ପରିଚିତ । ଝୋଡିଆ ପରଜାମାନେ ଝୋଡିଆ ଆଦିବାସୀ ତାଲିକାରେ ସ୍ଥାନ ପାଇଥିଲେ ମଧ୍ୟ କେନ୍ଦ୍ର ତିଆରି କରିଥିବା ତାଲିକାରେ ସ୍ଥାନ ପାଇନାହାନ୍ତି । ସେମାନଙ୍କୁ ତାଲିକାଭୁକ୍ତ କରାଯାଉ ବୋଲି ୧୯୮୧

Digitized by srujanika@gmail.com

ମସିହାରୁ ରାଜ୍ୟସରକାର ଲେଖିଆସୁଛନ୍ତି । କିନ୍ତୁ ଏ ଭିତରେ ସୁପ୍ରିମ୍‌କୋର୍ଟର ଏକ ରାୟ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛି । ୧୯୯୬ ମସିହାରେ ଏନ୍.ଶର୍ମା ଭର୍ସେସ୍ କେନ୍ଦ୍ରସରକାରଙ୍କ ମଧ୍ୟରେ ଆଦିବାସୀ ତାଲିକା ସମ୍ପର୍କିତ ମାମଲା ବିଚାର କରି ସୁପ୍ରିମ୍‌କୋର୍ଟର ଏକ ସାମ୍ବିଧାନିକ ବେଞ୍ଚ୍ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଏଥିରେ କୁହାଯାଇଛି ଯେ କେନ୍ଦ୍ର ତାଲିକାରେ ସ୍ଥାନ ପାଇଥିବା କୌଣସି ଆଦିବାସୀକୁ ବାଦ୍ ଦିଆଯାଇ ପାରିବ ନାହିଁ ବା କୌଣସି ନୂତନ ଜାତିକୁ ଆଦିବାସୀ ଭାବେ ତାଲିକାରେ ସ୍ଥାନ ଦିଆଯାଇ ପାରିବ ନାହିଁ । ଏହାକୁ ଆୟୁଧ କରି ଏକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଝୋଡିଆମାନେ ଆଦିବାସୀ ନୁହଁନ୍ତି ବୋଲି ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନେଇଛନ୍ତି । ଏସବୁ ପଛରେ ଏକ ନିର୍ଦ୍ଦିଷ୍ଟ କାରଣ ରହିଛି । କାଶୀପୁରରେ କନ୍ଧ ଓ ଝୋଡିଆ ପରଜା ସମୁଦାୟ ଜନସଂଖ୍ୟାରେ ପ୍ରାୟ ଶତକଡ଼ା ଅଶୀଭାଗ ଥିଲେ ୧୯୮୧ ମସିହା ଜନଗଣନା ଅନୁସାରେ । ୨୦୦୧ ମସିହା ଜନଗଣନାରେ ଏମାନଙ୍କ ସଂଖ୍ୟା ଶତକଡ଼ା ଷାଠିଏ ଭାଗକୁ କମି ଆସିଛି । ଅବିଭକ୍ତ କୋରାପୁଟ ଜିଲ୍ଲା ଅନୁସୂଚୀତ ଅଞ୍ଚଳ ବୋଲି ସାମ୍ବିଧାନିକ ଘୋଷଣାନାମା ଅନୁସାରେ କାଶୀପୁର ଏହାର ଏକ ଅଂଶ ବିଶେଷ ବୋଲି ଏ ଅଞ୍ଚଳରେ ଆଦିବାସୀଙ୍କ ବିକାଶ ପାଇଁ ଅନେକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହୋଇ ଆସୁଛି । ଝୋଡିଆ ଆଦିବାସୀମାନେ ସଂରକ୍ଷଣର ସୁବିଧା ସୁଯୋଗ ନେଉଛନ୍ତି । ସ୍ଥାନୀୟ ସ୍କୁଲ ଓ ଆବାସିକ ବିଦ୍ୟାଳୟମାନଙ୍କରେ ଝୋଡିଆ ପିଲାମାନଙ୍କୁ ସ୍ୱତନ୍ତ୍ର ସୁବିଧା ମିଳୁଅଛି । ଚାକିରୀ କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥା ଥିବାରୁ ଝୋଡିଆମାନେ ଚାକିରୀ ପାଉଛନ୍ତି ବିଭିନ୍ନ କ୍ଷେତ୍ରରେ । ନିର୍ବାଚନରେ ମଧ୍ୟ ଆଦିବାସୀଙ୍କ ପାଇଁ ସଂରକ୍ଷିତ ଆସନଗୁଡ଼ିକରେ ଝୋଡିଆମାନେ ନିର୍ବାଚନ ଲଢୁଛନ୍ତି । କାଶୀପୁରର ପ୍ରଥମେ ଆଦିବାସୀ ବିଧାୟକ ହେଉଛନ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶ୍ରୀ ଝାଙ୍ଗୁରୁ ଝୋଡିଆ । ଝୋଡିଆମାନଙ୍କ ବିଭିନ୍ନ ଯୋଜନାରେ ସବ୍‌ସିଡ଼ି ଆଦି ମିଳୁଛି । ଝୋଡିଆମାନଙ୍କ ଜମି ବିକାକିଣାରେ କଟକଣା ମଧ୍ୟ ରହିଆସିଛି । କୋରାପୁଟ ଗେଜେଟିୟରରେ କାଶୀପୁର ଅଧ୍ୟାୟରେ ଝୋଡିଆମାନେ ଏକ ମୁଖ୍ୟ ଆଦିବାସୀ ବୋଲି ଉଲ୍ଲେଖ କରାଯାଇଛି । "ଆଦିବାସୀ ଗବେଷଣା ପ୍ରତିଷ୍ଠାନ" ପକ୍ଷରୁ ପ୍ରକାଶିତ "ଦେଶିଆ" ପତ୍ରିକାରେ ଝୋଡିଆମାନେ ପରଜା ଆଦିବାସୀର ଅଂଶ ବୋଲି ସ୍ପଷ୍ଟ ସ୍ଥାନ ପାଇଛି । ଝୋଡିଆ ଗୋଷ୍ଠୀର ନେତ୍ରୀ ଶ୍ରୀମତୀ ସୁମନୀ ଝୋଡିଆଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ତାଙ୍କର ଉପଦେଷ୍ଟା ହିସାବରେ ଗ୍ରହଣ କରିଛନ୍ତି ।

Digitized by srujanika@gmail.com

କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡିର ଯେଉଁ ଆଦିବାସୀମାନଙ୍କୁ ମୁଦୁଲୀ, ଛାନି ଓ ପୂଜାରୀ ବୋଲି ନାମିତ କରାଯାଇଛି ଝୋଡିଆମାନଙ୍କ ସହ ବୈବାହିକ ଓ ସାଂସ୍କୃତିକ ସମ୍ପର୍କ ଶହଶହ ବର୍ଷ ଧରି ରହିଆସିଛି । ମୁଦୁଲୀ ଓ ଛାନିମାନଙ୍କୁ ଆଦିବାସୀ ମାନ୍ୟତା ମିଳୁଥିଲା ବେଳେ ଝୋଡିଆମାନଙ୍କୁ ବଞ୍ଚିତ କରାଯାଇଛି । ଝୋଡିଆମାନଙ୍କର ଜମି ଅବୈଧ ଭାବେ ବିକାକିଣା ହେଉଥିବା ହେତୁ ୧୯୮୯ ମସିହାରେ ଝୋଡିଆମାନେ ଅବିଭକ୍ତ କୋରାପୁଟର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତତ୍‌କାଳୀନ ଜିଲ୍ଲାପାଳ ତାଙ୍କର ଚିଠି ନଂ ୯୫୫/୦୦୦୦୦/୩୭/୮୯ ରେଭ୍ ତାରିଖ ୨୩.୦୨.୮୯ରେ ଉଲ୍ଲେଖ କରିଛନ୍ତି ଯେ, "ଏହା ମୋର ଗୋଚରକୁ ଆସିଛି ଯେ, ଓଡ଼ିଶା ତଫସିଲ୍‌ଭୁକ୍ତ ସ୍ଥାବର ସମ୍ପତ୍ତି ଅଧିନିୟମ ୧୯୫୬ ଅନୁଯାୟୀ ନିଯୁକ୍ତ ହୋଇଥିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ଝୋଡିଆ ଲୋକମାନେ ସ୍ୱାଧୀନ ଭାବେ ତାଙ୍କର ଜମି ଅଣଆଦିବାସୀଙ୍କୁ ହସ୍ତାନ୍ତର କରୁଛନ୍ତି । ଏଇ ଗୋଷ୍ଠୀ "ପରଜା" ଉପଜାତିର ଅନ୍ତର୍ଭୁକ୍ତ ଓ ତଫସିଲ୍‌ଭୁକ୍ତ ଉପଜାତି ଭାବେ ଚିହ୍ନଟ ହୋଇଥିବା ଯୋଗୁଁ ଏମାନଙ୍କର ଜମି ହସ୍ତାନ୍ତର ପାଇଁ ଉପରୋକ୍ତ ନିୟମ ଦ୍ୱାରା କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମତି ଦରକାର । ବିନା ଅନୁମତିରେ ହସ୍ତାନ୍ତର ଜମି ରେଜିଷ୍ଟ୍ରି ଅବୈଧ । ଏଣୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ, ଝୋଡିଆ ଗୋଷ୍ଠୀଙ୍କ ଜମି ଅଣଆଦିବାସୀଙ୍କୁ ହସ୍ତାନ୍ତର ଓ ରେଜିଷ୍ଟ୍ରି ଯେପରି ବିନାଅନୁମତିରେ ନହୁଏ ଏଥିପ୍ରତି ଧ୍ୟାନ ଦେବେ ।"

କାଶୀପୁରକୁ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀ ବକ୍‌ସାଇଟ୍ ମାଇନିଂ ଓ ଆଲୁମିନା ଶିଳ୍ପ ପାଇଁ ୧୯୯୫ ମସିହାରୁ ଉଦ୍ୟମରତ ଅଛନ୍ତି । ଏଥିପାଇଁ ସରକାରୀ ଓ ବେସରକାରୀ ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି । ଜମି ଅଧିଗ୍ରହଣ ବିଶେଷକରି ଆଦିବାସୀଙ୍କ ଜମି ଅଧିଗ୍ରହଣ ପାଇଁ ଅନେକ କଟକଣା ରହିଛି । ଯେଉଁ ଆଦିବାସୀର ୨.୫ ଏକରରୁ କମ୍ ଜମି ଅଛି, ତାଙ୍କର ଜମି କୌଣସି ବାଟରେ ହସ୍ତାନ୍ତର ହୋଇପାରିବ ନାହିଁ ବୋଲି ଓଡ଼ିଶା ଭୂ-ସଂସ୍କାର ଆଇନ୍‌ରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି । ଏହାଛଡ଼ା ଅନୁସୂଚୀତ ଅଞ୍ଚଳରେ ଜମି ଅଧିଗ୍ରହଣ ପାଇଁ ଅନେକ କଟକଣା ରହିଛି ଓ ଗ୍ରାମସଭାର ଅନୁମତିରେ ଆବଶ୍ୟକତା ରହିଛି । କାଶୀପୁରରେ ସମ୍ଭାବ୍ୟ ଶିଳ୍ପାଞ୍ଚଳ ପାଇଁ ଅଣଆଦିବାସୀଙ୍କର ଆଦିବାସୀ ଜମି ଉପରେ ଲୋଲୁପ ଦୃଷ୍ଟି ପଡିଛି । ଏଥିପାଇଁ ୧୯୯୬ ମସିହା ପରେ, ସ୍ଥାନୀୟ ତହସିଲ୍‌ଦାର "ଝୋଡିଆମାନଙ୍କୁ" "ଝୋରିଆ" ବୋଲି କହି ପଛୁଆ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରିଛନ୍ତି । ଏଥିପାଇଁ ସରକାରୀ

Digitized by srujanika@gmail.com

ଆଦେଶନାମା ମଧ୍ୟ ପ୍ରକାଶ ପାଇଛି । ଅର୍ଥାତ୍ ଝୋଡିଆମାନେ ଆଦିବାସୀ ନୁହଁନ୍ତି ଓ ଝୋଡିଆ ଜାତି ଆଦିବାସୀ ଜାତି ନୁହେଁ । ଗୋଟାଏ କଲମ ଗାରରେ ଏହା କରାଯାଇଛି ଏକ ଉଦ୍ଦେଶ୍ୟମୂଳକ ଭାବେ । ତହସିଲ୍‌ଦାରଙ୍କ ଏ ନିଷ୍ପତ୍ତିକୁ ତତ୍‌କାଳୀନ ଜିଲ୍ଲାପାଳ ଓ ଓଡ଼ିଶା ସରକାର ସମର୍ଥନ କରିଛନ୍ତି ଓ ଝୋଡିଆମାନଙ୍କୁ ଅଣଆଦିବାସୀ ବୋଲି ଘୋଷଣା କରିଛନ୍ତି । କହିବା ବାହୁଲ୍ୟ ଯେ ଏଇ ତହସିଲ୍‌ଦାର, ଜିଲ୍ଲାପାଳ ଓ ସଚିବମାନେ ମାଇନିଂ କମ୍ପାନୀମାନଙ୍କ ଦ୍ୱାରା ବେଶ୍ ଲାଭାନ୍ୱିତ ହୋଇଛନ୍ତି ।

ଝୋଡିଆମାନେ ଅବଶ୍ୟ ଏକଥା ଜାଣି ନଥିଲେ ଯେ ରାତାରାତି ସେମାନଙ୍କ ଆଦିବାସୀ ପରିଚୟ ବଦଳି ଯାଇଛି । ୧୯୮୭-୮୮ ମସିହାରେ ଯେତେବେଳେ ଝୋଡିଆ ପିଲାମାନେ ଆବାସିକ ବିଦ୍ୟାଳୟମାନଙ୍କରେ ନାମ ଲେଖାଇବାକୁ ଗଲେ ଜାତି ସାର୍ଟିଫିକେଟର ଆବଶ୍ୟକତା ପଡିଲା । ଝୋଡିଆମାନେ ସ୍ଥାନୀୟ ତହସିଲ୍ ଅଫିସରୁ ଜାତି ସାର୍ଟିଫିକେଟ ପାଇଁ ଆବେଦନ କରିଲା ପରେ ସେମାନଙ୍କୁ ଆଦିବାସୀ ବୋଲି ସାର୍ଟିଫିକେଟ ଦିଆଗଲା ନାହିଁ । ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ସେବର୍ଷ ଅନେକ ଝୋଡିଆ ପିଲା "ଜେନେରାଲ" ବୋଲି ଗଣାହେଲେ ଓ ସ୍କୁଲରେ ନାମ ଲେଖାଇବାର ସୁଯୋଗ ପାଇଲେ ନାହିଁ । କାଶୀପୁରର ପ୍ରାୟ ୮୦ଟି ଝୋଡିଆ ଗାଁରେ ପ୍ରଚାର ହୋଇଗଲା ଯେ ସେମାନଙ୍କୁ "ଜେନେରାଲ" କରାଯାଇଛି । ଶାସକ ଦଳର ଅଣଆଦିବାସୀ ନେତାମାନେ ଏଥିପାଇଁ ଦାୟୀ ବୋଲି ଘୋଷଣା କରାଗଲା । "ଝୋଡିଆ" ଆନ୍ଦୋଳନର ସୂତ୍ରପାତ ହେଲା ସେଇ ଦିନରୁ । ଏହାର ନେତୃତ୍ୱ ନେଇଥିଲେ ଶ୍ରୀମତୀ ସୁମନୀ ଝୋଡିଆ, ଶ୍ରୀ ମକରନ୍ଦ ମୁଦୁଲୀ, ଶ୍ରୀ ପଦ୍ମଲୋଚନ ଝୋଡିଆ, ଶ୍ରୀ କୈଳାସ ଝୋଡିଆ, ଶ୍ରୀମତୀ ଘାସେନ୍ ଝୋଡିଆ ଓ ଶ୍ରୀ ଦୁଧେଶ୍ୱର ଝୋଡିଆ । ଅନେକ ମିଟିଂ ହେଲା ଓ ପ୍ରତିବାଦର ସ୍ୱର ଉଠିଲା ସବୁଆଡେ । ଦରଖାସ୍ତ ମୁଖ୍ୟମନ୍ତ୍ରୀ, ଆଦିବାସୀ ବିଭାଗର କର୍ମକର୍ତ୍ତା, ନିର୍ବାଚନ କମିଶନ, ସ୍ଥାନୀୟ ବିଧାୟକ ଓ ସାଂସଦମାନଙ୍କୁ ଦିଆଯାଇ ଆଦିବାସୀର ମାନ୍ୟତା ପୁନର୍ବାର ସେମାନଙ୍କୁ ଫେରାଇ ଦିଆଯାଉ ବୋଲି ଦାବିପତ୍ରମାନେ ଲେଖାଗଲା । ଏକ କମିଟି ଭୁବନେଶ୍ୱର ଅନେକବାର ଗଲେ । ଏପରିକି ଦିଲ୍ଲୀ ଦରବାରରେ ମଧ୍ୟ ବିଭିନ୍ନ ଅଧିକାରୀ, ସାଂସଦ, ମନ୍ତ୍ରୀ, ଉପରାଷ୍ଟ୍ରପତି, ବିଭିନ୍ନ ଦଳୀୟ ନେତାମାନଙ୍କୁ ଝୋଡିଆମାନଙ୍କର ଏକ ପ୍ରତିନିଧି ଦଳ ଭେଟି ନିଜର ଦୁଃଖ ଦୁର୍ଦ୍ଦଶା ଉପସ୍ଥାପନ କରିଥିଲେ । ଏପରିକି ୨୦୦୨ ମସିହା ପଞ୍ଚାୟତ ନିର୍ବାଚନ ବେଳେ ଝୋଡିଆମାନେ ଭୋଟ ବର୍ଜନ କରିବା ସଙ୍ଗେ

Digitized by srujanika@gmail.com

ସଙ୍ଗେ ଭୋଟ କେନ୍ଦ୍ରମାନଙ୍କରେ ତାଲା ପକାଇ ଦେଲେ । ଏହା ସମ୍ବାଦପତ୍ରମାନଙ୍କରେ ମୁଖ୍ୟ ସମ୍ବାଦ ହିସାବରେ ପ୍ରକାଶ ପାଇଥିଲା । କାଶୀପୁର ବ୍ଲକ୍‌ର କାଶୀପୁର, ଟିକିରି, ଗୋରଖପୁର, କୋଡିପାରି, ବାକାମ୍ବ, ମାଇକଞ୍ଚ, କୁଚେଇପଦର, ହାଡିଗୁଡ଼ା ଆଦି ଗ୍ରାମପଞ୍ଚାୟତରେ ପଞ୍ଚାୟତ ନିର୍ବାଚନରେ ଝୋଡିଆମାନେ ପ୍ରାର୍ଥୀପତ୍ର ଦାଖଲ କରିନଥିଲେ । ଏହାପରେ ତତ୍‌କାଳୀନ ଜିଲ୍ଲାପାଳ "ଝୋଡିଆ ପରଜା"ମାନେ ପ୍ରକୃତରେ ଆଦିବାସୀ ବୋଲି ସରକାରଙ୍କ ଘୋଷଣାନାମା ପ୍ରକାଶ କରିଥିଲେ । ଅସଲ କଥା ହେଉଛି ଯେ ସେଟେଲମେଣ୍ଟ ବେଳେ ଜମି ପଟ୍ଟାରେ କେଉଁଠି କେଉଁଠି "ଝୋଡିଆ ପରଜା" ବୋଲି ଲେଖାଯାଇଥିଲା । ଯେଉଁମାନଙ୍କର "ଝୋଡିଆ ପରଜା" ଲେଖାଯାଇଛି, ସେମାନେ ଆଦିବାସୀ ବୋଲି ପରିଗଣିତ ହେଲେ । ଯେଉଁମାନଙ୍କର ଜମି ପଟ୍ଟାରେ "ଝୋଡିଆ" ବୋଲି ଉଲ୍ଲେଖ ହୋଇଛି ସେମାନେ ଆଦିବାସୀ ବୋଲି ଗଣାହେଲେ ନାହିଁ । ଝୋଡିଆମାନଙ୍କର ପ୍ରତିବାଦ ଭୁବନେଶ୍ୱର ଓ ଦିଲ୍ଲୀ ପର୍ଯ୍ୟନ୍ତ ଶୁଣାଗଲା । ରାଜନୈତିକ ଦଳମାନେ ମଧ୍ୟ ଏହି ପ୍ରତିବାଦକୁ ସମର୍ଥନ କରିଥିଲେ । ଓଡ଼ିଶା ସରକାରଙ୍କ ଆଦିବାସୀ ବିଭାଗ ୨୦୦୨ ମସିହା ନଭେମ୍ବର ମାସରେ କେନ୍ଦ୍ରସରକାରଙ୍କୁ ଝୋଡିଆମାନଙ୍କୁ ଆଦିବାସୀ ବୋଲି ସ୍ୱୀକାର କରି ଘୋଷଣାନାମା ପ୍ରକାଶ କରିବାକୁ ପତ୍ର ଲେଖିଲେ । ୨୦୦୬ ମସିହା ସୁଦ୍ଧା ଝୋଡିଆମାନେ ଆଦିବାସୀ ନୁହଁନ୍ତି ବୋଲି ବିଧାନସଭାରେ ମନ୍ତ୍ରୀ ଉଲ୍ଲେଖ କରିଥିଲେ ଓ କେନ୍ଦ୍ରସରକାର ଏହା ବିଚାର କରୁଛନ୍ତି ବୋଲି ସୂଚନା ଦେଇଥିଲେ । କେନ୍ଦ୍ରସରକାର ବିଭିନ୍ନ ଚାପର ବଶବର୍ତ୍ତୀ ହୋଇ କେତେକ ଜାତିକୁ ଆଦିବାସୀ ବୋଲି ଘୋଷଣା କରି ଆସୁଛନ୍ତି କିନ୍ତୁ ଏତେ ପ୍ରତିବାଦ ସତ୍ତ୍ୱେ ଝୋଡିଆମାନଙ୍କର ଅଣଆଦିବାସୀ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ । ଆଦିବାସୀ ନେତ୍ରୀ ଶ୍ରୀମତୀ ସୁମନୀ ଝୋଡିଆ ଯେତେବେଳେ କୌଣସି ସରକାରୀ ପୁରସ୍କାର ପାଉଛନ୍ତି ବା ଆଦିବାସୀ ଉପଦେଷ୍ଟା କାଉନସିଲ୍‌ର ଆଲୋଚନାରେ ଭାଗ ନେଉଛନ୍ତି, ସେତେବେଳେ ସ୍ପଷ୍ଟଭାବେ ଘୋଷଣା କରୁଛନ୍ତି ଯେ ସରକାର ତାଙ୍କୁ ଏବେ ଅଣଆଦିବାସୀରେ ପରିଣତ କରିଦେଇଛନ୍ତି । ଶୁଣାଯାଏ ଯେ ଓଡ଼ିଶା ସରକାରଙ୍କ ଏକ ପ୍ରଭାବଶାଳୀ ଗୋଷ୍ଠୀ ଏବଂ ଭାରତ ସରକାରଙ୍କ ଏକ ପ୍ରଭାବଶାଳୀ ଗୋଷ୍ଠୀ ମାଇନିଂ କମ୍ପାନୀଙ୍କ ଦ୍ୱାରା ପ୍ରଲୋଭିତ ହୋଇ ଝୋଡିଆମାନଙ୍କୁ ଅଣଆଦିବାସୀରେ ପରିଣତ କରି ଦେଇଛନ୍ତି ।

ରାଜସ୍ଥାନର ଗୁଜ୍ଜରମାନଙ୍କ ଭଳି ଯଦି ଝୋଡିଆମାନେ ହୋଇପାରିଥାଆନ୍ତେ ତେବେ କେଉଁ କାଳରୁ ଏ ପ୍ରଶ୍ନର ସମାଧାନ ହୋଇଥାଆନ୍ତା । କିନ୍ତୁ ଏମାନେ ନିରୀହ

Digitized by srujanika@gmail.com

ଓ ଶାନ୍ତି ପ୍ରିୟ ହୋଇଥିବାରୁ ଏମାନଙ୍କର କଥା ଶୁଣାଯାଉନାହିଁ କାହାକୁ । ସୁପ୍ରିମ୍‌କୋର୍ଟରେ ଏହାର ବିଚାର କରାଯିବାକୁ କେତେକ ଆଇନ୍ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି । ଝୋଡିଆମାନେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହୋଇଥିଲେ ଏ ଦେଶର ସବୁଠାରୁ ପ୍ରବୀଣ ଆଇନଜ୍ଞଙ୍କର ପରାମର୍ଶ ସେମାନେ ନେଇପାରନ୍ତେ । କିନ୍ତୁ ଏହା ଏପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ । ଗୋଟାଏ ଆଦିବାସୀ ଜାତିର ପରିଚୟ ଓ ସ୍ୱାତନ୍ତ୍ର୍ୟ ଆଜି ଏକ ପରାକ୍ରମଶାଳୀ ଶକ୍ତିର ଆକ୍ରମଣରେ ଧରାଶାୟୀ ହୋଇଛି । ସେମାନଙ୍କର ସଂସ୍କୃତି ଓ ପରମ୍ପରା ଉପରେ କଳା ବାଦଲ ଦେଖାଦେଇଛି । ଏ ଯେଉଁ ଅନ୍ୟାୟ ତାଙ୍କ ପ୍ରତି ପ୍ରଦର୍ଶନ କରାଯାଇଛି ତାହା କେବେ ଦୂରହେବ ଓ ନ୍ୟାୟ ପ୍ରତିଷ୍ଠା ହେବ ତାକୁ ଶ୍ରୀମତୀ ସୁମନୀ ଝୋଡିଆ ଅପେକ୍ଷା କରିଛନ୍ତି । ପ୍ରଖ୍ୟାତ ଔପନାସିକ ଶ୍ରୀ ଗୋପୀନାଥ ମହାନ୍ତି ତାଙ୍କର ପରଜା ବହିରେ ଉଲ୍ଲେଖ କରିଛନ୍ତି ଯେ ଜଣେ ଜମାନ (ସରକାରୀ କର୍ମଚାରୀ) ଶୁକ୍ରୁ ଜାନିର ଦୁଇ ଝିଅଙ୍କ ଉପରେ ଆଖି ପକାଇଥିଲା ଓ କଲମ ଗାରରେ ଶୁକ୍ରୁ ଜାନିକୁ ସାହୁକାର ପାଖକୁ ଯିବାକୁ ବାଧ କରିଥିଲା । ସାହୁକାରର କବଳରେ ପଡି ଶୁକ୍ରୁ ଜାନି ତଳିତଳାନ୍ତ ହୋଇଯିବାର କାହାଣୀ ଓ ଏହାର ଚରମ ପରିଣତି ଆଜି ଓଡ଼ିଶା ସାହିତ୍ୟର ଅମର କୃତି ହୋଇଯାଇଛି । ଏବେର ଜମାନମାନେ ଆଦିବାସୀଙ୍କ ଜମି ଉପରେ ଆଖି ପକାଇ କଲମ ଚାଳନା କରୁଛନ୍ତି । ଏହାର ପରିଣତି କ'ଣ ହେବ ଦେଖିବାର ଅଛି ।

□□□

Digitized by srujanika@gmail.com

୪୨

ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ଏମାନଙ୍କ ଠାରୁ ଶିଖିବେ କି ?

ଅବିଭକ୍ତ କୋରାପୁଟ ଜିଲ୍ଲା ସ୍ୱାଧୀନତା ପୂର୍ବରୁ ଓ ଆଜିପର୍ଯ୍ୟନ୍ତ ଅବହେଳିତ ହୋଇ ରହିଆସିଛି ବୋଲି ବିଭିନ୍ନ ପରିସଂଖ୍ୟାନରୁ ଜଣାପଡିଛି । ଏକଥା ସତ ଯେ ଏ ଅଞ୍ଚଳକୁ ଅନେକ ଅଣଆଦିବାସୀ ପଶିଆସିଛନ୍ତି ଓ ସାମାଜିକ, ଆର୍ଥିକ ଓ ରାଜନୈତିକ ଦୃଷ୍ଟିକୋଣରୁ ଲାଭ ଉଠାଇଛନ୍ତି । ବିକାଶ ନାମରେ ଏ ଅଞ୍ଚଳରେ ଯାହାକିଛି ହୋଇଛି, ତାହା ଆଦିବାସୀମାନଙ୍କର ହିତରେ ହୋଇଛି କି ନାହିଁ ତାହା ସବୁବେଳେ ପ୍ରଶ୍ନବାଚକ ଚିହ୍ନରେ ହିଁ ରହିଯାଇଛି । ଶିଳ୍ପ ନାମରେ ସୁନାବେଢ଼ାର 'ହିନ୍ଦୁସ୍ଥାନ ଏରୋନଟିକ୍ସ' ହେଉ ବା ମାଛକୁଣ୍ଡ, ବାଲିମେଲା, ଉପର କୋଲାବ, ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ହେଉ - ଏମାନଙ୍କ ଭିତରେ ଆଦିବାସୀ ତାହାର ସ୍ଥାନ ନିରୂପଣ କରିବାରେ ବ୍ୟର୍ଥ ହୋଇଛି । କାରଣ ଏ ଶିଳ୍ପ ଯୋଗୁଁ ସେ କେବଳ ବିସ୍ଥାପିତ ହୋଇଛି । ଥରେ ନୁହେଁ - କେତେଥର । ଥେରୁବାଲିର ଇମ୍ପା ଗୋଷ୍ଠୀଙ୍କ ଶିଳ୍ପାୟନ, ଜେ.କେ. ପେପର ଗୋଷ୍ଠୀର କାଗଜ କଳ, ଦାମନଯୋଡିର ବକ୍ସାଇଟ୍ ଖଣି ଓ ଆଲୁମିନା ଶିଳ୍ପ ସହିତ ବର୍ତ୍ତମାନର ଅନେକଗୁଡିଏ ଖଣିଭିତ୍ତିକ ଶିଳ୍ପ ପ୍ରତିଷ୍ଠାରୁ ଆଦିବାସୀ ପାଇଛି କ'ଣ ? ଏକଥାର ଅବଶ୍ୟ ସମୀକ୍ଷା ହେବା ନିତାନ୍ତ ଜରୁରୀ ହୋଇପଡିଛି । ସେଇଭଳି ଆଦିବାସୀ ଉନ୍ନୟନ ନାମରେ ଅନେକ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଓ ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରାଯାଇଛି । ଅବିଭକ୍ତ କୋରାପୁଟ ଜିଲ୍ଲାରେ ୬ଟି 'ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ' ବା ଆଇ.ଟି.ଡି.ଏ. କାହିଁ କେତେବର୍ଷ ହେଲା କେନ୍ଦ୍ର ସରକାରଙ୍କ ସହାୟତାରେ ରୂପାୟିତ ହୋଇଆସୁଛି । କୋଟି କୋଟି ଟଙ୍କା ଅବଶ୍ୟ ଖର୍ଚ୍ଚ କରାଯାଇଛି । ଅଶୀଦଶକରେ 'ଜିଲ୍ଲା ଗ୍ରାମ୍ୟ ବିକାଶ' ସଂସ୍ଥା ବା ଡି.ଆର୍.ଡି.ଏ. ପ୍ରତିଷ୍ଠା କରାଯାଇ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସରକାର । ବିଭିନ୍ନ ସମୟରେ

Digitized by srujanika@gmail.com

ବିଭିନ୍ନ ପ୍ରକାର ଓ ଉନ୍ନୟନ ନାମରେ କେତେ ଯେ ଯୋଜନାମାନ କାର୍ଯ୍ୟକାରୀ ହୋଇଛି ତାହା ମନେ ରଖିବା ସମ୍ଭବ ନୁହେଁ । ଭାରତ ସରକାରଙ୍କ ପଦସ୍ଥ ଅଫିସର ଏବଂ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ବେଳେବେଳେ ଓଡ଼ିଶାର କୋରାପୁଟର ଏଜେନ୍‌ସି ଏରିଆ, ଆନ୍ଧ୍ରପ୍ରଦେଶର ଏଜେନ୍‌ସି ଏରିଆରେ ବିକାଶ ପ୍ରକ୍ରିୟାର ତୁଳନା କରି ଆଶ୍ଚର୍ଯ୍ୟ ହୁଅନ୍ତି ଯେ ଆନ୍ଧ୍ରରେ ଆଦିବାସୀମାନଙ୍କର ବିକାଶ ଦ୍ରୁତ ଗତିରେ ହେଉଥିବା ବେଳେ ଓଡ଼ିଶାରେ କାହିଁକି ହେଉନାହିଁ ? ଓଡ଼ିଶା ସୀମା ଅତିକ୍ରମ କରି ଆନ୍ଧ୍ରପ୍ରଦେଶକୁ ପ୍ରବେଶ କରିଲାମାତ୍ରକେ ବିକାଶର ସ୍ତରରେ ଯେଉଁ ପାର୍ଥକ୍ୟ ରହିଛି ତାହା ସ୍ପଷ୍ଟ ଲକ୍ଷ୍ୟ କରିହେଉଛି । ପାର୍ବତୀପୁରମ୍ ଏବଂ ବିଜୟନଗରମ୍‌ରେ ସରକାରୀ ଉଚ୍ଚପଦବୀରେ କାର୍ଯ୍ୟକରିଥିବା ବନ୍ଧୁମାନେ କହନ୍ତି ଯେ ସେମାନଙ୍କଠାରୁ ସାହାଯ୍ୟ ନେବା ପାଇଁ ଓଡ଼ିଶାର ଅନେକ ଆଦିବାସୀ ଆସିଥାଆନ୍ତି । ଓଡ଼ିଶାର କେତେକ ଗାଁ ଆନ୍ଧ୍ରରେ ମିଶିଯିବା ପାଇଁ ଚାହୁଁଛନ୍ତି ବୋଲି ଯେଉଁ ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥାଏ ବେଳେବେଳେ ସେଥିରେ ଅନେକ ସତ୍ୟତା ରହିଛି । ଓଡ଼ିଶା ସରକାର ଆନ୍ଧ୍ରରେ ଯେଉଁ ସଫଳ ମଦ ବ୍ୟବସାୟ ଚାଲିଛି ସେଥିରୁ ଶିଖିବାକୁ ଆଗ୍ରହୀ ଅଥଚ ସେ ରାଜ୍ୟରେ ଆଦିବାସୀ ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନରୁ କିଛି ହେଲେ ଶିଖୁନାହାନ୍ତି । ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ସୀମାନ୍ତରେ ମାଓବାଦୀଙ୍କ ପ୍ରଭାବ ଓ ଉପସ୍ଥିତି ବଢ଼ିବାରେ ଲାଗିଛି । ଏହାପଛରେ ଯେ ସୁଶାସନର ଅଭାବ, ଦୁର୍ନୀତି, ବିକାଶନୀତିର ବ୍ୟର୍ଥତା, ସରକାରଙ୍କ ଅଣଆଦିବାସୀ ଆଭିମୁଖ୍ୟ, ପ୍ରାକୃତିକ ସମ୍ବଳର ଅସଦୁପଯୋଗ, ନିରକ୍ଷରତା, ରାଜନୈତିକ ଇଚ୍ଛାଶକ୍ତିର ଅନୁପସ୍ଥିତି ଆଦି କାରଣ ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଆସୁଛନ୍ତି । କେବଳ ଗୋଟିଏ କାରଣ ନୁହେଁ, ସବୁ କାରଣ ମିଶାମିଶି ବୋଲି ମୁଁ ସବୁବେଳେ ଅନୁଭବ କରିଆସିଛି । ଆଦିବାସୀ ଅଞ୍ଚଳରେ ସୁଶାସନ ବା 'ଗୁଡ଼୍ ଗଭର୍ଣ୍ଣାନ୍‌ସ' ଦେଖିବାକୁ ବିରଳ । ଯିଏ ବି ପ୍ରଶାସନିକ ଅଧିକାରୀ ହୋଇ ଏ ଅଞ୍ଚଳରେ ନିଯୁକ୍ତି ହେଉଛି, ତାହାର ମନ ଭିତରେ ସବୁବେଳେ ଯୋଜନା ରହିଛି ଯେ କେମିତି କିଛି ମାରିନେବା । ଆଜିକାଲି ସଚ୍ଚୋଟ ଦକ୍ଷ ଓ ଉତ୍ସର୍ଗୀକୃତ ଅଫିସର ଖୋଜି ପାଇବା ବିରଳ । ଯୁବ ଜିଲ୍ଲାପାଳମାନେ ନିଜର ସ୍ୱାର୍ଥ ଓ ମଉଜମଜଲିସ୍‌ରେ ବ୍ୟସ୍ତ ଅଛନ୍ତି । ଏମାନେ ଆଦିବାସୀମାନଙ୍କୁ ହୀନ ଦୃଷ୍ଟିରେ ଦେଖିବାର ଅନେକ ଉଦାହରଣ ରହିଛି । ଆଦିବାସୀମାନଙ୍କ ଉପରେ ଗୁଳି ଚଳାଇ ହତ୍ୟା କରିବାର କେତେକ ଦୃଷ୍ଟାନ୍ତ ରହିଛି ଅବିଭକ୍ତ କୋରାପୁଟ ଜିଲ୍ଲାରେ । ଦୁର୍ନୀତିର ଚେର କେତେ ଗଭୀରକୁ ପ୍ରବେଶ କରିଛି ତାହା ଜାଣିବାକୁ ବେଶୀ ସମୟ ଲାଗିବ

Digitized by srujanika@gmail.com

ନାହିଁ । ଯେଉଁ ଗାଁକୁ ଗଲେ ସ୍ପଷ୍ଟ ଦେଖିହେବ ଯେ ଯୋଜନାସବୁ ଅସମାପ୍ତ ରହିଛି ବା ଆଦୌ କାର୍ଯ୍ୟକାରୀ ହୋଇନାହିଁ । ଗ୍ରାମ୍ୟ ଭିତ୍ତିଭୂମି ପ୍ରତିଷ୍ଠାରେ ଏ ଦୁର୍ନୀତି ବେଶୀ ପରିମାଣରେ ଦେଖାଦେଇଛି । ସ୍କୁଲ ଘର ହେଉ କି ରାସ୍ତା ହେଉ, ଜଳଅମଳ ପ୍ରକଳ୍ପ ହେଉ କି ବନୀକରଣ ହେଉ, ଏ ଦୁର୍ନୀତି ଅସ୍ଥିମଜ୍ଜାଗତ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ କହିଥିଲେ ଯେ ଟଙ୍କାର ୧୬ ପଇସା ଲୋକଙ୍କ ପାଖରେ ପହଞ୍ଚୁଛି । ଏହାର ସତ୍ୟତା ଅବିଭକ୍ତ କୋରାପୁଟ ଜିଲ୍ଲାର ଯେକୌଣସି ଗାଁରେ ପରିଲକ୍ଷିତ ହେଉଛି । ଆଦିବାସୀ ଅଞ୍ଚଳରେ ଅସଲ ବିକାଶ ନୀତି କ'ଣ ତାହା ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଧାରିତ ହୋଇନାହିଁ । ଏକଥା ସତ ଯେ ସରକାର ଏକ ଜାତୀୟ ଆଦିବାସୀ ନୀତି ପ୍ରଣୟନ କରିଛନ୍ତି । କିନ୍ତୁ ଆଦିବାସୀ ବିକାଶ କିପରି ତ୍ୱରାନ୍ୱିତ ହେବ ତାହା ଉପରେ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇନାହିଁ । ଆଦିବାସୀ ବିସ୍ଥାପିତ ଓ ବାସଚ୍ୟୁତ ହେଉଛି । କିନ୍ତୁ ନିରନ୍ତର ଜୀବିକା କିପରି ସେ ହାସଲ କରିବ ଏଥିପାଇଁ କାହାରି ଦୃଷ୍ଟି ନାହିଁ । ଆଦିବାସୀମାନେ କ'ଣ ପ୍ରକୃତରେ ଚାହୁଁଛନ୍ତି, ତାହା ଧୈର୍ଯ୍ୟର ସହ ବୁଝିବାକୁ କାହାରି ବେଳନାହିଁ । ସରକାରଙ୍କ ଅଣ-ଆଦିବାସୀ ଆଭିମୁଖ୍ୟ କୋରାପୁଟ ଜିଲ୍ଲାରେ ମାଓବାଦୀଙ୍କୁ ହିଁ ସୃଷ୍ଟି କରୁଛି ବୋଲି ଦୃଢ଼ଭାବରେ କୁହାଯାଇପାରେ । ସୁରକ୍ଷା ନାମରେ ଯେତେ ଅର୍ଥବ୍ୟୟ କରାଯାଉଛି, ତାହା ଯଦି ଆଦିବାସୀଙ୍କ ହିତରେ ଲାଗିଥାଆନ୍ତା, ତାହାହେଲେ ଆଜିର ପରିସ୍ଥିତି ଅନ୍ୟ କିଛି ହୋଇଥାଆନ୍ତା । ସରକାରୀ କଳରେ ଥିବା ଅଧିକାରୀମାନେ ଓ ଶାସନଗାଦୀରେ ବସିଥିବା ଜନପ୍ରତିନିଧିମାନେ ଭାବୁଛନ୍ତି ଯେ କେ.ବି.କେ ପ୍ରକଳ୍ପ ଆଦି କାର୍ଯ୍ୟକାରୀ କରି ସେମାନେ ଆଦିବାସୀଙ୍କ ପାଇଁ ଅନେକ କିଛି କରିସାରିଛନ୍ତି । କେ.ବି.କେ. ପ୍ରକଳ୍ପରେ ହଜାର ହଜାର କୋଟି ଟଙ୍କା ବ୍ୟୟ ହୋଇଛି । ପ୍ରକୃତରେ ଏହାଦ୍ୱାରା ଆଦିବାସୀଙ୍କ ଅସଲ ସମସ୍ୟାର ସମାଧାନ ହୋଇ ପାରିଲା କି ନାହିଁ ସମୀକ୍ଷା କରୁଛି କିଏ ? ଖୋଦ୍ ଦୁର୍ନୀତି ନିବାରଣ ବିଭାଗ ବକ୍ତବ୍ୟ ଦେଇଛି ଯେ କେ.ବି.କେ. ଅଞ୍ଚଳରୁ ହିଁ ଦୁର୍ନୀତି କେସ୍ ସଂଖ୍ୟା ସୀମାଟପିଛି । ଆଦିବାସୀ ଚାହୁଁଛି ଜମି, ଜଳ, ଜଙ୍ଗଲ ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ବଳ ଉପରେ ଅଧିକାର । ତଥାକଥିତ "ପେସା" ଆଇନ୍‌ରେ ଏକଥା ସ୍ପଷ୍ଟ ଉଲ୍ଲେଖ କରାଯାଇଛି । ଯେଉଁ ଗାଁକୁ ଗଲେ ଆଦିବାସୀ ମାଆବାପାମାନେ ଚାରି, ପାଞ୍ଚଟି ଦାବି କରିଆସୁଛନ୍ତି । ପ୍ରଥମେ କହୁଛନ୍ତି ଜମି ଉପରେ ଅଧିକାର କଥା । ଜମି ବାପଅଜା ଅମଳରୁ ଦଖଲ କରି ଚାଷବାସ କରୁଛନ୍ତି । କିନ୍ତୁ ପଟ୍ଟା ମିଳିନାହିଁ । ରାଜସ୍ୱ ବିଭାଗ ଅଧିକାରୀମାନେ ଏଥିପ୍ରତି ଧ୍ୟାନ

Digitized by srujanika@gmail.com

ଦେଉନାହାନ୍ତି । କେଉଁଠି କାଜୁ ଡଙ୍ଗର ସବୁ ସେମାନଙ୍କ ଦଖଲରେ ଅଛି । କିନ୍ତୁ ସରକାର ବା କାଜୁ କର୍ପୋରେସନ୍ ଅନ୍ୟ କଥା କହି ଏ ଅଧିକାରକୁ ମାନ୍ୟତା ଦେଉନାହିଁ । ଆଦିବାସୀ ଚାହୁଁଛି ଜଳସେଚନ । ଅନେକ ଆଦିବାସୀ ଗାଁରେ ଜଳସେଚନ ସୁବିଧାରେ ହୋଇପାରିବ । କେଉଁଠି ପାଣି ଉପରେ ତ ଗାଁ ତଳେ, ଅନ୍ୟ କେଉଁଠି ଗାଁ ଉପରେ ଓ ତଳେ ଚିରସ୍ରୋତା ଝରଣା । ମୁଁ ଯେଉଁ ଗାଁକୁ ଯାଇଛି, ଜଳସେଚନର ଆଶା ଦେଖିପାରିଛି । କୋରାପୁଟରୁ ଜଳବିଦ୍ୟୁତ୍ ବାହାରୁଛି, ଅଥଚ ଏବେ ଶତକଡ଼ା ଅଶୀଭାଗ ଗାଁ ଅନ୍ଧାରରେ ଅଛନ୍ତି । ଗାଁକୁ ବିଦ୍ୟୁତ୍‌ଶକ୍ତି ଆସିଲେ ଉଠା ଜଳସେଚନ ବ୍ୟବସ୍ଥା ହୋଇପାରିବ ଓ ଗ୍ରାମ୍ୟ ଶିଳ୍ପ ପ୍ରତିଷ୍ଠା ହୋଇପାରିବ । କିନ୍ତୁ ଏହାକୁ କରିବ କିଏ ? ଆଦିବାସୀ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ସବୁଠାରୁ ବିପର୍ଯ୍ୟସ୍ତ । ଶିକ୍ଷକ, ଶିକ୍ଷାୟତନ ଓ ଶିକ୍ଷାର୍ଥୀଙ୍କ ଭିତରେ ଅନେକ ଫାଙ୍କ ଓ ଅନେକ ଫାଟ । ଆଦିବାସୀ ଅଞ୍ଚଳରେ ସାକ୍ଷରତା ପାଇଁ କେତେ ଯେ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ତାହାର ହିସାବ ନାହିଁ । ଜିଲ୍ଲାପାଳମାନେ ଯଦି ସାକ୍ଷରତା ଅଭିଯାନର ସେନାପତି ହୁଅନ୍ତି, ତାହାର ଫଳାଫଳ କ'ଣ ହେଲା ନହେଲା ସହଜରେ ନିର୍ଣ୍ଣୟ କରିହେଉଛି । ସରକାରଙ୍କ କୋଟିକୋଟି ଟଙ୍କା ବ୍ୟୟ ହେବାଛଡ଼ା ଆଉ କିଛି ହୋଇନାହିଁ । ମଝିରେ କେନ୍ଦ୍ରସରକାର ରାଜ୍ୟ ପୌଢ଼ଶିକ୍ଷା ସାଧନ କେନ୍ଦ୍ରର ସହାୟତାରେ ମହିଳା ସାକ୍ଷରତା ପାଇଁ ଏକ ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଜରିଆରେ କାର୍ଯ୍ୟକାରୀ କରିଥିଲେ । ସ୍ୱେଚ୍ଛାସେବୀ ସଂଗଠନମାନେ ଗାଡିମଟର, ଜମିବାଡ଼ି କିଣା ଓ ଘର ତିଆରି କରିବାରେ ବେଶ୍ କିଛି ଅର୍ଥ ବାଟମାରଣା କରିଲେ ବୋଲି ଆଦିବାସୀ ମାଆମାନେ ଅଭିଯୋଗ କରିଆସୁଛନ୍ତି ।

ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସଂଖ୍ୟା ପ୍ରତିଦିନ ବଢୁଛି । ଅନ୍ୟ ଜିଲ୍ଲାମାନଙ୍କରୁ ଏବଂ ଅନ୍ୟ ପ୍ରଦେଶମାନଙ୍କରୁ ଆସି ଅନେକ ସ୍ୱେଚ୍ଛାସେବୀ ସଂଗଠନ ଓ ପେଶାଦାର ସଂସ୍ଥା ଏ ଅଞ୍ଚଳରେ ସକ୍ରିୟ ଅଛନ୍ତି । ପ୍ରତ୍ୟେକଙ୍କ ଭିତରେ ପ୍ରତିଯୋଗୀତାର ମନୋଭାବ- କାହାର କେତେ ଗାଡି ଘୋଡା, ଘରଦ୍ୱାର ଅଛି, କାହାର ବଜେଟ୍ କେତେ ବଢ଼ିଛି ଓ କିଏ କେତେ ସରକାରଙ୍କ ପ୍ରିୟପାତ୍ର ହୋଇଛି । ଅସଲରେ ଆଦିବାସୀମାନଙ୍କ ମୌଳିକ ସମସ୍ୟାଗୁଡିକ ସମାଧାନ କରିବାରେ ଏମାନେ ସଫଳ କି ବିଫଳ ହୋଇଛନ୍ତି ତାହା ସମୀକ୍ଷା କରାଯାଉନାହିଁ । ମୁଁ କ୍ୱଚିତ୍ ଲକ୍ଷ୍ୟ କରିଛି ସ୍ୱେଚ୍ଛାସେବୀ ସଂଗଠନ ଓ ନାଗରିକ ସମାଜ ଆତ୍ମସମୀକ୍ଷା

Digitized by srujanika@gmail.com

କରିବା ପାଇଁ ତତ୍ପର ହେବା ଓ ନିଜ ଭୁଲ୍‌ରୁ ଶିଖିବା । ଗାନ୍ଧୀବାଦୀ ହୁଅନ୍ତୁ ବା ମିଶନାରୀମାନେ ହୁଅନ୍ତୁ, ପେଶାଦାର ସଂସ୍ଥା ହୁଅନ୍ତୁ ବା ଗବେଷଣା କୈନ୍ଦ୍ରିକ ସଂସ୍ଥା ହୁଅନ୍ତୁ, କଳମଚାଷ କରିବା ପାଇଁ ସମସ୍ତେ ବ୍ୟଗ୍ର । ଆଦିବାସୀମାନଙ୍କ ପାଖକୁ ଯାଇ ସେମାନଙ୍କୁ ଉତ୍‌ପ୍ରେରିତ କରିବା ବା ସଂଗଠିତ କରି ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ କାହା ପାଖରେ ଯେମିତି ବେଳ ନାହିଁ । ପ୍ରାକୃତିକ ସମ୍ବଳ ବିକାଶ ଯେମିତି ପଛେଇ ଯାଇଛି, ମାନସିକ ଓ ସାଂସ୍କୃତିକ ବିକାଶ ସେଇଭଳି କଳୁଷିତ ହେବାରେ ଲାଗିଛି ଏଅଞ୍ଚଳରେ । କୋରାପୁଟ ସହରରେ ସକାଳେ ପ୍ରାତଃ ଭ୍ରମଣ କରିଲେ ଜଣେ ଶୁଣିପାରିବ ମନ୍ଦିରମାନଙ୍କରୁ ଭଜନ ସଂଗୀତ, ମସ୍‌ଜିଦ୍‌ମାନଙ୍କରୁ "ଆଲ୍ଲା ହୋ ଆକବର" ଏବଂ ଗୀର୍ଜାମାନଙ୍କରୁ ଘଣ୍ଟିର ଶବ୍ଦ । ଆଦିବାସୀ ଆଜି ତାହାର ନିଜସ୍ୱ ଧର୍ମ ହରାଇ ବସିଛି । ଯେଉଁମାନେ 'ପରବ' ବା 'ମଣ୍ଡେଇ' କରି ବାହା ବାହା ନେବାରେ ଲାଗିଛନ୍ତି, ସେମାନେ ଆଦିବାସୀ ସଂସ୍କୃତିକୁ ସୁରକ୍ଷା ଦେଉଛନ୍ତି ନା ତାହାକୁ ସମୃଦ୍ଧ କରୁଛନ୍ତି, ଏ ପ୍ରଶ୍ନ ଆଜି ଉଠିଛି ।

ଯଦି ଆମର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କର ଉପଦେଷ୍ଟାମାନେ ପ୍ରକୃତରେ ଆଦିବାସୀମାନଙ୍କ ସହ କଥାବାର୍ତ୍ତା କରିପାରନ୍ତେ ଓ ସେମାନଙ୍କ ଭାଷା ବୁଝିପାରନ୍ତେ, ତେବେ ଆଦିବାସୀ ଅଞ୍ଚଳର ସମାଧାନର ରାସ୍ତା ବାହାରି ପାରନ୍ତା । ଯଦି ସେମାନେ ଦଶମନ୍ତପୁର ବ୍ଲକ୍‌ର ତେନ୍ତୁଳିଗୁଡା ଗାଁର ଆଦିବାସୀ ମାଆ ଚନ୍ଦ୍ରା ଗୋଲରୀ ବା ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ହାତିପୋକନା ଗାଁର ଆଦିବାସୀ ଭାଇ ବାସ୍ନା ସାଉଁତା ସହ କଥାବାର୍ତ୍ତା କରିପାରନ୍ତେ ତାଙ୍କରି ଗାଁ ଦାଣ୍ଡରେ, ତେବେ ବୁଝି ପାରନ୍ତେ ଆଦିବାସୀମାନଙ୍କର ମନର କଥା ଓ ଅନେକ ଆଶା ଆକାଂକ୍ଷାକୁ । ଆଦିବାସୀ ମାଆ ଚନ୍ଦ୍ରା ଗୋଲରୀଙ୍କୁ ମୁଁ 'ପଦ୍ମଶ୍ରୀ' ପୁରସ୍କାର ଦେବାକୁ ମନୋନୀତ କରନ୍ତି । ଏ ମାଆ ଆଜି ସାରା କୋରାପୁଟ ଜିଲ୍ଲାରେ ଏକ ରେକର୍ଡ କରିଛି ବିଲାତି ବାଇଗଣ ଚାଷ କରି । ବର୍ଷାଦିନେ ଦୁଇ ଏକର ଜମିରେ ସେ ବିଲାତି ବାଇଗଣ ଲଗାଇଥିଲେ । ଜମି ଜଣେ ହରିଜନର । ସେଠାରେ କିଛି ଫଳେ ନାହିଁ । ମାଟି ଲାଲ ଓ ଅନୁର୍ବର । କୁନ୍ଦୁଲି ବଜାରରୁ ବିହନ ଆଣିଲେ । ଗୋବର କେତେ ଗାଡ଼ି ସେଇଠି ପକାଇଲେ । ଏବର୍ଷ ବିଲାତି ବାଇଗଣ ଫସଲ ଭଲ ହେଲା । କାଉଡି ବା ଭାର କରି କାକିରିଗୁମା, ପୋଡ଼ାଗଡ଼ ବା ଦାମନଯୋଡି ହାଟକୁ ବିଲାତି ବାଇଗଣ ବୋଝ ନେବା ସହଜ କଥା ନୁହେଁ । 'କମାଣ୍ଡର' ଗାଡି ଭଡ଼ା କରିବାକୁ ପଡିଲା । କିନ୍ତୁ ଏବର୍ଷ ବିଲାତି ବାଇଗଣର

Digitized by srujanika@gmail.com

ରେଟ୍ ଖୁବ୍ ଭଲ ଥିଲା । ସମୁଦାୟ ଆୟ ହେଲା ପ୍ରାୟ ପଚାଶ ହଜାର ଟଙ୍କା । ଦଶ ହଜାର ଟଙ୍କା ପରିବାର ପାଇଁ ଖର୍ଚ୍ଚ କରିବାକୁ ପଡିଲା । ତିରିଶ ହଜାର ଟଙ୍କା ବ୍ୟାଙ୍କରେ ସଞ୍ଚୟ ଖାତାରେ ଜମା ହୋଇଛି । ତେନ୍ତୁଳିଗୁଡ଼ା ଗାଁରେ ବିଲାତି ବାଇଗଣ ଚାଷ ଜୋର୍‌ଦାର ହେଉଛି । ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ସେମାନେ ପାଇପ୍ ଜରିଆରେ ଗୋଟାଏ ଡଙ୍ଗରରୁ ମସ୍ତବଡ଼ ଝୋଲା ଅତିକ୍ରମ କରି ପାଣି ଆଣିପାରୁଛନ୍ତି । ପ୍ରାୟ ତିରିଶ ଫୁଟର କାଠ ଖୁଣ୍ଟ ଉପରେ ୨୦୦ଫୁଟ ପାଇପ୍‌କୁ ଲଗାଯାଇଛି । ଯେକୌଣସି ଇଂଜିନିୟର ଆଶ୍ଚର୍ଯ୍ୟ ହୋଇଯିବ ଯେ ଗ୍ରାମବାସୀମାନେ ଏପରି ପାଣି ଆଣିବାକୁ କିପରି ସାହସ କଲେ । କିଛିମାସ ତଳେ ମଦ୍ୟପମାନେ ତିନୋଟି ପାଇପ୍ ଚୋରି କରିନେଲେ । ଗ୍ରାମବାସୀମାନେ ନିରାଶ ନହୋଇ ପୁଣି ନୂଆ ପାଇପ୍ କିଣିଛନ୍ତି ଓ ପାଳିକରି ଜଗୁଛନ୍ତି । ପାଇପ୍ ଛୋଟ ହୋଇଥିବାରୁ ଦୁଇତୃତୀୟାଂଶ ପାଣି ଗାଁକୁ ଆସିପାରୁନାହିଁ । ଚନ୍ଦ୍ରା ଗୋଲରୀ ମାଆ ଦାବି କରୁଛିଯେ ଜମି ତାଙ୍କୁ ମିଳୁ ଓ ଗାଁକୁ ପକ୍‌କା ପାଇପ୍ ଜରିଆରେ ଯଥେଷ୍ଟ ଜଳସେଚନ ବ୍ୟବସ୍ଥା ହେଉ । ଆଶା ଜିଲ୍ଲା ପ୍ରଶାସନ ଓ ଆଦିବାସୀଙ୍କ ବିକାଶ ପାଇଁ ସ୍ଲୋଗାନ ଦେଉଥିବା ଶାସକବର୍ଗ ଏକଥାକୁ ଧ୍ୟାନ ଦେବେ । ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ହାତିପୋକନା ଗାଁର ଆଦିବାସୀ ଭାଇ ବାସ୍ନା ସାଉଁତା ସହ କଥାବାର୍ତ୍ତା ହେଲେ ଆଦିବାସୀ ବିକାଶର ଅନେକ ଦିଗ ଜଣେ ନିର୍ଣ୍ଣୟ କରିପାରିବ । ଗାଁରେ ଜଳସେଚନର ସୁବିଧା ନାହିଁ । ଚାରିଆଡ଼େ ଛୋଟ ଛୋଟ ପାହାଡ଼ । ଜମି ଖୁବ୍ ଅସମତଳ । ମାଟି କିନ୍ତୁ ବର୍ଷାଦିନେ ବିଲାତି ବାଇଗଣ ଚାଷ ପାଇଁ ଖୁବ୍ ଅନୁକୂଳ । ଗାଁସାରା ପ୍ରତ୍ୟେକ ପରିବାର ବର୍ଷକୁ ପାଞ୍ଚରୁ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରିଥାନ୍ତି । ପାଖ ତେନ୍ତୁଳିଖୁଣ୍ଟି ହାଟକୁ ବ୍ୟବସାୟୀମାନେ ଆସନ୍ତି । ଓଜନରେ ପ୍ରାୟ ବିକ୍ରୟ ହୁଏନାହିଁ । ବୋଝ ହିସାବରେ ବେପାରୀମାନେ ଦର ଛିଡ଼ାନ୍ତି । ଚନ୍ଦ୍ରା ଗୋଲରୀ କହୁଥିଲେ ଯେ ବୋଝ ହିସାବରେ ବିକ୍ରୟ ନ କରି ସେ ଯଦି କେଜି ହିସାବରେ ଓଜନ କରି ବିକ୍ରୟ କରିଥାନ୍ତେ ଏବର୍ଷ ତାଙ୍କର ରୋଜଗାର ସମ୍ଭବତଃ ଆହୁରି ଦଶହଜାର ଟଙ୍କା ବଢ଼ିଯାଇଥାନ୍ତା । ବାସ୍ନା ସାଉଁତା କହୁଥିଲେ ଯେ ମୃତ୍ତିକା ସଂରକ୍ଷଣ ବିଭାଗରୁ ତିଆରି ହୋଇଥିବା ଜଳଅମଳ ପ୍ରକଳ୍ପ ଆଜି ପ୍ରାୟ ପୋତିହୋଇ ଯାଇଛି । ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ତା'ଙ୍କ ଗାଁରେ ଏକ ଜଳଅମଳ ପ୍ରକଳ୍ପକୁ ଖୋଳିବାକୁ ଯୋଜନା କରୁଛନ୍ତି, କିନ୍ତୁ ତାଙ୍କ କଥା କେହି ଶୁଣୁନାହାନ୍ତି । ଜଳଅମଳ ପ୍ରକଳ୍ପରୁ ତାଙ୍କର ବହୁତ ଇଚ୍ଛା ଯେ

Digitized by srujanika@gmail.com

ପମ୍ପଲଗାଇ ପାଣି ଗାଁକୁ ଆଣିବେ ଓ ଆହୁରି ବେଶି ଫସଲ କରିବେ । ତାଙ୍କ ସହ ଗାଁସାରା ସବୁ ପରିବାର ସହମତି ପ୍ରଦାନ କରିଛନ୍ତି ଓ ପଞ୍ଚାୟତ ଅଫିସ୍ ବା ବ୍ଲକ୍ ଅଫିସକୁ ଯାଇ ଏନ୍ଆରଇଜିଏସ୍‌ର କାମ ଦାବି କରିବାକୁ ଅଣ୍ଟା ଭିଡିଛନ୍ତି ।

ଅବିଭକ୍ତ କୋରାପୁଟ ଜିଲ୍ଲାରେ ମାଓବାଦୀମାନେ ମାତିଛନ୍ତି ବୋଲି ଗଣମାଧ୍ୟମରେ ସମ୍ବାଦ ବାରମ୍ବାର ପ୍ରକାଶ ପାଉଛି । ମାଓବାଦୀମାନଙ୍କୁ ଦମନ କରିବା ପାଇଁ ପୋଲିସ୍ ବାହିନୀକୁ ସୁଦୃଢ଼ କରିବାକୁ ଏକ "କୋବ୍ରା ବାହିନୀ" ପ୍ରତିଷ୍ଠା କରାଯାଉଛି ବୋଲି ନୀତିଗତ ନିଷ୍ପତ୍ତି ନିଆଯାଇଛି । ହଜାର କୋଟିରୁ ଅଧିକ ଅର୍ଥ କୁଆଡେ ଅଟକଳ କରାଯାଇଛି । "କୋବ୍ରା ବାହିନୀ" ବା "ଗ୍ରେ'ହାଉଣ୍ଡ" ମାନେ ଯଦି ମାଓବାଦକୁ ନିୟନ୍ତ୍ରଣ କରିପାରୁଥାଆନ୍ତେ, ତେବେ ପୃଥିବୀସାରା ରାଜନୈତିକ ହିଂସା ଓ ଉଗ୍ରବାଦ କେଉଁଦିନରୁ ନିୟନ୍ତ୍ରଣ ହୋଇସାରନ୍ତାଣି । ସରକାର ଓ ରାଜନୈତିକ ଦଳମାନଙ୍କର ଆଖିଖୋଲୁ ଏବେ । ଚନ୍ଦ୍ରା ଗୋଲରୀ ଓ ବାସ୍ନା ସାଉଁତା ମାନେ ପ୍ରତ୍ୟେକ ଆଦିବାସୀ ଗାଁରେ ଅଛନ୍ତି । ବିକାଶର ପଥ ସେମାନେ ନିର୍ଣ୍ଣୟ କରିସାରିଛନ୍ତି । ସରକାର ଯଦି ସେମାନଙ୍କ ପାଖରେ ନପହଞ୍ଚି ପାରିବେ, ତେବେ ମାଓବାଦୀମାନେ ପହଞ୍ଚିବାକୁ ବେଶୀସମୟ ଲାଗିବନାହିଁ ।

□□□

Digitized by srujanika@gmail.com

୪୩

ସେମାନଙ୍କୁ ବିଚାର କରିବାକୁ ହେବ

ଆମ ରାଜଧାନୀ ଭୁବନେଶ୍ୱରକୁ ଆସିବାକୁ ମୋର ମନରେ ଅନେକ ଦ୍ୱିଧା ଓ ଶଙ୍କା । ଏକଦା ମୁଁ ଭୁବନେଶ୍ୱରକୁ ଭଲ ପାଉଥିଲି । ରେଭେନ୍‌ସା କଲେଜରେ ପଢ଼ିବା ବେଳେ କଟକ ସହର ଓ ତାହାର ନାଳନର୍ଦ୍ଦମା, ରେଳଷ୍ଟେସନର ପ୍ଲାଟଫର୍ମରେ ଶୋଉଥିବା ଶହ ଶହ ଭୀକାରୀ ଓ କୁଷ୍ଠରୋଗୀ, ଅସଂଖ୍ୟ ଗଳି କନ୍ଦିରେ ରହୁଥିବା ଶହ ଶହ ରିକ୍‌ସା ଚାଳକ ଆଦି ଯେକୌଣସି ସମାଜ ସଚେତନ ମଣିଷକୁ ବିଚଳିତ କରୁଥିଲା । ଆମେ ବନ୍ଧୁମାନେ ବେଳେବେଳେ କଲେଜ ହତା ବାହାରକୁ ଭ୍ରମଣ କରିବାକୁ ଇଛା କଲେ କ୍ୟାଣ୍ଟନମେଣ୍ଟ ବା ଯୋବ୍ରା ଆନିକଟକୂଳ ଆଡେ ଘେରାଏ ବୁଲି ଆସୁଥିଲୁ । କେବେ କେମିତି କଟକର ରାଜରାସ୍ତାରେ ଜୀବନ କାଟୁଥିବା ମଣିଷମାନଙ୍କୁ ବିଭିନ୍ନ ରୂପରେ ଆବିଷ୍କାର କରୁଥିଲୁ । ଭୁବନେଶ୍ୱର ସହର କିନ୍ତୁ ସତୁରୀ ଦଶକରେ ଗାଁଟିଏ ଭଳି ଥିଲା । ବିଶ୍ୱବିଦ୍ୟାଳୟ ହତା ଭିତରେ ସବୁକିଛି ସୁନ୍ଦର ଥିଲା । ପଶ୍ଚିମପଟେ ଆର.ଆର.ଏଲ୍.ର ବିସ୍ତୃତ କୃଷ୍ଣଚୂଡ଼ାର ଅରଣ୍ୟ । ପଛଆଡେ ସୈନିକ ସ୍କୁଲ ପର୍ଯ୍ୟନ୍ତ କଣ୍ଟେଇ କୋଳିର ବଣ । ଜ୍ୟୋତ୍ସ୍ନାରାତ୍ରିରେ ଆମେ ଫ୍ଲାସରେ କଫି ଧରି କେତେକ ବନ୍ଧୁ କୋକିଶିଆଳି ପଛରେ ଦୌଡୁଥିଲୁ । 'ଫକ୍ସ ହଣ୍ଟିଂ'(Fox Hunting) କଥା ବିଶ୍ୱ ସାହିତ୍ୟରେ ଲେଖାଯାଇଛି ଖୁବ୍ ରୋମାଞ୍ଚର ସହ । ଆମେ ପ୍ରଭାବିତ ହୋଇଥିଲୁ । ଏଥିପାଇଁ ବୋଧେ ମୁଁ ଜାତୀୟ ରାଜପଥରେ କେତଥର ଚାଲିଚାଲି ଯାଇଛି ଖଣ୍ଡଗିରି ପର୍ଯ୍ୟନ୍ତ । ଉଦ୍ଦେଶ୍ୟ କିଛି ନିରୋଳାରେ ବସି ଭାବିବା ପାଇଁ ଏବଂ ଏକ ସୁବର୍ଣ୍ଣ ଅତୀତକୁ ଖୋଜିବା ପାଇଁ । ବିଶ୍ୱବିଦ୍ୟାଳୟର ପୂର୍ବପଟେ ରେଳଲାଇନ୍ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ପଡିଆ ଓ ଗୋପାଳକମାନଙ୍କର ଗାଈ, ମଇଁଷି ପଲ । ଶିଶିରାସକ୍ତ ସକାଳରେ ମୁଁ ସେମାନଙ୍କ ପାଖକୁ ଯାଇ ମନଖୋଲି କଥାବାର୍ତ୍ତା ହେବାକୁ ଚାହିଁଛି ଓ ଜଣେ ଦୂରଗାମୀ ପଥବ୍ରାଜକ ହେବାକୁ ମନ କରିଛି । କେବେକେବେ ସନ୍ଧ୍ୟାରେ ଆମକୁ

Digitized by srujanika@gmail.com

ମାଷ୍ଟରକ୍ୟାଣ୍ଟିନ୍ ବା ରାଜମହଲ ଛକ ପର୍ଯ୍ୟନ୍ତ ଯିବାକୁ ହୋଇଥାଏ । ବସ୍ ସର୍ଭିସ୍ ନଥିବାରୁ ପାଦରେ ଚାଲିବା ଛଡା ଅନ୍ୟ କିଛି ବାଟ ନଥାଏ । ସନ୍ଧ୍ୟା ନଇଁଗଲେ ନଅନମ୍ବର ଶ୍ମଶାନ ଶୁନ୍‌ଶାନ୍ ହୋଇଯାଏ । ସେବାଟରେ ଗମନାଗମନ ପ୍ରାୟ ବନ୍ଦ ହୋଇଯାଏ ରାତି ସାରା । ଭୁବନେଶ୍ୱରକୁ ସେତେବେଳେ ସରକାରୀ କର୍ମଚାରୀମାନେ ବା ରାଜନୈତିକ ନେତାମାନେ କବଳିତ କରିଥିଲେ । ଦୋକାନ ବଜାର ବା ବ୍ୟବସାୟୀ ଗୋଷ୍ଠୀଙ୍କର ସହର ଏହା ନଥିଲା । ଗତ ତିରିଶ ବର୍ଷ ଧରି ଏ ସହର ବଢ଼ିବାରେ ଲାଗିଛି ଆମିଓବା ଭଳି ଅଥବା ଫୁଲିବାରେ ଲାଗିଛି ବେଲୁନ୍ ଭଳି । କେହି କେହି ଭୁବନେଶ୍ୱରକୁ ସଂଯୋଜିତ ସହର ଚଣ୍ଡୀଗଡ଼ ସହ ତୁଳନା କରିବାକୁ ଚେଷ୍ଟା କରିଥାଆନ୍ତି । ଏବେ ସେ କଥା କେହି ଉଠାଉ ନାହାନ୍ତି । ଭୁବନେଶ୍ୱର ଏକ ସୁନ୍ଦର, ସୁସଜ୍ଜିତ ଏବଂ ସୁଶୋଭିତ ସହର ବୋଲି କେହି ବିଚାର କରୁନାହାନ୍ତି । ସହରର କାନ୍ଥ ବାଡ଼ରେ ଯଦିଓ ବିଭିନ୍ନ ଚିତ୍ର ସଜ୍ଜା ଚାଲିଛି, ଏହାକୁ ଏକ ଗନ୍ଧପୂତିମୟ ସହର ବୋଲି କୁହାଯାଇପାରେ । ଭୁବନେଶ୍ୱରକୁ ଯେକେହି ଟ୍ରେନ୍‌ରେ ଆସୁଥିବ, ଷ୍ଟେସନ ପହଞ୍ଚିବାର କିଛି ଦୂର ପୂର୍ବରୁ ସେ ନାକରେ ରୁମାଲ୍ ଦେଇ ବନ୍ଦ କରିଦେବ ଓ ଆଖି ବନ୍ଦ କରି ନିଜକୁ ଲୁଚାଇବାକୁ ଚେଷ୍ଟା କରିବ । ଏକ ତୀବ୍ର ଗନ୍ଧ ସମସ୍ତଙ୍କୁ ଅଥୟ କରିନେବ । ଭୁବନେଶ୍ୱରର ଗନ୍ଧ ଯେମିତି ସମସ୍ତଙ୍କୁ ଆକ୍ରାନ୍ତ କରିଛି । ସତରେ ଭୁବନେଶ୍ୱର ଆଜି ଭାରତର ସବୁଠାରୁ ଏକ ଗନ୍ଧମୟ ଅସୁନ୍ଦର ସହର । ଭୁବନେଶ୍ୱର ଯେଉଁ ଆଡ଼କୁ ଦେଖିବ ବିଶୃଙ୍ଖଳିତ ଓ ଅନିୟନ୍ତ୍ରିତ ସୁଉଚ୍ଚ କୋଠାଘର ନିର୍ମାଣ ଓ ବସତିସ୍ଥାପନା ଗୋଟାଏ କଂକ୍ରିଟ ଜଙ୍ଗଲ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭୁବନେଶ୍ୱରର ଉତ୍ତାପ ବଢ଼ିବାରେ ଲାଗିଛି । ପୂର୍ବଭଳି ମଳୟ ପବନ ଆଉ ବହୁ ନାହିଁ । ସବୁଜବଳୟ ଏ ସହରରେ ନାହିଁ କହିଲେ ଚଳେ । ଗତ ମହାବାତ୍ୟା ଅକଳନୀୟ କ୍ଷତି କରିଛି । ଅନେକ ଗଛ ଉପୁଡି ପଡିଛି । ଏ ତାଲିକାରେ ଅନେକ ପୁରୁଣା ଗଛମାନେ ଅଛନ୍ତି । ରାସ୍ତା ଚଉଡ଼ା କରାଗଲେ, ପ୍ରଥମେ ରାସ୍ତା କଡ଼ର ଗଛମାନଙ୍କୁ କାଟିବାକୁ ପଡୁଛି । ଭୁବନେଶ୍ୱରର ପୁରୁଣା ଚିହ୍ନମାନେ ଲୋପ ପାଇବାରେ ବସିଛନ୍ତି କ୍ରମାଗତ ଭାବେ । ସହରର ଜନସଂଖ୍ୟା ବଢ଼ିବାରେ ଲାଗିଛି । ଓଡ଼ିଶାର ମଧ୍ୟମବର୍ଗ ଚାହୁଁଛି ନିଜକୁ ଭୁବନେଶ୍ୱରରେ ଅବସ୍ଥାପିତ କରିବା ପାଇଁ । କ୍ଷମତାର କେନ୍ଦ୍ର ସ୍ଥଳରେ ସମସ୍ତେ ଚାହୁଁଛନ୍ତି ବସବାସ କରିବା ପାଇଁ । ଭୁବନେଶ୍ୱରର ଆଖପାଖରେ ଘର ନିର୍ମାଣର ଗତି ଦେଖିଲେ ଜଣେ ଅବାକ୍ ହୋଇଯିବ । ପ୍ରତିବର୍ଷ ଭୁବନେଶ୍ୱରର ଲ୍ୟାଣ୍ଡସ୍କେପ୍ ଓ

Digitized by srujanika@gmail.com

ସ୍କାଇଲାଇନ୍ ବଦଳିବାରେ ଲାଗିଛି । ଏହି ଜନସଂଖ୍ୟାର ଏକ ବୃହତ୍ ଭାଗ ବସ୍ତିବାସିନ୍ଦାମାନେ । ସତୁରୀ ଦଶକରେ ମାଳି ସାହି ଏକମାତ୍ର ବସ୍ତିଥିଲା ଭୁବନେଶ୍ୱରରେ । ବର୍ତ୍ତମାନ ସାଲିଆ ସାହି, ଡୁମ୍‌ଡୁମା, ଭରତପୁର ସମେତ ପ୍ରାୟ ୧୯୦ଟି ବସ୍ତି ମୁଣ୍ଡ ଟେକିଛି । ସେ ଭିତରୁ କୁଆଡେ ୧୩୧ଟି ବସ୍ତି ବେଆଇନ୍ । ସରକାର ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ ଓ ବାସଚ୍ୟୁତ କରିବାକୁ ଯେତିକି ଯେତିକି ଚେଷ୍ଟା କରୁଛନ୍ତି, ସେମାନଙ୍କର ସଂଖ୍ୟା ସେତିକି ବଢୁଛି । ବସ୍ତିମାନଙ୍କରେ ପାନୀୟ ଜଳ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ଶିକ୍ଷା କିପରି ଶୋଚନୀୟ ଭାବେ ବିପର୍ଯ୍ୟସ୍ତ ସେ ଅଞ୍ଚଳକୁ ଗଲେ ଜଣାପଡିବ । ବିଭିନ୍ନ ଅଧ୍ୟୟନ କରାଯାଇଛି ଏମାନଙ୍କ ଉପରେ ଓ ଅତି କରୁଣ ଛବି ପ୍ରକାଶିତ ହୋଇଛି ଏମାନଙ୍କର ଜୀବନର ମାନ ଉପରେ । ଭୁବନେଶ୍ୱର ସହରର ଅପରାଧ ବଢୁଛି । ବେଶ୍ୟାମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଅଳିଆ ଗୋଟାଉ ଥିବା ପିଲାମାନଙ୍କର ସଂଖ୍ୟା କ୍ରମାଗତ ଭାବେ ବଢୁଛି ମଧ୍ୟ । ଅଗଣିତ ନିଶାଗ୍ରସ୍ତ ମଣିଷମାନେ ନିଶା ବେପାରୀଙ୍କ ବ୍ୟବସାୟ ସମୃଦ୍ଧି କରିପାରିଛନ୍ତି । ମୁଁ ଭୁବନେଶ୍ୱର ଆସି ତଥାକଥିତ ଭି.ଆଇ.ପି. ଏରିଆରେ ରହୁଛି । ଏ ଅଞ୍ଚଳଟି ଗୋଟାଏ ପବ୍ଲିକ୍ ପାଇଖାନା ପାଲଟି ଯାଇଛି । ବିଭିନ୍ନ ଘର ନିର୍ମାଣରେ ନିଯୁକ୍ତି ଥିବା ଠିକା ଶ୍ରମିକ, ଉଠା ଦୋକାନୀମାନଙ୍କର କର୍ମଚାରୀମାନେ, ମଠକୁ ଆସୁଥିବା ଭକ୍ତମାନେ, ପାଖରେ ଥିବା ବସ୍ତି, ଗୋପାଳନ କରୁଥିବା ଅନେକ ପରିବାରମାନଙ୍କର ନିଜସ୍ୱ ପାଇଖାନା ନାହିଁ । ସକାଳ ଓ ସଞ୍ଜରେ ଏମାନଙ୍କର ଧାଡିଛୁଟେ ଖୋଲା ପଡିଆକୁ । ରାତି ତିନିଟାରୁ ଗନ୍ଧ ସୀମା ଟପିଯାଏ । ଆମେ ସବୁ ଖୁବ୍ ଅଭିଶପ୍ତ ମନେ କରୁ ଏଠାରେ ରହିବା ପାଇଁ । ପାଖ ଅଞ୍ଚଳର ଲୋକମାନଙ୍କ ସହ ବାର୍ତ୍ତାଳାପ ହୋଇଥିଲା । ସେମାନେ କହୁଥିଲେ ଯେ କେଉଁଠୁ କେଉଁଠୁ ବିସ୍ଥାପିତ ହୋଇ ଏମାନେ ଆସିଛନ୍ତି । ଏଠାରୁ କୁଆଡେ ଯିବେ ? ଆମେ ଏଠାକାର କର୍ପୋରେଟର, ମ୍ୟୁନିସିପାଲ୍‌ଟିର କର୍ମଚାରୀ ବି.ଡ଼ି.ଏ ଅଧିକାରୀ, ଏପରିକି ମନ୍ତ୍ରୀଙ୍କ ପାଖକୁ ଅଭିଯୋଗ ପତ୍ର ପଠାଇଥିଲୁ । କିଛି କିଛି ଆଲୋଚନା ହୋଇଥିଲା ଯେ ବସ୍ତି ଅଞ୍ଚଳ ପାଇଁ କିଛି ସୁଲଭ ଶୌଚାଳୟ ତିଆରି କରାଗଲେ ସମସ୍ୟାର ସମାଧାନ ହୋଇପାରେ । ଏହା କେବଳ ଆଲୋଚନାରେ ହିଁ ରହିଯାଇଥିଲା । ଖାଲି ଭି.ଆଇ.ପି. ଅଞ୍ଚଳ ନୁହେଁ, ସାରା ଭୁବନେଶ୍ୱରରେ ଆବର୍ଜନା କୁଢ଼ କୁଢ଼ ହୋଇ ପଡିରହିଛି । ପ୍ରତ୍ୟେକ ପରିବାର, ତାର ଆବର୍ଜନା ଘର ସମ୍ମୁଖସ୍ଥ ରାସ୍ତାକଡ଼କୁ ପ୍ରତ୍ୟେକ ଦିନ ଫିଙ୍ଗି ଦେଉଛନ୍ତି । ସବୁଆଡେ ଆବର୍ଜନା ହିଁ ଆବର୍ଜନା । ଯିଏ

Digitized by srujanika@gmail.com

ଦେଶର ଅନ୍ୟ ଅଞ୍ଚଳରୁ ଏ ସହରକୁ ଆସୁଛି, ସେ ଆଶ୍ଚର୍ଯ୍ୟ ହେଉଛି ଯେ ଏ ସହରରେ ସର୍ବନିମ୍ନ ନାଗରିକ ଚେତନା ବା ସିଭିକ୍ ସେନ୍ସ କାହିଁକି ନାହିଁ । କେବଳ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ କାମ ଏହା ନୁହେଁ । ଭୁବନେଶ୍ୱର ବାସିନ୍ଦା ମଧ୍ୟ ଆବର୍ଜନା ଓ ବୈର୍ଜ୍ୟବସ୍ତୁ କିପରି ପରିଚାଳନା କରାଯାଇ ପାରିବ ତାହା ପ୍ରତି ସତର୍କ ଓ ସଚେତନ ହେବାର ଘୋର ଆବଶ୍ୟକତା ରହିଛି । ଆବର୍ଜନା ଓ ସହରର ସବୁକିଛି ସୌନ୍ଦର୍ଯ୍ୟ ଓ ଆକର୍ଷଣ ନଷ୍ଟ କରି ସାରିଛି ।

ଏବେ ବସ୍ତିବାସିନ୍ଦାଙ୍କ କଥା ଦେଖାଯାଉ । ଏ ଅଞ୍ଚଳକୁ ଆସିରହୁଥିବା ବ୍ୟକ୍ତିମାନେ କିଏ ? ଏ ବିଷୟରେ କିଛି କିଛି ସର୍ଭେ କରାଯାଇଛି । ଖାଲି ନଗର ଉନ୍ନୟନ ବିଭାଗ, ଭୁବନେଶ୍ୱର ମ୍ୟୁନିସିପାଲିଟି ଓ ବି.ଡି.ଏ. ନୁହନ୍ତି, ବେସରକାରୀ ସଂସ୍ଥାମାନେ ବସ୍ତି ଅଞ୍ଚଳର ଉନ୍ନୟନ ପାଇଁ ଅଣ୍ଟା ଭିଡିଛନ୍ତି ସତ କିନ୍ତୁ ସେମିତି କିଛି ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଯାଉନାହିଁ । ଏ ସହରର ଉତ୍‌ଥାନ ସମ୍ଭବତଃ କଳା ଟଙ୍କା ଓ ଅସାଧୁପେଶା ଦ୍ୱାରା ସମ୍ଭବ ହୋଇଛି । ଏ ସହରର ପତନ ଏ ଆବର୍ଜନାରେ ହେବ ବୋଲି ଭବିଷ୍ୟତବାଣୀ କରାଯାଇଛି । ଏ ସହରର ଗୌରବମୟ ଇତିହାସ ଆବର୍ଜନାର ସ୍ତୂପ ତଳେ ପୋତି ହୋଇଯିବ ବୋଲି ନଗର ଉନ୍ନୟନର ବିଶାରଦମାନେ ଆଲୋଚନା କରୁଛନ୍ତି । ଭୁବନେଶ୍ୱରର ବସ୍ତି ଅଞ୍ଚଳ ବମ୍ବେର ଧରାଭୀ ବା ଦିଲ୍ଲୀର ଜେ.ଜେ. କଲୋନୀ ବା କଲିକତାର ଅସଂଖ୍ୟ ବସ୍ତି ଭଳି ଖୁବ୍ ଶୀଘ୍ର ଶୋଚନୀୟ ଓ କରୁଣ ହୋଇପଡିବ ଏଥିରେ ସନ୍ଦେହ ନାହିଁ । ଭୁବନେଶ୍ୱର ଉଚ୍ଚ ଓ ଧନାଢ୍ୟ ବର୍ଗ ସବୁବେଳେ ରହିବେ ସହରକୁ ସୁନ୍ଦର କରିବା ପାଇଁ ଓ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରିବା ପାଇଁ । ସହରରେ ବସ୍ତି ରହିବ କି ନାହିଁ, ଏଥିପାଇଁ ଯୁକ୍ତି ତର୍କ ହେବ । ବସ୍ତି ବାସିନ୍ଦାଙ୍କ ବିସ୍ଥାପନ ଓ ପୁନର୍ବାସ ପାଇଁ ଅନେକ କିଛି ଯୋଜନା କରାଯିବ । ଭୁବନେଶ୍ୱର ସହର ସହ କଟକ ଓ ଖୋର୍ଦ୍ଧା ଆଦିକୁ ସମ୍ମିଶ୍ରଣ କରି ଯେଉଁ ବୃହତ୍ତର ନଗରର ପରିକଳ୍ପନା ଚାଲିଛି ସେଥିରେ ବସ୍ତିବାସିନ୍ଦାଙ୍କର ସ୍ଥାନ କ'ଣ ହେବ ଏହା କଳ୍ପନା କରିବା ସମ୍ଭବ ନୁହେଁ । ସହରବାସୀଙ୍କ ଆବଶ୍ୟକ ଶସ୍ତା ଶ୍ରମିକ ଓ ସେମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ସେବା ପାଇଁ ଆବଶ୍ୟକ କେତେକ ଦ୍ୱିତୀୟ ଶ୍ରେଣୀର ନାଗରିକ । ଦୁଃଖର କଥା ଯେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଜୀବନ ଜୀବିକାର ଯେମିତି ଅବକ୍ଷୟ ହେଉଛି ଅନେକ ଗ୍ରାମବାସୀ ଗାଁ ଛାଡି ସହରକୁ ପଳାୟନ କରିଆସୁଛନ୍ତି । ଏମାନଙ୍କ ଭିତରେ ଅଛନ୍ତି ଆଦିବାସୀ ଦଳିତ ମାଆବାପାମାନେ । ଯେଉଁ ଅଞ୍ଚଳରେ ବଡ଼ ବଡ଼ ଶିଳ୍ପ ଓ

Digitized by srujanika@gmail.com

ଡ୍ୟାମ୍ ଆଦି ପ୍ରକଳ୍ପ ସବୁ ସ୍ଥାପିତ ହେଉଛି ସେଠାରେ ହଜାର ହଜାର ପରିବାର ବିସ୍ଥାପିତ ହୋଇଛନ୍ତି । କେଉଁଝର, ସୁନ୍ଦରଗଡ଼, ମୟୂରଭଞ୍ଜ ଆଦି ଜିଲ୍ଲାମାନଙ୍କରୁ ଆସୁଥିବା ବିସ୍ଥାପିତ ଏମାନଙ୍କର ସଂଖ୍ୟା ଅଧିକ । କୃଷି ଲାଭଜନକ ହେଉ ନଥିବାରୁ ଅନେକ କୃଷିଜୀବୀ ଆଜି ଏ ସହରକୁ ଆସି ରିକ୍ସା ଟାଣୁଛନ୍ତି । ଘରୋଇ ଚାକର ହେଉଛନ୍ତି । କନ୍ଧମାଳ ଜିଲ୍ଲାରୁ ଅନେକ ଏଇଭଳି ବିସ୍ଥାପିତ ହୋଇ ଭୁବନେଶ୍ୱରକୁ ଆସିଛନ୍ତି । ସହରରେ ଯେଉଁ ନିର୍ମାଣ ଶିଳ୍ପ ବ୍ୟାପକଭାବେ ଚାଲିଛି, ପ୍ରାୟ ପ୍ରତ୍ୟେକ ଜିଲ୍ଲାର ଶ୍ରମଜୀବୀମାନେ ଭୁବନେଶ୍ୱରରେ ସ୍ଥାନ ପାଇଛନ୍ତି । ବସ୍ତି ଅଞ୍ଚଳରେ ଏମାନେ କୁଡିଆ କରିରହୁଛନ୍ତି । ମହାବାତ୍ୟା ବେଳେ ଉପକୂଳ ଜିଲ୍ଲାମାନଙ୍କରୁ ଅନେକ ଶ୍ରମଜୀବୀ କର୍ମ ଅନ୍ୱେଷଣରେ ରାଜଧାନୀକୁ ପଳାଇ ଆସିଛନ୍ତି । ଭୁବନେଶ୍ୱର ବସ୍ତି ବାସିନ୍ଦାଙ୍କ ସଂଖ୍ୟା ଏଇମିତି ବଢ଼ିଛି ।

ସାରା ବିଶ୍ୱରେ ଶହେ କୋଟିରୁ ଅଧିକ ଲୋକ ବସ୍ତିବାସିନ୍ଦା ହୋଇ ସାରିଛନ୍ତି ବୋଲି ଜାତିସଂଘର ଏକ ରିପୋର୍ଟରେ ପ୍ରକାଶ ପାଇଛି । ଭାରତରେ ଏମାନଙ୍କର ସଂଖ୍ୟା କିଛି କମ୍ ନୁହେଁ । ଏକ ପରିସଂଖ୍ୟନରୁ ଜଣା ପଡିଛି ଯେ ଏମାନଙ୍କର ସଂଖ୍ୟା ପ୍ରାୟ ଶତକଡ଼ା ଦଶ ହେବାକୁ ବସିଲାଣି । କଲିକତା ଭଳି ସହରରେ ଶତକଡ଼ା ୪୦ ଭାଗ ଲୋକ ବସ୍ତିବାସିନ୍ଦା । ଛୋଟ ସହର ହେଉ କି ଜନବହୁଳ ନଗର ହେଉ, ସବୁ ଅଞ୍ଚଳରେ ବସ୍ତିମାନ ଗଢ଼ି ଉଠୁଛି । ଏ ଦେଶରେ ନଗରାଞ୍ଚଳର ବିକାଶ ପାଇଁ ନୀତି ନିର୍ଦ୍ଧାରଣ ସମ୍ଭବତଃ ଠିକ୍ ହୋଇନାହିଁ ଏଯାବତ୍ । କିନ୍ତୁ ସହରାଭିମୁଖେ ଗ୍ରାମବାସୀମାନେ ଯେତେବେଳେ ଅଗଣିତ ସଂଖ୍ୟାରେ ଦେଶାନ୍ତରୀ ହେବାର ବାଟ ତିଆରି କରିସାରିଛନ୍ତି, ଏହାକୁ ଅଟକାଇ ହେବ କି ? ଏ ପ୍ରଶ୍ନ ବାରମ୍ବାର ପଚାରିବାକୁ ସମସ୍ତେ ବାଧ୍ୟ ହେଉଛନ୍ତି । ଗୋଟାଏ ପାର୍ଶ୍ୱରେ ନଗର ଉନ୍ନୟନ ଓ ଦାରିଦ୍ର୍ୟର ପଟ୍ଟଭୂମି ଏବଂ ଅନ୍ୟ ପାର୍ଶ୍ୱରେ ଗ୍ରାମ୍ୟ ବିକାଶ ଓ ଦାରିଦ୍ର୍ୟର ସଜ୍ଞା ସବୁ ବୁଝିବାକୁ ହେବ ଏ ଦେଶର ଲୋକଙ୍କୁ । ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ନହଟିଲେ ସହରକୁ ସମସ୍ତେ ଧାଇଁବେ । ସହରର ସମସ୍ୟା ସୀମା ଟପିଲେ, ଲୋକେ ଯିବେ କୁଆଡେ ?

ଯେଉଁମାନେ ବସ୍ତିରେ ରହୁଛନ୍ତି ସେମାନଙ୍କୁ ପାନୀୟଜଳ ଓ ପରିମଳ ଆଦି ସର୍ବନିମ୍ନ ସୁବିଧା ଯୋଗାଇ ହେବ କି ନାହିଁ କହି ହେବନାହିଁ । ସହରରେ ଜୀବିକା ଖୋଜିବା ସମ୍ଭବତଃ ସହଜ । କିନ୍ତୁ ବସ୍ତିବାସିନ୍ଦାଙ୍କୁ କେଉଁଠାରେ ସ୍ଥାୟୀ ନିଯୁକ୍ତି ମିଳିବ,

Digitized by srujanika@gmail.com

ତାହା କେବଳ କଳ୍ପନା ବିଳାସ । ସମସ୍ୟାର ସମାଧାନର ଏକମାତ୍ର ଆଶା ହେଉଛି ଯେ ଗ୍ରାମାଞ୍ଚଳକୁ ଲୋକମାନେ ଫେରିଯିବାକୁ ଆଗ୍ରହ ଦେଖାଇବା । ଏଥିପାଇଁ ସରକାର, ବେସରକାରୀ ଅନୁଷ୍ଠାନ ଏବଂ ରାଜନୈତିକ ଦଳମାନଙ୍କୁ ମିଳିତ ଭାବେ ବିଭିନ୍ନ ପଦକ୍ଷେପ ନେବାକୁ ହେବ । ଅନେକ କହୁଛନ୍ତି ଯେ ଗ୍ରାମାଞ୍ଚଳରେ ଯଦି ସହରର ସୁବିଧା ମିଳିବ, ତେବେ ଗାଁ ଛାଡି ଲୋକମାନେ କୁଆଡେ ଯିବେ ନାହିଁ । କିନ୍ତୁ ସର୍ବପ୍ରଥମ କଥା ହେଉଛି ଜୀବିକା । ମୁଁ ଦୃଢ଼ଭାବେ କହିପାରେ ଯେ ଖାଦ୍ୟ, ବସ୍ତ୍ର, ବାସଗୃହ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା, ସ୍ଥାୟୀ ଜୀବିକା ଗ୍ରାମାଞ୍ଚଳରେ ଲୋକେ ପାଇଲେ ଗାଁ ଛାଡି ପଳାୟନ କରିବା ପାଇଁ ଇଚ୍ଛା କରିବେ ନାହିଁ । କେତେକ ସଫଳ ଉଦାହରଣ ଏ ଭିତରେ ଦେଖା ଦେଇଛି । ମହାରାଷ୍ଟର ଅହମ୍ମଦ୍‌ନଗର ଜିଲ୍ଲାର ହିଉରେ ବଜାରରେ ସରପଞ୍ଚ ଶ୍ରୀ ପାପ୍‌ଟରାଓ ପାଓ୍ୱାର ଆଜି ସାରା ଦେଶରେ ଚହଳ ପକାଇଛନ୍ତି । ତାଙ୍କ ଉଦ୍ୟମରେ ତାଙ୍କ ଗାଁରେ ଗ୍ରାମ୍ୟ ବିକାଶକୁ ତ୍ୱରାନ୍ୱିତ କରାଯାଇଛି । ଗାଁରେ କୃଷି ଓ ଜଳସେଚନକୁ ପ୍ରାଧାନ୍ୟ ଦିଆଯାଇଛି । ଗାଁରେ ବିଭିନ୍ନ ପ୍ରକାର ଭିତ୍ତିଭୂମି ପ୍ରତିଷ୍ଠା କରାଯାଉଛି । ଗ୍ରାମ୍ୟ ଭିତ୍ତିକ ଶିଳ୍ପ ମଧ୍ୟ ପ୍ରତିଷ୍ଠା କରାଯାଉଛି । ଗାଁରେ କେତେ କୋଟି ଟଙ୍କାର ପିଆଜ ଚାଷ ହେଉଛି । ତେଣୁ ଗାଁ ଛାଡି ଯେଉଁମାନେ ବମ୍ବେ ବା ପୁଣେକୁ ପଳାୟନ କରିଥିଲେ, ସେ ପରିବାରମାନେ ଏବେ ପୁଣି ଗାଁକୁ ଫେରିଆସିଛନ୍ତି । ମୁଁ ଭାବୁଛି ଯେ ବସ୍ତିବାସିନ୍ଦାଙ୍କର ଉପଯୁକ୍ତ ସର୍ଭେକ୍ଷଣ କରି ସେମାନଙ୍କର ପ୍ରତ୍ୟାବର୍ତ୍ତନ ପାଇଁ ସରକାର ଓ ସ୍ୱେଚ୍ଛାସେବୀ ସଂସ୍ଥାମାନେ ଗୁରୁତ୍ୱର ସହ ଉଦ୍ୟମ କରିପାରିବେ । ବସ୍ତିବାସିନ୍ଦାମାନେ ମଧ୍ୟ ଚିନ୍ତା କରିବା ଦରକାର ଯେ ସହରର ଆକର୍ଷଣ ସବୁଦିନିଆ ନୁହେଁ । ସହରରେ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ରହିବା ବା ପଶୁଭଳି ଜୀବନ ଯାପନ କରିବା ଅପେକ୍ଷା ଗାଁର ପାଣି, ପବନ, ଚାଷବାସ, ଜୀବନ ଜୀବିକା ସହସ୍ର ଗୁଣରେ ଭଲ । ସହରରେ ସୁରକ୍ଷା ଖୋଜିବା ଏକ ମରୀଚିକା ଭଳି । ଏଇ ମରୀଚିକା ପଛରେ ଗୋଡାଇ ନିଜର ଜୀବନକୁ ସେମାନେ ନଷ୍ଟ କରିବେ ନାହିଁ ବୋଲି ମୁଁ ଆଶା କରିଛି । ବସ୍ତିବାସିନ୍ଦାମାନେ ଆପଣା ଆପଣାର ଗାଁକୁ ଫେରିବାକୁ ବିଚାର କରିବେ କେବେ ନା କେବେ ।

□□□

Digitized by srujanika@gmail.com

୪୪

ବୃକ୍ଷରୋପଣ ଛଡ଼ା ଅନ୍ୟ କିଛି ରାସ୍ତା ନାହିଁ

କୋରାପୁଟ ଜିଲ୍ଲାର ଦେଓମାଳୀ ପର୍ବତ ହେଉ ବା ନାଗେଶ୍ୱରୀ ଗୁମ୍ଫା ହେଉ ସେ ଉପରକୁ ଚଢ଼ିଲା ପରେ ଜଣେ ଘରିଆଡର ପାହାଡ଼ ପର୍ବତ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥାଏ । ଆଖି ପାଇଲା ପର୍ଯ୍ୟନ୍ତ ଢ଼େଉଭଳି ପାହାଡ଼ମାନେ ବ୍ୟାପିଛନ୍ତି । କିଛି କିଛି ସବୁଜିମା ଅଛି ତଳେ ଉପତ୍ୟକାରେ ନତୁବା ପାହାଡମାନଙ୍କର ବକ୍ଷଦେଶରେ । କିନ୍ତୁ ଏହା କିଛି ନୁହେଁ । କାରଣ ପାହାଡ଼ ଗୁଡ଼ିକ ଲଣ୍ଡା ଓ ବୃକ୍ଷଲତା ଶୂନ୍ୟ । ଜଙ୍ଗଲ କହିଲେ କିଛି ଅର୍ଥ ବୁଝାଏ ନାହିଁ । କେଉଁଠି ମାଟି ସବୁ ଧସିଯାଇଛି ଓ ଦୂରରୁ କେଉଁମାତ୍ରାରେ ମୃତ୍ତିକା କ୍ଷୟ ହୋଇଛି ତାହା କଳ୍ପନା କରିହେଉଛି । ପୋଡୁ ଚାଷ କେଉଁମାତ୍ରାରେ ଚାଲିଛି ତାହା ମଧ୍ୟ ବାରି ହେଉଛି । ଆଦିବାସୀ ବୁଢ଼ାମାନେ ଏବେ ବି ମନେ ପକାନ୍ତି ଯେ ଦିନ ଥିଲା ଘଞ୍ଚ ଅରଣ୍ୟ ସବୁ ସେମାନଙ୍କର ସର୍ବସ୍ୱ ଥିଲା । ବାଘ ଭାଲୁ, ଡୁର୍କା (କଲରାପତରିଆ ବାଘ) ଓ ଦିଆଦ (ହରିଣ) ସବୁଆଡେ ଚଲାବୁଲା କରୁଥିଲେ । ବଣ ଜଙ୍ଗଲରୁ ଅନେକ କିସମର ଫଳମୂଳ ମିଳୁଥିଲା । ଆଦିବାସୀ ଓ ଜଙ୍ଗଲ ମିଶିକରି ଥିଲେ । ଉଭୟଙ୍କ ଭିତରେ ନିବିଡ଼ ସମ୍ବନ୍ଧ । ସବୁକିଛି ଆପଣାର । କିନ୍ତୁ ଏମିତି ସମୟ ଉପସ୍ଥିତ ହେଲା ଯାହା ଦ୍ୱାରା ଜଙ୍ଗଲ କ୍ଷୟ ହେଲା । ଜଙ୍ଗଲ ବିଭାଗର ଗାର୍ଡ଼, ଫରେଷ୍ଟର, ରେଞ୍ଜରମାନେ ଜଙ୍ଗଲ ନଷ୍ଟ ହେବାକୁ ଅନୁମତି ଦେଲେ । କିଏ କେତେ ଗଛ କାଠ ଚୋରି କରିଲେ । ସେମାନଙ୍କର ଜମି ସାହୁକାର ହାତକୁ ଚାଲିଯିବାରୁ, ଡଙ୍ଗର ଉପରକୁ ଯାଇ ଚାଷ ଜମି ଖୋଜିବାକୁ ହେଲା । ପାରମ୍ପରିକ ପୋଡୁଚାଷ ଯାହା ବାରବର୍ଷରେ ଥରେ ଗୋଟିଏ ଜାଗାରେ କରାଯାଉଥିଲା ତାହା ବଢ଼ିଗଲା ଅନେକ ଗୁଣରେ । ଆଦିବାସୀ ଆଉ ବାରବର୍ଷ ଅପେକ୍ଷା ନକରି ଦୁଇ ତିନିବର୍ଷରେ ସେଇ ଜାଗାରେ ପୋଡୁ ଚାଷ କରିବା ପାଇଁ ବାଧ

Digitized by srujanika@gmail.com

ହେଲା । ପୋଡୁ ଚାଷ ଦ୍ୱାରା ଆଦିବାସୀ ଦଶବାରଟି ଫସଲ କରିଥାଏ ଏକା ବେଳେକେ । ଖାଦ୍ୟଶସ୍ୟ ଛଡା ତୈଳବୀଜ ଆଦି ମଧ୍ୟ ଚାଷ ହୁଏ । ଏସବୁ ହାଟ ବଜାରରେ ବିକ୍ରୟ କରି ଯାହା କିଛି ଅର୍ଥ ଆଦାୟ ହୁଏ, ତାହା ପରବ ସମୟରେ ବହୁତ କାମରେ ଆସେ । ବେଳବେଳେ ସାହୁକାରମାନେ ଅଗ୍ରୀମ ଟଙ୍କା ଦିଅନ୍ତି ବେଶି ପୋଡୁ ଚାଷ ବା ଡଙ୍ଗର ଚାଷ କରି କାନ୍ଦୁଲ, ଅଳସୀ ଆଦି ଅଧିକ ଉତ୍ପାଦନ ପାଇଁ । ପୋଡୁ ଚାଷ ପାଇଁ ଗଛକାଟିବାକୁ ହୁଏ ଓ ତାକୁ ଜାଳିବାକୁ ପଡେ । ସାରା ପୃଥିବୀରେ ଆଦିବାସୀ ପୋଡୁ ଚାଷ କରି ଆସିଛି । ଏହା ତାହାର ସଂସ୍କୃତି ସହ ଓତପ୍ରୋତ ଭାବେ ଜଡିତ । ପୋଡୁ ଚାଷ ମଧ୍ୟ ଆଦିବାସୀର ଖାଦ୍ୟ ନିରାପତ୍ତାକୁ ନିଶ୍ଚିତ କରିଥାଏ । କିନ୍ତୁ ଗତ କେତେ ଦଶକ ହେଲା ପୋଡୁ ଚାଷ ସହ ଅନ୍ୟକାରଣ ହେତୁ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ହୋଇଛି । ପରିସ୍ଥିତି ଏପରି ହୋଇଛି ଯେ ହଜାର ହଜାର ହେକ୍‌ଟର ଜଙ୍ଗଲ ବୃକ୍ଷଲତା ଶୂନ୍ୟ ହୋଇଯାଇଛି । ଏବେ ଆଦିବାସୀ ତାହାର ଜାଳକାଠ ଗାଁ ପାଖରୁ ପାଉ ନାହିଁ । ବେଳେବେଳେ ମାଆମାନଙ୍କୁ ଅଧା ଦିନ ଚାଲି ଚାଲି ଯାଇ ଜାଳକାଠ ସଂଗ୍ରହ କରିବାକୁ ପଡୁଛି । ଏହାଦ୍ୱାରା କେତେଯେ ଶ୍ରମ ନଷ୍ଟ ହେଉଛି, ତାହାର କଳ୍ପନା ନାହିଁ । ଆଦିବାସୀ ଘରେ କି ଖରା, ବର୍ଷା ଓ ଶୀତ ସବୁବେଳେ ନିଆଁ ଜାଳିବାକୁ ପଡିଥାଏ । ଏଥିପାଇଁ ଜାଳକାଠର ଘୋର ଆବଶ୍ୟକତା ପଡିଥାଏ । ଛୋଟଛୋଟ ସହରରେ ବସବାସ କରୁଥିବା ଅଣଆଦିବାସୀମାନେ ଚାହାନ୍ତି ଅଙ୍ଗାର । ଆଦିବାସୀ ଗଛ କାଟି ତାକୁ ଜଙ୍ଗଲରେ ଶୁଖାଏ ଓ ଜାଳିବା ପରେ ଅଙ୍ଗାର ସବୁ ବସ୍ତାରେ ଭର୍ତ୍ତି କରି ସହରରେ ବିକିଥାଏ । କୋରାପୁଟ ଜିଲ୍ଲାର ଅନେକ ଶିଳ୍ପ କାରଖାନା ବିଶେଷ କରି କାଗଜକଳମାନେ ଜଙ୍ଗଲରୁ କାଠ ବାଉଁଶ କାଟନ୍ତି କଞ୍ଚାମାଲ ହିସାବରେ । ଆହୁରି ମଧ୍ୟ ଶିଳ୍ପାୟନ ଓ ଜଳବିଦ୍ୟୁତ୍ ପ୍ରକଳ୍ପ ଏ ଅଞ୍ଚଳରେ ଅନେକ ଜଙ୍ଗଲ ନଷ୍ଟ ହେବାର କାରଣ ହୋଇଛି । ମୂଲ୍ୟବାନ ଗଛ ସବୁ କାଟି ଗୃହୋପକରଣ ତିଆରି କରିବା ବି ଅନେକଙ୍କର ବ୍ୟବସାୟ ହୋଇଯାଇଛି ।

ଆଜି ଯେଉଁଠି ଦେଖିବ ଇୟୁକାଲିପଟାସ୍ ଏବଂ କାଜୁର ଜଙ୍ଗଲ । ଦିନେ ଯେଉଁଠି ପ୍ରାକୃତିକ ଘଞ୍ଚ ଜଙ୍ଗଲ ଥିଲା, ତାହା ଆଜି ପଡିଆ ପଡିଛି ବା ଇୟୁକାଲିପଟାସ୍ ଓ ଆକାଶିଆ ଆଦିର ଜଙ୍ଗଲରେ ପରିଣତ ହୋଇଛି । କାଗଜକଳମାନେ ଆଦିବାସୀ ମାନଙ୍କଠାରୁ ସୁଲଭରେ ଜମିନେଇ ନୀଳଗିରି ବା ଇୟୁକାଲିପଟାସ ଗଛ ହଜାର ହଜାର ଏକରରେ ଲଗାଇଛନ୍ତି । କାଜୁ ଚାଷରେ ଅନେକ ଲାଭ ମିଳୁଥିବାରୁ, କାଜୁଗଛର

Digitized by srujanika@gmail.com

ବଗିଚା ପ୍ରାୟ ପ୍ରତ୍ୟେକ ଗାଁରେ ଶୋଭା ବଢ଼ାଉଛି । ଗୋଟାଏ ହିସାବରୁ ଦେଖା ଯାଇଛି ଯେ ଯାହାର କାଜୁ ବଗିଚା ଚାରିପାଞ୍ଚ ଏକର ଅଛି, ସେ ବେଶ୍ ମୋଟା ଆୟ କରୁଛି । ଏଣୁ ଦେଓମାଳୀ ହେଉ ବା ନାଗେଶ୍ୱରୀ ଗୁମ୍ଫା ହେଉ, ଶାଶୁବୋହୂମାଳୀ ହେଉ ବା ପଞ୍ଚପଟମାଳୀ ହେଉ, ଉପରକୁ ଉଠିଗଲେ ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ କେବଳ ଇୟୁକାଲିପଟାସ୍ ବା କାଜୁଗଛର ଜଙ୍ଗଲ ଦେଖିବାକୁ ମିଳୁଛି । ଯେଉଁଠି ଏକଦା ଘଞ୍ଚ ଶାଳ, ପିଆଶାଳ, ଗମ୍ଭାରୀ ବା ଶିଶୁ ଗଛର ଜଙ୍ଗଲ ଥିଲା ସେଠାରେ ଆଜିର ଦିନରେ ଇୟୁକାଲିପଟାସ ଓ କାଜୁ ଛଡ଼ା ଅନାବନା ଗଛର ମଣିଷକୃତ ଜଙ୍ଗଲ ସୃଷ୍ଟି ହୋଇଛି । ଏହା ହିଁ ହେଉଛି ଆଦିବାସୀମାନଙ୍କର ଆର୍ଥିକ ପତନର ଅନ୍ୟ ଏକ ମୁଖ୍ୟ କାରଣ । ଜଙ୍ଗଲ ନୂତନ ଭାବେ ସୃଷ୍ଟି କରିବା ଓ ସାମାଜିକ ବନୀକରଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଆଜି ପର୍ଯ୍ୟନ୍ତ ବନୀକରଣ କ୍ଷେତ୍ରରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଖର୍ଚ୍ଚ ହୋଇଥିବା ଅର୍ଥ ଓ ଯୋଜନାର ସଫଳତା ଗୁଡିକର ସମୀକ୍ଷା କିରବାର ବେଳ ଆସିଛି । ଜଙ୍ଗଲ କ୍ଷୟ ଜନିତ ଯେଉଁ ସାମାଜିକ, ଆର୍ଥିକ, ପାରିବେଶିକ ଓ ସାଂସ୍କୃତିକ କ୍ଷତି ହୋଇଛି ତାହା ଅକଳନୀୟ । ଜଙ୍ଗଲ କ୍ଷୟ ହେତୁ ଅନେକ ଜମି ଆଜି ପଡିଆ ପଡିଛି । ଭୂଜଳ ସ୍ତର କମିଛି । ବୃଷ୍ଟିପାତରେ ଅନେକ ଅନିଶ୍ଚିତତା ଦେଖା ଦେଇଛି । ଅବିଭକ୍ତ କୋରାପୁଟରେ ଉତାପ ବଢ଼ିଛି । ଅଶୀଦଶକରେ କେଉଁଠି ବିଜୁଳି ପଂଖା ବ୍ୟବହାର ହେଉ ନଥିଲା । ଏବେ ଶୀତ ଦିନେ ମଧ ବିଜୁଳି ପଂଖା ବ୍ୟବହାର କରିବାକୁ ପଡୁଛି । ଜଙ୍ଗଲରୁ ଯେଉଁ 'ବାଇଓମାସ୍' ବା ଜୈବବସ୍ତୁ ବାହାରିଥାଏ ତାହା ଗୁରୁତର ଭାବେ ହ୍ରାସ ପାଇଛି । ଗଛପତ୍ର, ଫୁଲଫଳ, ଘାସ ଏବଂ ଏହାର ପ୍ରାକୃତିକ ଅବକ୍ଷୟ ଯୋଗୁଁ ତିଆରି ହେଉଥିବା ଉର୍ବରକାରକ ବସ୍ତୁ ବା ହ୍ୟୁମସ୍ ଆଉ ମାଟିରେ ମିଶୁନାହିଁ । ଜଙ୍ଗଲ କ୍ଷୟ ଯୋଗୁଁ ଜୈବ ବିବିଧତା ଲୋପ ପାଇବାକୁ ବସିଛି । ଜଙ୍ଗଲ ଆଦିବାସୀକୁ ଦିଏ ଖାଦ୍ୟ, ଘାସ, ଜାଳକାଠ, ଦଉଡି ଓ ପାରିବେଶିକ ସୁରକ୍ଷା । ଏସବୁ ଏବେ ଆଦିବାସୀ ଅଞ୍ଚଳରେ ଜନଜୀବନକୁ ବିପଦଜନକ ସ୍ତରକୁ ପହଞ୍ଚାଇଛି । ଏସବୁକୁ ଲକ୍ଷ୍ୟ କଲେ ଆଦିବାସୀ ଓ ପାହାଡିଆ ଅଞ୍ଚଳରେ ବୃକ୍ଷରୋପଣ ଏକ ଆହ୍ୱାନରେ ପରିଣତ ହୋଇଛି ।

ଏହାକୁ ହୃଦୟଙ୍ଗମ କରି ବୃକ୍ଷରୋପଣ ପାଇଁ ନୂତନ ରଣନୀତି ତିଆରି କରିବାକୁ ହେବ ଆମ ସମସ୍ତଙ୍କୁ । ବନୀକରଣ ଓ ବୃକ୍ଷରୋପଣ କେବଳ ସରକାରଙ୍କ ଜଙ୍ଗଲ

Digitized by srujanika@gmail.com

ବିଭାଗର ଦାୟିତ୍ୱ ନୁହେଁ, ଏଥିରେ କେମିତି ପଞ୍ଚାୟତ, ସାମାଜିକ ଅନୁଷ୍ଠାନ, ମହିଳା ସଂଗଠନ ଓ ଗ୍ରାମବାସୀଙ୍କ ସହଭାଗୀତା ରହିବ ଏକଥା ହିଁ ସବୁର ମୂଳରେ ବୋଲି ସ୍ୱୀକାର କରିବାକୁ ହେବ । କୋରାପୁଟ ଜିଲ୍ଲା ହେଉ କି ଅନ୍ୟ ଅଞ୍ଚଳ ହେଉ, ଯେଉଁଠାରେ ଜଙ୍ଗଲ ସୁରକ୍ଷା ସଫଳତାର ସହ କରାଯାଇପାରିଛି ବା ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଇତିହାସ ହୋଇଯାଇନାହିଁ, ସେଠାରେ ଏଇ ସହଭାଗୀତା ହିଁ କେନ୍ଦ୍ରବିନ୍ଦୁ । ମୟୂରଭଞ୍ଜ ହେଉ କି ମୋଟୁ ହେଉ, ଏସବୁ ସ୍ପଷ୍ଟ ଲକ୍ଷ୍ୟ କରିହେଉଛି । ତେବେ ଏ ସହଭାଗୀତା କାହିଁକି ସବୁଆଡେ ସମ୍ଭବ ହେବ ନାହିଁ ? ଜଙ୍ଗଲର ଅବକ୍ଷୟ କାହିଁକି ଦିନକୁ ଦିନ ବଢ଼ିଚାଲିଛି ? ଓଡ଼ିଶାର ସମଗ୍ର ଆୟତନ ୧୫୫୭୦୭ବର୍ଗ କି.ମି.ରୁ ପ୍ରାୟ ୫୮,୧୩୬ ବର୍ଗ କିଲୋମିଟର ହେଉଛି ବନାଞ୍ଚଳ । କିନ୍ତୁ ଅସଲରେ ବନାଞ୍ଚଳର ଆୟତନ ଆହୁରି କମ୍ । ବର୍ଷକୁ ବର୍ଷ ଏହା କମିବାରେ ଲାଗିଛି । ଏହାକୁ ଛାଡି କୃଷି ଭିତ୍ତିକ ଜଙ୍ଗଲ, ଫଳ ଉଦ୍ୟାନ, ବାଡ଼ି ବଗିଚାରେ ଥିବା 'ବାଇଓ ମାସ୍'ର ଗୁରୁତ୍ୱ ଆଦିବାସୀ ଅଞ୍ଚଳରେ ଖୁବ୍ ଅନେକ । ଆଦିବାସୀ ଜଙ୍ଗଲ କାଟିବାକୁ କାନ୍ଧରେ ଟାଙ୍ଗିଆ ଧରି ବୁଲିବାର ଦୃଶ୍ୟ ଯେତିକି ଦେଖୁଛି, ଆମ୍ବ, ପଣସ, ତେନ୍ତୁଳି ଆଦି ଗଛକୁ ବଞ୍ଚାଇବାକୁ ସେତିକି ତତ୍‌ପରତା ମଧ୍ୟ ଦେଖାଇଛି । ମୋଟ ଉପରେ ଆଦିବାସୀ ଗଛଲତାକୁ ସମ୍ମାନ ଦେଇଛି । ପୂଜା କରିଛି ବିଭିନ୍ନ ବାଟରେ । ଔଷଧ ତିଆରି କରୁଛି ଗାଁର ଦିସାରୀ । ଆଦିବାସୀ ଅଞ୍ଚଳରେ ପଶୁପାଳନ ଏଇ ଜଙ୍ଗଲ ସମ୍ପଦ ଉପରେ ନିର୍ଭର କରୁଛି । ଏଣୁ ବର୍ତ୍ତମାନ ବୃକ୍ଷରୋପଣ ଉପରେ ଆଦିବାସୀର ଭବିଷ୍ୟତ ବଞ୍ଚି ରହିଛି । ଗୋଟାଏ ଉଦାହରଣରୁ ଦେଖାଯାଇଛି ଯେ ଜଙ୍ଗଲ ସୁରକ୍ଷା କିରବା ହେତୁ ଆଦିବାସୀ ଉପାସରେ ରହୁନାହିଁ । କନ୍ଧମାଳ ଜିଲ୍ଲାରେ ଯେକୌଣସି ଆଦିବାସୀ ଗାଁରେ ଏହା ସହଜରେ ପରିଲକ୍ଷିତ ହେଉଛି ।

ପ୍ରତ୍ୟେକ ଗରିବ ଆଦିବାସୀ ଓ ଦଳିତମାନେ ସେମାନଙ୍କର କିପରି 'ବାଇଓମାସ' ବା 'ଜୈବସମ୍ପଦ'ର ଅଭିବୃଦ୍ଧି କରିବେ ଏହା ବିଚାରକୁ ନେବାର ଅଛି । ସାରା ପୃଥିବୀରେ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଯେଉଁ କେତେଜଣ ସୁନାମ ଅର୍ଜନ କରିଛନ୍ତି ତାଙ୍କ ଭିତରେ ଅଛନ୍ତି କେନିୟାର ନୋବେଲ୍ ପୁରସ୍କାର ବିଜେତା ଡକ୍ଟର ୱାଙ୍ଗାରୀ ମାଥାଇ (Dr. Wangari Mathai) । ଆଜି ସେ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଗ୍ରୀନ୍ ବେଲ୍‌ଟ ମୁଭ୍‌ମେଣ୍ଟ' (Green Belt Movement) ସାରା ପୃଥିବୀରେ ପରିଚିତ । ଜଣେ ନିଷ୍ଠାପର ମଣିଷ ଓ ପରିବେଶ ସୁରକ୍ଷା ଦିଗରେ ଅଭୂତପୂର୍ବ

Digitized by srujanika@gmail.com

ସଫଳତା ପାଇଁ ତାଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ମିଳିଛି ୨୦୦୪ ମସିହାରେ । ୧୯୭୭ ମସିହାରେ ସେ ପ୍ରତିଷ୍ଠା କରିଥିଲେ ' ଗ୍ରୀନ୍ ବେଲ୍‌ଟ ମୁଭ୍‌ମେଣ୍ଟ' ଯାହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା କେନିୟାର ହଜାର ହଜାର ମହିଳା ସଂଗଠନଙ୍କ ସମ୍ମିଳିତ ଉଦ୍ୟମରେ ବୃକ୍ଷରୋପଣ କରିବା । ଘରୋଇ ଜମି ହେଉ କି ସରକାରୀ ଜମି ହେଉ, ସ୍ଥାନୀୟ ଗଛମାନଙ୍କୁ ଲଗାଇ ମୃତ୍ତିକାକ୍ଷୟ ପରିବେଶର ବିନାଶ ଓ ସାମାଜିକ ଏବଂ ଆର୍ଥିକ ଶୋଷଣ ଆଦିରୁ ଲୋକମାନଙ୍କୁ ସୁରକ୍ଷା ଦେବା ତାଙ୍କର ଚରମ ଲକ୍ଷ୍ୟ ଥିଲା । ବର୍ତ୍ତମାନ ସୁଦ୍ଧା ବିକେନ୍ଦ୍ରୀକରଣ ହୋଇଥିବା ନର୍ସରୀ ପ୍ରତିଷ୍ଠା କରି ସେ ପ୍ରାୟ ତିନିକୋଟି ବୃକ୍ଷରୋପଣ କରିଛନ୍ତି । ପ୍ରାୟ ଏକ ଲକ୍ଷ ମହିଳାଙ୍କର ଜୀବନ ଜୀବିକାର ସୁରକ୍ଷା ଏହା ଦ୍ୱାରା ହୋଇପାରିଛି । ତାଙ୍କର ବୃକ୍ଷରୋପଣ ଅଭିଯାନରେ ଲକ୍ଷ ଲକ୍ଷ ଛାତ୍ର ସାମିଲ୍ ହୋଇଛନ୍ତି । ପ୍ରତ୍ୟେକ ସ୍କୁଲ ପରିସର ଭିତର ଲଗାଯାଇଛି ଲକ୍ଷ ଲକ୍ଷ ଗଛ । ୫୦ହଜାର ପରିବାରଙ୍କୁ ତାଙ୍କର ବିଲ ବାଡିରେ ଗଛ ଲଗାଇବା ପାଇଁ ଅନୁପ୍ରେରିତ କରାଯାଇଛି ।

ତାଙ୍କର ପଦ୍ଧତି ଥିଲା ଅଦ୍ୱିତୀୟ । ପ୍ରଥମେ ସେ ଗୋଟାଏ ନର୍ସରୀ ପ୍ରତିଷ୍ଠା କରିଥିଲେ ଓ ଗାଁର ସ୍ଥାନୀୟ ବୃକ୍ଷଲତାଙ୍କ ଉପାଦେୟତା ଲୋକଙ୍କୁ ବୁଝାଇ ଥିଲେ । ଗାଁରେ ରହୁଥିବା ଫରେଷ୍ଟରଙ୍କ ସହାୟତାରେ ଗାଁର ମହିଳାମାନଙ୍କୁ ଚାରା ଉତ୍ପାଦନ ପାଇଁ ପ୍ରଶିକ୍ଷଣ ଦେଉଥିଲେ । ମହିଳାମାନେ ଏତେ ପରିମାଣର ଆଗ୍ରହ ଏ କ୍ଷେତ୍ରରେ ପ୍ରଦର୍ଶନ କରିଥିଲେ ଯେ ଫରେଷ୍ଟରମାନେ ଭାବୁଥିଲେ ତାଙ୍କର ଚାକରୀ ଆଉ ରହିବ ନାହିଁ । ପ୍ରବଳ ଅସହିଷ୍ଣୁଭାବ ସୃଷ୍ଟି ହୋଇଥିଲା । କିନ୍ତୁ ୱାଙ୍ଗାରୀ ମାଥାଇ ଏହାକୁ ଭ୍ରୂକ୍ଷେପ କରିନଥିଲେ । କିନ୍ତୁ ନର୍ସରୀରୁ ଚାରା ଉତ୍ପାଦନ ଓ ବୃକ୍ଷରୋପଣ ଏତେ ସଫଳତା ଆଣି ଦେଇଥିଲା ଯେ ଏଇ ଅସହିଷ୍ଣୁ ଫରେଷ୍ଟରମାନେ ପୁଣି ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ । ବିଭିନ୍ନ ମହିଳା ଦଳମାନେ ସାମିଲ ହେବାକୁ ଆଗେଇ ଆସିଲେ ଓ ସେମାନଙ୍କ ସଂଖ୍ୟା ୬୦୦୦ଟପିଗଲା । ଏଇ ମହିଳା ଦଳମାନେ କେବଳ ବୃକ୍ଷରୋପଣରେ ବ୍ୟସ୍ତ ନଥିଲେ, ସେମାନେ ଏକାଧାରରେ ଜମିର ସୁପରିଚାଳନା, ଜୈବିକ କୃଷି ଆଦି କ୍ଷେତ୍ରରେ ପ୍ରଶିକ୍ଷଣ କରିଥିଲେ । ଏହା ଗ୍ରୀନ୍ ବେଲ୍‌ଟ ମୁଭମେଣ୍ଟକୁ ଆହୁରି ଦୃଢ଼ ଓ ସମୃଦ୍ଧ କରିଥିଲା । ବୃକ୍ଷରୋପଣର ଦୀର୍ଘ ମିଆଦୀ ଲାଭ ମହିଳାମାନଙ୍କୁ ମିଳିବାକୁ ଆରମ୍ଭ କରିଥିଲା । ନିର୍ମଳ ପବନ, ସୁପରିବେଶ, ବିଶୁଦ୍ଧ ପାନୀୟଜଳ ସହ ଜୀବନ ଜୀବିକାର ଉନ୍ନତମାନ ମିଳିଥିଲା ସମସ୍ତଙ୍କୁ । ଏହା

Digitized by srujanika@gmail.com

ସହିତ ଆସିଥିଲା ମାଆମାନଙ୍କ ମନରେ ଆତ୍ମ ବିଶ୍ୱାସ । ସେମାନେ ସବୁ ନିଷ୍ପତ୍ତି ପ୍ରକ୍ରିୟାରେ ଭାଗ ନେଇଥିଲେ । ସାମାଜିକ, ଆର୍ଥିକ ଓ ରାଜନୈତିକ କର୍ମଚିନ୍ତନ ଖୁବ୍ ସହଜ ହୋଇଥିଲା । ଯେତେପ୍ରକାର ଲିଙ୍ଗଗତ ଶୋଷଣ ଓ ବିଭେଦ ଥିଲା ତାହା ଦୂର ହେବାକୁ ଲାଗିଲା । କେନିୟାରେ ମହିଳାମାନଙ୍କ ସଶକ୍ତିକରଣ ଆଫ୍ରିକାର ଅନ୍ୟ ଦେଶମାନଙ୍କୁ ବ୍ୟାପିବାରେ ଲାଗିଲା । ମୋତେ ୨୦୦୬ ମସିହାରେ କେନିୟାରେ 'ବିଶ୍ୱ ସଂରକ୍ଷଣ କୃଷି' ଉପରେ ଯେଉଁ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜିତ ହୋଇଥିଲା, ସେଥିରେ ଭାଗନେବାକୁ ସୁଯୋଗ ମିଳିଥିଲା । ଏ ସମ୍ମିଳନୀରେ ଶ୍ରୀମତୀ ଡକ୍ଟର ୱାଙ୍ଗାରୀ ମାଥାଇ ଯଦିଓ ନଥିଲେ, ପ୍ରତ୍ୟେକ ଆଫ୍ରିକୀୟ ଦେଶ ତାଙ୍କର ସଫଳତା ଓ ଗୌରବ କଥା ଆଲୋଚନା କରୁଥିଲେ ।

ପ୍ରତ୍ୟେକ ଆଦିବାସୀ ଅଞ୍ଚଳରେ ଡକ୍ଟର ୱାଙ୍ଗାରୀ ମାଥାଇଙ୍କ ଭଳି ନେତୃତ୍ୱ ଓ ସମ୍ବେଦନଶୀଳ ମହିଳାଙ୍କର ଆବଶ୍ୟକ ରହିଛି ବୋଲି ମୁଁ ବହୁବାର ଅନୁଭବ କରୁଛି । ମାଆମାନେ ନର୍ସରୀ କରିବେ, ଲଣ୍ଡା ପାହାଡରେ ଗଛ ଲଗାଇବେ, ଗଛର ଫଳମୂଳ ସହିତ ଜମିର ଅଧିକାର ହାତକୁ ନେବେ ଏହା ଆଦିବାସୀ ଅଞ୍ଚଳର ଅନେକ ସମସ୍ୟା ସମାଧାନ କରିବାର ରାସ୍ତା ଉନ୍ମୋଚନ କରିବ । ଏବେ କାଜୁ ଗଛର ଚାହିଦା ଆଦିବାସୀ ଅଞ୍ଚଳରେ ବଢ଼ିଛି କାରଣ କାଜୁ ଗଛରୁ ଗୋଟାଏ ପରିବାର ପ୍ରାୟ ଦଶହଜାର ଟଙ୍କା ବର୍ଷକୁ ଆୟ କରୁଛି । ଏଥିପାଇଁ ଆଦିବାସୀ ମହିଳାମାନେ ଏବେ କାଜୁ ଗଛ ଲଗାଇବାକୁ ଖୁବ୍ ଆଗ୍ରହ ଦେଖାଇଛନ୍ତି । ଆମର ସରକାରୀ ବିଭାଗମାନେ, ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନମାନେ ଏମାନଙ୍କୁ ଅଧିକ ପ୍ରୋତ୍ସାହନା ଦେବାର ଆବଶ୍ୟକତା ଅଛି । ଯେଉଁ ଜମିରେ କାଜୁ ଲଗାଯିବ, ସେ ଜମିର ଅଧିକାର ମଧ୍ୟ ଆଦିବାସୀ ମାଆମାନଙ୍କୁ ମିଳିବାର ଅଛି । କାଜୁ ବଗିଚାମାନଙ୍କୁ ନେଇ ରାଜନୀତି ଆଗରୁ ଚାଲିଆସିଛି । ଓଡ଼ିଶା ସରକାରଙ୍କ ଜଣେ ପଦସ୍ଥ ଅଫିସରଙ୍କ ଆନ୍ତରିକ ଉଦ୍ୟମ ଫଳରେ ବର୍ତ୍ତମାନ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି ଯେ କାଜୁ ବଗିଚାର ଅଧିକାର ଆଦିବାସୀମାନଙ୍କୁ ଦିଆଯିବ । ଏ ଅଫିସର ଜଣକ ଏକଦା ଅବିଭକ୍ତ କୋରାପୁଟର ଜିଲ୍ଲାପାଳ ଥିଲେ ଓ ଆଦିବାସୀମାନଙ୍କର ଅସଲ ସମସ୍ୟା ବୁଝୁଥିଲେ ।

□□□

Digitized by srujanika@gmail.com

୪୫

ଶେଷ କଥା ନୁହେଁ

ବର୍ଷ ପୂରି ଆସୁଛି ଓ ମୋ କଥାଟି ସରି ଆସୁଛି । କିନ୍ତୁ ସତରେ କ'ଣ ଏକଥା ଶେଷ ହୋଇଯିବ ? ଆଜି ମୋର ଅନେକ ବର୍ଷ ତଳର କଥା ମନେପଡୁଛି । ହଲାଣ୍ଡର ଏକ ପ୍ରଖ୍ୟାତ ଅନୁଷ୍ଠାନରେ ମୁଁ ଅଧ୍ୟୟନରତ ଥିବାବେଳେ ମୋର ସହଧ୍ୟାୟୀ ଥିଲେ ଶ୍ରୀଲଙ୍କାର ଜଣେ ପ୍ରତିଷ୍ଠିତ ଓକିଲ ଓ ମାନବାଧିକାର ସୁରକ୍ଷା ପାଇଁ ଲଢୁଥିବା ମଣିଷ । ସେ ଜଣେ ଉଗ୍ର ଟ୍ରଟ୍‌ସ୍କିପନ୍ଥୀ ଥିଲେ । ଅନେକ ଦିନ ଧରି ତାଙ୍କ ସହ ଆମର ଯୁକ୍ତି କଟାକଟି ଚାଲିଥିଲା । ଆମେ ଗାନ୍ଧୀଙ୍କ ନାମ ଉଚ୍ଚାରଣ କରିବା ମାତ୍ରକେ ସେ ନିଜର ଉଗ୍ର ପ୍ରତିବାଦ ପ୍ରଦର୍ଶନ କରୁଥିଲେ । ଟ୍ରଟ୍‌ସ୍କି ସୋଭିଏତ୍ ଋଷିଆର ଜଣେ କମ୍ୟୁନିଷ୍ଟ ନେତା ଓ ବୁଦ୍ଧିଜୀବୀ ଥିଲେ ଓ ବିଖ୍ୟାତ ଲେନିନ୍‌ଙ୍କ ସହ ସେ ଋଷୀୟ ବିପ୍ଳବରେ ଜଣେ ଦୁଃସାହସିକ ସୈନିକ ଥିଲେ । ଲେନିନ୍‌ଙ୍କ ପରେ ଷ୍ଟାଲିନ୍ କ୍ଷମତାକୁ ଆସିଲେ ଓ ଟ୍ରଟ୍‌ସ୍କିଙ୍କୁ ଦେଶାନ୍ତରୀ ହେବାକୁ ପଡିଥିଲା । ଷ୍ଟାଲିନ୍ ଟ୍ରଟ୍‌ସ୍କିଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରିଥିଲେ । ଟ୍ରଟ୍‌ସ୍କି କମ୍ୟୁନିଜିମ୍‌ର ଜଣେ ତତ୍ତ୍ୱବାଦୀ ବା 'ଆଇଡୋଲୋଗ୍' (Ideologue) ଥିଲେ ଓ ତାଙ୍କ ମତ ଥିଲା ଯେ ବୁଦ୍ଧିଜୀବୀମାନେ ଅସଲ ନେତୃତ୍ୱ ଦେଇ ପାରିବେ । ଶ୍ରୀଲଙ୍କାର ଏଇ ବନ୍ଧୁଜଣକ ଆମକୁ ଏଇ କଥା ସବୁବେଳେ କହୁଥିଲେ ଯେ ତାଙ୍କ ଭଳି ବ୍ୟକ୍ତି ହିଁ ନେତୃତ୍ୱ ନେବା ପାଇଁ ଯୋଗ୍ୟ । ପୃଥିବୀର ବୁଦ୍ଧିଜୀବୀ ଗୋଷ୍ଠୀ କୁଆଡେ ନେତୃତ୍ୱର ଏକଚାଟିଆ ଅଧିକାର ଜାହିର୍ କରି ଆସୁଛନ୍ତି । ଆମେ ମାଟିକାଦୁଅରେ ଗଢ଼ା ସାଧାରଣ ମଣିଷଙ୍କୁ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଲା ମାତ୍ରକେ ସେ ବିରୋଧାଭାସ ପ୍ରକଟ କରୁଥିଲେ । କିନ୍ତୁ ରାଜନୈତିକ ରଙ୍ଗ ମଞ୍ଚରେ ସାଧାରଣ ମଣିଷଙ୍କ ସ୍ଥିତି କ'ଣ ? ଜବାହରଲାଲ୍ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ମୋତେ 'ସବ୍ ଆଲ୍‌ଟର୍ଣ୍ଣ' (Sub Altern) ବହି ସିରିଜ୍ ପଢ଼ିବାକୁ ଉତ୍ସାହିତ କରୁଥିଲେ । ଗରିବ ଓ ଶୋଷିତମାନଙ୍କୁ ନେଇ ଇତିହାସ ଓ ଭୂଗୋଳ, ସଂସ୍କୃତି ଓ ସାହିତ୍ୟ ନୂତନ

Digitized by srujanika@gmail.com

ଢ଼ଙ୍ଗରେ ଲେଖିବା କଥା । କିନ୍ତୁ 'ସବ୍ ଆଲ୍‌ଟର୍ଣ୍ଣ' ମାନଙ୍କ କଥା ମଧ୍ୟବର୍ଗୀୟମାନେ ହିଁ ଲେଖିଥାନ୍ତି । ଇଟାଲୀର କମ୍ୟୁନିଷ୍ଟ ଲେଖକ ଗ୍ରାମ୍‌ସୀ 'ସବ୍ ଆଲ୍‌ଟର୍ଣ୍ଣ' ଶବ୍ଦର ପ୍ରଣେତା ବୋଲି ମୁଁ ତାଙ୍କ ଠାରୁ ପ୍ରଥମେ ଜାଣିଥିଲି । 'ଓଡ଼ିଆ ଅର୍ଥଶାସ୍ତ୍ରୀ'ଙ୍କ ଭିତରେ ଖ୍ୟାତି ଅର୍ଜନ କରିଥିବା ପ୍ରଫେସର୍ ନୀଳକଣ୍ଠ ରଥ ମୋତେ କେତେଥର କହିଛନ୍ତି ଯେ ଓଡ଼ିଶାରେ ଆଦିବାସୀ ଓ ହରିଜନମାନଙ୍କର ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ଶତକଡ଼ା ଚାଳିଶ ଭାଗ ହେଲେ ବି ଆମ ରାଜ୍ୟ ଛଡ଼ା ଅନ୍ୟ ରାଜ୍ୟମାନଙ୍କରେ ଦଳିତ ସାହିତ୍ୟ ସମୃଦ୍ଧି ହୋଇ ଦେଶବିଦେଶରେ ନାଁ କମାଇଛି । ଓଡ଼ିଶାରେ ଦଳିତମାନଙ୍କର ସାହିତ୍ୟ ସୃଷ୍ଟି ହେଉ ବୋଲି ସେ ନିଜେ ଅଣ୍ଟା ଭିଡିଛନ୍ତି । ଆଦିବାସୀ ନେତ୍ରୀ ଶ୍ରୀମତୀ ସୁମନୀ ଝୋଡିଆ ଓ ଦଳିତ ସମାଜସେବୀ ଶ୍ରୀ ନିଶାକର ଦାସଙ୍କ ଦ୍ୱାରା ପ୍ରସ୍ତୁତ ବହିକୁ ସେ ନିଜେ ନିଜ ଖର୍ଚ୍ଚରେ ପ୍ରକାଶିତ କରିଛନ୍ତି । ଏସବୁ କଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି ଯେ ଗରିବ ଓ ଅବହେଳିତମାନେ ଏ ଦେଶରେ ନିଜ କଥା ସବୁବେଳେ ଲେଖୁ ନାହାନ୍ତି ବା ଲେଖି ପ୍ରକାଶିତ ହେବାର ସୁଯୋଗ ପାଉନାହାନ୍ତି । ସେମାନଙ୍କର କଥା ଓ କାହାଣୀକୁ ଲେଖି ମୋଭଳି ଅନେକ ସମ୍ଭବତଃ ଆତ୍ମ ସନ୍ତୋଷ ଲାଭ କରୁଛନ୍ତି ।

ମୁଁ ନିଜକୁ ବାରମ୍ବାର ପ୍ରଶ୍ନ କରିଛି ଯେ ମାଟିକାଦୁଅର ମଣିଷମାନଙ୍କର କଥା ଲେଖିବାର ମୋର ନୈତିକ ଅଧିକାର ଅଛି କି ? ମୁଁ ନିଜେ ସେମାନଙ୍କ ଭିତରୁ ଜଣେ କେବେହେଲେ ନୁହେଁ । ମୁଁ କେବେ କ୍ଷୁଧାର ଜ୍ୱାଳା ଅନୁଭବ କରିନାହିଁ । ମୁଁ ଯେତେଚେଷ୍ଟା କଲେ ବି ସେମାନଙ୍କର ଜୀବନ ଜୀବୀକାର ସଂଗ୍ରାମରେ ଆଗଧାଡିରେ ରହିପାରିବି ନାହିଁ । ଏକଥା ବାରମ୍ବାର ମନକୁ ଆସେ ଯେ ଜଣେ ଅଭିନେତା ବାସ୍ତବରେ ରୋଗୀ ହୋଇପାରିବ ନାହିଁ ବା ଜଣେ ପ୍ରକୃତ ରୋଗୀ କେବେହେଲେ ଅଭିନୟ କରିପାରିବ ନାହିଁ । କିନ୍ତୁ ମୁଁ ଜଣେ ଅଭିନେତା ନୁହେଁ ବା ଜଣେ ରୋଗୀ ନୁହେଁ । କିନ୍ତୁ ସବୁକିଛି ଗଭୀର ଚେତନାର ଅଭିପ୍ରେତ ନୁହେଁ ତ କ'ଣ ? ବିଖ୍ୟାତ ଚିତ୍ରକର ଭିନ୍‌ସେଣ୍ଟ ଭାନ୍ ଗଗ୍ (Vincent Van Gogh)ଙ୍କ ଜୀବନ କାହାଣୀ ପଢ଼ିଲେ ଜଣେ ଜାଣିପାରିବ ଯେ ବେଲ୍‌ଜିଅମ୍‌ର କୋଇଲାଖଣିରେ ଶ୍ରମିକମାନଙ୍କୁ ପ୍ରାର୍ଥନା ସଭାରେ ଭଗବାନଙ୍କ ବାଣୀ ଶୁଣାଇଲା ବେଳେ ସେଠାକାର ବରଫାବୃତ ପରିବେଶରେ ଲକ୍ଷ୍ୟ କରିଛନ୍ତି ସେମାନଙ୍କୁ । କାହା ଦେହରେ ଯଥେଷ୍ଟ ଗରମ ପୋଷାକ ନାହିଁ ତ କାହା ଘରେ ପେଟଭରି ଖାଇବାକୁ ନାହିଁ । ସେ ନିଜକୁ ପ୍ରଶ୍ନ କରିଛନ୍ତି ଯେ ଏମାନଙ୍କୁ

Digitized by srujanika@gmail.com

ଭଗବାନଙ୍କ ଦିବ୍ୟବାଣୀ ଶୁଣାଇବାର ଅଧିକାର ତାଙ୍କର ଅଛି କି ? ଏହାର ଉତ୍ତରରେ ସେ ନିଜର ସବୁ ଗରମ ପୋଷାକ ଶ୍ରମିକମାନଙ୍କ ଭିତରେ ବିତରଣ କରିଛନ୍ତି । ସେମାନଙ୍କୁ ଲକ୍ଷ୍ୟ କରି ସେ ଅଙ୍ଗାରରେ ତାଙ୍କ ଜୀବନର ପ୍ରଥମ ଚିତ୍ର ଆଙ୍କିଛନ୍ତି । ମିଞ୍ଜି ମିଞ୍ଜି ଆଲୁଅରେ ରାତ୍ରି ଭୋଜନରେ ସିଝା ଆଳୁ ଖାଉଥିବା ମଣିଷମାନଙ୍କର ଯେଉଁ ଛବି ଉପସ୍ଥାପନା କରିଛନ୍ତି ତାହା ଆଜି ବିଶ୍ୱର ସବୁଠାରୁ ମୂଲ୍ୟବାନ ପେଣ୍ଟିଂ ବୋଲି ଗ୍ରହଣକରାଯାଇଛି । "ବଞ୍ଚିବାର ତୀବ୍ର କାମନା" ବା "ଲଷ୍ଟ ଫର ଲାଇଫ୍" ଥିବାରୁ ଭାନ୍ ଗଗ୍ ସୃଷ୍ଟି କରିଛନ୍ତି ଚମତ୍କାର ଚିତ୍ରସବୁ । ସେଇଭଳି ଜୀବନ ଯନ୍ତ୍ରଣା କାହାର ଅଛି ? ଆମର ଲେଖକମାନେ ବେଶ୍ ଅଭିନୟ କରିପାରିନ୍ତି । ସବୁ ସୁଖ ସ୍ୱାଚ୍ଛନ୍ଦ୍ୟରେ ଥାଇ ସେମାନେ ଗରିବଙ୍କ କଥା ଲେଖନ୍ତି । ଆମର ନେତା ଓ ଅମଲାମାନେ ଗରିବଙ୍କ ପାଇଁ ବେଶ୍ କୁମ୍ଭୀର କାନ୍ଦଣା କାନ୍ଦିପାରନ୍ତି । ମୁଁ ଲକ୍ଷ୍ୟ କରୁଛି ଯେ ଯେଉଁମାନେ ତଥାକଥିତ ଗରିବଙ୍କ ପ୍ରତି ସମ୍ବେଦନଶୀଳ, ସେମାନେ ବିରିୟାନୀ ବା କବାବ୍ ଖାଇବାକୁ ଉଚ୍ଛନ୍ନ ହେଉଛନ୍ତି । ସେମାନଙ୍କ ବେଶଭୂଷାରେ ଶିଳ୍ପପତିଙ୍କ ଛାପ ଓ ଦେହରେ ପୁଞ୍ଜିବାଦୀଙ୍କ ଗନ୍ଧ । ସବୁକିଛି ପ୍ରହସନ ନୁହେଁତ ଆଉ କ'ଣ ?

ଏ ସ୍ତମ୍ଭରେ ମାଟି କାଦୁଅର ମଣିଷଙ୍କ ପାଇଁ ଦରଦୀ ହୋଇ ଲେଖିଥିବା ଖ୍ୟାତନାମା ଲେଖକ ସ୍ୱର୍ଗତ ଶ୍ରୀ ଗୋଦାବରୀଶ ମହାପାତ୍ର ଓ ସ୍ୱର୍ଗତ ଶ୍ରୀ ଅନନ୍ତ ପଟ୍ଟନାୟକଙ୍କ ବିଷୟରେ ପଦେ ଅଧେ ଲେଖିଥିଲି । କିନ୍ତୁ ବିଶିଷ୍ଟ ଲେଖକ ଶ୍ରୀ ଭଗବତୀ ପ୍ରାଣିଗ୍ରାହୀ, କବି ଶ୍ରୀ ମନମୋହନ ମିଶ୍ର, ଶ୍ରୀ ସଚି ରାଉତରାୟ, ଶ୍ରୀ ରବି ସିଂ ଆଦିଙ୍କ ବିଷୟରେ ବି କେଇ ଧାଡି ଲେଖିବା ସମ୍ଭବ ହେଲା ନାହିଁ । ବନ୍ଧୁ ଓ ସମଧର୍ମୀ ଶ୍ରୀ ପ୍ରଫୁଲ୍ଲ ବେହେରା ଏଇ ଲେଖକମାନଙ୍କର ଅନେକ କୃତି ଓ ସମାଲୋଚନା ଆଣି ଦେଇଛନ୍ତି ପଢ଼ିବା ପାଇଁ । ମୋର ଆଶା ଅଛି ଏମାନଙ୍କୁ ଦିନେ ନା ଦିନେ ଖୁବ୍ ଗୁରୁତ୍ୱର ସହ ପଢ଼ିବି ଓ କେଇପଦ ଲେଖିବି । ଅବଶ୍ୟ ଏମାନେ ମାଟି କାଦୁଅର ମଣିଷଙ୍କ ଗହଣରେ ରହିଛନ୍ତି ଓ ସେମାନଙ୍କର ଜୀବନ ଯନ୍ତ୍ରଣାକୁ ଅଙ୍ଗେ ନିଭାଇଛନ୍ତି । ସେମାନଙ୍କ ଲେଖନୀ ନିଃସୃତ ବହିଗୁଡିକ ବୁର୍ଜୁଆ ବା ମଧ୍ୟବର୍ଗୀୟ ଚିନ୍ତାର ଝଲକ ନୁହେଁ । ମୁଁ ସେମାନଙ୍କୁ କେବେହେଲେ ହସ୍ତୀଦାନ୍ତ ନିର୍ମିତ ପ୍ରାସାଦରେ ରହୁଥିବା ଲେଖକଙ୍କ ସହ ତୁଳନା କରିବି ନାହିଁ ବା ପଳାତକ ବୋଲି ଭାବିବି ନାହିଁ । ମୁଁ କେବେହେଲେ ନୂଆ ପୀଢ଼ିର ଲେଖକମାନଙ୍କ ସହ ତାଙ୍କୁ ତୁଳନା କରିବି ନାହିଁ । ଓଡ଼ିଶାର ଜଣେ ଔପନ୍ୟାସିକ ନକ୍ସଲ୍ ପନ୍ଥୀଙ୍କ ଉପରେ ଉପନ୍ୟାସଟିଏ ଲେଖିଛନ୍ତି ।

Digitized by srujanika@gmail.com

ମୋର ଘୋର ସନ୍ଦେହ ଯେ ସେ ନକ୍‌ସାଲ୍‌ବାଦ ବିଷୟରେ ନା କିଛି ପଢ଼ିଛନ୍ତି ନା ସେମାନଙ୍କ ଗହଣରେ ରହିଛନ୍ତି । ବିଶ୍ୱ ସାହିତ୍ୟରେ ଯେଉଁମାନେ ଅମର ସାହିତ୍ୟ ସୃଷ୍ଟି କରିଛନ୍ତି, ସେମାନେ ଲୋକଙ୍କ ଭିତରେ ସବୁବେଳେ ରହିଛନ୍ତି ଓ ସାଧାରଣ ମଣିଷଙ୍କ ଭଳି ଜୀବନ କାଟିଛନ୍ତି । ସ୍ୱପ୍ନବିଳାସୀ ଓମର ଖୟାମ ହେବାକୁ ଏମାନେ କେବେ ଚେଷ୍ଟା କରିନାହାନ୍ତି । ସାର୍ବଜନୀନ ସାହିତ୍ୟ କହିଲେ ଏଇ ଅମରକୃତିକୁ ବୁଝାଏ । ମୋର ଅବଚେତନ ମନରେ ବାରମ୍ବାର ପ୍ରଶ୍ନ ଉଠିଛି ଯେ ମାଟି କାଦୁଅର ମଣିଷମାନଙ୍କର ମନ ଛୁଇଁଥିବା ଲେଖା କେମିତି ଲେଖାଯିବ । ଏସବୁ ଜୀବନଧର୍ମୀ ଓ ବାସ୍ତବବାଦୀ ସୃଜନାତ୍ମକ ଲେଖନୀ ଚାଳନା ପାଇଁ ସେମାନଙ୍କ ଭିତରେ ରହିବାକୁ ପଡିବ ନିଶ୍ଚିତ ଭାବେ । ସେମାନେ ବୁଝୁଥିବା ଭାଷା ଓ ସଂପ୍ରୀତିକୁ ଆପଣାର କରିବାକୁ ହେବ । ଆବଶ୍ୟକ ପଡିଲେ ଭୁକ୍ତଭୋଗୀ ହେବାକୁ ହେବ । ସେମାନଙ୍କର ସୁଖ ଦୁଃଖରେ ଭାଗୀ ହେବାକୁ ହେବ । ଆହୁରି ମଧ୍ୟ ବୌଦ୍ଧିକତାର ପଞ୍ଜୁରୀ ଭିତରୁ ନିଜକୁ ମୁକୁଳାଇବାକୁ ହେବ ।

କେତୋଟି ଘଟଣା ମୋ ଭିତରେ ସୃଷ୍ଟି କରିଛି ଦୁଃଖ ଓ ଯନ୍ତ୍ରଣା । ସେମାନଙ୍କୁ ବର୍ଣ୍ଣନା କରି ପାଠକମାନଙ୍କ ପାଖରେ କିଛି ଉପସ୍ଥାପନା କରିବାର ଆଶା ମୋର ସବୁବେଳେ ବଳବତ୍ତର ରହିଛି । କାଶୀପୁରରେ 'ମାଇକଞ୍ଚ' ଗୁଳିକାଣ୍ଡପରେ ସେଠାରେ ଏକ ମସ୍ତବଡ଼ ଆମ୍ବତୋଟା କାଟି ଜେଲ୍ ନିର୍ମାଣ କରିବା ପଛରେ ସରକାର ଓ ଅଫିସରଙ୍କ ମାନସିକତା ମୋତେ ପ୍ରଚଣ୍ଡ ଭାବେ ଆନ୍ଦୋଳିତ କରିଛି । ଏ ବିଷୟରେ ଲେଖିବାର ଯୋଜନା ମୁଣ୍ଡଭିତରେ ବସା ବାନ୍ଧିଛି । କାଶୀପୁର ଯେଉଁଠି ବହୁଭାଗ ଲୋକ ଅନାହାର ଓ ମୃତ୍ୟୁ ସହ ଲଢୁଛନ୍ତି, ସେମାନଙ୍କ ପାଇଁ ଜେଲ୍ ନିର୍ମାଣ କରିବା କେତେଦୂର ଯୁକ୍ତିଯୁକ୍ତ ? ଏହା ପାଠକମାନେ ବିଚାର କରିବେ । ବିଭିନ୍ନ ଜନ ଆନ୍ଦୋଳନମାନଙ୍କ ବିଷୟରେ ମଧ୍ୟ ଲେଖିବାକୁ ମୁଁ ଚାହିଁଛି । ଜନଆନ୍ଦୋଳନ ଓ ଜନପ୍ରତିବାଦ ସମ୍ବାଦପତ୍ରମାନଙ୍କରେ ବିଭିନ୍ନ ସମୟରେ ପ୍ରକାଶିତ ହୋଇଛି । କେଉଁଠି ଖଣି ଖାଦାନ ବିଷୟରେ ତ କେଉଁଠି ମଦ ବିରୋଧରେ ଅଥବା କେଉଁଠି ସରକାରୀ ନୀତି ବିପକ୍ଷରେ ତ ଆଉ କେଉଁଠି ରାଜନୈତିକ ପୃଷ୍ଠ ଭୂମି ଉପରେ ଜନ ପ୍ରତିବାଦ ମୁଣ୍ଡ ଟେକିଛି । ଏସବୁ ବିଷୟରେ ମତାମତ ପ୍ରକାଶ କରିବା ଏକାନ୍ତ ବାଞ୍ଛନୀୟ । ମୁଁ ବିଶ୍ୱାସ କରିଛି ଯେ ମାଟି କାଦୁଅର ମଣିଷମାନେ ଅହିଂସା ଉପାୟରେ ସମାଜ ପରିବର୍ତ୍ତନର ଆଶା ରଖିଛନ୍ତି । ଏ ପରିବର୍ତ୍ତନ ବ୍ୟବସ୍ଥାଗତ ପରିବର୍ତ୍ତନର ପରିକଳ୍ପନା

Digitized by srujanika@gmail.com

ନୁହେଁ ତ ଆଉ କ'ଣ ? ଜଳନୀତି ଓ ଜଳସମ୍ପଦର ଅସଲ ବିନିଯୋଗ ଉପରେ ନିୟମିତ ଲେଖିହେବ ବୋଲି ମୁଁ ସବୁବେଳେ ଅନୁଭବ କରିଆସିଛି । ଜଳସମ୍ପଦ ଓ ଏହା ଉପରେ ଅଧିକାରକୁ ନେଇ ଚାଲିଛି ପୃଥିବୀ ସାରା ସଂଘର୍ଷ । ଓଡ଼ିଶା ପଛରେ ପଡିନାହିଁ । ଏ ସଂଘର୍ଷର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଜନମତ ସୃଷ୍ଟି କରିବାକୁ ଆହ୍ୱାନ ଆସିଛି । ଯଦି ଦାରିଦ୍ର୍ୟ ଓ କ୍ଷୁଧା ପଛରେ ପ୍ରଶାସନିକ ବ୍ୟର୍ଥତା ରହିଛି, ତାହାକୁ ସମୀକ୍ଷା କରିବା ଉଦ୍ଦେଶ୍ୟ ମୋର ନିଶ୍ଚିତ ରହିଛି ।

ସାରା ପୃଥିବୀରେ ମାଟି କାଦୁଅର ମଣିଷମାନଙ୍କର ଅନେକ ଅକୁହା ଓ ଅପ୍ରକାଶିତ କାହାଣୀ ଭରି ରହିଛି । ଏଇ କେତେବର୍ଷରେ ଯଦି ସବୁଠାରୁ ଉଲ୍ଲେଖନୀୟ ପ୍ରକାଶନ କ'ଣ ହୋଇଛି ବୋଲି ମୋତେ ପଚରାଯାଏ, ତେବେ ମୁଁ ବେବି ହାଲ୍‌ଦାରଙ୍କ ଲିଖିତ 'ଆଲୋ ଅନ୍ଧାରୀ'କୁ ଶ୍ରେଷ୍ଠ ସ୍ଥାନ ଦେବି । ଜଣେ ଗୃହ ଚାକରାଣୀଙ୍କର ଜୀବନ କାହାଣୀ ଏହା । ସାତବର୍ଷରେ ତାଙ୍କର ମାଆ ତାଙ୍କୁ ଛାଡି କୁଆଡେ ଚାଲି ଯାଇଥିଲେ । ତେର ବର୍ଷ ବୟସରେ ସେ ତାଙ୍କର ବୟସର ଦୁଇଗୁଣ ଥିବା ଜଣେ ପୁରୁଷ ସହ ବିବାହ କରି ଅତ୍ୟାଚରିତ ହୋଇଥିଲେ । ସେ ପିଲାଙ୍କୁ ଧରି ପଶ୍ଚିମବଙ୍ଗରୁ ଦିଲ୍ଲୀ ପଳାଇ ଆସିଥିଲେ । ବିଖ୍ୟାତ ହିନ୍ଦୀ ଲେଖକ ପ୍ରେମଚନ୍ଦଙ୍କ ନାତି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀବାସ୍ତବଙ୍କ ଚାକରାଣୀ ହିସାବରେ କାମ ଆରମ୍ଭ କରିଥିଲେ । ସେ ହିଁ ବେବି ହାଲ୍‌ଦାରଙ୍କୁ ଲେଖିବା ପାଇଁ ପ୍ରେରଣା ଦେଇଥିଲେ । ଏହା ହିଁ ହେଉଛି 'ସବ୍ ଆଲ୍‌ଟର୍ଣ୍ଣ' ଲେଖାର ଉଜ୍ଜ୍ୱଳତମ ଉଦାହରଣ । ଏଣୁ ସେମାନେ କେମିତି ତାହା ଲେଖିବେ ଓ ପ୍ରକାଶ କରିବେ ସେଥିପ୍ରତି ଯତ୍ନବାନ ହେବା ନିତାନ୍ତ ଦରକାର । ସେମାନଙ୍କର ସମୟ ଆସୁଛି ନିଶ୍ଚିତ । ଆଜି ନହେଲେ କାଲି । ନୂତନ ସୂର୍ଯ୍ୟୋଦୟ ସେମାନଙ୍କୁ ଅପେକ୍ଷା କରିଛି । ଆଉ ଅପେକ୍ଷା କରିଛି ନୂତନ ଭାଷା । ସେମାନଙ୍କ ପାଇଁ ବିଖ୍ୟାତ ଇଂରାଜୀ କବି ଲେଖିଛନ୍ତି-

Last Year's Words belong to Last Year's Language
Next Year's Words await another Voice

ନୂତନ ବର୍ଷରେ ଏଇଭଳି ସ୍ୱାଗତିକା ମୋ ଭିତରେ ଆଲୋଡନ ସୃଷ୍ଟି କରୁଛି ।

❑❑❑

Digitized by srujanika@gmail.com

ପୃଷ୍ଠବନ୍ଧ

ଏକ ସୁନ୍ଦର ଜୀବନର ଅପେକ୍ଷାରେ

୧୯୭୫ ମସିହାରେ ଯେତେବେଳେ ଆମେ ସମସ୍ତେ ବିଶ୍ୱବିଦ୍ୟାଳୟ ଶିକ୍ଷା ସମାପ୍ତ କରି ଅଧ୍ୟାପନା, ପ୍ରଶାସନ ସେବା ପରି ବୃତ୍ତିକୁ ଆଦରି ନେଇଥିଲୁ, ଅଚ୍ୟୁତ ଦାସ ସେତେବେଳେ ଆମର ଏହି ଗତାନୁଗତିକ, ନିଶ୍ଚିନ୍ତ, ନିରାପତ୍ତାଭିତ୍ତିକ ରାସ୍ତାରୁ ଭାଙ୍ଗିଯାଇ ସମାଜସେବା ପରି ଏକ ଅଜଣା, ଅନିଶ୍ଚିତ ପଥର ପଥିକ ହୋଇଗଲେ । ୩୫ ବର୍ଷ ତଳେ କୋରାପୁଟର ଅଗମ୍ୟ, ଅନ୍ଧକାରାଚ୍ଛନ୍ନ କାଶୀପୁରରେ ନିରୀହ ଆଦିବାସୀମାନଙ୍କ ଭିତରେ ସେ ସେବାର, ବିପ୍ଳବର ଯେଉଁ ଯାତ୍ରା ଆରମ୍ଭ କରିଥିଲେ, ତାହା ଓଡ଼ିଶାର ସାମାଜିକ ବିକାଶ ଆନ୍ଦୋଳନର ଇତିହାସରେ ଏକ କିମ୍ବଦନ୍ତୀୟ ଉଦାହରଣ ହୋଇରହିଛି ।

ଆମ ଦେଶରେ ସ୍ୱାଧୀନତା ପରେ ଅନେକ ଉଚ୍ଚାଭିଳାଷୀ ବିକାଶର କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି; ନବେ ଦଶକରୁ ଆରମ୍ଭ ହୋଇଥିବା ଅର୍ଥନୈତିକ ଉଦାରୀକରଣରେ ଦେଶର ଅର୍ଥନୀତିର ଉଲ୍ଲେଖନୀୟ ଭାବେ ସାମଗ୍ରିକ ଅଭିବୃଦ୍ଧି ଘଟିଛି; ମାତ୍ର ଏହା ସତ୍ତ୍ୱେ ଏବେ ମଧ୍ୟ ଆମ ଜନସଂଖ୍ୟାର ଏକ ବୃହତ୍ ଅଂଶ ଦୋକ ଉପାସରେ ଜୀବନ କାଟୁଛନ୍ତି; ନ୍ୟୁନତମ ବାସଗୃହ, ସ୍ୱାସ୍ଥ୍ୟ, ଶିକ୍ଷା ସେମାନଙ୍କ ପାଇଁ ଏକ ଦୂରନ୍ତ ସ୍ୱପ୍ନ ହୋଇରହିଯାଇଛି । କଳ କାରଖାନା, ଖଣି, ବୃହତ୍ ନଦୀବନ୍ଧ ଯୋଜନା ପାଇଁ ସେହିମାନଙ୍କୁ ହିଁ ଭିଟାମାଟି, ଜୀବିକାରୁ ଉଚ୍ଛେଦ କରାଯାଉଛି, ଯେପରିକି ଆମର ଏହି ତଥାକଥିତ ବିକାଶ ପାଇଁ ସେଇମାନେ ହିଁ ଫୋପାଡି ହେବାର ଅଳିଆ, ଆବର୍ଜନା ସବୁ ।

ଏହି 'ଅନ୍ୟ' ମଣିଷ ବା ମାଟି କାଦୁଅର ମଣିଷମାନଙ୍କର ଦୁଃଖ, ବଞ୍ଚନାକୁ ଅଚ୍ୟୁତ ଗଭୀର ଭାବେ ଅତି ନିକଟରୁ ଦେଖିଛନ୍ତି । ବିଃସ୍ଥାପନ, ଋଷୀ ଆତ୍ମହତ୍ୟା, ଶିଶୁ ଶ୍ରମିକ, ଦୁର୍ବଳ ଶ୍ରେଣୀର ମହିଳାମାନଙ୍କର ଉପେକ୍ଷିତ ଜୀବନ, କନ୍ଧମାଳର ଜାତିଆଣ ଦଙ୍ଗାର ହିଂସା ଏବଂ ପ୍ରତିହିଂସା ସମାଜର ନିଷ୍ପେସିତମାନଙ୍କ ଜୀବନର ଏକ ବୃହତ୍ କ୍ୟାନ୍‌ଭାସ୍ ଆଙ୍କିଛନ୍ତି ଅଚ୍ୟୁତ ଏହି ବହିଟିରେ । ମାଟି, ବାୟୁ, ନଦୀର

Digitized by srujanika@gmail.com

ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ଜଳର କ୍ରମାଗତ ଅଭାବ, ଇନ୍ଧନ ପାଇଁ ବାୟୋଡିଜେଲର ପ୍ରଚଳନ ଏବଂ ତଜ୍ଜନିତ ଖାଦ୍ୟାଭାବ - ଆଧୁନିକ ବିକାଶରୁ ଉଦ୍ଭୁତ ଏହି ସବୁ ସମସ୍ୟାମାନଙ୍କର ପ୍ରଥମ ଶରବ୍ୟ ଯେ ଗରିବମାନେ ହିଁ ହେବେ, ତାହା ସେ ଗଭୀର ଭାବେ ଅନୁଧ୍ୟାନ ଏବଂ ଅନୁଭବ କରିଛନ୍ତି ।

କେତେଜଣଙ୍କ ସଂସ୍ପର୍ଶରେ ଆସି ମୁଁ ଅନୁଭବ କରିଛି ଯେ ଯେଉଁମାନେ ଦୀନ, ଦୁଃଖୀମାନଙ୍କ ପାଇଁ କାମ କରୁଥାନ୍ତି, ସେମାନଙ୍କର ଜୀବନ ସହ ଏକୀଭୂତ ହୋଇଯାଇଥାନ୍ତି, ସମସ୍ତ ପ୍ରତିକୂଳ ସ୍ଥିତି ସତ୍ତ୍ୱେ ଆଶା ଏବଂ ସ୍ୱପ୍ନ ନିରନ୍ତର ଭାବେ ସେମାନଙ୍କୁ ତଲ୍ଲୀନ କରି ରଖିଥାଏ । ନିରବଚ୍ଛିନ୍ନ ଭାବେ ଦୀର୍ଘ ବର୍ଷ ଧରି ଏତେ ସଂଘାତଭରା ସାମାଜିକ ବିପ୍ଲବରେ ସମର୍ପିତ ହୋଇଯିବା ବୋଧହୁଏ ସମ୍ଭବ ହୋଇଛି ଅଚ୍ୟୁତଙ୍କ ପାଇଁ ସେହି ଆଶା ଏବଂ ସ୍ୱପ୍ନ ଯୋଗୁଁ । ଏ ବହିଟିର ଲେଖାଗୁଡିକରେ ତାହା ମଧ୍ୟ ସ୍ପଷ୍ଟ ବାରିହୋଇଯାଏ । କ୍ଷୁଦ୍ର ଚାଷୀମାନଙ୍କୁ ନେଇ କିପରି 'ଫାମିଲ ଫାର୍ମ' ଏବଂ 'ଇକୋ-ଭିଲେଜ୍' କରିହେବ, ସମଭାଗୀ ଅଭିବୃଦ୍ଧିକୁ ମନ୍ତ୍ର କରି କିପରି କନ୍ଧମାଳର ଅନାମଧେୟ ପେଟୁ ପୁଡିଆ ଗାଁ ପରି ସାରା ଦେଶରେ ବିକାଶର କାର୍ଯ୍ୟକ୍ରମମାନ ନିଆଯାଇପାରିବ; ଦେଶୀ ବିହନ, ଜୈବିକ ସାର ଏବଂ ଔଷଧ ବ୍ୟବହାର କରି କିପରି କୃଷକର ଉଜୁଡା ଜୀବନକୁ ପୁଣି ସୁନ୍ଦର କରିହେବ; ମାଣ୍ଡିଆ, ବାଜରା, କାଙ୍ଗୁ, ସୁଆଁ ପରି ପାରମ୍ପରିକ ଶସ୍ୟ କିପରି ଖାଦ୍ୟାଭାବକୁ ଦୂର କରିବାରେ ସମର୍ଥ ହେବ; ଲୋଭ ସର୍ବସ୍ୱ କ୍ଷଣସ୍ଥାୟୀ ଅର୍ଥନୀତି ବଦଳରେ କିପରି କୁମାରପ୍ପା, ସୁମାକର, ଗାନ୍ଧୀଙ୍କର ଚିରସ୍ଥାୟୀ ଅର୍ଥନୀତି (Economy of Permanence)କୁ ପ୍ରବର୍ତ୍ତିତ କରାଯାଇପାରିବ - ଏମିତି କେତେ କେତେ ଆଶା, ବିଶ୍ୱାସ ରଖିଯାଇଛନ୍ତି ଅଚ୍ୟୁତ ଆମ ସାମ୍ନାରେ ।

ଅଚ୍ୟୁତଙ୍କ ଲେଖାରେ ଦୁଇଟି କଥାର ସମନ୍ୱୟ ଦେଖିବାକୁ ମିଳେ । ଗୋଟିଏ ହେଲା, ବିଶ୍ୱର ଅମୂଲ୍ୟ ଗ୍ରନ୍ଥ ଗୁଡିକରୁ ସେ ଆହରଣ କରିଥିବା ଜ୍ଞାନ ଏବଂ ଅନ୍ୟଟି ହେଲା, ବାସ୍ତବ ଜୀବନରୁ ସେ ପାଇଥିବା ଦୁର୍ମୂଲ୍ୟ ଅନୁଭବ । ସେଥିପାଇଁ ଏକ ଗଭୀର ଜୀବନବୋଧ, ଏକ କୋମଳ ସମ୍ବେଦନଶୀଳତା ଏ ବହିଟିର ସମସ୍ତ ମାଟି କାଦୁଅର ମଣିଷମାନଙ୍କର ଜୀବନର ବର୍ଣ୍ଣନାକୁ ଆଚ୍ଛନ୍ନ କରିରଖିଛି ।

'ମାଟି କାଦୁଅର ମଣିଷ', ଦଳିତ ଜୀବନର ଏକ ଉଚ୍ଛ୍ୱାସପୂର୍ଣ୍ଣ ଆଲେଖ୍ୟ । ବର୍ତ୍ତମାନ ଯେଉଁ ଅଦୂରଦର୍ଶୀ, ଅବିବେକୀ ବିକାଶଧାରା ଚାଲିଛି, ତା'ର ଏକ ସୁନ୍ଦର

Digitized by srujanika@gmail.com

ବିକଳ୍ପ ଖୋଜିବା ପାଇଁ ଏହା ଏକ ଆହ୍ୱାନ । ମାଟି କାଦୁଅର ନିରୀହ ମଣିଷ, ଯେଉଁମାନଙ୍କର ଶ୍ରମ, ତ୍ୟାଗ ଉପରେ ଆମ ସଭ୍ୟସମାଜର ବିଶାଳ ସୌଧ ପ୍ରତିଷ୍ଠା ହୋଇଛି ଏବଂ ଯେଉଁମାନେ ଏ ସବୁ ସତ୍ତ୍ୱେ ମଧ୍ୟ ଅପାଂକ୍ତେୟ ହୋଇ ଆମର ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି, ସେମାନଙ୍କୁ ଆମର ଚେତନାର ପୁରୋଭାଗକୁ ଆଣିବା ପାଇଁ ଏ ବହିଟି ଏକ ସଯତ୍ନ ପ୍ରୟାସ । ଆମର ସ୍ନାୟୁର ଉସ୍ତ ଗୁଡିକରେ ଯେଉଁ ଜଡ଼ତା ଜମାଟ ବାନ୍ଧିଯାଇଛି, ତାହାକୁ ଅଚ୍ୟୁତଙ୍କର ଏ ଲେଖାଗୁଡିକ ଭାଙ୍ଗିବାରେ ଏକ କ୍ରାନ୍ତିକାରୀ ଭୂମିକା ନେଇଛି । ଏକ ନୂତନ ଶ୍ରଦ୍ଧା ସହ ପୁଣି ଥରେ ମଣିଷମାନଙ୍କୁ, ସୃଷ୍ଟିକୁ ଦେଖିବାକୁ ସ୍ପୃହା ଜାତ ହେଉଛି ।

ଆମ ସମସ୍ତଙ୍କ ଜୀବନରେ କେବେ ନା କେବେ ସୁନ୍ଦର ଅନୁଭବଟିଏ ଉଙ୍କି ମାରିଛି, କେବେ ନା କେବେ ଅଜଣା ଆହ୍ୱାନଟିଏ ଆନ୍ଦୋଳିତ କରିଦେଇଛି ମନକୁ, ମାତ୍ର ସେ ସବୁକୁ ପିଠି କରି ଦେଇ ଆଗେ ସଂସାରର ଲୌକିକତା ପ୍ରତି ସମର୍ପିତ ହୋଇଯାଇଛୁ । ସଂସାରରେ ବହୁତ କମ୍ ଲୋକ ନିଜ ଜୀବନକୁ ନିଜର ଅନ୍ତଃକରଣର ଇଚ୍ଛା ଅନୁସାରେ ଗଢ଼ି ଥାଆନ୍ତି । ଅଚ୍ୟୁତ ଦାସଙ୍କ ଜୀବନ, ସେହି ଅନ୍ତଃକରଣର ଇଚ୍ଛାରେ, ମାଟି କାଦୁଅର ମଣିଷମାନଙ୍କ ପାଇଁ ଅଭିପ୍ରେତ ହୋଇଛି ଏବଂ ସେହି ନିବିଡ ଅନୁଭବରୁ ସୃଷ୍ଟ ଏ ବହିଟି । ମୋର ଆଶା ଏବଂ ବିଶ୍ୱାସ, ବହିର ପାଠକମାନଙ୍କ ଭିତରେ ମାଟି କାଦୁଅର ମଣିଷମାନଙ୍କ ପାଇଁ ଏହା ଏକ ଅନୁରୂପ ଆତ୍ମୀୟତା ବୋଧ ଆଣିଦେବ ।

ଜୟନ୍ତ ବିଶ୍ୱାଳ

Digitized by srujanika@gmail.com

ଅଚ୍ୟୁତ ବାବୁଙ୍କର ସମଗ୍ର ରଚନା/ସୃଷ୍ଟି ଏକ ନିର୍ଦ୍ଦିଷ୍ଟ ଦର୍ଶନ, ଚିନ୍ତନ ଏବଂ ସଂଗ୍ରାମ ପାଇଁ ଆହ୍ୱାନର ଚିତ୍ର ଦିଏ । ମୂଳସୂତ୍ର ହେଲା, ଆମେ ଆଜି ଏପରି ଏକ ବିଶ୍ୱ, ଏପରି ଏକ ଦେଶ ଏବଂ ଏପରି ଏକ ପ୍ରଦେଶରେ ବାସ କରୁଛୁ ଯେଉଁଠି ମୁଷ୍ଟିମେୟ କିଛିଙ୍କର ବିକାଶ, ସମ୍ଭୋଗ ପାଇଁ ଅଗଣିତ ମଣିଷ, ମାଟି କାଦୁଅର ମଣିଷ ସେମାନଙ୍କର ଅଗଣନ ସଂଖ୍ୟା ଅତ୍ୟାଚାର, ଲୁଣ୍ଠନ, ଶୋଷଣ, କଷଣ ଏବଂ ଧର୍ଷଣର ଶିକାର ହୁଅନ୍ତି ।................

ଅବନୀ କୁମାର ବରାଳ

'ମାଟି କାଦୁଅର ମଣିଷ', ଦଳିତ ଜୀବନର ଏକ ଉଲ୍ଲାସପୂର୍ଣ୍ଣ ଆଲେଖ୍ୟ । ବର୍ତ୍ତମାନ ଯେଉଁ ଅଦୂରଦର୍ଶୀ, ଅବିବେକୀ ବିକାଶଧାରା ଲିଛି, ତା'ର ଏକ ସୁନ୍ଦର ବିକଳ୍ପ ଖୋଜିବା ପାଇଁ ଏହା ଏକ ଆହ୍ୱାନ । ମାଟି କାଦୁଅର ନିରୀହ ମଣିଷ, ଯେଉଁମାନଙ୍କର ଶ୍ରମ, ତ୍ୟାଗ ଉପରେ ଆମ ସଭ୍ୟସମାଜର ବିଶାଳ ସୌଧ ପ୍ରତିଷ୍ଠା ହୋଇଛି ଏବଂ ଯେଉଁମାନେ ଏ ସବୁ ସତ୍ତ୍ୱେ ମଧ୍ୟ ଅପାଂକ୍ତେୟ ହୋଇ ଆମର ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି, ସେମାନଙ୍କୁ ଆମର ଚେତନାର ପୁରୋଭାଗକୁ ଆଣିବା ପାଇଁ ଏ ବହିଟି ଏକ ସଯତ୍ନ ପ୍ରୟାସ ।...........

ଜୟନ୍ତ ବିଶ୍ୱାଳ

Price : Rs. 160/-

I.S.B.N : 978-81-87982-63-0

Digitized by srujanika@gmail.com